

# ବିଶ୍ୱ ସଂକଟ

## ଏବଂ

# ଶାନ୍ତିର ପଥ

ମିର୍ଜା ମସରୁର୍ ଅହମଦ

ବିଶ୍ୱ ସଂକଟ ଏବଂ ଶାନ୍ତିର ପଥ
ମିର୍ଜା ମସରୁର ଅହମଦ

# ବିଶ୍ୱ ସଂକଟ
# ଏବଂ
# ଶାନ୍ତିର ପଥ

ମିର୍ଜା ମସରୁର୍ ଅହମଦ

For further information please visit:
www.alislam.org
www.ahmadiyyamuslimjamaat.in
www.mta.tv
Noor-ul-Islam Toll free Assistance :
1800 3010 2131
www.ahmadiyyamuslimjamaat.in/feedback

# ବିଶ୍ୱ ସଂକଟ
# ଏବଂ
# ଶାନ୍ତିର ପଥ

(ଭାଷଣ ଏବଂ ପତ୍ର ସଂକଳନ)

**ମିର୍ଜା ମସରୁର୍ ଅହମଦ**

ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ୍ ସଂପ୍ରଦାୟର ସର୍ବୋଚ୍ଚ ମୁଖ୍ୟ
ଏବଂ ପ୍ରତିଶ୍ରୁତ ମସିହ ଓ ମହଦୀଙ୍କ ପଞ୍ଚମ ଖଲିଫା[ଅବ]
(ଈଶ୍ୱର ତାହାଙ୍କୁ ସହାୟ ହୁଅନ୍ତୁ)

ISLAM INTERNATIONAL PUBLICATIONS LTD.

# World Crisis and the Pathway to Peace

A Compilation of Speeches and Letters
of
**Hadrat Mirza Masroor Ahmad,**
Imam and the Head of the Worldwide Ahmadiyya Muslim Jama'at,
Fifth Successor to the Promised Messiah[as]

## ବିଶ୍ୱ ସଂକଟ ଏବଂ ଶାନ୍ତିର ପଥ

**ହଜରତ୍ ମିର୍ଜା ମସରୁର୍ ଅହମଦ**
ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ୍ ସଂପ୍ରଦାୟର ସର୍ବୋଚ୍ଚ ମୁଖ୍ୟ ତଥା
ପ୍ରତିଶ୍ରୁତ ମସିହ ଓ ମହଦୀଙ୍କ ପଞ୍ଚମ ଖଲିଫା[aba] ଙ୍କ
**ଭାଷଣ ଏବଂ ପତ୍ର ସଂକଳନ**

*Translator* :**Er. Roushan Khan**, A.E.E. (Civil), Odisha
ଓଡିଆ ଭାଷାନ୍ତର : **ଇଂ. ରୌଶନ୍ ଖାନ୍,** ଅଧ୍ୟକ୍ଷ ସମୀକ୍ଷା କମିଟି-ଓଡିଶା

*First Published in Odia :July 2014 (1000 copies)*
*Present New Edition with addition : Nov. 2017 (1000 copies)*

© Islam International Publications Ltd.

*Published by*
Nazarat Nashr-o-Isha'at Qadian,
Sadr Anjuman Ahmadiyya,
Qadian – 143516, Distt Gurdaspur,
Punjab, INDIA.

*Printed at*
Fazl-e-Umar Printing Press,
Qadian

*No part of this publication may be reproduced or transmitted in any form or by any means, electronic or mechanical, including photocopy, recording or any information storage and retrieval system, without prior written permission from the Publisher.*

For further information please visit:
www.alislam.org
www.ahmadiyyamuslimjamaat.in

ISBN

# ସୂଚୀପତ୍ର

ଲେଖକ ପରିଚୟ.................................................................... vii.

ମୁଖବନ୍ଧ ..........................................................................xi.

## ବକ୍ତୃତାମାଳା

ବିଶ୍ୱର ସଂକଟ ସମାଧାନ ଦିଗରେ ଇସଲାମୀୟ ଦୃଷ୍ଟିକୋଣ..........................03.

ଇସଲାମ ଧର୍ମରେ ଦେଶପ୍ରେମ ଓ ଅନୁରକ୍ତି..............................................23.

ପରମାଣୁ ଯୁଦ୍ଧର ଭୟାବହ ପରିଣତି ଏବଂ ସଂପୂର୍ଣ୍ଣ ନ୍ୟାୟର ସର୍ବୋଚ୍ଚ ଆବଶ୍ୟକତା...................................................................... 39

ଶାନ୍ତିର ମାର୍ଗ-ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ନ୍ୟାୟିକ ସମ୍ବନ୍ଧ...................................65

ଶାନ୍ତିର ଚାବିକାଠି-ବିଶ୍ୱ ଏକତା.........................................................93

ମୁସଲମାନମାନେ ପାଶ୍ଚାତ୍ୟ ସଂସ୍କୃତିରେ ସାମିଲ ହୋଇପାରିବେ କି ?...............115

ଇସଲାମ-ଶାନ୍ତି ଓ ସହାନୁଭୂତିର ଧର୍ମ...................................................135

ସାଂପ୍ରତିକ ପରିସ୍ଥିତିରେ ବିଶ୍ୱଶାନ୍ତି-ଏକ ଜରୁରୀ ଆବଶ୍ୟକତା....................155

ବିଶ୍ୱ ଶାନ୍ତି ଓ ନିରାପତ୍ତା ବର୍ତ୍ତମାନ ସମୟର ଗୁରୁତର ପ୍ରସଙ୍ଗ .......................171

ପୃଥିବୀ ବ୍ୟାପୀ ବିଶୃଙ୍ଖଳା ସମୟରେ ଶାନ୍ତିର ଚାବିକାଠି .........................189

## ପତ୍ରାବଳୀ

**ବିଶ୍ୱର ପ୍ରମୁଖ ନେତାଙ୍କ ନିକଟକୁ ପତ୍ର ......................................207**

ମହାମାନ୍ୟ ପୋପ ବେନିଡିକ୍ଟ-ଷୋଡଶଙ୍କ ନିକଟକୁ ପତ୍ର.......................209

ଇସ୍ରାଇଲର ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପତ୍ର...........................................215

ଇସଲାମୀୟ ଗଣତନ୍ତ୍ର ରାଷ୍ଟ୍ର-ଇରାନର ରାଷ୍ଟ୍ରପତିଙ୍କ ନିକଟକୁ ପତ୍ର................221

ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତିଙ୍କ ନିକଟକୁ ପତ୍ର..............................227

କାନାଡାର ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପତ୍ର...........................................233

ଦୁଇ ପୁଣ୍ୟ ପୀଠର ତତ୍ତ୍ୱାବଧାରକ ତଥା ସାଉଦୀ ଆରବର ରାଜାଙ୍କ ନିକଟକୁ ପତ୍ର....239

ଚୀନ ଗଣରାଜ୍ୟର ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପତ୍ର....245

ବ୍ରିଟେନ ଯୁକ୍ତରାଜ୍ୟର ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପତ୍ର....251

ଜର୍ମାନୀର ରାଷ୍ଟ୍ରାଧ୍ୟକ୍ଷାଙ୍କ ନିକଟକୁ ପତ୍ର....257

ଫ୍ରାନ୍‌ସର ରାଷ୍ଟ୍ରପତିଙ୍କ ନିକଟକୁ ପତ୍ର....263

ଗ୍ରେଟ ବ୍ରିଟେନର ମହାରାଣୀଙ୍କ ନିକଟକୁ ପତ୍ର....269

ଇସଲାମିକ୍ ଗଣରାଜ୍ୟ-ଇରାନ୍‌ର ସର୍ବୋଚ୍ଚ ରାଷ୍ଟ୍ରନେତାଙ୍କ ନିକଟକୁ ପତ୍ର....277

ଋଷିୟ ରାଷ୍ଟ୍ରସଂଘର ରାଷ୍ଟ୍ରପତିଙ୍କୁ ପତ୍ର....283

ମର୍ଯ୍ୟାଦାସୂଚକ ଉକ୍ତି .... 287

# ଲେଖକ ପରିଚୟ

ପୁଣ୍ୟଶ୍ଳୋକ-ମିର୍ଜା ମସ୍‌ରୁର୍ ଅହମଦ, ଖଲିଫତୁଲ୍ ମସିହ ପଞ୍ଚମ[ଅବ] ହେଉଛନ୍ତି, ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂପ୍ରଦାୟର ସର୍ବୋଚ୍ଚ ମୁଖ୍ୟ । ସେ ଚଳିତ ଯୁଗରେ ଆବିର୍ଭୁତ ହୋଇଥିବା ପ୍ରତିଶ୍ରୁତ ଅବତାର ତଥା ସଂସ୍କାରକ ହଜରତ ମିର୍ଜା ଗୁଲାମ ଅହମଦ୍ କାଦିଆନୀ[ଅଃ]ଙ୍କ ପ୍ରପୌତ୍ର (Great grand son) ଏବଂ ପଞ୍ଚମ ଉତ୍ତରାଧିକାରୀ ରୂପେ ଅବସ୍ଥାପିତ ।

ପାକିସ୍ତାନର ରବ୍‌ୱା ସହରରେ ୧୯୫୦ ମସିହା ସେପ୍ଟେମ୍ବର ୧୫ ତାରିଖ ଦିନ ସେ ମାତା-ନାସିରା ବେଗମ୍ ଅହମଦ୍‌ଙ୍କ ଗର୍ଭରୁ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ-ସ୍ୱର୍ଗୀୟ ମିର୍ଜା ମନସୁର ଅହମଦ୍ ସାହେବ । ସେ ୧୯୭୭ ମସିହାରେ ପାକିସ୍ତାନର ଫୈସଲାବାଦ ସ୍ଥିତ କୃଷି ବିଶ୍ୱବିଦ୍ୟାଳୟରୁ Agriculture Economics ରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ । ପରେ ସେହି ବର୍ଷ ସେ ଉତ୍ସର୍ଗୀକୃତ ମାନବସେବା ପାଇଁ ନିଜକୁ ବିଧିବଦ୍ଧ ଭାବେ ଅର୍ପଣ କଲେ ଏବଂ ଆଫ୍ରିକା ମହାଦେଶର ଘାନାଠାରେ ବହୁବିଧ ଅହମଦୀୟା ମୁସଲିମ ସଂପ୍ରଦାୟ ଦ୍ୱାରା ପରିଚାଳିତ ସ୍କୁଲମାନଙ୍କରେ ଅନେକ ବର୍ଷ ଧରି କାର୍ଯ୍ୟ ନିର୍ବାହ କଲେ । ପ୍ରଥମ ଦୁଇବର୍ଷ ସାଲାଗାରେ ଅହମଦୀୟା ମାଧ୍ୟମିକ ସ୍କୁଲ ଖୋଲିବାରେ ସହାୟତା କରିବା ସହିତ ଅଧକ୍ଷ କାର୍ଯ୍ୟ ମଧ ତୁଲାଇଥିଲେ ।

ସେ ୨୦୦୩ ମସିହା ଅପ୍ରେଲ ୨୨ ତାରିଖ ଦିନ ଅହମଦୀୟା ସଂପ୍ରଦାୟର ପଞ୍ଚମ ଖଲିଫା ରୂପେ ନିର୍ବାଚିତ ହୋଇ ଆଜୀବନ ଧର୍ମସେବା କାର୍ଯ୍ୟ କରିବାକୁ ଜୀବନର ବ୍ରତ ରୂପେ ଗ୍ରହଣ କରିଛନ୍ତି । ସେ ବର୍ତ୍ତମାନ ୨୦୦ରୁ ଅଧିକ ଦେଶରେ ପରିବ୍ୟାପ୍ତ ୧୬କୋଟିରୁ ଅଧିକ ଅନୁଗାମୀ ବିଶିଷ୍ଟ ଆନ୍ତର୍ଜାତିକ ଧର୍ମୀୟ ସଂଗଠନର ଆଧାତ୍ମିକ ଓ ପ୍ରଶାସନିକ ମୁଖ୍ୟ ଏବଂ ସର୍ବୋଚ୍ଚ ଅଧିନାୟକ ଭାବେ ଗୁରୁ ଦାୟିତ୍ୱ ବହନ କରିଛନ୍ତି । ଖଲିଫା ଆସନରେ ଅଧିଷ୍ଠିତ ହେବା ଦିନଠାରୁ ସେହି ପୁଣ୍ୟଶ୍ଳୋକ ସମସ୍ତ ପ୍ରକାର ଗଣମାଧ୍ୟମ ଏବଂ ସଂସ୍ଥାର ସେବା ମାଧ୍ୟମରେ ଇସଲାମର ଶାନ୍ତିମୟ ଶିକ୍ଷାର ପ୍ରସାର ପାଇଁ ବିଶ୍ୱବ୍ୟାପୀ ଅଭିଯାନ ଚଳାଇଛନ୍ତି । ତାଙ୍କ ନେତୃତ୍ୱରେ ଅହମଦୀୟା ସଂପ୍ରଦାୟର ଜାତୀୟ ଶାଖା ମାନଙ୍କରେ ଇସଲାମ୍‌ର ଶାନ୍ତିମୟ ବାର୍ତ୍ତା ବହନକାରୀ ବିଶୁଦ୍ଧ ଓ ବାସ୍ତବ ଶିକ୍ଷାକୁ ବିଶ୍ୱବାସୀଙ୍କ ନିକଟରେ ପହଞ୍ଚାଇବାରେ ଅନବରତ ପ୍ରୟାସ କରାଯାଉଛି । ତୃଣମୂଳ ସ୍ତରରୁ ଆରମ୍ଭ କରି ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଅଛି । ଯେପରି ଆନ୍ତଃଧର୍ମ ସମ୍ମିଳନୀ,

ଶାନ୍ତି ଆଲୋଚନା ଚକ୍ର ଓ ପବିତ୍ର କୁରଆନର ପ୍ରଦର୍ଶନୀ ମେଳାମାନ ଆୟୋଜନ କରି ଏହାର ସତ୍ୟ ଏବଂ ତାତ୍ତ୍ୱିକ ଶିକ୍ଷାକୁ ଉଭୟ ମୁସଲିମ ଏବଂ ଅଣ ମୁସଲିମ୍ ସଂପ୍ରଦାୟର ଲୋକମାନଙ୍କ ମଧ୍ୟରେ ପରିବେଷଣ କରାଯାଉଛି । ସେମାନଙ୍କୁ 'ଶାନ୍ତି'ପ୍ରଚାର ପତ୍ର ବଣ୍ଟନ କରାଯାଇ ଏକ ଉତ୍ତମ ସଦ୍‌ଭାବନାର ବାତାବରଣ ସୃଷ୍ଟି କରାଯାଉଛି । ଏହି ସବୁ କାର୍ଯ୍ୟକ୍ରମକୁ ବିଶ୍ୱର ପ୍ରମୁଖ ଗଣମାଧ୍ୟମ-ସମ୍ବାଦପତ୍ର ଓ ଟିଭି ଜରିଆରେ ପ୍ରସାରଣ କରାଯାଉଛି । ତହିଁରେ ଇସଲାମର ସର୍ବୋତ୍କୃଷ୍ଟ ଶିକ୍ଷା ରୂପେ ବିବେଚିତ ଶାନ୍ତି, ଦେଶପ୍ରେମ ତଥା ମାନବସେବା ଇତ୍ୟାଦି ମହତ କାର୍ଯ୍ୟ ପ୍ରଦର୍ଶନ କରାଯାଇଥାଏ ।

ପୁଣ୍ୟଶ୍ଳୋକଙ୍କ ଦ୍ୱାରା ୨୦୦୪ ମସିହାରୁ ଆରମ୍ଭ କରାଯାଇଥିଲା ବାର୍ଷିକ National Peace Symposium ବା ଜାତୀୟ ଶାନ୍ତି ଆଲୋଚନା ଚକ୍ର । ଶାନ୍ତି ଏବଂ ସହାବସ୍ଥାନମୂଳକ ବାର୍ତ୍ତାର ପ୍ରଚାରକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ କ୍ଷେତ୍ରରେ ବୃତ୍ତିଧାରୀ ସମାଜର ସବୁ ବର୍ଗ ଓ ଧର୍ମର କର୍ମଜୀବି ପୁରୁଷ ଓ ମହିଳା ଅତିଥିମାନଙ୍କୁ ଏପରି ସଭାକୁ ଆମନ୍ତ୍ରିତ କରାଯାଇଥାଏ, ଯଦ୍ୱାରା ସମସ୍ତେ ଗୋଟିଏ ସ୍ଥାନରେ ଏକତ୍ରୀତ ହୋଇ ପାରସ୍ପରିକ ବୁଝାମଣା ଓ ସହଯୋଗ ବୃଦ୍ଧି କରିବା ସହିତ ଭାବ ବିନିମୟର ସୁଯୋଗ ସୃଷ୍ଟି କରିପାରିବେ । ପ୍ରତିବର୍ଷ ବହୁ ସଂଖ୍ୟକ ମନ୍ତ୍ରୀ, ସାଂସଦ, ରାଜନେତା, ଧର୍ମୀୟ ସଂଗଠନର ନେତୃବର୍ଗ ତଥା ଅନ୍ୟାନ୍ୟ ଉଚ୍ଚ ପଦସ୍ଥ ସମ୍ମାନିତ ବ୍ୟକ୍ତି ବିଶେଷଙ୍କୁ ଏହି ସମ୍ମିଳନୀ ଆକର୍ଷିତ କରିଥାଏ ।

ମାନବିକତା ଭିତ୍ତିକ ସେବା କାର୍ଯ୍ୟକୁ ଅଧିକ ଉନ୍ନତ ଉପାୟରେ ତ୍ୱରାନ୍ୱିତ କରିବାର ପଥ ସୁଗମ କରିବା ପାଇଁ ପୁଣ୍ୟଶ୍ଳୋକ ପୃଥିବୀ ସାରା ବିଭିନ୍ନ ସ୍ଥାନକୁ ଯାତ୍ରା କରୁଛନ୍ତି । ତାଙ୍କର ବଳିଷ୍ଠ ନେତୃତ୍ୱରେ ଅହମଦୀୟା ମୁସଲିମ ସଂପ୍ରଦାୟର ବହୁସଂଖ୍ୟକ ସ୍କୁଲ ଏବଂ ଚିକିତ୍ସାଳୟ ନିର୍ମାଣ କରି ପୃଥିବୀର ଅନେକ ଦୁର୍ଗମ ଅଞ୍ଚଳରେ ଉଚ୍ଚକୋଟୀର ଶିକ୍ଷା ଏବଂ ସେବା ସୁବିଧା ଯୋଗାଇ ଦିଆଯାଉଛି ।

ପୁଣ୍ୟ ମହାଭାଗ ହଜରତ ମିର୍ଜା ମସରୁର ଅହମଦ୍[aba] ସଂପ୍ରତି ଲଣ୍ଡନରେ ବାସ କରୁଅଛନ୍ତି । ବିଶ୍ୱ ଅହମଦୀ ମୁସଲିମମାନଙ୍କ ଆଧ୍ୟାତ୍ମିକ ନେତା ରୂପେ ସେ ଇସଲାମ ପ୍ରଦତ୍ତ ଶାନ୍ତି ଓ କରୁଣାର ସୁଧାମୟ ଶିକ୍ଷାର ଶ୍ରେଷ୍ଠତା ପ୍ରତିପାଦନ କରି ଦ୍ରୁତ ଗତିରେ ଅଗ୍ରସର ହେଉଛନ୍ତି । ଏହା ତାଙ୍କର ଅସୀମ ସାହାସ ଏବଂ ଦୃଢ ମନୋବଳର ପରିଚାୟକ ।



**ହଜରତ୍ ମିର୍ଜା ମସରୁର୍ ଅହମଦ୍**

ଖଲିଫତୁଲ୍ ମସିହ-ପଞ୍ଚମ[ଅବ]

# ମୁଖବନ୍ଧ

ଆଜିର ବିଶ୍ୱ ଅତି ଭୟାବହ ପରିସ୍ଥିତି ମଧ୍ୟ ଦେଇ ଗତି କରୁଛି । ପ୍ରାୟତଃ ପ୍ରତି ସପ୍ତାହରେ ବିଶ୍ୱର ଆର୍ଥିକ ସଙ୍କଟ ନୂଆ ନୂଆ ରୂପରେ ଅଧିକରୁ ଅଧିକ ବିପଦ ସୃଷ୍ଟି କରି ଚାଲିଛି । ଦ୍ୱିତୀୟ ବିଶ୍ୱଯୁଦ୍ଧର ଠିକ ପୂର୍ବାବସ୍ଥା ଭଳି ସମୟ ଦେଖାଦେଇଛି । ଏପରି ଘଟଣା ସବୁ ଅକସ୍ମାତ ଘଟୁଛି, ଯାହା ପୃଥିବୀକୁ ତ୍ୱରିତ ବେଗରେ ଏକ ଭୟଙ୍କର ତୃତୀୟ ବିଶ୍ୱଯୁଦ୍ଧ ଆଡକୁ ନେଇଯାଉଥିବା ସ୍ପଷ୍ଟ ପ୍ରତୀୟମାନ ହେଉଛି । ପରିସ୍ଥିତି ଏପରି ହେଲାଣି ଯେ ତାହା ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି, ଯାହାକୁ ଆୟତ୍ତ କରିବା କଷ୍ଟକର । ସୁତରାଂ ଏହାର ମୁକାବିଲା କରିବା ପାଇଁ କେହି ନା କେହି ଆଗେଇ ଆସନ୍ତୁ-ଏହା ସମସ୍ତେ ଉପଲବ୍ଧି କଲେଣି, ଯଦ୍ୱାରା ଏକ ସ୍ଥାୟୀ ଓ କଠୋର ପଦକ୍ଷେପ ଗ୍ରହଣ କରାଯାଇ ପାରନ୍ତା ଓ ବିଶ୍ୱ ସମୂହକୁ ସେ ଏପରି ମାର୍ଗ ଦର୍ଶନ କରାନ୍ତେ, ଯଦ୍ୱାରା ଲୋକମାନେ ଦୃଢ ଆସ୍ଥା ପୋଷଣ କରିପାରନ୍ତେ । ସେମାନଙ୍କର ଯାହା ହୃଦ୍‌ବୋଧ ହେଉଥିବ ଏବଂ ତାହା ହିଁ ଶାନ୍ତିର ପଥ ଅଭିମୁଖେ ସେମାନଙ୍କୁ ଅଗ୍ରସର କରାଇ ପାରିବ ବୋଲି ବିଶ୍ୱାସ ଜନ୍ମିବ । ବସ୍ତୁତଃ ପରମାଣୁ ଯୁଦ୍ଧର ଭୟାବହତା ଏପରି ଧ୍ୱଂସର ପ୍ରଳୟ ସୃଷ୍ଟି କରିବ, ଯାହାକୁ କେହି କଳ୍ପନା ମଧ୍ୟ କରି ପାରିବେ ନାହିଁ ।

ସୁତରାଂ ଏହି ପରିପ୍ରେକ୍ଷୀରେ ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂପ୍ରଦାୟର ମୁଖ୍ୟ-ହଜରତ ମିର୍ଜା ମସରୁର୍ ଅହମଦ ସାହେବ ଯେଉଁ ସବୁ ନୀତିଗତ ଉପଦେଶ ପ୍ରଦାନ କରିଛନ୍ତି, ତାହାକୁ ଆମେ ସଂକଳନ କରିଛୁ । ଅନେକ ବର୍ଷ ହେଲା ବହୁ ଗୁରୁତ୍ୱପୂର୍ଣ୍ଣ ତଥା ଚାଞ୍ଚଲ୍ୟକର ଘଟଣାମାନ ଯେପରି ପ୍ରକଟିତ ହେଉଛି, ସେସବୁ କେଉଁ ଆଡକୁ ଓ କିପରି ମୁହାଁଉଛି ସେ ଅନବରତ ନିରୀକ୍ଷଣ କରୁଛନ୍ତି ଏବଂ ନିର୍ଭୟରେ ପୃଥିବୀରେ ଘୋଷଣା କରିବାରେ ଲାଗିଛନ୍ତି । କେବଳ ଭୟ ସୃଷ୍ଟି କରିବା ପାଇଁ ନୁହେଁ, ବରଂ ପୃଥିବୀ କିପରି ଏହି ଦୟନୀୟ ସ୍ଥିତିରେ ପହଞ୍ଚିଲା ଏବଂ କେଉଁ ଉପାୟ ଅବଲମ୍ବନ କଲେ ଏ ଘୋର ବିପଦରୁ ମୁକୁଳି ପାରିବ, ତାହାର ସମାଧାନର ବାଟ କ'ଣ ତାହା ସେ ବତାଉଛନ୍ତି । ଅଧିକନ୍ତୁ ସେ ବିଷୟରେ ଗୁରୁତର ସହିତ ଚିନ୍ତା କରିବା ପାଇଁ ମଧ୍ୟ ସେ ଲୋକମାନଙ୍କୁ ବୁଝାଉଛନ୍ତି । ଗୋଲାକାର ଗ୍ରାମରେ ପରିଣତ

ଭୂ-ପୃଷ୍ଠରେ ବାସ କରୁଥିବା ସମସ୍ତ ଲୋକଙ୍କ ପାଇଁ କିପରି ଏକ ଶାନ୍ତି ଓ ନିରାପତ୍ତାର ପଥ ତିଆରି କରାଯାଇପାରିବ, ସେ ତାହାର ଏକ ଯୋଜନା ପ୍ରସ୍ତୁତ କରିଛନ୍ତି । ସେ କହିଛନ୍ତି, ସମଗ୍ର ବିଶ୍ୱ ପାଇଁ ଶାନ୍ତିକୁ ସୁନିଶ୍ଚିତ କରିବାର ଏକ ମାତ୍ର ଉପାୟ କେବଳ ବିନମ୍ରତା ତଥା ନ୍ୟାୟପଥ ଅନୁସରଣ କରିବା । ତାଙ୍କର ପରାମର୍ଶ ହେଉଛି, ସମର୍ପିତ ଭାବନାକୁ ନେଇ ଅଲ୍ଲାଃଙ୍କ ଠାରେ ବିନୀତ ଭାବରେ କ୍ଷମା ପ୍ରାର୍ଥନା କରିବା । ମାନବୋଚିତ ମହାନୁଭବତା ପ୍ରଦର୍ଶନ କରିବା, ସବଳ ଥାଇ ମଧ୍ୟ ଦୁର୍ବଳ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ସହିତ ମଧୁର ଓ ନ୍ୟାୟ ସଂଗତ ବ୍ୟବହାର କରିବା । ପ୍ରତି ବଦଳରେ ଦୁର୍ବଳ ଓ ଅସହାୟ ବ୍ୟକ୍ତିଙ୍କୁ ମଧ୍ୟ ବଳବାନ ବ୍ୟକ୍ତି ପ୍ରତି କୃତଜ୍ଞତା ବ୍ୟକ୍ତ କରିବାକୁ ହେବ । ଏଥିପାଇଁ ସେମାନଙ୍କୁ ସତ୍ୟବାଦିତା ଓ ସଚ୍ଚୋଟପଣିଆର ପଥ ବାଛିନେବା ଆବଶ୍ୟକ । ଅତ୍ୟନ୍ତ ବିନମ୍ରତା ଓ ଆନ୍ତରିକତାର ସହିତ ନିଜର ସ୍ରଷ୍ଟାଙ୍କ ପ୍ରତି ମନୋନିବେଶ କରିବା ମଧ୍ୟ ସମସ୍ତଙ୍କ ପାଇଁ ଅନିବାର୍ଯ୍ୟ ।

ପ୍ରତ୍ୟେକଙ୍କୁ ବାରମ୍ବାର ଚେତାଇ ଦେଇ ସେ କହନ୍ତି ଯେ ଆଜି ମନୁଷ୍ୟ ସମାଜ ନାନା ପ୍ରକାର ଭୟଙ୍କର ବିପତ୍ତିର ଦ୍ୱାର ଦେଶରେ ଛିଡା ହୋଇଛି । ସେଠାରୁ ବାହାରି ଆସିବାର ଉପାୟ ହେଉଛି, ବିଭିନ୍ନ ଜାତି ଓ ଦେଶ ପରସ୍ପର ମଧ୍ୟରେ କୂଟନୈତିକ ସଂପର୍କ ରକ୍ଷା ଏବଂ ଲେଣ ଦେଣ କରିବା ବେଳେ ଅନିୟନ୍ତ୍ରିତ ବା ସ୍ୱେଚ୍ଛାଚାରୀ ହୋଇ ନ୍ୟାୟ ପରାୟଣତାକୁ ପରିତ୍ୟାଗ କରିବ ନାହିଁ । ଏପରିକି ପାରସ୍ପରିକ ଶତ୍ରୁତା ଥିଲେ ମଧ୍ୟ ସଂପୂର୍ଣ୍ଣ ନ୍ୟାୟ ପ୍ରତି ଦୃଷ୍ଟି ଦେବାକୁ ହେବ, କାରଣ ଇତିହାସ ଆମକୁ ମଧ୍ୟ ଶିଖାଇଛି ଯେ ଭବିଷ୍ୟତର ବିଦ୍ୱେଷ ଓ ଘୃଣାରୂପକ ସମସ୍ତ ଚିହ୍ନବର୍ଣ୍ଣକୁ ଲୋପ କରି ଦୀର୍ଘସ୍ଥାୟୀ ଶାନ୍ତି ସ୍ଥାପନ କରିବାର ଏହା ହିଁ ହେଉଛି ଏକମାତ୍ର ପନ୍ଥା ।

ପବିତ୍ର କୁରଆନର ଏହି ଶିକ୍ଷା ପ୍ରତି ଗୁରୁତ୍ୱାରୋପ କରି ସେ ପୃଥିବୀର ଅନେକ ପ୍ରମୁଖ ରାଷ୍ଟ୍ରମୁଖ୍ୟଙ୍କୁ ନିଜ ପତ୍ରରେ ପବିତ୍ର କୁରଆନର ଏହି ବାଣୀ ଉଦ୍ଧୃତ କରି ଲେଖିଛନ୍ତି :

> **"ଏବଂ ଯେଉଁମାନେ ତୁମକୁ ପବିତ୍ର ମସଜିଦ୍‌ରେ ପ୍ରବେଶ କରିବାକୁ ପ୍ରତିରୋଧ କରିଛନ୍ତି, ସେହି ଜାତି ବା ସଂପ୍ରଦାୟ ପ୍ରତି ତୁମର ଏହି ଶତ୍ରୁତା ତୁମକୁ ଯେପରି ସୀମା ଲଂଘନ କାର୍ଯ୍ୟ କରିବାକୁ ଉତ୍ତେଜିତ ନ କରୁ । ଏବଂ ତୁମେମାନେ ପୁଣ୍ୟ କାର୍ଯ୍ୟ ଓ ଧର୍ମଭୀରୁତାରେ ପରସ୍ପରକୁ ସାହାଯ୍ୟ କର ଏବଂ ପାପ ଓ ଉଲଂଘନୀୟ କାର୍ଯ୍ୟରେ କେହି କାହାକୁ ସାହାଯ୍ୟ କର ନାହିଁ; ଏବଂ ଅଲ୍ଲାଃଙ୍କୁ ଭୟ କର; ନିଶ୍ଚୟ ଅଲ୍ଲାଃ ଅତି କଠୋର ଶାସ୍ତି ପ୍ରଦାନ କରନ୍ତି ।" (ଅଲ୍-ମାଏଦା: 3)**

ସୁତରାଂ ଏଠାରେ କେତୋଟି ପତ୍ରର କିୟଦଂଶ ଦୃଷ୍ଟାନ୍ତ ସ୍ୱରୂପ ଦେବା ଅସମୀଚିନ ହେବ ନାହିଁ । ସୁତରାଂ ଇସ୍ରାଇଲ୍‌ର ପ୍ରଧାନମନ୍ତ୍ରୀଙ୍କୁ ଲେଖିଛନ୍ତି :

ତେଣୁ ମୋର ଆପଣଙ୍କୁ ଅନୁରୋଧ ଯେ ପୃଥିବୀକୁ ଅନ୍ୟ ଏକ ବିଶ୍ୱଯୁଦ୍ଧର ବିଭୀଷିକା ମଧ୍ୟକୁ ଠେଲିଦେବା ପରିବର୍ତ୍ତେ ବିଶ୍ୱବ୍ୟାପୀ ଭୟାବହ ଧ୍ୱଂସ ମୁଖରୁ ରକ୍ଷା ପାଇବା ସକାଶେ ଯଥାସାଧ୍ୟ ଉଦ୍ୟମ କରନ୍ତୁ । ବଳ ପ୍ରୟୋଗ କରି ବିବାଦର ସମାଧାନ କରିବା ପରିବର୍ତ୍ତେ କଥାବାର୍ତ୍ତା ମାଧ୍ୟମରେ ସମାଧାନ କରନ୍ତୁ, ଯଦ୍ୱାରା ଆମେ ଆମର ଆଗାମୀ ବଂଶଧରଙ୍କୁ ଏକ ଉଜ୍ଜ୍ୱଳ ଭବିଷ୍ୟତର ଉପହାର ଦେଇ ପାରିବା । ଅନ୍ୟଥା ଏହି 'ଉପହାର' ସେମାନଙ୍କୁ ପଙ୍ଗୁ, ଅଥର୍ବ ଓ ଅଙ୍ଗହୀନ ଆକାରରେ ମିଳିବ ।

ଇସଲାମିକ ରାଷ୍ଟ୍ର-ଇରାନ୍‌ର ପ୍ରଧାନମନ୍ତ୍ରୀଙ୍କୁ ଲେଖିଛନ୍ତି :

ବର୍ତ୍ତମାନ ସମଗ୍ର ପୃଥିବୀରେ ପ୍ରବଳ ଉତ୍ତେଜନା ଏବଂ ଅଶାନ୍ତି ଦେଖାଦେଇଛି । କେତେକ ଅଂଚଳରେ ଛୋଟ ଧରଣର ଯୁଦ୍ଧ ଚାଲିଛି ତ ଆଉ କେତେକ ଅଂଚଳରେ ବୃହଦାକାରରେ । ଶକ୍ତିଶାଳୀ ରାଷ୍ଟ୍ର ଶାନ୍ତିରକ୍ଷା ପାଇଁ ଚେଷ୍ଟା ଚଳାଇଥିବାର ବାହାନା କରି ନିଜ ଶକ୍ତି ପ୍ରୟୋଗ କରୁଛନ୍ତି । ପୁଣି ଗୋଟିଏ ଦେଶ ଅନ୍ୟ ଦେଶକୁ ସାହାଯ୍ୟ, ସମର୍ଥନ କରିବାରେ ଜଡିତ ଥିବାବେଳେ ଅନ୍ୟତ୍ର ବିରୋଧ କରିବାରେ ଲାଗିଛି । ଫଳରେ ନ୍ୟାୟ ପ୍ରଦାନ ପଥଚ୍ୟୁତ ହେଉଛି । ଅତି ଦୁଃଖର ସହ ମୋତେ କହିବାକୁ ପଡୁଛି ଯେ ଯଦି ଆମେ ପୃଥିବୀର ସାମ୍ପ୍ରତିକ ପରିସ୍ଥିତିକୁ ଅନୁଧ୍ୟାନ କରିବା ତା'ହେଲେ ଆମେ ଜାଣିପାରିବା ଯେ ଆଉ ଏକ ଯୁଦ୍ଧର ମୂଳଦୁଆ କେବେଠାରୁ ପଡିସାରିଛି ।

ଆମେରିକାର ରାଷ୍ଟ୍ରପତି ଓବାମାଙ୍କୁ ଲିଖିତ ପତ୍ରରେ ଉଲ୍ଲେଖ କରିଛନ୍ତି :

ଯେପରି ଏହା ସମସ୍ତଙ୍କୁ ଜଣାଅଛି ରାଷ୍ଟ୍ରସଂଘ ଗଠନର ବିଫଳତା ଏବଂ 1932 ମସିହାରେ ଆରମ୍ଭ ହୋଇଥିବା ଉତ୍କଟ ଆର୍ଥିକ ସଂକଟ ଯୋଗୁଁ ହିଁ ମୁଖ୍ୟତଃ ଦ୍ୱିତୀୟ ବିଶ୍ୱଯୁଦ୍ଧର ସୂତ୍ରପାତ ହୋଇଥିଲା । ବର୍ତ୍ତମାନ ସମୟର ପ୍ରବୀଣ ଅର୍ଥନୀତିଜ୍ଞମାନେ କୁହନ୍ତି ଯେ ଚଳିତ ସମୟରେ ଉପୁଜିଥିବା ଆର୍ଥିକ ସଂକଟ ଏବଂ 1932 ମସିହାରେ ଉପୁଜିଥିବା ଆର୍ଥିକ ସଂକଟ ମଧ୍ୟରେ ବହୁସଂଖ୍ୟକ ସାମଞ୍ଜସ୍ୟ ରହିଛି । ଏବେ ଆମେ ଦେଖୁଛୁ ଯେ ରାଜନୈତିକ ସମସ୍ୟା ଏବଂ ଅର୍ଥନୈତିକ ବିଶୃଙ୍ଖଳା ଇତ୍ୟାଦି ଛୋଟ ଛୋଟ ଦେଶ ମଧ୍ୟରେ ପୁଣି ଥରେ ଯୁଦ୍ଧର କାରଣ ସାଜିଛି । ପୁଣି ଏସବୁ ଦେଶମାନଙ୍କରେ ଆଭ୍ୟନ୍ତରୀଣ ଗୋଷ୍ଠୀ କନ୍ଦଳ ଏବଂ ଜନ ଅସନ୍ତୋଷ ମଧ୍ୟ ବୃଦ୍ଧି ପାଉଛି । ଏହାର ଫଳସ୍ୱରୂପ

ଶେଷରେ କେତେକ ନିର୍ଦ୍ଦିଷ୍ଟ ଶକ୍ତି ନୂଆ ସତ୍ତା ରୂପେ ଉଭା ହେବେ । ସେମାନଙ୍କ ହାତରେ ସବୁ କ୍ଷମତା ରହିବ ଏବଂ ସେମାନେ ସରକାରଙ୍କ ମିଙ୍ଗ ଧରି ଦେଶ ଚଳାଇବେ । ଆଉ ସେଇମାନେ ହିଁ ଏକ ବିଶ୍ୱଯୁଦ୍ଧ ଆଡକୁ ଆମ୍ଭମାନଙ୍କୁ ବାଟ ଦେଖାଇବେ । ଯଦି ଛୋଟ ଛୋଟ ଦେଶଗୁଡିକ ମଧ୍ୟରେ ରହିଥିବା ବାଦବିବାଦ ଓ ସଂଘର୍ଷକୁ ରାଜନୀତି ବା କୂଟନୀତି ପ୍ରୟୋଗ କରି ତା'ର ଉପଯୁକ୍ତ ସମାଧାନ ନ କରାଯାଏ, ତା'ହେଲେ ଏହି ଦେଶଗୁଡିକ ବିଭାଜିତ ହୋଇ ପୃଥିବୀରେ କେତେକ ନୂଆ ନୂଆ ଗୋଷ୍ଠୀ ବା ଦଳ ଗଠନ କରିବେ । ଏହା ହିଁ ହେବ ତୃତୀୟ ବିଶ୍ୱଯୁଦ୍ଧ ସଂଘଟିତ ହେବାର ପୂର୍ବ ସୂଚନା । ମୁଁ ଏହା ବିଶ୍ୱାସର ସହିତ କହୁଛି ଯେ ଆମେ ବର୍ତ୍ତମାନ ପରିପ୍ରେକ୍ଷୀରେ ବିଶ୍ୱର ପ୍ରଗତି ଦିଗରେ ବିଶେଷ ଧ୍ୟାନ ନ ଦେଇ ପୃଥିବୀକୁ କିପରି ଧ୍ୱଂସର କରାଳରୁ ରକ୍ଷା କରାଯାଇ ପାରିବ, ସେଥିପାଇଁ ଯଥାଶୀଘ୍ର ଉଦ୍ୟମ ଚଳାଇବା ଉଚିତ । ଏହି କାର୍ଯ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରକୃତରେ ଅତି ପ୍ରୟୋଜନ । ମାନବ ଜାତି ନିଜର ସ୍ରଷ୍ଟା-ଏକ ପରମବ୍ରହ୍ମଙ୍କୁ ଚିହ୍ନିବା ଅତି ଜରୁରୀ ହୋଇପଡିଛି । କାରଣ ସେହି ସର୍ବଶକ୍ତିମାନ ହିଁ ମାନବିକତାକୁ ବଞ୍ଚାଇବାର ଏକମାତ୍ର ତ୍ରାଣକର୍ତ୍ତା ଏବଂ ଆମ ସମାଜକୁ ଜୀବିତ ରଖିବା ପାଇଁ ପ୍ରତିଶ୍ରୁତିବଦ୍ଧ । ଯଦି ଏହା ନ ହୁଏ, ତା'ହେଲେ ଏହି ବିଶ୍ୱ ନିଜେ ହିଁ ନିଜର ବିନାଶ ସାଧନ କରିବା ଅଭିମୁଖେ ଦ୍ରୁତ ଗତିରେ ଧାବମାନ ହେଉଥିବ ।

ଚୀନ ଗଣରାଜ୍ୟର ପ୍ରଧାନମନ୍ତ୍ରୀ ୱେନ୍ ଜିଆବାଓଙ୍କୁ ପତ୍ରରେ ଉଲ୍ଲେଖ କରିଥିଲେ :

ମୁଁ ଅଲ୍ଲାହଙ୍କ ନିକଟରେ ପ୍ରାର୍ଥନା କରୁଛି ଯେ ପୃଥିବୀର ରାଷ୍ଟ୍ରମୁଖ୍ୟ ତଥା ନେତୃବର୍ଗ ବୁଦ୍ଧିମତ୍ତାର ସହ କାମ କରନ୍ତୁ । ଦେଶ ଦେଶ ମଧ୍ୟରେ ଏବଂ ଜାତି ଜାତି ମଧ୍ୟରେ ଆଭ୍ୟନ୍ତରୀଣ ଶତ୍ରୁତାକୁ ପ୍ରଶୟ ଦିଅନ୍ତୁ ନାହିଁ, କାରଣ କ୍ଷୁଦ୍ର ଆକାରର ଏହି ବିଦ୍ୱେଷ କୁହୁଳି କୁହୁଳି ଶେଷରେ ସାରା ପୃଥିବୀରେ ବ୍ୟାପକ ସଂଘର୍ଷର ରୂପ ଧାରଣ କରିପାରେ !

ବ୍ରିଟେନ ପ୍ରଧାନମନ୍ତ୍ରୀଙ୍କୁ ଲେଖିଥିଲେ :

ମୋର ଅନୁରୋଧ ଯେ ପ୍ରତ୍ୟେକ ସ୍ତରରେ ଏବଂ ପ୍ରତ୍ୟେକ ଦିଗରେ ଜଳୁଥିବା ଘୃଣା ଓ ହିଂସାର ଅଗ୍ନିଶିଖାକୁ ନିର୍ବାପିତ କରିବା ପାଇଁ ଆସନ୍ତୁ ଆମେ ଯଥାସାଧ୍ୟ ପ୍ରୟାସ କରିବା । ଯଦି ଆମେ ଏହି ପ୍ରୟାସରେ ସଫଳ ହେବା, ତା'ହେଲେ ଆମର ଆଗାମୀ ବଂଶଧରଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି ଦୃଢ ନିଶ୍ଚିତ ହୋଇପାରିବା । ଯଦି ଆମେ ଏହି କାର୍ଯ୍ୟରେ ବିଫଳ ହେଉଛେ, ତା'ହେଲେ ଏ

ବିଷୟରେ ଆମ ମନରେ କୌଣସି ସନ୍ଦେହ ରହିବା ଉଚିତ ହେବନାହିଁ ଯେ ଏକ ପରମାଣୁ ବୋମାର କୁପରିଣାମ ସ୍ୱରୂପ ଆମେ କରିଥିବା ଜଘନ୍ୟ କାର୍ଯ୍ୟର ପରିଣାମ ସର୍ବତ୍ର ଆମ ଭବିଷ୍ୟତ ବଂଶଧର ଭୋଗ କରିବେ । ପୁଣି ସେମାନଙ୍କ ଏହି ପୂର୍ବଜମାନେ ଦୁନିଆକୁ ମହାବିପତ୍ତି ମଧ୍ୟକୁ ଠେଲି ଦେଇଥିବା କାରଣରୁ ସେମାନଙ୍କୁ କଦାପି କ୍ଷମା ଦେବେ ନାହିଁ । ମୁଁ ଆପଣଙ୍କୁ ପୁଣିଥରେ ମନେ ପକାଇ ଦେଉଛି ଯେ ବ୍ରିଟେନ୍ ମଧ୍ୟ ସେହି ରାଷ୍ଟ୍ରମାନଙ୍କ ମଧ୍ୟରୁ ଗୋଟିଏ । ଏହା ହେଉଛି ଏପରି ଦେଶ, ଯାହା ଏହାର ବିହିତ ପ୍ରତିକାର ପାଇଁ ସକାରାତ୍ମକ ମନୋବୃତ୍ତି ନେଇ ଉନ୍ନତିଶୀଳ ପୃଥିବୀ ଏବଂ ବିକାଶୋନ୍ମୁଖୀ ଦେଶ ଉପରେ ନିଜ ଶକ୍ତିର ପ୍ରଭାବ ପକାଇପାରିବ । ଯଦି ଆପଣ ଚାହିଁବେ, ତେବେ ନ୍ୟାୟିକ ପ୍ରଶାସନ, ନିରପେକ୍ଷତା ଏବଂ ସାମ୍ୟତାର ଭାବ ରକ୍ଷା କରିବାର ଆବଶ୍ୟକତାକୁ ପୂରଣ କରିପାରିବେ । ଏପରିକି ସାରା ବିଶ୍ୱକୁ ନୂତନ ଦିଗ୍‌ଦର୍ଶନ ଦେଇପାରିବେ । ସୁତରାଂ ବ୍ରିଟେନ୍ ଓ ତା'ପରି ଯେତେ ବଡ ବଡ ଶକ୍ତିଶାଳୀ ରାଷ୍ଟ୍ର ଅଛନ୍ତି, ସେମାନେ ଏହିପରି ଭାବରେ ବିଶ୍ୱରେ ଶାନ୍ତି ଓ ସଂହତି ପ୍ରତିଷ୍ଠା କରିବା ଦିଗରେ ନିଜ ନିଜର ଭୂମିକା ଗ୍ରହଣ କରିବା ଉଚିତ । ଅଲ୍ଲାହ ଆପଣଙ୍କୁ ଏବଂ ବିଶ୍ୱର ଅନ୍ୟ ପ୍ରମୁଖ ନେତାମାନଙ୍କୁ ମୋର ଏହି ସନ୍ଦେଶକୁ ବୁଝିବା ପାଇଁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ବିଶ୍ୱବ୍ୟାପୀ ଅହମଦୀୟା ମୁସଲିମ୍ ସମ୍ପ୍ରଦାୟର ମୁଖ୍ୟ ହଜରତ୍ ମିର୍ଜା ମସରୁର ଅହମଦ[ଅବ] ବିଭିନ୍ନ ଉଦ୍‌ବୋଧନ ଓ ପତ୍ର ମାଧ୍ୟମରେ ଯେଉଁ ମାର୍ଗଦର୍ଶନ କରାଇଛନ୍ତି, ସେସବୁ ସମ୍ପୂର୍ଣ୍ଣ ଭାବରେ ଏହି ପୁସ୍ତକ World Crisis and The Pathway to Peace ମଧ୍ୟରେ ସଂକଳିତ ହୋଇଛି । ଏହି ପୁସ୍ତକରେ ତାଙ୍କର ନିମ୍ନଲିଖିତ ଉଦ୍‌ବୋଧନକୁ ଅନ୍ତର୍ଭୁକ୍ତ କରାଯାଇଛି ।

1) British Parilament - The House of Commons, London, UK ରେ ସମ୍ବୋଧନ

2) Military Head Quarters, Koblenz, Germanyରେ ସମ୍ବୋଧନ

3) Annual Peace Symposium (ବାର୍ଷିକ ଶାନ୍ତି ସମ୍ମିଳନୀ) London, UK ରେ ସମ୍ବୋଧନ

4) Capitol Hill, Washington D.C ଠାରେ ଆମେରିକାର Leading Congressmen ଏବଂ Senetorsଙ୍କୁ ସମ୍ବୋଧନ

5) European Parliament Brussels, Belgium ରେ ସମ୍ବୋଧନ

ବିଭିନ୍ନ ଦେଶର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ସେ ଲେଖିଥିବା ପତ୍ରଗୁଡିକ ମଧ୍ୟ ଏହି ପୁସ୍ତକରେ ସନ୍ନିବେସିତ ହୋଇଛି ।

ଆମର ଏହା ସାନୁନୟ ପ୍ରାର୍ଥନା ଯେ ଏହି ପୁସ୍ତକରେ ସାମିଲ କରାଯାଇଥିବା ତାଙ୍କର ମାର୍ଗଦର୍ଶନ ଏହି ସଂକଟମୟ ସମୟରେ ସମଗ୍ର ମାନବଜାତି ପାଇଁ ସତ୍‌ଶିକ୍ଷାର ଏକ ଉତ୍ସ ରୂପେ ସମସ୍ତଙ୍କର ମାର୍ଗଦର୍ଶନ କରୁ । ଯଦ୍ୱାରା ନ୍ୟାୟ ଓ ବିନମ୍ରତାର ଆଦର୍ଶକୁ ଅନୁସରଣ କରିବା ସହିତ ମନୁଷ୍ୟ ଚିର ଶାଶ୍ୱତ ଶାନ୍ତି ପାଇବା ପାଇଁ ସେହି ପରମ ସତ୍ତାଙ୍କ ସାନିଧ ଲାଭ କରୁ ।

**ପ୍ରକାଶକ**

# ବକ୍ତୃତାମାଳା




ବିଶ୍ୱର ସଙ୍କଟ ସମାଧାନ ଦିଗରେ ଇସଲାମୀୟ ଦୃଷ୍ଟିକୋଣ

(ମହାମାନ୍ୟ ଖଲିଫାଙ୍କ ଉଦ୍‌ବୋଧନ)







Hadrat Mirza Masroor Ahmad, Khalifatul Masih V[aba] delivering the keynote address at the House of Commons







Seated: Lord Avebury (Liberal Democrats Spokesman for Foreign Affairs), Rt. Hon. Hazel Blears MP (Secretary of State for Communities and Local Government); Hadrat Mirza Masroor Ahmad, Khalifatul-Masih V[aba]; Justine Greening MP (Shadow Treasury Minister); Gillian Merron MP (Foreign Office Minister); Councillor Louise Hyams (the Lord Mayor of Westminster). Standing: Jeremy Hunt MP (Shadow Culture Minister); Rafiq Hayat (National Amir AMA UK); Virendra Sharma MP, Rt. Hon. Malcolm Wicks MP (Former Minister at Department for Business, Enterprise and Regulatory Reform); Rob Marris MP, Simon Hughes MP (President of the Liberal Democrats Party); Martin Linton MP; Alan Keen MP.

# ଭୂମିକା

ବ୍ରିଟିଶ ରାଷ୍ଟ୍ରୀୟ ସଦନର House of Commons ଠାରେ ୨୦୦୮ ମସିହା ଅକ୍ଟୋବର ୨୨ ତାରିଖ ଦିନ ବିଶ୍ୱବ୍ୟାପୀ ଅହମଦୀୟା ମୁସଲିମ ସଂପ୍ରଦାୟର ମହାମାନ୍ୟ ପଞ୍ଚମ ଖଲିଫା-ହଜରତ ମିର୍ଜା ମସ୍‌ରୁର ଅହମଦଂଙ୍କ ଐତିହାସିକ ଉଦ୍‌ବୋଧନ:

ଅହମଦୀୟା ଖିଲାଫତ୍‌ର ଏକ ଶତବର୍ଷ (୧୯୦୮-୨୦୦୮) ପୂର୍ତ୍ତିର ସ୍ୱର୍ଣ୍ଣିମ ଅବସରରେ ଏହାର ସମ୍ମାନାର୍ଥେ ସଂପ୍ରଦାୟର ବ୍ରିଟେନ କେନ୍ଦ୍ରସ୍ଥିତ 'ମସଜିଦ ଫଂଜଲ' ଠାରେ ସ୍ଥାନୀୟ ପୁଟ୍‌ନୀ ସାଂସଦ ଶ୍ରୀମତୀ Justine Greeningଙ୍କ ଦ୍ୱାରା ଆୟୋଜିତ ଅଭ୍ୟର୍ଥନା ସଭାରେ ସର୍ବଶ୍ରୀ Gillian Merron, Rt.Hon Hazel Blears, Dominic Grieve, Simon Hughes ପ୍ରମୁଖ ସାଂସଦମାନେ ଉପସ୍ଥିତ ଥିଲେ । ଉକ୍ତ ସଭାରେ ଯୋଗ ଦେଇଥିବା ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ ଥିଲେ Lord Eric Avebury, ବିଶିଷ୍ଟ ବୁଦ୍ଧିଜୀବୀ,ପ୍ରବୀଣ ଶିକ୍ଷାବିତ୍,ରାଜନେତା ତଥା ଗଣମାଧ୍ୟମର ପ୍ରତିନିଧି ।

# ବିଶ୍ୱର ସଙ୍କଟ ସମାଧାନ ଦିଗରେ ଇସଲାମୀୟ ଦୃଷ୍ଟିକୋଣ

ବିସ୍‌ମିଲ୍ଲା ହିର୍- ରହମା ନିର୍ ରହିମ୍ - ଅଶେଷ ଦୟାବାନ ଏବଂ ସଦା କରୁଣାମୟ ଅଲ୍ଲାଃଙ୍କ ନାମ ନେଇ ମୁଁ ଆରମ୍ଭ କରୁଛି ।

ମୁଁ ସର୍ବପ୍ରଥମେ ଏଠାରେ ଉପସ୍ଥିତ ସମସ୍ତ ସମ୍ମାନୀୟ ଅତିଥି ଏବଂ ସାଂସଦଙ୍କୁ ଧନ୍ୟବାଦ ଜଣାଉଛି, ଯେଉଁମାନଙ୍କ ପ୍ରଚେଷ୍ଟାରେ ଏକ ଧର୍ମୀୟ ସଂଗଠନର ମୁଖ୍ୟଙ୍କୁ ଏଠାରେ କିଛି କହିବାର ସୁଯୋଗ ମିଳିଛି । ମୁଁ ଏଠାକାର ସ୍ଥାନୀୟ ସାଂସଦ ମହୋଦୟାଙ୍କୁ ଏଥିଯୋଗୁଁ ଅଶେଷ କୃତଜ୍ଞତା ଜଣାଉଛି, ଯିଏ କି ଖିଲାଫତ ଶତବାର୍ଷିକୀ ଅବସରରେ ତାଙ୍କ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଏକ ସଂଖ୍ୟାଲଘୁ ସଂପ୍ରଦାୟ ନିମନ୍ତେ ଏତେ ବଡ ସମାବେଶର ଆୟୋଜନ କରିଛନ୍ତି । ଏହା ତାଙ୍କର ମହାନୁଭବତା ଓ ଉଦାର ହୃଦୟର ପରିଚୟ ଦିଏ । କାରଣ ସେ ସର୍ବଦା ତାଙ୍କ ଅଂଚଳରେ ବସବାସ କରୁଥିବା ପ୍ରତ୍ୟେକ ବ୍ୟକ୍ତି ଓ ସଂପ୍ରଦାୟ ପ୍ରତି ଆନ୍ତରିକତା ପ୍ରକାଶ କରିଥାନ୍ତି ।

କ୍ଷୁଦ୍ର ଓ ସଂଖ୍ୟାଲଘୁ ହେଲେ ମଧ୍ୟ ଅହମଦୀୟା ମୁସଲିମ ସଂପ୍ରଦାୟ ସମଗ୍ର ପୃଥିବୀରେ ପ୍ରାଧାନ୍ୟ ବିସ୍ତାର କରିଥିବା ଏକ ସଂଗଠନ ରୂପେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ଓ ଇସଲାମ ଧର୍ମର ପ୍ରକୃତ ଶିକ୍ଷାର ପ୍ରଚାର ଓ ପ୍ରସାର ପାଇଁ ସର୍ବତ୍ର ପ୍ରତିନିଧିତ୍ୱ କରୁଛି । ଏହା ସତ୍ତ୍ୱେ ମୁଁ ଜୋର ଦେଇ କହିବି ଯେ ବ୍ରିଟେନରେ ବାସ କରୁଥିବା ପ୍ରତ୍ୟେକ ଅହମଦି ଏହି ଦେଶକୁ ବହୁତ ଭଲପାଏ ଓ ଦେଶ ପ୍ରତି ଅତ୍ୟନ୍ତ ଅନୁରକ୍ତ ନାଗରିକ ଭାବେ କାର୍ଯ୍ୟ କରେ । ଆମ ପ୍ରିୟତମ ନବୀ( ହଜରତ

ମୁହମ୍ମଦ[ସାଃ])ଙ୍କ ଶିକ୍ଷା ହେଉଛି, "ଦେଶପ୍ରେମ ନିଜ ଧର୍ମ ବିଶ୍ୱାସର ଏକ ଅବିଚ୍ଛେଦ ଅଙ୍ଗ", ଯେଉଁ ଶିକ୍ଷାକୁ ଆମ୍ଭେମାନେ ତାଙ୍କର ନିର୍ଦ୍ଦେଶ ରୂପେ ମାନି ଚଳିଥାଉ । ଆମେ ଯୁଗ ସଂସ୍କାରକ ତଥା ପ୍ରତିଶ୍ରୁତ ଅବତାରଙ୍କୁ ଗ୍ରହଣ କରି ତାଙ୍କ ଠାରେ ବିଶ୍ୱାସ ସ୍ଥାପନ କରିଛୁ । ସେ ଇସଲାମର ଏହି ଶିକ୍ଷାକୁ ଆମ ପାଇଁ ଅଧିକ ବିସ୍ତୃତ ଭାବରେ ଓ ଗୁରୁତ୍ୱ ସହକାରେ ପ୍ରଣୟନ କରିଛନ୍ତି ।

ସେ ଅଲ୍ଲାଃଙ୍କ ଆଜ୍ଞାରେ ଚଳିତ ଯୁଗର ଅବତାର ହୋଇ ଆସିଥିବାର ଦାବିକୁ ଘୋଷଣା କରି କହିଥିଲେ ଯେ ଦୁଇଟି କାର୍ଯ୍ୟ ସମ୍ପାଦନ କରିବା ପାଇଁ ତାଙ୍କ ଉପରେ ଗୁରୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ମନୁଷ୍ୟ ପ୍ରଥମତଃ ଈଶ୍ୱରଙ୍କ ପ୍ରତି ତା'ର କର୍ତ୍ତବ୍ୟ ସଂପାଦନ କରୁ ଏବଂ ଦ୍ୱିତୀୟତଃ ମାନବ ସମାଜ ପ୍ରତି ତା'ର କର୍ତ୍ତବ୍ୟ ମଧ୍ୟ ପାଳନ କରୁ । ସେହି ପରମ ସ୍ରଷ୍ଟାଙ୍କ ସୃଷ୍ଟିର ସକଳ ପ୍ରାଣୀ ପ୍ରତି କର୍ତ୍ତବ୍ୟ ନିର୍ବାହ କରିବା ଅତ୍ୟନ୍ତ କଷ୍ଟସାଧ୍ୟ ତଥା ଏକ ସୂକ୍ଷ୍ମ ଅନୁଭବର କାର୍ଯ୍ୟ ବୋଲି ହଜରତ ଅହମଦ[ଆଃ] ସର୍ବଦା କହୁଥିଲେ ।

ଆପଣମାନେ ଆଶଙ୍କା କରୁଥିବେ ଯେ ଇସଲାମୀୟ ଖିଲାଫତର ନେତୃତ୍ୱ ଗ୍ରହଣ ପୂର୍ବକ ଏହାକୁ ପ୍ରଚଳନ କରାଗଲେ ଏହାର କୁପରିଣାମ ସ୍ୱରୂପ କେବେ କେଜାଣି ଯୁଦ୍ଧ ଆରମ୍ଭ ହୋଇ ଯାଇପାରେ । ଅଗତ୍ୟା ଇସଲାମ ବିରୁଦ୍ଧରେ ଅତୀତରେ ଏହିପରି ଦୋଷାରୋପ କରାଯାଇଥିଲେ ମଧ୍ୟ ମୁଁ ଆପଣମାନଙ୍କୁ ପ୍ରତିଶ୍ରୁତି ଦେଉଅଛି ଯେ ଏହି ଖିଲାଫତ ବ୍ୟବସ୍ଥା ଅଲ୍ଲାଃଙ୍କ ଇଚ୍ଛାରେ କାର୍ଯ୍ୟକାରୀ ହୋଇଥିବା ଯୋଗୁଁ ପୃଥିବୀରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ଫେରାଇ ଆଣିବା ପାଇଁ ନିଷ୍ପାପର ଭାବେ ଅହମଦୀୟା ଖିଲାଫତ ସର୍ବଦା ତତ୍ପରତା ସହିତ କାର୍ଯ୍ୟ କରି ଜଗତରେ ପ୍ରାଧାନ୍ୟ ବିସ୍ତାର କରୁଥିବ । ତତ୍‌ସହିତ ଅହମଦି ମୁସଲମାନ ଯେଉଁ ଦେଶରେ ବାସ କରୁଥିଲେ ବି ସର୍ବଦା ସେହି ଦେଶ ପ୍ରତି ଅନୁରକ୍ତ ହୋଇ ରହିବେ । ଏହି ଦେଶରେ ମଧ୍ୟ ଠିକ୍ ସେହିପରି ଅହମଦୀୟା ଖିଲାଫତର ବ୍ୟବସ୍ଥା ଏକ ଚୀରସ୍ଥାୟୀ ବ୍ୟବସ୍ଥା ସ୍ୱରୂପ କାର୍ଯ୍ୟ କରୁଛି ଏବଂ ମସିହ ଓ ମହେଦିଙ୍କ ଉତ୍ତାରେ ତାଙ୍କ ମିଶନକୁ କ୍ରମାଗତ ଭାବେ ପରିଚାଳନା କରି ଆସୁଛି । ଏହି ଖିଲାଫତ ଦ୍ୱାରା ଜମାଅତର ଅନୁଗାମୀମାନେ ମସିହଙ୍କ ନିର୍ଦ୍ଦେଶିତ ଉପରୋକ୍ତ କର୍ତ୍ତବ୍ୟ ଦୁଇଟିକୁ ପାଳନ କରିବା ପାଇଁ ପ୍ରୋତ୍ସାହିତ ହୋଇଥାନ୍ତି, ଯଦ୍ୱାରା ଶାନ୍ତି ଓ ସଦ୍‌ଭାବନାର ସୁସ୍ଥ ପରିବେଶ ସୃଷ୍ଟି ହୋଇପାରିବ ।

ବଂଧୁଗଣ ! ସୀମିତ ସମୟ ଦୃଷ୍ଟିରୁ ମୁଁ ଏବେ ମୁଖ୍ୟ ବିଷୟବସ୍ତୁକୁ ଆସୁଛି । ଯଦି ଆମେ ବିଗତ ଶତାବ୍ଦୀମାନଙ୍କର ପରିସ୍ଥିତିକୁ ନିରପେକ୍ଷ ଭାବେ ସର୍ବେକ୍ଷଣ

କରିବା, ତା'ହେଲେ ଜାଣିବା ଯେ ସେତେବେଳେ ହେଉଥିବା ଯୁଦ୍ଧ ପ୍ରକୃତରେ କୌଣସି ଧର୍ମଗତ କାରଣ ଜନିତ ଯୁଦ୍ଧ ନ ଥିଲା, ବରଂ ରାଜନୈତିକ ସୀମା ବିବାଦ ଯୋଗୁଁ ତାହା ହେଉଥିଲା । ଏବେ ମଧ୍ୟ ରାଜନୀତି ଓ ଅର୍ଥନୀତି ଜନିତ ସମସ୍ୟା ଏବଂ ଆଞ୍ଚଳିକ ସୀମା ବିବାଦରେ ନିହିତ ସ୍ୱାର୍ଥ ଯୋଗୁଁ ଦେଶ ଦେଶ ମଧ୍ୟରେ ଶତ୍ରୁତା ଏବଂ ସଂଘର୍ଷର ସୂତ୍ରପାତ ହେଉଅଛି ।

ଆଜି ଏହିସବୁ ବିଶୃଙ୍ଖଳା ଯେଉଁ ଦିଗରେ ଅଗ୍ରସର ହେଉଛି, ସେଥିରୁ ଏହା ସହଜରେ ଅନୁମେୟ ହେବ ଯେ ବିଶ୍ୱର ରାଷ୍ଟ୍ରଗୁଡିକ ରାଜନୈତିକ ଓ ଅର୍ଥନୈତିକ ଦୃଶ୍ୟପଟରେ ଜଡିତ ହୋଇ ଏକ ଭୟଙ୍କର ବିଶ୍ୱଯୁଦ୍ଧ ଅଭିମୁଖେ ମୁହାଁଉଛି । କେବଳ ଗରିବ ଦେଶ କାହିଁକି ଧନଶାଳୀ ରାଷ୍ଟ୍ରଗୁଡିକ ମଧ୍ୟ ଏହାଦ୍ୱାରା ଗୁରୁତର ପ୍ରଭାବିତ ହୋଇଛନ୍ତି । ସୁତରାଂ ମାନବିକତାକୁ ଧ୍ୱଂସର କରାଳ ଗର୍ଭରୁ ରକ୍ଷା କରିବାକୁ ହେଲେ ମହାଶକ୍ତି ମାନଙ୍କର କର୍ତ୍ତବ୍ୟ ହେଉଛି ଯେ ସେମାନେ କୌଣସି ଏକ ସ୍ଥାନରେ ବିଚାର ବିମର୍ଶ କରି ସମାଧାନର ଉପାୟ ବାହାର କରନ୍ତୁ ।

ବ୍ରିଟେନ ସେହି ଦେଶମାନଙ୍କ ମଧ୍ୟରୁ ଗୋଟିଏ ଯେ କି ସକାରାତ୍ମକ ମନୋବୃତ୍ତି ନେଇ ଏହାର ବିହିତ ପ୍ରତିକାର ପାଇଁ ପଦକ୍ଷେପ ନେଇପାରିବ । ଉନ୍ନତଶୀଳ ପୃଥିବୀରେ ବିକାଶୋନ୍ମୁଖୀ ଦେଶ ଉପରେ ନିଜ ଶକ୍ତିର ପ୍ରଭାବ ପକାଇ ପାରିବ । ଯଦି ଆପଣମାନେ ଚାହିଁବେ ଦେଶବାସୀଙ୍କୁ ନ୍ୟାୟିକ ପ୍ରଶାସନ ଯୋଗାଇ ଦେବେ ଓ ନିରପେକ୍ଷତା ଅବଲମ୍ବନ କରି ବିଭିନ୍ନ ଧର୍ମ ମଧ୍ୟରେ ସମନ୍ୱୟ ରକ୍ଷା କରିବାର ଆବଶ୍ୟକତାକୁ ପୂରଣ କରି ପାରିବେ । ଏପରିକି ସାରା ବିଶ୍ୱକୁ ଦିଗ୍‌ଦର୍ଶନ ମଧ୍ୟ ଦେଇ ପାରିବେ ।

ଅତୀତରେ ବ୍ରିଟେନ ଯେଉଁସବୁ ଦେଶକୁ ଶାସନ କରୁଥିଲା, ସେଠାରେ ଉତ୍ତମ ନ୍ୟାୟ ଓ ଧର୍ମୀୟ ସ୍ୱାଧୀନତା ଦେବା ପ୍ରତି ଉପଯୁକ୍ତ ଧ୍ୟାନ ଦେଇଥିଲା । ଭାରତ ଉପମହାଦେଶ ଓ ପାକିସ୍ତାନରେ ଏପରି ନିରପେକ୍ଷ ନିୟମ ପ୍ରଚଳିତ କରାଯାଇଥିଲା । ଅବାଧରେ ଧର୍ମପାଳନ କରିବା ପାଇଁ ସୁବିଧା ଯୋଗାଇବା ଓ ଲୋକଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବାରେ ବ୍ରିଟିଶ ସରକାରଙ୍କ ଏହି ନୀତିକୁ ଅହମଦୀୟା ସଂପ୍ରଦାୟର ପ୍ରତିଷ୍ଠାତା ଭୂୟସୀ ପ୍ରଶଂସା କରିଥିଲେ । ମହାରାଣୀ ଭିକ୍ଟୋରିଆଙ୍କ ଶାସନ କାଳରେ ହୀରକ ଜୟନ୍ତୀ ଅବସରରେ ତାଙ୍କୁ ଅଭିନନ୍ଦନ ଜଣାଇ ସେ ଇସଲାମର ଶାନ୍ତିମୟ ବାର୍ତ୍ତା ପ୍ରେରଣ କରିଥିଲେ ଓ ଏହି ମହତ କାର୍ଯ୍ୟ ପାଇଁ ସେମାନଙ୍କ ବଦାନ୍ୟତାର ପୁରସ୍କାର ସ୍ୱରୂପ ସେ ଅଲ୍ଲାହଙ୍କ ଠାରେ ପ୍ରାର୍ଥନା ମଧ୍ୟ କରିଥିଲେ ।

ବ୍ରିଟିଶ ସରକାର ଏହି ବୈଶିଷ୍ଟ୍ୟକୁ ଭବିଷ୍ୟତରେ ମଧ୍ୟ ବଜାୟ ରଖିବେ ବୋଲି ଆମେ ଆଶା କରୁଛୁ । ଆପଣମାନେ ଅତୀତର ଭଲ ଗୁଣକୁ କଦାପି ପାଶୋରି ଦିଅନ୍ତୁ ନାହିଁ ।

ଆଜି ଦୁନିଆରେ ଯେଉଁଆଡେ ଦେଖନ୍ତୁ ବିବାଦ ଓ ଅସ୍ଥିରତା ଉତ୍କଟ ରୂପେ ଦେଖାଦେଉଛି । କେଉଁଠି ଛୋଟ ଜାତିଆଣ ସଂଘର୍ଷ ମୁଣ୍ଡ ଟେକିଛି ତ ଅନ୍ୟ କେଉଁଠି କ୍ଷମତାଶାଳୀ ରାଷ୍ଟ୍ର ଅନ୍ୟ ଉପରେ ପ୍ରଭୁତ୍ୱ ବିସ୍ତାର କରିଛନ୍ତି । ଅପର ପକ୍ଷେ ସେମାନେ ଶାନ୍ତି ଫେରାଇ ଆଣିବାର ପ୍ରୟାସ ଜାରି ରଖିଛନ୍ତି ବୋଲି ଦାବି କରନ୍ତି । ଯଦି ନ୍ୟାୟର ଆବଶ୍ୟକତା ପୂରଣ ନ ହୁଏ, ତେବେ ଏହି କ୍ଷୁଦ୍ର ଅଗ୍ନିଶିଖା ଏକ ପ୍ରଚଣ୍ଡ ବହ୍ନିର ରୂପ ଧାରଣ କରି ସମଗ୍ର ପୃଥିବୀକୁ ଜାଳିପୋଡି ପାଉଁଶରେ ପରିଣତ କରିଦେବ । ତେଣୁ ପୃଥିବୀକୁ ଏହି ଧ୍ୱଂସମୁଖରୁ ରକ୍ଷା କରିବା ପାଇଁ ଆପଣମାନଙ୍କୁ ମୋର ବିଶେଷ ଅନୁରୋଧ ।

ତେବେ ପୃଥିବୀରେ କିପରି ଶାନ୍ତି ପ୍ରତିଷ୍ଠା ହୋଇପାରିବ ସେ ସମ୍ବନ୍ଧରେ ଇସଲାମରେ ଯେଉଁସବୁ ଶିକ୍ଷା ରହିଛି, ତାହା ମୁଁ ସଂକ୍ଷେପରେ ଆପଣମାନଙ୍କ ସମ୍ମୁଖରେ ବ୍ୟକ୍ତ କରୁଛି । ଏହି ପରିପ୍ରେକ୍ଷୀରେ ପ୍ରଥମେ ମୁସଲମାନମାନଙ୍କୁ ମୋର ନିବେଦନ ଯେ ସେମାନେ ଶାନ୍ତି ପ୍ରତିଷ୍ଠା ଦିଗରେ କାର୍ଯ୍ୟ କରନ୍ତୁ । ଏପରିକି ବିଶ୍ୱର ରାଷ୍ଟ୍ରସମୂହ ଏବଂ ମହାଶକ୍ତିଗୁଡିକ ମଧ୍ୟ ନିଜ କର୍ତ୍ତବ୍ୟ ପ୍ରତି ସଚେତନ ହୁଅନ୍ତୁ ।

ପୃଥିବୀ ଆଜି ଏପରି ଏକ ଗୋଲାକାର ଗ୍ରାମରେ ପରିଣତ ହୋଇଛି, ଯାହା ଆଗରୁ କେବେ ବି ମନୁଷ୍ୟ କଳ୍ପନା କରି ନଥିଲା । ତେଣୁ ଆମେ ମନୁଷ୍ୟ ହୋଇ ମାନବ ସମାଜ ପ୍ରତି ଆମର କ'ଣ ଦାୟିତ୍ୱ ରହିଛି ତାହା ଚିନ୍ତା କରିବା ଉଚିତ । ମାନବିକ ଅଧିକାରର ସୁରକ୍ଷା ଦିଗରେ ଉପୁଜିଥିବା ସମସ୍ୟାର ନିରାକରଣ ପାଇଁ ଆମକୁ ଅଧିକ ଧ୍ୟାନ ଦେବାକୁ ପଡିବ, ଫଳରେ ଏହା ଶାନ୍ତି ପ୍ରତିଷ୍ଠାରେ ସହାୟକ ହୋଇପାରିବ । ନ୍ୟାୟର ସମସ୍ତ ଆବଶ୍ୟକତା ପୂରଣ କରିବା ପାଇଁ ସ୍ୱଚ୍ଛ ମନରେ କାର୍ଯ୍ୟ କରିବା ଆମର ଏକ ସ୍ପଷ୍ଟ ଉପଲବ୍ଧି ହେବା ଉଚିତ ।

ଅନେକ ବିବାଦ ମଧ୍ୟରେ ଧର୍ମଗତ କାରଣକୁ ନେଇ ଉପୁଜିଥିବା ବିବାଦ ଗୋଟିଏ । ଧର୍ମ ନାମରେ ବେନିୟମ ଭାବରେ କେତେକ ନ୍ୟସ୍ତସ୍ୱାର୍ଥ ମୁସଲିମ ଗୋଷ୍ଠୀ ଆତ୍ମଘାତୀ ବୋମା ବିସ୍ଫୋରଣ କରି ଅଣ ମୁସଲିମ ନିରୀହ ଲୋକଙ୍କ ଜୀବନ ନେଇଛନ୍ତି । ସେମାନଙ୍କ ମଧ୍ୟରେ ସୈନିକ ଏବଂ ବାଳୁତ ଓ ବୟସ୍କ ବ୍ୟକ୍ତି ଅନ୍ତର୍ଭୁକ୍ତ । ଏତାଦୃଶ ନିଷ୍ଠୁର ଆଚରଣ ଇସଲାମରେ ଆଦୌ ଗ୍ରହଣୀୟ ନୁହେଁ ।

ଏହି ନୃଶଂସତା ଯୋଗୁଁ ଅଣ ମୁସଲିମ ଦେଶମାନଙ୍କରେ ଇସଲମ ପ୍ରତି ଭୁଲ ଧାରଣା ଜନ୍ମିଛି ଏବଂ ଏହା ସେମାନଙ୍କ ଉପରେ ଅତ୍ୟନ୍ତ ଖରାପ ପ୍ରଭାବ ପକାଇଛି । ଫଳତଃ, କିଛି ଲୋକ ଇସଲାମ ଧର୍ମ ବିରୁଦ୍ଧରେ ଖୋଲା ଖୋଲି ଭାବେ କୁତ୍ସାରଟନା କରୁଛନ୍ତି ତ ଆଉ କେତେକ ନିଜ ମୁହଁ ନ ଖୋଲିଲେ ମଧ୍ୟ ସେମାନଙ୍କ ମନ ଭିତରେ ଆଦୌ ଭଲ ଧରଣା ନାହିଁ । ଅଳ୍ପ କେତେକ ମୁଷ୍ଟିମେୟ ମୁସଲିମ ଲୋକଙ୍କର ଖରାପ ସ୍ୱଭାବ ଓ ମନୋବୃତ୍ତି ସକାଶେ ପାଶ୍ଚାତ୍ୟ ଲୋକଙ୍କ ମନରେ ନାନା ସନ୍ଦେହ ଓ ଆଶଙ୍କା ପ୍ରକାଶ ପାଇବା ସ୍ୱାଭାବିକ । ଏପରି ହୀନ ପ୍ରତିକ୍ରୀୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଲାଣି । ଏହି ଭୁଲ ପ୍ରତିକ୍ରୀୟାର ଏକ ନଗ୍ନ ଉଦାହରଣ ହେଉଛି ପବିତ୍ର ଗ୍ରନ୍ଥ କୋରାନ ଏବଂ ଦିବ୍ୟ ଅବତାର ମହମ୍ମଦ [ସଅ]ଙ୍କ ଉତ୍ତମ ଚରିତ୍ର ପ୍ରତି ଆକ୍ରମଣ । କିନ୍ତୁ ଅନ୍ୟ ଦେଶର ନେତାଙ୍କ ପରି ବ୍ରିଟିଶ ରାଜନୈତିକ ଦଳର ନେତାମାନଙ୍କର ଏଭଳି ମନୋବୃତ୍ତି ନାହିଁ । ବରଂ ସମସ୍ତେ ଆମ ପ୍ରତି ଉତ୍ତମ ମନୋଭାବ ପୋଷଣ କରିଥାନ୍ତି । ସେଥିପାଇଁ ମୁଁ ସେମାନଙ୍କୁ ସାଧୁବାଦ ଜଣାଉଛି । କାହାରି ହୃଦୟକୁ ଆଘାତ ଦେଲେ କେବଳ ଘୃଣା ଏବଂ ବିଦ୍ୱେଷ ଭାବ ବୃଦ୍ଧି ପାଇବା ବ୍ୟତୀତ କାହକୁ କିଛି ଲାଭ ମିଳେ ନାହିଁ ବରଂ ଏହି ଘୃଣା ଭାବ ଯୋଗୁଁ ଚରମପନ୍ଥୀ ମୁସଲିମ ଇସଲାମ ବିରୋଧୀ କାର୍ଯ୍ୟ କରିବା ପାଇଁ ପ୍ରୋତ୍ସାହିତ ହେଉଥିବା ବେଳେ ପକ୍ଷାନ୍ତରେ ଅଣ-ମୁସଲିମମାନେ ସେମାନଙ୍କର ବିରୁଦ୍ଧାଚରଣ କରିବାର ଅବସର ପାଉଛନ୍ତି ।

ସୁତରାଂ ଯେଉଁମାନେ କଠୋରପନ୍ଥୀ ନୁହନ୍ତି ଏବଂ ଇସଲାମର ଦିବ୍ୟ ଅବତାରଙ୍କୁ ଆନ୍ତରିକ ପ୍ରେମ କରନ୍ତି, ସେହିମାନେ ହିଁ ଏପରି କୁତ୍ସିତ ଆକ୍ରମଣ ଯୋଗୁଁ ଗଭୀର ମର୍ମାହତ ହୋଇଛନ୍ତି । ସେପରି ବ୍ୟକ୍ତିମାନଙ୍କ ମଧ୍ୟରେ ଅହମଦୀୟା ଜମାଅତ ସର୍ବାଗ୍ରେ ରହିଛି । ସୁତରାଂ ଏହି ଜମାଅତ ବିଶ୍ୱ ସମ୍ମୁଖରେ ଇସଲାମର ଶୋଭନୀୟ ଶିକ୍ଷା ଓ ହଜରତ ମହମ୍ମଦ [ସଅ]ଙ୍କ ଉତ୍କୃଷ୍ଟ ଚରିତ୍ରକୁ ସଠିକ୍ ରୂପେ ପ୍ରଦର୍ଶିତ କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।

ଆମ୍ଭେ ସମସ୍ତ ଅବତାରଙ୍କ ପ୍ରତି ଭକ୍ତି ଓ ସମ୍ମାନ ପ୍ରଦର୍ଶନ କରିଥାଉ । ସେମାନେ ସମସ୍ତେ ଐଶ୍ୱରିକ ବାର୍ତ୍ତାବହ ବୋଲି ମନରେ ବିଶ୍ୱାସ ପୋଷଣ କରୁ । କେବେ କାହାରି ପ୍ରତି ଅନାଦର ବା ଅସମ୍ମାନର ଭାବନା ଆମ ମନରେ ଆସେ ନାହିଁ । ଏହା ସତ୍ତ୍ୱେ ଯେତେବେଳେ ଆମ ଅବତାର ମହମ୍ମଦ [ସଅ]ଙ୍କ ପ୍ରତି କୌଣସି ଭିତ୍ତିହୀନ ବା ମିଥ୍ୟା ଆରୋପ କରାଯାଏ, ସେତେବେଳେ ଆମକୁ ବହୁତ ଦୁଃଖ ଲାଗେ ।

ପୃଥିବୀ ଆଜି ଅନେକ ଗୋଷ୍ଠୀଗତ ଭୂଖଣ୍ଡରେ ବିଭାଜିତ ହୋଇଛି । ଉଗ୍ରବାଦୀ କାର୍ଯ୍ୟକଳାପ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଏବେ ଅର୍ଥନୈତିକ ମାନ୍ଦାବସ୍ଥା ଆହୁରି ଖରାପ ସ୍ଥିତିରେ ପହଞ୍ଚିଗଲାଣି । ଏହି ପରିପ୍ରେକ୍ଷୀରେ ଆମକୁ ସମସ୍ତ ପ୍ରକାର ଘୃଣା ଓ ଆକ୍ରୋଶର ଅନ୍ତ ଘଟାଇ ଶାନ୍ତିର ଭିତ୍ତି ସ୍ଥାପନ କରିବାକୁ ହେବ । ଆମେ ଯେତେବେଳେ ଅନ୍ୟର ସବୁ ପ୍ରକାର ଆବେଗ ଓ ଭାବନାକୁ ସମ୍ମାନ ଦେଇ ଜାଣିବା, ସେତେବେଳେ ଏହା ସମ୍ଭବ ହୋଇପାରିବ । ଯଦି ନୈତିକ ମୂଲ୍ୟବୋଧ ରକ୍ଷା କରିବା ପାଇଁ କୌଣସି ବିଶ୍ୱାସଯୋଗ୍ୟ ପଦକ୍ଷେପ ନିଆ ନ ଯାଏ, ତା'ହେଲେ ଏହା ନିୟନ୍ତ୍ରଣ ବାହାରକୁ ଚାଲିଯିବ । ତେବେ ଆର୍ଥିକ ସ୍ୱଚ୍ଛଳ ଥିବା ପାଶ୍ଚାତ୍ୟ ଦେଶମାନେ ଯେପରି ଉଦାରତାର ସହିତ ଗରିବ ଓ ଅନୁନ୍ନତ ବର୍ଗର ଲୋକମାନଙ୍କୁ ସେମାନଙ୍କ ଦେଶରେ ଥଇଥାନ କରିବା ପାଇଁ ଅନୁମତି ଦେଉଛନ୍ତି, ତାହା ବାସ୍ତବିକ ଅଭିନନ୍ଦନୀୟ । ସେମାନଙ୍କ ମଧ୍ୟରେ ମୁସଲିମ ସମ୍ପ୍ରଦାୟର ଲୋକେ ମଧ୍ୟ ଅଛନ୍ତି ।

ବସ୍ତୁତଃ ପ୍ରତ୍ୟେକ ବ୍ୟକ୍ତିଙ୍କ ଧର୍ମପାଳନ ଓ ମାନସିକ ଭାବନାକୁ ସମ୍ମାନ ଜଣାଇଲେ ହିଁ ପ୍ରକୃତ ନ୍ୟାୟ ପ୍ରତିଷ୍ଠା ହୋଇପାରିବ । ଏହା ହେଉଛି ଏକ ମାତ୍ର ଉପାୟ, ଯାହା ଅବଲମ୍ବନ କରିବା ଦ୍ୱାରା ଲୋକଙ୍କର ମାନସିକ ଶାନ୍ତି ସନ୍ତୁଳିତ ହୋଇ ରହିପାରିବ । ଆମକୁ ମନେ ରଖିବା ଉଚିତ ଯେ ଯଦି ଜଣେ ବ୍ୟକ୍ତିର ମାନସିକ ଶାନ୍ତି ବିକାରଗ୍ରସ୍ତ ହୋଇଯାଏ, ତା'ହେଲେ ସମଗ୍ର ସମାଜର ଶାନ୍ତି ମଧ୍ୟ ବ୍ୟାହତ ହେବ ।

ଯେପରି ପୂର୍ବରୁ କହିଛି, ବ୍ରିଟେନର ବିଧାୟକ ତଥା ରାଜନେତା ମାନଙ୍କ ଠାରେ ମୁଁ ଏଥିଯୋଗୁଁ କୃତଜ୍ଞ ଯେ ସେମାନେ କାହାର କୌଣସି ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ ନ କରି ନ୍ୟାୟର ସମସ୍ତ ଆବଶ୍ୟକତାକୁ ପୂରଣ କରୁଛନ୍ତି । ବସ୍ତୁତଃ ଇସଲାମରେ ମଧ୍ୟ ଅନୁରୂପ ଶିକ୍ଷା ରହିଛି :

**'ଧର୍ମସଂକ୍ରାନ୍ତରେ କୌଣସି ପ୍ରକାର ବାଧ୍ୟବାଧକତା ନାହିଁ'** (Ch2:v 257) ବୋଲି ପବିତ୍ର କୁରଆନରେ ବର୍ଣ୍ଣନା କରାଯାଇଛି । (ଦ୍ରଷ୍ଟବ୍ୟ)

ଉପରୋକ୍ତ ଆଦେଶ ବଳରେ ଇସଲାମ ଧର୍ମ ତରବାରୀ ଦ୍ୱାରା ବ୍ୟାପିଛି ବୋଲି ଯେଉଁ ମିଥ୍ୟା ଆରୋପ କରାଯାଇଛି କୁରଆନ ତାହାକୁ ଯେ କେବଳ ଖଣ୍ଡନ କରେ ତା ନୁହେଁ, ବରଂ ଏହା ମଧ୍ୟ କୁହେ ଯେ କୌଣସି ଧର୍ମରେ ବିଶ୍ୱାସ ଆଣିବା ବିଷୟ ମନୁଷ୍ୟ ଏବଂ ଈଶ୍ୱରଙ୍କ ମଧ୍ୟରେ ନ୍ୟସ୍ତ କରାଯାଇଛି ଓ କାହାରିକୁ ଏଥିରେ ହସ୍ତକ୍ଷେପ କରିବାର ଅଧିକାର ଦିଆ ଯାଇନାହିଁ । ଏହିପରି ଭାବେ ନିଜସ୍ୱ ଧାର୍ମିକ ବିଶ୍ୱାସ ଅନୁସାରେ ଜୀବନଯାପନ କରିବା ଏବଂ ନୀତି ନିୟମ ପାଳନ କରିବା ପାଇଁ

ପ୍ରତ୍ୟେକ ବ୍ୟକ୍ତିଙ୍କୁ ଅନୁମତି ଦିଆଯାଇଛି ।

ସୁତରାଂ ଧର୍ମକୁ ଆୟୁଧ କରି ଯଦି କେହି ଏପରି ବିଧି ପାଳନ କରୁଥିବ, ଯାହା ଅନ୍ୟର କ୍ଷତି କଲା ଭଳି କୌଣସି କାର୍ଯ୍ୟ ହେବ ଏବଂ ନିଜ ଦେଶର ଆଇନ କାନୁନକୁ ଉଂଲଘନ କରୁଥିବ, ତେବେ ସେଠାକାର କର୍ତ୍ତୃପକ୍ଷ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରନ୍ତି । କାରଣ କଠୋର ଧର୍ମନୀତି ପାଳନ କରିବା ପାଇଁ କୌଣସି ମହାପୁରୁଷ ଶିକ୍ଷା ଦେଇ ନାହାନ୍ତି । ସୁତରାଂ ଶାନ୍ତି ପ୍ରତିଷ୍ଠା ପାଇଁ ଏହି ମୌଳିକ ନିୟମ କେବଳ ନିଜ ସ୍ଥାନରେ ନୁହେଁ, ଆନ୍ତର୍ଜାତିକ ସ୍ତରରେ ମଧ୍ୟ ପ୍ରଯୁଜ୍ୟ ।

ଅଧିକନ୍ତୁ ଇସଲାମ ଆମକୁ ଏହା ମଧ୍ୟ ଶିଖାଏ ଯେ ଧର୍ମ ପରିବର୍ତ୍ତନ କରିବା ଫଳରେ ଯଦି କୌଣସି ସାମାଜିକ ଗୋଷ୍ଠୀ ବା ସରକାର ତୁମ ଧର୍ମ ପାଳନରେ ହସ୍ତକ୍ଷେପ କରିବାକୁ ଚେଷ୍ଟା କରିବ ଯାହା ତୁମ ପରବର୍ତ୍ତୀ ଅବସ୍ଥାକୁ ବଦଳାଇ ଦେବ, ତା'ହେଲେ ସର୍ବଦା ଏହା ମନେରଖ ଯେ ତୁମେ କୌଣସି ପ୍ରକାର ମନ୍ଦ ଉଦ୍ଦେଶ୍ୟ ବା ବିଦ୍ୱେଷ ମନରେ ରଖିବ ନାହିଁ କି କାହା ପ୍ରତି ପ୍ରତିଶୋଧ ପରାୟଣ ହେବ ନାହିଁ । ବରଂ ନ୍ୟାୟଶୀଳତା ଓ ସାମ୍ୟନୀତି ଅବଲମ୍ବନ କରିବ । ସୁତରାଂ ପବିତ୍ର କୁରଆନ ଏହିପରି ବ୍ୟକ୍ତ କରିଛି:

> **ହେ ବିଶ୍ୱାସକାରୀମାନେ, ତୁମେମାନେ ନ୍ୟାୟ ସଂଗତ ଭାବରେ ଏବଂ ନିରପେକ୍ଷ ହୋଇ ସାକ୍ଷ୍ୟ ପ୍ରଦାନ କର ଏବଂ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ଦୃଢ ରୁହ ଏବଂ କୌଣସି ଧର୍ମର ଶତ୍ରୁତା ଏବଂ ସାଂପ୍ରଦାୟିକ ତିକ୍ତ ମନୋଭାବ ତୁମମାନଙ୍କୁ ପ୍ରକୃତ ନ୍ୟାୟ ପଥରୁ ବିରତ ନ କରୁ ଏବଂ ନ୍ୟାୟକୁ ଛାଡି ଅନ୍ୟଥା କରିବାକୁ କଦାପି ନ ପ୍ରବର୍ତ୍ତାଉ । ପରନ୍ତୁ ତୁମେମାନେ ସକଳପ୍ରାଣୀ ସହିତ ନ୍ୟାୟ କର,ଏହା ହିଁ ତୁମକୁ ଧର୍ମଭୀରୁତାର ଅଧିକ ନିକଟବର୍ତ୍ତୀ କରାଇବ । ଏବଂ ଅଲ୍ଲାଃଙ୍କୁ ଭୟ କର । ତୁମେମାନେ ଯାହା କରୁଅଛ, ବାସ୍ତବରେ ଅଲ୍ଲାଃ ସେ ବିଷୟରେ ଜାଣନ୍ତି । (ଅଲ୍ ମାଏଦା 9)**

ସମାଜରେ ଶାନ୍ତି ରକ୍ଷା ପାଇଁ ଏହା ହେଉଛି ପ୍ରକୃଷ୍ଟ ଶିକ୍ଷା । ଶତ୍ରୁ ସମ୍ବନ୍ଧରେ ମଧ୍ୟ କେବେବି ନ୍ୟାୟପଥରୁ ବିଚ୍ୟୁତ ହୁଅ ନାହିଁ । ଇସଲାମର ପ୍ରାରମ୍ଭିକ ଇତିହାସକୁ ଅନୁଧ୍ୟାନ କଲେ ଜଣାଯିବ ଯେ ମୁସଲମାନମାନେ ନ୍ୟାୟର ଲକ୍ଷ୍ୟ ହାସଲ କରିବା ସକାଶେ ଏହି ଶିକ୍ଷାକୁ ଯତପରୋନାସ୍ତି ଅନୁସରଣ କରୁଥିଲେ । ଏହାର ବହୁ ସଂଖ୍ୟକ ଉଦାହରଣ ରହିଛି । ମୁଁ ଏଠାରେ ସେସବୁ ତ ବଖାଣି ପାରିବି ନାହିଁ, ମାତ୍ର ମକ୍କା ବିଜୟର ସେହି ଗୋଟିଏ ଉଦାହରଣ ଦେବି ଯାହା ଇତିହାସ ପୃଷ୍ଠାରେ ଅମିଟ୍ୟ ସାକ୍ଷ୍ୟ ବହନ କରିଛି । ଯେତେବେଳେ ହଜରତ ମହମ୍ମଦ[ସ] ବିଜୟର ବାନା ଉଡାଇ ନିଜ

ମାତୃଭୂମି ମକ୍କା ସହରରେ ପ୍ରବେଶ କଲେ, ମକ୍କାବାସୀ କୁରେଶ ଗୋଷ୍ଠୀର ପରାଜିତ ଶତ୍ରୁମାନଙ୍କ ବିରୁଦ୍ଧରେ ସେ କୌଣସି ପ୍ରତିଶୋଧ ନେଲେ ନାହିଁ, ବରଂ ଯେଉଁମାନେ ମୁସଲମାନମାନଙ୍କୁ ଅକଥନୀୟ ଯନ୍ତ୍ରଣା ଦେଇଥିଲେ, କରୁଣାର ଅବତାର ସେମାନଙ୍କୁ କ୍ଷମା କରିଦେଲେ । କେବଳ ସେତିକି ନୁହେଁ, ସେମାନେ ନିଜ ଧର୍ମରେ ଦୃଢ ରହିବା ପାଇଁ ମଧ୍ୟ ସେ ଅନୁମତି ପ୍ରଦାନ କରିଥିଲେ । ଏହି ଅବିସ୍ମରଣୀୟ ଘଟଣାରୁ ଜଣାପଡୁଛି ଯେ ଶତ୍ରୁଙ୍କୁ ନ୍ୟାୟ ପ୍ରଦାନ କଲେ ହିଁ ଏବେ ବି ଶାନ୍ତି ପ୍ରତିଷ୍ଠା ହୋଇପାରିବ । ଧର୍ମଦ୍ରୋହୀ ଉଗ୍ରପନ୍ଥୀଙ୍କ ବିରୁଦ୍ଧରେ କେବଳ ଯୁଦ୍ଧ ସମୟରେ ନୁହେଁ, ବରଂ ଅନ୍ୟ ସବୁ ପ୍ରକାର ଯୁଦ୍ଧକାଳୀନ ପରିସ୍ଥିତିରେ ମଧ୍ୟ ନ୍ୟାୟ ପ୍ରଦାନ କରାଯିବ । ଫଳତଃ ଶତ୍ରୁମାନଙ୍କ ସହିତ ନ୍ୟାୟ ମନୋଭାବ ପୋଷଣ କରିବା ଦ୍ୱାରା ହିଁ କେବଳ ଚିରସ୍ଥାୟୀ ଶାନ୍ତି ମିଳିପାରିବ ।

ବିଗତ ଶତାବ୍ଦୀରେ ଦୁଇଟି ଲୋମହର୍ଷଣକାରୀ ବିଶ୍ୱଯୁଦ୍ଧ ହୋଇଥିଲା । ଏହାର କାରଣ ଯାହା ହୋଇଥାଉ ନା କାହିଁକି, ପ୍ରଥମ ବିଶ୍ୱଯୁଦ୍ଧର ଏକମାତ୍ର କାରଣ ସଠିକ ରୂପେ ନ୍ୟାୟର ଯଥାର୍ଥତାକୁ ପ୍ରତିପାଦିତ କରିପାରିଲା ନାହିଁ । ପାଉଁଶରେ ପରିଣତ ନିର୍ବାପିତ ଅଗ୍ନି ଧୀରେ ଧୀରେ କୁହୁଳିବାକୁ ଲାଗିଲା । ପରିଶେଷରେ ତାହା ଆକସ୍ମିକ ଭାବରେ ପ୍ରକାଣ୍ଡ ଅଗ୍ନିଶିଖା ରୂପେ ବିସ୍ଫୋଟିତ ହେଲା ଓ ଦ୍ୱିତୀୟ ଥର ସମଗ୍ର ପୃଥିବୀକୁ କବଳିତ କଲା ।

ବର୍ତ୍ତମାନ ସମାଜରେ ଅସ୍ଥିରତା ଏପରି ବୃଦ୍ଧି ପାଉଛି ଯେ ଏକ ପକ୍ଷେ ଶାନ୍ତି ଅବ୍ୟାହତ ରଖିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି ଓ ଅପରପକ୍ଷେ ରହିଛି ଯୁଦ୍ଧର କରାଳ ଛାୟା । ସତେ ଯେପରି ଉଭୟ ପ୍ରକ୍ରୀୟା ଅନ୍ୟ ଏକ ବିଶ୍ୱଯୁଦ୍ଧ ଅଭିମୁଖେ ଧାବମାନ ହେଉଛି ଏବଂ ଏକକୁ ଆରେକ ଅତିକ୍ରମ କରିଯିବାକୁ ଚେଷ୍ଟିତ ଅଛନ୍ତି । ଅଧିକନ୍ତୁ ବର୍ତ୍ତମାନ ସବୁଦେଶର ଅର୍ଥନୈତିକ ଏବଂ ସାମାଜିକ ସମସ୍ୟା ଅଧିକ ଜଟିଳ ପରିସ୍ଥିତି ସୃଷ୍ଟି କରୁଛି ।

ପୃଥିବୀରେ ଶାନ୍ତି ସ୍ଥାପନ କରିବାର ମାର୍ଗଦର୍ଶନ ପାଇଁ ପବିତ୍ର କୁରଆନ କେତେକ ଉତ୍କୃଷ୍ଟ ନିୟମ ପ୍ରଣୟନ କରିଛି । ପ୍ରକୃତ ପକ୍ଷେ ଅତିଶୟ ଲୋଭ ହିଁ ଶତ୍ରୁତା ସୃଷ୍ଟି ହେବାର ମୂଳ କାରଣ । କେବେ ଏହା କେଉଁଠାରେ ଆଞ୍ଚଳିକ ସୀମା ବୃଦ୍ଧି ସକାଶେ ଶକ୍ତି ପ୍ରୟୋଗ ଯୋଗୁଁ ହୋଇଥାଏ ତ ଆଉ କେଉଁଠି ଅନ୍ୟ କାହାର ପ୍ରାକୃତିକ ସଂପଦକୁ ଅନଧିକାର ଦଖଲ କରିବା କାରଣରୁ ହୋଇଥାଏ । ବାସ୍ତବରେ ଦେଖିଲେ, ଗୋଟିଏ ରାଷ୍ଟ୍ର ଅନ୍ୟ ରାଷ୍ଟ୍ର ଉପରେ ନିଜର ଆଧିପତ୍ୟ ବିସ୍ତାର କରିବାରେ ଲାଗିଛି, ଫଳରେ ଏହା କ୍ରୂରତାକୁ ପ୍ରଶୟ ଦେଉଛି । ପୁଣି ନିର୍ଦ୍ଦୟ

ଶାସକଙ୍କ ହାତରେ ଶାସନଭାର ପଡିଗଲେ ଲୋକଙ୍କ ଅଧିକାରକୁ ବଳପୂର୍ବକ ଛଡାଇ ନିଆଯାଉଛି ତ ଅନ୍ୟ କେଉଁଠି ତାହା ବାହ୍ୟ ଶକ୍ତିର ନିୟନ୍ତ୍ରଣକୁ ଚାଲିଯାଉଛି । ପରିଣାମରେ ସ୍ୱେଚ୍ଛାଚାରୀମାନେ ନିଜର ନ୍ୟସ୍ତ ସ୍ୱାର୍ଥ ହାସଲ କରିବା ପାଇଁ କ୍ଷମତାର ଅପପ୍ରୟୋଗ କରି ପ୍ରଭୁତ୍ୱ ଜାହିର କରିବାରେ ଅଦମ୍ୟ ପ୍ରଚେଷ୍ଟା କରୁଛନ୍ତି । ବେଳେବେଳେ ତୀବ୍ର ମାନସିକ ଯନ୍ତ୍ରଣାରେ ପୀଡିତ ଓ ନିଷ୍ଠୁରତାର ଶୀକାର ହେଉଥିବା ବ୍ୟକ୍ତିର ଆକୁଳ ଚିତ୍କାର କାହାରିକୁ ଶୁଭେ ନାହିଁ, ଅଥଚ ସେ ଆରପାରିକୁ ଚାଲିଯାଏ ।

ଇସଲାମର ଦିବ୍ୟ ଅବତାରଙ୍କ ଏପରି ଏକ ମୌଳିକ ନୀତି ଶିକ୍ଷା ଆମ ପାଇଁ ପ୍ରଣିଧାନ ଯୋଗ୍ୟ: 'ଅତ୍ୟାଚାରିତ ଏବଂ ଅତ୍ୟାଚାରୀ ଉଭୟଙ୍କୁ ସାହାଯ୍ୟ କର' । ପ୍ରଥମତଃ ଯେଉଁ ବ୍ୟକ୍ତିଙ୍କୁ ଦୁଃଖ କଷ୍ଟ ଦିଆଯାଇଛି ସେହି ବ୍ୟକ୍ତିଙ୍କୁ ସାହାଯ୍ୟ କରିବା ଯଥାର୍ଥ ବୋଲି ମହମ୍ମଦଙ୍କ ଅନୁଚରଗଣ ବୁଝିଗଲେ । କିନ୍ତୁ ଜଣେ ନିଷ୍ଠୁର ଓ ଅତ୍ୟାଚାରୀ ବ୍ୟକ୍ତିକୁ କିପରି ସାହାଯ୍ୟ କରା ଯାଇପାରିବ, ସେ ବିଷୟ ବୁଝି ନପାରି ସେମାନେ ପଚାରିବାରୁ ହଜରତ ମହମ୍ମଦ[ସଅ] କହିଲେ, 'ଯଦି ସେହି ନିଷ୍ଠୁର ଆଚରଣକାରୀ ବ୍ୟକ୍ତିଙ୍କୁ ସେହି କାର୍ଯ୍ୟରୁ ନିବୃତ୍ତ କରାଯିବ, ତେବେ ସେ ଈଶ୍ୱରଙ୍କ କ୍ରୋଧର କବଳିତ ହେବ ନାହିଁ ଓ ପ୍ରଭୁଙ୍କ ଦ୍ୱାରା ଦଣ୍ଡିତ ହେବାରୁ ରକ୍ଷା ପାଇଯିବ । ତେଣୁ ଦୟା ପରବଶ ହୋଇ ସେହି ବ୍ୟକ୍ତିଙ୍କୁ ବଞ୍ଚାଇବାକୁ ଚେଷ୍ଟା କର । ସୁତରାଂ ଏହି ନୀତିକୁ ସମାଜର ଅତି ସୂକ୍ଷ୍ମ ସ୍ତରରୁ ଆନ୍ତର୍ଜାତିକ ସ୍ତର ପର୍ଯ୍ୟନ୍ତ ଲାଗୁ କରାଯାଇ ପାରିବ । କଳହରେ ଲିପ୍ତ ଶାନ୍ତି ଭଙ୍ଗକାରୀଙ୍କୁ ଉପଦେଶ ଦେଇ ପବିତ୍ର କୁରଆନରେ ଈଶ୍ୱର କୁହନ୍ତି:

> **"ଏବଂ ଯଦି ବିଶ୍ୱାସକାରୀଙ୍କ ମଧ୍ୟରୁ ଦୁଇ ଗୋଷ୍ଠୀ ପରସ୍ପର ମଧ୍ୟରେ କଳହ କରନ୍ତି, ତେବେ ସେମାନଙ୍କ ମଧ୍ୟରେ ଶାନ୍ତି ସ୍ଥାପନ କରାଇଦିଅ । ତା'ପରେ ଯଦି କେହି ଅନ୍ୟ ଉପରେ ଆକ୍ରମଣ କରେ, ତେବେ ସମସ୍ତେ ଏକତ୍ରିତ ହୋଇ ସେହି ନିୟମ ଉଲଙ୍ଘନକାରୀ ଅତ୍ୟାଚାରୀ ବିରୁଦ୍ଧରେ ସଂଗ୍ରାମ କର, ଯେପରିକି ସେ ଅଲ୍ଲାଃଙ୍କ ଆଦେଶ ପ୍ରତି ଫେରିଆସିବ; ଯଦି ସେ ଫେରିଆସେ ତେବେ କହଳକାରୀମାନଙ୍କ ମଧ୍ୟରେ ନ୍ୟାୟ ପୂର୍ବକ ଶାନ୍ତି ସ୍ଥାପନ କର ଏବଂ ନ୍ୟାୟ ବିଚାରକୁ ପ୍ରାଧାନ୍ୟ ଦିଅ, କାରଣ ଅଲ୍ଲାଃ ନ୍ୟାୟକୁ ପସନ୍ଦ କରନ୍ତି" । (ଅଲ୍-ହୁଜୁରାତ 10)**

ଏହି ଶିକ୍ଷା ମୁସଲିମମାନଙ୍କ ପ୍ରତି ଅଭିପ୍ରେତ ହୋଇଥିଲେ ମଧ୍ୟ ସମଗ୍ର ମାନବ ସମାଜ ଏହାକୁ ଗୁରୁତ୍ୱ ସହକାରେ ଆପଣେଇ ପାରିଲେ, ବିଶ୍ୱରେ ଶାନ୍ତିର ଭିତ୍ତି ସ୍ଥାପନ ହୋଇପାରିବ ।

ବସ୍ତୁତଃ ଶାନ୍ତି ବଜାୟ ରଖିବା ପାଇଁ ନ୍ୟାୟର ସର୍ବାଧିକ ଆବଶ୍ୟକତା ରହିଛି ବୋଲି ଉପରୋକ୍ତ ଉଦ୍ଧୃତାଂଶରେ ବୁଝାଇ ଦିଆଯାଇଛି । ନ୍ୟାୟସଙ୍ଗତ ନୀତିକୁ ପରିହାର କରି ଶାନ୍ତି ପାଇଁ ଯେତେ ପ୍ରୟାସ କଲେ ମଧ୍ୟ ତାହା ବିଫଳ ହୁଏ । ତେଣୁ ଯେଉଁ ଗୋଷ୍ଠୀ ନ୍ୟାୟଭିତ୍ତିକ ଆଇନ ଉଲଙ୍ଘନ କରିବା ଦ୍ୱାରା ଶାନ୍ତି ଭଙ୍ଗ କରୁଛି, ତୁମେ ଏକତ୍ରିତ ହୋଇ ଏହାର ପ୍ରତିରୋଧ କର ଏବଂ ଯେ ପର୍ଯ୍ୟନ୍ତ ସେମାନେ ନ୍ୟାୟସଂଗତ ବୁଝାମଣା ପୂର୍ବକ ଶାନ୍ତି ଫେରାଇ ଆଣିବାକୁ ପ୍ରସ୍ତୁତ ନ ହୋଇଛନ୍ତି, ସେ ପର୍ଯ୍ୟନ୍ତ ଏହି ସଂଗ୍ରାମ ଜାରି ରଖ । ସେହି ଆକ୍ରାମକ ଗୋଷ୍ଠୀ ସେଥିପାଇଁ ପ୍ରସ୍ତୁତ ହୋଇଗଲେ, ନ୍ୟାୟର ଆବଶ୍ୟକତା ଅବଶ୍ୟ ପୂରଣ ହେବ । ତାହା ଏହିପରି:'କାହାର ପ୍ରତିଶୋଧ ନିଅନାହିଁ, ସେହି ଗୋଷ୍ଠୀର ଲୋକଙ୍କ ପ୍ରତି କୌଣସି କଟକଣା ବା ପ୍ରତିବନ୍ଧକ ଲାଗୁ କରନାହିଁ ଏବଂ ସେମାନଙ୍କ ଉପରେ ଦୟାର୍ଦ୍ର ଦୃଷ୍ଟି ରଖି ତାଙ୍କ ଅବସ୍ଥାରେ ଉନ୍ନତି ଆଣିବା ପାଇଁ ଚେଷ୍ଟା କର ।'

କେତେକ ଦେଶରେ ଦୃଷ୍ଟାନ୍ତ ସ୍ୱରୂପ ଦୁର୍ଭାଗ୍ୟବଶତଃ କେତେକ ମୁସଲିମ ରାଷ୍ଟ୍ରରେ ଦେଖାଦେଇଥିବା ପ୍ରବଳ ଅସ୍ଥିରତା ଓ ଉତ୍ତେଜିତ ଅବସ୍ଥାକୁ ବିଲୋପ କରିବା ପାଇଁ ସେମାନେ ପ୍ରତ୍ୟାଖାନ କରୁଥିବା Veto କ୍ଷମତା ପ୍ରାପ୍ତ ଦେଶଗୁଡିକ ଠାରୁ ସାହାଯ୍ୟ ଭିକ୍ଷା କରୁଛନ୍ତି ସତ, ଅଥଚ ସେମାନଙ୍କ ପ୍ରତି ଉଚିତ ନ୍ୟାୟ ପ୍ରଦାନ କରୁଛନ୍ତି କି ନାହିଁ ତାହାକୁ ନିଶ୍ଚିତ କରାଯାଇ ପାରୁନାହିଁ । ପରାକ୍ରମଶାଳୀ ଦେଶ ଆଡକୁ ହସ୍ତ ପ୍ରସାରଣ କରି ସାହାଯ୍ୟ ଭିକ୍ଷା କରିବା ହେଉଛି ସେମାନଙ୍କର ନୀତିଗତ ଅଭ୍ୟାସ ।

ବ୍ରିଟିଶ ଇତିହାସର ଅତୀତ ପୃଷ୍ଠାକୁ ଲେଉଟାଇଲେ ସେମାନେ ନ୍ୟାୟୋଚିତ ବିଷୟକୁ ସମର୍ଥନ କରୁଥିବାର ପ୍ରମାଣ ଆମ ପାଖରେ ରହିଛି । ମୋତେ ଏହା ଉତ୍ସାହିତ କରିଥିବାରୁ ମୁଁ ଏହି ପ୍ରସଙ୍ଗରେ ବକ୍ତବ୍ୟ ରଖିଛି ଏବଂ ଏଥିପ୍ରତି ଆପଣମାନଙ୍କ ଧ୍ୟାନ ଆକର୍ଷଣ କରୁଛି ।

ବିଶ୍ୱରେ ଶାନ୍ତି ଫେରାଇ ଆଣିବାର ଆଉ ଏକ ପନ୍ଥା ପ୍ରତି ଆମର ଶିକ୍ଷା ହେଉଛି: 'ଅନ୍ୟ କାହାର ଧନ ଉପରେ ଲୋଲୁପ ଦୃଷ୍ଟି ପକାଅ ନାହିଁ ।' ପବିତ୍ର କୁରଆନ କୁହେ:

> **ଏବଂ ଆମ୍ଭେ ଯାହାକିଛି ପାର୍ଥିବ ଧନର ଝକଟକ୍ୟ ସେମାନଙ୍କ ମଧ୍ୟରୁ କେତେକ ଶ୍ରେଣୀର ଲୋକଙ୍କୁ ପ୍ରଦାନ କରିଅଛୁ, ତୁମ୍ଭେ ତା'ଉପରେ ନିଜ ଦୃଷ୍ଟି ବିସ୍ତାରିତ କରି ଦେଖନାହିଁ । କାରଣ ସେମାନେ ଅତି ସ୍ୱଳ୍ପ ସମୟ ପାଇଁ ତାହାକୁ ଉପଭୋଗ କରିବେ, ତଦ୍ଦ୍ୱାରା ଆମ୍ଭେ ସେମାନଙ୍କୁ ପରୀକ୍ଷା କରିବୁ ।** (ତା-ହା 132)

ଈର୍ଷା ପରାୟଣ ହୋଇ କାହାରି ଧନ ପ୍ରତି ଲୋଭାସକ୍ତ ହେବା ଯୋଗୁଁ ପୃଥିବୀରେ ଅସ୍ଥିରତା ବୃଦ୍ଧି ପାଉଛି । ବ୍ୟକ୍ତିଗତ କ୍ଷେତ୍ରରେ ପଡୋଶୀମାନଙ୍କ ସହିତ ସାମାଜିକ ସ୍ତରରେ ସମାନ ହେବା ପାଇଁ ଯେଉଁ ଚେଷ୍ଟା କରାଯାଇଛି, ତାହା ଲାଳସା ବୃଦ୍ଧିର ସୀମା ଲଙ୍ଘନ କରୁଛି, ଫଳରେ ସେଥିଯୋଗୁଁ ସାମାଜିକ ଶାନ୍ତି ବ୍ୟାହତ ହୋଇଛି । ଜାତୀୟ ସ୍ତରରେ ଏପରି ଲାଳସାର ପ୍ରତିଯୋଗିତା ଚାଲିଛି, ଯାହା ବିଶ୍ୱଶାନ୍ତିକୁ ନଷ୍ଟ କରୁଛି । ଇତିହାସ ଆମକୁ ଏହା ପ୍ରମାଣିତ କରି ଦେଖାଇଛି । ପ୍ରତ୍ୟେକ ହିତାହିତ ଜ୍ଞାନଶୂନ୍ୟ ବ୍ୟକ୍ତି ମଧ୍ୟ ଏହା ଅନୁଭବ କରିପାରିବ ଯେ ଅନ୍ୟର ସଂପତ୍ତି ପ୍ରତି ହୃଦୟରେ ମନ୍ଦ ଉଦ୍ଦେଶ୍ୟ ଜାଗ୍ରତ ହେଲେ, ମନରେ ଈର୍ଷା ଓ ଲାଳସାର ମାତ୍ରା ବୃଦ୍ଧି ପାଇବା ସ୍ୱାଭାବିକ । ଫଳରେ ଏହା ମନୁଷ୍ୟର ଅନେକ କ୍ଷତି କରିବ । ସୁତରାଂ ଅଲ୍ଲାଃ କହିଛନ୍ତି ଯେ କେବଳ ନିଜସ୍ୱ ସମ୍ବଳ ପ୍ରତି ଦୃଷ୍ଟି ରଖି ଏହାର ଯତ୍ନ କଲେ ତହିଁରୁ ଜଣେ ବ୍ୟକ୍ତି ଲାଭବାନ ହୋଇ ପାରିବ ଓ ନିଜ କ୍ଷେତ୍ରର ପ୍ରାକୃତିକ ସଂପଦକୁ ଉପାର୍ଜନକ୍ଷମ କରିପାରିଲେ ତହିଁରୁ ପ୍ରଚୁର ଅର୍ଥଲାଭ କରିପାରିବ । ପୃଥିବୀରେ ରାଜ୍ୟଗୋଷ୍ଠୀ ଶକ୍ତି ସମୂହ ଅନ୍ୟ ଦେଶର ପ୍ରାକୃତିକ ସମ୍ପଦ ଆହରଣ କରିବାରେ ବ୍ୟସ୍ତ ରହିଛନ୍ତି । ବିଭିନ୍ନ ସରକାରଙ୍କ ପରାମର୍ଶଦାତାମାନେ ଅନେକ ବହି ଲେଖିଛନ୍ତି, ଯହିଁରେ ଲୋଭାତୁର ଦେଶମାନେ ଅନ୍ୟ ଦେଶର ଜାତୀୟ ସଂପତ୍ତିକୁ କରାୟତ୍ତ କରିବା ପାଇଁ କିପରି ଉଦ୍ୟମ କରୁଛନ୍ତି ସେ ସମ୍ବନ୍ଧରେ ବର୍ଣ୍ଣନା କରିଛନ୍ତି । ତାହା କେତେ ଦୂର ସତ, ଅଲ୍ଲାଃଙ୍କୁ ଅଗୋଚର ନଥିବ । କିନ୍ତୁ ସେହି ସବୁ ଗରିବ ଦେଶର ଜାତୀୟତାବାଦୀ ଓ ଦେଶଭକ୍ତ ଲୋକଙ୍କ ହୃଦୟକୁ କେତେ ଯେ ବ୍ୟଥିତ କରୁଥିବ, ତାହା ଜାଣିବା କଷ୍ଟକର । ସନ୍ତ୍ରାସବାଦ କାର୍ଯ୍ୟକଳାପ ବୃଦ୍ଧି ହେବା ଏବଂ ପ୍ରତିଦ୍ୱନ୍ଦ୍ୱିତାମୂଳକ ମାରଣାସ୍ତ୍ର ଗଚ୍ଛିତ କରି ଅମୂଲ୍ୟ ଜୀବନ ଧ୍ୱଂସ କରିବା କାର୍ଯ୍ୟରେ ଲଗାଇବା ହିଁ ଏହାର ମୁଖ୍ୟ କାରଣ ହୋଇଛି ।

ଆଜିର ବିଶ୍ୱ ପୂର୍ବାପେକ୍ଷା ଅଧିକ ସଂଯତ ଓ ସଚେତନ ଥିବାରୁ ସାମ୍ପ୍ରତିକ ଶିକ୍ଷାର ମାନ ବହୁତ ଉନ୍ନତ ବୋଲି ବିବେଚନା କରାଯାଉଛି । ଏପରିକି ଗରିବ ଦେଶରେ ଅନେକ ବିଜ୍ଞ ବ୍ୟକ୍ତି ଅଛନ୍ତି, ଯେଉଁମାନେ ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ ଅଛନ୍ତି । ସେମାନେ ପୃଥିବୀର ବିଭିନ୍ନ ବଡ ବଡ ଗବେଷଣା କେନ୍ଦ୍ରରେ ନିଜର ପ୍ରଖର ବୁଦ୍ଧି ପ୍ରୟୋଗ କରି ଦେଶକୁ ସମୃଦ୍ଧଶାଳୀ କରିବାରେ ସାହାଯ୍ୟ କରିଥାନ୍ତି । ଏଥିରୁ ସହଜରେ ଅନୁମେୟ ହୁଏ ଯେ ଏକମନ ଏକପ୍ରାଣ ହୋଇ କାର୍ଯ୍ୟ କଲେ ଅସତ୍ ଚିନ୍ତା ଓ ଭ୍ରାନ୍ତ ପଥକୁ ସଂପୂର୍ଣ୍ଣ ରୂପେ ପରିହାର କରିହେବ । ଅତୀତର ବୁଦ୍ଧିହୀନ ଆଚରଣ ଯୋଗୁଁ ଶତ୍ରୁତା ଏପରି ବୃଦ୍ଧି ପାଇଥିଲା ଯେ ତାହା ଭୟଙ୍କର ଯୁଦ୍ଧର ରୂପ

ଧାରଣ କରିଥିଲା । ତେବେ ଜଣେ ଅନ୍ୟର ସମ୍ବଳରୁ ଲାଭ ଉଠାଇବା ପାଇଁ ପ୍ରଭୁ ଦତ୍ତ ବୌଦ୍ଧିକ ଜ୍ଞାନକୁ ଖଟାଇଲେ ତାହା ମାନବ ସମାଜର ଅଶେଷ କଲ୍ୟାଣ ସାଧନ କରିପାରିବ ଓ ଆଧୁନିକ ଜ୍ଞାନ କୌଶଳ ଏବଂ ବୈଜ୍ଞାନିକ ପଦ୍ଧତି ଦ୍ୱାରା ସେ ପ୍ରଚୁର ଲାଭବାନ୍ ହୋଇପାରିବ ।

ଅଲ୍ଲାଃ ପ୍ରତ୍ୟେକ ଦେଶକୁ ପ୍ରାକୃତିକ ସଂପଦରେ ଭରି ଦେଇଛନ୍ତି । ଏହାକୁ ପୂର୍ଣ୍ଣ ମାତ୍ରାରେ ବିନିଯୋଗ କଲେ ନିଃସନ୍ଦେହରେ ପୃଥିବୀ ଏକ ଶାନ୍ତିର ଆଶ୍ରୟ ସ୍ଥଳରେ ପରିଣତ ହେବ । ବିଭିନ୍ନ ଫସଲ ଉପୁଜାଇବା ପାଇଁ ଅନେକ ଦେଶର ଜଳବାୟୁକୁ ଅନୁକୂଳ କରାଇ ଅଲ୍ଲାଃ ଜୀବନ ଧାରଣର ସମସ୍ତ ଆବଶ୍ୟକତାକୁ ପୂରଣ କରିଛନ୍ତି । ଯଦି ଉପଯୁକ୍ତ ଯୋଜନା କରି ଆଧୁନିକ କୃଷି ଯନ୍ତ୍ରପାତିକୁ ଋଷକାର୍ଯ୍ୟରେ ବିନିଯୋଗ କରାଯାଆନ୍ତା, ତା' ହେଲେ ଦେଶର ଆର୍ଥିକ ଅବସ୍ଥା ସୁଦୃଢ ହୁଅନ୍ତା ଏବଂ ପୃଥିବୀରୁ ଅନାହାରର ମୂଳୋତ୍ପାଟନ କରାଯାଇ ପାରନ୍ତା ।

ଖଣିଜ ସଂପଦରେ ଭରା ଦେଶଗୁଡିକ ସୁଲଭ ମୂଲ୍ୟରେ ନିଜର ଖଣିଜ ପଦାର୍ଥ ଅନ୍ୟ ଦେଶକୁ ରପ୍ତାନି କରିବା ପାଇଁ ଖୋଲା ବଜାରରେ ବ୍ୟବସାୟ କରିବାର ସୁଯୋଗ ପାଇବା ଉଚିତ । ବାଣିଜ୍ୟ କାରବାର ପାଇଁ ପାରସ୍ପରିକ ଉତ୍ତମ ବୁଝାମଣାର ଏହି ଏକ ମାତ୍ର ପଥକୁ ସ୍ୱୀକାର କରିବାକୁ ହେବ, ଯାହାକୁ ଅଲ୍ଲାଃ ଆମପାଇଁ ଚୟନ କରିଛନ୍ତି ।

ଅଲ୍ଲାଙ୍କର ନିକଟବର୍ତ୍ତୀ ହେବାର ପଥ ଦର୍ଶାଇବା ପାଇଁ ବାର୍ତ୍ତାବହମାନେ ଆସିଥାନ୍ତି ଓ ସେହିପରି ଧର୍ମ ବିଶ୍ୱାସରେ ଆମକୁ ପୂର୍ଣ୍ଣ ସ୍ୱାଧୀନତା ଦେଇଥାନ୍ତି । ଆମର ବିଶ୍ୱାସ, ମୃତ୍ୟୁ ପରେ ହିଁ ଅଲ୍ଲାଃଙ୍କ ଦ୍ୱାରା ପୁରସ୍କାର ପ୍ରଦାନ ବା ଶାସ୍ତିବିଧାନ କରାଯାଏ । ତାଙ୍କ ବିଧାନ ଅନୁସାରେ ଯେତେବେଳେ ତାହାଙ୍କ ଦ୍ୱାରା ସୃଷ୍ଟ ମାନବ ପ୍ରତି ନିର୍ଦ୍ଦୟତା ଓ ନିଷ୍ଠୁରତା ପ୍ରୟୋଗ କରାଯାଏ ଏବଂ ତା'ର ନ୍ୟାୟ ସଙ୍ଗତ ଓ ବାଧାଶୂନ୍ୟ ଚଳଣିକୁ ଅଗ୍ରାହ୍ୟ କରିଦିଆଯାଏ, ସେତେବେଳେ ଏହି ଦୁନିଆରେ ପରିବର୍ତ୍ତୀ ପ୍ରଭାବ ଅତି ଭୟଙ୍କର ଭାବେ ଦେଖାଦିଏ । ଯାହାକି ଅନ୍ୟାୟର ପ୍ରତିଫଳନ ସ୍ୱରୂପ ପଡୁଥିବା ଯୋଗୁଁ ତାହା ଭୁଲ କି ଠିକ ମଣିଷ ଜାଣିପାରେ ନାହିଁ ।

ସୁତରାଂ ଗରିବ ଦେଶମାନଙ୍କୁ ଉପଯୁକ୍ତ ମର୍ଯ୍ୟାଦା ପ୍ରଦାନ କରିବା ପାଇଁ ସମସ୍ତ ପ୍ରକାର ଉଦ୍ୟମ ହେବା ଆବଶ୍ୟକ । ତା'ହେଲେ ଯାଇ ପ୍ରକୃତ ଅର୍ଥରେ ପୃଥିବୀ ଜୟ କରାଯିବାର ଅଭିଳାଷ ପୂରଣ ହୋଇପାରିବ ।

ଆର୍ଥିକ ସଂକଟମୟ ପରିସ୍ଥିତି ହେଉଛି ଆଜିର ମୁଖ୍ୟ ସମସ୍ୟା । ଏହାକୁ ଋଣରେ ଦେବାଳିଆ (Credit crunch) ହୋଇଯିବା ଅବସ୍ଥା ବୋଲି କୁହାଯାଉଛି ।

ଯେତେ ପ୍ରକାର ବିଚିତ୍ର ସ୍ଥିତି ପରିଲକ୍ଷିତ ହେଉଥିଲେ ବି ଏହାର କାରଣ ଗୋଟିଏ । ପବିତ୍ର କୋରାନର ଏହି ଶିକ୍ଷା ଆପଣେଇବା ଦ୍ୱାରା ଆମକୁ ଉପରୋକ୍ତ ସଂକଟରୁ ନିସ୍ତାର ମିଳିଥାଏ: ତାହା ହେଉଛି 'ସୁଧରୁ ବଞ୍ଚିତ ରୁହ, କାରଣ ଏହା ଏପରି ଏକ ଅଭିଶାପ ଯାହା ଆମର ପାରିବାରିକ, ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ଶାନ୍ତି ପ୍ରତି ବିପଦ ସୃଷ୍ଟି କରେ ।' ଯେଉଁ ବ୍ୟକ୍ତି ସୁଧ ଗ୍ରହଣ କରେ ତା' ଉପରେ ଦିନେ ଶୟତାନ ପ୍ରବଳ ପ୍ରହାର କରି ତା'ର ମତିଭ୍ରମ ଘଟାଇଥାଏ ଓ ତାକୁ ସର୍ବସ୍ୱାନ୍ତ କରିଦିଏ । ତେଣୁ ଆମକୁ ଏଥିପ୍ରତି ସତର୍କ କରାଯାଇଛି ଯେ ଏପରି ପରିସ୍ଥିତିରୁ ରକ୍ଷା ପାଇବା ପାଇଁ ସୁଧ ଲେଣ ଦେଣ କାରବାର ବନ୍ଦ କରାଯିବା ଜରୁରି । କାରଣ ସୁଧ ପଇଠ କରି ଟଙ୍କା ଆଣିବା ଆମର ଧନ ବୃଦ୍ଧି କରେନାହିଁ, ଉପରନ୍ତୁ ବହୁତ ଧନ ମିଳିଯିବା ଭଳି ଦେଖାଯାଉଥିଲେ ମଧ୍ୟ ତାହା ସାମୟିକ ଭାବରେ ଅଭାବ ମେଣ୍ଟାଉଥିବାର ଜଣାପଡେ । ସମୟ ଆସିବ ଯେତେବେଳେ ଏହାର ପ୍ରକୃତ ଫଳାଫଳ ସମସ୍ତଙ୍କୁ ଦୃଷ୍ଟିଗୋଚର ହେବ । ଆମକୁ ଏ ବିଷୟରେ ଆହୁରି ମଧ୍ୟ ସଚେତନ କରାଯାଇଛି ଯେ 'କୌଣସି ସୁଧ କାରବାରରେ ଲିପ୍ତ ହୁଅ ନାହିଁ ଓ ସୁଧଯୁକ୍ତ କରଜ ନେଇ ବ୍ୟବସାୟ କରନାହିଁ । କାରଣ ଏହି କାର୍ଯ୍ୟ ଈଶ୍ୱରଙ୍କ ବିରୁଦ୍ଧରେ ଯୁଦ୍ଧ କରିବା ସହିତ ସମାନ । ଏହାର କୁପରିମାଣ ଅତି ସୁସ୍ପଷ୍ଟ । ଆରମ୍ଭରେ ସଂପତ୍ତି ଠୁଳ କରିବା ବା ବାସଗୃହ କିଣିବା ପାଇଁ ଜଣେ ଲୋକ ସୁଧକୁ ଟଙ୍କା ଆଣିଥାଏ ସତ, ମାତ୍ର ତା' ଜୀବନକାଳ ମଧ୍ୟରେ ତାହା ଭୋଗ କରିପାରେ ନାହିଁ । ମାଲିକାନା ହାସଲ କରିବା ପୂର୍ବରୁ ସେ ଋଣଗ୍ରସ୍ତ ହୋଇ ମରିଯାଏ । ସେହି ବାସଗୃହ ବା ସଂପତ୍ତିର ମାଲିକ ହେବାର ଅବଶୋଷ ତା ମନରେ ହିଁ ରହିଯାଏ । ବର୍ତ୍ତମାନ ଅନେକ ସରକାର ମଧ୍ୟ ଋଣର ବୋଝ ନେଇ ବସିଛନ୍ତି । ଅନେକ ବଡ ବଡ କମ୍ପାନୀ ଋଣ ପରିଶୋଧ କରିବାକୁ ଅକ୍ଷମ । ଅନେକ ବ୍ୟାଙ୍କ ଓ ଅର୍ଥ ଲଗାଣକାରୀ ସଂସ୍ଥା ବନ୍ଦ ହୋଇଯାଇଛି ତ ଆଉ କେତେକ ବନ୍ଧା ପଡିଛନ୍ତି । ଧନୀ ହେଉ କି ଗରିବ, ପ୍ରତ୍ୟେକ ଦେଶରେ ଏପରି ପରିସ୍ଥିତି ସୃଷ୍ଟି ହୋଇଛି । ଏହି ସ୍ଥିତି ସମ୍ବନ୍ଧରେ ଆପଣମାନେ ମୋ ଠାରୁ ଅଧିକ ଜାଣନ୍ତି । ଜମାକାରୀଙ୍କ ଟଙ୍କା ମୂଳପୋଛ ହୋଇ ବୁଡିଯାଇଛି । କିପରି ସେମାନେ ଟଙ୍କା ଫେରସ୍ତ ପାଇବେ ତାହା ସରକାରଙ୍କ ମୁଣ୍ଡବ୍ୟଥାର କାରଣ ହୋଇଛି । ଏହି ଋଣରେ ଆକ୍ରାନ୍ତ ବହୁ ପରିବାର, ବ୍ୟବସାୟୀ, ସରକାରୀ କର୍ମଚାରୀ ଓ ନେତାଙ୍କ ଶାନ୍ତି ନଷ୍ଟ ହୋଇଯାଇଛି ଓ ସେମାନଙ୍କ ସଂସାର ଉଜୁଡି ଯିବାକୁ ବସିଛି ।

ତେବେ ଏହାର ଯୁକ୍ତିଯୁକ୍ତ ସମାଧାନ କ'ଣ ହୋଇପାରେ ? ପୃଥିବୀରେ ଏପରି ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ ବୋଲି ଆମକୁ ବହୁ ଆଗରୁ ଚେତାଇ

ଦିଆଯାଇଥିଲେ ମଧ୍ୟ ଆମର ଭୁଲ ପାଇଁ ଆଜି ପଶ୍ଚାତାପ କରିବାକୁ କଣ ଏହା ବାଧ୍ୟ କରୁନାହିଁ କି ? ଏହି ଅବସ୍ଥାର ପରବର୍ତ୍ତି ଫଳାଫଳ କ'ଣ ହେବ ତାହା ଅଲ୍ଲାଃଙ୍କୁ ଭଲ ଭାବେ ଅବଗତ ଥିବ ।

ସର୍ବଶକ୍ତିମାନ ଅଲ୍ଲାଃ କହିଛନ୍ତି: 'ଶାନ୍ତି ଲାଭ କରିବାକୁ ଆସ, ତାହାର ସ୍ଥାୟିତ୍ୱକୁ କିପରି ବଜାୟ ରଖାଯିବ, ସେ ସଂପର୍କରେ ସେତେବେଳେ ନିଶ୍ଚିତ ପ୍ରତିଶ୍ରୁତି ମିଳିପାରିବ, ଯେତେବେଳେ ବହୁତ ଭାବି ଚିନ୍ତି ବିଧିବଦ୍ଧ ଭାବେ ବ୍ୟବସାୟ ବା ଋଷକାର୍ଯ୍ୟ କରାଯିବ ଓ ଅସାଧୁ ଉପାୟରେ କୌଣସି କାରବାର କରାଯିବ ନାହିଁ ।' ତା'ହେଲେ ସଂପଦର ସଦ୍ ବିନିଯୋଗ ହେବ ଏବଂ ସମ୍ବଳର ଉତ୍ସକୁ ସଠିକ ଭାବେ ସମୁଚିତ ଲଗାଣରେ ସ୍ୱଚ୍ଛତା ଅବଲମ୍ବନ କରାଯିବ ।

ପରିଶେଷରେ ଆମ ନୀତିଶିକ୍ଷାର ଏହି ସଂକ୍ଷିପ୍ତ ତଥ୍ୟ ଉପସ୍ଥାପନ କରି ଆଉ ଥରେ ଆପଣମାନଙ୍କୁ ମନେ ପକାଇ ଦେବାକୁ ଋହେ ଯେ ପରମସତ୍ତା ଅଲ୍ଲାଃଙ୍କ ଅଭିମୁଖେ ପ୍ରତ୍ୟାବର୍ତ୍ତନ କଲେ ବିଶ୍ୱରେ ପ୍ରକୃତ ଶାନ୍ତି ସ୍ଥାପିତ ହୋଇପାରିବ । ଏହି ସୂକ୍ଷ୍ମ ତତ୍ତ୍ୱକୁ ବୁଝିବା ପାଇଁ ଅଲ୍ଲାଃ ଜଗତବାସୀଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ତା'ପରେ ହିଁ ଅନ୍ୟ ପ୍ରତି ନିଜର କର୍ତ୍ତବ୍ୟ ସଂପାଦନ କରିବା ପାଇଁ ଆପଣମାନେ ସମର୍ଥ ହୋଇପାରିବେ ।

ଶେଷରେ ଯେଉଁମାନେ ମୋର ବକ୍ତବ୍ୟ ଶୁଣିବା ସକାଶେ ଏଠାକୁ ଆସିଛନ୍ତି ସେମାନଙ୍କୁ ପୁନର୍ବାର କୃତଜ୍ଞତା ଜଣାଉଛି ।

**- ଅଶେଷ ଧନ୍ୟବାଦ -**





# ଇସଲାମ ଧର୍ମରେ ଦେଶପ୍ରେମ ଓ ଅନୁରକ୍ତି

## ଜର୍ମାନୀର କୋବଲେଞ୍ଜ ସହରସ୍ଥିତ ମୁଖ୍ୟ ସେନାବାହିନୀ କେନ୍ଦ୍ରରେ ଖଲିଫାଙ୍କ ଉଦ୍‌ବୋଧନ -୨୦୧୨





Brigadier General Alois Bach of
the German Federal Army
with Hadrat Khalifatul-Masih V[aba]




Hadrat Khalifatul-Masih V[aba] addressing
the German Federal Army





1. Colonel Ulrich, 2. Brigadier General Bach, 3. Colonel Trautvetter, and 4. Colonel I.G. Janke, meeting Hadrat Mirza Masroor Ahmad, Khalifatul-Masih V[aba]



# ଇସଲାମ ଧର୍ମରେ ଦେଶପ୍ରେମ ଓ ଅନୁରକ୍ତି

ବିସମିଲ୍ଲାହିର୍-ରହମା ନିର୍-ରହିମ୍: ଅଶେଷ ଦୟାବାନ ଏବଂ ସଦା କରୁଣାମୟ ଅଲ୍ଲାଃଙ୍କ ନାମ ନେଇ ମୁଁ ଆରମ୍ଭ କରୁଅଛି ।

ଅସ୍ସଲାମୁ ଆଲେକୁମ୍ ରହମତୁଲ୍ଲାହି ଓ ବରକାତୋହୁ: ଆପଣମାନଙ୍କ ପ୍ରତି ଅଲ୍ଲାଃଙ୍କର ଶାନ୍ତି ଓ କୃପା ହେଉ ।

ଏହି ଅବସରରେ ମୁଁ ପ୍ରଥମେ ଆପଣମାନଙ୍କୁ ଧନ୍ୟବାଦ ଦେବାକୁ ଚାହୁଅଛି । କାରଣ ଆପଣମାନେ ମୋତେ ଏହି ମିଲେଟାରୀ କେନ୍ଦ୍ରକୁ ଆସିବା ପାଇଁ ନିମନ୍ତ୍ରଣ କଲେ ଏବଂ ଏଠାରେ କିଛି କହିବା ପାଇଁ ସୁଯୋଗ ଦେଲେ ।

ଅହମଦୀୟା ମୁସଲିମ ସଂପ୍ରଦାୟର ମୁଖ୍ୟ ଭାବରେ ମୁଁ ଆପଣଙ୍କୁ ଇସଲାମର ନୀତିଶିକ୍ଷା ସମ୍ବନ୍ଧରେ କିଛି କହିବା ପାଇଁ ଚାହୁଁଛି । ଏହି ବିଷୟ ଏତେ ବ୍ୟାପକ ଯେ ଖୁବ୍ କମ୍ ସମୟ ମଧ୍ୟରେ ବିସ୍ତାର ପୂର୍ବକ ଗୋଟିଏ ମାତ୍ର ଅଧିବେଶନରେ ବର୍ଣ୍ଣନା କରିବା ମୋ ପକ୍ଷେ ଅସମ୍ଭବ । ସେଥିପାଇଁ ଏଠାରେ ଇସଲାମୀୟ ଶିକ୍ଷାର କୌଣସି ଗୋଟିଏ ଦିଗ ପ୍ରତି ଆଲୋକପାତ କଲେ ଠିକ୍ ହେବ ।

ଇସଲାମର କେଉଁ ପ୍ରସଙ୍ଗ ଉପରେ କହିବି, ତାହା ସ୍ଥିର କରିବା ପାଇଁ ମୁଁ ଯେତେବେଳେ ଚିନ୍ତାମଗ୍ନ ଥିଲି, ଜର୍ମାନୀର ଜାତୀୟ ଅମୀର-ଅବଦୁଲ୍ଲାଃ ୱାଗସ ହାଉଜର ସାହେବଙ୍କ ଅନୁରୋଧ ମୋ ନିକଟରେ ପହଞ୍ଚିଲା ଯେ ଦେଶ ପ୍ରତି ପ୍ରେମ ଓ ଅନୁରକ୍ତି ସମ୍ବନ୍ଧରେ ଇସଲାମର ଯେଉଁ ଶିକ୍ଷା ରହିଛି, ତାହା ଉପରେ ବକ୍ତବ୍ୟ ପ୍ରଦାନ କଲେ ଉତ୍ତମ ହୁଅନ୍ତା । ତାଙ୍କର ଏହି ପ୍ରସ୍ତାବଟି ମୋ ବକ୍ତବ୍ୟ ପାଇଁ ଉପଯୁକ୍ତ ବିଷୟବସ୍ତୁ ରୂପେ ନିଷ୍ପତ୍ତି ଗ୍ରହଣ କରିବାରେ ସାହାଯ୍ୟ କଲା । ତେଣୁ ମୁଁ ଏହି

ସନ୍ଦର୍ଭରେ ଇସଲାମର ଯେଉଁ ସବୁ ଶିକ୍ଷା ରହିଛି, ତାହାର କେତେକ ଦିଗ ପ୍ରତି ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରିବି ।

ନିଜ ଦେଶ ପ୍ରତି ଆନୁଗତ୍ୟ ପ୍ରକାଶ କରିବା ଓ ଦେଶକୁ ଭଲ ପାଇବା ବିଷୟ କାହାଠାରୁ ଶୁଣି ନେବା କିମ୍ବା ମୁହଁରେ କହିଦେବା ଭାରି ସହଜ ମନେ ହୁଏ । କିନ୍ତୁ ପ୍ରକୃତରେ ଏହାର ଅର୍ଥ ବ୍ୟାପକ । ଏହି ଶବ୍ଦ ଭିତରେ ରହିଥିବା ଗୁଢ ତତ୍ତ୍ୱ ଅତି ସୁନ୍ଦର, ସାବଲୀଳ ଓ ହୃଦୟସ୍ପର୍ଶୀ । ଏହାର ବାସ୍ତବ ମର୍ମକୁ ଭଲ ଭାବରେ ବୁଝିବା ଏବଂ ଏହାର ତଦନ୍ତର୍ଗତ ତାତ୍ତ୍ୱିକ ଅର୍ଥ କ'ଣ, ତାହାକୁ ହୃଦୟଙ୍ଗମ କରିବା ବହୁତ କଷ୍ଟକର । ତେବେ ସମୟର ସ୍ୱଳ୍ପତା ଦୃଷ୍ଟିରୁ ମୁଁ ଦେଶପ୍ରେମ ଓ ଦେଶାନୁରକ୍ତି ସମ୍ପର୍କିତ ଇସଲାମୀୟ ସିଦ୍ଧାନ୍ତ ଯାହା ରହିଛି, ସେ ସମ୍ବନ୍ଧରେ ବୁଝାଇବାକୁ ପ୍ରୟାସ କରିବି ।

ଇସଲାମର ସର୍ବପ୍ରଥମ ମୌଳିକ ନୀତିଶିକ୍ଷା ହେଉଛି, ଜଣେ ବ୍ୟକ୍ତିର କହିବା ଓ କରିବା ଭିତରେ କୌଣସି ପାର୍ଥକ୍ୟ ନ ରହୁ ଓ ସେ କପଟତାପୂର୍ଣ୍ଣ ଆଚରଣ ଠାରୁ ଦୂରେଇ ରହୁ । ଦେଶ ପ୍ରତି ବାସ୍ତବ ଅନୁରକ୍ତି ପ୍ରକାଶ କରିବା ପାଇଁ ଜଣେ ନିଷ୍ଠାବାନ ଓ ସଚ୍ଚୋଟ ହେବା ଏକାନ୍ତ ଆବଶ୍ୟକ । ସେଥିପାଇଁ ଏହା ଜରୁରୀ ଯେ ଜଣେ ବ୍ୟକ୍ତି ବାହାରକୁ ଯାହା ପ୍ରକାଶ କରେ, ଗୋପନରେ ମଧ୍ୟ ତା' ହୃଦୟର ଭାଷା ତାହାହିଁ କହିବ । ଜାତୀୟତାର ପ୍ରଶ୍ନ ଉଠିଲେ ଏହି ନୀତିର ଗୁରୁତ୍ୱ ଆହୁରି ଅଧିକ ବଢିଯାଏ । କୌଣସି ଦେଶରେ ବସବାସ କରୁଥିବା ବ୍ୟକ୍ତି ସେହି ଦେଶ ସହିତ ପ୍ରକୃତ ଆନୁଗତ୍ୟ ଏବଂ ବିଶ୍ୱାସନୀୟତା ଭିତ୍ତିକ ସଂପର୍କ ସୃଷ୍ଟି କରୁ । ସେହି ଦେଶର ସେ ମୂଳ ବାସିନ୍ଦା ହୋଇଥାନ୍ତୁ କିମ୍ବା ଅନ୍ୟ କୌଣସି ଦେଶରୁ ଆସି ପ୍ରବାସୀ ରୂପେ ସେହି ଦେଶର ନାଗରିକତ୍ୱ ଗ୍ରହଣ କରିଥାନ୍ତୁ, ସେ ସମସ୍ତେ ଆନୁଗତ୍ୟ ପ୍ରକାଶ ଓ ସଂପର୍କ ସୃଷ୍ଟି କରିବାରେ ସମାନ ମନୋବୃତ୍ତି ପୋଷଣ କରିବା ବିଧେୟ ।

ଅନୁରକ୍ତି ଏକ ଅତି ଉତ୍ତମ ଗୁଣ । ଈଶ୍ୱର ପ୍ରେରିତ ମହାପୁରୁଷମାନେ ଏହାର ମହତ୍ତ୍ୱକୁ ବୁଝି ସର୍ବୋଚ୍ଚ ମାନ୍ୟତା ପ୍ରଦାନ କରିଥାନ୍ତି । ଏହାକୁ ନିଜ ଜୀବନରେ ଆଦରି ନେଇ ପ୍ରକାଶ୍ୟରେ ଏହାର ପରିପ୍ରକାଶ ମଧ୍ୟ କରିଥାନ୍ତି । ନିଜ ସ୍ରଷ୍ଟା ସହିତ ସେମାନଙ୍କ ପ୍ରେମର ସଂପର୍କ ଏତେ ଦୃଢ ହୋଇଥାଏ ଯେ ଈଶ୍ୱରଙ୍କ ଆଦେଶାବଳୀ ସେମାନଙ୍କ ପାଇଁ ଶିରୋଧାର୍ଯ୍ୟ । ନିଜ ଜୀବନରେ ସେମାନେ ସଂପୂର୍ଣ୍ଣ ରୂପେ ସେହି କର୍ତ୍ତବ୍ୟକୁ କିପରି ପାଳନ କରିବେ, ସେଥିପାଇଁ ସବୁମନ୍ତେ ଚେଷ୍ଟିତ ଥା'ନ୍ତି । ଏହାଦ୍ୱାରା ପରମେଶ୍ୱରଙ୍କ ସହିତ ସେମାଙ୍କର ସଂପର୍କ ନିବିଡ ହୁଏ ଏବଂ ସେମାନଙ୍କ ଠାରେ ଉଚ୍ଚକୋଟିର ଦେଶ ଭକ୍ତି ପ୍ରକାଶିତ ହୋଇଥାଏ । ତେଣୁ ସେହି ସ୍ତରର ଦେଶ ପ୍ରେମ ଓ ତ୍ୟାଗର ଭାବନାକୁ ଆମେ ନିଜର ଆଦର୍ଶ ରୂପେ ଗ୍ରହଣ

କରିବା ଉଚିତ । ତେବେ ସେ ଯାହାହେଉ, ମୋର ଏହି ବକ୍ତବ୍ୟରେ ଅଧିକ କିଛି କହିବା ପୂର୍ବରୁ ବିଶ୍ୱସ୍ତତା ଓ ଭକ୍ତି ପ୍ରକୃତରେ କ'ଣ, ତାହା ବୁଝିବା ଆବଶ୍ୟକ ।

ଇସଲାମର ଶିକ୍ଷା ଅନୁଯାୟୀ ବିଶ୍ୱସନୀୟତା (Loyalty)ର ପ୍ରକୃତ ସଂଜ୍ଞା ହେଉଛି: ଯେ କୌଣସି କଷ୍ଟକର ପରିସ୍ଥିତିରେ ହେଉ ପଛେ, ସବୁ ପ୍ରକାର ପ୍ରତିକୂଳ ବାଧାବିଘ୍ନର ମୁକାବିଲା କରି ଓ ସନ୍ଦେହମୁକ୍ତ ହୋଇ ପ୍ରତିଶ୍ରୁତି ପୂରଣ କରିବା ଏବଂ ପ୍ରତ୍ୟେକ ସ୍ତରରେ ସାମ୍ବିଧାନିକ ଚୁକ୍ତି ଅନୁସାରେ କର୍ତ୍ତବ୍ୟ ପାଳନ କରିବା ପାଇଁ ଅଙ୍ଗୀକାରବଦ୍ଧ ହେବା । ଏହା ହିଁ ବିଶ୍ୱସନୀୟତାର ପ୍ରକୃତ ତାତ୍ପର୍ଯ୍ୟ । ଇସଲାମ ଧର୍ମରେ ଏହା ଅତ୍ୟାବଶ୍ୟକ ।

ଅଲ୍ଲାଃ ପବିତ୍ର କୁରଆନର ବିଭିନ୍ନ ସ୍ଥାନରେ ମୁସଲମାନମାନଙ୍କୁ ନିଜ ପ୍ରତିଶ୍ରୁତି ରକ୍ଷା କରିବା ଓ ଅଙ୍ଗୀକାରକୁ ପାଳନ କରିବା ପାଇଁ ଏଥିଯୋଗୁଁ ନିର୍ଦ୍ଦେଶ ଦେଇଛନ୍ତି ଯେ ସେମାନେ ଅଲ୍ଲାଃଙ୍କ ନିକଟରେ ଉତ୍ତରଦାୟୀ ରହିବେ । ସେହି ନିର୍ଦ୍ଦେଶଗୁଡିକ ମଧ୍ୟରେ ସର୍ବପ୍ରଥମେ ଈଶ୍ୱରଙ୍କ ପ୍ରତି ରହିଥିବା ସେମାନଙ୍କ ଅଙ୍ଗୀକାରକୁ ପୂରଣ କରିବା ସହିତ ଜୀବଦ୍ଦଶାର ଆବଶ୍ୟକତା ଦୃଷ୍ଟିରୁ ଅନ୍ୟାନ୍ୟ ପ୍ରତିଶ୍ରୁତିର ଗୁରୁତ୍ୱ ଉପଲବ୍ଧି କରି ସେ ସବୁକୁ କାର୍ଯ୍ୟକାରୀ କରିବାକୁ ହେବ ।

ଏଠାରେ ପ୍ରଶ୍ନ ଉଠିପାରେ ଯେ ମୁସଲମାନମାନେ ନିଜର ବ୍ୟକ୍ତିଗତ ଧର୍ମ ଓ ଈଶ୍ୱରଙ୍କ ପ୍ରତି ରହିଥିବା ସେମାନଙ୍କ କର୍ମ ସଂପାଦନ କରିବାରେ ସର୍ବାଧିକ ପ୍ରାଥମିକତା ଦେଇଥାନ୍ତି । ତେଣୁ ସେମାନଙ୍କ ପାଇଁ ଈଶ୍ୱର ବନ୍ଦନା ଓ ଭକ୍ତିପୂତ ଉପାସନା ହେଉଛି ଅଧିକ ମୂଲ୍ୟବାନ । ସୁତରାଂ ସେମାନେ ନିଜ ଦେଶ ପ୍ରତି ଅନୁରକ୍ତ ହେବାକୁ ଦ୍ୱିତୀୟ ଅଗ୍ରାଧିକାର ସ୍ୱରୂପ ଗ୍ରହଣ କରିଥାନ୍ତି । କେବଳ ଆବଶ୍ୟକ ପଡିଲେ ସେମାନେ ସ୍ଥଳ ବିଶେଷରେ ନିଜ ଦେଶ ପାଇଁ ତ୍ୟାଗ ସ୍ୱୀକାର କରିବାର ମନୋଭାବ ପୋଷଣ କରିଥାନ୍ତି ।

ଏହାର ଉତ୍ତର ଦେବାକୁ ଯାଇ ମୁଁ ପ୍ରଥମେ ଆପଣମାନଙ୍କୁ ଅବଗତ କରାଯିବା ଉଚିତ ମନେ କରୁଛି । ଦିବ୍ୟ ବାର୍ତ୍ତାବହ ମୁହମ୍ମଦ[ସ]ଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ନୀତିଶିକ୍ଷା ହେଉଛି : 'ଦେଶପ୍ରେମ ଧର୍ମବିଶ୍ୱାସର ଏକ ଅବିଚ୍ଛେଦ ଅଙ୍ଗ' । ତେଣୁ ଇସଲାମ ନିଷ୍ଠାପୂର୍ଣ୍ଣ ଦେଶଭକ୍ତି ଆବଶ୍ୟକ କରେ । ଈଶ୍ୱର ଏବଂ ଇସଲାମକୁ ପ୍ରେମ କରିବାର ଯଥାର୍ଥତା ଏହା ବ୍ୟକ୍ତ କରୁଛି ଯେ ଜଣେ ବ୍ୟକ୍ତି ନିଜ ଦେଶକୁ ଆନ୍ତରିକତା ସହିତ ପ୍ରେମ କରୁ । ଏଥିରୁ ଏହା ସୁସ୍ପଷ୍ଟ ହେଉଛି ଯେ ଈଶ୍ୱରଙ୍କୁ ଭଲ ପାଇବା ଏବଂ ସ୍ୱଦେଶକୁ ଭଲ ପାଇବା ମଧ୍ୟରେ କୌଣସି ବିଭେଦ ନାହିଁ । ଯେହେତୁ ସ୍ୱଦେଶ ପ୍ରୀତି ଇସଲାମର ଏକ ଅଂଶବିଶେଷ, ତେଣୁ ଦେଶଭକ୍ତିର ସର୍ବୋତ୍ତମ ଶିଖରରେ

ପହଞ୍ଚିବା ପାଇଁ ଚେଷ୍ଟା କରିବା ପ୍ରତ୍ୟେକ ମୁସଲମାନ ପକ୍ଷରେ ଅତ୍ୟନ୍ତ ଜରୁରି, ଯଦ୍ୱାରା ସେ ଈଶ୍ୱରପ୍ରାପ୍ତି ଓ ତାହାଙ୍କ ସାନିଧ୍ୟ ଲାଭ କରିବାର ଗୌରବ ଅର୍ଜନ କରିପାରିବ । ସୁତରାଂ ଜଣେ ମୁସଲମାନର ଈଶ୍ୱର ପ୍ରେମ ଯେ ନିଜ ଦେଶ ପ୍ରତି ପ୍ରେମ ଓ ସଦିଚ୍ଛା ପୋଷଣ କରିବାରେ କୌଣସି ପ୍ରକାର ପ୍ରତିବନ୍ଧକ ସୃଷ୍ଟି କରିବ,ଏହା ଅସମ୍ଭବ । ଦୁର୍ଭାଗ୍ୟବଶତଃ, କେତେକ ଦେଶରେ ଧର୍ମଗତ ଅଧିକାରରେ ଅଙ୍କୁଶ ଲଗାଯାଉଛି ଅଥବା ଏହାର ମୂଳୋତ୍ପାଟନ କରାଯାଉଛି । ଏହି ପରିସ୍ଥିତିକୁ ଅନୁଧ୍ୟାନ କଲେ ଅନ୍ୟ ଏକ ପ୍ରଶ୍ନ ଉଠୁଛି ଯେ ଯେଉଁମାନେ ନିଜ ଦେଶର ସରକାରଙ୍କ ଦ୍ୱାରା ନିର୍ଯାତିତ ହେଉଛନ୍ତି, ସେମାନେ କିଭଳି ଭାବରେ ସେହି ଦେଶ ପ୍ରତି ବିଶ୍ୱସ୍ତ ରହିବେ । ମୁଁ ଏହାକୁ ଅଧିକ ସ୍ପଷ୍ଟ କରି ଅତି ଦୁଃଖର ସହିତ କହିବି ଯେ ପାକିସ୍ତାନରେ ଠିକ୍ ଅନୁରୂପ ଅବସ୍ଥା ଲାଗି ରହିଛି । ସେଠାକାର ସାମ୍ବିଧାନିକ ଆଇନ ଲାଗୁ କରି ଆମ ଅହମଦୀୟା ସଂପ୍ରଦାୟକୁ ମାନବାଧିକାରରୁ ବଞ୍ଚିତ କରାଯାଉଛି । ସେଠାରେ ସରକାରଙ୍କ ଅଧ୍ୟାଦେଶ ବଳରେ ଅଣ ଅହମଦୀୟା ଆଇନ ବଳବତ୍ତର ରହିଛି । ସୁତରାଂ ପାକିସ୍ତାନରେ ବସବାସ କରୁଥିବା ସମସ୍ତ ଅହମଦିଙ୍କୁ ବେଆଇନ ଭାବରେ 'ଅଣ ମୁସଲିମ୍' ଘୋଷଣା କରାଯାଇଛି । ଫଳତଃ ଆଇନ ଅନୁଯାୟୀ ସେମାନେ ନିଜକୁ ମୁସଲମାନ ବୋଲାଇ ପାରିବେ ନାହିଁ, ମୁସଲମାନଙ୍କ ପରି ଉପାସନା କରି ପାରିବେ ନାହିଁ, ଇସଲାମୀୟ କର୍ମବିଧି ଅନୁଯାୟୀ ସେମାନେ ନିଜ ଧର୍ମ ପାଳନ କରି ପାରିବେ ନାହିଁ, ଯଦ୍ୱାରା ସେମାନେ ମୁସଲମାନ ହୋଇଥିବାର ପରିଚୟ ମିଳିପାରିବ । ଏପରିକି ଇସଲାମ ଧର୍ମରେ ଯେଉଁ ପାଞ୍ଚୋଟି ମୌଳିକ ନୀତି ପ୍ରଣୟନ କରାଯାଇଛି, ସେମାନଙ୍କ ପାଇଁ ପାକିସ୍ତାନରେ ସେ ସବୁକୁ ପାଳନ କରିବାର ମୌଳିକ ଅଧିକାର ମଧ୍ୟ ସଂପୂର୍ଣ୍ଣ ରୂପେ କ୍ଷୁର୍ଣ୍ଣ ହୋଇଛି ।

ଏହି ଗୁରୁତର ଦୁରାବସ୍ଥା ମଧ୍ୟରେ ଗତି କରୁଥିବା ଜଣେ ନିଷ୍ପେସିତ ଅହମଦି ମୁସଲମାନ କିପରି ସେହି ମାତୃଭୂମିର ଆଇନକୁ ଅନୁସରଣ କରିବ ? ଯେଉଁଠି ତାହାର ବଞ୍ଚିବାର ସାମାନ୍ୟତମ ଅଧିକାର ତା'ଠାରୁ ଛଡାଇ ନିଆଯିବ ? ମାନସିକ ଯନ୍ତ୍ରଣାରେ ଜର୍ଜରିତ ହୋଇ କାଳାତିପାତ କରୁଥିବା ଜଣେ ଦେଶଭକ୍ତ କିପରି ସେହି ଦେଶର ବିଶ୍ୱସ୍ତ ନାଗରିକ ହୋଇ ରହିବାକୁ ଇଚ୍ଛା କରିବ ? ମୁଁ ସ୍ପଷ୍ଟ ରୂପେ କହିବାକୁ ଚାହେ ଯେ ଯେବେ ଏହି ଚରମ ପରିସ୍ଥିତି ଉପୁଜେ, ସେ ଦେଶର ଆଇନ ତା ବାଟରେ ଚାଲେ ଏବଂ ଦେଶଭକ୍ତି ତା'ଠାରୁ ବିଚ୍ଛିନ୍ନ ହୋଇଯାଏ । ଆମେ ଅହମଦି ମୁସଲମାନମାନେ ଏହା ବିଶ୍ୱାସ କରୁ ଯେ ପ୍ରତ୍ୟେକ ବ୍ୟକ୍ତି ପାଇଁ ଧର୍ମ ଏକ ବ୍ୟକ୍ତିଗତ ବିଷୟ, ଯେଉଁ ଧର୍ମ ବିଧାନ ପ୍ରତି ସେ ଦୃଢ଼ ଆସ୍ଥା ସ୍ଥାପନ କରିଥାଏ, ତାହା ହିଁ

ତା'ର ଧର୍ମ । ଧର୍ମ ପାଳନରେ କୌଣସି ପ୍ରକାର ବାଧ ବାଧକତା ନାହିଁ ବୋଲି ପବିତ୍ର କୁରଆନରେ ସ୍ପଷ୍ଟ ଉଲ୍ଲେଖ ରହିଛି । ତାହାର ଏହି ଜନ୍ମସିଦ୍ଧ ଅଧିକାରରେ ଆଇନର ହସ୍ତକ୍ଷେପ ନିଃସନ୍ଦେହ କୁରଆନ ବିରୋଧି କାର୍ଯ୍ୟ । ଅଧିକନ୍ତୁ ଏହା ନିଷ୍ଠୁରତା, ଅତ୍ୟାଚାର ଓ ବର୍ବରତାର ପରିଚୟ ପ୍ରଦାନ କରୁଛି । ପାକିସ୍ତାନ ସରକାରଙ୍କ ନିଷ୍ପତ୍ତି ଜନିତ ଅତ୍ୟାଚାରର ଏହି ଦମନଲୀଳା ସର୍ବତ୍ର ନିନ୍ଦିତ ହେଉଛି । ଯୁଗେ ଯୁଗେ ସଂଖ୍ୟାଲଘୁ ନବ ଦୀକ୍ଷିତମାନେ ସଂଖ୍ୟା ଗରିଷ୍ଠ ତଥା ପ୍ରବଳ ପ୍ରତାପୀ ଶାସକମାନଙ୍କ ଦ୍ୱାରା ଅଭାବନୀୟ ନିର୍ଯାତନାର ଶୀକାର ହୋଇଛନ୍ତି, ଯାହା ବିରୁଦ୍ଧରେ ବୃହତ ଭାଗ ଜନତା ପ୍ରତିବାଦର ସ୍ୱର ଉଠାଇଥାନ୍ତି ।

ଯଦି ଆମେ ୟୁରୋପୀୟ ଇତିହାସକୁ ଅନୁଧ୍ୟାନ କରିବା, ତେବେ ଏହି ମହାଦେଶର ଜନସମୂହ ଧର୍ମଭିତ୍ତିକ ନିର୍ଯାତନାର ଶୀକାର ହୋଇଥିବାର ଦେଖିବାକୁ ମିଳିବ । ଫଳରେ ହଜାର ହଜାର ଲୋକ ବାଧ ହୋଇ ଗୋଟିଏ ଦେଶରୁ ଅନ୍ୟ ଦେଶକୁ ପଳାୟନ କରିଥିଲେ । ଏହି କାର୍ଯ୍ୟକୁ ବହୁ ସ୍ପଷ୍ଟବାଦୀ ଚିନ୍ତାଶୀଳ ଐତିହାସିକ, ତତ୍କାଳୀନ ସରକାର ଓ ଜନସାଧାରଣ ଦୁର୍ଦ୍ଦାନ୍ତମୂଳକ ଅତ୍ୟାଚାର ଓ ଅମାନବୀୟତାର କଳଙ୍କିତ ଅଧ୍ୟାୟ ରୂପେ ମତ ବ୍ୟକ୍ତ କରିଛନ୍ତି । ଏପରି ପରିସ୍ଥିତିରେ ବିହିତ ପଦକ୍ଷେପ ସ୍ୱରୂପ ଇସଲାମର ଶିକ୍ଷା ହେଉଛି: 'ଯେତେବେଳେ ନିର୍ଯାତନା ଜନିତ ପୀଡ଼ା ଅସହ୍ୟ ହୁଏ ଓ ଏହା ସମସ୍ତ ସୀମା ଲଂଘନ କରେ, ସେତେବେଳେ ଜଣେ ବ୍ୟକ୍ତି ସେହି ଦେଶ ବା ସହରକୁ ଛାଡି ଏପରି ଅନ୍ୟ ଏକ ନିରାପଦ ସ୍ଥାନକୁ ଚାଲିଯିବା ଉଚିତ ଯେଉଁଠି ସେ ମୁକ୍ତ ଚିନ୍ତାଧାରାକୁ ନେଇ ଅବାଧରେ ନିଜର ଧର୍ମ ପାଳନର ସୁଯୋଗ ପାଇବ । ସୁତରାଂ ଏହି ନିର୍ଦ୍ଦେଶକୁ ଆପଣାଇବା ସହିତ ଇସଲାମ ଏହା ମଧ୍ୟ ଶିକ୍ଷା ଦିଏ ଯେ କୌଣସି ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଆଇନକୁ ହାତକୁ ନେବା ଉଚିତ ନୁହେଁ କିମ୍ବା ଦେଶ ପ୍ରତି ବିଶ୍ୱାସଘାତକତା କରି ଏହା ବିରୁଦ୍ଧରେ ଗୋପନ ଷଡଯନ୍ତ୍ର ରଚନା କରିବା ମଧ୍ୟ ଆଦୌ ଗ୍ରହଣୀୟ ନୁହେଁ । ଏହି ଆଦେଶକୁ ନିର୍ଦ୍ଦିଷ୍ଟ ରୂପେ ପାଳନ କରିବା ପାଇଁ ଇସଲାମର ସୁସ୍ପଷ୍ଟ ଶିକ୍ଷା ରହିଛି ।

ପ୍ରବଳ ଅତ୍ୟାଚାରର ସମ୍ମୁଖୀନ ହେଉଥିଲେ ସୁଦ୍ଧା ଲକ୍ଷ ଲକ୍ଷ ଅହମଦି ପାକିସ୍ତାନରେ ଅଦ୍ୟାବଧି ବାସ କରି ଆସୁଛନ୍ତି । ପ୍ରତ୍ୟେକ ଦିଗରୁ ନିଷ୍ପେସିତ ହେଉଥିଲେ ସୁଦ୍ଧା ସେମାନେ ଏହା ବିରୁଦ୍ଧରେ ପ୍ରତିବାଦ କରିବା ପାଇଁ କେବେ ମୁହଁ ଖୋଲନ୍ତି ନାହିଁ । ସେମାନଙ୍କ ଜୀବନରେ ମାନସିକ ଓ ଶାରୀରିକ ଉତ୍ପୀଡନ ଅତ୍ୟନ୍ତ ଦୁର୍ବିସହ ହୋଇ ପଡିଥିଲେ ମଧ୍ୟ ଦେଶ ଓ ଜାତିର ସେବାରେ ନିୟୋଜିତ ହେବାକୁ ପ୍ରତିକ୍ଷଣ ପ୍ରସ୍ତୁତ ଥା'ନ୍ତି । ଯେ କୌଣସି କାର୍ଯ୍ୟ କ୍ଷେତ୍ରରେ ଜୀବିକା ନିର୍ବାହ କରୁଥିଲେ

ବି ଦେଶର ଅଗ୍ରଗତି ଏବଂ ହିତ ସାଧନ ପାଇଁ ସର୍ବଦା ଉଦ୍ୟମରତ ଥା'ନ୍ତି । ବହୁ ଦଶନ୍ଧି ଧରି ଅହମଦୀୟା ସଂପ୍ରଦାୟର ପ୍ରତିପକ୍ଷ ଗୋଷ୍ଠୀ 'ଅହମଦୀମାନେ ଦେଶଭକ୍ତ ନୁହନ୍ତି' ବୋଲି ଯେତେ ଚିତ୍କାର କରୁଥିଲେ ସୁଦ୍ଧା ତାଙ୍କର ଗୋଟିଏ ହେଲେ ଅଭିଯୋଗକୁ ସେମାନେ ଆଜି ପର୍ଯ୍ୟନ୍ତ ପ୍ରମାଣସିଦ୍ଧ କରି ଦେଖାଇପାରି ନାହାନ୍ତି । ପାକିସ୍ତାନର କଲ୍ୟାଣ ପାଇଁ ଓ ଦେଶ ମାତୃକାର ସୁରକ୍ଷା ପାଇଁ ଯେତେବେଳେ ବି କୌଣସି ତ୍ୟାଗ ଓ ବଳିଦାନର ଆବଶ୍ୟକତା ପଡେ, ଅହମଦୀ ମୁସଲିମ ସର୍ବଦା ଅଗ୍ର ଭାଗରେ ଜାଗ୍ରତ ପ୍ରହରୀ ପ୍ରାୟ ଦଣ୍ଡାୟମାନ ହୋଇଥାନ୍ତି ଓ ସୁଯୋଗ ଆସିଲେ ଦେଶ ପାଇଁ ପ୍ରତ୍ୟେକ ପ୍ରକାର ତ୍ୟାଗ ସ୍ୱୀକାର କରିବା ନିମନ୍ତେ ତତ୍ପର ହୋଇ ଉଠନ୍ତି ।

ଦେଶର ଆଇନ ଚକିରେ ନିଜେ ପେଷି ହେଉଥିଲେ ସୁଦ୍ଧା କେବଳ ଅହମଦୀ ହିଁ ଅନ୍ୟ ସମସ୍ତଙ୍କ ଅପେକ୍ଷା ସର୍ବାଧିକ ଭାବରେ ଦେଶର ଆଇନକୁ ମାନି ଚଳନ୍ତି । ଅହମଦିମାନେ ପ୍ରକୃତ ମୁସଲମାନ ହୋଇଥିବାରୁ ଓ ବାସ୍ତବ ଇସଲାମ ଧର୍ମକୁ ପାଳନ କରୁଥିବା ଯୋଗୁଁ ସେମାନଙ୍କ ଜୀବନ ଦର୍ପଣରେ ଉତ୍ତମ ଆଦର୍ଶ ପ୍ରତିଫଳିତ ହୋଇଥାଏ । ବିଶ୍ୱସ୍ତ ହୋଇ ରହିବା ସମ୍ବନ୍ଧରେ କୁରଆନରେ ଯେଉଁ ଶିକ୍ଷା ପ୍ରଦାନ କରାଯାଉଛି ତାହା ହେଉଛି, ସମସ୍ତ ପ୍ରକାର ଅଭଦ୍ରାମି, ଦୁଷ୍ଟାମି ଓ ଅଶୋଭନୀୟ ଆଚରଣରୁ ନିବୃତ୍ତ ରହିବା । ଇସଲାମର ସୁନ୍ଦର ଓ ଆଦର୍ଶମୟ ଶିକ୍ଷା ଏହି ଦିଗ ପ୍ରତି ଆମକୁ ଅନୁପ୍ରେରିତ କରେ ଯେ ବିପଦର ଚରମ ପରିଣତି ଭୋଗ କରିବା ପୂର୍ବରୁ ଆମେ ସତର୍କତା ଅବଲମ୍ବନ କରିବା କେବଳ ଶ୍ରେୟସ୍କର ନୁହେଁ ବରଂ ଛୋଟ ଛୋଟ ବିଷୟରେ ମଧ୍ୟ ସଜାଗ ରହିବାକୁ ହେବ । ଅନ୍ୟଥା ତାହା ଆଗକୁ ବଢ଼ି ବଢ଼ି ମାନବିକତାକୁ ଧ୍ୱଂସମୁଖକୁ ଠେଲି ଦେବାର କାରଣ ହେବ ! ସୁତରାଂ ଇସଲାମ ଯେଉଁ ମାର୍ଗଦର୍ଶନ କରାଉଛି, ଯଦି ତାହାକୁ ଯଥାର୍ଥ ଭାବରେ ଅନୁସରଣ କରା ନ ଯିବ, ତେବେ ସକଳ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବ । ତାହା ପୂର୍ବରୁ ପ୍ରାରମ୍ଭରୁ ହିଁ ଏହାର ସମାଧାନ ହୋଇଯିବା ଆବଶ୍ୟକ ।

ଉଦାହରଣ ସ୍ୱରୁପ, କୌଣସି ବ୍ୟକ୍ତିର ଧନ ପ୍ରତି ଅତିଶୟ ଲୋଭ, ଦେଶର ମାତ୍ରାଧିକ କ୍ଷତି ସାଧନ କରିପାରେ । ଅଧିକାଂଶ ଲୋକଙ୍କୁ ବସ୍ତୁର ଲାଳସା ଓ ଧନର ନିଶା ଏତେ ମାତ୍ରାରେ ଘାରିଥାଏ ଯେ ସେମାନେ ନିଜ ଦେଶ ପ୍ରତି ବିଶ୍ୱସ୍ତ ହୁଅନ୍ତି ନାହିଁ, ବରଂ ସେମାନେ ଦେଶର ଆଇନକୁ ଉଲଂଘନ କରନ୍ତି । ଏହି ବିଦ୍ରୋହାତ୍ମକ କାର୍ଯ୍ୟକୁ ଆରବୀ ଭଷାରେ 'ବଗା' କୁହାଯାଏ । ବିଭିନ୍ନ ଅନୈତିକ କାର୍ଯ୍ୟ କରି ଅନ୍ୟର କ୍ଷତି ଘଟାଇବା, ବେଆଇନ କାର୍ଯ୍ୟରେ ଲିପ୍ତ ରହି ନିଜ ଦେଶକୁ

ପ୍ରତାରିତ କରିବା, ଅସାଧୁ ଉପାୟରେ ଧନାଦି ଉପାର୍ଜନ କରିବା ଓ ଜାଲିଆତି କରି ଅନ୍ୟର ଅର୍ଥ ଆତ୍ମସାତ କରିବା ପୂର୍ବକ ଦେଶ ତଥା ସମାଜର ପ୍ରଭୂତ କ୍ଷତି ସାଧନ କରିବା ଆଦି ବିଷୟରେ ଏହି ଶବ୍ଦ ବ୍ୟବହୃତ ହୁଏ । ଇସଲାମର ଶିକ୍ଷାରେ ଏହା ମଧ୍ୟ ସୂଚିତ ହୋଇଛି ଯେ ଯେଉଁମାନେ ଏପରି କାର୍ଯ୍ୟ କରନ୍ତି ସେମାନଙ୍କଠାରୁ କେବେ ବି ବିଶ୍ୱସ୍ତତା ବା ଆନୁଗତ୍ୟର ଆଶା କରାଯାଇ ପାରିବ ନାହିଁ । କାରଣ ନୈତିକତାର ଉଚ୍ଚମାନ ପ୍ରତିଷ୍ଠା ନ ହେଲେ ବିଶ୍ୱସ୍ତତା ତିଷ୍ଠି ପାରିବ ନାହିଁ । ଅଧିକନ୍ତୁ ବିଶ୍ୱସ୍ତତା ସ୍ଥାପିତ ନ ହେଲା ପର୍ଯ୍ୟନ୍ତ ଉଚ୍ଚ ନୈତିକ ମୂଲ୍ୟବୋଧ ମଧ୍ୟ ତିଷ୍ଠି ପାରିବ ନାହିଁ । ବିଭିନ୍ନ ଲୋକ ନିଜ ନିଜର ଦୃଷ୍ଟିଭଙ୍ଗୀରେ ନୈତିକ ମୂଲ୍ୟବୋଧର ମାନ ନିର୍ଦ୍ଧାରଣ କରିଥାନ୍ତି ସତ, ମାତ୍ର ଇସଲାମର ସିଦ୍ଧାନ୍ତ କେବଳ ଈଶ୍ୱରଙ୍କ ସନ୍ତୁଷ୍ଟି ଲାଭ ପାଇଁ କାର୍ଯ୍ୟ କରିବା । ଯେଉଁ କାର୍ଯ୍ୟ କଲେ ଈଶ୍ୱର ପ୍ରସନ୍ନ ହେବେ, କେବଳ ସେହି କାର୍ଯ୍ୟ ଏକାନ୍ତ ଭାବେ କରିବା ସକାଶେ ମୁସଲମାନମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସଂକ୍ଷେପରେ କହିବାକୁ ଗଲେ, ଇସଲାମର ଶିକ୍ଷା ଅନୁଯାୟୀ କୌଣସି ଦେଶ ବା ସରକାରଙ୍କ ବିରୁଦ୍ଧରେ ବିଦ୍ରୋହ କରିବା, ବିଶ୍ୱାସଘାତକତା ତଥା ପ୍ରତରଣାମୂଳକ କାର୍ଯ୍ୟ କରିବା ପାଇଁ ଈଶ୍ୱର ବାରଣ କରିଛନ୍ତି । ତାହା ନିଜ ଦେଶ ସହିତ ହୋଇଥାଉ ଅବା ନିଜ ସରକାରଙ୍କ ସହିତ । କାରଣ ଏପରି କାର୍ଯ୍ୟ ଯୋଗୁଁ ଦେଶ ଓ ଜାତିର ନିରାପତ୍ତା ଏବଂ ଶାନ୍ତି ବ୍ୟାହତ ହୁଏ । ପୁନଶ୍ଚ ଏଗୁଡ଼ିକ ଏକ ଦେଶ ବିରୋଧୀ ଆନ୍ତର୍ଘାତୀ କାର୍ଯ୍ୟକଳାପ । ଅଧିକନ୍ତୁ ଏହା ବାହ୍ୟ ଶକ୍ତିର ଆକ୍ରମଣକୁ ପ୍ରୋତ୍ସାହିତ କରେ । ପରିଣାମରେ ଆଭ୍ୟନ୍ତରୀଣ ବିଶୃଙ୍ଖଳା ଯୋଗୁଁ ବାହ୍ୟ ଶତ୍ରୁ ଏଥିରୁ ଫାଇଦା ହାସଲ କରିବା ପାଇଁ ଉତ୍ସାହିତ ହୋଇଥାନ୍ତି । ତେଣୁ ନିଜ ଦେଶ ପ୍ରତି ଅନୁଗତ ନ ହେବାର କୁପରିଣାମ ଅତି ଭୟାବହ ହୋଇଥାଏ ଓ ତାହା ଦେଶକୁ ଅତ୍ୟନ୍ତ ବିପଦଜନକ ପରିସ୍ଥିତିରେ ପହଞ୍ଚାଇ ଦେଇପାରେ । ସୁତରାଂ ଦେଶକୁ କ୍ଷତି ପହଞ୍ଚାଉଥିବା ଯେ କୌଣସି କାର୍ଯ୍ୟ 'ବଗା'ର ଅନ୍ତର୍ଗତ । ବସ୍ତୁତଃ ମୁଁ ଏଥି ପୂର୍ବରୁ ଏ ସମ୍ବନ୍ଧରେ ବର୍ଣ୍ଣନା କରିଛି ।

ପୂର୍ବାଲୋଚିତ ସମସ୍ତ ଦିଗକୁ ଏହି ଦୃଷ୍ଟିରୁ ବିଚାର କଲେ, ଆମେ ଏହି ସିଦ୍ଧାନ୍ତରେ ଉପନୀତ ହେବା ଯେ ଜଣେ ବ୍ୟକ୍ତି ନିଜ ଦେଶ ପ୍ରତି ବିଶ୍ୱାସ ଭାଜନ ହେବା ସକାଶେ ଧୈର୍ଯ୍ୟ ଓ ସହନଶୀଳତା ଏକାନ୍ତ ଆବଶ୍ୟକ । ଏହା ତା'ର ନୈତିକ ଗାରିମାକୁ ଉଦଭାସିତ କରାଏ ଓ ମାତୃଭୂମିର ସମସ୍ତ ଆଇନ କାନୁନକୁ ପାଳନ କରିବା ପାଇଁ ସେ ଅନୁପ୍ରାଣୀତ ହୁଏ ।

ସାଧାରଣ ଭାବରେ କହିବାକୁ ଗଲେ, ସାଂପ୍ରତିକ ଯୁଗରେ ଅଧିକାଂଶ ସରକାର ଗଣତନ୍ତ୍ର ଶାସନକୁ କାର୍ଯ୍ୟକାରୀ କରୁଛନ୍ତି । ତେଣୁ ଯଦି ଦେଶର ଜନତା

କିମ୍ବା ରାଜନୈତିକ ଦଳ ସରକାର ପରିବର୍ତ୍ତନ କରିବାକୁ ଚାହାନ୍ତି, ତା'ହେଲେ ସେମାନେ ଗଣତନ୍ତ୍ର ପଦ୍ଧତିରେ ତାହା କରିପାରିବେ । ଭୋଟ ବାକ୍ସ ମାଧ୍ୟମରେ ମତଦାନ କରାଯାଇ ନିର୍ବାଚିତ ହୋଇ ଆସିଲେ ସେହି ଲୋକ ପ୍ରତିନିଧିଙ୍କ କଥା ଲୋକ ଅବଶ୍ୟ ଶୁଣିବେ । କାହାର ବ୍ୟକ୍ତିଗତ ପ୍ରତିଷ୍ଠାର ପ୍ରଭାବ କିମ୍ବା ଆଶାୟୀ ପ୍ରାର୍ଥୀଙ୍କ ନିଜସ୍ୱ ଇଚ୍ଛାରେ ନୁହେଁ ବରଂ ଇସଲାମର ଶିକ୍ଷାନୁଯାୟୀ ଜଣେ ଭୋଟଦାତା ଦେଶ ପ୍ରତି ଭକ୍ତି ଏବଂ ଆନୁଗତ୍ୟର ଭାବନାକୁ ନେଇ ନିଜର ଭୋଟ ଦେବା ଉଚିତ । କୌଣସି ପ୍ରାର୍ଥୀଙ୍କୁ ଭୋଟ ଦେବାବେଳେ ତାଙ୍କଠାରୁ ନିଜ ସ୍ୱାର୍ଥ ହାସଲ କରିବା କିମ୍ବା ଦଳୀୟ ସ୍ୱାର୍ଥର ଆଶା ରଖିବା ଆଦୌ ଉଚିତ ନୁହେଁ । ସେପରି ଭାବିବା ପରିବର୍ତ୍ତେ ସେ ଜାତି ଓ ଦେଶର ସାମୂହିକ ଉନ୍ନତି ପଥରେ କେଉଁ ଦଳ ବା ପ୍ରାର୍ଥୀ କିପରି ସାହାଯ୍ୟ କରିପାରିବେ, ସେପରି ଏକ ସନ୍ତୁଳିତ ବିଚାରଧାରା ଗ୍ରହଣ କରି ଉପଯୁକ୍ତ ପ୍ରାର୍ଥୀଙ୍କୁ ନିଜର ବହୁମୂଲ୍ୟ ଭୋଟଦାନ କରିବାକୁ ହେବ । ସରକାର ହେଉଛି ଏକ ମର୍ଯ୍ୟାଦା ସମ୍ପର୍ଣ୍ଣ ଅମାନତ ବା ନ୍ୟାସ । ତେଣୁ ସେହି ଗୁରୁ ଦାୟିତ୍ୱ ଏପରି ଦଳକୁ ନ୍ୟସ୍ତ କରିବା ଆବଶ୍ୟକ, ଯିଏ ନ୍ୟାୟୋଚିତ ଓ ସୁଶାସନ ପ୍ରଦାନ କରିବାକୁ ସକ୍ଷମ ଓ ଭୋଟର ମାନଙ୍କର ଆସ୍ଥାଭାଜନ ହେବାକୁ ସର୍ବଦା ଚେଷ୍ଟିତ ଥିବ । ସେହି ଦଳଠାରୁ ସେବା ପ୍ରାପ୍ତ କରିବା ଲକ୍ଷ୍ୟରେ ସେମାନଙ୍କ ମଧ୍ୟରେ ଥିବେ ବିଚକ୍ଷଣ ଆଇନଜ୍ଞ ତଥା ଦକ୍ଷ ଓ ଅନୁଭୂତି ସମ୍ପନ୍ନ ପ୍ରଶାସକ । ଏହା ହିଁ ପ୍ରକୃତ ଇସଲାମ ଏବଂ ଏହା ନିଷ୍ପାପର ଭକ୍ତି ଓ ଅନୁରାଗର ଶିକ୍ଷା ।

ପବିତ୍ର କୋରାନ ଅନ୍ତର୍ଗତ ଅଧ୍ୟାୟ-୪ ପଙ୍‌କ୍ତି ୫୯ ରେ ଅଲ୍ଲାଃ କହିଛନ୍ତି : 'ସେହିମାନଙ୍କୁ ଦେଶର ଶାସନ ବା ନ୍ୟାସ ଅର୍ପଣ କର, ଯେଉଁମାନେ ଏଥିପାଇଁ ଯୋଗ୍ୟ ବିବେଚିତ ହେଉଥିବେ ଓ ଲୋକଙ୍କ ମଧରେ ନ୍ୟାୟପୂର୍ଣ୍ଣ ଏବଂ ନିରପେକ୍ଷ ନିଷ୍ପତ୍ତି ଗ୍ରହଣ କରୁଥିବେ ।' ଦେଶ ପ୍ରତି ଆମର ନୈତିକ କର୍ତ୍ତବ୍ୟ ହେଉଛି, ସେହି ବ୍ୟକ୍ତିଙ୍କ ହାତରେ ଶାସନ କ୍ଷମତା ଦିଆଯାଉ ଯେଉଁମାନେ ଶାସନ କରି ଦେଶ ଚଳାଇବା ପାଇଁ ଉପଯୁକ୍ତ । ଏହା ହିଁ ପ୍ରକୃତ ଦେଶ ଭକ୍ତିର ପରିଚାୟକ । ଏହି ନୀତିକୁ ଆପଣାର କରିପାରିଲେ ଜାତିର ପ୍ରଗତି ସମ୍ଭବ ହୋଇପାରିବ ଏବଂ ପୃଥିବୀରେ ତାହା ଏକ ଅଗ୍ରଣୀ ଦେଶ ରୂପେ ପରିଗଣିତ ହୋଇପାରିବ ।

ବିଶ୍ୱର ଅନେକ ଭାଗରେ ସରକାରଙ୍କ ନୀତି ବିରୁଦ୍ଧରେ ପ୍ରତିବାଦ କରି ଜନତା ଧର୍ମଘଟରେ ସାମିଲ ହୁଅନ୍ତି । ତୃତୀୟ ବିଶ୍ୱର କେତେକ ଦେଶରେ ବିକ୍ଷୋଭ ପ୍ରଦର୍ଶନକାରୀମାନେ ଭଙ୍ଗାରୁଜା ଓ ପୋଡାଜଳା କରି ଅନେକ ଧନ ଜୀବନ ନଷ୍ଟ କରୁଛନ୍ତି । ସେଥିରେ ଅନେକ ସରକାରୀ ଓ ବେସରକାରୀ ସଂପତ୍ତି ମଧ୍ୟ ଧ୍ୱଂସ ହୁଏ ।

ଦେଶପ୍ରେମ ନାମରେ ଏହି କାଣ୍ଡ ଭିଆଉଥିବାର ସେମାନେ ଦାବି କରନ୍ତି ସିନା ମାତ୍ର ପ୍ରକୃତ ପକ୍ଷେ ସେମାନଙ୍କ ଆଚରଣରେ ଦେଶ ପ୍ରତି ଭକ୍ତି ଓ ସମ୍ମାନ ପ୍ରଦର୍ଶନର ଲେଶ ମାତ୍ର ଚିହ୍ନ ନ ଥାଏ । ଏହା ମନେ ରଖିବାକୁ ହେବ ଯେ କୌଣସି ହିଂସାକାଣ୍ଡଜନିତ କ୍ଷୟକ୍ଷତି ବା ଅପରାଧ ନ କରି ବିଭିନ୍ନ ଧର୍ମଘଟ ଶାନ୍ତିପୂର୍ଣ୍ଣ ଭାବରେ ଆୟୋଜିତ ହେଉଥିଲେ ସୁଦ୍ଧା ଏହାର ପରିଣାମ ନକାରାତ୍ମକ ହୋଇଥାଏ । ଶାନ୍ତିପୂର୍ଣ୍ଣ ଧର୍ମଘଟ ସତ୍ତ୍ୱେ ଅନେକ ଦେଶରେ ଅର୍ଥନୈତିକ ବ୍ୟବସ୍ଥା ଗୁରୁତର ଭାବେ ପ୍ରଭାବିତ ହୁଏ, ଯଦ୍ୱାରା ସେହି ଦେଶ କୋଟି କୋଟି ଟଙ୍କାର ଆର୍ଥିକ କ୍ଷତି ସହିବାକୁ ବାଧ୍ୟ ହୁଏ । ଏହାକୁ କୌଣସି ପରିସ୍ଥିତିରେ ବି ଦେଶ ପ୍ରତି ଭକ୍ତି ଓ ବିଶ୍ୱସନୀୟତା କୁହାଯାଇ ପାରିବ ନାହିଁ । ଏହାକୁ ସୁବ୍ୟବସ୍ଥିତ କରି ଅହମଦୀୟା ମୁସଲିମ ଜମାଅତ୍‌ର ପ୍ରତିଷ୍ଠାତା କହିଥିଲେ 'ଆମେମାନେ ସର୍ବଦା ଈଶ୍ୱର, ତାହାଙ୍କ ଅବତାରଗଣ ଏବଂ ଆମ ଦେଶର ଶାସକଙ୍କ ପ୍ରତି ଆଜ୍ଞାନୁବର୍ତ୍ତୀ ହେବା ଅପରିହାର୍ଯ୍ୟ ।' ଅନୁରୂପ ଶିକ୍ଷା ପବିତ୍ର କୋରାନରେ ମଧ୍ୟ ଉଲ୍ଲିଖିତ ଅଛି । ସୁତରାଂ ଯଦି କୌଣସି ଦେଶ ଧର୍ମଘଟ କରିବାକୁ ବା ବିକ୍ଷୋଭ ପ୍ରଦର୍ଶନ କରିବାକୁ ଆଇନ ସଂଗତ ଅନୁମତି ପ୍ରଦାନ କରେ, ତେବେ ସେହି ଦେଶର କୌଣସି କ୍ଷତି ନ ଘଟାଇ ଅଥବା ଜାତୀୟ ସଂପତ୍ତି ଧ୍ୱଂସ ନ କରି ଯାହା କି ଆର୍ଥିକ ଅବନତିର କାରଣ ହେବ, ଧର୍ମଘଟକାରୀ ଓ ବିକ୍ଷୋଭ ପ୍ରଦର୍ଶନକାରୀମାନେ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରିବା ଉଚିତ ।

ଏଠାରେ ଆଉ ଏକ ପ୍ରଶ୍ନ ହେଉଛି, ପାଶ୍ଚାତ୍ୟ ଦେଶଗୁଡିକର ସେନାବାହିନୀରେ କ'ଣ ମୁସଲମାନ ଯୁବକ ଯୋଗଦାନ କରିପାରିବେ ? ଯଦି ସେମାନେ ସାମିଲ ହୁଅନ୍ତି, ତେବେ କୌଣସି ମୁସଲିମ ଦେଶ ଉପରେ ସେହି ଦେଶର ସେନା ଆକ୍ରମଣ କରନ୍ତି, ତେବେ କ'ଣ ସେମାନେ ସେହି ଯୁଦ୍ଧରେ ଭାଗ ନେଇ ପାରିବେ ? ସୁତରାଂ ଇସଲାମର ଶିକ୍ଷା ହେଉଛି, କୌଣସି ଅତ୍ୟାଚାର ମୂଳକ ଅଭିଯାନରେ ସହଭାଗୀ ହେବ ନାହିଁ, କାରଣ ଏହା ପ୍ରତ୍ୟେକ ମୁସଲମାନଙ୍କ ପାଇଁ ଅପରିହାର୍ଯ୍ୟ । ଅନ୍ୟାୟ ଓ ଅତ୍ୟାଚାରର ପଥକୁ ସ୍ୱୀକାର କରି ଯଦି ଏକ ମୁସଲିମ ରାଷ୍ଟ୍ର ପ୍ରଥମେ ଆକ୍ରମଣ କରିବାକୁ ପାଦ ବଢାଏ, ତେବେ ସେପରି ପରିସ୍ଥିତିରେ ମୁସଲିମ ସରକାରଙ୍କୁ କୁରଆନ ଆଦେଶ ଦିଏ ଯେ ସେହି ସରକାର ଅତ୍ୟାଚାରକୁ ଦୃଢ ହସ୍ତରେ ପ୍ରତିରୋଧ କରିବା ଉଚିତ । ଅନ୍ୟ ଅର୍ଥରେ, ନିଷ୍ଠୁର ଆଚରଣକୁ ବନ୍ଦ କରାଯାଇ ଶାନ୍ତି ସ୍ଥାପନ ପାଇଁ ପ୍ରୟାସ କରାଯିବା ବିଧେୟ । ତେବେ ସେ ଯାହା ହେଉ, ଯଦି ସେହି ଅତ୍ୟାଚାରୀ ଦେଶ କୌଣସି ପ୍ରକାର ବାହାନାବାଜି କିମ୍ବା ଟାଳଟୁଳ ନୀତି ଅବଲମ୍ବନ ନ କରି ନିଜ ଭୁଲକୁ ସ୍ୱୀକାର କରିବା ପରେ ନିଜକୁ

ସୁଧାରି ନେଲା ଏବଂ ଶାନ୍ତିର ପଥକୁ ଆଦରି ନେଲା, ତା'ହେଲେ ସେହି ଦେଶକୁ ସଂପୂର୍ଣ୍ଣ ମୁକ୍ତି ପ୍ରଦାନ କରିବା ଉଚିତ । ଏତଦ୍ୱାରା ସେହି ଜାତି ସ୍ୱାଧୀନତା ହାସଲ କରିବା ପରେ ଶାନ୍ତି ଓ ସ୍ଥିରତା ବଜାୟ ରଖିପାରିବ । ଶାନ୍ତିରକ୍ଷା ଉଦ୍ଦେଶ୍ୟରେ ସେନାବାହିନୀର କାର୍ଯ୍ୟାନୁଷ୍ଠାନ ଅଭିପ୍ରେତ ହେବା ଉଚିତ ଏବଂ ସେଥିରେ କୌଣସି ପ୍ରକାର ସ୍ୱାର୍ଥ ଜଡିତ ନ ହେବା ମଧ୍ୟ ଶ୍ରେୟସ୍କର ।

ଏହି ତତ୍ତ୍ୱ ମୁସଲିମ ଦେଶ ହେଉ କି ଅଣ ମୁସଲିମ ଦେଶ, ସମସ୍ତ କ୍ଷେତ୍ରରେ ପ୍ରଯୋଜ୍ୟ । ସ୍ୱେଚ୍ଛାଚାରକୁ ରୋକିବା ପାଇଁ ଇସଲାମ ଅନୁମତି ପ୍ରଦାନ କରିଛି । ପୁଣି ଆବଶ୍ୟକ ପଡିଲେ, ଅଣ ମୁସଲିମ ଦେଶ ମୁସଲିମ ଦେଶ ଉପରେ ଏହି ଲକ୍ଷ୍ୟ ହାସଲ କରିବା ସକାଶେ ଆକ୍ରମଣ କରିପାରିବ । ସେଥିପାଇଁ ଅଣ ମୁସଲିମ ଦେଶର ସେନାବାହିନୀରେ ମୁସଲମାନ ମାନଙ୍କୁ ସୈନିକ ଭାବେ ଯୋଗ ଦେବା ପାଇଁ ଅନୁମତି ଦିଆଯାଇଛି, ଯାହା ଫଳରେ ଅନ୍ୟ ଦେଶକୁ ନିଷ୍ଠୁର ଆଚରଣରୁ ଅଟକାଇ ଦିଆଯାଇ ପାରିବ । ବସ୍ତୁତଃ ଏଭଳି ପରିସ୍ଥିତି ଦେଖାଦେଲେ ପାଶ୍ଚାତ୍ୟ ଦେଶର ଯେଉଁ ସେନାବାହିନୀ ହେଉ ନା କାହିଁକି ତହିଁରେ ମୁସଲିମ ସୈନ୍ୟ ଯୋଗ ଦେଇ ତାଙ୍କ ଆଦେଶକୁ ପାଳନ କରିବା ଅନିବାର୍ଯ୍ୟ କରାଯାଇଛି ଏବଂ ଶାନ୍ତିରକ୍ଷା ପାଇଁ  କୌଣସି ପରିସ୍ଥିତିରେ ଲଢିବା ଜରୁରୀ ହୋଇପଡିଛି । କିନ୍ତୁ ଜଣେ ଅତ୍ୟାଚାରୀ ସଦୃଶ ଆଚରଣ କରି ଯଦି ଏକ ଦେଶର ସୈନ୍ୟବାହିନୀ ଅନ୍ୟ ଦେଶ ପ୍ରତି ଅନ୍ୟାୟ ଭାବରେ ଆକ୍ରମଣ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରନ୍ତି, ତା' ହେଲେ ସେହି ନିଷ୍ଠୁରତାକୁ ପ୍ରଶ୍ରୟ ନ ଦେଇ  ବରଂ ଉକ୍ତ ଆକ୍ରମଣରୁ ନିବୃତ ରହିବା ସଙ୍ଗେ ସଙ୍ଗେ ମୁସଲିମ ସୈନିକ ସେଥିରେ ଅସହଯୋଗ କରି ସେହି ସେନା ପରିତ୍ୟାଗ କରି ଦେଇପାରେ । ତା'ର ଏହି ନିଷ୍ପତ୍ତିର ଅର୍ଥ ନୁହେଁ ଯେ ସେ ଦେଶପ୍ରେମୀ ନୁହେଁ । ନିଷ୍ଠୁରତା ଏବଂ ଅନ୍ୟାୟର ପଥ ଅନୁସରଣ କରୁଥିବା ଅନ୍ୟ ଦେଶର ଅତ୍ୟାଚାରୀ ସରକାରଙ୍କ ପରି ଅଧଃପତିତ ନ ହେବା ପାଇଁ ସେ ନିଜ ସରକାରଙ୍କୁ ପରାମର୍ଶ ଦିଅନ୍ତୁ, ଯଦ୍ୱାରା ସେହି ଦେଶ ପ୍ରତି ଅନୁରକ୍ତି ଏବଂ ବିଶ୍ୱସ୍ତତାକୁ ଅକ୍ଷୁଣ୍ଣ ରଖାଯାଇ ପାରିବ । ଯଦି ସେହି ଦେଶର ସୈନିକ ହୋଇ ରହିବା ବାଧ୍ୟତାମୂଳକ ହୋଇଥାଏ ଅଥଚ ତା'ର ବିବେକ ଅନୁମୋଦନ କରେ ନାହିଁ, ତା'ହେଲେ ଅସନ୍ତୋଷ ପ୍ରକାଶ କରି ସେଠାରେ ବଞ୍ଚିବା ଅପେକ୍ଷା ସେ ଦେଶ ପରିତ୍ୟାଗ କରିବା ଶ୍ରେୟସ୍କର ହେବ । ଅଥଚ ସେ ଦେଶର ଆଇନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ପାରିବ ନାହିଁ, କାରଣ ଜଣେ ମୁସଲମାନକୁ ଏହାର ଅନୁମତି ଦିଆଯାଇ ନାହିଁ ଯେ ସେ ଏକପକ୍ଷେ ଗୋଟିଏ ଦେଶର ନାଗରିକ ହୋଇ ବାସ କରିବ ଏବଂ ଅପର ପକ୍ଷେ ସେହି ଦେଶର ବିରୁଦ୍ଧାଚରଣ କରିବ ଅଥବା ଦେଶ ବିରୋଧୀ ଗୋଷ୍ଠୀଙ୍କ ସହିତ ମିଶିଯିବ ।

ସୁତରାଂ ଇସଲାମୀୟ ଶିକ୍ଷାର ଏହା ହେଉଛି କେତୋଟି ଦିଗ, ଯାହା ସମସ୍ତ ସତ୍ୟବାଦୀ ମୁସଲମାନମାନଙ୍କୁ ନିଜ ଦେଶ ପ୍ରତି ପ୍ରକୃତ ପ୍ରେମ ଏବଂ ଅନୁରକ୍ତିର ଆବଶ୍ୟକତାକୁ ପୂରଣ କରିବା ପାଇଁ ଉଚିତ ଦିଗ୍‌ଦର୍ଶନ ଦେଇଥାଏ । ପକୃତ ପକ୍ଷେ ଆଜି ମୁଁ ଏତେ ଅଳ୍ପ ସମୟ ମଧ୍ୟରେ ଏହି ପ୍ରସଙ୍ଗଙ୍କୁ କେବଳ ସ୍ପର୍ଶ କରିବାରେ ସମର୍ଥ ହୋଇପାରିଛି ।

ପରିଶେଷରେ ଏତିକି କୁହାଯାଇପାରେ ଯେ ଆଜି ପୃଥିବୀ ଗୋଟିଏ ଗୋଲାକାର ଗ୍ରାମରେ ପରିଣତ ହେଇଛି । ପୃଥିବୀବାସୀ ଅତି ଘନିଷ୍ଠ ଭାବରେ ପରସ୍ପର ମଧ୍ୟରେ ସଂଯୁକ୍ତ ହୋଇଛନ୍ତି । ସବୁ ଜାତି, ଧର୍ମ ଓ ସଂସ୍କୃତିର ଲୋକ ସବୁ ଦେଶରେ ଦେଖାଯାଆନ୍ତି । ତେଣୁ ପ୍ରତ୍ୟେକ ଦେଶର ନେତା ଏବଂ ନାଗରିକ ସାଧାରଣ ଅଧିବାସୀଙ୍କର ମାନସିକ ଆବେଗ ଓ ହୃଦୟର ଭାବନାକୁ ବିଚାରକୁ ନେଇ ସେଥିପ୍ରତି ସମ୍ମାନ ଜଣାଇବା ଆବଶ୍ୟକ । ସେଠାକାର ନେତା ଓ ପ୍ରଶାସନ ଏପରି ଆଇନ ପ୍ରଣୟନ କରିବାକୁ ଚେଷ୍ଟିତ ହେବା ଉଚିତ, ଯାହା ସତ୍ୟ ଓ ନ୍ୟାୟର ଏକ ସୁସ୍ଥ ଓ ସଚେତନ ପରିବେଶ ସୃଷ୍ଟି କରିବା ପାଇଁ ଯତ୍ନଶୀଳ ହୋଇ ରହିଥିବ ଏବଂ ସେହି ନିୟମ ଜନ ଅସନ୍ତୋଷ ଓ ମାନସିକ ଅଶାନ୍ତିର କାରଣ ହେବ ନାହିଁ । ଏକପକ୍ଷେ ଅନ୍ୟାୟ ଓ କ୍ରୁରତା ଲୋପ ପାଇବ ଓ ଅନ୍ୟପକ୍ଷେ ଆମେ ପ୍ରକୃତ ନ୍ୟାୟ ପାଇବା ପାଇଁ ସଦା ତତ୍ପର ହେବା । ଏଥି ପାଇଁ ସବୁଠାରୁ ଉତ୍ତମ ଉପାୟ ହେଉଛି, ବିଶ୍ୱ ମାନବ ତା'ର ନିଜ ସ୍ରଷ୍ଟାଙ୍କୁ ଚିହ୍ନିବା ତଥା ଅନ୍ତରରେ ତାହାଙ୍କ ପରମସତ୍ତାକୁ ସ୍ୱୀକାର କରିବା ଉଚିତ । ପ୍ରତ୍ୟେକ ପ୍ରକାର ଆନୁଗତ୍ୟ କେବଳ ଈଶ୍ୱରଙ୍କ ପାଇଁ ଉଦ୍ଦିଷ୍ଟ । ଅନୁରକ୍ତି ଓ ଗଭୀର ଭକ୍ତି ଦ୍ୱାରା ଏହା ସମ୍ଭବ ହେବ । ଯଦି ଏହା କାର୍ଯ୍ୟକାରୀ ହୁଏ, ତା'ହେଲେ ସମୟ ଆସିବ ଯେତେବେଳେ ଆମେ ସ୍ୱଚକ୍ଷୁରେ ଦେଖିବା ଯେ ସବୁଦେଶର ଲୋକମାନଙ୍କ ଦ୍ୱାରା ଏକ ଉଚ୍ଚମାନର ବିଶ୍ୱସନୀୟତା ପ୍ରତିଷ୍ଠା ହେବ, ଯାହା ସମଗ୍ର ବିଶ୍ୱରେ ଶାନ୍ତି ଓ ନିରାପତ୍ତାର ନୂତନ ମାର୍ଗ ଉନ୍ମୋଚନ କରିବ ।

ବକ୍ତବ୍ୟ ଶେଷ କରିବା ପୂର୍ବରୁ ମୁଁ ପୁନର୍ବାର ଆପଣମାନଙ୍କୁ ଧନ୍ୟବାଦ ଜଣାଇବାକୁ ନିଜକୁ ଭାଗ୍ୟବାନ ମଣୁଛି । ଆଜି ମୋତେ ଏଠାକୁ ଆପଣମାନେ ନିମନ୍ତ୍ରଣ କରିଛନ୍ତି ଓ ମୋର କଥା ଶୁଣିଛନ୍ତି । ଆପଣଙ୍କ ପ୍ରତି ଈଶ୍ୱରଙ୍କ କରୁଣା ହେଉ ଓ ଜର୍ମାନୀ ପ୍ରତି ମଧ୍ୟ ଈଶ୍ୱର କରୁଣା କରନ୍ତୁ ।


**- ଆପଣଙ୍କୁ ଅଶେଷ ଧନ୍ୟବାଦ -**



# ଏକ ପରମାଣୁ ଯୁଦ୍ଧର ଭୟାବହ ପରିଣତି
# ଏବଂ
# ସଂପୂର୍ଣ୍ଣ ନ୍ୟାୟର ସର୍ବୋଚ୍ଚ ଆବଶ୍ୟକତା

(ନବମ ବାର୍ଷିକ ଶାନ୍ତି ଆଲୋଚନା ଚକ୍ର, ଲଣ୍ଡନ - ୨୦୧୨)






Hadrat Mirza Masroor Ahmad, Khalifatul-Masih V[aba] addressing the 9th Annual Peace Symposium




Mayor of London Boris Johnson presenting His Holiness with a London bus souvenir



Mary Richardson DBE, UK President of SOS Children's Villages, accepting the 'Ahmadiyya Muslim Prize for the Advancement of Peace' from His Holiness





Hadrat Mirza Masroor Ahmad, Khalifatul-Masih V[aba]
talking to the overseas Pakistani press regarding world affairs



# ଭୂମିକା

୨୦୧୨ ମସିହା ମାର୍ଚ୍ଚ ୨୪ ତାରିଖ ଦିନ ବ୍ରିଟେନର ଅହମଦୀୟା ମୁସଲିମ ସଂପ୍ରଦାୟ ଆନୁକୁଲ୍ୟରେ ନବମ ବାର୍ଷିକ ଶାନ୍ତି ଆଲୋଚନା ସମ୍ମିଳନୀ (9th Annual Peace Symposism) ପଶ୍ଚିମ ୟୁରୋପର ସର୍ବବୃହତ୍ ମସଜିଦ ଭାବରେ ଖ୍ୟାତ ମୋର୍ଡନ୍ ସ୍ଥିତ 'ବୈତୁଲ ଫୁତୁହ' ଠାରେ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀରେ ପ୍ରାୟ ୧୦୦୦ରୁ ଅଧିକ ନିମନ୍ତ୍ରିତ ବ୍ୟକ୍ତି ଯୋଗ ଦେଇଥିଲେ । ବହୁସଂଖ୍ୟକ ମନ୍ତ୍ରୀ, ରାଷ୍ଟ୍ରଦୂତ, ସାଂସଦ, ଲଣ୍ଡନର ମେୟର, ରାଜନେତା, ଧାର୍ମିକ ନେତା, ପ୍ରତିବେଶୀ, ଉଚ୍ଚ ପଦସ୍ଥ ସମ୍ମାନିତ ବ୍ୟକ୍ତି ତଥା ବିଭିନ୍ନ କ୍ଷେତ୍ରରେ ବୃତ୍ତିଧାରୀ ସମାଜର ସବୁ ବର୍ଗ ଓ ସଂପ୍ରଦାୟର କର୍ମଜୀବୀ ପୁରୁଷ ଓ ମହିଳା ଅତିଥିମାନଙ୍କ ସକାଶେ ଏହି ସମ୍ମିଳନୀ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା ।

ବର୍ଷ ୨୦୧୨ ନିମନ୍ତେ ଏହି ଆଲୋଚନା ଚକ୍ରର ଶୀର୍ଷକ ଥିଲା: International Peace. ଏହି ଅବସରରେ ହଜରତ ମିର୍ଜା ମସରୁର ଅହମଦଙ୍କ ଦ୍ୱାରା ତୃତୀୟ ବାର୍ଷିକ 'ଶାନ୍ତିର ପ୍ରଗତି ପାଇଁ ଅହମଦୀୟା ମୁସଲିମ ପୁରସ୍କାର - ୨୦୧୨' ଯୁକ୍ତରାଜ୍ୟ-ବ୍ରିଟେନ୍‌ର SOS Children Villagesକୁ ପ୍ରଦାନ କରାଯାଇଥିଲା । ପୃଥିବୀ ବ୍ୟାପୀ ଅନାଥ ଓ ଭିନ୍ନକ୍ଷମ ଶିଶୁମାନଙ୍କ ଉତ୍ଥାନ ସକାଶେ ଉକ୍ତ ସେବାଶ୍ରମର ଅବିରତ ସାଧନା ଏବଂ 'A loving home for every child' ନାମକ ଏକ ଦୂରଦୃଷ୍ଟି ସଂପନ୍ନ Visionର ଲକ୍ଷ୍ୟ ପୂରଣ ଦିଗରେ ଶିଶୁଗ୍ରାମର ସଫଳ ପ୍ରୟାସ ପାଇଁ ଏହି ପୁରସ୍କାର ଉଦ୍ଦିଷ୍ଟ ଥିଲା ।

ସଭାରେ ଉପସ୍ଥିତ ଥିଲେ ନିମ୍ନୋକ୍ତ ବିଶିଷ୍ଟ ମାନ୍ୟଗଣ ଅତିଥି:

(1) Rt Hon Justine Greening - MP, Secretary of State for Transport.

(2) Jane Ellision - MP (Battersea)

(3) Seema Malhotra - MP (Feltham and Heston)

(4) Tom Brake - (Carlshalton and Wallington)

(5) Virendra Sharma - MP (Ealing and Southall)

(6) Lord Tariq Ahmad - of Wimbledon

(7) HE Wesley Momo Jhonson - the Ambassador of Liberia

(8) HE A bdullah Al-Radhi - the Ambassador of Yemen

(9) HE Migule Solano - Lopez - the Ambassador of Paraguay

(10) Commodore Matrin Atherton - Naval Regional Commander

(11) Councillor Jane Cooper - the Worshipful Mayor of Wandsworth.

(12) Councillor Milton McKenzie MBE - the Worshipful Mayor of Barking and Dagenham.

(13) Councillor Amrit Mann - the Worshipful Mayor of Haunslow.

(14) Siobhan Benita - independent Mayoral candidate for London.

(15) Diplomats from several other countries including India, Canada, Indonesia and Guinea.

# ପରମାଣୁ ଯୁଦ୍ଧର ଭୟାବହ ପରିଣାମ
# ଏବଂ
# ସଂପୂର୍ଣ୍ଣ ନ୍ୟାୟର ସର୍ବୋଚ୍ଚ ଆବଶ୍ୟକତା

'ତଶହହୁଦ୍' (ଅଂଗୀକାରବଦ୍ଧତା) 'ତା'ଉଜ୍' (ଶରଣଭିକ୍ଷା) ଏବଂ 'ବିସମିଲ୍ଲାଃ' (ଅଲ୍ଲାଃଙ୍କ ନାମ ଉଚ୍ଚାରଣ ପୂର୍ବକ) ମନ୍ତ୍ର ଆବୃତ୍ତି କରି ମହାମାନ୍ୟ ପଞ୍ଚମ ଖଲିଫା[ଅବ] ଏହିପରି ସମ୍ଭାଷଣ କଲେ:

ଏଠାରେ ଉପସ୍ଥିତ ନିମନ୍ତ୍ରିତ ଅତିଥିଗଣ, ଅସ୍‌ସଲାମୋ ଆଲେକୁମ୍ ରହମତୁଲ୍ଲାହି ଓ୍ୱ ବରକାତୋହୁ -ଆପଣମାନଙ୍କ ପ୍ରତି ସଦୈବ ଈଶ୍ୱରଙ୍କ ଆଶିଷ ଓ କୃପା ହେଉ ।

ଏକ ବର୍ଷର ବ୍ୟବଧାନ ପରେ ଆଜି ପୁନର୍ବାର ଆମର ସମସ୍ତ ବିଶିଷ୍ଟ ଅତିଥିଙ୍କୁ ଅଭିବାଦନ ଜଣାଇବା ପାଇଁ ମୋତେ ସୁଯୋଗ ମିଳିଛି । ଆଜି ଆପଣମାନେ ନିଜର ସମୟ ବ୍ୟୟ କରି ଏହି ସମ୍ମିଳନୀରେ ଯୋଗଦାନ କରିବା ପାଇଁ ଆସିଥିବାରୁ ମୁଁ ଆପଣମାନଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରୁଛି ।

Peace Symposium (ଶାନ୍ତି ଆଲୋଚନା ସମ୍ମିଳନୀ) ନାମରେ ଅଭିହିତ ଏହି କାର୍ଯ୍ୟକ୍ରମ ସହିତ ଏଠାରେ ଉପସ୍ଥିତ ଅଧିକାଂଶ ବ୍ୟକ୍ତି ଓତଃପ୍ରୋତ ଭାବେ ଜଡିତ । ଅହମଦୀୟା ମୁସଲିମ ସଂପ୍ରଦାୟ ଦ୍ୱାରା ଏହି କାର୍ଯ୍ୟକ୍ରମ ପ୍ରତିବର୍ଷ ଆୟୋଜନ କରାଯାଇଥାଏ । ପୃଥିବୀରେ କିପରି ଶାନ୍ତି ପ୍ରତିଷ୍ଠା ହୋଇପାରିବ, ସେହି ଅଭିଳାଷ ପୂରଣ କରିବା ଦିଗରେ ଆମର ଯୋଜନାବଦ୍ଧ ଅନେକ ପ୍ରୟାସ ମଧ୍ୟରୁ ଏହା ଅନ୍ୟତମ । ନିମନ୍ତ୍ରିତ ଅତିଥିମାନଙ୍କ ମଧ୍ୟରେ ଅନେକ ନୂତନ ବନ୍ଧୁ ପ୍ରଥମ ଥର ପାଇଁ ଏଠାକୁ ଆସିଛନ୍ତି, ଯଦିଚ ଆମର ପୁରୁଣା ବନ୍ଧୁମାନେ ଆମର ଏହି ଉଦ୍ୟମକୁ ବହୁ ବର୍ଷ ଧରି ସମର୍ଥନ ଜଣାଇ ଆସୁଛନ୍ତି । କହିବା ବାହୁଲ୍ୟ ଯେ ଆପଣମାନେ ହେଉଛନ୍ତି ସୁଶିକ୍ଷିତ ଏବଂ ଶାନ୍ତି ପ୍ରତିଷ୍ଠା ଦିଗରେ ଆପଣମାନଙ୍କ ସହଯୋଗ ଆମର ଏକାନ୍ତ କାମ୍ୟ । ଏହି ସଦିଚ୍ଛା ଓ ଆଗ୍ରହ ହିଁ ଆପଣମାନଙ୍କୁ ଏଠାକୁ ଟାଣି ଆଣିଛି ।

ପ୍ରେମ, ଅନୁରାଗ ଓ ବଂଧୁତ୍ୱର ମଧୁର ସଂପର୍କ ପୃଥିବୀ ପୃଷ୍ଠରେ କିପରି ପୂର୍ଣ୍ଣ ମାତ୍ରାରେ ଭରିଯାଉ, ସେହି ଆଶା ଓ ବିଶ୍ୱାସର ହାର୍ଦ୍ଦିକ କାମନା ନେଇ ଆପଣମାନେ ସମସ୍ତେ ଏଠାକୁ ଆସିଛନ୍ତି । ଏହି ମନୋବୃତ୍ତି ଅଧିକାଂଶ ବିଶ୍ୱବାସୀଙ୍କର ଦୀର୍ଘଦିନ ଧରି ରହିଆସିଛି । ଏହାର ମୂଲ୍ୟବୋଧକୁ କିପରି ରକ୍ଷା କରାଯାଇ ପାରିବ ତାହାର ଆବଶ୍ୟକତାକୁ ସମସ୍ତେ ଉପଲବ୍ଧି କଲେଣି । କେବଳ ସେହି ଏକମାତ୍ର କାରଣ ଯୋଗୁଁ ଆପଣମାନେ ଯିଏ ଯେଉଁ ଜାତି, ସଭ୍ୟତା, ସଂସ୍କୃତି ବା ଧର୍ମ ସହିତ ସମ୍ବନ୍ଧିତ ହୋଇଥାଆନ୍ତୁ ନା କାହିଁକି ଆଜି ସମସ୍ତେ ଏକତ୍ରିତ ହୋଇ ମୋ ସମ୍ମୁଖରେ ବସିଛନ୍ତି । ଏଠାରେ ଆପଣମାନଙ୍କର ଭିଡ ଜମିଛି କେବଳ ଶାନ୍ତି, ସୁଖ, ସମୃଦ୍ଧିର କାମନା ପାଇଁ । ସମସ୍ତେ ଏକ ସୂତ୍ରରେ ବାନ୍ଧି ହୋଇ ରହିବା ପାଇଁ ଆପଣମାନଙ୍କର ଶାନ୍ତି ପ୍ରତି ଆବେଗ ଓ ଉତ୍ସୁକତାର ପ୍ରମାଣ ବହନ କରିଛି ଆଜିର ଏହି ସମାବେଶ ।

ଯେପରି ମୁଁ ପୂର୍ବରୁ କହିଛି, ଆମ୍ଭେ ପ୍ରତିବର୍ଷ ଏହି ସମ୍ମିଳନୀର ଆୟୋଜନ କରିଥାଉଁ ଏବଂ ପ୍ରତ୍ୟେକ ଥର ଏଥିରେ ସମ୍ମିଳିତ ସମସ୍ତ ସଜ୍ଜନ ସେହି ଏକମାତ୍ର ଆଶା ଓ ଭାବନା ବ୍ୟକ୍ତ କରିଥାନ୍ତି ଯେ ପୃଥିବୀ ଆବଶ୍ୟକ କରୁଥିବା ସେହି ଶାନ୍ତିର ବାତାବରଣ ଆମ ଚକ୍ଷୁ ସମ୍ମୁଖରେ ପରିପ୍ରକାଶ ହୁଅନ୍ତା କି ! ତେଣୁ ପ୍ରତିବର୍ଷ ସମସ୍ତଙ୍କୁ ମୁଁ ଅନୁରୋଧ କରିଆସୁଛି ଯେ ସବୁ ସ୍ତରରେ ଓ ସବୁ କ୍ଷେତ୍ରରେ ଯେଉଁଠି ଯେପରି ସୁଯୋଗ ମିଳୁଛି ଏବଂ ଆପଣମାନଙ୍କର ଯାହା ସହିତ ବି ଯୋଗାଯୋଗ ରହିଛି, ଶାନ୍ତିର ପୃଷ୍ଠପୋଷକତା ପାଇଁ ଉଦ୍ୟମ କରନ୍ତୁ । ସେହିପରି ବିଭିନ୍ନ ରାଜନୈତିକ ଦଳ ବା ସରକାରଙ୍କ ସହ ସଂପୃକ୍ତ ଥିବା ବ୍ୟକ୍ତିମାନଙ୍କୁ ମଧ୍ୟ ମୁଁ ଅନୁରୋଧ କରିଥାଏ ଯେ ସେମାନଙ୍କ ପ୍ରଭାବର ପରିସର ମଧ୍ୟରେ ଥିବା ବ୍ୟକ୍ତିମାନଙ୍କ ନିକଟରେ ଶାନ୍ତିର ଏହି ବାର୍ତ୍ତା ପହଞ୍ଚାଇବା ଉଚିତ । ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ନିଜ କର୍ତ୍ତବ୍ୟ ପ୍ରତି ପ୍ରତ୍ୟେକ ବ୍ୟକ୍ତିଙ୍କୁ ସଚେତନ କରାଇବା ଅତ୍ୟନ୍ତ ଜରୁରି ହୋଇ ପଡିଛି ଯାହା ଏକ ଶୃଙ୍ଖଳିତ ନୀତିଗତ ଆଚରଣ ବିଧି ଉପରେ ଆଧାରିତ ହୋଇଥିବ, ଯଦ୍ୱାରା ସେମାନେ ଏକ ଉତ୍କୃଷ୍ଟ ଏବଂ ଉଚ୍ଚ ଆଦର୍ଶ ଭିତ୍ତିକ ନୈତିକ ମୂଲ୍ୟବୋଧର ପୂର୍ବାପେକ୍ଷା ଯଥେଷ୍ଟ ଅଧିକ ଆବଶ୍ୟକତା ଥିବାର ଅନୁଭବ କରିବେ ।

ଯେତେଦୂର ଅହମଦୀୟା ସଂପ୍ରଦାୟ ଏଥି ସହିତ ଜଡିତ ଅଛି, ଆମକୁ ଯେଉଁଠି ଯେପରି ଅବସର ମିଳେ ଆମେ ଖୋଲା ଖୋଲି ଭାବରେ ଏହି ମତ ପ୍ରକାଶ କରିଥାଉ ଯେ ପୃଥିବୀ ଧ୍ୱଂସର ବିଭୀଷିକା ଆଡକୁ ଯେପରି ମୁହାଁଇଛି, ତହିଁରୁ ପୃଥିବୀକୁ ରକ୍ଷା କରିବାର ଏକମାତ୍ର ପନ୍ଥା ହେଉଛି, ସ୍ନେହ, ଶ୍ରଦ୍ଧା ଓ ସାଂପ୍ରଦାୟିକ

ସଦ୍‌ଭାବନାକୁ ପରିବ୍ୟାପକ କରିବା ପାଇଁ ଆମେ ଆପ୍ରାଣ ଉଦ୍ୟମ କରିବା ଏକାନ୍ତ ଅପରିହାର୍ଯ୍ୟ । ସବୁଠାରୁ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ ମାନବ ଜାତି ନିଜର ଏକକ ସ୍ରଷ୍ଟାଙ୍କୁ ଚିହ୍ନିବା ସକାଶେ ଆଗେଇ ଆସୁ ଯେ କି ପରମବ୍ରହ୍ମ । କାରଣ ମନୁଷ୍ୟ ନିଜ ସ୍ରଷ୍ଟାଙ୍କୁ ଚିହ୍ନିଲେ ତାହାଙ୍କ ସୃଷ୍ଟିର ସକଳ ପ୍ରାଣୀଙ୍କ ପ୍ରତି ପ୍ରେମ ଓ ସହାନୁଭୂତି ପ୍ରକାଶ କରିବା ପଥରେ ଅଗ୍ରସର ହେବ । ଯେବେ ଈଶ୍ୱରଙ୍କ ପରମ ସତ୍ତା ଆମ ଚରିତ୍ରର ଏକ ଅଂଶ ରୂପେ ପ୍ରତିଫଳିତ ହେବ, ତେବେ ଯାଇ ଆମେ ଈଶ୍ୱରଙ୍କ ପ୍ରେମର ସାନିଧ ଲାଭ କରିପାରିବା ।

ପୃଥିବୀରେ ଶାନ୍ତି ପ୍ରତି ଆହ୍ୱାନ କରି ଆମେ ଅନବରତ ଆମ ସ୍ୱର ଉତ୍ତୋଳନ କରୁଛୁ । ଆମ ହୃଦୟରେ ଉଦ୍‌ବେଳିତ ହେଉଥିବା ଦୁଃଖ ଓ ଯନ୍ତ୍ରଣା ମାନବ ଜାତି ଭୋଗ କରୁଥିବା ସମସ୍ତ କଷ୍ଟ ଓ ମାନସିକ ପୀଡା ଲାଘବ କରିବା ସକାଶେ ଆମକୁ ପ୍ରବର୍ତ୍ତାଇଥାଏ । ସେମାନଙ୍କ ପ୍ରତି ସମବେଦନା ପ୍ରକାଶ କରିବା ଦ୍ୱାରା ଆମେ ଯେପରି ଭଲରେ ଅଛୁ, ସେହିପରି ସେମାନଙ୍କୁ ବଞ୍ଚିବାର ପ୍ରେରଣା ମଧ୍ୟ ମିଳେ । ବସ୍ତୁତଃ ଆମ ଲକ୍ଷ୍ୟ ହାସଲ କରିବା ଦିଗରେ ଆମେ କରୁଥିବା ଉଦ୍ୟମଗୁଡିକ ମଧ୍ୟରେ ଏହା ଏକ ସମୁଚିତ ପ୍ରୟାସ ।

ଏହା ମୁଁ କହିସାରିଛି ଯେ ଆପଣମାନେ ମଧ୍ୟ ଏହି ମହତ କାର୍ଯ୍ୟକୁ ଚରିତାର୍ଥ କରିବା ପାଇଁ ମନରେ ଇଚ୍ଛା ପୋଷଣ କରନ୍ତୁ । ଅଧିକନ୍ତୁ ରାଜନୈତିକ ଓ ଧାର୍ମିକ ନେତାମାନଙ୍କୁ ସେମାନଙ୍କ କାର୍ଯ୍ୟ ପରିସରରେ ଶାନ୍ତି ପାଇଁ ଦୃଢ ଉଦ୍ୟମ କରିବାକୁ ମୁଁ ବାରମ୍ବାର କହିଆସିଛି । ସବୁ ପ୍ରକାର ପ୍ରଯତ୍ନ କରିବା ସତ୍ତ୍ୱେ ସମଗ୍ର ପୃଥିବୀରେ ଦଙ୍ଗା ଓ କଳହଜନିତ ଉଦ୍‌ବେଗ ତଥାପି ପ୍ରକାଶ ପାଉଛି ଏବଂ ଏହା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ।

ଆଜି ଦୁନିଆରେ ଯୁଆଡ଼େ ଦେଖନ୍ତୁ ବିବାଦ, ଅସ୍ଥିରତା ଓ ବିଶୃଙ୍ଖଳା ଉତ୍କଟ ରୂପ ଧାରଣ କରିଛି । କେଉଁ ଦେଶରେ ଜାତିଗତ ବର୍ଣ୍ଣ ବିଦ୍ୱେଷର ଲଢେଇ ଚାଲିଛି ତ ଆଉ କେଉଁଠି ଧର୍ମ ନାମରେ କଳହ ଓ ରକ୍ତପାତ । କେତେକ ଦେଶରେ ଏକ ପକ୍ଷରେ ସରକାରଙ୍କ ବିରୁଦ୍ଧରେ ଜନ ଅସନ୍ତୋଷ ବଢି ଚାଲିଛି ତ ଅନ୍ୟ ପକ୍ଷରେ ସେଠାକାର ଲୋକମାନେ ଶାସକଙ୍କ ଆକ୍ରୋଶ ଓ ଆକ୍ରମଣର ଶିକାର ହେଉଛନ୍ତି । ଉଗ୍ରବାଦୀ ଗୋଷ୍ଠୀଗୁଡ଼ିକ ନିଜର ସ୍ୱାର୍ଥ ହାସଲ ସକାଶେ ଦେଶରେ ଅରାଜକତା ଏବଂ ବିଶୃଙ୍ଖଳା ସୃଷ୍ଟି କରିବା ପାଇଁ ଲୋକମାନଙ୍କୁ ଉତ୍ସାହିତ କରୁଛନ୍ତି ଏବଂ ସ୍ୱେଚ୍ଛାଚାରିତାରେ ଅନ୍ଧ ହୋଇ ନୀରିହ ସ୍ତ୍ରୀ ପୁରୁଷ, ବାଳ ବୃଦ୍ଧଙ୍କ ଜୀବନ ନେଉଛନ୍ତି । ନିଜ ଦେଶର ଉନ୍ନତି ପାଇଁ ଏକଜୁଟ ହେବା ପରିବର୍ତ୍ତେ ରାଜନୈତିକ ଦଳଗୁଡ଼ିକ ନିଜର ଫାଇଦା ଉଠାଇବା ପାଇଁ ପରସ୍ପର ମଧ୍ୟରେ ସର୍ବଦା ଲଢୁଛନ୍ତି ।

ଏହା ମଧ୍ୟ ଆମେ ଦେଖୁଅଛୁ ଯେ କେତେକ ଦେଶର ସରକାର ଅନ୍ୟ ଦେଶ ପ୍ରତି ଈର୍ଷାପରାୟଣ ହୋଇ ସେମାନଙ୍କ ରାଷ୍ଟ୍ରୀୟ ସଂପଦ ଉପରେ ସତତ ଲୋଲୁପ ଦୃଷ୍ଟି ପକାଉଛନ୍ତି । ପୃଥିବୀର କେତେକ କ୍ଷମତାଶାଳୀ ରାଷ୍ଟ୍ର ଅନ୍ୟ ରାଷ୍ଟ୍ର ଉପରେ ସେମାନଙ୍କ ପ୍ରଭୁତ୍ୱ ବଜାୟ ରଖିବା ସକାଶେ ଆପ୍ରାଣ ଉଦ୍ୟମ ଚଳାଇଛନ୍ତି, ଏପରିକି ଏହି ଲକ୍ଷ୍ୟକୁ ପାଇବା ଦିଗରେ କୌଣସି ସୁଯୋଗକୁ ହାତଛଡ଼ା କରୁନାହାନ୍ତି ।

ଆମ ପାଇଁ ଚିନ୍ତାର ବିଷୟ ହେଉଛି ଏଥିପାଇଁ ସରକାରୀ ନୀତିରେ ସୁଧାର ଆଣି କୌଣସି ପ୍ରକାର ଗଠନମୂଳକ ପରିବର୍ତ୍ତନ କରିବାର ସାମାନ୍ୟତମ କ୍ଷମତା ଅହମଦୀୟା ସଂପ୍ରଦାୟ ପାଖରେ ନାହିଁ । ଆପଣମାନଙ୍କ ଭଳି ଅଧିକାଂଶ ଲୋକ ପ୍ରତିନିଧିଙ୍କ ମଧ୍ୟ ଏହା ଉପରେ କୌଣସି କର୍ତ୍ତୃତ୍ୱ ନାହିଁ । ପକ୍ଷାନ୍ତରେ ଆମେ କୌଣସି ସରକାରୀ ସଂସ୍ଥାରେ କ୍ଷମତାପ୍ରାପ୍ତ ଅଧିକାରୀ ରୂପେ କାର୍ଯ୍ୟ କରୁନାହୁଁ । ବରଂ କହିବାକୁ ଗଲେ, ଆମେ ଯେଉଁମାନଙ୍କ ସହିତ ବନ୍ଧୁତ୍ୱର ସଂପର୍କ ସ୍ଥାପନ କରିଛୁ ଏବଂ ଯେଉଁମାନେ ଆମ ସଂସର୍ଗରେ ଥିବାବେଳେ ଆମର ସବୁ କଥାରେ ସହମତି ପ୍ରକାଶ କରିଥାନ୍ତି, ସେହି ରାଜନୈତିକ ବ୍ୟକ୍ତିମାନେ ଏ ସମ୍ବନ୍ଧରେ ମୁହଁ ଖୋଲି କିଛି କହିବାକୁ ଅସମର୍ଥ । ଏତଦ୍ ବ୍ୟତୀତ ଶାନ୍ତିର ପ୍ରଗତି କ୍ଷେତ୍ରରେ ସେମାନେ କୌଣସି ଅନ୍ୟାୟର ପ୍ରତିବାଦ କଲେ ସେମାନଙ୍କ ସ୍ୱରକୁ ଚପାଇ ଦିଆଯାଏ ଏବଂ ସେମାନେ ନିଜର ମତାମତ ପ୍ରକାଶ କରିବାକୁ ଆଗଭର ହେଲେ ହେଁ ବହୁ ପ୍ରତିରୋଧର ସମ୍ମୁଖୀନ ହୁଅନ୍ତି । ଏହାର କାରଣ ହୁଏ ତ ସେମାନଙ୍କୁ ଦଳୀୟ ନୀତିକୁ ସମର୍ଥନ କରିବାକୁ ବାଧ୍ୟ କରାଯାଏ ଅଥବା ସେମାନେ କୌଣସି ବାହ୍ୟଶକ୍ତିର ଉପର ବଶବର୍ତ୍ତୀ ହୁଅନ୍ତି । ନତୁବା ମିଳିତ ରାଜନୈତିକ ସଂଗଠନର ପ୍ରଭାବ ଯୋଗୁଁ ସେମାନଙ୍କ ସ୍ୱର କ୍ଷୀଣ ଓ ଦୁର୍ବଳ ହୋଇଯାଏ ।

ତଥାପି ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ଏହି ଶାନ୍ତି ଭିତ୍ତିକ ଆଲୋଚନା ସମ୍ମିଳନୀରେ ଯେଉଁମାନେ ଅଂଶଗ୍ରହଣ କରୁଛନ୍ତି, ସେମାନେ ନିଃସନ୍ଦେହରେ ଶାନ୍ତି କାମନା କରୁଛନ୍ତି । ଅଧିକନ୍ତୁ ସେମାନଙ୍କ ମନରେ ଏହି ବିଶ୍ୱାସର ଭାବନା ଏବଂ ଅନୁଭବ ଜାଗ୍ରତ ହୋଇଥାଏ ଯେ କିପରି ସମସ୍ତ ଜାତି, ଧର୍ମ ଓ ସମ୍ପ୍ରଦାୟ ମଧ୍ୟରେ ପ୍ରେମ, ସହାନୁଭୂତି ଏବଂ ଭ୍ରାତୃତ୍ୱର ସୁସ୍ଥ ପରିବେଶ ସୃଷ୍ଟି ହେଉ । କିନ୍ତୁ ଦୁର୍ଭାଗ୍ୟ ବଶତଃ ଏପରି ଆଲୋକକୁ ପ୍ରଜ୍ୱଳିତ କରିବା ପାଇଁ ଆମ ପାଖରେ କୌଣସି କ୍ଷମତା ପ୍ରୟୋଗ କରିବାର ଶକ୍ତି ନାହିଁ । ପୁନଶ୍ଚ ଆମର ବହୁ ପ୍ରତୀକ୍ଷିତ ଉଦ୍ଦେଶ୍ୟକୁ ଫଳପ୍ରସୂ କରାଇବାର କୌଣସି ସାଧନ ବା କର୍ତ୍ତୃତ୍ୱ ଜାହିର କରିବାର ଅବକାଶ ମଧ୍ୟ ନାହିଁ ।

ଆଜି ମୋର ମନେ ପଡୁଛି, କିଛି ବର୍ଷ ପୂର୍ବେ ଏହି ସଭା ଗୃହରେ ମୁଁ ବିଶ୍ୱଶାନ୍ତି ପ୍ରତିଷ୍ଠା ନିମନ୍ତେ ଉପାୟ ଓ ସାଧନର ପନ୍ଥା ସ୍ଥିର କରିବା ସମ୍ପର୍କରେ ବିସ୍ତୃତ ଭାବେ ନିଜ ଭାଷଣରେ ବର୍ଣ୍ଣନା କରିଥିଲି । ସେତେବେଳେ ମୁଁ ଜାତିସଂଘର କାର୍ଯ୍ୟଶୈଳୀ କିପରି ହେବା ଉଚିତ ଓ ସେମାନେ କେଉଁ କର୍ତ୍ତବ୍ୟ କିଭଳି ଭାବେ ସଂପାଦନ କରିବେ, ତାହା ମଧ୍ୟ କହିଥିଲି । ଭାଷଣ ଶେଷରେ ମୋର ଜଣେ ଘନିଷ୍ଠ ବନ୍ଧୁ ସମ୍ମାନନୀୟ Lord Eric Avebury ନିଜ ମନ୍ତବ୍ୟ ପ୍ରଦାନ କରି କହିଥିଲେ ଯେ ଆପଣଙ୍କ ପ୍ରଦତ୍ତ ଏହି ଭାଷଣ ଜାତିସଂଘରେ ଉପସ୍ଥାପନ କରାଯିବା ଉଚିତ । ଏହି ଉକ୍ତି ତାଙ୍କର ଉଦାରତା ଏବଂ ନିରପେକ୍ଷ ଚିନ୍ତାଧାରାକୁ ଦର୍ଶାଇଛି । ସୁତରାଂ କେବଳ ଭାଷଣ ଦେଇ ଚାଲିବା କିମ୍ବା ବକ୍ତୃତା ଶୁଣିନେବା ଯଥେଷ୍ଟ ନୁହେଁ । ବସ୍ତୁତଃ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ହାସଲ କରିବା ପାଇଁ ଆବଶ୍ୟକ ହେଉଛି ପ୍ରତ୍ୟେକ କାର୍ଯ୍ୟରେ ନିରପେକ୍ଷତା ଏବଂ ସ୍ୱଚ୍ଛତା ଅବଲମ୍ବନ କରିବା । ଏହି ଉପଲକ୍ଷେ, ପବିତ୍ର କୋରାନ ଅନ୍ତର୍ଗତ ଅଧ୍ୟାୟ ୪, ପଙ୍କ୍ତି ୧୩୬ରେ ବର୍ଣ୍ଣିତ ଏକ ଉତ୍କୃଷ୍ଟ ନିୟମଭିତ୍ତିକ ଶିକ୍ଷା ଆମର ମାର୍ଗଦର୍ଶନ କରାଇବାକୁ ସକ୍ଷମ । 'ଯଦି ନ୍ୟାୟର ଆବଶ୍ୟକତା ପୂରଣ କରିବା ସକାଶେ ତୁମ ପିତାମାତା, ନିକଟ ସଂପର୍କୀୟ, ତୁମ ବନ୍ଧୁବାନ୍ଧବ ଏପରିକି ନିଜ ବିରୁଦ୍ଧରେ ମଧ୍ୟ କୌଣସି ପ୍ରମାଣ ବା ସାକ୍ଷ୍ୟ ପ୍ରଦାନ କରିବାକୁ ପଡେ, ତା' ହେଲେ ତୁମ ପାଇଁ ଅବଶ୍ୟ ତାହା କରଣୀୟ ।' ସୁତରାଂ ଜାତୀୟ ସ୍ୱାର୍ଥ ବା ସାଧାରଣ ସ୍ୱାର୍ଥ ରକ୍ଷା ସକାଶେ ବ୍ୟକ୍ତିଗତ ସ୍ୱାର୍ଥକୁ ଜଳାଞ୍ଜଳି ଦେବାକୁ ହିଁ ପ୍ରକୃତ ନ୍ୟାୟର ପରିଚାୟକ ବୋଲି କୁହାଯିବ ।

ଯଦି ସାମୁହିକ ବା ଗୋଷ୍ଠୀଗତ ସ୍ତରରେ ଏହି ନୀତିକୁ କାର୍ଯ୍ୟକାରୀ କରିବାକୁ ହେବ ତା'ହେଲେ ଅନୁଚିତ ଉପାୟରେ ଧନ ବା ପ୍ରତିପତ୍ତି ଅର୍ଜନ କରିବା ସକାଶେ ପ୍ରଭାବିତ ରୀତିରେ ପ୍ରବର୍ତ୍ତାଇବାର ଯେଉଁ କୌଶଳ ଅବଲମ୍ବନ କରାଯାଉଛି, ତାହାକୁ ପରିତ୍ୟାଗ କରିବାକୁ ହେବ । ସେଥିପାଇଁ ପ୍ରତ୍ୟେକ ଦେଶର ରାଷ୍ଟ୍ରଦୂତ ତଥା ନିଜ ଦେଶର ପ୍ରତିନିଧିତ୍ୱ କରୁଥିବା ବ୍ୟକ୍ତିବିଶେଷ ନିଷ୍ଠାପୂର୍ବକ କାର୍ଯ୍ୟ କରିବା ପାଇଁ ଅଗ୍ରସର ହେବା ଉଚିତ । ସେମାନେ ସମର୍ଥନ କରୁଥିବା ସାମ୍ୟନୀତି ଓ ନ୍ୟାୟର ଶୁଦ୍ଧ ନିୟମକୁ ଉଜ୍ଜୀବିତ କରିବାର ଆଶା ପୂରଣ ହେବା ଉଚିତ । ଶାନ୍ତି ଫେରାଇ ଆଣିବାର ଉପାୟ ହେଉଛି, ପୂର୍ବତନ ମତର ପ୍ରଭାବକୁ କେନ୍ଦ୍ର କରି ଉପୁଜୁଥିବା ସମସ୍ତ ପ୍ରକାର ପକ୍ଷପାତିତାକୁ ବିଲୋପ କରିବା । ଜାତିସଂଘର ଜାତୀୟ ଆସେମ୍ବ୍ଲି ହେଉ ବା ଜାତୀୟ ନିରାପତ୍ତା ପରିଷଦ ହେଉ, ସେଠାରେ ଯେଉଁ ବିବୃତ୍ତି ବା ବକ୍ତବ୍ୟ ଉପସ୍ଥାପନ କରାଯାଏ, ଅନେକ ସମୟରେ ତାର ଅଯଥା ପ୍ରଶଂସା ଗାନ

କରାଯାଏ । ଅବଶ୍ୟ ତାହା ସେତେବେଳେ ପରିଷଦର ସ୍ୱୀକୃତି ଲାଭ କରିଥାଏ ସତ ମାତ୍ର ତାହା ଅର୍ଥହୀନ । କାରଣ ପ୍ରକୃତ ନିଷ୍ପତ୍ତି ବହୁ ପୂର୍ବରୁ ନିର୍ଦ୍ଧାରିତ ହୋଇ ସାରିଥାଏ ।

ସୁତରାଂ ଯେଉଁ ନିଷ୍ପତ୍ତି ଅନୁଚିତ ଉପାୟରେ ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକର ଅଯାଚିତ ଚାପ ବଳରେ ଗ୍ରହଣ କରାଯାଏ, ତାହା ନ୍ୟାୟଭିତ୍ତିକ ଗଣତନ୍ତ୍ରର କଂଠରୋଧ କରେ । କାରଣ ସେପରି ଭାଷଣରେ ରହିଥାଏ ଫାଙ୍କା ପ୍ରତିଶ୍ରୁତିର ମିଥ୍ୟା ବାହନା, ଯାହା ଜନ ସାଧାରଣଙ୍କ ପାଇଁ ହୁଏ ଅର୍ଥହୀନ । ସେହି ନିଷ୍ପତ୍ତିରେ ଥାଏ ଛଳନାର ଅଭିନୟ ଯାହା ବାହାର ଦୁନିଆକୁ ପ୍ରତାରିତ କରିବାର ଏକ ବୃଥା ଆସ୍ଫାଳନ । ତଥାପି ଆମେ ହତୋତ୍ସାହ ହେବା ନାହିଁ କି ପ୍ରୟାସରେ ଶୀଥିଳତା ଆଣିବା ନାହିଁ । ଶାନ୍ତିର ଅଦମ୍ୟ ଭାବନାକୁ ପରିହାର କରିବା ନାହିଁ କି ସତ୍ୟ ଓ ନ୍ୟାୟ ପାଇଁ ସାର୍ଥକ କାମନାକୁ ପରିତ୍ୟାଗ କରିବା ନାହିଁ । ଆମେ ଯେବେ ମାତୃଭୂମିର ନିୟମ ମାନି ଚଳୁଥିବା, ତେବେ ତାଙ୍କ କର୍ତ୍ତବ୍ୟ ପ୍ରତି ସରକାରଙ୍କୁ ସ୍ମରଣ କରାଇଦେବା ଯେ ଆଜିର ସମୟର ଆହ୍ୱାନ କ'ଣ ? ପଚାରିବା, ତୁମେ ଆମ ପାଇଁ କରୁଛ କ'ଣ ? ନିହିତ ସ୍ୱାର୍ଥପର ଗୋଷ୍ଠୀଙ୍କୁ ଉପଦେଶ ଦେଇ ପାରିବା ଯେ ସେମାନେ ସ୍ୱାର୍ଥ ତ୍ୟାଗ କରି ନ୍ୟାୟ ଓ ଶାନ୍ତି ପ୍ରତିଷ୍ଠା ଦିଗରେ ନିଜର ଅବଦାନ ତଥା କର୍ତ୍ତବ୍ୟ ସମ୍ବନ୍ଧରେ ଅବଗତ ହୁଅନ୍ତୁ । ଫଳରେ ବିଶ୍ୱସ୍ତରରେ ନ୍ୟାୟ ଫେରି ଆସିବ । ସେତେବେଳେ ଯାଇ ଆମ ଅଭିଳଷିତ ଶାନ୍ତି ଓ ସୌହାର୍ଦ୍ଦ୍ୟର ସ୍ୱର୍ଗ ପୃଥିବୀ ପୃଷ୍ଠରେ ପ୍ରତିଷ୍ଠିତ ହେଉଥିବାର ଦେଖି ପାରିବା ।

ତେଣୁ ଆମେ ନିଜ ପ୍ରୟାସରୁ କଦାପି ଆଶା ହରାଇବା ନାହିଁ । ଏହି ମହତ୍ କାର୍ଯ୍ୟରୁ କେବେ ମଧ୍ୟ ଓହରିଯିବା ନାହିଁ । ଲୋକମାନଙ୍କ ପ୍ରତି ହେଉଥିବା ନିଷ୍ଠୁର ବ୍ୟବହାର ଏବଂ ଅନ୍ୟାୟ ବିରୁଦ୍ଧରେ ଯଦି ଆମେ ସ୍ୱର ଉତ୍ତୋଳନ ନ କରିବା, ତା' ହେଲେ ଭାବି ନିଅନ୍ତୁ ଯେ ଆମେ ନିଜର ନୈତିକତା ହରାଇଛୁ । ଆମ କଥା କେହି ଶୁଣନ୍ତୁ ବା ନ ଶୁଣନ୍ତୁ, ତାହା କାହା ପାଇଁ ଅପ୍ରାସଙ୍ଗିକ ହୋଇପାରେ ଏବଂ କାହାକୁ ପ୍ରଭାବହୀନ ବି ଲାଗିପାରେ । ମାତ୍ର ଆମେ ଲୋକଙ୍କୁ ଶାନ୍ତି ପ୍ରତି ଆହ୍ୱାନ କରି ଏହିଭଳି ନିରନ୍ତର ଭାବରେ ନିଜର ସୁଚିନ୍ତିତ ପରାମର୍ଶ ଦେଇ ଚାଲିଥିବା । ତେବେ ଆଜିର ଏହି ସମାବେଶକୁ ଦେଖି ମୁଁ ଆତ୍ମହରା ହୋଇଯାଇଛି ଯେ ନୈତିକ ମୂଲ୍ୟବୋଧ ପ୍ରତି ସମର୍ଥନ ଦେବା ପାଇଁ ଜାତି, ଧର୍ମ ନିର୍ବିଶେଷରେ ଅନେକ ବିବିଧତା ସତ୍ତ୍ୱେ ବହୁ ସଂଖ୍ୟକ ବ୍ୟକ୍ତି ଏହି ସମାରୋହରେ ଯୋଗ ଦେଇଛନ୍ତି । ସେମାନେ ଶାନ୍ତି ଲାଭ ପ୍ରସଂଗରେ ଶୁଣିବା ପାଇଁ ଓ ଶିକ୍ଷା ଲାଭ କରିବା ପାଇଁ ବ୍ୟଗ୍ର ହୋଇ ଧାଇଁ ଆସିଛନ୍ତି

ଏବଂ ନିଜ ମତ ବ୍ୟକ୍ତ କରିବାର ସୁଯୋଗ ପାଇଛନ୍ତି । ଏଣୁ ଏହି ପରିପ୍ରେକ୍ଷୀରେ ଆପଣମାନଙ୍କୁ ଅନୁରୋଧ କରୁଛି ଯେ ଆପଣମାନେ ନିଜର ସମସ୍ତ ସାମର୍ଥ୍ୟକୁ ବିନିଯୋଗ କରି ଏହି ଉଦ୍ୟମକୁ ଅବ୍ୟାହତ ରଖନ୍ତୁ, ଯଦ୍ୱାରା ଆମ ମନରେ କିଛି ସମୟ ପାଇଁ ଆଶାର କିରଣ ସଞ୍ଚାରିତ ହେବ ଏବଂ ସମୟ ଆସିବ, ଯେତେବେଳେ ପୃଥିବୀର ସମସ୍ତ ଭାଗରେ ଶାନ୍ତି ଓ ନ୍ୟାୟ ପ୍ରତିଷ୍ଠା ହୋଇପାରିବ ।

ଆମକୁ ମନେ ରଖିବାକୁ ହେବ ଯେ ଯେତେବେଳେ ମନୁଷ୍ୟର ସମସ୍ତ ପ୍ରଚେଷ୍ଟା ବିଫଳ ହୁଏ, ସେତେବେଳେ ସର୍ବଶକ୍ତିମାନ ଈଶ୍ୱର ମାନବଜାତିର ଭାଗ୍ୟ ନିର୍ଦ୍ଧାରଣ କରି ସ୍ୱୟଂ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରନ୍ତି । ବିଧିର ଏହି ଚରମ ନିଷ୍ପତ୍ତି କାର୍ଯ୍ୟକାରୀ ହେବା ପୂର୍ବରୁ ଓ ନିଜ ପରମ ପିତାଙ୍କ ପ୍ରତି ଉଦ୍ଦିଷ୍ଟ କର୍ତ୍ତବ୍ୟ ତଥା ମାନବ ଜାତି ପ୍ରତି ଥିବା ଜନ୍ମସିଦ୍ଧ ଅଧିକାର ପାଇବା ପାଇଁ ନିଜର କର୍ତ୍ତବ୍ୟ ସମ୍ପାଦନ କରିବାକୁ ଈଶ୍ୱର ତାକୁ ବାଧ କରିବା ପୂର୍ବରୁ ବେଳ ଥାଉ ଥାଉ ମନୁଷ୍ୟ ଏହି ଜଟିଳ ପରିସ୍ଥିତିର ଗୁରୁତ୍ୱକୁ ଉପଲବ୍ଧି କରିବା ଅଧିକ ଶ୍ରେୟସ୍କର । କାରଣ ଈଶ୍ୱର ଯେତେବେଳେ ମନୁଷ୍ୟର ଔଦ୍ଧତ୍ୟକୁ ସହ୍ୟ କରିପାରନ୍ତି ନାହିଁ, ତାହାର ପ୍ରତିକ୍ରୀୟା ସ୍ୱରୂପ ନିଜ ପରାକ୍ରମ ଦେଖାଇ ସଂହାର ଲୀଳା ଆରମ୍ଭ କରି ଦିଅନ୍ତି । ସେତେବେଳେ ତାହାଙ୍କର ପ୍ରଚଣ୍ଡ କ୍ରୋଧ ଅତି ଭୟାନକ ଭାବରେ ଓ ତୀବ୍ର ରୂପ ଧାରଣ କରି ମାନବ ଜାତିକୁ ଭୀଷଣ ଆକ୍ରାନ୍ତ କରିଥାଏ ।

ଈଶ୍ୱରଙ୍କ ଚରମ ନିଷ୍ପତ୍ତିର ପରିଣାମ ସ୍ୱରୂପ ଏକ ଭୟଙ୍କର ସଙ୍କେତ ଭାବରେ ପୃଥିବୀ ଆଜି ଅନ୍ୟ ଏକ ବିଶ୍ୱଯୁଦ୍ଧ ଆଡକୁ ମୁହାଁଉଛି । ସେହି ଯୁଦ୍ଧ ସଂଘଟିତ ହେଲେ ତତ୍‌ଜନିତ ଧ୍ୱଂସଲୀଳାର ପ୍ରଭାବ କେବଳ ସେହି ଯୁଦ୍ଧଜନିତ କ୍ଷୟକ୍ଷତି ମଧ୍ୟରେ କି ସାମ୍ପ୍ରତିକ ପିଢ଼ି ମଧ୍ୟରେ ସୀମିତ ହୋଇ ରହିବ ନାହିଁ, ବରଂ ଏହାର ଭୟାବହ ପରିଣତି ଭବିଷ୍ୟତ ବଂଶଧରମାନଙ୍କୁ ମଧ୍ୟ ଭୋଗ କରିବାକୁ ପଡିବ । ସେହିପରି ନୂତନ ଭାବେ ଜନ୍ମଲାଭ କରୁଥିବା ଉଭୟ ବର୍ତ୍ତମାନ ଓ ଭବିଷ୍ୟତ ଶିଶୁମାନଙ୍କ ଉପରେ ମଧ ଏହାର ପ୍ରଭାବ ପଡିବ । ଏପରି ବିଧ୍ୱଂସକାରୀ ଅସ୍ତ୍ରଶସ୍ତ୍ର ତିଆରି ହେଲାଣି ଯେ ବଂଶାନୁକ୍ରମେ ନବଜାତ ଶିଶୁମାନେ ଶାରୀରିକ ଦୃଷ୍ଟିରୁ ବିକଳାଙ୍ଗ ହେବାର ଆଶଙ୍କା ଅଛି ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନ ଉପରେ ଯେତେବେଳେ ପରମାଣୁ ବୋମା ନିକ୍ଷେପ କରାଗଲା, ସେତେବେଳେ ଶତ୍ରୁ ସମକ୍ଷରେ ଜାପାନୀମାନେ ଥିଲେ ଏକ ଘୃଣିତ ଜାତି । ପରିଣାମରେ ସେମାନେ ଏହି ତିକ୍ତ ଅନୁଭୂତି ଅର୍ଜନ କରିଛନ୍ତି । ଏପରିକି ଆଜି ଯଦି ଆପଣ ଜାପାନ ଯାଇ ସେଠାକାର ଲୋକଙ୍କୁ ଭେଟିବେ, ତେବେ

ସେମାନଙ୍କ ଆଖିରେ ଭୟ ଓ ଘୃଣା ମିଶ୍ରିତ ପ୍ରତିଛାୟା ଦେଖିବାକୁ ପାଇବେ । ଆଜିକାଲି କ୍ଷୁଦ୍ର ଦେଶମାନଙ୍କରେ ଯେଉଁ ମାତ୍ରାରେ ଶକ୍ତିଶାଳୀ ବୋମା ଗଚ୍ଛିତ ହୋଇ ରହିଛି, ତା'ତୁଳନାରେ ସେତେବେଳେ ବ୍ୟବହୃତ ହୋଇଥିବା ପରମାଣୁ ବୋମା ଏକ ବ୍ୟାପକ ଅଞ୍ଚଳରେ ଧ୍ୱଂସର ବିନାଶ ଲୀଳା ରଚନା କରିଥିଲେ ମଧ୍ୟ ତାହାର ଶକ୍ତି ଧାରଣ କ୍ଷମତା ଏହାଠାରୁ ଯଥେଷ୍ଟ କମ୍ ଥିଲା ।

ଦୀର୍ଘ ସାତ ଦଶକ ଅତିକ୍ରାନ୍ତ ହୋଇଥିଲେ ସୁଦ୍ଧା ଜାପାନରେ ପରମାଣୁ ବୋମାର ପ୍ରଭାବ ଏବେ ବି ନବଜାତ ଶିଶୁଙ୍କ ଠାରେ ଦୃଷ୍ଟିଗୋଚର ହେଉଛି । ଗୁଳିବିଦ୍ଧ ଆଘାତ ପ୍ରାପ୍ତ ବ୍ୟକ୍ତିଙ୍କୁ ଚିକିତ୍ସା କରି ବେଳେ ବେଳେ ବଞ୍ଚାଇ ଦେବା ସମ୍ଭବ ହୋଇପାରେ , ମାତ୍ର ପରମାଣୁ ଯୁଦ୍ଧର କବଳରୁ ନିଜ ଜୀବନ ରକ୍ଷା କରିବା କୌଣସି ଆକ୍ରାନ୍ତ ବ୍ୟକ୍ତିଙ୍କ ଭାଗ୍ୟରେ ଜୁଟେ ନାହିଁ । ବସ୍ତୁତଃ ଲୋକମାନେ ଅଳ୍ପ କ୍ଷଣ ମଧ୍ୟରେ ମୃତ୍ୟୁବରଣ କରନ୍ତି, ପ୍ରତିମୂର୍ତ୍ତି ପ୍ରାୟ ଜୀବରୁ ଜଡ ପାଲଟି ଯାଆନ୍ତି ଓ ସେମାନଙ୍କ ଶରୀରସ୍ଥ ଚର୍ମ ତତକ୍ଷଣାତ୍ ତରଳି ଭସ୍ମ ହୋଇଯାଏ । ପରମାଣୁ ବିକିରଣ ଯୋଗୁଁ ପାନୀୟ ଜଳ, ଖାଦ୍ୟ ପଦାର୍ଥ ତଥା ପନିପରିବା ଇତ୍ୟାଦି ପ୍ରଦୂଷିତ ହୋଇ ରୋଗ ସଂକ୍ରମଣ କରିଥାନ୍ତି । ଏହି ପ୍ରଦୂଷଣ ଯୋଗୁ କେତେ ଯେ ଭୟଙ୍କର ରୋଗ ସଂକ୍ରମିତ ହୁଏ, ତାହାକୁ କେବଳ କଳ୍ପନା କରାଯାଇପାରେ । ଯେଉଁଠି ବୋମା ଜନିତ ବିକିରଣ ସିଧାସଳଖ ଆଘାତ ନ କରେ ଏହାର ପ୍ରଭାବ ଅପେକ୍ଷାକୃତ କମ ଥାଏ, ସେଠାରେ ରୋଗାକ୍ରାନ୍ତ ଓ ସାମାନ୍ୟ ଅସୁସ୍ଥ ବ୍ୟକ୍ତି ଉପରେ ମଧ୍ୟ ଏହାର କୁପ୍ରଭାବ ବହୁ ଅଧିକ ପରିମାଣରେ ଦେଖାଦିଏ, ଯହିଁରୁ ଭବିଷ୍ୟତ ବଂଶଧର ମଧ୍ୟ ମୁକୁଳି ପାରନ୍ତି ନାହିଁ ।

ଏଣୁ ମୁଁ ଯେପରି କହିଛି, ଧ୍ୱଂସର ଭୟଙ୍କର ପ୍ରଭାବ ସେହି ଯୁଦ୍ଧ ବା ତା'ର ପରବର୍ତ୍ତୀ ସମୟ ପର୍ଯ୍ୟନ୍ତ ସୀମିତ ରହେ ନାହିଁ, ବରଂ ବଂଶାନୁକ୍ରମେ ଏହା ବିସ୍ତାର ଲାଭ କରେ । ଏହା ହିଁ ଯୁଦ୍ଧର ବାସ୍ତବ ଫଳାଫଳ, ଯାହା ଭବିଷ୍ୟତ ବଂଶଧରଙ୍କୁ ମଧ୍ୟ ଭୋଗିବାକୁ ପଡିଥାଏ । ତଥାପି ଏହି ସ୍ୱାର୍ଥାନ୍ଧ ନିର୍ବୋଧ ମନୁଷ୍ୟ ନିଜର ବୈଜ୍ଞାନିକ ଉଦ୍ଭାବନ ପାଇଁ ଗର୍ବ କରେ ଏବଂ ଏହାକୁ ପୃଥିବୀର ବିକାଶ କ୍ଷେତ୍ରରେ ଏକ ଉପହାର ସ୍ୱରୂପ ଯୋଗାଇ ଦେଇଥିବାର ବର୍ଣ୍ଣନା କରେ ।

ପାରମାଣବିକ ଶକ୍ତି ଓ ବୈଷୟିକ ଜ୍ଞାନର ଉତ୍ସକୁ ହିତକର ଦୃଷ୍ଟିକୋଣରୁ ବିବେଚନା କରାଯାଉଥିଲେ ମଧ୍ୟ ଇନ୍ଧନ ଉତ୍ପାଦନ ବେଳେ ଆକସ୍ମିକ ଦୁର୍ଘଟଣା କିମ୍ବା ଅବହେଳା ଜନିତ କାରଣରୁ ଅତି ଭୟଙ୍କର ବିପଦ ସୃଷ୍ଟି ହୁଏ, ଯାହା ଚତୁର୍ଦ୍ଦିଗକୁ ବ୍ୟାପିଯାଇ ପ୍ରଭୂତ ଧ୍ୱଂସ ସାଧନ କରେ । ଏଭଳି ଆକସ୍ମିକ ବିପତ୍ତିକୁ ଆମେ ପ୍ରାୟତଃ

ଦେଖିଛୁ ଯାହାର ଏକ ଦୃଷ୍ଟାନ୍ତ ହେଉଛି, ୟୁକ୍ରେନ୍ (ପୂର୍ବନାମ ଚେର୍ନୋବିଲ୍) ଠାରେ ୧୯୮୬ ମସିହାରେ ସେଭଳି ଏକ ଦୁର୍ଘଟଣା ହୋଇଥିଲା । ପୂର୍ବ ବର୍ଷ ମଧ୍ୟ ଜାପାନରେ ଭୂମିକମ୍ପ ଓ ସୁନାମୀ ହେବା ପରେ ସେମାନେ ଘୋର ବିପତ୍ତିର ସମ୍ମୁଖୀନ ହୋଇ ଅତି ଭୟଭୀତ ଅବସ୍ଥାରେ ରହିଥିଲେ । ଏହି ଦୈବ ଦୁର୍ଘଟଣା ଘଟିବା ପରେ ପ୍ରଭାବିତ ଅଞ୍ଚଳରେ ପୁନର୍ବାର ଜନଗଣନା କରି ପ୍ରାଣହାନିର ହିସାବ କରିବା ଅତ୍ୟନ୍ତ କଷ୍ଟକର ବ୍ୟାପାର ହୋଇଥିଲା । ଏପରି ଅସାଧାରଣ ଦୁର୍ଦ୍ଦଶା ସମ୍ବନ୍ଧରେ ଜାପାନୀମାନଙ୍କର ଯେଉଁ ଅନୁଭୂତି ରହିଛି, ତାହା ଅତ୍ୟନ୍ତ ସତର୍କମୂଳକ ପଦକ୍ଷେପ ଗ୍ରହଣ କରିବା ପାଇଁ ସେମାନଙ୍କୁ ବାଧ୍ୟ କରିଛି । ଏହା ସେମାନଙ୍କ ଜୀବନ ରକ୍ଷା କରିବା ତଥା ଅପ୍ରତ୍ୟାଶିତ ବିପଦର ଭୟରୁ ରକ୍ଷା ପାଇବା ପାଇଁ ସେମାନଙ୍କୁ ଦୁଃସାହସିକ କରିଦେଇଛି ।

ସାଧାରଣତଃ ଲୋକଙ୍କର ଏପରି ଧାରଣା ରହିଛି ଯେ ଯୁଦ୍ଧ ହେଲେ ଲୋକ ଅବଶ୍ୟ ମରିବେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଜାପାନ ସରକାର ଓ ଜନସାଧାରଣ ଭଲ ଭାବରେ ଜାଣିଥିଲେ ଯେ କେତେକ ଲୋକ ଏହି ଯୁଦ୍ଧରେ ନିଶ୍ଚୟ ମୃତ୍ୟୁବରଣ କରିବେ । କିନ୍ତୁ କୁହାଯାଇଛି ଯେ ଜାପାନରେ ପ୍ରାୟ ୩୦ ଲକ୍ଷ ଲୋକଙ୍କର ପ୍ରାଣହାନି ଘଟିଥିଲା, ଯାହାକି ଜାପାନର ମୋଟ ଜନସଂଖ୍ୟାର ଚାରି ଶତାଂଶ । ଅନ୍ୟ ଦେଶମାନଙ୍କରେ ଏହି ମୃତ୍ୟୁର ହାର ସେହି ଦେଶର ମୋଟ ଜନସଂଖ୍ୟା ତୁଳନାରେ ଅଧିକ ହୋଇପାରେ । ମାତ୍ର ଜାପାନୀ ଲୋକମାନଙ୍କର ଯୁଦ୍ଧ ପ୍ରତି ଘୃଣା ଓ ବିରକ୍ତି ମନୋଭାବ ଅନ୍ୟ ଦେଶ ଠାରୁ ଅଧିକ ତୀବ୍ର ଜଣାଯାଏ । ଏହାର କାରଣ ଅତି ସହଜ । ଜାପାନର ଦୁଇଟି ସହର ଉପରେ ଦୁଇଟି ପରମାଣୁ ବୋମା ନିକ୍ଷେପ କରାଯିବା ସମୟରେ ଯେଉଁ ପ୍ରତ୍ୟକ୍ଷଦର୍ଶୀ ବ୍ୟକ୍ତି ଅଧୁନା ଅଛନ୍ତି, ସେମାନଙ୍କ ମାନସପଟରୁ ଏବେ ବି ସେହି ହୃଦୟ ବିଦାରକ ଦୃଶ୍ୟ ଲିଭିନାହିଁ । ଅବଶ୍ୟ ଅତିଶୀଘ୍ର ସେମାନେ ସ୍ୱାଭାବିକ ଅବସ୍ଥାକୁ ଫେରି ଆସୁଛନ୍ତି ଏବଂ ସେହି ସହରଗୁଡ଼ିକରେ ଜନସଂଖ୍ୟା ଯଥା ସମ୍ଭବ ବୃଦ୍ଧି କରିବାକୁ ସେମାନେ ସମର୍ଥ ହେଉଛନ୍ତି । ଏହା ଜାପାନ ଦେଶର ମହାନତା ଓ ନମନୀୟତା ଗୁଣର ପରିଚାୟକ, ଯାହା ସ୍ଥିତି ସୁଧାରିବାରେ ସେମାନେ ପାରଙ୍ଗମ ଥିବାର ପ୍ରମାଣ ମିଳେ । ତେବେ ମୁଁ ସ୍ପଷ୍ଟ ରୂପେ ଏହା କହିପାରେ ଯେ ଯଦି ପରମାଣୁ ଅସ୍ତ୍ର ଏବେ ବ୍ୟବହୃତ ହୁଏ, ତା'ହେଲେ ନିର୍ଦ୍ଦିଷ୍ଟ ଦେଶରେ ସେହି ଅଂଶ ମାନଚିତ୍ରରୁ ସଂପୂର୍ଣ୍ଣ ଲୋପ ପାଇଯିବ, ଅସ୍ତିତ୍ୱର ଚିହ୍ନବର୍ଣ୍ଣ ମଧ୍ୟ ରହି ନ ପାରେ ।

ଏକ ସର୍ବନିମ୍ନ ଆକଳନ ଅନୁଯାୟୀ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ମୃତ୍ୟୁସଂଖ୍ୟା ଥିଲା ପ୍ରାୟ ୬.୨୦ କୋଟି । ତନ୍ମଧ୍ୟରେ ପ୍ରାୟ ୪କୋଟି ସାଧାରଣ ନାଗରିକ ଥିଲେ । ଅନ୍ୟ ଅର୍ଥରେ କହିବାକୁ ଗଲେ, ସୈନ୍ୟମାନଙ୍କ ତୁଳନାରେ ଅଧିକ ସଂଖ୍ୟାରେ

ସାଧାରଣ ଲୋକ ମୃତ୍ୟୁ ମୁଖରେ ପଡିଥିଲେ । ଜାପାନର ଏହି ଯୁଦ୍ଧ ବିଭୀଷିକା ବ୍ୟତୀତ ପ୍ରତ୍ୟେକ ସ୍ଥାନରେ ଗତାନୁଗତିକ ପ୍ରଥା ଅନୁଯାୟୀ ଅଣ ଆଣବିକ ଅସ୍ତ୍ର ଶସ୍ତ୍ର ବ୍ୟବହାର କରାଯାଇ ପରମ୍ପରାଗତ ଯୁଦ୍ଧ ମଧ୍ୟ ଲାଗି ରହିଥିଲା ।

ସେହି ଯୁଦ୍ଧରେ ଅଂଶ ଗ୍ରହଣ କରିଥିବା ବ୍ରିଟେନ ଗଣରାଜ୍ୟର ମଧ୍ୟ ୫ ଲକ୍ଷ ଲୋକଙ୍କର ଜୀବନ ହାନି ହୋଇଥିଲା । ସେତେବେଳେ ଔପନିବେଶିକ କ୍ଷମତାର ପ୍ରଚଳନ ଥିବାରୁ ଆମେ ଯଦି ତା'ର ଉପନିବେଶଭୁକ୍ତ ରାଜ୍ୟଗୁଡିକର ଯୁଦ୍ଧଜନିତ କ୍ଷତିକୁ ମିଶାଇବା ତା'ହେଲେ ମୃତ୍ୟୁ ସଂଖ୍ୟା ଲକ୍ଷାଧିକ ହେବ । ପ୍ରକାଶ ଥାଉକି କେବଳ ଭାରତବର୍ଷରେ ୧ .୬ ନିୟୁତ ଲୋକ ପ୍ରାଣ ହରାଇଥିଲେ ।

ଯାହାହେଉ, ବର୍ତ୍ତମାନ ପରିସ୍ଥିତି ବଦଳିଯାଇଛି । ବ୍ରିଟିଶ ଗଣରାଜ୍ୟ ଅଧୀନସ୍ଥ ଉପନିବେଶ ଦେଶଗୁଡିକ ମଧ୍ୟରୁ ଯେଉଁମାନେ ବ୍ରିଟିଶ ସାମ୍ରାଜ୍ୟ ପାଇଁ ଲଢେଇ କରୁଥିଲେ, କେବେ ଯୁଦ୍ଧ ହେଲେ ସେମାନେ ଗ୍ରେଟ୍ ବ୍ରିଟେନ ବିରୁଦ୍ଧରେ ଯୁଦ୍ଧ କରିବାକୁ ପଛେଇବେ ନାହିଁ । ଅଧିକନ୍ତୁ ଯେପରି ସୂଚିତ କରୁଛି, କେତେକ ଛୋଟ ଦେଶରେ ମଧ୍ୟ ପାରମାଣବିକ ଅସ୍ତ୍ର ଗଚ୍ଛିତ ରହିଛି ।

ଏହା ଜାଣିବା ପରେ ମନରେ ଅତ୍ୟନ୍ତ ଭୟ ସୃଷ୍ଟି ହେଉଛି ଯେ ଏହି ପାରମାଣବିକ ଅସ୍ତ୍ରଗୁଡିକ ଏବେ ଏପରି ଲୋକଙ୍କ ହାତରେ ପଡିଲାଣି, ଯେଉଁମାନଙ୍କର ଏହାକୁ ରଖିବାର ସାମର୍ଥ୍ୟ ନାହିଁ ଓ ଏହି ଅସ୍ତ୍ରର ଅସଦ୍ ଉପାୟରେ ବ୍ୟବହାର କରିବାର ସମ୍ଭାବନା ଅଛି । ଏହାର ପରିଣାମ କ'ଣ ହେବ ତାହା ମଧ୍ୟ ସେମାନେ ଚିନ୍ତା କରୁନାହାନ୍ତି । ସତ କହିବାକୁ ଗଲେ, ଏହାର ପରିଣତିକୁ ସେମାନେ ଖାତିର କରୁନାହାନ୍ତି, ବରଂ ଟ୍ରିଗର୍ ଦବାଇବାରେ ଆନନ୍ଦିତ ହୁଅନ୍ତି ।

ସୁତରାଂ ଯଦି ମହାଶକ୍ତିଗୁଡିକ ନ୍ୟାୟଶୀଳ ନୀତି ଅବଲମ୍ବନ ନ କରିବେ, ତତ୍‌ସହିତ କ୍ଷୁଦ୍ର ଦେଶଗୁଡିକର ଅସନ୍ତୋଷ ଓ ନୈରାଶ୍ୟକୁ ଦୂର କରିବାକୁ କୌଣସି ବିଜ୍ଞତାମୂଳକ ଉତ୍ତମ ସରକାରୀ ନୀତି ଗ୍ରହଣ ନ କରିବେ, ତେବେ ପରିସ୍ଥିତି ଏପରି ଅଧିକ ଜଟିଳ ହୋଇପଡିବ ଯେ ତାହା ମହାବିନାଶ ହିଁ ସୃଷ୍ଟି କରିବ, ଯାହାକି ଆମ କଳ୍ପନାର ଊର୍ଦ୍ଧ୍ୱରେ ବ୍ୟାପକ ରୂପ ଧାରଣ କରିବ । ଏପରିକି ଶାନ୍ତି ଆଶାନ୍ୱିତ ପୃଥିବୀର ଏକ ବୃହତ ଭାଗକୁ ଏହି ବିଧ୍ୱଂସର କରାଳ ଛାୟା ଆଚ୍ଛାଦିତ କରି ରଖିବ ।

ଏହା ମୋର ହୃଦୟର ଆବେଗପୂର୍ଣ୍ଣ ଇଚ୍ଛା । ତେଣୁ ସେହି ବୃହତ ରାଷ୍ଟ୍ରଗୁଡିକର ପ୍ରମୁଖ ନେତାମାନଙ୍କଠାରୁ ଏହି ଆଶା କରୁଛି ଯେ ସେମାନେ ଏହି କଷ୍ଟକର ପରିସ୍ଥିତିର ବାସ୍ତବତାକୁ ହୃଦୟଙ୍ଗମ କରନ୍ତୁ, ଯାହାକି ସେମାନଙ୍କ ପାଇଁ ବିରକ୍ତିକର ବୋଧ ହେଉଥିବ । ଏପରି ସରକାରୀ ନୀତି ଆପଣାନ୍ତୁ ଯହିଁରେ

ଆକ୍ରମଣାତ୍ମକ ମନୋଭାବ ବା ଶତ୍ରୁତାମୂଳକ ଚିନ୍ତାଧାରା ନଥିବ । ସେମାନେ ଉଦ୍ଦେଶ୍ୟ ପ୍ରଣୋଦିତ ସ୍ୱାର୍ଥ ହାସଲ କରିବା ପାଇଁ ନିଜର ଶକ୍ତି ବିନିଯୋଗ ନକରି କେବଳ ନ୍ୟାୟର ପ୍ରବର୍ତ୍ତନ ଓ ପ୍ରବଣତା ନିମନ୍ତେ ନିରପତ୍ତା ପାଇଁ ନୀତିଗତ ଉଦ୍ୟମ କରନ୍ତୁ ।

ନିକଟରେ ଋଷର ଜଣେ ଅତି ବରିଷ୍ଠ ସେନାଧକ୍ଷ ପରମାଣୁ ଯୁଦ୍ଧର ସମ୍ଭାବ୍ୟ ଅନିଷ୍ଟର ଆଶଙ୍କା ପ୍ରକାଶ କରି ଏକ ଗୁରୁତର ଚେତାବନୀ ଦେଇଛନ୍ତି । ତାଙ୍କ ମତରେ ଏହି ଯୁଦ୍ଧ ଏସିଆ କିମ୍ବା ବା ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ହେବ ନାହିଁ, ବରଂ ୟୁରୋପ ସୀମାରେ ଏହି ଯୁଦ୍ଧ ଲାଗିବ । ବସ୍ତୁତଃ ଯୁଦ୍ଧର ଆଶଙ୍କା ପୂର୍ବ ୟୁରୋପୀୟ ଦେଶଗୁଡ଼ିକରେ ଉତ୍ପନ୍ନ ହେବ ଓ ସେଇଠାରୁ 'ଯୁଦ୍ଧଂ ଦେହି' ଡାକରା ଦିଆଯିବ । ଅବଶ୍ୟ ଏହା ତାଙ୍କର ନିଜସ୍ୱ ବ୍ୟକ୍ତିଗତ ମତ । କିନ୍ତୁ ତାଙ୍କ ମତରେ ଅନେକ ସମ୍ଭାବନା ରହିଥିବାର ସେ ବିଶ୍ୱାସ କରନ୍ତି । ଅଧିକନ୍ତୁ ସେ କହିଛନ୍ତି ମୋର ବିଶ୍ୱାସ ଯେ ଯଦି ସେହି ଯୁଦ୍ଧ ଲାଗିଯାଏ, ଏସୀୟ ଦେଶଗୁଡ଼ିକ ମଧ୍ୟ ତହିଁରେ ଜଡ଼ିତ ହୋଇ ଯିବେ ।

ଅନ୍ୟ ଏକ ଚମକପ୍ରଦ ସମ୍ବାଦ ସର୍ବତ୍ର ଚହଳ ପକାଇଛି । ନିକଟରେ ଅବସର ଗ୍ରହଣ କରିଥିବା ଇସ୍ରାଇଲ ଗୋଇନ୍ଦା ସଂସ୍ଥାର ମୁଖ୍ୟ ମୋସାଦ୍ ଆମେରିକାର ଲୋକପ୍ରିୟ ଚ୍ୟାନେଲ CBC ରେ ଏକ ସାକ୍ଷାତକାରରେ କହିଥିଲେ: 'ଯାହା ପ୍ରତୀୟମାନ ହେଉଛି, ଇସ୍ରାଇଲ ସରକାର ଇରାନ ସହିତ ଯୁଦ୍ଧ କରିବାକୁ ଚାହୁଁଛି ।' ପୁଣି କହିଥିଲେ 'ଯଦି ଆକ୍ରମଣ ହୁଏ ତା'ହେଲେ କେଉଁଠାରେ ଓ କିପରି ଏହି ଯୁଦ୍ଧର ଅବସାନ ହେବ, ତାହା ମଧ୍ୟ ଜାଣିବା ଅସମ୍ଭବ ।' ତେଣୁ ସେ ଏପରି ଆକ୍ରମଣକୁ ଦୃଢ଼ ବିରୋଧ କରି ଯୁଦ୍ଧ ନ ହେବା ପାଇଁ ପରାମର୍ଶ ଦେଇଛନ୍ତି ।

ଏ ସମ୍ବନ୍ଧରେ ମୋର ମତ ହେଉଛି ଯେ ପରମାଣୁ ବୋମା ଜନିତ ଧ୍ୱଂସରେ ହିଁ ଏହି ଯୁଦ୍ଧର ଅନ୍ତ ହେବ ।

ଏକ ପତ୍ରିକାରେ ଗୋଟିଏ ଲେଖା ପ୍ରକାଶ ପାଇଛି, ଯହିଁରେ ଲେଖକ ଉଲ୍ଲେଖ କରିଛନ୍ତି ଯେ ୧୯୩୨ ମସିହାରେ ପରିସ୍ଥିତ ଯାହା ଥିଲା ଆଜି ପୃଥିବୀରେ ଠିକ ସେହିପରି ପରିସ୍ଥିତି ସୃଷ୍ଟି ହୋଇଛି । ଉଭୟ ଅର୍ଥନୀତି ଓ ରାଜନୀତି କ୍ଷେତ୍ରରେ ସମାନ ଅବସ୍ଥା ଦୃଷ୍ଟିଗୋଚର ହେଉଛି । ପୁନଶ୍ଚ ସେ ଲେଖିଛନ୍ତି ଯେ କେତେକ ଦେଶର ଲୋକମାନେ ସେମାନଙ୍କ ରାଜନୈତିକ ନେତୃବର୍ଗଙ୍କ ଠାରୁ ସଂପୂର୍ଣ୍ଣ ରୂପେ ଆସ୍ଥା ହରାଇ ବସିଛନ୍ତି । ବାସ୍ତବରେ ଗଣତନ୍ତ୍ରରେ ସେମାନଙ୍କର ଆଉ ବିଶ୍ୱାସ ନାହିଁ । ସେ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ଦ୍ୱିତୀୟ ବିଶ୍ୱଯୁଦ୍ଧର ଅବ୍ୟବହିତ ପୂର୍ବରୁ ଯାହା

ସବୁ ଅନୁଭୂତ ହେଉଥିଲା, ସେ ସମୟର ଘଟଣାବହୁଳ ସମସ୍ୟାରେ ଅନେକ ସାଦୃଶ୍ୟ ଅଛି । ଅବଶ୍ୟ ତାଙ୍କର ଏହି ଭାବନା ସହିତ ଅନେକ ଲୋକ ସହମତ ହୋଇ ନ ପାରନ୍ତି । କିନ୍ତୁ ପକ୍ଷାନ୍ତରେ ମୁଁ ତାଙ୍କ ସହିତ ଏ ବିଷୟରେ ଏକମତ । କାରଣ ମୁଁ ବିଶ୍ୱାସ କରେ ଯେ ପୃଥିବୀର କ୍ଷମତାସୀନ ପ୍ରଶାସନ ବା ସରକାର ବର୍ତ୍ତମାନ ସ୍ଥିତିକୁ ଗୁରୁତ୍ୱ ସହକାରେ ଅନୁଧ୍ୟାନ କରନ୍ତୁ ଏବଂ ଏ ଦିଗରେ ବ୍ୟଗ୍ରତା ପ୍ରକାଶ କରନ୍ତୁ । ସେହିପରି ଅନ୍ୟାୟର ପୃଷ୍ଠପୋଷକ ବୋଲାଉଥିବା କେତେକ ମୁସଲିମ ଦେଶର ସେହି ନେତାମାନଙ୍କର ଚୈତନ୍ୟ ଉଦୟ ହେବା ଉଚିତ, ଯେଉଁମାନେ କ୍ଷମତାକୁ ଜାବୁଡି ଧରି ବସିଛନ୍ତି । ସେମାନେ ଏଥିପ୍ରତି କର୍ଣ୍ଣପାତ ନ କଲେ ସେମାନଙ୍କର ଗର୍ହିତ କାର୍ଯ୍ୟ ଓ ନିର୍ବୋଧତା ଯୋଗୁଁ ନିଜେ ରସାତଳଗାମୀ ହେବା ସହିତ ନିଜ ଦେଶକୁ ଅତ୍ୟନ୍ତ ଭୟଙ୍କର ବିପତ୍ତି ମଧ୍ୟକୁ ଟାଣି ନେବେ ।

ଆମେ ଅହମଦୀୟା ମୁସଲିମ ସଂପ୍ରଦାୟର ସଦସ୍ୟ ଭାବରେ ସମଗ୍ର ବିଶ୍ୱ ତଥା ମାନବିକତାକୁ ଧ୍ୱଂସ ମୁଖରୁ ଉଦ୍ଧାର କରିବା ସକାଶେ ଯଥାସାଧ୍ୟ ଅହରହ ଉଦ୍ୟମ କରୁଛୁ । କାରଣ ଏହି ଯୁଗର ସନ୍ଧିକ୍ଷଣରେ ଆମେମାନେ ଚଳିତ ଯୁଗର ସେହି ଇମାମ୍ (ପଥ ପ୍ରଦର୍ଶକ)ଙ୍କୁ ଗ୍ରହଣ କରିଛୁ, ଯାହାଙ୍କୁ ଅଲ୍ଲାଃ ପ୍ରତିଶ୍ରୁତ ଅବତାର ଓ ମସିହ ରୂପେ ପୃଥିବୀକୁ ପଠାଇଛନ୍ତି । ଆମର ସେହି ଦିବ୍ୟ ବାର୍ତ୍ତାବହ ମୁହମ୍ମଦ[ସଅ] ଯିଏ ସମଗ୍ର ମାନବ ଜାତି ପାଇଁ କରୁଣା (ରହମତ) ସ୍ୱରୂପ ଧରାପୃଷ୍ଠରେ ଆବିର୍ଭୂତ ହୋଇଥିଲେ, ତାହାଙ୍କ ଦାସତ୍ୱ ଅବଲମ୍ବନ କରି ସେ ଆସିଛନ୍ତି ।

ଆମେ ଦିବ୍ୟ ଅବତାର ମୁହମ୍ମଦ[ସଅ](ତାହାଙ୍କ ପ୍ରତି ଶାନ୍ତି ବିରାଜିତ ହେଉ)ଙ୍କର ଶିକ୍ଷାରେ ଅନୁପ୍ରାଣିତ ହୋଇଥିବା ଯୋଗୁଁ ବିଶ୍ୱର ଏତାଦୃଶ ଅବସ୍ଥା ଆମ ହୃଦୟକୁ ଉଦ୍‌ବେଳିତ କରୁଛି ଏବଂ ଆମ ମନରେ ଦୁଃଖ ଓ ବିଷାଦର ଛାୟା ଖେଳି ଯାଇଛି । ଆମ ହୃଦୟର କୋହ ଓ ମନର ବେଦନା ପୃଥିବୀର ଦୁର୍ଦ୍ଦଶାଗ୍ରସ୍ତ ନିଷ୍ପେଷିତ ଦୁଃଖୀ ଦରିଦ୍ର ମଣିଷର ଆଖିରୁ ଲୁହ ପୋଛିବା ପାଇଁ ଆମକୁ ଅନୁପ୍ରାଣିତ କରୁଛି । ମାନବିକତାକୁ ଧ୍ୱଂସର କରାଳ କବଳରୁ ମୁକୁଳାଇ ଶାନ୍ତିର ପଥରେ ଅଗ୍ରସର କରାଇବା ପାଇଁ ଆମକୁ ଉଦ୍‌ବୁଦ୍ଧ କରୁଛି । ପୃଥିବୀରେ ସୁଖଶାନ୍ତି ଫେରାଇ ଆଣିବାର ଲକ୍ଷ୍ୟ ସାଧନ ଦିଗରେ ମୁଁ ଏବଂ ଅନ୍ୟ ସମସ୍ତ ଅହମଦି ମୁସଲମାନ ନିଜର ଦାୟିତ୍ୱ ନିର୍ବାହ କରିବା ପାଇଁ ସର୍ବଦା ପ୍ରୟାସରତ ଅଛନ୍ତି ।

ପୃଥିବୀକୁ ଶାନ୍ତିର ମାର୍ଗରେ ଅଗ୍ରସର କରାଇବା ପାଇଁ ମୁଁ ଏକ ଯୋଜନା ପ୍ରସ୍ତୁତ କରିଛି । ବିଶ୍ୱର ପ୍ରମୁଖ ନେତାମାନଙ୍କ ନିକଟକୁ ପତ୍ର ଲେଖି ଅଶାନ୍ତିର ସଙ୍କଟମୟ ସ୍ଥିତିରୁ ପୃଥିବୀକୁ ମୁକ୍ତ କରିବା ପାଇଁ ସେମାନଙ୍କ ଭୂମିକା କ'ଣ ହେବା

ଉଚିତ, ତାହା ସେମାନଙ୍କୁ ଅବଗତ କରାଇଥିଲି । କିଛି ମାସ ପୂର୍ବେ ସମ୍ମାନୀୟ ପୋପ୍ ବେନେଡିକ୍‌ଟଙ୍କୁ ମୋର ଜଣେ ଅହମଦୀ ପ୍ରତିନିଧିଙ୍କ ହସ୍ତରେ ପତ୍ର ପଠାଇଥିଲି । ଯେହେତୁ ସେ ବିଶ୍ୱର ବୃହତ୍ତମ ଧାର୍ମିକ ସଂପ୍ରଦାୟର ମୁଖ୍ୟ, ତେଣୁ ସେ ଶାନ୍ତି ପ୍ରତିଷ୍ଠା ପାଇଁ ଆନ୍ତରିକ ଚେଷ୍ଟା କରିବା ଉଚିତ ହେବ ବୋଲି ପତ୍ରରେ ଉଲ୍ଲେଖ କରିଥିଲି ।

ସେହି ଭାବନାସକ୍ତ ମନରେ ମୁଁ ଇସ୍ରାଇଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ ଏବଂ ଇରାନ ରାଷ୍ଟ୍ରପତି ମହମୁଦ୍ ଅହମଦୀ ନେଜାଦ୍‌ଙ୍କ ନିକଟକୁ ପତ୍ର ଲେଖିଥିଲି । ଯେତେବେଳେ ଜାଣିବାକୁ ପାଇଲି ଯେ ଉଭୟ ଦେଶ ମଧ୍ୟରେ ଶତ୍ରୁତାର ବହ୍ନି ଜଳି ଜଳି ଅତି ବିପଦସଂକୁଳ ଅବସ୍ଥାରେ ପହଞ୍ଚିଗଲାଣି, ସେତେବେଳେ ମାନବଜାତିର ହିତାର୍ଥେ ନିଷ୍ପତ୍ତିମୂଳକ ପଦକ୍ଷେପ ନେବାର ପ୍ରକୃଷ୍ଟ ସମୟ ଆସି ଉପସ୍ଥିତ ହୋଇଥିବାର ସୂଚାଇ ମୁଁ ଉଭୟ ଶାସକଙ୍କୁ ସମସ୍ତ ପ୍ରକାର କଳହ ଓ ବେଖାତିର ମନୋଭାବ ପରିତ୍ୟାଗ କରିବାକୁ ପତ୍ର ମାଧ୍ୟମରେ ପ୍ରରୋଚିତ କରିଥିଲି ।

ମୁଁ ଏବେ ଆମେରିକାର ରାଷ୍ଟ୍ରପତି ବାରାକ୍ ଓବାମା ଓ କାନାଡାର ପ୍ରଧାନମନ୍ତ୍ରୀ-ଷ୍ଟିଫେନ୍ ହାରପର୍‌ଙ୍କ ନିକଟକୁ ମଧ୍ୟ ପତ୍ର ଲେଖି ପୃଥିବୀରେ ଶାନ୍ତି ଓ ସୌହାର୍ଦ୍ଦ୍ୟର ଅଗ୍ରଗତି ପଥରେ ସେମାନଙ୍କ ଭୂମିକା ଓ କର୍ତ୍ତବ୍ୟ କ'ଣ ହେବା ସମୀଚୀନ, ସେ ବିଷୟରେ ଆହ୍ୱାନ କରିଥିଲି । ନିକଟ ଭବିଷ୍ୟତରେ ଅନ୍ୟାନ୍ୟ ରାଷ୍ଟ୍ରମୁଖ୍ୟଙ୍କୁ ସଚେତନ କରାଇ ପତ୍ର ମାଧ୍ୟମରେ ମୋର ପରାମର୍ଶ ଜଣାଇ ଦେବା ପାଇଁ ମଧ୍ୟ ଯୋଜନା କରୁଛି ।

ମୁଁ ଯେଉଁମାନଙ୍କୁ ପତ୍ର ଲେଖୁଛି ସେମାନଙ୍କ ପାଇଁ ମୋର ପରାମର୍ଶ ମୂଲ୍ୟହୀନ ମନେ କରାଯାଇ ପାରେ । ପୁନଶ୍ଚ ଏହା କୌଣସି ଗୁରୁତ୍ୱ ବହନ କରିବ କି ନାହିଁ ତାହା ମୁଁ ଜାଣେ ନାହିଁ । ମାତ୍ର ଯାହା ବି ସେମାନଙ୍କର ପ୍ରତିକ୍ରିୟା ହେଉ ନା କାହିଁକି, ମୁଁ କୋଟି କୋଟି ଅହମଦୀ ମୁସଲମାନଙ୍କର ଖଲିଫା ତଥା ଆଧ୍ୟାତ୍ମିକ ଗୁରୁ ଭାବରେ ସେମାନଙ୍କ ଆବେଗ ଓ ଅନୁଭବକୁ ସେହି ରାଷ୍ଟ୍ରୀୟ ନେତୃବୃନ୍ଦଙ୍କ ନିକଟରେ ପହଞ୍ଚାଇବା ଦେବା ମୋର ନିମିତ୍ତ ପ୍ରଚେଷ୍ଟା ମାତ୍ର ।

ଅଧିକନ୍ତୁ ଏହା ମଧ୍ୟ ସ୍ପଷ୍ଟ କରିବାକୁ ଚାହେ ଯେ ମୁଁ ବ୍ୟକ୍ତିଗତ ଭାବରେ କାହାକୁ ଭୟ କରି ମୋ ମନର ଆବେଗକୁ ପ୍ରକାଶ କରିନାହିଁ, ବରଂ ମାନବିକତାକୁ ନିଷ୍ପାପର ଭାବେ ଭଲ ପାଉଥିବା ଯୋଗୁଁ ମୁଁ ଏହା କରିବାକୁ ମନ ବଳାଇଛି ।

ଆମର ମାନବିକତା ପ୍ରତି ରହିଥିବା ଏପରି ପ୍ରେମର ନିଦର୍ଶନ ଦିବ୍ୟ ବାର୍ତ୍ତାବହ ମୁହମ୍ମଦ[ସଃ]ଙ୍କ ଶିକ୍ଷା ଯୋଗୁଁ ସମସ୍ତ ସତ୍ୟନିଷ୍ଠ ମୁସଲମାନଙ୍କର ଅନ୍ତରରେ

ଧୀରେ ଧୀରେ ବିକଶିତ ହେଉଛି ଏବଂ ସେମାନଙ୍କ ମନରେ ତାଙ୍କରି ଶିକ୍ଷା ଦୃଢ଼ିଭୂତ ହେଉଛି । କାରଣ ସେ ହିଁ ସମଗ୍ର ମାନବଜାତି ପାଇଁ ଅନୁଗ୍ରହ ଓ ସହାନୁଭୂତି ପ୍ରଦର୍ଶନ ସମେତ କରୁଣା କରିବାକୁ ପ୍ରେରିତ ହୋଇଥିଲେ ।

ଆପଣମାନେ ଏହା ଜାଣି ଆଚମ୍ଭିତ ହେବେ ଯେ ହଜରତ ମୁହମ୍ମଦ[ସଃ]ଙ୍କ ଶିକ୍ଷାର ଫଳପ୍ରଦ ପ୍ରଭାବ ଆମ ଉପରେ ପ୍ରତ୍ୟକ୍ଷ ଭାବରେ ପଡିଛି । ତେଣୁ ଆମେ ମାନବଜାତିକୁ ଗଭୀର ଭାବରେ ପ୍ରେମ କରୁଛୁ । ଆପଣମାନେ ପ୍ରଶ୍ନ କରିପାରନ୍ତି ଯେ ମୁସଲିମ ଉଗ୍ରବାଦୀ ସଂଗଠନ କାହିଁକି ତା'ହେଲେ ସୃଷ୍ଟି ହେଲା ? କାହିଁକି ସେମାନେ ନିରୀହ ମଣିଷକୁ ଅଯଥା ମାରି ଦେଉଛନ୍ତି ? ସେହିସବୁ ମୁସଲିମ ସରକାର ଆପଣା ପଦ ଓ କ୍ଷମତାକୁ ସୁରକ୍ଷିତ ରଖିବା ପାଇଁ କାହିଁକି ନିଜ ଲୋକମାନଙ୍କୁ ସାମୁହିକ ହତ୍ୟା ପାଇଁ ନିର୍ଦ୍ଦେଶ ଦେଉଛନ୍ତି ?

ଏ ସଂକ୍ରାନ୍ତୀୟ ବାସ୍ତବିକତା ପ୍ରତି ଆପଣମାନଙ୍କୁ ସ୍ପଷ୍ଟ ରୂପେ ଅବଗତ କରିବାକୁ ଚାହେଁ ଯେ ଏ ସମସ୍ତ ଅମାନବୀୟ ଆଚରଣ ଇସଲାମୀୟ ଶିକ୍ଷାର ପରିପନ୍ଥୀ । ପବିତ୍ର କୁରଆନ କୁତ୍ରାବ କୌଣସି ପରିସ୍ଥିତିରେ ମଧ୍ୟ ଉଗ୍ରବାଦ ବା ଚରମ ପନ୍ଥୀ କାର୍ଯ୍ୟ କରିବାକୁ ଅନୁମତି ଦିଏ ନାହିଁ ।

ଆମର ବିଶ୍ୱାସ ଅନୁଯାୟୀ ସର୍ବଶକ୍ତିମାନ ଈଶ୍ୱର ଚଳିତ ଯୁଗରେ ଦିବ୍ୟ ଅବତାର ମୁହମ୍ମଦ[ସଃ]ଙ୍କ ଏକ ଅନୁରକ୍ତ ଦାସ ଓ ଏକ ସମ୍ପୂର୍ଣ୍ଣ ସମର୍ପିତ ସେବକ ରୂପେ ହଜରତ ମିର୍ଜା ଗୁଲାମ ଅହମଦ କାଦିୟାନୀ (ତାହାଙ୍କ ପ୍ରତି ଶାନ୍ତି ବିରାଜିତ ହେଉ)ଙ୍କୁ ପ୍ରତିଶ୍ରୁତ ଅବତାର ତଥା ଇମାମ ମହଦୀ (ପଥ ପ୍ରଦର୍ଶକ) ଦାୟିତ୍ୱ ଅର୍ପଣ କରି ଜଗତକୁ ପଠାଇଛନ୍ତି । ସେ ଅହମଦୀୟା ମୁସଲିମ ସଂପ୍ରଦାୟର ପ୍ରାଣ ପ୍ରତିଷ୍ଠାତା । ସେହି ପ୍ରତିଶ୍ରୁତ ମସିହଙ୍କ ଦ୍ୱାରା ଇସଲାମ ଓ ପବିତ୍ର କୁରଆନର ବାସ୍ତବ ତଥା ତାତ୍ତ୍ୱିକ ଶିକ୍ଷା ବ୍ୟାପକ ଭାବେ ପ୍ରସାରଣ କରାଯିବା ବିଧି ନିର୍ଦ୍ଦିଷ୍ଟ କରାଯାଇଛି । ସେ ପ୍ରେରିତ ହୋଇଛନ୍ତି ଈଶ୍ୱର ଏବଂ ମନୁଷ୍ୟ ମଧ୍ୟରେ ରହିଥିବା ସଂପର୍କକୁ ନିବିଡ କରିବା ପାଇଁ । ସେ ଆସିଛନ୍ତି ମନୁଷ୍ୟର ପ୍ରକୃତ ସ୍ଥିତି ଉପଲବ୍ଧ କରାଇ ପରସ୍ପରକୁ ଚିହ୍ନିବା ଓ ମାନବାଧିକାରକୁ ସ୍ଥାପନ କରିବାର ଗୁରୁ ଦାୟିତ୍ୱ ତୁଲାଇବା ଓ ସେମାନଙ୍କ କର୍ତ୍ତବ୍ୟ ସଂପାଦନ ଦିଗରେ ବାଧ୍ୟତ କରିବା ପାଇଁ । ସେ ଆବିର୍ଭୂତ ହୋଇଛନ୍ତି ସମସ୍ତ ପ୍ରକାର ଧର୍ମଗତ ଯୁଦ୍ଧ ଓ ଜାତିଆଣ ସଂଘର୍ଷର ମୂଳୋତ୍ପାଟନ କରିବାର ମହତ୍ତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ନେଇ । ସେ ଅବତରିଛନ୍ତି ପ୍ରତ୍ୟେକ ଧର୍ମର ସଂସ୍ଥାପକ ଓ ଅବତାରମାନଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ, ଭକ୍ତି ଓ ପଦ ମର୍ଯ୍ୟାଦା ପ୍ରତିଷ୍ଠା କରିବାର ଅଭିପ୍ରାୟ ନେଇ । ସେ ଧରାପୃଷ୍ଠରେ ଜନ୍ମଗ୍ରହଣ କରିଛନ୍ତି ଉତ୍କୃଷ୍ଟ ନୈତିକ ମୂଲ୍ୟବୋଧକୁ ମାନବ ହୃଦୟର

ସର୍ବୋଚ୍ଚ ଶିଖରରେ ପହଞ୍ଚାଇବା ପ୍ରତି ମାନବଜାତିର ଧ୍ୟାନ ଆକର୍ଷଣ କରିବାର ଅଦମ୍ୟ ଭାବନା ନେଇ । ସୁତରାଂ ଏହିପରି ସମଗ୍ର ବିଶ୍ୱରେ ଶାନ୍ତି, ମୈତ୍ରୀ, ସୌହାର୍ଦ୍ଦ୍ୟ ଓ ଭ୍ରାତୃତ୍ୱ ପ୍ରତିଷ୍ଠା କରିବାର ମହାନ ଲକ୍ଷ୍ୟ ସାଧନ କରିବା ପାଇଁ ତାଙ୍କୁ ଈଶ୍ୱର ଅନୁବନ୍ଧିତ କରିଛନ୍ତି ।

ଆପଣମାନେ ପୃଥିବୀର କୌଣସି ପ୍ରାନ୍ତକୁ ଚାଲିଯିବେ, ବାସ୍ତବ ଅହମଦୀ ବୋଲାଉଥିବା ସତ୍ୟନିଷ୍ଠ ମୁସଲମାନଙ୍କ ପାଖରେ ଏହିସବୁ ବୈଶିଷ୍ଟ୍ୟ ରହିଥିବାର ନିଶ୍ଚୟ ଦେଖିବାକୁ ପାଇବେ । ଆମ ପାଇଁ ଉଦାହରଣ ବ୍ୟକ୍ତି କୌଣସି ଉଗ୍ରବାଦୀ ବା ଚରମପନ୍ଥୀ ନୁହନ୍ତି, କୌଣସି  କର୍ତ୍ତବ୍ୟନିଷ୍ଠ ମୁସଲିମ ପ୍ରଶାସକ ନୁହନ୍ତି କିମ୍ବା ପାଶ୍ଚାତ୍ୟ ଶକ୍ତିଶାଳୀ ରାଷ୍ଟ୍ର ଆମ ଦୃଷ୍ଟିରେ ଉଦାହରଣର ପାତ୍ର ନୁହନ୍ତି । ଆମ ପାଇଁ କେବଳ ଜଣେ ମାତ୍ର ଅହିଂସାର ପୂଜାରୀ ତଥା ଆଦର୍ଶମୟ ସତପୁରୁଷ ଉଦାହରଣ ସୃଷ୍ଟି କରି ଯାଇଛନ୍ତି । ସେ ହେଉଛନ୍ତି ଇସଲାମ ଧର୍ମର ପ୍ରତିଷ୍ଠାତା ଦିବ୍ୟ ଅବତାର ମୁହମ୍ମଦ[ସ] ଏବଂ ଆମ ଜୀବନର ପ୍ରତିଟି ମୂହୁର୍ତ୍ତରେ ଓ ପ୍ରତି କ୍ଷେତ୍ରରେ ଆମର ମାର୍ଗ ଦର୍ଶନ କରିଥାଏ ପବିତ୍ର କୁରଆନର ଶିକ୍ଷା ଉପରେ ଅଧାରିତ ତାହାଙ୍କ ଦିବ୍ୟ ନିର୍ଦ୍ଦେଶାବଳୀ ।

ସୁତରାଂ ଶାନ୍ତି ଅଲୋଚନା ସମ୍ମିଳନୀର ଏହି ଶୁଭ ଅବସରରେ ସମଗ୍ର ବିଶ୍ୱବାସୀଙ୍କୁ ମୋର ସନ୍ଦେଶ ହେଉଛି ପ୍ରେମର, ସହାନୁଭୁତିର, ଦୟା ଓ କ୍ଷମାର, ଶାନ୍ତି ଓ ଭ୍ରାତୃତ୍ୱ ବନ୍ଧନର । ଇସଲାମ୍ ହିଁ ଏହି ଶିକ୍ଷାର ବାର୍ତ୍ତା ବହନ କରିଥାଏ ।

ଆମକୁ ଦୁଃଖ ଲାଗେ ଯେ କେତେକ ଅଳ୍ପ ସଂଖ୍ୟକ ମୁସଲିମ ଇସଲାମ୍‌ର ଛବିକୁ ସଂପୂର୍ଣ୍ଣ କପୋଳକଳ୍ପିତ ଓ ବିକୃତ କରି ଦୁନିଆ ସମ୍ମୁଖରେ ଉପସ୍ଥାପନ କରୁଛନ୍ତି । ସେମାନେ ଭୁଲ ଧାରଣାର ବଶବର୍ତ୍ତୀ ହୋଇ ମୌଳବାଦୀଙ୍କ ମିଥ୍ୟା ପ୍ରରୋଚନାରେ ପଡିବା ଦ୍ୱାରା ଅନେକ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରୁଛନ୍ତି । ମୁଁ ସମସ୍ତଙ୍କୁ କହି ରଖୁଛି ଯେ ସେମାନଙ୍କ କାର୍ଯ୍ୟପନ୍ଥା ବାସ୍ତବେ ଇସଲାମୀୟ ଶିକ୍ଷା ଉପରେ ପର୍ଯ୍ୟବେସିତ ହୋଇଥିବ ବୋଲି ଆପଣମାନେ କଦାପି ବିଶ୍ୱାସ କରିବେ ନାହିଁ । କାରଣ ଏହି ପଥଭ୍ରଷ୍ଟ ଆଚରଣକୁ ଇସଲାମର ଅନୁମୋଦିତ କାର୍ଯ୍ୟପନ୍ଥା ରୂପେ ବିବେଚନା କରି ସଂଖ୍ୟା ଗରିଷ୍ଠ ମୁସଲିମମାନଙ୍କ ଭାବନାରେ ଆଘାତ ଦେବା ଆଦୌ ଉଚିତ ନୁହେଁ । ବରଂ ଏଥିଯୋଗୁଁ ଶାନ୍ତିପ୍ରିୟ ମୁସଲମାନ ଯେପରି ନିଷ୍ଠୁରବାଦୀଙ୍କ ଆକ୍ରୋଶର ଶୀକାର ନ ହେବେ ସେଥିପ୍ରତି ଦୃଷ୍ଟି ଦେବା ଉଚିତ ।

ସମଗ୍ର ମୁସଲିମ ସମାଜ ପାଇଁ ପବିତ୍ର କୁରଆନ ସର୍ବୋତ୍ତମ ଓ ପବିତ୍ରତମ ସୁରକ୍ଷିତ ଗ୍ରନ୍ଥ ରୂପେ ବିବେଚିତ । ଏହି ଗ୍ରନ୍ଥକୁ ଆକ୍ଷେପ କରି କଟୁ ମନ୍ତବ୍ୟ ପ୍ରୟୋଗ

କରିବା କିମ୍ବା କଦର୍ଯ୍ୟ ଭାଷାରେ ଗାଳି ଦେବା, ଏପରିକି ଏହାକୁ ପୋଡିଦେବା ଘଟଣା ମୁସଲମାନମାନଙ୍କୁ ଗଭୀର ମାନସିକ ଆଘାତ ଦେଉଛି । ଯେତେବେଳେ ଏହି ଘୃଣ୍ୟ କାର୍ଯ୍ୟ କରାଯାଏ, ମୌଳବାଦରେ ବିଶ୍ୱାସ ରଖୁଥିବା କୋଠରପନ୍ଥୀ ମୁସଲିମ ଏହା ବିରୁଦ୍ଧରେ ତୀବ୍ର ପ୍ରତିକ୍ରୀୟା ପ୍ରକାଶ କରିଥାନ୍ତି ସତ, ମାତ୍ର ଏପରି ପ୍ରତିବାଦ ସଂପୂର୍ଣ୍ଣ ଭୁଲ ଓ ଅନୁଚିତ ପନ୍ଥାରେ କରାଯାଏ ।

ମୁଁ ଏହି ସନ୍ଦର୍ଭରେ ଦୁଇଟି ଘଟଣା ଏଠାରେ କହିବି, ଯାହା ମାତ୍ର ଅଳ୍ପ ଦିନ ପୂର୍ବେ ଆଫଗାନିସ୍ତାନରେ ଘଟି ଯାଇଛି । ସେଠାରେ କେତେକ ଆମେରିକୀୟ ସୈନିକ ପବିତ୍ର କୋରାନ ପ୍ରତି ଅସୌଜନ୍ୟ ଆଚରଣ ପ୍ରଦର୍ଶନ କଲେ ଏବଂ ନିରୀହ ମହିଳା ଓ ଶିଶୁମାନଙ୍କୁ ସେମାନଙ୍କ ଘରେ ପଶି ହତ୍ୟା କଲେ । ସେହିପରି ଜଣେ ନିର୍ଦ୍ଦୟ ବ୍ୟକ୍ତି ଫ୍ରାନ୍ସର ଉତ୍ତରାଞ୍ଚଳରେ ବିନା କାରଣରେ କେତେକ ଫରାସୀ ସୈନିକଙ୍କୁ ଗୁଳିକରି ହତ୍ୟା କଲା । ଏହାର କିଛିଦିନ ପରେ ପୁଣି ସେ ଏକ ସ୍କୁଲ ଭିତରେ ପ୍ରବେଶ କରି ତିନିଜଣ ନିରୀହ ଇହୁଦୀ ବାଳକ ଓ ଜଣେ ଶିକ୍ଷକଙ୍କୁ ମାରିଦେଲା ।

ଆମ ଦୃଷ୍ଟିରେ ଏହା ଏକ ସଂପୂର୍ଣ୍ଣ ଅମାନବୀୟ ଓ ଭୁଲ କାର୍ଯ୍ୟ । ଏହି ନିଷ୍ଠୁର କାର୍ଯ୍ୟ ପାକିସ୍ତାନରେ ନିୟମିତ ରୂପେ ଘଟୁଥିବାର ଆମେ ବାରମ୍ବାର ଦେଖି ଆସିଛୁ । ଏହିସବୁ ଆଚରଣ ଇସଲାମ ବିରୋଧି ଗୋଷ୍ଠୀଙ୍କୁ ଉତ୍ତେଜିତ କରିବା ପାଇଁ ଇନ୍ଧନ ଯୋଗାଉଛି, ଯାହା ଘୃଣା ଓ ଅସ୍ଥିରତା ବୃଦ୍ଧି କରୁଛି । ଫଳତଃ ଏକ ବଡ ଧରଣର ହିଂସାକାଣ୍ଡ ଭିଆଇବା ପାଇଁ ସେମାନଙ୍କୁ ବାହାନା ମିଳିଯାଉଛି । ଏଭଳି ବର୍ବରୋଚିତ କାଣ୍ଡ କୌଣସି ବ୍ୟକ୍ତିଗତ ଶତ୍ରୁତା ବା ଆକ୍ରୋଶ ଯୋଗୁଁ ହେଉନାହିଁ, ବରଂ କେତେକ ଅନ୍ୟାୟମୂଳକ ସରକାରୀ ନୀତିର କୁପରିଣାମ ସ୍ୱରୂପ ଉଭୟ ଜାତୀୟ ଏବଂ ଆନ୍ତର୍ଜାତିକ ସ୍ତରରେ ହୋଇଆସୁଛି ।

ସୁତରାଂ ଶାନ୍ତିର ମୂଳଭିତ୍ତିକୁ ଦୃଢଭାବେ ପ୍ରତିଷ୍ଠିତ କରିବାକୁ ହେଲେ ପ୍ରତ୍ୟେକ ଦେଶରେ ଏବଂ ପ୍ରତ୍ୟେକ ସ୍ତରରେ ଏକ ସମୁଚିତ ଓଂ ଉତ୍କୃଷ୍ଟ ମାନର ନ୍ୟାୟକୁ ବିକଶିତ କରିବାକୁ ହେବ । ପବିତ୍ର କୁରଆନର ଶିକ୍ଷା ଅନୁଯାୟୀ ଜଣେ ନିରୀହ ବ୍ୟକ୍ତିଙ୍କୁ କୌଣସି କାରଣ ନଥାଇ ହତ୍ୟା କରିବାର ଅର୍ଥ ହେଉଛି ସମସ୍ତ ମାନବଜାତିକୁ ହତ୍ୟା କରିବା ।

ତେଣୁ ମୁଁ ଜଣେ ମୁସଲିମ ଭାବରେ ପୁଣି ଥରେ ସ୍ପଷ୍ଟ କରିବାକୁ ଚାହୁଁଛି ଯେ ଇସଲାମ କୌଣସି ମତେ କୌଣସି ପ୍ରକାରର ନୃଶଂସତା ବା ଅତ୍ୟାଚାରକୁ ପ୍ରଶୟ କିମ୍ବା ଅନୁମତି ଦିଏ ନାହିଁ । ଏହି ଆଦେଶ ଏକ ନିଷେଧାଜ୍ଞା ଭାବରେ ଅବଶ୍ୟ

ପାଳନୀୟ, ଯାହା ଚୂଡାନ୍ତ, ନିର୍ଣ୍ଣାୟକ ଓ କୌଣସି ପରିସ୍ଥିତିରେ ମଧ୍ୟ ଏହା ବର୍ଜନୀୟ ନୁହେଁ । ପୁନଶ୍ଚ ପବିତ୍ର କୋରାନ କୁହେ, ଯଦି କୌଣସି ଦେଶ ବା ବ୍ୟକ୍ତି ତୁମ ପ୍ରତି ଶତ୍ରୁତା ମନୋଭାବ ପୋଷଣ କରେ, ତା'ହେଲେ ତାହା ତୁମକୁ ସେମାନଙ୍କ ସହିତ କୌଣସି ବ୍ୟାପାରରେ କାରବାର କଲାବେଳେ ସଂପୂର୍ଣ୍ଣ ନ୍ୟାୟ ଏବଂ ଭଦ୍ରୋଚିତ ବ୍ୟବହାର କରିବାକୁ କଦାପି ବିରତ ନ କରୁ । ତୁମର କୌଣସି ଶତ୍ରୁତା ବା ପ୍ରତିଦ୍ୱନ୍ଦ୍ୱିତାମୂଳକ ମନୋଭାବ ତାହାର ପ୍ରତିଶୋଧ ନେବା କିମ୍ବା ତା'ସହିତ ଅସାମଞ୍ଜସ୍ୟ କାର୍ଯ୍ୟ କରିବାକୁ ନ ପ୍ରବର୍ତ୍ତାଉ । କୁରଆନରେ ଅନ୍ୟ ଏକ ବିଶେଷ ନିଷେଧାଦେଶ ରହିଛି ଯେ ତୁମେ କାହାର ଧନ ବା ସମ୍ବଳ ପ୍ରତି ଈର୍ଷା ପରାୟଣ ହୁଅ ନାହିଁ ଏବଂ ତାକୁ ଲୋଲୁପ ଦୃଷ୍ଟିରେ ଦେଖନାହିଁ ।

ମୁଁ କେବଳ ଅଳ୍ପ କେତୋଟି ବିଷୟ ଉପରେ ଆପଣମାନଙ୍କୁ ସୂଚନା ପ୍ରଦାନ କରିଛି । କିନ୍ତୁ ଏଗୁଡିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ ଯାହା ସମାଜ ମଧ୍ୟରେ ତଥା ସମଗ୍ର ବିଶ୍ୱରେ ଶାନ୍ତି ଓ ନ୍ୟାୟର ମୂଳଭିତ୍ତି ସ୍ଥାପନ କରିବ । ମୁଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛି ଯେ ପୃଥିବୀ ଏହି ମୂଳ ଆଲୋଚ୍ୟ ବିଷୟ ପ୍ରତି ଧ୍ୟାନ ଦେଉ, ଯଦ୍ୱାରା ଅସତ୍ୟ ଓ ଅନ୍ୟାୟବାଦୀ ବ୍ୟକ୍ତିଙ୍କ ଆଚରଣ ଦ୍ୱାରା ପୃଥିବୀ ଯେପରି ଧ୍ୱଂସ ପଥରେ ଅଗ୍ରସର ହେଉଛି,ସେଥିରୁ ଆମ ମାନବ ସମାଜ ରକ୍ଷା ପାଆନ୍ତୁ ।

ମୋର ବକ୍ତବ୍ୟ ଉପସ୍ଥାପନ କରିବାରେ ଯଥେଷ୍ଟ ଅଧିକ ସମୟ ଅତିକ୍ରାନ୍ତ ହୋଇଗଲାଣି, ସେଥିପାଇଁ ଆପଣମାନେ ମୋତେ କ୍ଷମା କରିବେ । କିନ୍ତୁ ଏହା ନିରାଟ ସତ୍ୟ ଯେ ପୃଥିବୀରେ ଶାନ୍ତି ପ୍ରତିଷ୍ଠା ସମ୍ବନ୍ଧରେ ଆଲୋଚନା କରିବା ଏକ ବିରାଟ ପ୍ରସଙ୍ଗ ଯେଉଁ ଗୁରୁଦାୟିତ୍ୱ ଆମକୁ ହିଁ ବହନ କରିବାକୁ ପଡିବ ।

ସମୟ ଗଡି ଚାଲିଛି ଏବଂ ଅଧିକ ବିଳମ୍ବ ଘଟିବା ପୂର୍ବରୁ ସମୟର ଆବଶ୍ୟକତାକୁ ଉପଲବ୍ଧି କରି ସଂପୂର୍ଣ୍ଣ ମନଯୋଗ ସହକାରେ ଏଥିପ୍ରତି ବିଶେଷ ଧ୍ୟାନ ଦେବା ଆମ ପାଇଁ ଅତ୍ୟନ୍ତ ଅପରିହାର୍ଯ୍ୟ ।

ବକ୍ତବ୍ୟ ଶେଷ କରିବା ପୂର୍ବରୁ ମୁଁ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ କହିବାକୁ ଚାହୁଁଛି । ଆମେମାନେ ସମସ୍ତେ ଏହା ଜାଣିଛେ ଯେ ବ୍ରିଟେନରେ ରାଣୀ ଏଲିଜାବେଥ-ଦ୍ୱିତୀୟଙ୍କର ହୀରକ ଜୟନ୍ତୀ ମହା ସମାରୋହରେ ପାଳିତ ହେଉଛି । ଆମେ ଯଦି ଆଜିଠାରୁ 115 ବର୍ଷ ପଛକୁ ଘଣ୍ଟା କଣ୍ଟା ଘୁରାଇବା, ତା'ହେଲେ ଦେଖିବା ଯେ 1897 ମସିହାରେ ମହାରାଣୀ ଭିକ୍ଟୋରିଆଙ୍କ ହିରକ ଜୟନ୍ତୀ ମଧ୍ୟ ପାଳିତ ହୋଇଥିଲା । ସେତେବେଳେ ଅହମଦୀୟା ମୁସଲିମ ସଂପ୍ରଦାୟର ସଂସ୍ଥାପକ ତାଙ୍କ ନିକଟକୁ ଏକ ଅଭିନନ୍ଦନ ମୂଳକ ବାର୍ତ୍ତା ପଠାଇଥିଲେ ।

ସେହି ସନ୍ଦେଶରେ ମହାରାଣୀଙ୍କ ଦୀର୍ଘାୟୁ କାମନା କରିବା ସହିତ ସେ ଇସଲାମର ଶିକ୍ଷା ତାଙ୍କ ନିକଟରେ ପହଞ୍ଚାଇଥିଲେ ଏବଂ ବ୍ରିଟିଶ ସରକାରଙ୍କ ପାଇଁ ପ୍ରାର୍ଥନା ସୂଚକ ଏକ ପତ୍ର ମଧ୍ୟ ପ୍ରେରଣ କରିଥିଲେ । ତାଙ୍କ ସନ୍ଦେଶରେ ପ୍ରତିଶ୍ରୁତ ମସିହ (ତାହାଙ୍କ ପ୍ରତି ଶାନ୍ତି ବିରାଜିତ ହେଉ) ଲେଖିଥିଲେ ଯେ ମହାରାଣୀଙ୍କ ଶାସନ କାଳରେ ସମାଜର ସବୁ ବର୍ଗର ବ୍ୟକ୍ତି ନିଜସ୍ୱ ଧର୍ମ ପାଳନ କରିବା ପାଇଁ ପୂର୍ଣ୍ଣ ସ୍ୱାଧୀନତା ଲାଭ କରିଥିଲେ ।

ବର୍ତ୍ତମାନ ଉପ-ମହାଦେଶରେ ବ୍ରିଟିଶ ସରକାର ଶାସନ କରୁନାହାନ୍ତି ସତ, ମାତ୍ର ଅଦ୍ୟାବଧି ବ୍ରିଟିଶ ସମାଜ ଓ ତାଙ୍କ ଆଇନରେ ତଦନୁରୂପ ଧର୍ମଗତ ସ୍ୱାଧୀନତାର ଦୃଢ଼ ନିୟମ ପ୍ରଣୟନ କରାଯାଇଛି ।

ବସ୍ତୁତଃ ଆଜି ରାତିରେ ଏହି ସ୍ୱାଧୀନତାର ଏକ ସୁନ୍ଦର ଝଲକ ଏଠାରେ ଦେଖିବାକୁ ମିଳିଛି । ବିଭିନ୍ନ ବିଶ୍ୱାସ ଭିତ୍ତିକ ସଂପ୍ରଦାୟ, ଜାତି ଓ ମତବାଦର ଲୋକଙ୍କ ଅପୂର୍ବ ସମନ୍ୱୟ ଘଟିଛି ଏଠାରେ । ପୃଥିବୀରେ ଶାନ୍ତିର ସନ୍ଧାନରେ ଏମାନେ ଐକ୍ୟବଦ୍ଧ ହୋଇ ବାହାରିଛନ୍ତି ଏକ ଉଚ୍ଚାଭିଳାଷ ନେଇ ।

ପ୍ରତିଶ୍ରୁତ ମସିହଙ୍କ ଭାଷାରେ ତଦନୁରୂପ ପ୍ରାର୍ଥନା କରିବା ପୂର୍ବକ ମୁଁ ରାଣୀ- ଏଲିଜାବେଥ୍‌ଙ୍କ ପ୍ରତି ଆନ୍ତରିକ ଅଭିନନ୍ଦନ ଜ୍ଞାପନ କରିବାର ସୌଭାଗ୍ୟ ପ୍ରାପ୍ତ କରିଛି । ସେ କହିଥିଲେ:

> 'ଆନନ୍ଦ ଓ କୃତଜ୍ଞତା ଭରା ଅଭିନନ୍ଦନ ଜଣାଉଛି ପ୍ରଜାବତ୍ସଳା ମମତାମୟୀ ରାଣୀଙ୍କୁ । ହେ ରାଣୀ ! ଆମର ଶୁଭ କାମନା ଗ୍ରହଣ କରନ୍ତୁ । ଚିର ବନ୍ଦନୀୟା ରାଣୀ ସର୍ବଦା ଅପାର ସୁଖ ଓ ସନ୍ତୋଷରେ ରହିଥାନ୍ତୁ ।'

ପ୍ରତିଶ୍ରୁତ ମସିହ ମହାରାଣୀ ଭିକ୍ଟୋରିଆଙ୍କ ପାଇଁ ଯେଉଁ ଭାଷାରେ ପ୍ରାର୍ଥନାର ନୈବେଦ୍ୟ ଅର୍ପଣ କରିଥିଲେ, ଆଜି ପୁଣି ଥରେ ମୁଁ ସେହି ପ୍ରାର୍ଥନାର ପଙ୍‌କ୍ତିକୁ ରାଣୀ ଏଲିଜାବେଥ୍‌ଙ୍କ ପାଇଁ ବ୍ୟବହାର କରୁଛି:

> 'ହେ ସର୍ବ ଶକ୍ତିମାନ ସର୍ବୋତ୍ତମ ଈଶ୍ୱର ! ତୁମେ ନିଜର ଅପାର କରୁଣା ଓ ଆଶୀର୍ବାଦ ପୂର୍ବକ ଆଦରଣୀୟା ରାଣୀଙ୍କ ପ୍ରତି ଯେମିତି ଦୟା ଭାବ ପୋଷଣ କର ତଥା ତାଙ୍କୁ ସେହିପରି ଭଲ ପାଉଥାଅ, ଠିକ୍ ଯେମିତି ତାଙ୍କର ଉଦାରଶୀଳ, ନିରପେକ୍ଷ ଓ ନୀତିନିଷ୍ଠ ଶାସନର ଛତ୍ରଛାୟା ତଳେ ଆମେ ଶାନ୍ତି ଓ ସମୃଦ୍ଧି ଲାଭ କରୁଛୁ ।'

ସୁତରାଂ ପ୍ରତ୍ୟେକ ଅହମଦି ମୁସଲମାନ କୃତଜ୍ଞଭାବ ବହନ କରିବା ପୂର୍ବକ ଏଠାରେ ଶାନ୍ତିରେ ବସବାସ କରନ୍ତି ଏବଂ ଏହି ଦେଶକୁ ତାଙ୍କ ହୃଦୟରେ ସ୍ଥାନ ଦେଇଛନ୍ତି ଜଣେ ନିଷ୍ଠାପର ବ୍ରିଟିଶ ନାଗରିକ ହିସାବରେ ।

ପରିଶେଷରେ ମୁଁ ଆପଣମାନଙ୍କୁ ମୋର ହୃଦୟର ଗଭୀରତମ ପ୍ରଦେଶରୁ ପୁଣି ଥରେ କୃତଜ୍ଞତା ଜଣାଉଛି, ଯେଉଁମାନେ ଏଠାକୁ ଆସି ଆମ ସହିତ ପ୍ରେମ, ଶ୍ରଦ୍ଧା ଓ ଭ୍ରାତୃତ୍ୱର ଭାବ ବିନିମୟ କରିଛନ୍ତି ।

**- ଆପଣମାନଙ୍କୁ ଅଶେଷ ଧନ୍ୟବାଦ -**



# ଶାନ୍ତିର ମାର୍ଗ-
# ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ନ୍ୟାୟିକ ସମ୍ବନ୍ଧ

(ଆମେରିକା Capitol Hillଠାରେ ମହାମାନ୍ୟ ଖଲିଫାଙ୍କ ଉଦ୍‌ବୋଧନ)






The first Muslim Congressman, Keith Ellison meeting Hadrat Khalifatul-Masih V[aba]



Brad Sherman (Democratic member of the United States House of Representatives) presenting American flag to Hadrat Khalifatul-Masih V[aba]




Hadrat Mirza Masroor Ahmad, Khalifatul-Masih V[aba] delivers his keynote address at U.S. Capitol Hill



Hadrat Mirza Masroor Ahmad, Khalifatul-Masih V[aba] leading silent prayer at U.S. Capitol Hill



Hadrat Khalifatul-Masih V[aba] during his
official tour of U.S. Capitol Hill



Hadrat Khalifatul-Masih V[aba] in U.S. Capitol Hill
after his historic address to the US Statesmen
and Bureaucrats

# ଭୂମିକା

ୱାଶିଂଟନ ଡି.ସି.ର Capitol HillOାରେ ୨୦୧୨ ମସିହା ଜୁନ ୨୭ ତାରିଖ ଦିନ ଏକ ଐତିହାସିକ ସମାବେଶ ଅନୁଷ୍ଠିତ ହୋଇଥିଲା । ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତିନିଧି ଭାବରେ ବ୍ୟବସ୍ଥାପକ ସଭାର ବହୁ ଅଗ୍ରଣୀ ସଦସ୍ୟ, Congress men, ରାଜ୍ୟସଭା (ସିନେଟ୍)ର ସଦସ୍ୟଗଣ, ରାଷ୍ଟ୍ରଦୂତ, ହ୍ୱାଇଟ୍ ହାଉସ୍ ତଥା ବିଭାଗୀୟ କର୍ମକର୍ତ୍ତା, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ (NGO)ର ନେତୃଗଣ, ଅନେକ ଧର୍ମଗୁରୁ, ଅଧ୍ୟାପକ, ସରକାରୀ ନୀତି ସଂକ୍ରାନ୍ତ ପରାମର୍ଶଦାତା, ରାଜନୟିକ ଦୂତଗଣ  (Diplomatics Corps), ଜାତୀୟ ଓ ବ୍ୟାବସାୟୀକ ବିଶେଷଜ୍ଞ ମଣ୍ଡଳୀର ପ୍ରତିନିଧିଗଣ, ପେଣ୍ଟାଗନ୍ (ଆମେରିକା ସମର ବାହିନୀର ପ୍ରଧାନ କାର୍ଯ୍ୟାଳୟ)ର ପ୍ରତିନିଧିଗଣ ଏବଂ ବିଭିନ୍ନ ଗଣମାଧ୍ୟମର ସାମ୍ବାଦିକମାନଙ୍କୁ ପ୍ରତିଶ୍ରୁତ ମସିହଙ୍କ ପଞ୍ଚମ ଖଲିଫା ତଥା ଅହମଦୀୟା ମୁସଲିମ ସଂପ୍ରଦାୟର ମୁଖ୍ୟ ହଜରତ ମିର୍ଜା ମସରୁର ଅହମଦ[ଅବ] ସମ୍ବୋଧିତ କରିଥିଲେ । ଏହି ସମ୍ମିଳନୀ ଥିଲା ଅନନ୍ୟ ତଥା ଭିନ୍ନ ଧରଣର । ଅଭିଭାଷଣ ଶୁଣିବାର ସୁଯୋଗ ମିଳିଥିଲା ଯୁକ୍ତରାଷ୍ଟ୍ରର ଅନେକ ବିଶିଷ୍ଟ ତଥା ପ୍ରଭାବଶାଳୀ ନେତାମାନଙ୍କୁ । ସେମାନଙ୍କ ମଧ୍ୟରେ ଥିଲେ ଆମେରିକା ପ୍ରତିନିଧି ସଭାର Democratic ନେତ୍ରୀ ମାନନୀୟା Nancy Pelosic ଅନ୍ୟତମ । ପ୍ରଥମ ଥର ପାଇଁ ଓ ପ୍ରତ୍ୟକ୍ଷ ଭାବରେ ବିଶ୍ୱଶାନ୍ତି ସଂପର୍କରେ ଇସଲାମ୍‌ର ବାର୍ତ୍ତା ଶୁଣିବାର ଏହା ଥିଲା ସେମାନଙ୍କ ପାଇଁ ଏକ ଉତ୍କୃଷ୍ଟ ଅବସର । ଏହି ସମ୍ମିଳନୀର ଅବ୍ୟବହିତ ପୂର୍ବରୁ ପୁଣ୍ୟଶ୍ଳୋକ ହଜରତ ମିର୍ଜା ମସରୁର ଅହମଦ Capitol Hill ରାଜପ୍ରାସାଦ ବୁଲି ଦେଖିଥିଲେ । ଏହା ପରେ ମହାମାନ୍ୟ ଖଲିଫାଙ୍କୁ

House of Representativeକୁ ପାଛୋଟି ନିଆଯାଇଥିଲା । ଯେଉଁଠାରେ ଆମେରିକା ପରିଦର୍ଶନର ସମ୍ମାନାର୍ଥେ ତାଙ୍କ ପାଇଁ ଏକ ସମ୍ବର୍ଦ୍ଧନା ମୂଳକ ଆନୁଷ୍ଠାନିକ ପ୍ରସ୍ତାବ(Resolution)ଗୃହୀତ ହୋଇଥିଲା । ଏହି ପ୍ରସ୍ତାବର ପ୍ରଥମ ପରିଚ୍ଛେଦରେ ନିମ୍ନମତେ ଉଲ୍ଲେଖ ଅଛି:

Welcoming His Holiness Hadrat Mirza Masroor Ahmad, the world wide spiritual and administrative head of the Ahmadiyya Muslim Community to Wasington D.C and recognizing his commitment to world peace, justice, non-violence, human rights, religious freedom and democracy......

ଅର୍ଥାତ୍ : ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂପ୍ରଦାୟର ଆଧ୍ୟାତ୍ମିକ ଓ ପ୍ରଶାସନିକ ମୁଖ୍ୟ ପୁଣ୍ୟଶ୍ଳୋକ ହଜରତ୍ ମିର୍ଜା ମସରୁର୍ ଅହମଦ ଅବଙ୍କୁ ଓ୍ୱାଶିଂଟନ ଡି.ସି.କୁ ଆଗମନ ଉପଲକ୍ଷେ ସ୍ୱାଗତ ଜଣାଇବା ସହିତ ଆମେରିକା ବ୍ୟବସ୍ଥାପକ ସଭାର ଆନୁଷ୍ଠାନିକ ପ୍ରସ୍ତାବ-୭୦୯ ମତେ ବିଶ୍ୱଶାନ୍ତି, ନ୍ୟାୟ, ଅହିଂସା, ମାନବିକ ଅଧିକାର, ଧାର୍ମିକ ସ୍ୱାଧୀନତା ଓ ଗଣତନ୍ତ୍ରର ସୁରକ୍ଷା କ୍ଷେତ୍ରରେ ତାଙ୍କର ପ୍ରତିଶ୍ରୁତିବଦ୍ଧତାକୁ ସ୍ୱୀକାର କରାଯାଉଛି ।

Capitol Hill ସମ୍ମିଳନୀରେ ଉପସ୍ଥିତ ଅତିଥିମାନଙ୍କର ଏକ ସଂପୂର୍ଣ୍ଣ ତାଲିକା ନିମ୍ନରେ ପ୍ରଦତ୍ତ ହେଲା :

- U.S. Senator Robert Casey, Sr. (Democrat Pennsylvania)
- U.S. Senator John Cornyn (Republican Texas)
- Democratic Leader Nancy Pelosi (Democrat California)
- U.S. Congressman Keith Ellison (Democrat Minnesota)
- U.S. Congressman Bradley Sherman (Democrat California)
- U.S. Congressman Frank Wolf (Republican Virginia)
- U.S. Congressman Michael Honda (Democrat California)
- U.S. Congressman Timothy Murphy (Republican Pennsylvania)
- U.S. Congresswoman Jeannette Schmidt (Republican Ohio)
- U.S. Congresswoman Janice Hahn (Democrat California)
- U.S. Congresswoman Janice Schakowsky (Democrat Illinois)
- U.S. Congresswoman Jackie Speier (Democrat California)

- U.S. Congresswoman Zoe Lofgren (Democrat California)
- U.S. Congresswoman Sheila Jackson Lee (Democrat Texas)
- U.S. Congressman Gary Peters (Democrat Michigan)
- U.S. Congressman Thomas Petri (Republican Wisconsin)
- U.S. Congressman Adam Schiff (Democrat California)
- U.S. Congressman Michael Capuano (Democrat Massachusetts)
- U.S. Congressman Howard Berman (Democrat California)
- U.S. Congresswoman Judy Chu (Democrat California)
- U.S. Congressman André Carson (Democrat Indiana)
- U.S. Congresswoman Laura Richardson (Democrat California
- U.S. Congressman Lloyd Poe (Republican Texas)
- U.S. Congressman Barney Frank (Democrat Massachusetts)
- U.S. Congressman. Bruce Braley (Democrat Iowa)
- U.S. Congressman Dennis Kucinich (Democrat Ohio)
- U.S. Congressman Trent Franks (Republican Arizona)
- U.S. Congressman Chris Murphy (Democrat Connecticut)
- U.S. Congressman Hank Johnson (Democrat Georgia)
- U.S. Congressman James Clyburn (Democrat South Carolina)
- His Excellency Bockari Kortu Stevens, Ambassador of Sierra Leone to the United States
- Dr. Katrina Lantos Swett, Chairwoman, United States Commission on Inteternational Religious Freedom
- Hon. Tim Kaine, Former Governor of Virginia Amb.
- Susan Burk, Special Representative of President Barack Obama for Nuclear Nonproliferation
- Amb. Suzan Johnson Cook, U.S. Ambassador at Large for International Religious Freedom
- Hon. Khaled Aljalahma, Deputy Chief of Mission, Embassy of the Kingdom of Bahrain to the United States
- Rev. Monsignor Jean-Francois Lantheaume, First Counselor (Deputy Chief of Mission), The Apostolic Nunciature of the Holy See to the United States
- Ms. Sara Al-Ojaili, Public Affairs/Liaison Officer, Embassy

of the Sultanate of Oman to the United States

- Mr. Salim Al Kindie, First Secretary, Embassy of the Sultanate of Oman to the United States
- Ms. Fozia Fayyaz, Embassy of Pakistan to the United States
- Hon. Saida Zaid, Counselor, Embassy of Morocco to the United States
- Hon. Nabeel Munir, Minister-IV (Security Council), Pakistan Permanent Mission to the United Nations
- Hon. Josef Renggli, Minister-Counselor, Embassy of Switzerland to the United States
- Hon. Alyssa Ayres, Deputy Assistant Secretary for South and Central Asia, U.S. Department of State
- Amb. Karl Inderfurth, Senior Adviser and Wadhwani Chair in U.S.-India Policy Studies, Center for Strategic and International Studies.
- Hon. Donald A. Camp, Senior Associate, Center for Strategic and International Studies
- Amb. Jackie Wolcott, Executive Director, U.S. Commission on International Religious Freedom
- Dr. Azizah al-Hibri, Commissioner, U.S. Commission on International Religious Freedom
- Mr. Isaiah Leggett, County Executive, Montgomery Count, Maryland
- Ms. Victoria Alvarado, Director, Office of International Religious Freedom, U.S. Department of State
- Dr. Imad Dean Ahmad, Director, Minaret of Freedom Institute
- Dr. Zainab Alwani, Assistant Professor of Islamic Studies, Howard University School of Divinity
- Ms. Deborah L. Benedict, Associate Counsel, U.S. Citizenship and Immigration Services, Department of Homeland Security
- Ms. Lora Berg, Senior Adviser to Special Representative to Muslim Communities, U.S. Department of State
- Dr. Charles Butterworth, Professor (Emeritus) of Government and Politics, University of Maryland, College Park

- Father John Crossin, Executive Director for Secretariat for Ecumenical and Interreligious Affairs, United States Conference of Catholic Bishops
- Major (Ret.) Franz Gayl, Senior Science Adviser, U.S. Marine Corps.
- Dr. Sue Gurawadena-Vaughn, Director of International Religious Freedom and South East Asia Programs, Freedom House
- Mr. Frank Jannuzi, Head of Washington Office, Amnesty International USA
- Mr. T. Kumar, International Advocacy Director, Amnesty International USA
- George Leventhal, Member of the Montgomery County Council
- Mr. Amer Latif, Visiting Fellow, Wadhwani Chair in U.S.-India Policy Studies, Center for Strategic and International Studies
- Mr. Tim Lenderking, Director of Pakistan Desk Office, U.S. State Department
- Mr. Jalal Malik, International Affairs Officer, U.S. Army National Guard
- Mr. Naveed Malik, Foreign Service Officer, U.S. Department of State
- Ms. Dalia Mogahed, Senior Analyst and Executive Director, Gallup Center for Muslim Studies
- Mr. Paul Monteiro, Associate Director, White House Office of Public Engagement
- Major General David Quantock, United States Army Provost General
- Ms. Tina Ramirez, Director of International and Government Relations, The Becket Fund
- Rabbi David Saperstein, Director and Counsel, Religious Action Center for Reform Judaism
- Chaplain, Brigadier General Alphonse Stephenson, Director of the National Guard Bureau Office of the Chaplain
- Mr. Knox Thames, Director of Policy and Research, U.S. Commission on International Religious Freedom

- Mr. Eric Treene, Special Counsel for Religious Discrimination, Civil Rights Division, U.S. Department of Justice
- Dr. Hassan Abbas, Professor, Regional and Analytical Studies Department, National Defense University
- Mr. Malik Siraj Akbar, Reagan-Fascell Fellow, National Endowment of Democracy
- Mr. Matthew K. Asada, Congressional Fellow to Rep.Gary Peters
- Ms. Stacy Burdett, Director of Government and National Affairs, Anti-Defamation League.
- Ms. Elizabeth Cassidy, Deputy Director for Policy and Research, U.S. Commission on International Religious Freedom
- Ms. Aimee Chiu, Director of Media, Communication, and Public Relations, American Islamic Congress
- Mr. Cornelius Cremin, Department of State, Bureau of Democracy, Human Rights and Labor, Acting Deputy Director and Foreign Affairs Officer for Pakistan.
- Mr. Sadanand Dhume, Resident Fellow, American Enterprise Institute.
- Dr. Richard Gathro, Dean of Nyack College, Washington D.C.
- Mr. Joe Grieboski, Chairman, The Institute on Religion and Public Policy
- Ms. Sarah Grieboski, The Institute on Religion and Public Policy
- Dr. Max Gross, Adjunct Professor, Prince Alwaleed Bin Talal Center for Muslim-Christian Understanding, Georgetown University
- Dr. Riaz Haider, Clinical Professor of Medicine, George Washington University
- Ms. Huma Haque, Assistant Director, South Asia Center, Atlantic Council
- Mr. Jay Kansara, Associate Director, Hindu American Foundation
- Mr. Hamid Khan, Senior Program Officer, Rule of Law Center, U.S. Institute for Peace

- Ms. Valerie Kirkpatrick, Associate for Refugees and U.S. Advocacy, Human Rights Watch
- Mr. Alex Kronemer, Unity Productions
- Mr. Paul Liben, Executive Writer, U.S. Commission on International Religious Freedom
- Ms. Amy Lillis, Foreign Affairs Officer, U.S. Department of State
- Mr. Graham Mason, Legislative Assistant to Rep. Allyson Schwartz
- Ms. Lauren Markoe, Religion News Service
- Mr. Dan Merica, CNN.com
- Mr. Joseph V. Montville, Senior Associate, Merrimack College Center for the Study of Jewish-Christian-Muslim Relations
- Mr. Aaron Myers, Program Officer, Freedom House
- Ms. Attia Nasar, Regional Coordinating Officer, U.S. Department of State
- Ms. Melanie Nezer, Senior Director, US Policy and Advocacy, HIAS
- Dr. Elliott Parris, Bowie State University
- Mr. John Pinna, Director of Government and International Relations, American Islamic Congress
- Mr. Arif Rafiq, Adjunct Scholar, Middle East Institute
- Ms. Maya Rajaratnam, Amnesty International
- Ms. Rachel Sauer, Foreign Affairs Officer, U.S. Department of State
- Dr. Jerome Schiele, Dean of College of Professional Studies, Bowie State University
- Ms. Samantha Schnitzer, Staff, United States Commission on International Religious Freedom
- Dr. Mary Hope Schwoebel, Senior Program Officer, Academy for International Conflict Management and Peacebuilding, U.S. Institute for Peace
- Ms. Sarah Schlesinger, International and Government Relations Associate, The Becket Fund
- Dr. Frank Sellin, Kyrgystan Desk Officer, U.S. Department of State
- Ms. Anna-Lee Stangl, Christian Solidarity Worldwide

- Ms. Kalinda Stephenson, Professional Staff, Tom Lantos Human Rights Commission
- Mr. Jordan Tama, Lead Democratic Staffer, Tom Lantos Human Rights Commission
- Mr. Shaun Tandon, AFP
- Dr. Wilhelmus Valkenberg, Professor of Religion and Culture, The Catholic University of America
- Mr. Anthony Vance, Director of External Affairs, Baha'is of the United States
- Mr. Jihad Saleh Williams, Government Affairs Representative, Islamic Relief USA
- Ms. Amelia Wang, Chief of Staff to Congresswoman Judy Chu

w Ms. Moh Sharma, Legislative Fellow to Congresswoman Judy Chu

# ଯୁକ୍ତରାଷ୍ଟ୍ର ଆମେରିକା ବ୍ୟବସ୍ଥାପକ ସଭାର ଆନୁଷ୍ଠାନିକ ପ୍ରସ୍ତାବ-୭୦୯

112TH CONGRESS
2D SESSION

# H. RES. 709

Welcoming His Holiness, Hadhrat Mirza Masroor Ahmad, the worldwide spiritual and administrative head of the Ahmadiyya Muslim Community, to Washington, DC, and recognizing his commitment to world peace, justice, nonviolence, human rights, religious freedom, and democracy.

---

IN THE HOUSE OF REPRESENTATIVES

JUNE 27, 2012

Ms. ZOE LOFGREN of California (for herself, Mr. SHERMAN, Mr. CONNOLLY of Virginia, Mr. HINCHEY, Ms. ESHOO, Ms. SPEIER, Ms. RICHARDSON, Mr. SCHIFF, Ms. SCHAKOWSKY, Mr. HONDA, Mr. WOLF, Mr. PETERS, Mr. DENT, Ms. CHU, Mr. BERMAN, Mr. FRANKS of Arizona, Ms. JACKSON LEE of Texas, Ms. SCHWARTZ, Mr. BRALEY of Iowa, and Mr. MCGOVERN) submitted the following resolution; which was referred to the Committee on Foreign Affairs

---

# RESOLUTION

Welcoming His Holiness, Hadhrat Mirza Masroor Ahmad, the worldwide spiritual and administrative head of the Ahmadiyya Muslim Community, to Washington, DC, and recognizing his commitment to world peace, justice, nonviolence, human rights, religious freedom, and democracy.

Whereas, from June 16, 2012, to July 2, 2012, His Holiness, Hadhrat Mirza Masroor Ahmad, the worldwide spiritual and administrative head of the Ahmadiyya Muslim Community, an international religious organization with mil-

lions of members across the globe, is making a historic visit to the United States;

Whereas His Holiness was elected to become fifth Khalifa to Mirza Ghulam Ahmad, a lifelong position, on April 22, 2003;

Whereas His Holiness is a leading Muslim figure promoting peace, who in his sermons, lectures, books, and personal meetings has continually advocated the Ahmadiyya values of service to humanity, universal human rights, and a peaceful and just society;

Whereas the Ahmadiyya Muslim Community has suffered repeated hardships, including discrimination, persecution, and violence;

Whereas, on May 28, 2010, 86 Ahmadi Muslims were killed in Lahore, Pakistan, when two mosques belonging to the Ahmadiyya Muslim Community were attacked by anti-Ahmadiyya terrorists;

Whereas despite the continued sectarian persecution that Ahmadi Muslims are subjected to, His Holiness continues to forbid violence;

Whereas His Holiness has traveled globally to promote and facilitate service to humanity, meeting with presidents, prime ministers, parliamentarians, and ambassadors of state;

Whereas during his visit to the United States, His Holiness will meet thousands of American Muslims in addition to significant United States Government leaders in order to strengthen relationships and find means of establishing peace and justice for all people; and

Whereas, on the morning of June 27, 2012, His Holiness will deliver the keynote address at a special bipartisan recep-

tion at the Rayburn House Office Building on Capitol Hill, "The Path to Peace: Just Relations Between Nations": Now, therefore, be it

*Resolved*, That the House of Representatives—

(1) welcomes His Holiness, Mirza Masroor Ahmad to Washington, DC;

(2) commends His Holiness for promoting individual and world peace, as well as individual and world justice; and

(3) commends His Holiness for his perseverance in counseling Ahmadi Muslims to eschew any form of violence, even in the face of severe persecution.

○

# ଶାନ୍ତିର ମାର୍ଗ-
# ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ନ୍ୟାୟିକ ସମ୍ବନ୍ଧ

ବିସମିଲ୍ଲାହିର୍-ରହମାନିର୍-ରହିମ୍: ଅଶେଷ ଦୟାବାନ ଓ ସଦା କରୁଣାମୟ ଅଲ୍ଲାଃଙ୍କ ନାମ ନେଇ ଆରମ୍ଭ କରୁଛି ।

ବିଶିଷ୍ଟ ଅତିଥିଗଣ: ଅସ୍‌ସଲାମୋ ଆଲେକୁମ୍ ଓ୍ୱ ରହମତୁଲ୍ଲାହି ଓ୍ୱ ବରକାତୋହୁ: ଆପଣମାନଙ୍କ ପ୍ରତି ଅଲ୍ଲାଃଙ୍କ ଠାରୁ ଶାନ୍ତି ଓ କଲ୍ୟାଣ ପ୍ରାପ୍ତ ହେଉ ।

ସର୍ବପ୍ରଥମେ ମୁଁ ଆପଣମାନଙ୍କୁ ଧନ୍ୟବାଦ ଦେବାକୁ ଚାହୁଛି, କାରଣ ସେମାନେ ମୋର ବକ୍ତବ୍ୟ ଶୁଣିବା ପାଇଁ ନିଜର ବହୁମୂଲ୍ୟ ସମୟ ଉତ୍ସର୍ଗ କରି ଏଠାକୁ ଆସିଛନ୍ତି । ମୋତେ ଏପରି ଏକ ବିଷୟ ଉପରେ ଭାଷଣ ପ୍ରଦାନ କରିବା ପାଇଁ ଅନୁରୋଧ କରାଯାଇଛି, ଯାହା କି ଏକ ବ୍ୟାପକ ଓ ବିସ୍ତୃତ ପ୍ରସଙ୍ଗ । ପ୍ରସଙ୍ଗର ବିଷୟବସ୍ତୁକୁ ଅନେକ ଦୃଷ୍ଟିକୋଣରୁ ବ୍ୟାଖ୍ୟା କରାଯାଇପାରିବ । ଯାହାକୁ ସ୍ୱଳ୍ପ ସମୟ ମଧ୍ୟରେ ଆଲୋକପାତ କରିବା ମୋ ପକ୍ଷେ ସମ୍ଭବ ନୁହେଁ । କେବଳ ବିଶ୍ୱଶାନ୍ତି ପ୍ରସଙ୍ଗ ଉପରେ ମୋର ବକ୍ତବ୍ୟକୁ ସୀମିତ ରଖିବି, ଯାହା ସାମ୍ପ୍ରତିକ ପୃଥିବୀରେ ନିଶ୍ଚିତ ଭାବରେ ସବୁଠାରୁ ମୁଖ୍ୟ ଆଲୋଚ୍ୟ ବିଷୟ ହୋଇ ପଡିଛି । ସୁତରାଂ ସମୟର ଅବଧି ସୀମିତ ହୋଇଥିବାରୁ ମୁଁ ସଂକ୍ଷେପରେ ଦେଶ ଦେଶ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଏବଂ ନ୍ୟାୟର ସୁରକ୍ଷା ଦ୍ୱାରା କିପରି ଶାନ୍ତି ଫେରି ଆସିପାରିବ ତଥା ଇସଲାମର ତତ୍ ସଂକ୍ରାନ୍ତୀୟ ଦୃଷ୍ଟିକୋଣ କ'ଣ, ତାହା ବର୍ଣ୍ଣନା କରିବି ।

ବସ୍ତୁତଃ ଶାନ୍ତି ଓ ନ୍ୟାୟ ପରସ୍ପରର ପରିପୂରକ, ଅପରିହାର୍ଯ୍ୟ ମଧ୍ୟ । ନ୍ୟାୟ ନଥିଲେ ଶାନ୍ତିର ଉଦ୍ଦେଶ୍ୟ ସାଧିତ ହୋଇପାରିବ ନାହିଁ ଏବଂ ଶାନ୍ତି ବିନା ନ୍ୟାୟ ତିଷ୍ଠି

ରହିବା ସମ୍ଭବ ନୁହେଁ । ଏହି ମୌଳିକ ନିୟମକୁ ସମସ୍ତ ବୁଦ୍ଧିମାନ ଓ ଅଭିଜ୍ଞ ବ୍ୟକ୍ତି ହୃଦୟଙ୍ଗମ କରିବା ଆବଶ୍ୟକ । ଯେଉଁମାନେ ସମାଜରେ ବିଶୃଙ୍ଖଳା ସୃଷ୍ଟି କରନ୍ତି, ଯଦି ସେମାନଙ୍କୁ ପୃଥକ ରଖି ବିଚାର କରାଯାଏ, ତା ହେଲେ କୌଣସି ବ୍ୟକ୍ତି ଏହା କହିପାରିବ ନାହିଁ ଯେ ସମାଜ, ଦେଶ ଏପରିକି ପୃଥିବୀରେ କୌଣସି ସ୍ଥାନର ଯେଉଁ ସ୍ଥିତିରେ ଯାହା କିଛି ସଂସ୍କୃତି ରହିଥାଉ ପଛେ, ଯଦି ନ୍ୟାୟ ପ୍ରଦାନ ଓ ନିରପେକ୍ଷତା ଅବଲମ୍ବନ କରାଯାଉଥିବ, ସେହିଠାରେ ବିଶୃଙ୍ଖଳା ଓ ଅଶାନ୍ତି ପ୍ରକାଶ ପାଇବ ନାହିଁ । ଏହା ସତ୍ତ୍ୱେ ପୃଥିବୀର ଅନେକାଂଶରେ ବିଶୃଙ୍ଖଳା ଓ ଅସ୍ଥିରତାର ରାଜତ୍ୱ ଚାଲିଛି । କେଉଁଠି ଦେଶର ଆଭ୍ୟନ୍ତରୀଣ କନ୍ଦଳ ଯୋଗୁଁ ସାମାଜିକ ବିଶୃଙ୍ଖଳା ସୃଷ୍ଟି ହେଉଛି ତ ଆଉ କେଉଁଠି ଦେଶ ବାହାରେ ଜାତି ଜାତି ମଧ୍ୟରେ ବିବାଦ ଓ ବର୍ଣ୍ଣବୈଷମ୍ୟବାଦ ମୁଣ୍ଡ ଟେକିଛି । ଯେ କୌଣସି ସରକାରୀ ନୀତି ନ୍ୟାୟ ଉପରେ ପ୍ରତିଷ୍ଠିତ ବୋଲି ସଂପୃକ୍ତ ଦେଶର ସରକାର ଯେତେ ଦାବି କରୁଥିଲେ ମଧ୍ୟ ଓ ଶାନ୍ତି ପ୍ରଦାୟକ କାର୍ଯ୍ୟକୁ ପ୍ରାଥମିକତା ଦେବା ସେମାନଙ୍କ ମୂଳ ଲକ୍ଷ୍ୟ ବୋଲି ସେମାନେ ଯେତେ ବାହାସ୍ଫୋଟ ମାରୁଥିଲେ ମଧ୍ୟ ଏହି ବିଶୃଙ୍ଖଳାର ବିଷ ସର୍ବତ୍ର ବ୍ୟାପିଛି । ସାଧାରଣତଃ ଏଥିରେ ସନ୍ଦେହର ଅବକାଶ ନାହିଁ ଯେ ପୃଥିବୀରେ ଅସ୍ଥିରତା ଓ ଉଦ୍‌ବେଗ ବୃଦ୍ଧି ପାଉଥିବା ଯୋଗୁଁ ବିଶୃଙ୍ଖଳା ବ୍ୟାପୁଛି । ଏହା ପ୍ରମାଣ କରୁଛି ଯେ କେଉଁଠି ନା କେଉଁଠି ନିଶ୍ଚୟ ନ୍ୟାୟର ଅଭାବ ରହିଛି ଏବଂ ଏହାର ଆବଶ୍ୟକତାକୁ ପୂରଣ କରାଯାଉ ନାହିଁ । ସେଥିପାଇଁ ଯେଉଁଠାରେ ଓ ଯେଉଁ ସମୟରେ ଅସମତା ଦେଖାଦେଉଛି, ତାକୁ ସମାପ୍ତ କରିବା ଅତ୍ୟନ୍ତ ଜରୁରି । ସୁତରାଂ ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ୍ ସଂପ୍ରଦାୟର ମୁଖ୍ୟ ହିସାବରେ ମୁଁ ନ୍ୟାୟ ଉପରେ ଆଧାରିତ ଶାନ୍ତି ପାଇବାକୁ ଉପାୟ ଏବଂ ଏହାର ଆବଶ୍ୟକତା ସମ୍ବନ୍ଧରେ ନିଜର କେତେକ ମତାମତ ଆପଣମାନଙ୍କ ସମ୍ମୁଖରେ ଉପସ୍ଥାପନ କରିବି ।

ଅହମଦୀୟା ମୁସଲିମ ସଂଗଠନ ସଂପୂର୍ଣ୍ଣ ରୂପେ ଏକ ନୈଷ୍ଠିକ ଧର୍ମଭିତ୍ତିକ ସଂପ୍ରଦାୟ । ଏହା ଆମର ଦୃଢ ବିଶ୍ୱାସଯୁକ୍ତ ମତ ଯେ ଜଣେ ମସିହ ଅର୍ଥାତ ପ୍ରତିଶ୍ରୁତ ତ୍ରାଣକର୍ତ୍ତା ଓ ସଂସ୍କାରକ ଚଳିତ ଯୁଗରେ ଆବିର୍ଭୁତ ହେବାର ବହୁ ପୂର୍ବରୁ ବିଧି ନିର୍ଦ୍ଦିଷ୍ଟ ଥିଲା, ଯାହାଙ୍କ ଦ୍ୱାରା ଇସଲାମ ଧର୍ମର ଶାଶ୍ୱତ ଶିକ୍ଷାର ଆଲୋକରେ ପୃଥିବୀ ଆଲୋକିତ ହେବ । ବସ୍ତୁତଃ ସେ ନିର୍ଦ୍ଧାରିତ ସମୟରେ ଆସିଛନ୍ତି । ସେ ହେଉଛନ୍ତି ହଜରତ ମିର୍ଜା ଗୁଲାମ ଅହମଦ୍, ଆମ ସଂପ୍ରଦାୟର ସଂସ୍ଥାପକ ଓ କାଦିୟାନ୍‌ର ପବିତ୍ର ଧାମରେ ଆବିର୍ଭୁତ, ଯାହାଙ୍କୁ ଆମେ ପ୍ରତିଶ୍ରୁତ ମସିହ ଓ ପଥପ୍ରଦର୍ଶକ ରୂପେ ଗ୍ରହଣ କରିଛୁ । ସେ ସର୍ବଦା ନିଜ ଅନୁଗାମୀମାନଙ୍କୁ ପବିତ୍ର କୁରଆନ ଭିତ୍ତିକ

ଇସଲାମ୍‌ର ବାସ୍ତବ ଶିକ୍ଷାରେ ଅନୁପ୍ରାଣିତ ହେବା ପାଇଁ ଗୁରୁତ୍ୱାରୋପ କରିଛନ୍ତି । ତେଣୁ ସେ ଶାନ୍ତି ପ୍ରତିଷ୍ଠା ସମ୍ବନ୍ଧରେ ଯାହା କିଛି ଶିକ୍ଷା ପ୍ରଦାନ କରିଛନ୍ତି, ମୁଁ ଏଠାରେ ତାହାର ଅବତାରଣା କରିବି । ବସ୍ତୁତଃ, ସେସବୁ କୁରଆନର ଶିକ୍ଷା ଉପରେ ଆଧାରିତ ଏବଂ ଆନ୍ତର୍ଜାତିକ ସ୍ତରରେ ନ୍ୟାୟସଙ୍ଗତ ସଂପର୍କ ସ୍ଥାପନ କରିବାରେ ସହାୟକ ହେବ ।

ଆପଣମାନେ ଶାନ୍ତି ପ୍ରାପ୍ତିର ଲକ୍ଷ୍ୟ ହାସଲ କରିବା ପାଇଁ ନିୟମିତ ଭାବରେ ନିଜର ମତାମତ ପ୍ରକାଶ କରୁଛନ୍ତି ଓ ଏ ଦିଗରେ ମଧ୍ୟ ପ୍ରବଳ ଉଦ୍ୟମ କରୁଛନ୍ତି । ଆପଣଙ୍କୁ ମାନସିକ ଶାନ୍ତି କିପରି ମିଳିବ ସେ ସମ୍ବନ୍ଧରେ ଅନେକ ଫଳପ୍ରଦ ଯୋଜନା ପ୍ରସ୍ତୁତ କରିବା ପାଇଁ ଅବଶ୍ୟ ନିଜର ସୃଜନଶୀଳ ଶକ୍ତି ଉପଯୋଗ କରି ପାରିବେ । ତେଣୁ ମୋତେ ସାଂସାରିକ ବା ରାଜନୈତିକ ଦୃଷ୍ଟିକୋଣରୁ କିଛି କହିବାର ଆବଶ୍ୟକତା ନାହିଁ । ତେଣୁ କେବଳ ଏ ସମ୍ବନ୍ଧରେ ପରିପୂର୍ଣ୍ଣ ଧର୍ମତତ୍ତ୍ୱ ଉପରେ ମୋର ପରାମର୍ଶ କେନ୍ଦ୍ରୀଭୂତ ହେବ । ଅଧିକନ୍ତୁ ବାସ୍ତବ କ୍ଷେତ୍ରରେ ଏହାର ପ୍ରୟୋଗ ପାଇଁ ଏପରି କେତେକ ଗୁରୁତ୍ୱପୂର୍ଣ୍ଣ ନୀତି ନିୟମ ଏଠାରେ ଉପସ୍ଥାପନ କରିବି, ଯାହା ପବିତ୍ର କୁରଆନର ଶିକ୍ଷା ଉପରେ ପର୍ଯ୍ୟବସିତ ହୋଇଛି ।

ଆମକୁ ସବୁବେଳେ ଏହା ମନେ ରଖିବାକୁ ହେବ ଯେ ମନୁଷ୍ୟର ଜ୍ଞାନ ପୂର୍ଣ୍ଣାଙ୍ଗ ନୁହେଁ ଓ ତା'ର ବୋଧଶକ୍ତି ସୀମିତ । ଫଳତଃ, ଯଦି କୌଣସି ବିଷୟରେ ନିଷ୍ପତ୍ତି ନେବା କିମ୍ବା ବିଚାର କରିବାର ଭାବନା ତା'ମନରେ ଆସେ, ତେବେ ସେହି ନିଷ୍ପତ୍ତି ବା ଭାବନା ଅସ୍ପଷ୍ଟ ଓ ତ୍ରୁଟିଯୁକ୍ତ ହୋଇପାରେ । କାରଣ ତାହା ତା'ର ନିଜ ଅଧିକାର ସପକ୍ଷରେ ଯାଇପାରେ । ପରିଶେଷରେ ଏହା ଅନ୍ୟାୟ ଓ ପକ୍ଷପାତିତାର କୁପରିଣାମ ଦିଗରେ ଅଗ୍ରସର କରାଏ । ଯାହାହେଲେ ବି ଈଶ୍ୱରଙ୍କ ବିଧାନ ସ୍ୱୟଂ ସଂପୂର୍ଣ୍ଣ ଓ ଶାଶ୍ୱତ ଏବଂ ତହିଁରେ କୌଣସି ମାନବକୃତ ସ୍ୱାର୍ଥ ଜଡ଼ିତ ନଥାଏ କି ଅସତ୍ ବ୍ୟବସ୍ଥାର ଆବିଳତା ମିଳେ ନାହିଁ । କାରଣ ଈଶ୍ୱର ତାହାଙ୍କ ସୃଷ୍ଟିର କଲ୍ୟାଣ ତଥା ଜୀବନ ଧାରଣ ସ୍ତରରେ ଉନ୍ନତି ଚାହାନ୍ତି । ଫଳରେ ସୃଷ୍ଟିର ନିୟମ ସଂପୂର୍ଣ୍ଣ ନ୍ୟାୟ ଉପରେ ପ୍ରତିଷ୍ଠିତ ହେବା ଅନିବାର୍ଯ୍ୟ ।

ଯେଉଁ ଦିନ ବିଶ୍ୱବାସୀ ଏହି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ପ୍ରକୃତ ଅର୍ଥରେ ବୁଝିବେ, ସେହିଦିନ ହିଁ ସତ୍ୟ ଓ ଚିରସ୍ଥାୟୀ ଶାନ୍ତିର ମୂଳଦୂଆ ପଡ଼ିବ । ଅନ୍ୟଥା ବିଶ୍ୱଶାନ୍ତି ପ୍ରତିଷ୍ଠା ଦିଗରେ ସତତ ଚେଷ୍ଟା କଲେ ମଧ୍ୟ ସେମାନଙ୍କ ଉଦ୍ୟମର ସୁଫଳ ପ୍ରାପ୍ତି ସୁଦୂର ପରାହତ ହେବ, ଯାହାକି ସର୍ବଦା ଦୃଷ୍ଟିଗୋଚର ହୋଇ ଆସୁଛି ।

ପ୍ରଥମ ବିଶ୍ୱଯୁଦ୍ଧ ଶେଷ ହେବା ପରେ କେତେକ ନିର୍ଦ୍ଦିଷ୍ଟ ଦେଶର ପ୍ରମୁଖ ନେତାମାନେ ଭବିଷ୍ୟତରେ ସବୁ ଦେଶ ମଧ୍ୟରେ କିପରି ଉତ୍ତମ ବୁଝାମଣା ଓ ଶାନ୍ତିପୂର୍ଣ୍ଣ ସଂପର୍କ ସ୍ଥାପନ କରାଯାଇ ପାରିବ, ସେଥିପାଇଁ ପ୍ରୟାସ କରିଥିଲେ । ଫଳତଃ ରାଷ୍ଟ୍ରସଂଘ (League of Nation) ଗଠିତ ହୋଇଥିଲା । ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବିଶ୍ୱଶାନ୍ତି ବଜାୟ ରଖିବା ଓ ଭବିଷ୍ୟତ ଯୁଦ୍ଧ ରୋକିବା । ଦୁର୍ଭାଗ୍ୟବଶତଃ Leageର ନୀତି ନିୟମ ଓ ଗୃହୀତ ପ୍ରସ୍ତାବଗୁଡିକ ତ୍ରୁଟିଯୁକ୍ତ ହେବା ଯୋଗୁଁ ପାରସ୍ପରିକ ମତାନ୍ତର ଓ ବିବଦମାନ ସ୍ଥିତି ସୃଷ୍ଟି ହେଲା । ଫଳରେ ରାଷ୍ଟ୍ରସଂଘ ଦୁର୍ବଳ ହେବାରୁ ଲୋକଙ୍କର ଅଧିକାରର ସୁରକ୍ଷା ଅସମ୍ଭବ ହୋଇ ପଡିଲା ଓ ସବୁ ଦେଶକୁ ସମାନ ଅଧିକାର ପାଇବାର ସୁଯୋଗ ମଧ୍ୟ ମିଳିଲା ନାହିଁ । ଦେଶ ଦେଶ ମଧ୍ୟରେ ଅସମତା ଓ ଜାତିଗତ ବିଦ୍ୱେଷର ପରିମାଣ ସ୍ୱରୂପ ଏହା ଦୀର୍ଘକାଳ ତିଷ୍ଠି ରହି ପାରିଲା ନାହିଁ । League of Nation ସମସ୍ତ ଉଦ୍ୟମ ବିଫଳ ହେଲା ଯାହାର ଫଳ ସ୍ୱରୂପ ସିଧାସଳଖ ଭାବେ ଏହି ବିଫଳତା ଅନ୍ୟ ଏକ ବିଶ୍ୱଯୁଦ୍ଧକୁ ଆହ୍ୱାନ କଲା ।

ପରବର୍ତ୍ତୀ ବିଶ୍ୱଯୁଦ୍ଧ ଜନିତ ଧ୍ୱଂସର ବିଭୀଷିକା ଥିଲା ଅସାଧାରଣ । ଏହାର କୁପରିଣାମ ସ୍ୱରୂପ ସମଗ୍ର ବିଶ୍ୱରେ ପ୍ରାୟ ୭.୫ କୋଟି ଲୋକ ପ୍ରାଣ ହରାଇଥିଲେ । ସେମାନଙ୍କ ମଧ୍ୟରେ ଅଧିକାଂଶ ନିରୀହ ମଣିଷ ଥିଲେ । ତେବେ ସେହି ଅଭାବନୀୟ ଘଟଣା ପୃଥିବୀର ଆଖି ଖୋଲିବା ପାଇଁ ଥିଲା ଯଥେଷ୍ଟ । ସୁତରାଂ ସବୁଠାରେ ଶାନ୍ତି ଓ ସହାବସ୍ଥାନର ସୁସ୍ଥ ପରିବେଶ ସୃଷ୍ଟି କରିବା ଲକ୍ଷ୍ୟ ନେଇ ସମସ୍ତଙ୍କର ନୈତିକ ଅଧିକାରକୁ ବ୍ୟବସ୍ଥିତ ଉପାୟରେ ପ୍ରଦାନ କରାଯିବା ନିମନ୍ତେ ଏକ ଉନ୍ନତ ମାନର ନୀତି ନିର୍ଦ୍ଧାରଣ କରିବା ଆବଶ୍ୟକ । ଏହା ସମସ୍ତ ରାଜନୈତିକ ଦଳର ସହଯୋଗରେ ଅଭିଜ୍ଞ କୂଟନୀତିଜ୍ଞମାନଙ୍କ ଦ୍ୱାରା ଯୋଜନା ସ୍ଥିର କରାଯାଇ ପ୍ରୟୋଗାତ୍ମକ ପନ୍ଥାରେ କାର୍ଯ୍ୟକାରୀ କରିବା ଉଚିତ ଥିଲା । ଯଦ୍ୱାରା ସବୁସ୍ତରର ଲୋକଙ୍କୁ ସୁହାଇଲା ଭଳି ନୀତି ଓ ସମାନ ନ୍ୟାୟ ଯୋଗାଇ ଦିଆଯାଇ ପାରି ଥାଆନ୍ତା । ତତ୍କାଳୀନ ସରକାର ସମୂହ ପୃଥିବୀରେ ଶାନ୍ତି ପ୍ରତିଷ୍ଠା ଦିଗରେ ଅବଶ୍ୟ ସାଧ୍ୟ ମତେ ଉଦ୍ୟମ ଅବ୍ୟାହତ ରଖିଥିଲେ । ଏହି କାରଣରୁ ମିଳିତ ଜାତିସଂଘ (United Nation)ଗଠନ କରାଗଲା । କିନ୍ତୁ ଯେଉଁ ମହତ୍ୱାକାଂକ୍ଷାକୁ ନେଇ ସେହି ମହାନ ପରିକଳ୍ପନା କରାଯାଇଥିଲା, ସେହି ଉଦ୍ଦେଶ୍ୟ ଆଉ ପୂରଣ ହୋଇପାରିଲା ନାହିଁ । ପ୍ରକୃତପକ୍ଷେ ଆଜି ମଧ୍ୟ ଅନେକ ସରକାର ଖୋଲାଖୋଲି ଭାବରେ ଯେପରି ଜନସାଧାରଣଙ୍କ ଆଗରେ ବିବୃତ୍ତି ପ୍ରଦାନ କରୁଛନ୍ତି, ତହିଁରୁ ଜାତିସଂଘର ବିଫଳତାର ସ୍ପଷ୍ଟ ପ୍ରମାଣ ମିଳୁଛି ।

ପ୍ରଶ୍ନ ହେଉଛି, ଆନ୍ତର୍ଜାତିକ ସଂପର୍କର ପ୍ରତିଷ୍ଠା ଏବଂ ପୃଥିବୀରେ ଶାନ୍ତି ସ୍ଥାପନ ପାଇଁ ଇସଲାମର ଚିନ୍ତାଧାରା କ'ଣ ? ପବିତ୍ର କୁରଆନର ଅଧ୍ୟାୟ:ଅଲ୍ ହୁଜୁରାତ, ପଙ୍କ୍ତି ୧୪ରେ ସର୍ବଶକ୍ତିମାନ ଅଲ୍ଲାଃ ସ୍ପଷ୍ଟ ରୂପେ କହିଛନ୍ତି: 'ଜାତି ଓ ବଂଶ କେବଳ ଆମର ପରିଚୟ ପାଇଁ ଆବଶ୍ୟକ ।' ଏହିସବୁ ବଂଶଗତ ବା ଜାତିଗତ ନାମ ବା ଆଭିଜାତ୍ୟକୁ ଆମର ନ୍ୟାଯ୍ୟ ଅଧିକାର ବୋଲି ଭାବିବା ଉଚିତ ନୁହେଁ । କାରଣ ଏହା ଆମ ପାଇଁ କୌଣସି ପ୍ରକାର ଶ୍ରେଷ୍ଠତା ପ୍ରତିପାଦନ କରେ ନାହିଁ ।

ଇସ୍‌ଲାମ ଏହା ସ୍ପଷ୍ଟ କରିଅଛି ଯେ ସବୁ ମନୁଷ୍ୟ ସମାନ ହୋଇ ଜନ୍ମ ଲାଭ କରିଛନ୍ତି । ପୁନଶ୍ଚ ଦିବ୍ୟ ଅବତାର ମୁହମ୍ମଦ[ସଃ] ନିଜର ଅନ୍ତିମ ଅଭିଭାଷଣରେ ସମସ୍ତ ମୁସଲମାନଙ୍କୁ ଏହା ମନେ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ ଯେ କୌଣସି ଆରବୀୟ ଲୋକକୁ ଅଣ ଆରବୀୟ ଉପରେ କିମ୍ବା ଆରବ ବାହାର କୌଣସି ଲୋକକୁ ଆରବୀୟ ଉପରେ ଶ୍ରେଷ୍ଠତା ଦିଆଯିବ ନାହିଁ । କୌଣସି କଳାଲୋକ ଗୋରାଲୋକ ଠାରୁ ଅଥବା ଗୋରାଲୋକ କଳାଲୋକ ଠାରୁ ଉତ୍କୃଷ୍ଟ ନୁହେଁ । ସୁତରାଂ ଇସ୍‌ଲାମ ସ୍ପଷ୍ଟ ଶିକ୍ଷା ଦେଇଅଛି ଯେ ସମସ୍ତ ଜାତି ଓ ବର୍ଗର ଲୋକ ପରସ୍ପର ମଧ୍ୟରେ ସମାନ । ପୁନଶ୍ଚ କୁହାଯାଇଛି ଯେ କୌଣସି ଲିଙ୍ଗଭେଦ ଓ ପକ୍ଷପାତିତା ବିନା ମନୁଷ୍ୟ ସମାନ ଅଧିକାର ପାଇବାକୁ ହକଦାର । ଭିନ୍ନ ଭିନ୍ନ ଜାତି, ଦେଶ ଓ ଗୋଷ୍ଠୀ ମଧ୍ୟରେ ଏକତା ସ୍ଥାପନ କରିବା ତଥା ଶାନ୍ତି ପ୍ରତିଷ୍ଠା କରିବାର ଭିତ୍ତି ସ୍ଥାପନ ନିମନ୍ତେ ଏହା ହିଁ ଉତ୍କୃଷ୍ଟ ନିୟମ ଓ ସଫଳତାର ଉବିକାଠି ।

ସମ୍ପ୍ରତି ଆମେ ଦେଖିବାକୁ ପାଉଛୁ ଯେ ଶକ୍ତିଶାଳୀ ରାଷ୍ଟ୍ର ଓ ଦୁର୍ବଳ ରାଷ୍ଟ୍ର ମଧ୍ୟରେ ବିଭାଜନ କରାଯାଇଛି । ସେସବୁ ଭିନ୍ନ ଭିନ୍ନ ଗୋଷ୍ଠୀରେ ବିଭକ୍ତ ହୋଇଛନ୍ତି । ଉଦାହରଣ ସ୍ୱରୂପ, ମିଳିତ ଜାତିସଂଘରେ କେତେକ ଦେଶ ମଧ୍ୟରେ ପାରସ୍ପରିକ ପ୍ରଭେଦ ଥିବାର ସୂଚନା ମିଳେ । ନିରାପତ୍ତା ପରିଷଦରେ ଅଛନ୍ତି କେତେକ ସ୍ଥାୟୀ ସଦସ୍ୟ ଓ ଅନ୍ୟ କେତେକଙ୍କୁ ଅସ୍ଥାୟୀ ସଦସ୍ୟ ରୂପେ ବିବେଚନା କରାଯାଏ । ଏହି ବିଭକ୍ତିକରଣ ମନ ଭିତରେ ଉଦ୍‌ବେଗ ଓ ନୈରାଶ୍ୟକୁ ସୃଷ୍ଟି କରିଥାଏ । ସେଥିପାଇଁ କେତେକ ଦେଶରେ ଏହି ଅସମାନତାର ବିରୁଦ୍ଧରେ ପ୍ରତିବାଦ କରାଯାଉଥିବା ଖବର ଆମେ ନିୟମିତ ଶୁଣିଥାଉ । ଇସଲାମ ପରିପୂର୍ଣ୍ଣ ନ୍ୟାୟର ଶିକ୍ଷା ପ୍ରଦାନ କରେ ଏବଂ ପ୍ରତ୍ୟେକ ବିଷୟରେ ସମାନ ବ୍ୟବସ୍ଥା ପ୍ରଚଳନ କରେ । ତେଣୁ ପବିତ୍ର କୁରଆନ୍‌ର ଅଧ୍ୟାୟ:୫, ପଙ୍କ୍ତି ୩ରେ ଉଲ୍ଲେଖ ରହିଥିବା ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନୀତିକୁ ବାସ୍ତବ କ୍ଷେତ୍ରରେ ପ୍ରୟୋଗ କରାଯାଇଥାଏ । ଏହି ପଙ୍କ୍ତିରେ କୁହାଯାଇଛି ଯେ ନ୍ୟାୟର ଆବଶ୍ୟକତାକୁ ପୂରଣ କରି ତତ୍ ସମ୍ବନ୍ଧୀୟ ସଂପୂର୍ଣ୍ଣ ନିୟମ ପାଳନ

କରିବାକୁ ହେଲେ ଯେଉଁ ବ୍ୟକ୍ତି ଘୃଣାପୂର୍ଣ୍ଣ ଶତ୍ରୁତା ଆଚରଣ କରିବାରେ ସମସ୍ତ ସୀମା ଲଂଘନ କରେ ସେହି ବ୍ୟକ୍ତି ସହିତ ମଧ୍ୟ ଭଦ୍ରୋଚିତ ବ୍ୟବହାର ଏବଂ ସାମ୍ୟଭାବ ପୋଷଣ କରିବା ବିଧେୟ । ପବିତ୍ର କୁରଆନ କୁହେ, ଯେଉଁ ବ୍ୟକ୍ତି ସତ୍‌କର୍ମ କରିବା ପାଇଁ ପରାମର୍ଶ ଦିଏ ତୁମେ ତାକୁ ବିନା ଦ୍ୱିଧାରେ ଗ୍ରହଣ କର ଏବଂ ଅନ୍ୟ ଯେଉଁ ବ୍ୟକ୍ତି, ଯେଉଁ ପରିସ୍ଥିତିରେ ତୁମକୁ ଅନ୍ୟାୟର ବଶବର୍ତ୍ତୀ କରାଇ ପାପକର୍ମ କରିବା ପାଇଁ ପ୍ରବର୍ତ୍ତାଏ, ତୁମେ ତାକୁ ପ୍ରତ୍ୟାଖ୍ୟାନ କର ।

ପ୍ରକୃତ ପକ୍ଷେ, ଏପରି ପ୍ରଶ୍ନ ଉଠିପାରେ ଯେ ଇସଲାମରେ ନ୍ୟାୟର ଗୁଣାତ୍ମକ ମାନ କ'ଣ ? ସୁତରାଂ ଅଧ୍ୟାୟ ୪ ପଙ୍‌କ୍ତି ୧୩୬ରେ ପବିତ୍ର କୁରଆନ ଉଲ୍ଲେଖ କରୁଛି ଯେ ଯଦି ତୁମକୁ ନିଜ ବିଷୟରେ ବା ନିଜ ପିତାମାତା କିମ୍ବା ନିକଟ ସଂପର୍କୀୟଙ୍କ ବିରୁଦ୍ଧରେ ସାକ୍ଷ୍ୟ ଦେବାକୁ ପଡେ, ତା'ହେଲେ ସତ୍ୟ ଓ ନ୍ୟାୟକୁ ଅକ୍ଷୁଣ୍ଣ ରଖିବା ପାଇଁ ତୁମେ ନିଶ୍ଚୟ ତାହା କର । କୌଣସି ଶକ୍ତିଶାଳୀ ଧନୀ ରାଷ୍ଟ୍ର ଦରିଦ୍ର ତଥା ଦୁର୍ବଳ ଦେଶର ଅଧିକାରକୁ ବଳପୂର୍ବକ ଅକ୍ତିଆର କରିବା ଉଚିତ ନୁହେଁ । ଯଦ୍ୱାରା ନିଜର ଅଧିକାର ସଂରକ୍ଷିତ ରଖାଯାଇ ପାରିବ ଓ ଗରୀବ ଦେଶଗୁଡିକ ପ୍ରତି ଅନ୍ୟାୟ ମୂଳକ ବ୍ୟବହାର କରିବା ଉଚିତ ନୁହେଁ । ଅନ୍ୟ ପକ୍ଷରେ ଗରୀବ ଓ ଦୁର୍ବଳ ଶ୍ରେଣୀର ଦେଶ କ୍ଷମତାଶାଳୀ ଓ ଧନୀ ରାଷ୍ଟ୍ରର କ୍ଷତି ପହଞ୍ଚାଇବା ପାଇଁ ସବୁବେଳେ ସୁଯୋଗର ସନ୍ଧାନରେ ରହିବା ମଧ୍ୟ ଅନୁଚିତ । ବସ୍ତୁତଃ ନ୍ୟାୟର ପନ୍ଥାକୁ ଦୃଢତାର ସହିତ ଧରି ରଖିବାର ପ୍ରଚେଷ୍ଟା ଉଭୟ ପକ୍ଷରୁ ହେବା ଉଚିତ । ବିଭିନ୍ନ ଦେଶମାନଙ୍କ ମଧ୍ୟରେ ଶାନ୍ତିର ସଂପର୍କକୁ ଅକ୍ଷୁଣ୍ଣ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ନ୍ୟାୟ ଉପରେ ଆଧାରିତ ଶାସନ ପ୍ରଚଳିତ ହେଉଥିବା ଦେଶମାନଙ୍କ ମଧ୍ୟରେ ଶାନ୍ତି ପାଇଁ ଅନ୍ୟ ଏକ ଆବଶ୍ୟକତାକୁ ପୂରଣ କରିବା ଦିଗରେ ପବିତ୍ର କୁରଆନର ଅଧ୍ୟାୟ ୧୫, ପଙ୍‌କ୍ତି ୮୯ରେ ଏହିପରି ବର୍ଣ୍ଣନା କରାଯାଇଛି । 'କୌଣସି ପକ୍ଷ ଅନ୍ୟ କୌଣସି ପକ୍ଷର ଧନ ଓ ସମ୍ବଳ ପ୍ରତି ଈର୍ଷାନ୍ୱିତ ଭାବନା ପୋଷଣ ପୂର୍ବକ ଲୋଲୁପ ଦୃଷ୍ଟି ପକାଇବା ଆଦୌ ଉଚିତ ନୁହେଁ । ସେହିପରି କୌଣସି ଦେଶ ଅନ୍ୟ ଦେଶର ସଂପଦକୁ ସାହାଯ୍ୟ ସମର୍ଥନ କରୁଥିବାର ଆଳରେ ମିଥ୍ୟା ବାହାନା କରି ଅନ୍ୟାୟରେ ନିଜ ଅକ୍ତିଆରକୁ ନେଇଯିବା କିମ୍ବା ଆତ୍ମସାତ କରିବା ଉଚିତ ନୁହେଁ । ପୁଣି କୌଣସି ଦେଶର ସରକାର ବୈଷୟିକ ଜ୍ଞାନ କୌଶଳ ଯୋଗାଇ ଦେବା ଭିତ୍ତିରେ ଅନ୍ୟାୟସିଦ୍ଧ ବାଣିଜ୍ୟ କାରବାର କରି ଅନ୍ୟ ଦେଶରୁ ଫାଇଦା ହାସଲ କରିବା ଅନୁଚିତ । ସେହିପରି ନିଜ ଜ୍ଞାନ କୌଶଳର ସହାୟତା ଯୋଗାଇ ଦେବାକୁ ଆଧାର କରି ସେହି ଦେଶର ସରକାର ଅନ୍ୟ ବିକାଶଶୀଳ ରାଷ୍ଟ୍ରଗୁଡିକର ପ୍ରାକୃତିକ ସଂପଦ ତଥା ମୂଲ୍ୟବାନ ସଂପତ୍ତିକୁ ନିଜ ଅଧୀନକୁ ନେବା

ପାଇଁ ଚେଷ୍ଟା କରିବା ଉଚିତ ନୁହେଁ । ବରଂ ସ୍ୱଦେଶରେ ଗଚ୍ଛିତ ପ୍ରାକୃତିକ ସଂପଦର ସଦ୍ ବିନିଯୋଗ କରିବା ପାଇଁ ନିଜ ଦେଶର ଅଳ୍ପ ଶିକ୍ଷିତ ଲୋକମାନଙ୍କୁ ବଡ ବଡ ଦେଶ ଦ୍ୱାରା ପ୍ରଶିକ୍ଷିତ କରାଗଲେ ତାହା ପ୍ରଥମୋକ୍ତ ଦେଶ ପାଇଁ ମଙ୍ଗଳଦାୟକ ହେବ ।

ଅଧିକନ୍ତୁ କମ୍ ସୌଭାଗ୍ୟପ୍ରାପ୍ତ ଅନୁନ୍ନତ ଦେଶଗୁଡିକୁ ସେବା ଓ ସାହାଯ୍ୟ ଯୋଗାଇଦେବା ସକାଶେ ଅନ୍ୟ ଦେଶ ତଥା ବିଭିନ୍ନ ସରକାର ଆଗେଇ ଆସିବା ଉଚିତ । ତେବେ ଏହି ଧରଣର ସେବା ଜାତୀୟ ବା ରାଜନୈତିକ ଫାଇଦା ହାସଲ ଉଦ୍ଦେଶ୍ୟରେ କରିବା ଆଦୌ ଉଚିତ ନୁହେଁ କିମ୍ବା କାହାର ବ୍ୟକ୍ତିଗତ ସ୍ୱାର୍ଥ ତହିଁରେ ଜଡିତ ନ ହେବା ଉଚିତ । ଆମେ ଜାଣିଛୁ ଯେ ବିଗତ ଛଅ ସାତ ଦଶନ୍ଧି ଧରି ମିଳିତ ଜାତିସଂଘ ଗରିବ ଦେଶଗୁଡିକର ସହାୟତା ପାଇଁ ଅନେକ ବିକାଶମୂଳକ ଯୋଜନା ହାତକୁ ନେଇଛି । ସେଥିପାଇଁ ଉନ୍ନତଶୀଳ ରାଷ୍ଟ୍ରଗୁଡିକ ପ୍ରାକୃତିକ ସଂପଦର ଅନୁସନ୍ଧାନ ଜାରି ରଖିଛନ୍ତି । ଏପରି ଉଦ୍ୟମ ସତ୍ତ୍ୱେ ଗୋଟିଏ ହେଲେ ଗରିବ ଦେଶ ବିକାଶଶୀଳ ଦେଶ ଭାବରେ ନିଜ ସ୍ଥିତି ବଜାୟ ରଖିପାରିଲା ନାହିଁ । ଏହାର ଏକ କାରଣ ଅନୁନ୍ନତ ଦେଶର ସରକାର ବହୁ ମାତ୍ରାରେ ଦୁର୍ନୀତି କରି ଚାଲିଛନ୍ତି । ମୋତେ ଅତି ଦୁଃଖର ସହିତ କହିବାକୁ ପଡୁଛି ଯେ ଏହା ଘଟୁଥିବା ସତ୍ତ୍ୱେ ବିକାଶଶୀଳ ଦେଶ ନିଜ ସ୍ୱାର୍ଥ ହାସଲ ପାଇଁ ସେହି ଦୁର୍ନୀତିଗ୍ରସ୍ତ ସରକାରଙ୍କ ସହିତ ହାତ ମିଳାଇଛନ୍ତି । ସେହି ଦେଶମାନଙ୍କ ସହିତ ବାଣିଜ୍ୟ କାରବାର, ଆନ୍ତର୍ଜାତିକ ସହାୟତା ଓ ବ୍ୟବସାୟ ଭିତ୍ତିକ ଚୁକ୍ତି ଇତ୍ୟାଦି ସେହିପରି କରି ଚାଲିଛନ୍ତି । ଫଳତଃ, ସମାଜର ଦରିଦ୍ର ଓ ଅଭାବଗ୍ରସ୍ତ ଲୋକମାନଙ୍କ ମଧ୍ୟରେ ଅସ୍ଥିରତା ଏବଂ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ତଦ୍ଵାରା ସେହି ଦେଶମାନଙ୍କରେ ଆଭ୍ୟନ୍ତରୀଣ କନ୍ଦଳ ଓ ବିଦ୍ରୋହ ସୃଷ୍ଟି ହୋଇଛି । ସେହିପରି ଉନ୍ନତଶୀଳ ଦେଶରେ ବସବାସ କରୁଥିବା ଗରିବ ଜନସାଧାରଣଙ୍କ ମନରେ ନୈରାଶ୍ୟ ଏବଂ ଅସ୍ଥିରତା ଏପରି ମାତ୍ରାରେ ବୃଦ୍ଧି ପାଇଛି ଯେ ସେମାନେ ଖାଲି ନିଜ ଦେଶରେ ନେତାମାନଙ୍କୁ ନୁହେଁ ପାଶ୍ଚାତ୍ୟ ଶକ୍ତି ବିରୁଦ୍ଧରେ ମଧ୍ୟ ଛିଡା ହୋଇଛନ୍ତି । ଏହି ନୈରାଶ୍ୟଜନକ ଓ ଉଦବେଗ ମୂଳକ ପରିସ୍ଥିତିରୁ ଫାଇଦା ଉଠାଇ ଚରମପନ୍ଥୀ ମୌଳବାଦୀ ଗୋଷ୍ଠୀଗୁଡିକ ସେହି ଅସନ୍ତୁଷ୍ଟ ଦେଶଗୁଡିକୁ ବିଭ୍ରାନ୍ତ କରି ନିଜ ନିଜ ଦଳରେ ସାମିଲ କରିବାରେ ସମର୍ଥ ହେଉଛନ୍ତି ଏବଂ ସେମାନଙ୍କ ମାଧ୍ୟମରେ ଘୃଣିତ ଓ କୁତ୍ସିତ କାର୍ଯ୍ୟ କରିବାରେ ମଧ୍ୟ ସଫଳ ହେଉଛନ୍ତି । ଏହାର କୁପରିଣାମ ସ୍ୱରୂପ ପରିଶେଷରେ ପୃଥିବୀର ଶାନ୍ତି ନଷ୍ଟ ହେବାରେ ଲାଗିଛି ।

ସୁତରାଂ ଇସଲାମ ଶାନ୍ତିର ପ୍ରତିଷ୍ଠା ଦିଗରେ ଆମମାନଙ୍କ ଧ୍ୟାନ ଆକର୍ଷଣ କରୁଛି । ଫଳରେ ଏହା ଆହ୍ୱାନ କରୁଛି ସଂପୂର୍ଣ୍ଣ ନ୍ୟାୟର ପ୍ରତିବଦ୍ଧତାକୁ । ଇସଲାମ ଆମଠାରୁ ଆଶା କରୁଛି ସର୍ବଦା ସତ୍ୟ ସାକ୍ଷ୍ୟ ପ୍ରଦାନ କରିବାର ଦୃଢ଼ ମାନସିକତା । କାହାରି ଧନ ପ୍ରତି ଆମର ଈର୍ଷା ମନୋଭାବ ଯେପରି ନ ଆସିବ, ସେଥିପ୍ରତି ଆମକୁ ନିର୍ଦ୍ଦେଶ ଦେଉଛି ଆମର ବଚନ ବଦ୍ଧତା । ଉନ୍ନତଶୀଳ ଦେଶ ନିଜର ନ୍ୟସ୍ତ ସ୍ୱାର୍ଥକୁ ତ୍ୟାଗ କରି ସ୍ୱଳ୍ପ ବିକାଶନ୍ମୋଖୀ ଦେଶକୁ ସାହାଯ୍ୟ ସହଯୋଗର ହାତ ବଢ଼ାଇବାର ପ୍ରତିଶ୍ରୁତି ବଦ୍ଧତା । ପୁଣି ଇସଲାମ ଦୁର୍ବଳ, ବିପଦଗ୍ରସ୍ତ ଓ ଅସହାୟ ଦେଶରେ ଉତ୍ସର୍ଗୀକୃତ ଆଗ୍ରହର ସହିତ ସେବାକାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଉଛି ଆମର ତତ୍ପରଶୀଳତା । ଯେତେବେଳେ ଏ ସମସ୍ତ ପଦକ୍ଷେପ ଯଥାଯଥ ଭାବରେ ଗ୍ରହଣ କରାଯିବ ଏବଂ ଇସଲାମ ଆବଶ୍ୟକ କରୁଥିବା ଲକ୍ଷ୍ୟ ପୂରଣ ହେବ, ସେତେବେଳେ ଶାଶ୍ୱତ ଶାନ୍ତିର ସ୍ୱର୍ଗ ପୃଥିବୀରେ ପ୍ରତିଷ୍ଠିତ ହୋଇପାରିବ ।

ମନେ ରଖନ୍ତୁ ଅନ୍ୟାୟ ହିଁ ସବୁ ଅଶାନ୍ତିର ମୂଳ କାରଣ । ତେଣୁ ଉପରୋକ୍ତ ସମସ୍ତ ଉଦ୍ୟମ ସତ୍ତ୍ୱେ ଯଦି କୌଣସି ଦେଶ ଅନ୍ୟାୟର ସମସ୍ତ ସୀମା ଅତିକ୍ରମ କରି ଅନ୍ୟ ଦେଶ ଉପରେ ଆକ୍ରମଣ କରେ ଏବଂ ପ୍ରାକୃତିକ ସମ୍ବଳକୁ ଆତ୍ମସାତ କରିବାକୁ ଯୋଜନା କରେ, ତା'ହେଲେ ସମ୍ପୃକ୍ତ ଦେଶ ଉକ୍ତ କାର୍ଯ୍ୟକୁ ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରିବା ଉଚିତ । କିନ୍ତୁ ତାହା ନିଶ୍ଚିତ ଭାବରେ ନ୍ୟାୟ ସଂଗତ ହେବା ଆବଶ୍ୟକ ।

ଏତାଦୃଶ ପଦକ୍ଷେପ ଗ୍ରହଣ କରିବାର ଉପାୟ ପବିତ୍ର କୁରଆନ୍ ଅନ୍ତର୍ଗତ ଅଧ୍ୟାୟ ୪ ୯ (ଅଲ୍-ହୁଜୁରାତ୍) ପଙ୍କ୍ତି ୧ ୦ରେ ବର୍ଣ୍ଣନା କରାଯାଇଛି । ଯେ କୌଣସି ଦୁଇଦେଶ ମଧ୍ୟରେ ଯଦି ଏପରି ବିବାଦ ଦେଖାଦିଏ ଯାହାକି ଯୁଦ୍ଧମୂଳକ ପରିସ୍ଥିତି ସୃଷ୍ଟି କରୁଥିବ, ତା'ହେଲେ ଅନ୍ୟ ଦେଶର ସରକାର ବିବାଦର ସମାଧାନ ପାଇଁ ଦୃଢ଼ ଉଦ୍ୟମ କରିବେ । ଉଭୟ ଦେଶ ପରସ୍ପର ମଧ୍ୟରେ ବାର୍ତ୍ତାଳାପ ଓ କୂଟନୀତି ମାଧ୍ୟମରେ ଆପୋଷ ମିଳାମିଶା ପାଇଁ ଚୁକ୍ତିନାମା ପ୍ରସ୍ତୁତ କରି ଏକ ସନ୍ଧି ପ୍ରସ୍ତାବ ଗୃହୀତ କରାଇବେ । ଯଦି ଗୋଟିଏ ଦେଶ ଚୁକ୍ତିନାମାର ସର୍ତ୍ତଗୁଡିକ ସ୍ୱୀକାର କରିବାକୁ ରାଜି ହୁଏ ନାହିଁ ଏବଂ ଯୁଦ୍ଧ କରିବାକୁ ଉଦ୍ୟତ ହୁଏ, ତେବେ ଆକ୍ରମଣକାରୀ ଦେଶକୁ ଦମନ କରିବା ପାଇଁ ଅନ୍ୟ ଦେଶଗୁଡିକ ତା' ବିରୁଦ୍ଧରେ ମିଳିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ । ଯଦି ସେ ପରାଜୟ ବରଣ କରେ ଓ ମିଳାମିଶା ପାଇଁ ରାଜି ହୋଇଯାଏ, ତା' ହେଲେ ସେହି ଦୁଇ ଦେଶ ବିବାଦର ମିଂମାସା କରି ଏକ ଦୀର୍ଘସ୍ଥାୟୀ ଶାନ୍ତି ଓ ବନ୍ଧୁତା ସ୍ଥାପନ କରିବା ସକାଶେ ଏକ ସନ୍ଧି

ଚୁକ୍ତି ସ୍ୱାକ୍ଷରିତ ହେବା ପାଇଁ ଅନ୍ୟ ସମସ୍ତ ଦେଶ ସହମତି ପ୍ରକାଶ କରିବା ଉଚିତ । ସେହି ସନ୍ଧିପତ୍ରରେ କୌଣସି ପ୍ରକାର ଅନ୍ୟାୟ ଓ କଠୋର ସର୍ତ୍ତ ରଖା ନ ଯିବା ବାଞ୍ଛନୀୟ । ଯଦି ତଦ୍ଦ୍ୱାରା ଗୋଟିଏ ଦେଶର ହାତ ବାନ୍ଧି ହୋଇଯିବ, ତେବେ ଭବିଷ୍ୟତରେ ଅଶାନ୍ତି ବୃଦ୍ଧି ହେବା ଫଳରେ ତାହା ନାନା ବିଶୃଙ୍ଖଳାର କାରଣ ହେବ ।

ତେବେ ଦୁଇ ପକ୍ଷ ମଧ୍ୟରେ ଆପୋଷ ମିଳାମିଶା କରିବା ପାଇଁ ତୃତୀୟ ପକ୍ଷକୁ ସର୍ବଦା ନିରପେକ୍ଷ ତଥା ନିଷ୍ଠାବାଦୀ ରହିବା ଉଚିତ । ସନ୍ଧି କରାଉଥିବା ପକ୍ଷକୁ ଯଦି ଏମାନଙ୍କ ମଧ୍ୟରୁ କୌଣସି ଗୋଟିଏ ପକ୍ଷ ବିରୋଧ କରି କିଛି କହନ୍ତି, ତେବେ ସେଥିରେ ଆଦୌ କ୍ରୋଧିତ ନ ହୋଇ ଅଥବା ପ୍ରତିଶୋଧର ଭାବନା ନ ରଖି ତାଙ୍କ ସହିତ ଭଦ୍ର ଆଚରଣ କରିବା ଉଚିତ । ତତ୍‌ସହିତ ସମସ୍ତ ପକ୍ଷକୁ ସର୍ବଦା ସେମାନଙ୍କର ପ୍ରାପ୍ୟ ଅଧିକାର ମିଳିବା ଉଚିତ ।

ପୁନଶ୍ଚ ନ୍ୟାୟର ଅଧିକାର ସାବ୍ୟସ୍ତ କରିବା ପାଇଁ ଦେଶ ଦେଶ ମଧ୍ୟରେ ସୁସ୍ଥ ଓ ସହାବସ୍ଥାନମୂଳକ ସନ୍ଧି କରି ନେବା ଉଚିତ, ଯହିଁରେ ତାଙ୍କର ବ୍ୟକ୍ତିଗତ ସ୍ୱାର୍ଥ ଜଡିତ ନ ଥିବ କି ଅନ୍ୟ ଦେଶ ଠାରୁ ଅନୁଚିତ ଫାଇଦା ଉଠାଇବାର ଲକ୍ଷ୍ୟ ନ ଥିବ । କାହାରି କାର୍ଯ୍ୟରେ ଅଯଥା ହସ୍ତକ୍ଷେପ ବା ଅନୁଚିତ ଚାପ ପ୍ରୟୋଗ ନ କରିବା ସେହି ଦେଶମାନଙ୍କ ପାଇଁ ମଙ୍ଗଳଦାୟକ ହେବ । କୌଣସି ଦେଶର ପ୍ରାକୃତିକ ସାମଗ୍ରୀ ପ୍ରତି ଅନୁଚିତ ଉପାୟରେ ସୁବିଧା ନେବାକୁ ଚାହୁଁଥିବା ଦେଶ ସେଥିପାଇଁ କୌଣସି ଅନାବଶ୍ୟକ ଏବଂ ଅନୁଚିତ କଟକଣା ଜାରି କରିବା ଅବୈଧ ହେବ । ଏପରି କାର୍ଯ୍ୟକଳାପ ଦେଶ ଦେଶ ମଧ୍ୟରେ ନ୍ୟାୟ ଓ ବଂଧୁତ୍ୱ ଭିତ୍ତିକ ସୁସମ୍ପର୍କ ସ୍ଥାପନ କରିବାର କୌଣସି ନିର୍ଭର ଯୋଗ୍ୟ ପ୍ରମାଣ ଦେଇପାରିବ ନାହିଁ କି ଶାନ୍ତି ପ୍ରତିଷ୍ଠା ପାଇଁ ଏହା ଏକ ଶୁଭ ସଂକେତ ହେବ ନାହିଁ ।

ସମୟର ସ୍ୱଳ୍ପତା ଦୃଷ୍ଟିରୁ ମୁଁ ଅତି ସଂକ୍ଷେପରେ ଏହି ପ୍ରସଙ୍ଗରେ ବକ୍ତବ୍ୟ ପ୍ରଦାନ କଲି । ଯଦି ଆମେ ପ୍ରକୃତ ଶାନ୍ତି ଚାହୁଁଛେ, ତେବେ ସମସ୍ତ ବ୍ୟକ୍ତିଗତ ଓ ଜାତୀୟ ସ୍ୱାର୍ଥକୁ ଦେଶର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ପରିତ୍ୟାଗ କରିବାକୁ ପଡିବ । ଆମକୁ ନ୍ୟାୟ ପାଇଁ ପାରସ୍ପରିକ ସୁସମ୍ପର୍କ ବୃଦ୍ଧି କରିବାକୁ ହେବ । ନଚେତ ଆପଣମାନଙ୍କୁ ଯେପରି ଅବଗତ କରାଯାଇଛି, ଗୋଷ୍ଠୀବାଦ ଓ ଜାତିବାଦଜନିତ ଦେଶ ବିଭାଜନ ଯୋଗୁଁ ଭବିଷ୍ୟତରେ ବିଶୃଙ୍ଖଳା ବୃଦ୍ଧି ପାଇ ଶେଷରେ ଆମକୁ ଏକ ପ୍ରଚଣ୍ଡ ଧ୍ୱଂସର ସମ୍ମୁଖୀନ ହେବା ଆଉ ବେଶି ଦୂର ନୁହେଁ । ଏପରି ବିଧ୍ୱଂସର ପ୍ରଭାବକୁ ଅନେକ ଭବିଷ୍ୟତ ବଂଶଧର ଅନୁଭବ କରିବେ । ଫଳତଃ ତାହାର ଚରମ ପରିଣାମ ଭୋଗ କରିବେ । ସୁତରାଂ ବିଶ୍ୱର ସର୍ବବୃହତ ଶକ୍ତିଶାଳୀ ରାଷ୍ଟ୍ର ଭାବରେ ବିବେଚିତ

ଯୁକ୍ତରାଷ୍ଟ୍ର ଆମେରିକା ପ୍ରକୃତ ନ୍ୟାୟ ପାଇଁ ଯଥୋଚିତ ଭୂମିକା ଗ୍ରହଣ କରି ସେ ସବୁ କ୍ଷେତ୍ରରେ ସତ୍ ଅଭିପ୍ରାୟରେ ଏପରି କାର୍ଯ୍ୟ ନିର୍ବାହ କରୁ ଯାହା ମୁଁ ବର୍ଣ୍ଣନା କରିଛି । ଯଦି ଏହା କାର୍ଯ୍ୟକାରୀ ହୋଇଯାଏ, ତାହେଲେ ତୁମର ମହତ୍ କାର୍ଯ୍ୟ ସାଧନ ପାଇଁ ଜଗତବାସୀ ତୁମର ପ୍ରଶଂସାର ଗୁଣଗାନ କରିବେ ଓ ତୁମକୁ ସର୍ବଦା ମନେ ରଖିବେ । ଏହା ସତ୍ୟରେ ପରିଣତ ହେଉ, ଏତିକି ମୋର ଅଲ୍ଲାଃଙ୍କ ଛାମୁରେ ନିବେଦନ ।

**ଆପଣମାନଙ୍କୁ ଅଶେଷ ଧନ୍ୟବାଦ, ପୁଣି ଥରେ ଧନ୍ୟବାଦ**

ଆମର ପରମ୍ପରା ଅନୁଯାୟୀ,ସଭାଶେଷରେ ଆମେ ସାଧାରଣତଃ ଏକ ନୀରବ ପ୍ରାର୍ଥନା କରିଥାଉ । ଏହି ସାମୁହିକ ପ୍ରାର୍ଥନାରେ ମୋ ସହିତ ଉପସ୍ଥିତ ଅହମଦିମାନେ ସାମିଲ ହେବେ । ଅନ୍ୟ ଅତିଥିଗଣ ନିଜସ୍ୱ ରୀତିରେ ପ୍ରାର୍ଥନା କରି ପାରନ୍ତି ।




# ଶାନ୍ତିର ଚାବିକାଠି-ବିଶ୍ୱ ଏକତା

## ୟୁରୋପୀୟ ସଂସଦ-ବ୍ରସେଲସ୍, ବେଲଜିଅମରେ ଖଲିଫାଙ୍କ ଉଦ୍‌ବୋଧନ





Hadrat Khalifatul-Masih V[aba] being welcomed by Martin Schulz, President of European Parliament







His Holiness leading silent prayer at conclusion of the European Parliament event.
Seated to his right: Dr. Charles Tannock (MEP-UK), left: Rafiq Hayat (National Amir AMA UK)

Hadrat Mirza Masroor Ahmad, Khalifatul-Masih V[aba] delivers the keynote address at the European Parliament event





Press Conference with Hadrat Khalifatul-Masih V[aba] at European Parliament. Seated with His Holiness is Dr. Charles Tannock (MEP-UK and Chair of European Parliament Friends of Ahmadiyya Muslims Group)



Tunne Kelam (MEP Estonia & Vice-Chair of European Parliament Friends of Ahmadiyya Muslims Group) meeting with His Holiness



Phil Bennion (MEP West Midlands and member of European Parliament's South Asia Delegation) meeting with His Holiness



# ଭୂମିକା

2012 ମସିହା ଡିସେମ୍ବର 3 ଓ 4 ତାରିଖରେ ପ୍ରତିଶ୍ରୁତ ମସିହଙ୍କ ପଞ୍ଚମ ଖଲିଫା ତଥା ବିଶ୍ୱବ୍ୟାପ୍ତ ଅହମଦୀୟା ସଂପ୍ରଦାୟର ସର୍ବୋଚ୍ଚ ଧର୍ମଗୁରୁ ହଜରତ ମିର୍ଜା ମସରୁର ଅହମଦ[ଅବ] ବ୍ରସେଲସ୍ ସ୍ଥିତ ୟୁରୋପୀୟ ସଂସଦକୁ ପ୍ରଥମଥର ପରିଦର୍ଶନରେ ଯାଇଥିଲେ । ସେଠାରେ ଅନୁଷ୍ଠିତ ଏକ ଭବ୍ୟ ଅଧିବେଶନରେ 30ଟି ଦେଶର ପ୍ରତିନିଧିତ୍ୱ କରୁଥିବା 350ରୁ ଅଧିକ ବିଶିଷ୍ଟ ଅତିଥି ଯୋଗ ଦେଇଥିଲେ । ସେମାନଙ୍କୁ  ସମ୍ବୋଧନ କରି ମହାମାନ୍ୟ ଖଲିଫା ଏକ ମୌଳିକ କଥାବସ୍ତୁ ଉପରେ ଆଧାରିତ ଐତିହାସିକ ଭାଷଣ ପ୍ରଦାନ କରିଥିଲେ । ଉକ୍ତ ଅଧିବେଶନର ଆୟୋଜକ ଥିଲେ ସର୍ବଦଳୀୟ European Parliamentର ନବଗଠିତ 'Friends of Ahmadiyya Muslims' ସଂଗଠନର ମୁଖ୍ୟ Dr. Charles Tannock (MEP,UK) । ଏହା ବିଭିନ୍ନ ୟୁରୋପୀୟ ପାର୍ଲାମେଣ୍ଟ ସଦସ୍ୟମାନଙ୍କର ଏକ ସର୍ବଦଳୀୟ ଓ ସମଭାବାପନ୍ନ ଗୋଷ୍ଠୀ, ଯାହାର କାର୍ଯ୍ୟ ହେଉଛି ଅହମଦୀୟା ମୁସଲିମ ସଂପ୍ରଦାୟକୁ ୟୁରୋପ ତଥା ପୃଥିବୀର ଅବଶିଷ୍ଟ ଭାଗରେ ଅଧିକ ପରିଚିତ ଓ ପ୍ରସାରିତ କରାଇବା ଓ ଏହାର ପ୍ରସାରଣକୁ ଅଧିକ ପ୍ରୋତ୍ସାହିତ କରିବା । ବସ୍ତୁତଃ ଏହା ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ଗଠିତ ହୋଇଅଛି । ତାଙ୍କର ପରିଦର୍ଶନକାଳ ମଧ୍ୟରେ ସେ ନିମ୍ନୋକ୍ତ ସାଂସଦ ଓ ଉଚ୍ଚପଦସ୍ଥ ସମ୍ଭ୍ରାନ୍ତ ବ୍ୟକ୍ତିଗଣଙ୍କ ସହିତ ଭାବ ବିନିମୟ କରିଥିଲେ ।

1) Dr. Charles Tannock(MEP-UK)- Member of the Uropian Pariament Foreign Affairs Commetiee, Member Of The Sub-Commitee on Human Rights and Chair of The European Parliament Friends of Ahmadiyya Muslims Group.

2) Tunne Kelam(MEP-Estonia)-Member of The European Parliament's Foreign Affairs Committee and Vice-Chair of the European Parliament Friends of Ahmadiyya Musmlims Group.

3) Claude Moraes(MEP-UK)- Vice-Chair of The Delegations for Relations with the Arab Peninsula and Vice-Chair of the European Parliament Friends of Ahmadiyya Musmlims Group.

4) Barbara Lochbibler (MEP-Germany) Chair of The European Parliament Sub-Committee on Human Rights.

5) Jean Lambert(MEP-UK)- Chair of The European Parliament South-Asia Delegation.

6) Phil Bennion (MEP-UK)-Member of The European Parliament South-Asia Delegation and Chairmean of Lib Dem European Group.

ୟୁରୋପୀୟ ସଂସଦ ଭବନର Press Forumରେ ଡିସେମ୍ବର 4 ତାରିଖ ଦିନ ଏକ ଆନ୍ତର୍ଜାତିକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହା ପରେ ମୁଖ୍ୟ ସମାରୋହ ଅନୁଷ୍ଠିତ ହୋଇଥିଲା, ଯହିଁରେ ସେ ମୂଳ ବିଷୟବସ୍ତୁ ଉପରେ ଏକ ସାରଗର୍ଭିକ ଭାଷଣ ପରିବେଷଣ କରିଥିଲେ । ସାମ୍ବଦିକ ସମ୍ମିଳନୀ 40 ମିନିଟ୍ ଧରି ଚାଲିଥିଲା । ଏଥିରେ ବ୍ରିଟେନ୍, ସ୍ପେନ୍, ଫ୍ରାନ୍ସ, ବେଲିଜିଅମ୍, ପାକିସ୍ତାନ ତଥା ଅନ୍ୟ କେତେକ ଦେଶର ବହୁ ବିଶିଷ୍ଟ ସାମ୍ବାଦିକ, ବିଭିନ୍ନ ସମ୍ବାଦ ସରବରାହ ସଂସ୍ଥାର ମିଡିଆ ପ୍ରତିନିଧିଗଣ ଅଂଶଗ୍ରହଣ କରି ପୁଣ୍ୟଶ୍ଳୋକ ଖଲିଫାଙ୍କୁ ବିଭିନ୍ନ ପ୍ରକାର ପ୍ରଶ୍ନ ପଚାରିଥିଲେ । ପୃଥିବୀରେ ଇସଲାମ ଧର୍ମର ଭୂମିକା କ'ଣ ସେ ସଂପର୍କରେ BBC ପ୍ରତିନିଧିଙ୍କ ଏକ ପ୍ରଶ୍ନର ଉତ୍ତରରେ ସେ କହିଥିଲେ ଯେ ଇସଲାମର ଶାନ୍ତିପ୍ରଦ ବାର୍ତ୍ତା ସାର୍ବଜନୀନ । ଅହମଦୀୟା ସଂପ୍ରଦାୟର ଅମୂଲ୍ୟ ନୀତିବାକ୍ୟ ହେଉଛି, 'Love for All. Hatred for None.' ଅର୍ଥାତ୍ 'ପ୍ରେମ ସଭିଙ୍କ ପାଇଁ ଘୃଣା କାହାକୁ ନାହିଁ ।' ସ୍ପେନୀୟ ପ୍ରତିନିଧିଙ୍କର ଏକ ପ୍ରଶ୍ନର ଉତ୍ତର ଦେଇ ସେ କହିଥିଲେ, 'ସକଳ ମୁଖ୍ୟ ଧର୍ମର ଯେଉଁ ମୂଳବାର୍ତ୍ତା ଏକ ଓ ଅଭିନ୍ନ ଥିଲା, ତାହା ହେଉଛି ଶାନ୍ତିର ବାର୍ତ୍ତା । ସେଥିପାଇଁ ଜଣେ ଖାଣ୍ଟି ମୁସଲମାନ ସମସ୍ତ ଅବତାରଙ୍କ ଠାରେ ବିଶ୍ୱାସ ସ୍ଥାପନ କରେ । ପ୍ରତ୍ୟେକ ଅବତାର ଏକେଶ୍ୱରବାଦର

ଶିକ୍ଷା ଦେଇଛନ୍ତି । ମାଲଟାର ଜଣେ ସାମ୍ବାଦିକ ପ୍ରଶ୍ନ କରିବାରୁ ଉତ୍ତରରେ ସେ କହିଥିଲେ,'ସମଗ୍ର ମାନବଜାତିକୁ ଈଶ୍ୱରଙ୍କ ନିକଟବର୍ତ୍ତୀ କରାଇବା ଏବଂ ଜଣେ ଅନ୍ୟର ଅଧିକାରକୁ ସୁରକ୍ଷା ପ୍ରଦାନ କରିବା ଦାୟିତ୍ୱ ପ୍ରତି ପୃଥିବୀର ଲୋକମାନଙ୍କୁ ସଚେତନ କରାଇବା ହେଉଛି ପ୍ରତ୍ୟେକ ଅହମଦି ମୁସଲମାନର ପ୍ରଧାନ କର୍ତ୍ତବ୍ୟ ।

ବହୁ ଦର୍ଶକପୂର୍ଣ୍ଣ ଏକ ଜନ ସମାଗମ ସମ୍ମୁଖରେ ମୁଖ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ୟୁରୋପୀୟ ସଂସଦର କେତେକ ଅହମଦୀୟା ମୁସଲିମ ପ୍ରେମୀଙ୍କ ଦ୍ୱାରା ଗଠିତ ଏକ ସଂଗଠନର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷଙ୍କୁ ମହାମଞ୍ଚ ଉପରକୁ ଆମନ୍ତ୍ରିତ କରାଯିବା ପରେ ସଂପ୍ରଦାୟ ମୁଖ୍ୟଙ୍କୁ ସ୍ୱାଗତ ଜଣାଇବା ପାଇଁ European Parliament ର ସଭାପତି Matin Schulz,MEP ପୁଣ୍ୟଶ୍ଳୋକ ଖଲିଫାଙ୍କୁ ସ୍ୱତନ୍ତ୍ର ସାକ୍ଷାତ କରିଥିଲେ । ପ୍ରୋକ୍ତ ମହାଭାଗଙ୍କର ମୂଳ କଥାବସ୍ତୁ ଉପସ୍ଥାପନ କରିବା ପୂର୍ବରୁ ବହୁ ସଂଖ୍ୟକ ୟୁରୋପୀୟ ସାଂସଦ(MEP)ଅହମଦୀୟା ମୁସଲିମ ସଂପ୍ରଦାୟର ଶାନ୍ତିପୂର୍ଣ୍ଣ ଶିକ୍ଷାକୁ ସମର୍ଥନ କରିବା ସହିତ ତତ୍‌ସଂକ୍ରାନ୍ତୀୟ କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ । ଅହମଦୀୟା ମୁସଲିମ ପ୍ରେମୀ ସଂଗଠନର ମୁଖ୍ୟ ପୁରୋଧା Dr. Charles Tannock MEP କହିଥିଲେ ଯେ ଅହମଦୀ ମୁସଲିମ ସଂପ୍ରଦାୟ ବିଶ୍ୱରେ ସହନଶୀଳତାର ଏକ ସ୍ୱାଗତଯୋଗ୍ୟ ଅନନ୍ୟ ଦୃଷ୍ଟାନ୍ତ ଦେଖାଇଛନ୍ତି ।

ବର୍ତ୍ତମାନ ହଜରତ ମିର୍ଜା ମସରୁର ଅହମଦ୍[ଅବ] ଙ୍କ ଦ୍ୱାରା ପରିବେଷିତ ମୂଳ ଐତିହାସିକ ସମ୍ଭାଷଣ ଏଠାରେ ଉପସ୍ଥାପନ କରାଯାଉଛି ।

# ଶାନ୍ତିର ଚାବିକାଠି-ବିଶ୍ୱ ଏକତା

ବିସମିଲ୍ଲାଃହିର୍-ରହମାନିର-ରହିମ୍: 'ଅଶେଷ ଦୟାବାନ ଏବଂ ସଦାକରୁଣାମୟ ଅଲ୍ଲାଃଙ୍କ ନାମ ନେଇ ଆରମ୍ଭ କରୁଛି ।'

ସମ୍ମାନୀୟ ବିଶିଷ୍ଟ ଅତିଥିଗଣ ! ଅସ୍‌ସଲାମୋ ଆଲୈକୁମ୍ ରହମତୁଲ୍ଲାହି ଓ୍ୱ ବରକାତୋହୁ : 'ଆପଣମାନଙ୍କ ପ୍ରତି ଅଲ୍ଲାଙ୍କ ଶାନ୍ତି ଓ କୃପା ବିରାଜିତ ହେଉ ।'

ସର୍ବପ୍ରଥମେ ମୁଁ ଆଜିର ଏହି ସମାରୋହର ସେହି ଆୟୋଜକମାନଙ୍କୁ ଧନ୍ୟବାଦ ଜଣାଇବାକୁ ଚାହୁଁଛି, ଯେଉଁମାନେ ୟୁରୋପୀୟ ସଂସଦରେ ଆପଣମାନଙ୍କ ସମ୍ମୁଖରେ କିଛି କହିବାର ସୁଯୋଗ ଦେଇଛନ୍ତି । ସେ ସମସ୍ତ ମାନ୍ୟଗଣ ବ୍ୟକ୍ତି, ବିଭିନ୍ନ ଦେଶର ପ୍ରତିନିଧି ଓ ଅନ୍ୟାନ୍ୟ ଅତିଥିମାନଙ୍କୁ ମଧ୍ୟ ଧନ୍ୟବାଦ ଦେଉଛି, ଯେଉଁମାନେ ବିଶେଷ ଉତ୍ସାହର ସହ ଏହି ସମାରୋହରେ ଯୋଗ ଦେବା ପାଇଁ ଏଠାକୁ ଆସିଛନ୍ତି ।

ଯେଉଁମାନେ ଅହମଦୀୟା ମୁସଲିମ ଜମାଅତ ସଂପର୍କରେ ଭଲ ଭାବେ ପରିଚିତ ଅଛନ୍ତି କିମ୍ବା ଯେଉଁମାନେ କମ୍ ପରିଚିତ ଅଛନ୍ତି, ଅଥବା ଅନ୍ୟ ଯେଉଁମାନେ ଅହମଦିମାନଙ୍କ ସହିତ ବ୍ୟକ୍ତିଗତ ସଂପର୍କ ରଖିଛନ୍ତି, ସେମାନଙ୍କର ସଂପୂର୍ଣ୍ଣ ଧାରଣା ରହିଛି ଯେ ଏକ ଧର୍ମୀୟ ସଂପ୍ରଦାୟ ରୂପେ ଶାନ୍ତି ଓ ନିରାପତ୍ତାକୁ ବିଶ୍ୱରେ ପୁନଃସ୍ଥାପିତ କରିବା ପାଇଁ ଆମେମାନେ ନୀରବଚ୍ଛିନ୍ନ ଭାବରେ ପୃଥିବୀବାସୀଙ୍କର ଧ୍ୟାନ ଆକର୍ଷଣ କରିଆସୁଛୁ । ଆମେ ନିଶ୍ଚୟ ସ୍ୱସମ୍ବଳ ଭିତରେ ଥାଇ ଆଉ ଏକ ଲକ୍ଷ୍ୟ ହାସଲ କରିବା ପାଇଁ ସମସ୍ତ ପ୍ରକାର ପ୍ରୟାସ ଜାରି ରଖିଛୁ ।

ଯେଉଁଠାରେ ସୁଯୋଗ ମିଳୁଛି, ଅହମଦୀୟା ମୁସଲିମ ଜମାଅତର ମୁଖ୍ୟ ଭାବରେ ମୁଁ ଏହି ବିଷୟକୁ ନିୟମିତ ରୂପେ କହି ଆସୁଛି । ପ୍ରକୃତରେ କହିବାକୁ ଗଲେ ଶାନ୍ତିରେ ବାସ କରିବା ଓ ପରସ୍ପରକୁ ଭଲ ପାଇବା ସମ୍ବନ୍ଧରେ ଆମେ ଯାହା ବି କହୁଛୁ, ତାହା ଅହମଦୀୟା ସଂପ୍ରଦାୟର କୌଣସି ନୂତନ ଶିକ୍ଷା ନୁହେଁ । କିନ୍ତୁ ଏହା ମଧ୍ୟ ନିଶ୍ଚିତ ଯେ ଏହି ସଂପ୍ରଦାୟର ସଂସ୍ଥାପକଙ୍କ ଆଗମନର ମୁଖ୍ୟ ଉଦ୍ଦେଶ୍ୟଗୁଡ଼ିକ ମଧ୍ୟରୁ ଗୋଟିଏ ଥିଲା ଶାନ୍ତି ଓ ପାରସ୍ପରିକ ସୌହାର୍ଦ୍ଦ୍ୟ ଫେରାଇ ଆଣିବା । ବସ୍ତୁତଃ ଆମେ ଯାହା କିଛି କର୍ମ କରୁଛୁ, ଇସଲାମର ପ୍ରତିଷ୍ଠାତା ଦିବ୍ୟ ଅବତାର ମୁହମ୍ମଦ[ସଃ]ଙ୍କ

ପ୍ରତି ଅବତୀର୍ଣ୍ଣ ହୋଇଥିବା ଐଶ୍ୱରିକ ଶିକ୍ଷାରେ ଅନୁପ୍ରାଣୀତ ହୋଇ କରୁଛୁ । ଦୀର୍ଘ 1400 ବର୍ଷ ପୂର୍ବେ ହଜରତ ମୁହମ୍ମଦ[ସଅ]ଙ୍କ ମୌଳିକ ଏବଂ ବିଶୁଦ୍ଧ ଶିକ୍ଷା ଯାହା ରହିଥିଲା, ତାହା ଦୁର୍ଭାଗ୍ୟ ବଶତଃ ଅଧିକାଂଶ ମୁସଲିମ ପାଶୋରି ଦେଇଛନ୍ତି । ପୁଣି ସେହି ବାସ୍ତବ ଇସଲାମକୁ ପୁନର୍ଜୀବିତ କରିବା ପାଇଁ ଇସଲାମ୍‌ର ଦିବ୍ୟ ବାର୍ତ୍ତାବହ ହଜରତ ମୁହମ୍ମଦ[ସଅ]ଙ୍କ ଭବିଷ୍ୟବାଣୀ ଅନୁଯାୟୀ ସର୍ବଶକ୍ତିମାନ ଅଲ୍ଲାଃ ଅହମଦୀୟା ମୁସଲିମ ସଂପ୍ରଦାୟର ସଂସ୍ଥାପକ ହଜରତ ମିର୍ଜା ଗୁଲାମ ଅହମଦ[ଅସ]ଙ୍କୁ ପଠାଇଛନ୍ତି । ମୁଁ ଆପଣମାନଙ୍କୁ ଅନୁରୋଧ କରିବି ଯେ ପୃଥିବୀରେ ଶାନ୍ତି ଏବଂ ସଂହତି ସଂପର୍କିତ ଇସ୍‌ଲାମର ଶିକ୍ଷା ସମ୍ବନ୍ଧରେ ଯେତେବେଳେ ମୁଁ ଯାହା କହିବି, ଆପଣମାନେ ସେହି ନିର୍ଦ୍ଦିଷ୍ଟ ସୂଚନାଟିକୁ ଅବଶ୍ୟ ମନ ଭିତରେ ରଖିବେ ।

ଏହା ମଧ୍ୟ ଏଠାରେ ଉଲ୍ଲେଖ୍ୟଯୋଗ୍ୟ ଯେ 'ଶାନ୍ତି' ଓ 'ନିରାପତ୍ତା' ସଂପର୍କରେ ବହୁବିଧ ଦୃଷ୍ଟିକୋଣ ରହିଛି । ଯେପରି ପ୍ରତ୍ୟେକ ନିର୍ଦ୍ଦିଷ୍ଟ ଦିଗ ତା'ର ନିଜସ୍ୱ ସ୍ଥିତିରେ ଗୁରୁତ୍ୱପୂର୍ଣ୍ଣ, ସେହିପରି ତତ୍‌ସହିତ ପ୍ରତ୍ୟେକ ଦୃଷ୍ଟିକୋଣକୁ ଏକତ୍ରିତ କରିବା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ । ପରିବାରରେ ସ୍ଥିରତା ଓ ଏକତାର ମୂଳଭିତ୍ତି ଉପରେ ସମାଜରେ ଶାନ୍ତିର ସୌଧ ଗଢା ଯାଇଥାଏ । ଗୃହ ମଧ୍ୟରେ ଉପୁଜୁଥିବା ପରିସ୍ଥିତି ସୀମାହୀନ ଦେଖାଯାଏ । କିନ୍ତୁ ଗୋଟିଏ ଘଟଣାର ନିଷ୍ପତ୍ତି ଯେପରି ଅନ୍ୟ ଘଟଣାକୁ ପ୍ରଭାବିତ କରିଥାଏ, ସେହିପରି କୌଣସି ଗୃହର ଅପ୍ରୀତିକର ପରିସ୍ଥିତିର ପ୍ରଭାବ ସେହି ଅଂଚଳର ଶାନ୍ତିଭଙ୍ଗ କରିଥାଏ ଓ ତାହାର ପ୍ରଭାବ ଆଗକୁ ବଢି ବଢି ସେଠାକାର ଗ୍ରାମ ବା ସହରର ଶାନ୍ତିକୁ ବ୍ୟାହତ କରେ । ଠିକ୍ ସେହିପରି ସେଠାରେ ଉପୁଜିଥିବା ବିଶୃଙ୍ଖଳା ସଂପୃକ୍ତ ଦେଶର ଶାନ୍ତିକୁ ମଧ୍ୟ ପ୍ରଭାବିତ କରେ ଏବଂ ପରିଶେଷରେ ସେହି ଦେଶର ଅଶାନ୍ତ ପରିସ୍ଥିତି ଆଞ୍ଚଳିକ କ୍ଷେତ୍ର ଉପରେ ଅତ୍ୟନ୍ତ ଖରାପ ପ୍ରଭାବ ପକାଏ । ବସ୍ତୁତଃ ସମଗ୍ର ପୃଥିବୀରେ ଶାନ୍ତି, ଏକତା ଓ ଅଖଣ୍ଡତା ପ୍ରତି ଏହା ବିପଦ ସୃଷ୍ଟି କରିବାର କାରଣ ହୋଇଥାଏ । ସୁତରାଂ ଏହା ସୁସ୍ପଷ୍ଟ ଯେ ଯଦି ଆପଣ ଶାନ୍ତିର ଗୋଟିଏ ଦିଗ ସମ୍ବନ୍ଧରେ ଆଲୋଚନା କରିବାକୁ ଚାହିବେ, ତା'ହେଲେ ତାହାର ଦୃଷ୍ଟିଭଙ୍ଗୀର ପରିସର ସୀମାହୀନ ଦେଖାଯିବ ଓ ଏହି ଆଲୋଚନା ମଧ୍ୟ ଅଗ୍ରସର ହେବ । ସେହିପରି ଯେଉଁଠି ଶାନ୍ତିର ସଂକଟ ଦେଖାଯାଉଛି, ତାହାର ଆଭ୍ୟନ୍ତରୀଣ ସମସ୍ୟାକୁ ଆଧାର କରି ସମାଧାନର ଭିନ୍ନ ଭିନ୍ନ ଉପାୟ ମଧ୍ୟ ଉପଲବ୍ଧ ହେବ । ତେଣୁ ଉଲଂଘନ କରାଯାଉଥିବା ଶାନ୍ତି ଓ ନିରାପତ୍ତାର ସେହି ଦିଗକୁ ସୁଧାରିବାର ଆବଶ୍ୟକ ପଡିବ । ବସ୍ତୁତଃ ଏହା ଏତେ ବ୍ୟାପକ ଯେ ଏହାକୁ ସବୁ ଦୃଷ୍ଟିକୋଣରୁ ଆଲୋଚନା କରିବା ସମୟ ସାପେକ୍ଷ ।

ତାହା ସତ୍ତ୍ୱେ ଇସଲାମ୍‌ର ବାସ୍ତବ ଶିକ୍ଷାରୁ ଅଳ୍ପ କେତେକ ଦିଗକୁ ମୁଁ ମୋ ବକ୍ତବ୍ୟରେ ସ୍ଥାନିତ କରିବା ପାଇଁ ଚେଷ୍ଟା କରିବି ।

ଏବେ ସାଂପ୍ରତିକ ଜଗତରେ ଆମେ ଦେଖୁଛୁ ଯେ ଇସଲାମ ବିରୁଦ୍ଧରେ ଅନେକ ଆପତ୍ତିଜନକ ଓ ବିବାଦାତ୍ମକ ମନ୍ତବ୍ୟ ଦିଆଯାଉଛି, ସେଥିପାଇଁ ଧର୍ମକୁ ଦାୟୀ କରାଯାଉଛି । ଏପରିକି ଇସଲାମ ଶାନ୍ତି ଓ ନିରାପତ୍ତା ଭିତ୍ତିକ ଧର୍ମର ନାମ ବହନ କରିଥିଲେ ମଧ୍ୟ ଏଥିପ୍ରତି ଭିନ୍ନ ଭିନ୍ନ ଦୋଷାରୋପ କରାଯାଉଛି । ଅଧିକନ୍ତୁ ଶାନ୍ତିର ପ୍ରତିଷ୍ଠା କେଉଁ ପନ୍ଥାରେ କରାଯାଇ ପାରିବ, ସେଥିପାଇଁ ଇସଲାମ କେତେକ ନିର୍ଦ୍ଦିଷ୍ଟ ନିୟମ ପ୍ରଣୟନ କରିଛି । ସୁତରାଂ ଏହି ପରିପ୍ରେକ୍ଷୀରେ ବିଚାର କଲେ ଶାନ୍ତିପୂର୍ଣ୍ଣ ଶିକ୍ଷା ପ୍ରଦର୍ଶିତ କରାଉଥିବା ଇସଲାମର ବାସ୍ତବଚିତ୍ର ଏଠାରେ ଉପସ୍ଥାପନ କରିବା ବାଞ୍ଛନୀୟ । ଏହା ପୂର୍ବରୁ ପୃଥିବୀର ସାଂପ୍ରତିକ ପରିସ୍ଥିତି ସମ୍ବନ୍ଧରେ ମୁଁ ସଂକ୍ଷିପ୍ତ ଆଲୋଚନା କରିବି । ଏ ସଂପର୍କରେ ଆପଣମାନେ ଅବଶ୍ୟ ଭଣା ଅଧିକେ ଅବଗତ ଥିବେ, ତଥାପି ମୁଁ ଏଥି ସକାଶେ ତାହାକୁ ଉତ୍‌ଥାପନ କରିବି ଯେ ଇସଲାମ୍ ଦତ୍ତ ଶାନ୍ତି ଓ ଏକତାର ପ୍ରସଙ୍ଗ ଉପରେ ଆଲୋଚନା କଲାବେଳେ ଆପଣମାନେ ଏହାକୁ ଦୃଷ୍ଟି ସମ୍ମୁଖରେ ରଖିବେ । ଆମେମାନେ ଜାଣିଛେ ଯେ ଆଜିର ବିଶ୍ୱ ଏକ ଗୋଲାକାର ଗ୍ରାମରେ ପରିଣତ ହୋଇଯାଇଛି । ଆମେ ବିଭିନ୍ନ ଆଧୁନିକ ଉପାୟ ମାଧ୍ୟମରେ ପରସ୍ପର ସଂଯୁକ୍ତ ହୋଇ ଯାଇଛୁ । ତାହା ଗମନାଗମନର ଉନ୍ନତ ବ୍ୟବସ୍ଥା ହେଉ ଅବା ଗଣମାଧ୍ୟମ ଓ ଇଣ୍ଟରନେଟ୍‌ର ଆଧୁନିକ ପ୍ରଯୁକ୍ତି ଜ୍ଞାନ କୌଶଳ । ଫଳରେ ବିଜ୍ଞାନ ଓ ପ୍ରଯୁକ୍ତି ଜ୍ଞାନ ପାରସ୍ପରିକ ସଂପର୍କ ସ୍ଥାପନରେ ସହାୟକ ହୋଇଛି । ସବୁଜାତି ଓ ସବୁଦେଶ ନିକଟବର୍ତ୍ତୀ ହୋଇ ଯାଇଛନ୍ତି, ଯାହାକି ପୂର୍ବରୁ ନ ଥିଲା । ଅଧିକାଂଶ କ୍ଷେତ୍ରରେ ଗୋଟିଏ ଦେଶର ସମସ୍ତ ଜାତି ଓ ଧର୍ମର ଲୋକ ଅନ୍ୟ ଏକ ଦେଶରେ ସ୍ୱଚ୍ଛନ୍ଦରେ ବସବାସ କରି ପାରୁଛନ୍ତି । ପ୍ରକୃତ ପକ୍ଷେ, ଅନେକ ଦେଶରେ ବିଦେଶାଗତ ବ୍ୟକ୍ତିମାନେ ବସବାସ କରୁଥିବା ଲୋକଙ୍କ ସଂଖ୍ୟା ଅନେକ । ସେମାନେ ଅନ୍ୟ ଦେଶରେ ଆସି ଏପରି ଦୃଢ ଭାବରେ ଅବସ୍ଥାପିତ ହୋଇ ଯାଇଛନ୍ତି ଯେ ସେମାନଙ୍କୁ ଉକ୍ତ ଦେଶରୁ ବାହାର କରିଦେବା ସେହି ଦେଶର ସରକାର ତଥା ସ୍ଥାନୀୟ ଲୋକଙ୍କର ମୁଣ୍ଡବ୍ୟଥାର କାରଣ ହୋଇଛି । ଫଳତଃ ଅନୁପ୍ରବେଶକାରୀଙ୍କ ସଂଖ୍ୟା ହ୍ରାସ କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି ଏବଂ ସେଥିପାଇଁ ନାନା କଟକଣା ମଧ୍ୟ ଜାରି କରାଯାଇଛି । ତଥାପି ଯେ କୌଣସି ଦେଶର ନାଗରିକ ଅନ୍ୟ ଦେଶରେ ପ୍ରବେଶ କରିବାରେ ସମର୍ଥ ହେବା ପାଇଁ ଅନେକ ଉପାୟ ମଧ୍ୟ ରହିଛି । ଯେଉଁମାନେ ଅବୈଧ ଭାବରେ ଅନ୍ୟ ଦେଶକୁ ପଳାୟନ କରୁଛନ୍ତି,

ସେମାନଙ୍କୁ ବିତାଡିତ କରିବା ଏତେ ସହଜ ନୁହେଁ । ଉଦାହରଣ ସ୍ୱରୂପ, ଯେଉଁମାନେ କେତେକ ନିର୍ଦ୍ଦିଷ୍ଟ କାରଣରୁ ସ୍ୱଦେଶ ପରିତ୍ୟାଗ କରି ଅନ୍ୟ ଦେଶରେ ଶରଣାର୍ଥୀ ଭାବରେ ବାସ କରିବାକୁ ବାଧ୍ୟ ହେଉଛନ୍ତି, ସେମାନଙ୍କ କ୍ଷେତ୍ରରେ ମାନବବାଦ ଉପରେ ଆଧାରିତ କେତେକ ଆନ୍ତର୍ଜାତୀୟ ଆଇନ ସହାୟକ ହେଉଛି ।

ଆମେ ଦେଖୁଛୁ ଯେ ବହୁ ସଂଖ୍ୟକ ଶରଣାର୍ଥୀ ନିଜ ଦେଶ ଛାଡି ବାହାରକୁ ଚାଲିଯାଉଥିବା ଫଳରେ ବହୁ ଦେଶରେ ଉଦ୍‌ବେଗ ଓ ଅସ୍ଥିରତା ବୃଦ୍ଧି ହେବାରେ ଲାଗିଛି । ଏଥିପାଇଁ ଶରଣାର୍ଥୀ ଓ ସ୍ଥାନୀୟ ବାସିନ୍ଦା ଉଭୟେ ଦାୟୀ । କାରଣ କେତେକ ଶରଣାର୍ଥୀ ସେଠାକାର ସବୁ ନିୟମ ନ ମାନିବା ଦ୍ୱାରା ସ୍ଥାନୀୟ ଲୋକଙ୍କର କ୍ରୋଧ ବଢୁଛି । ଅପରପକ୍ଷେ କେତେକ ସ୍ଥାନୀୟ ଲୋକଙ୍କର ସହିଷ୍ଣୁତାର ଅଭାବ ରହିଛି ଏବଂ ସେମାନେ ଖୋଲା ହୃଦୟରେ ପ୍ରବାସୀମାନଙ୍କୁ ଭଲ ବ୍ୟବହାର ଦେଖାଉ ନାହାନ୍ତି । ଫଳରେ ମନ ଭିତରେ ଘୃଣା ଓ ଅଶାନ୍ତି ସୃଷ୍ଟି କରି ମହାବିପତ୍ତି ପର୍ଯ୍ୟନ୍ତ ଅଗ୍ରସର ହେଉଛି । ବିଶେଷତଃ ପାଶ୍ଚାତ୍ୟ ଦେଶର ସ୍ଥାନୀୟ ବାସିନ୍ଦା ଇସଲାମ ପ୍ରତି ପୋଷଣ କରୁଥିବା ଘୃଣା ଓ ଶତ୍ରୁତାର ପ୍ରତିକ୍ରିୟା ସ୍ୱରୁପ କେତେକ ନିର୍ଦ୍ଦିଷ୍ଟ ମୁସଲିମ ସମାଜ ନକାରାତ୍ମକ ଆଚରଣ ପ୍ରଦର୍ଶନ କରିଥାନ୍ତି । ସେମାନଙ୍କ ମଧ୍ୟରେ ପ୍ରବାସୀ ମୁସଲିମ ଅନ୍ତର୍ଭୁକ୍ତ । ସେମାନଙ୍କର ଏ ପ୍ରକାର ପ୍ରତିକ୍ରିୟା ପାଶ୍ଚାତ୍ୟ ଦେଶମାନଙ୍କର ଜାତୀୟ ସ୍ତରରେ ପହଞ୍ଚିଲାଣି । ଅବଶ୍ୟ ସେହିସବୁ ରାଷ୍ଟ୍ରର ନେତାଗଣ ସେମାନଙ୍କୁ ଉକ୍ତ ଦେଶର ଅଂଶ ବିଶେଷ ବୋଲି କହୁଥିବାର ଆମେ ଜାଣିଛୁ । ଯାହା ହେଉ, ବ୍ରିଟେନର ପ୍ରଧାନମନ୍ତ୍ରୀ ମତ ବ୍ୟକ୍ତ କରିଛନ୍ତି ଯେ ସେଠାରେ ବସବାସ କରୁଥିବା ସବୁ ମୁସଲମାନଙ୍କ ମଧ୍ୟରେ ଏକତା ବଜାୟ ରଖିବାର ଆବଶ୍ୟକତା ରହିଛି । ଅନ୍ୟ ପକ୍ଷରେ କେତେକ ପାଶ୍ଚାତ୍ୟ ଦେଶର ନେତାମାନେ ତାଙ୍କ ଦେଶର ପ୍ରବାସୀ ମୁସଲିମମାନଙ୍କୁ ଚେତାବନୀ ଦେବାରେ ଲାଗିଛନ୍ତି । ଅଦ୍ୟାବଧି ଏହି ବିରୋଧାତ୍ମକ ଅବସ୍ଥା ସେତେ ଖରାପ ହୋଇ ନ ଥିଲେ ମଧ୍ୟ ଚିନ୍ତାଜନକ ହେଲାଣି । ଏହି ବିବାଦର ତାତି ବଢି ବଢି ଶେଷରେ ଶାନ୍ତି ନଷ୍ଟ ହେବାର ଆଶଙ୍କା ଅଛି । ଏଥିରେ କୌଣସି ସନ୍ଦେହ ରହିବା ଉଚିତ ନୁହେଁ ଯେ ପ୍ରବାସୀ ମୁସଲିମ ସଂପ୍ରଦାୟ ଏବଂ ସଂପୃକ୍ତ ଦେଶର ସ୍ଥାୟୀ ବାସିନ୍ଦାଙ୍କ ମଧ୍ୟରେ ଉପୁଜିଥିବା ଶୀତଳଯୁଦ୍ଧ କେବଳ ପାଶ୍ଚାତ୍ୟ ଦେଶରେ ସୀମିତ ହୋଇ ରହି ନାହିଁ, ବରଂ ଏହା ସମଗ୍ର ପୃଥିବୀ ଉପରେ ପ୍ରଭାବ ପକାଉଛି । ପରିଣାମରେ ବିଶେଷତଃ ମୁସଲିମ ରାଷ୍ଟ୍ରଗୁଡିକ ଗଭୀର ଭାବେ ପ୍ରଭାବିତ ହୋଇଛନ୍ତି । ଏହାର ପ୍ରତିକୂଳ ପ୍ରଭାବ ଯୋଗୁଁ ପୂର୍ବ ବନାମ ପଶ୍ଚିମ ମଧ୍ୟରେ ଥିବା ସଂକଳ୍ପରେ ଅବନତି ଘଟିବ । ଅତଏବ, ପରିସ୍ଥିତିରେ ଉନ୍ନତି ଆଣିବା ପାଇଁ ଓ

ଶାନ୍ତିର ପ୍ରଗତି ସକାଶେ ସବୁ ଦେଶର ସରକାର ମିଳିତ ଭାବେ ଏ ଦିଗରେ କାର୍ଯ୍ୟ କରିବା ଉଚିତ । ପୁଣି ସରକାରୀ ନୀତିରେ ସଂସ୍କାର ଆଣିବାର ଆବଶ୍ୟକତା ମଧ୍ୟ ରହିଛି, ଯାହାଯୋଗୁଁ ସେମାନଙ୍କ ମଧ୍ୟରେ ସମ୍ମାନ ପ୍ରତିଷ୍ଠା କରାଯାଇ ପାରିବ । ଏହାରି ମାଧ୍ୟମରେ ଅନ୍ୟର ଭାବନାରେ ଆଘାତ ଦେବା ଏବଂ ପୁନଶ୍ଚ କ୍ଷତିକାରକ ଉଦ୍ୟମକୁ ନିଷିଦ୍ଧ କରାଯିବା ଉଚିତ ମନେ ହେଉଛି ।

ଦେଶାନ୍ତରବାସୀଙ୍କ ପାଇଁ ଏହା କୁହା ଯାଇପାରେ ଯେ ସେମାନେ ସ୍ଥାନୀୟ ଅଧିବାସୀଙ୍କ ସହିତ ଏକତ୍ର ମିଳିମିଶି ରହିବା ପାଇଁ ସମ୍ମତି ପ୍ରଦାନ କରି ସେହି ସ୍ଥାନରେ ପ୍ରବେଶ କରିବାକୁ ହେବ । ସେହିପରି ସେଠାକାର ସ୍ଥାନୀୟ ବାସିନ୍ଦା ମଧ୍ୟ ଖୋଲା ହୃଦୟରେ ଓ ସହିଷ୍ଣୁ ହୋଇ ପ୍ରବାସୀଙ୍କୁ ରହିବାକୁ ଦିଅନ୍ତୁ । ପୁନଶ୍ଚ ମୁସଲମାନମାନଙ୍କ ବିରୁଦ୍ଧରେ ସରକାର କେତେକ କଟକଣା ଲାଗୁ କରିଦେଲେ ଶାନ୍ତି ଆସେଇବ ନାହିଁ, କାରଣ ସେମାନେ ଏକାକୀ ଲୋକମାନଙ୍କ ମତ ଓ ଭାବନାକୁ ବଦଳାଇ ଦେଇ ପାରିବେ ନାହିଁ । ଏହା କେବଳ ମୁସଲମାନଙ୍କ ସଂପର୍କରେ କୁହାଯାଇ ନାହିଁ, ବରଂ ଯେ କୌଣସି ଧର୍ମର ଲୋକକୁ ଯେତେବେଳେ ତାହାର ଧର୍ମ କିମ୍ୱା ବିଶ୍ୱାସ କାରଣରୁ ବଳପୂର୍ବକ ଦମନ କରାଯାଉଛି, ସେତେବେଳେ ଏହା ଏକ ବିରୋଧାତ୍ମକ ପ୍ରତିକ୍ରୀୟା ହେବ, ଯଦ୍ୱାରା ଗୁରୁତର ଭାବେ ଶାନ୍ତି ବ୍ୟାହତ ହେବ । ଯେପରି ମୁଁ ପୂର୍ବରୁ କହିଛି ସ୍ଥାନୀୟ ଅଧିବାସୀ ଓ ମୁସଲିମ ସମାଜର ଦେଶାନ୍ତରବାସୀଙ୍କ ମଧ୍ୟରେ କେତେକ ନିର୍ଦ୍ଦିଷ୍ଟ ଦେଶରେ ବିବାଦ ବୃଦ୍ଧି ପାଇବାରେ ଲାଗିଛି । ତେଣୁ ଏହା ପ୍ରତ୍ୟୟ ହେଉଛି ଯେ ଉଭୟଙ୍କ ପକ୍ଷରୁ ଅତି ଅଳ୍ପ ସହିଷ୍ଣୁତା ପ୍ରକାଶ ପାଉଛି । ବସ୍ତୁତଃ ପରସ୍ପରକୁ ବୁଝିବା ଓ ଜାଣିବା ପାଇଁ ଉଭୟେ ଚେଷ୍ଟିତ ହେବା ଆବଶ୍ୟକ । ୟୁରୋପୀୟ ନେତୃବର୍ଗ ଏହି ବାସ୍ତବତାକୁ ଗ୍ରହଣ କରିବା ଆବଶ୍ୟକ ଏବଂ ଏହା ବୁଝିବା ଦରକାର ଯେ ପରସ୍ପରର ଧର୍ମ ପ୍ରତି ସମ୍ମାନ ଓ ସହନଶୀଳତା ପ୍ରଦର୍ଶନ କରିବା ହେଉଛି ଉଭୟଙ୍କର ଦାୟିତ୍ୱ । ଯଦି ଏହି ଦାୟିତ୍ୱକୁ ସୁଚାରୁ ରୂପେ ତୁଲାଇବା ସେମାନଙ୍କ ପାଇଁ ଅନିବାର୍ଯ୍ୟ ହେବ, ତା'ହେଲେ ପ୍ରତ୍ୟେକ ୟୁରୋପୀୟ ଦେଶ ମଧ୍ୟରେ ତଥା ୟୁରୋପୀୟ ଓ ମୁସଲିମ ରାଷ୍ଟ୍ର ମଧ୍ୟରେ ଏପରି ଏକ ସଦିଚ୍ଛା ଏବଂ ବନ୍ଧୁତ୍ୱପୂର୍ଣ୍ଣ ସହଯୋଗର ବାତାବରଣ ସୃଷ୍ଟି ହୋଇଯିବ, ଯାହା ପୃଥିବୀରେ ଶାନ୍ତି ନଷ୍ଟ କରିବାକୁ ଆଦୌ ପ୍ରଶ୍ରୟ ଦେବ ନାହିଁ ।

ଏହା ମୋର ବିଶ୍ୱାସ ଯେ ଏହିସବୁ ବିବାଦ ବା ବିଭାଜନର କାରଣ ଧର୍ମ ବିଶ୍ୱାସରେ ମତଭେଦ ଯୋଗୁଁ ନୁହେଁ କି ତାହା ପାଶ୍ଚାତ୍ୟ ଏବଂ ମୁସଲିମ ଦେଶ ମଧ୍ୟରେ ରହିଥିବା ବିଭେଦ ଯୋଗୁଁ ସୃଷ୍ଟି ହୋଇନାହିଁ । ବରଂ ମତାନ୍ତର ଜନିତ

କଳହର ମୂଳ କାରଣ ପୃଥିବୀର ଆର୍ଥିକ ସଙ୍କଟ ଯୋଗୁଁ ହୋଇଛି । ଯେତେବେଳେ କୌଣସି କାରବାରରେ ଶିଥିଳତା ଦେଖାଯାଉ ନାହିଁ କିମ୍ବା ଋଣଜନିତ ସଂକଟ ନାହିଁ, ସେତେବେଳେ ସେ ମୁସଲମାନ ହୁଅନ୍ତୁ ବା ଅଣ ମୁସଲିମ ବା ଆଫ୍ରିକୀୟ, ଯେତେ ଅଧିକ ସଂଖ୍ୟାରେ ଅନୁପ୍ରବେଶକାରୀ ବାହାର ଦେଶରୁ ଆସୁଥିଲେ ମଧ୍ୟ ସେମାନଙ୍କ ପାଇଁ କେହି ବିବ୍ରତ ହେବାର ନାହିଁ । ସମୟର ପ୍ରବାହରେ ବର୍ତ୍ତମାନ ପରିସ୍ଥିତି ବଦଳିଛି, ତେଣୁ ଏ ସବୁ ଘଟୁଛି । ତେଣୁ ୟୁରୋପୀୟ ଦେଶମାନଙ୍କର ପାରସ୍ପରିକ ସମ୍ବନ୍ଧ ଉପରେ ଗୁରୁତର ପ୍ରଭାବ ପଡିଛି । ଫଳରେ କେତେକ ନିର୍ଦ୍ଦିଷ୍ଟ ୟୁରୋପୀୟ ରାଷ୍ଟ୍ର ସହିତ ଅନ୍ୟ ୟୁରୋପୀୟ ଦେଶମାନଙ୍କର ତିକ୍ତତା ଓ କ୍ରୋଧ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଏହି ନୈରାଶ୍ୟଜନକ ପରିସ୍ଥିତି ସର୍ବତ୍ର ପରିଲକ୍ଷିତ ହେଉଛି ।

ସମଗ୍ର ୟୁରୋପ ମହାଦେଶକୁ ଏକତାବଦ୍ଧ କରିବା ପାଇଁ ୟୁରୋପୀୟ ସଂଘ (European Union) ଗଠନ କରାଯାଇଥିଲା, ଯାହାକୁ ୟୁରୋପୀୟ ଦେଶବାସୀଙ୍କ ପକ୍ଷରେ ଏକ ସଫଳ କୃତିତ୍ୱ ବୋଲି କୁହାଯିବ । ଆପଣମାନେ ଏହି ଏକତା ମନ୍ତ୍ରରେ ଯେତେଦୂର ସମ୍ଭବ ଚେଷ୍ଟା କରି ସବୁ ଦେଶକୁ ଅନୁବନ୍ଧିତ କରି ରଖନ୍ତୁ । ଆପଣମାନଙ୍କୁ ନିଜ ଦେଶର ସାଧାରଣ ଜନତାଙ୍କ ମନରୁ ଭୟ ଓ ମାନସିକ ଉଦ୍‌ବେଗକୁ ଦୂର କରିବାକୁ ହେବ । ଜଣେ ଅନ୍ୟର ଧର୍ମ ପ୍ରତି ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନ କରିବାକୁ ହେବ । ଜଣେ ଅନ୍ୟର ସାମାଜିକ ସୁରକ୍ଷା ଯୋଗାଇ ଦେବା ପାଇଁ ବଦ୍ଧପରିକର ହେବାକୁ ପଡିବ । ସେଥିପାଇଁ ପରସ୍ପରଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବା ଅନିବାର୍ଯ୍ୟ । ସେମାନଙ୍କ ନ୍ୟାଯ୍ୟ ଦାବୀକୁ ଗ୍ରହଣ କରିବା ପାଇଁ ହାର୍ଦ୍ଦିକ ଇଚ୍ଛା ବ୍ୟକ୍ତ କରିବା ଉଚିତ । ଅବଶ୍ୟ ସେଥିପାଇଁ ପ୍ରତ୍ୟେକ ଦେଶର ଲୋକମାନଙ୍କ ଦାବିଗୁଡିକ ଯୁକ୍ତିଯୁକ୍ତ, ନ୍ୟାୟ ସଂଗତ ଓ ନିରପେକ୍ଷ ହେବା ଆବଶ୍ୟକ ।

ମନେ ରଖନ୍ତୁ, ୟୁରୋପୀୟ ଦେଶଗୁଡିକ ସେମାନଙ୍କ ଏକତା ଓ ଅଖଣ୍ଡତାକୁ ବଜାୟ ରଖିବାରେ ୟୁରୋପର ଅନ୍ତର୍ନିହିତ ଶକ୍ତି କାର୍ଯ୍ୟ କରୁଛି । ଆପଣମାନଙ୍କ ଏକତାର ଉପାଦେୟତା କେବଳ ୟୁରୋପରେ ଲାଭପ୍ରଦ ହେବ ନାହିଁ ବରଂ ବିଶ୍ୱ ସ୍ତରରେ ଏହି ମହାଦେଶର ଅଖଣ୍ଡ କ୍ଷମତା ଓ ଶକ୍ତି ବିସ୍ତାର ଲାଭ କରିବ । ଇସଲାମୀୟ ଦୃଷ୍ଟିକୋଣରୁ କହିବାକୁ ଗଲେ, ଆମ୍ଭମାନଙ୍କ ପକ୍ଷରୁ ସମଗ୍ର ପୃଥିବୀକୁ ଏକତାର ସୂତ୍ରରେ ବାନ୍ଧି ରଖିବା ପାଇଁ ଯଥୋଚିତ ଉଦ୍ୟମ ଏକାନ୍ତ ଆବଶ୍ୟକ । ପୃଥିବୀରେ ଏକତା ଆସିବ ଯଦି ମୁଦ୍ରାର ପ୍ରଚଳନ କ୍ଷେତ୍ରରେ ସମତୁଲ ଅଣାଯାଇ ପାରିବ । ମୁକ୍ତ ବାଣିଜ୍ୟ କାରବାରରେ ମଧ୍ୟ ଏକତ୍ୱ ରହୁ । ଦେଶାନ୍ତରବାସୀଙ୍କ

ଚଳପ୍ରଚଳକୁ ସ୍ୱାଧୀନତା ପ୍ରଦାନ କରିବାରେ ପୃଥିବୀବାସୀ ଏକତ୍ରୀତ ହୁଅନ୍ତୁ । ପ୍ରଯୋଗଭିତ୍ତିକ ସଂଯୋଗୀକରଣ ସରକାରୀ ନୀତି ପ୍ରଣୟନ କରାଯାଉ, ଯାହା ସେମାନଙ୍କ ଜୀବନ ଶୈଳୀରେ କାର୍ଯ୍ୟକାରୀ ହୋଇପାରିବ । ତେବେ ଫଳ ସ୍ୱରୂପ ବିଶ୍ୱ ଏକ ହୋଇପାରିବ । ଦେଶଗୁଡ଼ିକ ମଧ୍ୟରେ ପାରସ୍ପରିକ ସହଯୋଗ ରକ୍ଷା କରିପାରିଲେ ବିଭାଜନ ପରିବର୍ତ୍ତେ ଏକତା ପ୍ରତିଷ୍ଠା ହେବ । ଏହିସବୁ ପଦକ୍ଷେପ ଗ୍ରହଣ କରାଗଲେ ବାଦବିବାଦ ଓ ଗୋଷ୍ଠୀ କନ୍ଦଳର ଅବସାନ ଘଟିବ ଏବଂ ପକ୍ଷାନ୍ତରେ ପାରସ୍ପରିକ ସମ୍ମାନ ଓ ଶାନ୍ତି ସ୍ଥାପିତ ହୋଇପାରିବ । ଯଦି ନ୍ୟାୟ ପ୍ରାପ୍ତି ପାଇଁ ପ୍ରକୃତରେ ଉଦ୍ୟମ ହୋଇପାରନ୍ତା ଓ ପ୍ରତ୍ୟେକ ଦେଶ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟକୁ ଉପଲବ୍ଧି କରିପାରନ୍ତେ, ତେବେ ଏହା ଅବଶ୍ୟ ସମ୍ଭବ ହୁଅନ୍ତା । ପ୍ରକୃତ ପକ୍ଷେ ରାଷ୍ଟ୍ରଗୁଡ଼ିକ ଏକତା ରକ୍ଷା କରିବାକୁ ସକ୍ଷମ ହୋଇ ପାରୁ ନାହାନ୍ତି । ଯଦି ସେମାନେ ମିଳିତ ହୋଇ ସହଯୋଗ ରକ୍ଷା କରି କାର୍ଯ୍ୟ କରିବାକୁ ସମର୍ଥ ହେବେ, ତା'ହେଲେ ନିଜ ଦେଶର ଅଭାବ ଓ ଅସୁବିଧାଜନକ କଷ୍ଟକର ପରିସ୍ଥିତିକୁ ଦୂର କରିବା ପାଇଁ ପାଶ୍ଚାତ୍ୟ ଦେଶ ସମ୍ମୁଖରେ ସର୍ବଦା ହସ୍ତ ପ୍ରସାରଣ କରି ସାହାଯ୍ୟ ଭିକ୍ଷା କରିବାର ଆବଶ୍ୟକତା ରହିବ ନାହିଁ ।

ବନ୍ଧୁଗଣ ! ଏକ ଦୀର୍ଘସ୍ଥାୟୀ ଶାନ୍ତି ପୃଥିବୀରେ ପ୍ରତିଷ୍ଠିତ ହେବା ସମ୍ବନ୍ଧରେ ଇସଲାମର ପ୍ରକୃତ ନୀତିଶିକ୍ଷା କ'ଣ ରହିଛି, ତାହା ମୁଁ ଆପଣମାନଙ୍କୁ କହିବାକୁ ଯାଉଛି । ସର୍ବପ୍ରଥମେ, ଇସଲାମ୍‌ର ମୌଳିକ ଶିକ୍ଷା ହେଉଛି, ଜଣେ ନୈଷ୍ଠିକ ମୁସଲମାନର କଥା ଓ କାର୍ଯ୍ୟ ଦ୍ୱାରା ଅନ୍ୟ ଜଣେ ଶାନ୍ତିପ୍ରିୟ ବ୍ୟକ୍ତି ନିରାପଦରେ ରହିପାରିବ(ହଦିସ୍ ବୁଖାରୀ) । ଏହା ହିଁ ଜଣେ ମୁସଲମାନର ପ୍ରକୃତ ପରିଚୟ ବା ସଂଜ୍ଞା, ଯାହା ଦିବ୍ୟ ଅବତାର ମୁହମ୍ମଦ[ସଃ]ଙ୍କ ଦ୍ୱାରା ଦିଆଯାଇଛି । ଏତାଦୃଶ ସୁନ୍ଦର ମୌଳିକ ନିୟମ ଶୁଣିବା ପରେ କେହି କେବେ ଇସଲାମ ବିରୁଦ୍ଧରେ କୌଣସି ଦୋଷାରୋପ ବା ଅଭିଯୋଗ କରିପାରେ କି ? ତାହା କଦାପି ନୁହେଁ, ବରଂ ଇସଲାମ ଶିକ୍ଷା ଦିଏ ଯେ ଯେଉଁ ବ୍ୟକ୍ତିର ମୁଖନିସୃତ ବାକ୍ୟ ଏବଂ ହସ୍ତକୃତ କାର୍ଯ୍ୟ କୌଣସି ଅନ୍ୟାୟ ଓ ଘୃଣ୍ୟ ଆଚରଣ ପାଇଁ ପ୍ରଯୋଗ କରାଯାଏ, ସେହି ବ୍ୟକ୍ତି ଶାସ୍ତି ପାଇବାର ଯୋଗ୍ୟ । ତେଣୁ ଯଦି ତୃଣମୂଳ ସ୍ତରରୁ ଆରମ୍ଭ କରି ବିଶ୍ୱ ସ୍ତର ପର୍ଯ୍ୟନ୍ତ ଏହି ଉତ୍କୃଷ୍ଟ ବିଧାନକୁ ସବୁ ପକ୍ଷ ପାଇଁ ଲାଗୁ କରାଯାଏ, ତା'ହେଲେ ଆମେ ଦେଖିବା ଯେ କଦାପି ଧର୍ମୀୟ ବିଶୃଙ୍ଖଳା ସୃଷ୍ଟି ହେବ ନାହିଁ କି କୌଣସି ରାଜନୈତିକ ଅନ୍ତର୍ଦ୍ୱନ୍ଦ୍ୱ ରହିବ ନାହିଁ ଓ କ୍ଷମତା ଲୋଭ ଯୋଗୁଁ କୌଣସି ଗଣ୍ଡଗୋଳ ମଧ୍ୟ ହେବ ନାହିଁ । ଯଦି ଇସଲାମ୍‌ର ଏହି ଶାଶ୍ୱତ ବିଧାନ ଅନୁସରଣ କରାଯିବ, ତା'ହେଲେ ଦେଶର ଜନ

ସାଧାରଣ ପାରସ୍ପରିକ ଅଧିକାର ଏବଂ ଭାବନାକୁ ସୁରକ୍ଷିତ ରଖିପାରିବେ । ଅଧିକନ୍ତୁ ସରକାର ମଧ୍ୟ ସମସ୍ତ ନାଗରିକଙ୍କ ନିରାପତ୍ତା ବିଷୟକ ସେମାନଙ୍କ ଭୂମିକା ଏବଂ କର୍ତ୍ତବ୍ୟକୁ ନିଷ୍ପାଦନ କରିପାରିବେ । ବିଶ୍ୱ ସ୍ତରରେ ମଧ୍ୟ ଜଣେ ଅନ୍ୟ ପ୍ରତି ପ୍ରକୃତ ସହାନୁଭୂତି ଏବଂ ସମବେଦନାର ମନୋଭାବ ପୋଷଣ କଲେ ପ୍ରତ୍ୟେକ ଦେଶ ଏକତ୍ର ମିଳିମିଶି କାର୍ଯ୍ୟ ସଂପାଦନ କରିପାରିବେ । ଶାନ୍ତି ପ୍ରୟାସକୁ ଅଧିକ କ୍ରିୟାଶୀଳ କରିବା ନିମନ୍ତେ ଇସଲାମର ଅନ୍ୟ ଏକ ମୌଳିକ ବିଧାନ ଅଛି । ତଦନୁଯାୟୀ ରାଜନୈତିକ ଦଳ ଯେ କୌଣସି ପରିସ୍ଥିତିରେ ମଧ୍ୟ କୌଣସି ପ୍ରକାର ଗର୍ବ କିମ୍ବା ଆତ୍ମବଡିମା ପ୍ରଦର୍ଶନ ନ କରିବା ଉଚିତ । ଏହା ଏକ ସାର୍ବଜନୀନ ଶିକ୍ଷା, ଯାହାକୁ ଦିବ୍ୟ ଅବତାର ମୁହମ୍ମଦ[ସ] ମହତ୍ ଆଦର୍ଶ ସ୍ୱରୂପ ନିଜେ କାର୍ଯ୍ୟରେ କରି ଦେଖାଇବା ସଂଗେ ସଂଗେ ସ୍ପଷ୍ଟ ରୂପେ ନିଜର ଏକ ପ୍ରସିଦ୍ଧ ଉଦ୍‌ବୋଧନରେ ମଧ୍ୟ ବ୍ୟକ୍ତ କରିଥିଲେ । ତା'ହେଉଛି, 'କୌଣସି କଳାଲୋକ ଗୋରାଲୋକ ଠାରୁ ବା କୌଣସି ଗୋରାଲୋକ କଳାଲୋକ ଠାରୁ ଉତ୍କୃଷ୍ଟ ନୁହନ୍ତି' । ତଦନୁଯାୟୀ ଜଣେ ୟୁରୋପୀୟ ଅନ୍ୟ କୌଣସି ଦେଶର ଜାତି, ରଂଗ ଏବଂ ବର୍ଣ୍ଣର ପ୍ରଭେଦ, ମାନବୀୟ ସଂସ୍କୃତିର ଚଳଣି ଓ ରୀତିନୀତି ସାମାଜିକ ସ୍ଥିତିରେ କେବଳ ମନୁଷ୍ୟର ପରିଚୟ ପ୍ରଦାନ ପାଇଁ ଉଦ୍ଦିଷ୍ଟ । ବ୍ୟକ୍ତିଗତ ସ୍ତରରେ ଆପଣାକୁ ଚିହ୍ନିତ କରିବାର ଏକ ମାଧ୍ୟମ ମାତ୍ର ।

ଆଧୁନିକ ଜଗତରେ ଆମେମାନେ ଯେ ପରସ୍ପର ଉପରେ ନିର୍ଭରଶୀଳ ଏହା ସତ୍ୟ । ଆଜିକାଲି ୟୁରୋପ ଏବଂ ଆମେରିକା ଇତ୍ୟାଦି ମହାଶକ୍ତି ଅନ୍ୟ ସମସ୍ତଙ୍କଠାରୁ କେବେ ହେଁ ବିଛିନ୍ନ ହୋଇ ଚଳିପାରିବେ ନାହିଁ । ଆଫ୍ରିକୀୟ ଦେଶଗୁଡିକ କଦାପି ଅଲଗା ରହି ସମୃଦ୍ଧି ଲାଭ କରିପାରିବ ନାହିଁ । ଏହି ଅବସ୍ଥା ଏସୀୟ ଦେଶଗୁଡିକର ଏବଂ ପୃଥିବୀର ଅନ୍ୟ ଭାଗରେ ବସବାସ କରୁଥିବା ଲୋକମାନଙ୍କର ମଧ୍ୟ ରହିଛି । ଉଦାହରଣ ସ୍ୱରୂପ, ଆପଣ ଯଦି ନିଜ ଆର୍ଥିକ ଅବସ୍ଥାରେ ଉନ୍ନତି ଆଣିବାକୁ ଚାହାନ୍ତି, ତା'ହେଲେ ଆନ୍ତର୍ଜାତିକ ବାଣିଜ୍ୟ କ୍ଷେତ୍ରରେ ଆପଣଙ୍କୁ ନିଶ୍ଚିତ ରୂପେ ଅଂଶଗ୍ରହଣ କରିବାକୁ ପଡିବ । ପୃଥିବୀ କିପରି ସଂପୃକ୍ତ ହୋଇ ରହିଛି ତାହାର ଏକ ସ୍ପଷ୍ଟ ଦୃଷ୍ଟାନ୍ତ ଦିଆଯାଇପାରେ । କିଛି ବର୍ଷ ହେଲା କେବଳ ୟୁରୋପ କାହିଁକି ପୃଥିବୀ ବ୍ୟାପି ଘୋର ଆର୍ଥିକ ସଂକଟ ଦେଖାଦେଇଛି । ଏହାର ଗୁରୁତର ପ୍ରଭାବ ପ୍ରାୟତଃ ପ୍ରତ୍ୟେକ ଦେଶ ଉପରେ ଅଳ୍ପ ବହୁତେ ପଡିଛି । ଅଧିକନ୍ତୁ ବିଜ୍ଞାନର ଅଗ୍ରଗତି ଏବଂ ବିଭିନ୍ନ ଜ୍ଞାନକୌଶଳରେ ଦକ୍ଷତା ବୃଦ୍ଧି ପାଇବାକୁ ହେଲେ ଦେଶ ଦେଶ ମଧ୍ୟରେ ପାରସ୍ପରିକ ସାହାଯ୍ୟ ଓ ସହଯୋଗ ଏକାନ୍ତ ଅପରିହାର୍ଯ୍ୟ ।

ସୁତରାଂ ଆମକୁ ସବୁବେଳେ ମନେ ରଖିବାକୁ ହେବ ଯେ ପୃଥିବୀବାସୀଙ୍କୁ- ସେ ଆଫ୍ରିକା, ୟୁରୋପ, ଏସିଆ କିମ୍ବା ଅନ୍ୟ ଯେ କୌଣସି ଦେଶର ହୋଇଥା'ନ୍ତୁ ନା କାହିଁକି- ସର୍ବଶକ୍ତିମାନ ଈଶ୍ୱର ସେମାନଙ୍କୁ ପ୍ରଚଣ୍ଡ ବୌଦ୍ଧିକ କ୍ଷମତାର ଅଧିକାରୀ କରିଅଛନ୍ତି । ଯଦି ମାନବଜାତିର କଲ୍ୟାଣ ସାଧନ ପାଇଁ ଈଶ୍ୱରଦତ୍ତ ଏହି ଅନ୍ତର୍ନିହିତ ପ୍ରତିଭାକୁ ସବୁ ଦେଶର ଲୋକେ ସୁଚାରୁ ରୂପେ ସଦୁପଯୋଗ କରିବେ, ତା'ହେଲେ ଏ ପୃଥିବୀ ଶାନ୍ତିର ସ୍ୱର୍ଗ ପାଲଟିଯିବ । ଯଦି ବିକାଶଶୀଳ ରାଷ୍ଟ୍ରଗୁଡିକ ଅନ୍ୟ ସବୁ ଅନୁନ୍ନତ ଏବଂ ଅନଗ୍ରସର ଦେଶଗୁଡିକର ଉନ୍ନତି ଏବଂ ଅଗ୍ରଗତିକୁ ଚାପି ଦେବାକୁ ଚାହୁଁଥାଆନ୍ତି ଏବଂ ସେହି ଦେଶର ସୃଜନଶୀଳତାର ଉଜ୍ଜ୍ୱଳ ଚିନ୍ତାଧାରାକୁ ବିକଶିତ କରିବା ପାଇଁ ସୁଯୋଗ ନ ଦିଅନ୍ତି, ତ'ହେଲେ ସେମାନଙ୍କର ମାନସିକ ଉଦବେଗ ବୃଦ୍ଧିପାଇବ ଏବଂ ଫଳ ସ୍ୱରୂପ ଏହି ଅସ୍ଥିରତା ଆନ୍ତର୍ଜାତିକ ଶାନ୍ତି ଏବଂ ନିରାପତ୍ତାକୁ ସଂପୂର୍ଣ୍ଣ ନଷ୍ଟଭ୍ରଷ୍ଟ କରିଦେବ ।

ଶାନ୍ତି ସ୍ଥାପନ ଦିଗରେ ଉନ୍ନତି ଆଣିବା ସକାଶେ ଇସଲାମର ଅନ୍ୟ ଏକ ନୀତିକୁ ଅବଲମ୍ବନ କରିବାକୁ ହେବ । ଆମେ କୌଣସି ପରିସ୍ଥିତିରେ ମଧ୍ୟ କାହାପ୍ରତି ହେଉଥିବା ଅନ୍ୟାୟକୁ ବରଦାସ୍ତ କରିବା ଉଚିତ ନୁହେଁ । ଏପରିକି ବଳପୂର୍ବକ କାହାର ଅଧିକାର ଦଖଲ କରିବା ପାଇଁ ଆଦୌ ପ୍ରଶ୍ରୟ ଦେବା ଉଚିତ ନୁହେଁ । ଯେପରି ଆମେ ନିଜର ଅଧିକାର କ୍ଷୁଣ୍ଣ ହେଉଥିବାର ଦେଖି ବରଦାସ୍ତ କରିପାରୁ ନାହୁଁ , ସେହିପରି ଅନ୍ୟ କାହାର ଅଧିକାରକୁ ଛଡାଇ ନିଆଯାଉଥିଲେ ସେପରି ଅନ୍ୟାୟ କାର୍ଯ୍ୟକୁ ଦେଖି ନୀରବଦ୍ରଷ୍ଟା ହୋଇ ରହିବା ଉଚିତ ନୁହେଁ । ଇସଲାମ ଆମକୁ ଶିକ୍ଷା ଦିଏ ଯେ ଜଣେ ବ୍ୟକ୍ତି ଯେତିକି ଅପରାଧ କରିଥିବ, ତାକୁ ସେତିକି ଅନୁପାତରେ ଶାସ୍ତି ଦେବା ବିଧେୟ, କିନ୍ତୁ କ୍ଷମା କରିଦେଲେ ଯଦି ତାହାର ଅବସ୍ଥା ସୁଧୁରିଯିବ ଏବଂ ସେହି ଦୁଷ୍କର୍ମ ପାଇଁ ସେ ଅନୁତାପ କରୁଥିବ,ସେ କ୍ଷେତ୍ରରେ କ୍ଷମାଦାନକୁ ଅଗ୍ରାଧିକାର ଦିଆଯିବା ଉଚିତ । ବନ୍ଧୁଗଣ ! ପ୍ରକୃତ ସ୍ଥିତିକୁ ଟିକିଏ ଅନୁଧ୍ୟାନ କରନ୍ତୁ । ଏବେ ପ୍ରକୃତରେ କ'ଣ ହେଉଛି । ଯେତିକି ଦୋଷ ତ୍ରୁଟି ବା ଅନ୍ୟାୟ କରାଯାଉଛି,ତା'ଠାରୁ ଯଥେଷ୍ଟ ଅଧିକ ପ୍ରତିଶୋଧ ନେବାପାଇଁ ଉଦ୍ୟମ ହେଉଛି । ଏହା ମୂଳ ଅନ୍ୟାୟର ସମାନୁପାତିକ ନୁହେଁ ।

ଠିକ ଏହିପରି ଅବସ୍ଥା ଆଜିକାଲି ଇସ୍ରାଇଲ ଏବଂ ପାଲେଷ୍ଟାଇନ୍ ମଧ୍ୟରେ ଲାଗିଥିବା ବିବାଦରେ ଦୃଷ୍ଟିଗୋଚର ହେଉଛି । ସେମାନଙ୍କ ଦୌରାତ୍ମ୍ୟକୁ ଶକ୍ତିଶାଳୀ ରାଷ୍ଟ୍ରଗୁଡିକ ଖୋଲାଖୋଲି ଭାବରେ କ୍ଷୋଭ ପ୍ରକାଶ କରୁଛନ୍ତି । ସିରିୟା,ଲିବିୟା କିମ୍ବା ଇଜିପଟରେ ଅନୁରୂପ ବିବାଦୀୟ ପରିସ୍ଥିତି ଯୋଗୁଁ ସମସ୍ତେ ଉଦ୍‌ବିଗ୍ନ ଜଣାପଡନ୍ତି

ସତ, କିନ୍ତୁ ଏହା ସେହି ଦେଶଗୁଡିକର ଆଭ୍ୟନ୍ତରୀଣ ବ୍ୟାପାର ବୋଲି କୁହାଯାଉଛି । ମାତ୍ର ପାଲେଷ୍ଟାଇନ ସମସ୍ୟାରେ ମହାଶକ୍ତିଗୁଡିକ ବିଶେଷ ଚିନ୍ତିତ ବା ଉଦ୍‌ବିଗ୍ନ ଥିବାର ଦେଖାଯାଉ ନାହାନ୍ତି । ଏପରି ଦୋମୁହାଁ ନୀତି-ଯାହା ଜଣକ ପାଇଁ କୋହଳ ଏବଂ ଅନ୍ୟ ଜଣକ ପାଇଁ ଶକ୍ତ କରାଯାଉଥିବା ଯୋଗୁଁ ଶକ୍ତିଶାଳୀ ରାଷ୍ଟ୍ରଗୁଡିକ ବିରୁଦ୍ଧରେ ମୁସଲିମ ଦେଶଗୁଡିକରେ ବିଦ୍ୱେଷ ବୃଦ୍ଧି ପାଉଛି । ଏପରି ପାତରଅନ୍ତର ନୀତି ହିଁ ସେମାନଙ୍କ ଅଭିଯୋଗର ପ୍ରକୃତ କାରଣ । ତେବେ ଏପରି କ୍ରୋଧ ଏବଂ ଶତ୍ରୁତା ଦିନେ ନା ଦିନେ ଚରମ ବିପଦକୁ ଟାଣି ଆଣିବ ଏବଂ ଯେ କୌଣସି ସମୟରେ ବିସ୍ଫୋରଣ ଘଟାଇ ପ୍ରଚଣ୍ଡ ଅଗ୍ନିବଳୟ ସୃଷ୍ଟି କରିପାରେ । ତଦ୍ୱାରା ବିକାଶଶୀଳ ପୃଥିବୀରେ କେତେ ପରିମାଣରେ ଯେ କ୍ଷୟକ୍ଷତି ଘଟିବ, ତାହାକୁ ଅନୁମାନ କରିହେବ ନାହିଁ । କ'ଣ କେହି ଏହି ଧ୍ୱଂସର କରାଳରୁ ବର୍ତ୍ତି ଯାଇପାରିବେ ? ବିକାଶଶୀଳ ରାଷ୍ଟ୍ରଗୁଡିକ ତଦ୍ୱାରା କେତେ ଦୂର ପ୍ରଭାବିତ ହେବେ, ଏହା କେବଳ ଈଶ୍ୱରଙ୍କୁ ହିଁ ଗୋଚର । ଏହି ପ୍ରଶ୍ନର ଉତ୍ତର ଆମେ କେହି ଦେଇପାରିବା ନାହିଁ । ଆମ ପାଖରେ ତାହାର କେବଳ ଏତିକି ଉତ୍ତର ଅଛି ଯେ ପୃଥିବୀର ଶାନ୍ତି ଧ୍ୱଂସ ହେବାଟା ହିଁ ସାର ହେବ ।

ମୁଁ ସ୍ପଷ୍ଟ କରିବାକୁ ଚାହେଁ ଯେ କୌଣସି ଏକ ନିର୍ଦ୍ଦିଷ୍ଟ ଦେଶର ସପକ୍ଷରେ ମୁଁ ଏହା କହୁନାହିଁ କିମ୍ବା କୌଣସି ଦେଶକୁ ସମର୍ଥନ କରିବା ମୋର ଅଭିପ୍ରାୟ ନୁହେଁ, ବରଂ ଏତିକି କହିବାକୁ ଚାହୁଛି ଯେ ସମସ୍ତ ପ୍ରକାର ନୃଶଂସ ଆଚରଣର ମୂଳୋତ୍ପାଟନ ହେବା ଉଚିତ । ତାହା ପାଲେଷ୍ଟାଇନ ଦେଶ ପକ୍ଷରୁ ହେଉ ବା ଇସ୍ରାଇଲ ପକ୍ଷରୁ ଅଥବା ଅନ୍ୟ ଯେ କୌଣସି ଦେଶର ଲୋକ ଏହି ଜଘନ୍ୟ କାଣ୍ଡ ଭିଆଇଥା'ନ୍ତୁ । କୌଣସି ବାଛ ବିଚାର ବିନା ଏହି କାର୍ଯ୍ୟକୁ ସଂପୂର୍ଣ୍ଣ ପ୍ରତିହତ କରିବାକୁ ହେବ । ଏହାକୁ ବ୍ୟାପିବା ପାଇଁ ପ୍ରଶୟ ଦେଲେ ଏହି ଘୃଣାଜନିତ ଅଗ୍ନିଶିଖା ସମଗ୍ର ପୃଥିବୀକୁ ଏପରି ଭାବରେ ଗ୍ରାସ କରିବ ଯେ ତାହାର ପ୍ରଚଣ୍ଡ ପ୍ରଭାବରେ ସାଂପ୍ରତିକ ଆର୍ଥିକ ସଂକଟକୁ ଲୋକମାନେ ଶୀଘ୍ର ପାଶୋରି ପକାଇବେ । ଏହା ପରିବର୍ତ୍ତେ ସେମାନେ ଏହାଠାରୁ ବଳି ଅତି ଭୟଙ୍କର ବିପଦଜନକ ପରିସ୍ଥିତିର ସମ୍ମୁଖୀନ ହେବେ । ବିପୁଳ ସଂଖ୍ୟାରେ ଏପରି ପ୍ରାଣହାନୀ ଘଟିବ ଯେ ଆମେ ତାହାର କଳ୍ପନା ସୁଦ୍ଧା କରିପାରିବା ନାହିଁ ।

ସୁତରାଂ ଇଉରୋପୀୟ ଦେଶଗୁଡିକ ମଧ୍ୟରୁ ଯେଉଁମାନେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ଜନିତ ଦୁର୍ଦ୍ଦଶା ଭୋଗ କରିଛନ୍ତି, ଅତୀତରୁ ଶିକ୍ଷା ଲାଭ କରନ୍ତୁ ଏବଂ ପୃଥିବୀକୁ ଧ୍ୱଂସର କରାଳ ମୁଖରୁ ସୁରକ୍ଷିତ ରଖନ୍ତୁ । ସେଥିପାଇଁ

ସେମାନଙ୍କୁ ନ୍ୟାୟର ଆବଶ୍ୟକତା ପୂରଣ କରିବାକୁ ପଡିବ ଏବଂ ନିଜର କର୍ତ୍ତବ୍ୟ ପାଳନ କରିବା ପାଇଁ ମଧ୍ୟ ଆଗ୍ରହ ପ୍ରକାଶ କରିବାକୁ ପଡିବ । ବସ୍ତୁତଃ ସର୍ବଦା ନ୍ୟାୟ ଓ ସ୍ୱଚ୍ଛ ମନୋଭାବ ସହିତ କାର୍ଯ୍ୟ କରିବା ଉପରେ ଇସଲାମ ଗୁରୁତ୍ୱାରୋପ କରିଛି ।

କୌଣସି ପକ୍ଷକୁ ଅନୁଗ୍ରହପୂର୍ଣ୍ଣ ବ୍ୟବହାର ଦେଖାଇବା କିମ୍ବା ଅଯାଚିତ ଭାବରେ କାହାର ପକ୍ଷ ନେବା ପାଇଁ ଇସଲାମ ବାରଣ କରିଛି । ପୁନଶ୍ଚ ସେପରି ଦୁଷ୍ଟ ବ୍ୟକ୍ତିକୁ ଜାଣି ରଖିବା ଉଚିତ ଯିଏ କୌଣସି ଦେଶ ପ୍ରତି ସଂପୂର୍ଣ୍ଣ ଅନ୍ୟାୟ ଆଚରଣ କରିବାକୁ ଚେଷ୍ଟା କରୁଛି, ସେ ଯେତେ ବଡ ଶକ୍ତି ଓ ସାମର୍ଥ୍ୟର ଅଧିକାରୀ ହୋଇଥାଉ ନା କାହିଁକି, ବିଶ୍ୱ ସମୁଦାୟ ତାହାକୁ ଏପରି କରିବା ପାଇଁ କଦାପି ଅନୁମତି ଦେବ ନାହିଁ । ଜାତିସଂଘର ସଦସ୍ୟ ରାଷ୍ଟ୍ର, ୟୁରୋପୀୟ ସଂଘଦ୍ୱାରା ଉପକୃତ ରାଷ୍ଟ୍ର,ମହାଶକ୍ତି କ୍ଷମତାଧୀନ ରାଷ୍ଟ୍ର ଏବଂ ଅନ୍ୟାନ୍ୟ ସମସ୍ତ ଅନୁନ୍ନତ ରାଷ୍ଟ୍ର ଏହି ନୀତିକୁ ଯଦି ଅବଲମ୍ବନ କରିବେ,ତା'ହେଲେ ଶାନ୍ତିର ପଥ ଉନ୍ମୁକ୍ତ ହେବାର ଉପଲବ୍ଧି କରାଯାଇପାରିବ । ମିଳିତ ଜାତିସଂଘରେ Veto କ୍ଷମତା ପ୍ରାପ୍ତ ରାଷ୍ଟ୍ରଗୁଡିକ ଯେତେବେଳେ ବୁଝିବେ ଯେ ସେମାନେ ଯାହା କହୁଛନ୍ତି ତାହା ହିଁ ସେମାନଙ୍କ କର୍ତ୍ତବ୍ୟ, ପୁଣି ସେତେବେଳେ ସେମାନେ ସେଥିପାଇଁ ଉତ୍ତରଦାୟୀ ମଧ୍ୟ ହେବେ । ପରିଣାମରେ ପ୍ରକୃତ ଅର୍ଥରେ ନ୍ୟାୟ ପ୍ରତିଷ୍ଠା ହୋଇପାରିବ । ବସ୍ତୁତଃ ମୁଁ ଆଉ ଏକ ପାଦ ଆଗକୁ ଯାଇ କହିବି ଯେ, Veto କ୍ଷମତାର ପ୍ରୟୋଗ କୌଣସି ପରିସ୍ଥିତିରେ ଶାନ୍ତିର ପଥ ସୁଗମ କରି ପାରିବ ନାହିଁ । କାରଣ ସ୍ପଷ୍ଟ ରୂପେ କହିବାକୁ ଗଲେ,ସମସ୍ତ ଦେଶ ସମଭାବାପନ୍ନ ଏବଂ ସମସ୍ତରୀୟ ସତ୍ତାଧିକାରୀ ନୁହନ୍ତି । ମୁଁ ଏହି ବିଷୟ ବର୍ଷ ଆରମ୍ଭରେ ଆମେରିକାର ପ୍ରବୀଣ ରାଜନୀତିଜ୍ଞ ଏବଂ ନୀତି ପ୍ରଣୟନକାରୀ ବ୍ୟକ୍ତିବିଶେଷଙ୍କୁ Capitol Hillରେ ମୋର ଭାଷଣ ପ୍ରସଙ୍ଗରେ କହିଥିଲି । ଯଦି ଆମେ ମିଳିତ ଜାତି ସଂଘର ଭୋଟିଂ ଇତିହାସ ଉପରେ ଦୃଷ୍ଟି ପକାଇବା ତେବେ ଦେଖିବା ଯେ ସତ୍‌ପଥ ଅବଲମ୍ବନ କରୁଥିବା ନିଷ୍ପେସିତ ଏବଂ ଅତ୍ୟାଚାରିତ ବ୍ୟକ୍ତିମାନଙ୍କ ସପକ୍ଷରେ Veto କ୍ଷମତା ପ୍ରୟୋଗ କରାଯାଇ ନାହିଁ, ବରଂ କେତେକ ସ୍ଥଳବିଶେଷରେ ଏହାର ଦୁରୂପଯୋଗ କରାଯାଇଛି ଏବଂ ଅତ୍ୟାଚାରୀମାନଙ୍କୁ ପ୍ରତିରୋଧ କରିବା ପରିବର୍ତ୍ତେ ଅନୁକମ୍ପା ପ୍ରଦର୍ଶନ କରି ସାହାଯ୍ୟ କରାଯାଇଛି । ଏହା କାହାକୁ ଆଉ ଅଜଣା ହୋଇ ରହିନାହିଁ ବରଂ ବହୁ ଟୀକାକାରମାନେ ଖୋଲାଖୋଲି ଭାବରେ ଏହାର ସମାଲୋଚନା କରିଛନ୍ତି ଏବଂ ସେମାନଙ୍କ ଟୀକା ଟିପ୍‌ପଣୀ ଉପରେ ମଧ୍ୟ ଅନେକ ଲେଖା ପ୍ରକାଶ ପାଇଛି ।

ଇସଲାମର ଅନ୍ୟ ଏକ ମହନୀୟ ଶିକ୍ଷା ହେଉଛି, ସାମାଜିକ ପରିବେଶକୁ ଶାନ୍ତିମୟ କରିବାକୁ ହେଲେ ସାଧୁତା ଓ ନ୍ୟାୟଶୀଳ ନୀତି ଉପରେ ପ୍ରତିଷ୍ଠିତ ହୋଇ

ରହିବ । କୌଣସି ପ୍ରକାର କ୍ରୋଧର ବଶବର୍ତ୍ତୀ ହେବା ପରିବର୍ତ୍ତେ ଏହାକୁ ପ୍ରଶମିତ କରିବା ଉଚିତ । ଇସଲାମର ଆଦ୍ୟ ଇତିହାସ ଏହାର ସାକ୍ଷୀ । ମୁସଲମାନମାନେ ସର୍ବଦା ଏହି ନିର୍ଦ୍ଦେଶକୁ ପାଳନ କରୁଥିଲେ ଏବଂ ଯେତେବେଳେ କୌଣସି ବ୍ୟକ୍ତି ଏହାର ବ୍ୟତିକ୍ରମ କରୁଥିଲା ଦିବ୍ୟ ଅବତାର ମୁହମ୍ମଦ[sa] ଅତ୍ୟନ୍ତ କ୍ଷୁବ୍ଧ ହେଉଥିଲେ । କିନ୍ତୁ ଦୁର୍ଭାଗ୍ୟବଶତଃ ଏହି ନୀତି ଏବେ ସବୁଠାରେ ପାଳନ କରାଯାଉ ନାହିଁ । ଏପରି କିଛି ଘଟଣା ଦୃଷ୍ଟିକୁ ଆସିଛି ଯେ ଯେଉଁ କେତେକ ସେନାବାହିନୀର ସୈନିକଙ୍କୁ ଶାନ୍ତି, ଶୃଙ୍ଖଳା ରକ୍ଷା କରିବା ଉଦ୍ଦେଶ୍ୟରେ ପଠାଯାଉଛି, ସେମାନେ ଏହାର ବିପରୀତ କାର୍ଯ୍ୟ କରୁଛନ୍ତି । ଦୃଷ୍ଟାନ୍ତ ସ୍ୱରୁପ, ଶତ୍ରୁ ପକ୍ଷର କେତେକ ମୃତ ସୈନିକଙ୍କ ଶବ ପ୍ରତି ଅସୌଜନ୍ୟ ବ୍ୟବହାର ପ୍ରଦର୍ଶନ କରିବା ସହିତ ଅତ୍ୟନ୍ତ ବିଭତ୍ସ କାଣ୍ଡ କରାଯାଉଛି । ଏପରି କାର୍ଯ୍ୟ ଦ୍ୱାରା କ'ଣ ଶାନ୍ତି ପ୍ରତିଷ୍ଠା ହୋଇପାରିବ ? ଏତାଦୃଶ ଜଘନ୍ୟ ବ୍ୟବହାରର ପ୍ରତିକ୍ରୀୟା କେବଳ ସଂପୃକ୍ତ ଦେଶରେ ନୁହେଁ, ସାରାପୃଥିବୀରେ ହୁଏ । ଅବଶ୍ୟ ମୁସଲମାନମାନଙ୍କ ପ୍ରତି ଯଦି ଏପରି ଦୁର୍ବ୍ୟବହାର କରାଯିବ, ତେବେ ମୁସଲିମ ଚରମପନ୍ଥୀ ମାନେ ଏହାର ଫାଇଦା ଉଠାଇବେ, ଫଳରେ ଶାନ୍ତି ବ୍ୟାହତ ହେବ । ଏହା ଇସଲାମୀୟ ଶିକ୍ଷାର ପରିପନ୍ଥୀ । ତେଣୁ ଇସଲାମର ନୀତି ଅନୁଯାୟୀ ଶାନ୍ତି କେବଳ ସେତେବେଳେ ସମ୍ଭବ ହେବ, ଯେତେବେଳେ ଅତ୍ୟାଚାରୀ ଏବଂ ଅତ୍ୟାଚାରିତ ଉଭୟ ପକ୍ଷଙ୍କୁ ମିଳାମିଶାର ସୁଯୋଗ ଦେଇ ନିରପେକ୍ଷ ଭାବରେ ସାହାଯ୍ୟ କରାଯିବ । କୌଣସି ଆକ୍ରୋଶ ମୂଳକ ମନୋଭାବ ନ ରଖି ସେମାନଙ୍କ ମଧ୍ୟରେ ନ୍ୟାୟୋଚିତ ମୀମାଂସା କରାଯିବ । ଶାନ୍ତିର ସ୍ଥାୟୀ ପ୍ରତିଷ୍ଠା ସେତେବେଳେ ସମ୍ଭବ ହେବ, ଯେତେବେଳେ ନିଃସ୍ୱାର୍ଥପର ଭାବରେ ସମସ୍ତ ପକ୍ଷକୁ ସେମାନଙ୍କ ଅଧିକାର ସାବ୍ୟସ୍ତ କରିବା ପାଇଁ ସମାନ ସୁବିଧା ଓ ସୁଯୋଗ ଦିଆଯିବ ।

ମୋର ବକ୍ତବ୍ୟର ସମୟ ଶେଷ ହେବାକୁ ଯାଉଥିବାରୁ ମୁଁ କେବଳ ଆଉ ଗୋଟିଏ ବିଷୟ କହିବି । ଇସଲାମ ଶିକ୍ଷା ଦିଏ ଯେ କାହାର ଧନ ବା ସମ୍ବଳ ପ୍ରତି ଈର୍ଷାପୂର୍ଣ୍ଣ ଦୃଷ୍ଟିରେ ଦେଖ ନାହିଁ । କାରଣ ଅନ୍ୟର ସାମଗ୍ରୀ ପ୍ରତି ଲୋଭ କରିବା କିମ୍ବା ତାହା ପାଇବାକୁ ଲାଳାୟିତ ହେବାର ପରିସ୍ଥିତି ଶାନ୍ତିର ଭାବନାକୁ ଅକାମୀ କରିଦିଏ । ନିଜର ଆବଶ୍ୟକତା ପୂରଣ କରିବା ପାଇଁ ସ୍ୱାର୍ଥରକ୍ଷା ଦୃଷ୍ଟିରୁ ଧନୀ ରାଷ୍ଟ୍ର ଅନୁନ୍ନତ ଦେଶର ସଂପଦକୁ ବଳପୂର୍ବକ ଛଡାଇ ନେବା ପାଇଁ ଚେଷ୍ଟା କଲେ ଅସ୍ଥିରତା ବୃଦ୍ଧି ପାଇବା ସ୍ୱାଭାବିକ । ଅବଶ୍ୟ ଧନୀ ଦେଶ କୌଣସି ଗରିବ ଦେଶର ଉପକାର କରି ନିଜର ପାରିଶ୍ରମିକ ନେବା ଯୁକ୍ତିଯୁକ୍ତ । ମାତ୍ର ସେହି ଦେଶର ଉନ୍ନତି କଳ୍ପେ ସଂପଦର ବୃହତ ଅଂଶକୁ ସଦ୍‌ବିନିଯୋଗ କରିବା ଉଚିତ । ଅନୁନ୍ନତ

ଦେଶଗୁଡ଼ିକୁ ନିଜ ଲୋକମାନଙ୍କର ଜୀବନ ନିର୍ବାହର ମାନ ବୃଦ୍ଧି କରିବା ଓ ଉନ୍ନତିଶୀଳ ଦେଶସମ ସମୃଦ୍ଧିଶାଳୀ ହେବା ପାଇଁ ସମୁଚିତ ସୁଯୋଗ ମିଳିବା ଉଚିତ। ଅନ୍ୟମାନଙ୍କ ପରି ସେମାନେ ମଧ୍ୟ ଉନ୍ନତିର ସେହି ସ୍ତରରେ ପହଞ୍ଚିବା ପାଇଁ ସବୁ ପ୍ରକାର ଉଦ୍ୟମ କରାଯିବା ଆବଶ୍ୟକ। ଏହା ହିଁ ଶାନ୍ତି ପ୍ରତିଷ୍ଠାର ସମୁଚିତ ଉପାୟ। ପୁଣି ଯଦି ସେହି ଦେଶର ଶାସନକର୍ତ୍ତା ଲୋକମାନଙ୍କ ପ୍ରତି ବିଶ୍ୱସ୍ତ ହୋଇ ନିଷ୍ପାପର ଭାବେ ଦେଶକୁ ପରିଚାଳନା କରିପାରୁ ନାହାନ୍ତି, ତା'ହେଲେ ପାଶ୍ଚାତ୍ୟ ଦେଶ କିମ୍ବା ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ସେମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଶାସନର ସୁପରିଚାଳନା ହେଉଛି କି ନାହିଁ ତାହାକୁ ନିୟମିତ ରୂପେ ତଦାରଖ କରିବା ଉଚିତ।

ଆହୁରି ଅନେକ ବିଷୟ ରହିଯାଇଛି କହିବା ପାଇଁ। କିନ୍ତୁ ସୀମିତ ସମୟ ଦୃଷ୍ଟିରୁ ଏତିକିରେ ମୋର ବକ୍ତବ୍ୟ ଶେଷ କରୁଛି। କିନ୍ତୁ ଯେଉଁସବୁ ବିଷୟ ଏଠାରେ ବର୍ଣ୍ଣନା କରିଛି, ସେ ସବୁ ଇସଲାମର ବାସ୍ତବ ଶିକ୍ଷା ବ୍ୟତୀତ ଆଉ କିଛି ନୁହେଁ।

ଆପଣମାନେ ପ୍ରଶ୍ନ କରିପାରନ୍ତି, ଏହା ଯଦି ଇସଲାମର ବାସ୍ତବ ଶିକ୍ଷା, ତା'ହେଲେ ପୃଥିବୀରେ ମୁସଲମାନମାନଙ୍କ ମଧ୍ୟରେ ଏତେ ବିଭାଜନ କାହିଁକି? ସାଂପ୍ରଦାୟିକ ଭେଦଭାବ କାହିଁକି? ଏହାର ଉତ୍ତର ମୁଁ ପୂର୍ବରୁ ଦେଇସାରିଛି। ଏଭଳି ଅସତ୍ୟ ଓ ଅଧର୍ମ କାଳରେ ବିଶୃଙ୍ଖଳିତ ସମାଜର ସୁଧାର ପାଇଁ ଚଳିତ ଯୁଗରେ ଜଣେ ସଂସ୍କାରକଙ୍କ ଆଗମନ ଅନିବାର୍ଯ୍ୟ ଥିଲା। ସେହି ଯୁଗପୁରୁଷ ହେଉଛନ୍ତି ଅହମଦୀୟା ମୁସଲିମ ସଂପ୍ରଦାୟର ସଂସ୍ଥାପକ-ମିର୍ଜା ଗୁଲାମ ଅହମଦ୍। ତାହାଙ୍କ ଦ୍ୱାରା ଇସଲାମର ନବ ଉନ୍ମେଷ ଘଟିଲା। ତାଙ୍କର ଅନୁଗାମୀ ଭାବରେ ଆମେ ଇସଲାମର ପ୍ରକୃତ ଶିକ୍ଷାକୁ ଲୋକାଭିମୁଖୀ କରିବା ପାଇଁ ଯଥା ସମ୍ଭବ ସେହି ବାର୍ତ୍ତାକୁ ପହଞ୍ଚାଇବାକୁ ପ୍ରୟାସ କରୁଛୁ। ତେଣୁ ଆପଣମାନଙ୍କୁ ମୋର ଅନୁରୋଧ ଯେ ନିଜର ସାଧ୍ୟମତେ ଆପଣା ପରିସରରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରନ୍ତୁ, ଯଦ୍ୱାରା ପୃଥିବୀର ସମସ୍ତ ଭାଗରେ ଏକ ଦୀର୍ଘସ୍ଥାୟୀ ଶାନ୍ତିର ବାତାବରଣ ସ୍ଥାପିତ ହୋଇପାରିବ।

ଯଦି ଆମେ ଏହି ପ୍ରୟାସରେ ବିଫଳ ହେବା, ତା'ହେଲେ ଯୁଦ୍ଧର ବିଭୀଷିକାରୁ ପୃଥିବୀର କୌଣସି ଅଂଶ ମଧ୍ୟ ବର୍ତ୍ତି ରହିପାରିବ ନାହିଁ। ମୁଁ ସର୍ବଶକ୍ତିମାନ ଅଲ୍ଲାହଙ୍କଠାରେ ପ୍ରାର୍ଥନା କରୁଛି କି, ନିଜର ବ୍ୟକ୍ତିଗତ ସ୍ୱାର୍ଥରୁ ଊର୍ଦ୍ଧ୍ୱକୁ ଉଠି ଆସନ୍ନ ଧ୍ୱଂସାଭିମୁଖୀ କରାଳ କବଳରୁ ପୃଥିବୀକୁ ରକ୍ଷା କରିବା ପାଇଁ ଚେଷ୍ଟିତ ହୁଅନ୍ତୁ। ଆଜିର ପୃଥିବୀରେ କ୍ଷମତାଶାଳୀ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ଦାୟିତ୍ୱ ଅନ୍ୟମାନଙ୍କ ଅପେକ୍ଷା ଅଧିକ ରହିଛି। ସେଥିପାଇଁ ବର୍ତ୍ତମାନର ଘଡିସନ୍ଧି ମୁହୂର୍ତ୍ତରେ ସେମାନେ

ଅତିଶୀଘ୍ର ଏହି ବିଷୟ ପ୍ରତି ଗୁରୁତ୍ୱରୋପ କରି ନିଜର ଯଥୋଚିତ କର୍ତ୍ତବ୍ୟ ସଂପାଦନ କରନ୍ତୁ ।

ପରିଶେଷରେ ମୁଁ ସେ ସମସ୍ତଙ୍କୁ ପୁନର୍ବାର ଧନ୍ୟବାଦ ପ୍ରଦାନ କରୁଛି, ଯେଉଁମାନେ ମୋର ବକ୍ତବ୍ୟ ଶୁଣିବା ପାଇଁ ସମୟ ଦେଇ ଏଠାକୁ ଆସିଛନ୍ତି । ଆପଣମାନଙ୍କ ପ୍ରତି ଅଲ୍ଲାହ୍‌ଙ୍କ କୃପା ହେଉ ।

**- ଆପଣମାନଙ୍କୁ ଅଶେଷ ଧନ୍ୟବାଦ**




# ମୁସଲମାନମାନେ ପାଶ୍ଚାତ୍ୟ ସଂସ୍କୃତିରେ ସାମିଲ ହୋଇପାରିବେ କି ?

## ଜର୍ମାନୀର ହମ୍ବର୍ଗସ୍ଥିତ ମସଜିଦ୍ 'ବୈତୁର୍ ରଶିଦ୍'ରେ ହଜୁର[ଅବ]ଙ୍କ ଉଦ୍‌ବୋଧନ







Hadrat Mirza Masroor Ahmad, Khalifatul-Masih V[aba]
delivers the keynote address at Baitur-Rasheed Mosque







# ମୁସଲମାନମାନେ ପାଶ୍ଚାତ୍ୟ ସଂସ୍କୃତିରେ ସାମିଲ ହୋଇପାରିବେ କି ?

## ଜର୍ମାନୀର ହମ୍ବର୍ଗସ୍ଥିତ ମସଜିଦ୍ 'ବୈତୁର୍ ରଶିଦ୍'ରେ ହଜୁର[ଅବ]ଙ୍କ ଉଦ୍‌ବୋଧନ

ବିସମିଲ୍ଲା-ହିର୍ ରହମା-ନିର୍‌ରହୀମ୍: 'ଅଶେଷ ଦୟାବାନ ଏବଂ ସଦା କରୁଣାମୟ ଅଲ୍ଲାଃଙ୍କ ନାମନେଇ ମୁଁ ଆରମ୍ଭ କରୁଅଛି ।'

ସମ୍ମାନୀୟ ବିଶିଷ୍ଟ ଅତିଥିଗଣ: ଅସ୍‌ସଲାମୋ ଆଲେକୁମ୍ ରହ୍‌ମତୁଲ୍ଲାହି ଓ୍ୱ ବରକାତୋହୁ । ଆପଣମାନଙ୍କ ସହିତ ଅଲ୍ଲାଃଙ୍କ ଶାନ୍ତି ଓ ଆଶିଷ ରହିଥାଉ ।

ସର୍ବପ୍ରଥମେ ମୁଁ ସେ ସମସ୍ତ ଅତିଥିମାନଙ୍କ ନିକଟରେ ମୋର କୃତଜ୍ଞତା ପ୍ରକାଶ କରୁଛି, ଯେଉଁମାନେ ଆମର ନିମନ୍ତ୍ରଣ ରକ୍ଷା କରି ଏହି ସମାବେଶରେ ଯୋଗ ଦେଇଛନ୍ତି । ଆପଣମାନଙ୍କ ମଧ୍ୟରୁ ଅନେକ ବ୍ୟକ୍ତି ଆମ ସଂପ୍ରଦାୟ ସହିତ ଓତଃପ୍ରୋତଃ ଭାବେ ଜଡିତ କିମ୍ବା କେତେକ ବ୍ୟକ୍ତି ଅହମଦି ମୁସଲିମ୍‌ମାନଙ୍କ ପୁରୁଣା ବଂଧୁ । ଏହା କିନ୍ତୁ ନିଶ୍ଚିତ ଯେ ଯେଉଁମାନେ ଅତି ନିକଟରେ ଅହମଦୀୟା ସଂପ୍ରଦାୟ ସହିତ ପରିଚିତ ହୋଇଛନ୍ତି, ସେମାନେ ଜମାଅତ ସଂବନ୍ଧରେ ଅଧିକ ଜାଣିବା ପାଇଁ ଉତ୍ସୁକ । ଏଠାରେ ଆପଣମାନଙ୍କ ଉପସ୍ଥିତିରୁ ଜଣାପଡୁଛି ଯେ ଅହମଦି ମୁସଲିମ ମାନଙ୍କ ସହିତ ମିଳାମିଶା କରିବା, ଯୋଗାଯୋଗ କରିବା ଏବଂ ସେମାନଙ୍କ ମସଜିଦ୍‌କୁ ଯିବାରେ କୌଣସି ପ୍ରକାର ବିପଦର ଆଶଙ୍କା ନାହିଁ ବୋଲି ଆପଣମାନଙ୍କର ହୃଦବୋଧ ହୋଇଛି ।

ସତ କହିବାକୁ ଗଲେ ଆଜିର ବାତାବରଣରେ ଇସଲାମ ସମ୍ବନ୍ଧରେ ଅନେକ ବିରୋଧାତ୍ମକ ସମ୍ବାଦ ପରିବେଷଣ କରାଯାଉଛି ଏବଂ ଏହା ବିରୁଦ୍ଧରେ ନାନା ପ୍ରକାର କଟୁ ମନ୍ତବ୍ୟ ପ୍ରକାଶ ପାଉଛି । ତାହାର ପ୍ରତିକୂଳ ପ୍ରଭାବ ଏଠାରେ ବସିଥିବା ଅଣ-ମୁସଲିମମାନଙ୍କ ଉପରେ ପଡିବା ସ୍ୱାଭାବିକ । ଆପଣମାନଙ୍କ ମନରେ

ଏହି ଧାରଣା ସହଜରେ ଉତ୍ପନ୍ନ ହେଉଥିବ ଯେ ଅହମଦିମାନଙ୍କ ମସଜିଦ୍‌କୁ ଗଲେ ବହୁ ବିପଦର ଆଶଙ୍କା ରହିଛି ଏବଂ ସେଥିପାଇଁ ହୁଏତ ଆପଣମାନଙ୍କୁ ଅନେକ କ୍ଷତି ଉଠାଇବାକୁ ପଡିପାରେ । କିନ୍ତୁ ଏହି ଉତ୍ସବରେ ଆପଣମାନଙ୍କର ସଦୟ ଯୋଗଦାନ ଏହା ପ୍ରମାଣିତ କରୁଛି ଯେ ଆପଣମାନଙ୍କୁ ଅହମଦି ମୁସଲିମଙ୍କ ପକ୍ଷରୁ କୌଣସି ଭୟର ଆଶଙ୍କା ନାହିଁ । ଆପଣମାନେ ଅହମଦିମାନଙ୍କ ମୂଲ୍ୟ ବୁଝନ୍ତି ଓ ଆପଣମାନଙ୍କ ପରି ବହୁଳ ଜନସମାଜ ବିଶ୍ୱାସ କରନ୍ତି ଯେ ସେମାନେ ସରଳ, ନିଷ୍କପଟ ଓ ଭଦ୍ରଶୀଳ ବ୍ୟକ୍ତି । ଏହି ସମ୍ଭାବନାକୁ ମଧ୍ୟ ଏଡାଇ ଦିଆଯାଇ ନ ପାରେ ଯେ ଆପଣମାନଙ୍କ ମଧ୍ୟରେ ଅଳ୍ପ କେତେକ ଏପରି ବ୍ୟକ୍ତି ଥାଇପାରନ୍ତି, ଯେଉଁମାନେ ଏହି ସଭାରେ ଯୋଗ ଦେବା ସତ୍ତ୍ୱେ କିଛି ଅଘଟଣ ଘଟିବାର ସେମାନଙ୍କ ମନରେ ଆଶଙ୍କା ରହିଥିବ ଓ ତାହାର ମନ୍ଦ ପରିଣାମ ପ୍ରତି ସେମାନେ ଚିନ୍ତିତ ଥାଇ ପାରନ୍ତି । ଏହା ମଧ୍ୟ ସମ୍ଭବ ଯେ ଉଗ୍ରବାଦୀ ଚରିତ୍ର ସଂପନ୍ନ ବ୍ୟକ୍ତି ଆପଣଙ୍କ ପାଖରେ ବସିଥିବ ଓ ସେଥିପାଇଁ ଆପଣ ବ୍ୟତିବ୍ୟସ୍ତ ହେଉଥିବେ । ଏପରି ଭୟ ଜାତ ହେଉଥିଲେ ଆପଣଙ୍କ ମନରୁ ତାହା ଶୀଘ୍ର ଦୂର କରି ଦିଅନ୍ତୁ । କାରଣ ଆମେ ଏଥିପ୍ରତି ସତର୍କ ଦୃଷ୍ଟି ରଖିଛୁ । ଯଦି ବା କେହି ଅକସ୍ମାତ ମସଜିଦ ପରିସର ମଧ୍ୟକୁ ପ୍ରବେଶ କରିବାକୁ ଚେଷ୍ଟା କରେ, ଆମେ ତାକୁ ଗୃହ ମଧ୍ୟରୁ ବିତାଡିତ କରି ଦେବାକୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ । ତେଣୁ ଆପଣ ସେଥିପାଇଁ ନିଶ୍ଚିନ୍ତ ରହନ୍ତୁ ।

ବସ୍ତୁତଃ ଅହମଦୀୟା ସଂପ୍ରଦାୟଭୁକ୍ତ କୌଣସି ବ୍ୟକ୍ତି ଯଦି କେବେ କୌଣସି ସ୍ଥାନରେ ଉଗ୍ର ସ୍ୱଭାବ ପ୍ରଦର୍ଶନ କରୁଛି ତଥା ନିୟମର ଉଲଂଘନ କାର୍ଯ୍ୟ କରି ସାମାଜିକ ଶାନ୍ତି ନଷ୍ଟ କରେ, ସେ କ୍ଷେତ୍ରରେ ଏହାର ଶାସ୍ତି ବିଧାନ ସ୍ୱରୂପ ସଂପୃକ୍ତ ବ୍ୟକ୍ତିକୁ ଜମାଅତରୁ ବହିଷ୍କାର କରାଯାଏ । ଏହି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆମେ ବାଧ୍ୟ ହେଉଛୁ ଯେହେତୁ ଆମେ 'ଇସଲାମ' ଶବ୍ଦର ତାତ୍ପର୍ଯ୍ୟକୁ ସଂପୂର୍ଣ୍ଣ ଭାବରେ ସମ୍ମାନ ଜଣାଇଥାଉ, ଯାହାର ଆକ୍ଷରିକ ଅର୍ଥ: 'ଶାନ୍ତି ଓ ନିରାପତ୍ତା' । ଇସଲାମ ଶବ୍ଦର ଯଥାର୍ଥ ଭାବକୁ ଆମ ସଂପ୍ରଦାୟ ପ୍ରତିପାଦନ କରେ । ଇସଲାମର ବାସ୍ତବ ପ୍ରତିଛବିକୁ ଲୋକମାନଙ୍କ ମାନସ ପଟଳରେ ଚିତ୍ରଣ କରାଯିବା ସଂବନ୍ଧରେ ଆଜିକୁ ୧୪୦୦ ବର୍ଷ ପୂର୍ବେ ଦିବ୍ୟ ଅବତାର ମୁହମ୍ମଦ[ସଃ]ଙ୍କ ଦ୍ୱାରା ଏକ ମହାନ ଭବିଷ୍ୟତ ବାଣୀ କରାଯାଇଥିଲା । ସେହି ଭବିଷ୍ୟତ ବାଣୀରେ ସେ କହିଥିଲେ ଯେ ଏକ ସମୟ ଆସିବ, ଯେତେବେଳେ ମୁସଲିମମାନଙ୍କ ବୃହତ୍ ଭାଗ ଇସଲାମର ବିଶୁଦ୍ଧ ଏବଂ ବାସ୍ତବ ଶିକ୍ଷାକୁ ପାଶୋରି ଦେବେ । ତାହାଙ୍କ ଦିବ୍ୟ କଥନ ଅନୁଯାୟୀ

ସେହି ସମୟ ଉପନୀତ ହେଲେ ଅଲ୍ଲାଃ ପୃଥିବୀରେ ଇସଲାମର ପୁନଃସ୍ଥାପନ କରିବା ପାଇଁ ଜଣେ ସଂସ୍କାରକ, ମସିହ ଓ ମହେଦୀଙ୍କୁ ପଠାଇବେ ।

ଅହମଦୀୟା ମୁସଲିମ ସଂପ୍ରଦାୟର ଦୀକ୍ଷାନ୍ତ ଅନୁଗାମୀ ରୂପେ ବିଶ୍ୱାସ କରୁଛୁ ଯେ ଏହାର ସଂସ୍ଥାପକ 'ହଜରତ ମିର୍ଜା ଗୁଲାମ ଅହମଦ[ଅଃ] ହେଉଛନ୍ତି ସେହି ଯୁଗ ପୁରୁଷ ଯାହାଙ୍କ ଆବିର୍ଭାବ ଫଳରେ ମୁହମ୍ମଦ[ସଃ]ଙ୍କ ମହତ୍ତ୍ୱପୂର୍ଣ୍ଣ ଭବିଷ୍ୟତବାଣୀ ପୂରଣ ହେଲା । ଅଲ୍ଲାଃଙ୍କ କୃପାରୁ ଏହି ସଂପ୍ରଦାୟ ଆଜି ପୃଥିବୀର ୨୦୨ଟି ଦେଶରେ ପ୍ରସାର ଲାଭ କରିଛି । ସେହିସବୁ ଦେଶର ସ୍ଥାନୀୟ ଅଧିବାସୀ ଏବଂ ପ୍ରତ୍ୟେକ ପଛୁଆ ବର୍ଗର ଜାତି ଓ ସଂସ୍କୃତିର ଲୋକ ଅହମଦୀୟା ସଂପ୍ରଦାୟକୁ ସାଦରେ ଗ୍ରହଣ କରିଛନ୍ତି । ସେମାନେ ଅହମଦୀ ମୁସଲିମ ହେବାର ପରିଚୟ ସୃଷ୍ଟି କରିବା ସହିତ ସଂପୃକ୍ତ ଦେଶର ବିଶ୍ୱସ୍ତ ନାଗରିକ ଭାବରେ ଦେଶ ସେବାରେ ସକ୍ରୀୟ ଭୂମିକା ଗ୍ରହଣ କରୁଛନ୍ତି । ସେମାନେ ଇସଲାମ ପ୍ରତି ପ୍ରେମ ଏବଂ ନିଜ ଦେଶ ପ୍ରତି ଭକ୍ତି ପ୍ରଦର୍ଶନ କରିବା ମଧ୍ୟରେ କୌଣସି ମତଭେଦ ବା ଦ୍ୱନ୍ଦ୍ୱ ନ ଥାଏ । ବରଂ ଉଭୟ ପ୍ରତି ରହିଥିବା ଏହି ଅନୁରକ୍ତି ଅଧିକ ଘନିଷ୍ଠ ହୋଇଯାଆନ୍ତି । ସମଗ୍ର ଦେଶ ମଧ୍ୟରେ ଆମ ଜମାଅତର ଅଧିକତର ଲୋକଙ୍କ ଏହି ବୈଶିଷ୍ଟ୍ୟ ରହିଛି ବୋଲି ମୁଁ କହିପାରେ ।

ଯେତେବେଳେ ଅହମଦୀ ମୁସଲିମ ନିଜ ଦେଶ ଛାଡି ଅନ୍ୟ ଦେଶକୁ ପ୍ରବାସୀ ରୂପେ ଯାଆନ୍ତି ଅଥବା ସ୍ଥାନୀୟ ଲୋକ ଅହମଦିୟତ୍ କୁ ଗ୍ରହଣ କରନ୍ତି, ସେମାନଙ୍କର ଉପରୋକ୍ତ ବିଶେଷ ଗୁଣ ରହିଥିବା ଯୋଗୁଁ ନୂତନ ସମାଜିକ ବ୍ୟବସ୍ଥା ସହିତ ଖାପଖୁଆଇ ଚଳିବାରେ କିଛି ଅସୁବିଧା ହୁଏ ନାହିଁ । ସେମାନେ ନାଗରିକତ୍ୱ ଗ୍ରହଣ କରିଥିବା ସଂପୃକ୍ତ ଦେଶର ସମୁଚିତ ପନ୍ଥାରେ ସେବା କରିବା ଏବଂ ଜାତୀୟ ସ୍ୱାର୍ଥ ରକ୍ଷା କରିବା କ୍ଷେତ୍ରରେ ନିଜର କର୍ତ୍ତବ୍ୟ ପାଳନ କରିବାରେ ଆଦୌ ବିଚଳିତ ହୁଅନ୍ତି ନାହିଁ । ଦେଶର ପ୍ରକୃତ ନାଗରିକ ପରି ଅହମଦିମାନେ ଯେଉଁ ଦେଶକୁ ଯାଆନ୍ତି, ସେହି ଦେଶକୁ ଭଲ ପାଆନ୍ତି । ଦେଶର ପ୍ରଗତି ପାଇଁ ସେମାନେ ସକ୍ରିୟ ଭୂମିକା ଗ୍ରହଣ କରି ଜୀବନ ଅତିବାହିତ କରନ୍ତି । ଏହିପରି ବଞ୍ଚିବାର ଶୈଳୀକୁ ଇସଲାମ କେବଳ ସମର୍ଥନ କରି କୁହେ ନାହିଁ, ବରଂ ଆମକୁ ବିଧିବଦ୍ଧ ଭାବେ ଆଦେଶ ଦେଇଥାଏ ଯେ ତୁମେ ଯେଉଁ ଦେଶରେ ବାସ କରୁଛ, ସେହି ଦେଶ ପ୍ରତି ସଂପୂର୍ଣ୍ଣ ବିଶ୍ୱସ୍ତ ହୋଇ ରୁହ ଏବଂ ଉତ୍ସର୍ଗୀକୃତ ଭାବନା ସହ ନିଜର କର୍ତ୍ତବ୍ୟ ସଂପାଦନ କର । ବାସ୍ତବରେ ଦିବ୍ୟ ଅବତାର ମୁହମ୍ମଦ[ସଃ] ଏହି ନିର୍ଦ୍ଦେଶ ପାଳନ କରିବା ପ୍ରତି ନିର୍ଦ୍ଦିଷ୍ଟ ଭାବରେ ଗୁରୁତ୍ୱ ଦେଇଥିଲେ ଯେ କୌଣସି ନିଷ୍ପାପର

ମୁସଲମାନର ସ୍ୱଦେଶ ପ୍ରେମ ତା'ର ଧାର୍ମିକ ବିଶ୍ୱାସର ଏକ ମହତ୍ୱପୂର୍ଣ୍ଣ ଅଂଗ ରୂପେ ସାବ୍ୟସ୍ତ ହୁଏ । ଯେତେବେଳେ ନିଜ ଦେଶକୁ ଭଲ ପାଇବା ଇସଲାମର ମୌଳିକ ନୀତି ଉପରେ ଆଧାରିତ, ସେପରି ସ୍ଥଳେ ଜଣେ ସତ୍ୟନିଷ୍ଠ ମୁସଲମାନ କିପରି ଦେଶ ପ୍ରତି ଅନୁରକ୍ତ ନ ହେବ ? କିପରିବା ତା'ସହିତ ବିଶ୍ୱାସଘାତକତା କରିବ ? ଏହା କରିବା ଦ୍ୱାରା ତା'ର ଧର୍ମବିଶ୍ୱାସ କ୍ଷୁର୍ଣ୍ଣ ହେବ ନାହିଁ କି ? ଦେଶଭକ୍ତି ମୂଳକ ଏହି ପ୍ରତିଶ୍ରୁତି ପାଳନ କରିବା ପାଇଁ ଅହମଦୀୟା ସଂପ୍ରଦାୟର ବୃଦ୍ଧ,ବାଳୁତ,ସ୍ତ୍ରୀ,ପୁରୁଷ ଇତ୍ୟାଦି ସମସ୍ତ ସଭ୍ୟ ଧର୍ମାନୁଷ୍ଠାନମାନଙ୍କରେ ଛିଡା ହୋଇ ନିୟମିତ ରୂପେ ଶପଥ ପାଠ କରନ୍ତି । ଅଲ୍ଲାଃଙ୍କୁ ସାକ୍ଷୀ ରଖି ସେମାନେ ଏହିପରି ସଂକଳ୍ପ କରନ୍ତି ଯେ ନିଜର ଧନ,ଜୀବନ,ସମୟ ଓ ସମ୍ମାନକୁ କେବଳ ଧର୍ମପାଳନ କ୍ଷେତ୍ରରେ ନୁହେଁ, ବରଂ ନିଜ ଦେଶ ପାଇଁ ମଧ୍ୟ ଉତ୍ସର୍ଗ କରିବା ପାଇଁ ସର୍ବଦା ପ୍ରସ୍ତୁତ ରହିବେ । ଏଭଳି କେଉଁମାନେ ଅଛନ୍ତି ଯିଏ ଏହା ପ୍ରମାଣ କରି ଦେଖାଇ ପାରିବେ ଯେ ନିଜ ଧର୍ମବିଶ୍ୱାସ ସହିତ ଦେଶର ସୁରକ୍ଷା ଓ ଜାତୀୟ ସ୍ୱାର୍ଥରକ୍ଷା ପାଇଁ ଏହାଠାରୁ ଅଧିକ ନିଷ୍ଠାପର ଭାବରେ କାର୍ଯ୍ୟ କରିବା ପାଇଁ ବଦ୍ଧପରିକର ହେବେ ? ଏବଂ ତାଙ୍କର ଏହି ସଂକଳ୍ପ ନିରନ୍ତର ଭାବେ ଦେଶ ସେବା ପାଇଁ ସେମାନଙ୍କୁ ବାରମ୍ବାର ସ୍ମରଣ କରାଇ ଦେଉଥିବ ?

କେତେକ ଲୋକଙ୍କ ମନରେ ପ୍ରଶ୍ନ ଉଠିପାରେ ଯେ ପାକିସ୍ତାନ, ତୁର୍କୀ ଓ ଅନ୍ୟାନ୍ୟ ଏସୀୟ ଦେଶଗୁଡିକରୁ ବହୁସଂଖ୍ୟକ ମୁସଲିମ ଆସି ଜର୍ମାନୀରେ ବାସ କରୁଛନ୍ତି । ଯେତେବେଳେ ଦେଶ ପାଇଁ କୌଣସି ତ୍ୟାଗ କରିବାର ସମୟ ଆସିବ, ସେମାନେ ଜର୍ମାନୀ ପରିବର୍ତ୍ତେ ଯେଉଁ ଦେଶର ମୂଳ ବାସିନ୍ଦା ହୋଇଥିବେ ସେହି ଦେଶକୁ ଅଗ୍ରାଧିକାର ଦେବେ । ମୁଁ ଏହି ବିଷୟରେ ସ୍ପଷ୍ଟୀକରଣ ଦେବାପାଇଁ ଚାହୁଁଛି ଯେ ଯଦି କୌଣସି ବ୍ୟକ୍ତି ନିଜ ଦେଶ ଛାଡି ଜର୍ମାନୀ କିମ୍ବା ଅନ୍ୟ କୌଣସି ବାହାର ଦେଶରେ ଯାଇ ସ୍ଥାୟୀ ଭାବରେ ବସବାସ କରେ, ତା'ହେଲେ ସେ ସଂପୂର୍ଣ୍ଣ ରୂପେ ସେହି ଦେଶର ନାଗରିକତ୍ୱ ଅବଶ୍ୟ ଗ୍ରହଣ କରିବ । ମୁଁ ଏହା ବର୍ଷର ପ୍ରାରମ୍ଭରେ ଜର୍ମାନୀର କୋବଲେଞ୍ଜ ଠାରେ ସେନା ମୁଖ୍ୟ କାର୍ଯ୍ୟାଳୟରେ ଭାଷଣ ପ୍ରସଙ୍ଗରେ କହିଥିଲି । ଏହା ମଧ୍ୟ ବୁଝାଇଥିଲି ଯେ ଜଣେ ପ୍ରବାସୀ ଜର୍ମାନ ନାଗରିକ ହୋଇଥିବା ସ୍ଥଳେ ଯଦି ନିଜ ଜନ୍ମଭୂମିର ଦେଶ ସହିତ ଜର୍ମାନୀର ଯୁଦ୍ଧ ଲାଗିଯାଏ, ସେହି ପରିସ୍ଥିତିରେ ଇସଲାମର ଶିକ୍ଷା ଅନୁଯାୟୀ ତାକୁ କେଉଁ ନୀତି ଅବଲମ୍ବନ କରିବାକୁ ପଡିବ ?ଯଦି ସେ ଦେଶାନ୍ତର ବାସୀ ହୋଇ ମଧ୍ୟ ନିଜ ଦେଶ ପ୍ରତି ସହାନୁଭୂତି ପ୍ରକଟ କରେ ଏବଂ ଜର୍ମାନୀ ଦେଶର ଯୁଦ୍ଧଜନିତ କ୍ଷୟକ୍ଷତିର ଆଶଙ୍କା କରି ନିଜକୁ ସେଥିପାଇଁ ଦାୟୀ କରୁଥାଏ, ତା'ହେଲେ ସେହି ବ୍ୟକ୍ତି ତୁରନ୍ତ ସେଠାକାର ନାଗରିକତ୍ୱ ପରିହାର କରି ନିଜ ଦେଶକୁ ପ୍ରତ୍ୟାବର୍ତ୍ତନ କରିବା ଉଚିତ । କିନ୍ତୁ ସେ

ଯଦି ପ୍ରବାସୀ ଭାବରେ ସେଠାରେ ସ୍ଥାୟୀ ବାସିନ୍ଦା ହୋଇ ରହିବାକୁ ନିଷ୍ପତ୍ତି କରିବ, ତା'ହେଲେ ସେହି ଦେଶ ପ୍ରତି କୌଣସି ପ୍ରକାର ଅବିଶ୍ୱସ୍ତ ହୋଇ ରହିବା କିମ୍ବା ଅସୂୟା ମନୋଭାବ ପୋଷଣ କରିବା ପାଇଁ ଇସଲାମ ଆଦୌ ଅନୁମତି ଦିଏ ନାହିଁ । ଇସଲାମ୍‌ର ଏହା ଏକ ପୂର୍ଣ୍ଣାଙ୍ଗପ୍ରାପ୍ତ ସୁସ୍ପଷ୍ଟ ଶିକ୍ଷା । କୌଣସି ଦେଶଦ୍ରୋହ ଆଚରଣକୁ ଇସଲାମ ପ୍ରଶ୍ରୟ ଦିଏ ନାହିଁ । ଗୋଟିଏ ଦେଶର ନାଗରିକ ହୋଇ ସେହି ଦେଶ ବିରୁଦ୍ଧରେ କୌଣସି ଷଡଯନ୍ତ୍ର ରଚନା କରିବା ଯାହ ସେହି ଦେଶକୁ କ୍ଷତି ପହଞ୍ଚାଇବ, ଏପରି କୃତଘ୍ନ କାର୍ଯ୍ୟ ଦଣ୍ଡନୀୟ ଅପରାଧ ବୋଲି ଇସଲାମ ବିବେଚନା କରିଛି । ଗୋଟିଏ ଦେଶକୁ ଆପଣାର ବିବେଚନା କରି ପୁଣି ଦେଶ ବିରୋଧି କାର୍ଯ୍ୟ କଲେ ସେ ଦେଶର ପରମ ଶତ୍ରୁ ଭାବେ ପରିଗଣିତ ହୋଇଥାଏ ଓ ସେଥିପାଇଁ ଆଇନ ସଂହିତା ଅନୁଯାୟୀ ସେ ଉପଯୁକ୍ତ ଶାସ୍ତି ପାଇବା ଉଚିତ ।

ମୁସଲିମ ଦେଶାନ୍ତର ବାସୀଙ୍କ କ୍ଷେତ୍ରରେ ଉପୁଜୁଥିବା ପରିସ୍ଥିତିର ସମାଧାନ କିପରି କରାଯାଇ ପାରିବ, ସେ ସମ୍ବନ୍ଧରେ ଆପଣମାନଙ୍କୁ ଅତି ପ୍ରାଞ୍ଜଳ ଭାବରେ ବୁଝାଇ ଦିଆଯାଇଛି । କିନ୍ତୁ ଜର୍ମାନୀ କିମ୍ବା ଅନ୍ୟ କୌଣସି ଦେଶର ସ୍ଥାନୀୟ ବ୍ୟକ୍ତି ଯଦି ଇସଲାମ ଧର୍ମ ଗ୍ରହଣ କରନ୍ତି, ସେ କ୍ଷେତ୍ରରେ ଉକ୍ତ ମହାନ ଦେଶର ପରମ ବିଶ୍ୱସ୍ତ ହୋଇ ରହିବା ବ୍ୟତୀତ ତାଙ୍କୁ ଅନ୍ୟ କୌଣସି ଗତ୍ୟନ୍ତର ନାହିଁ । ଅନ୍ୟ ଏକ ପ୍ରଶ୍ନ ବେଳେ ବେଳେ ଉଠୁଛି ଯେ ଯଦି ମୁସଲିମ ରାଷ୍ଟ୍ର ସହିତ କୌଣସି ପାଶ୍ଚାତ୍ୟ ଦେଶର ଯୁଦ୍ଧ ଲାଗିଯାଏ, ତା'ହେଲେ ପାଶ୍ଚାତ୍ୟ ଦେଶମାନଙ୍କରେ ବସବାସ କରୁଥିବା ମୁସଲିମମାନଙ୍କର କ'ଣ କର୍ତ୍ତବ୍ୟ ହେବା ଉଚିତ । ଏହାର ଉତ୍ତର ଦେବାକୁ ଯାଇ ମୁଁ ଅହମଦୀୟା ମୁସଲିମ ସଂପ୍ରଦାୟର ସଂସ୍ଥାପକ ତଥା ପ୍ରତିଶ୍ରୁତ ମସିହଙ୍କର ଏକ ଉକ୍ତିକୁ ଏଠାରେ ଉଲ୍ଲେଖ କରୁଛି । ଚଳିତ ଯୁଗରେ ଧର୍ମୀୟ ଯୁଦ୍ଧର ସଂପୂର୍ଣ୍ଣ ଅବସାନ ଘଟିଛି । କିନ୍ତୁ ସମୟ ଥିଲା ଯେତେବେଳେ ଅନ୍ୟ ଧର୍ମାବଲମ୍ବୀଙ୍କ ସହିତ ମୁସଲିମ ମାନଙ୍କର ଅନବରତ ଯୁଦ୍ଧ ହେଉଥିଲା । ସେହି ଯୁଦ୍ଧରେ ମୁସଲମାନମାନଙ୍କୁ ହତ୍ୟା କରିବା ଏବଂ ଇସଲାମକୁ ସମୂଳେ ବିନାଶ କରିବା ଲକ୍ଷ୍ୟରେ ଅନ୍ୟମାନେ ଯୁଦ୍ଧ କରୁଥିଲେ ।

ସେପରି ସ୍ଥଳେ ଅଧିକାଂଶ ଯୁଦ୍ଧରେ ଅଣ ମୁସଲିମମାନେ ପ୍ରଥମେ ଆକ୍ରମଣ କରୁଥିଲେ । ତାହାର ପ୍ରତିରୋଧ କରି ମୁସଲିମମାନେ କେବଳ ଆତ୍ମରକ୍ଷା କରିବା ପାଇଁ ଏବଂ ସ୍ୱଧର୍ମକୁ ବଞ୍ଚାଇବା ପାଇଁ ପ୍ରତିରକ୍ଷା ମୂଳକ ଯୁଦ୍ଧ କରୁଥିଲେ । ଏବେ ଆଉ ସେପରି ସ୍ଥିତି ନାହିଁ ବୋଲି ପ୍ରତିଶ୍ରୁତ ମସିହ ଆମକୁ ବୁଝାଇଛନ୍ତି । କାରଣ ଆଜିକାଲି ଏପରି କୌଣସି ସରକାର ନାହାନ୍ତି, ଯେଉଁମାନେ ଇସଲାମକୁ ଲୋପ କରିବାକୁ ଚାହାନ୍ତି । କିନ୍ତୁ ଏହାର ବିପରୀତରେ ଅଧିକାଂଶ ପାଶ୍ଚାତ୍ୟ ଦେଶ ଓ ଅଣ

ମୁସଲିମ ରାଷ୍ଟ୍ରରେ ଧାର୍ମିକ ସ୍ୱାଧୀନତାର ପ୍ରଶସ୍ତ ମାର୍ଗ ରହିଛି । ଏପରି ସ୍ୱାଧୀନତା ରହିଥିବା ଯୋଗୁଁ ଇସଲାମର ପ୍ରଚାର ଅଣ ମୁସଲିମ ରାଷ୍ଟ୍ରରେ ମୁକ୍ତ ଓ ଅବାଧରେ ହୋଇପାରୁଛି । ସେଥିପାଇଁ ଆମ ଜମାଅତ ବିଶେଷ କୃତଜ୍ଞତା ପ୍ରକାଶ କରୁଛି । ଆମେମାନେ ପାଶ୍ଚାତ୍ୟ ଜଗତରେ ଇସଲାମର ଶାଶ୍ୱତ ତଥା ବାସ୍ତବ ଶିକ୍ଷାକୁ ପରିଚିତ କରିବାକୁ ସକ୍ଷମ ହୋଇପାରିଛୁ, ଯାହା ଏକ ଶାନ୍ତି ଓ ସୌହାର୍ଦ୍ଦ୍ୟର ବାତାବରଣ ସୃଷ୍ଟି କରିପାରିଛି । ଏହା ନିଶ୍ଚିତ କଥା ଯେ ଇସଲାମର ପ୍ରକୃତ ତତ୍ତ୍ୱକୁ ଉପସ୍ଥାପନ କରିବା ପାଇଁ ଏତାଦୃଶ ଧାର୍ମିକ ସ୍ୱାଧୀନତାର ପ୍ରଚଳନ ରହିଥିବା ଯୋଗୁଁ ମୁଁ ଆପଣମାନଙ୍କ ସମ୍ମୁଖରେ ଆଜି ଛିଡା ହେବାକୁ ସମର୍ଥ ହୋଇପାରିଛି, ଯଦ୍ଦ୍ୱାରା ଆଜିର ଏହି ଉତ୍ସବ ଧର୍ମ ସହନଶୀଳତାର ପ୍ରତୀକ ସାଜିଛି । ତେଣୁ ସ୍ପଷ୍ଟତଃ କହିବାକୁ ଗଲେ ଆଜିକାଲି ଧର୍ମଜନିତ ଯୁଦ୍ଧ ଆଉ ହେଉ ନାହିଁ । ତେବେ ଭିନ୍ନ ଦୃଷ୍ଟିକୋଣରୁ ବିଚାର କଲେ ପ୍ରଶ୍ନ ଉଠୁଛି ଯଦି କୌଣସି ମୁସଲିମ ବହୁଳ ରାଷ୍ଟ୍ର କିମ୍ବା ଖ୍ରୀଷ୍ଟିୟାନ ବହୁଳ ରାଷ୍ଟ୍ର ଅଥବା ଅନ୍ୟ କୌଣସି ଦେଶ ଏକ ଅଣ ଧର୍ମୀୟ ଯୁଦ୍ଧ କରନ୍ତି, ତେବେ ସେ କ୍ଷେତ୍ରରେ ସଂପୃକ୍ତ ଦେଶରେ ବାସ କରୁଥିବା ମୁସଲମାନ ନାଗରିକମାନଙ୍କର ପ୍ରତିକ୍ରିୟା କ'ଣ ହେବ ? ଏପରି ପରିସ୍ଥିତିକୁ ସମ୍ଭାଳିବା ପାଇଁ ସେମାନଙ୍କ ନିମନ୍ତେ ଇସଲାମ ଏକ ଉତ୍କୃଷ୍ଟ ନିୟମ ବିଧାନ କରିଛି । ସେହି ନିୟମ ଅନୁଯାୟୀ ଜଣେ ବ୍ୟକ୍ତି କୌଣସି କଠୋର ଏବଂ ଅନ୍ୟାୟ ମୂଳକ କାର୍ଯ୍ୟ ଦେଖିଲେ ସେଥିରେ ସହଯୋଗ କରିବ ନାହିଁ । ତେଣୁ ଏକ ମୁସଲିମ ରାଷ୍ଟ୍ରରେ ଏଭଳି ନିଷ୍ଠୁର ଓ ଦମନମୂଳକ ଯୁଦ୍ଧର ସୂତ୍ରପାତ ହେଲେ, ତାହାକୁ ତୁରନ୍ତ ବନ୍ଦ କରିବା ଉଚିତ । ଯଦି ଯୁଦ୍ଧଜନିତ କଠୋର କାର୍ଯ୍ୟାନୁଷ୍ଠାନ କୌଣସି ଖ୍ରୀଷ୍ଟିୟାନ ଦେଶ ପକ୍ଷରୁ କରାଯାଏ, ତାହାର ମଧ୍ୟ ଅନ୍ତ ହେବା ଆବଶ୍ୟକ ।

ତେବେ ପ୍ରଶ୍ନ ହେଉଛି, ନିଜ ଦେଶ ଭିତରେ ହେଉଥିବା ଏଭଳି ଅନ୍ୟାୟ ଓ ନିଷ୍ଠୁରତାପୂର୍ଣ୍ଣ ଆଚରଣକୁ ଜଣେ ନାଗରିକ ବ୍ୟକ୍ତିଗତ ଭାବରେ କିପରି ବନ୍ଦ କରିପାରିବ ? ଏହାର ଉତ୍ତର ଖୁବ ସହଜ । ସଂପ୍ରତି ପାଶ୍ଚାତ୍ୟ ଜଗତରେ ଗଣତନ୍ତ୍ରର ପ୍ରଚଳନ ରହିଛି । ଯଦି କୌଣସି ସରକାର ଆକ୍ରମଣାତ୍ମକ ମନୋଭାବ ରଖି କୌଣସି ଅମାନୁଷିକ କାର୍ଯ୍ୟ କରୁଥିବାର ସେ ଦେଶର ନ୍ୟାୟଶୀଳ ବ୍ୟକ୍ତିର ଦୃଷ୍ଟିକୁ ଆସେ, ତା'ହେଲେ ସେ ଏହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ଉଚିତ ଏବଂ ଏ ବିଷୟରେ ନିଜ ଦେଶକୁ ସଠିକ ମାର୍ଗରେ ପରିଚାଳନା କରିବା ମଧ୍ୟ ତାହାର ଦାୟିତ୍ୱ । ଏପରିକି ଏକ ଦଳ ଗଠନ କରି ଏହି ଉଦ୍ୟମ ଅବ୍ୟାହତ ରଖିବା ଆବଶ୍ୟକ । ଯଦି କୌଣସି ଦେଶ ଅନ୍ୟ ଏକ ଦେଶର ସାର୍ବଭୌମତ୍ୱକୁ ଉଲଂଘନ କରୁଥିବାର ଜଣେ ନାଗରିକ

ଦେଖୁଛି, ସେ କ୍ଷେତ୍ରରେ ସେ ନିଜ ଦେଶର ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରିବା ଉଚିତ । ସରକାରଙ୍କ ଧ୍ୟାନ ଆକର୍ଷଣ ପାଇଁ ଶାନ୍ତି ପୂର୍ଣ୍ଣ ଉପାୟରେ ଅଭିଯୋଗ କରିବା କୌଣସି ବିଦ୍ରୋହାଚାରଣ ନୁହେଁ । ବସ୍ତୁତଃ ଏହାଦ୍ୱାରା ନିଜ ଦେଶକୁ ପ୍ରକୃତ ଅର୍ଥରେ ଭଲ ପାଇବାର ଭାବ ପ୍ରକାଶ ହୋଇଥାଏ । ଅଧିକନ୍ତୁ ସେହି ଦେଶର ସୁଖ୍ୟାତିରେ କୌଣସି କାଳିମା ଲାଗୁ,ଏହା କେବେ କୌଣସି ନ୍ୟାୟବନ୍ତ ନାଗରିକ ବରଦାସ୍ତ କରିପାରିବ ନାହିଁ । ସେ କେବେ ଋହିବ ନାହିଁ ଯେ ଆନ୍ତର୍ଜାତିକ ସମୁଦାୟ ସମ୍ମୁଖରେ ସେହି ଦେଶର ହତାଦର ହେଉ । ଏହିପରି ସେ ନିଜ ଦେଶର ମୂଲ୍ୟବୋଧକୁ ଦର୍ଶାଇ ସ୍ୱଦେଶ ପ୍ରିତି ଓ ଭକ୍ତିର ସ୍ପଷ୍ଟ ପ୍ରମାଣ ପ୍ରଦାନ କରିଥାଏ ।

ଆନ୍ତର୍ଜାତୀୟ ରାଷ୍ଟ୍ରସମୂହ ଓ ଏହାର ସରକାରୀ ସଂସ୍ଥାଗୁଡିକର କାର୍ଯ୍ୟଧାରା ପ୍ରତି ସଚେତନ କରାଇ ଇସଲାମ ଶିକ୍ଷା ଦିଏ ଯେ ଯଦି କୌଣସି ଦେଶ ଉପରେ ଆକ୍ରମଣ କରାଗଲା, ତା'ହେଲେ ଅନ୍ୟ ସବୁ ଦେଶ ମିଳିତ ହୋଇ ତାହାର ଦୃଢ ପ୍ରତିରୋଧ କରିବା ଆବଶ୍ୟକ ଏବଂ ଏହାକୁ ବନ୍ଦ କରିବା ସକାଶେ ଆକ୍ରମଣକାରୀ ଦେଶକୁ ଜବତ କରିବା ଉଚିତ । ସଂପୃକ୍ତ ଦେଶ ନିଜ ଭୁଲ ବୁଝିପାରି ଦମନମୂଳକ କାର୍ଯ୍ୟକୁ ପ୍ରତ୍ୟାହାର କରିନିଏ, ତେବେ ସେ କ୍ଷେତ୍ରରେ ଅନ୍ୟ ସବୁ ଦେଶଦ୍ୱାରା କୌଣସି ପ୍ରତିଶୋଧମୂଳକ ପଦକ୍ଷେପ ଗ୍ରହଣ କରା ନ ଯିବା ଉଚିତ କି ତହିଁରୁ ନିଜର ଫାଇଦା ହାସଲ କରିବାର ମନୋବୃତ୍ତି ରଖା ନ ଯିବା ଉଚିତ । ପରନ୍ତୁ ସେହି ଦେଶ ପ୍ରତି କଠୋର ଦଣ୍ଡବିଧାନ କରାଯିବା ଆଦୌ ଶୋଭନୀୟ ନୁହେଁ ଓ ଦୋଷୀ ସାବ୍ୟସ୍ତ ସଂପୃକ୍ତ ଦେଶ ବିରୁଦ୍ଧରେ କୌଣସି ଅନ୍ୟାୟମୂଳକ ନିଷ୍ପତ୍ତି ଲାଗୁ କରାଯିବା ମଧ୍ୟ ସ୍ପୃହଣୀୟ ନୁହେଁ । ସୁତରାଂ ଇସଲାମ ସମସ୍ତ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ସମୁଚିତ ପ୍ରତିକାରର ବ୍ୟବସ୍ଥା କରିଛି । ଇସଲାମୀୟ ଶିକ୍ଷାର ସାରତତ୍ତ୍ୱ ହେଉଛି, ହଜରତ ମୁହମ୍ମଦ[ସଅ]ଙ୍କ ଦିବ୍ୟ ବଚନ ଅନୁଯାୟୀ ଶାନ୍ତିକୁ ସର୍ବତ୍ର ପରିବ୍ୟାପ୍ତ କରିବା । ସେଥିପାଇଁ ସେ କହିଥିଲେ ଜଣେ ଖାଣ୍ଟି ମୁସଲମାନର ସଂଜ୍ଞା ହେଉଛି, ଯାହାର ମୁଖ ଏବଂ ହାତରୁ (ଅର୍ଥାତ ବାକ୍ୟ ଓ କାର୍ଯ୍ୟରୁ)ଅନ୍ୟ ସମସ୍ତ ଶାନ୍ତିପ୍ରିୟ ଲୋକ ସୁରକ୍ଷିତ ରୁହନ୍ତି । ଏହି ସୁନ୍ଦର ଓ ସାବଲୀଳ ଶିକ୍ଷା ବୁଦ୍ଧିମତାର ସ୍ପଷ୍ଟ ଭାବକୁ ପ୍ରକାଶ କରେ, ଯାହାକୁ ଅବଲମ୍ବନ କରି ଜଣେ ମୁସଲିମ ଯେଉଁ ଦେଶରେ ବାସ କରୁଥିଲେ ମଧ୍ୟ ତାହାର ପଦ ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖୁଛି । ଏହାର ଫଳସ୍ୱରୂପ ସମସ୍ତ ନିଷ୍ଠାବାନ ଓ ନ୍ୟାୟ ରୁଚି ସଂପନ୍ନ ବ୍ୟକ୍ତି ନିଜ ସମାଜ ମଧ୍ୟରେ ସେଭଳି ଶାନ୍ତିପ୍ରିୟ ମୁସଲିମ ବ୍ୟକ୍ତିଙ୍କୁ ଆଦରି ନେବା ପାଇଁ ଇଚ୍ଛା ପୋଷଣ କରୁଛି । ଦିବ୍ୟ ଅବତାର ମୁହମ୍ମଦ[ସଅ]ଙ୍କ ଅନ୍ୟ ଏକ ଶିକ୍ଷା ହେଉଛି, ଜଣେ ପ୍ରକୃତ ଧର୍ମବିଶ୍ୱାସୀ ଉତ୍ତମ ନୀତି ଓ ଆଦର୍ଶକୁ ଅନ୍ୱେଷଣ କରେ । ଜଣେ ମୁସଲିମ୍‌କୁ ଜ୍ଞାନତତ୍ତ୍ୱ ମୂଳକ ମହତ୍ ଶିକ୍ଷା ଆହରଣ

କରିବାର ସୁଯୋଗ ମିଳିଲେ, ସେ ଏହାକୁ ନିଜର ବ୍ୟକ୍ତିଗତ ସଂପତ୍ତି ବୋଲି ଭାବିବା ଉଚିତ । ଏହି ବିଶୁଦ୍ଧ ଜ୍ଞାନ ତାକୁ ଉତ୍ତରାଧିକାରୀ ସୂତ୍ରେ ପ୍ରାପ୍ତ ହୋଇଛି ବୋଲି ସେ ଅନୁଭବ କରିବା ଉଚିତ । ଯଥାର୍ଥ ଭାବରେ ଅର୍ଜନ କରିବାକୁ ଚାହୁଁଥିବା ଏହି ଜ୍ଞାନର ବୈଭବ ପାଇଁ ସେ ବିଜ୍ଞ ଲୋକଙ୍କ ପରାମର୍ଶ ହାସଲ କରିବା ମଧ୍ୟ ଆବଶ୍ୟକ । ଦେଶାନ୍ତରବାସୀ ବା ପ୍ରବାସୀମାନେ ଏକତ୍ର ବସବାସ କରିବା ପାଇଁ ହଜରତ ମୁହମ୍ମଦ[ସଃ]ଙ୍କ ଏହି ଶିକ୍ଷା ସଠିକ ଓ ସଂପୂର୍ଣ୍ଣ ରୂପେ ମାର୍ଗଦର୍ଶନ କରେ । ମୁସଲିମମାନେ ସମାଜରେ ମିଳିମିଶି ରହିବା ଓ ପରସ୍ପର ମଧ୍ୟରେ ସ୍ନେହ,ଶ୍ରଦ୍ଧା ବୃଦ୍ଧି କରିବା ପାଇଁ ପ୍ରତ୍ୟେକ ଦେଶ, ସହର, ଅଂଚଳ କିମ୍ବା ସମାଜ ଯେଉଁଠାରେ ବି ସେ ବାସ କରୁଥାଉ, ସାମାଜିକ ଚଳଣୀ ପାଇଁ ସମସ୍ତ ପ୍ରକାର ଉତ୍ତମ ଦୃଷ୍ଟିକୋଣ ଏବଂ ନୈତିକ ଚିନ୍ତାଧାରାକୁ ଆଦରି ନେବା ଉଚିତ । ଏହି ଶିକ୍ଷା କେବଳ ଗ୍ରହଣ କରିଦେଲେ ଯଥେଷ୍ଟ ହେବ ନାହିଁ, ବରଂ ନିଜ ଜୀବନକାଳରେ ଏହାକୁ କାର୍ଯ୍ୟରେ ଲଗାଇବା ପାଇଁ ମଧ୍ୟ ମୁସଲିମମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ଯାହା ସମସ୍ତଙ୍କୁ ଏକତାର ସୂତ୍ରରେ ଆବଦ୍ଧ କରିବାର ଧାରଣା ଯାହା ମୁସଲମାନଙ୍କର ଅନୁସୃତ ପନ୍ଥା ହୋଇଛି, ତାହା ମନରେ ଅଙ୍କିତ କରାଗଲେ ପରସ୍ପର ମଧ୍ୟରେ ବିଶ୍ୱାସ ଓ ପ୍ରେମର ଅପୂର୍ବ ଆବେଗ ସୃଷ୍ଟି କରେ । ବାସ୍ତବିକ, ଜଣେ ପ୍ରକୃତ ବିଶ୍ୱାସୀଠାରୁ କିଏ ଅଧିକ ଶାନ୍ତିପ୍ରିୟ ହୋଇପାରେ ? କିଏ ବା ନିଜ ଧର୍ମପାଳନ ସହିତ ସବୁରିଙ୍କ ଆସ୍ଥା ଭାଜନ ହେବା ପାଇଁ ଅନ୍ୟ ମନୁଷ୍ୟ ସମାଜର ଭଲ ଗୁଣକୁ ମଧ୍ୟ ଆଦରି ନେବାକୁ ଚେଷ୍ଟା କରିବ ?ସେହି ବ୍ୟକ୍ତିଠାରୁ ଅଧିକ କିଏ ବା ଶାନ୍ତିର ପ୍ରସାରଣକୁ ଲୋକାଭିମୁଖୀ କରିପାରିବ ?

ଆଜିକାଲି ଗମନାଗମନର ସୁବିଧା ହେବା ଯୋଗୁଁ ପୃଥିବୀ ଏକ ଗୋଲାକାର ଗ୍ରାମରେ ପରିଣତ ହୋଇଛି । ୧୪୦୦ ବର୍ଷ ପୂର୍ବେ ଦିବ୍ୟ ଅବତାର[ସଃ] ଭବିଷ୍ୟବାଣୀ କରିଥିଲେ ଯେ ସମଗ୍ର ପୃଥିବୀ ଏକାକାର ହୋଇଯିବ ଏବଂ କ୍ରମଶଃ ସଂକୁଚିତ ହେବା ପରି ପରିଦୃଷ୍ଟ ହେବ । ସେ କହିଥିଲେ ଯେ ଗମନାଗମନର ଆଧୁନିକ ବ୍ୟବସ୍ଥା ଏବଂ ଦ୍ରୁତ ଗତିରେ ଯାତାୟତ ପାଇଁ ସମର୍ଥ ହେବା ଯୋଗୁଁ ଲୋକମାନେ ସମଗ୍ର ପୃଥିବୀକୁ ଦେଖିବାରେ ସମର୍ଥ ହେବେ । ଏହି ଭବିଷ୍ୟତବାଣୀକୁ ବିସ୍ତୃତ ଭାବରେ ବର୍ଣ୍ଣନା କରିବାକୁ ଯାଇ ସେ କହିଥିଲେ ଯେ ସମୟ ଆସିବ ଯେତେବେଳେ ଲୋକମାନେ ନିଜର ହଜି ଯାଇଥିବା ଧନକୁ ଫେରି ପାଇବା ସଦୃଶ ଜଣେ ଅନ୍ୟର ଭଲ କର୍ମକୁ ଗ୍ରହଣ କରିବା ପାଇଁ ଆଗଭର ହେବେ । ଏହାକୁ ଅନ୍ୟ ଅର୍ଥରେ କୁହାଯାଇପାରେ ଯେ ସମସ୍ତ ସକାରାତ୍ମକ ଚିନ୍ତାଧାରାକୁ

ଆପଣେଇବା ସହିତ ସମସ୍ତ ଅସତ୍ କାର୍ଯ୍ୟକୁ ବର୍ଜନ କରିବା ଆମ ପକ୍ଷେ ଶ୍ରେୟସ୍କର । ପବିତ୍ର କୁରଆନର ଦୈବୀ ବାଣୀ ଅନୁଯାୟୀ ସେହି ହେଉଛି ଖାଣ୍ଟି ମୁସଲିମ୍ ଯିଏ ଭଲ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦିଏ ଓ ମନ୍ଦ କାର୍ଯ୍ୟରୁ ବାରଣ କରେ ।

ଏହି ସବୁ ବିଷୟରେ ଚିନ୍ତା କଲେ ଦେଖାଯିବ ଯେ କୌଣସି ଦେଶ ବା ସମାଜ ଏହିପରି ପନ୍ଥାକୁ ଅନୁସରଣ କରୁଥିବା ଶାନ୍ତିପ୍ରିୟ ମୁସଲିମମାନଙ୍କୁ ନିଜ ଗହଣରେ ଗ୍ରହଣ କରିବାକୁ ଆଦୌ କୁଣ୍ଠାବୋଧ କରିବ ନାହିଁ । ଗତବର୍ଷ ମୋତେ ବର୍ଲିନର ମେୟରଙ୍କୁ ଭେଟିବାର ସୁଯୋଗ ମିଳିଥିଲା । ମୁଁ ତାଙ୍କୁ ବୁଝାଇଥିଲି ଯେ କୌଣସି ଦେଶର ଭଲ କାର୍ଯ୍ୟକୁ ତୁମେ ଏପରି ଦୃଷ୍ଟିରେ ଦେଖ ସତେ ଯେପରି ତାହା ତୁମ ନିଜର ବ୍ୟକ୍ତିଗତ ସଂପତ୍ତି । ଏହାର ଉତ୍ତରରେ ସେ କହିଲେ ଯେ ଏହି ଶିକ୍ଷା ଅନୁଯାୟୀ କାର୍ଯ୍ୟ କଲେ ସାରା ଦୁନିଆ ଆପଣଙ୍କ ହାତରେ ହାତ ମିଳାଇବ ଏବଂ ଆପଣଙ୍କୁ ଏ କ୍ଷେତ୍ରରେ ଅକୁଣ୍ଠ ସମର୍ଥନ ଯୋଗାଇବ । ଏଥିରେ କୌଣସି ସନ୍ଦେହର ଅବକାଶ ନାହିଁ ।

ଜର୍ମାନୀର କେତେକ ଭାଗରେ ଲୋକେ ଦୃଢ ସ୍ୱରରେ କହନ୍ତି ଯେ ଇସଲାମ ଧର୍ମର ଯେତେସବୁ ଅନୁଗାମୀ ଅଛନ୍ତି, ସେମାନେ କଦାପି ଜର୍ମାନ ସମାଜରେ ଏକାଠି ମିଳିମିଶି ରହି ପାରିବେ ନାହିଁ । ଅବଶ୍ୟ ଏହା ନିଶ୍ଚିତ କଥା ଯେ ଚରମପନ୍ଥୀ ମୁସଲିମ ଗୋଷ୍ଠୀ କେବଳ ଜର୍ମାନୀ କାହିଁକି ଅନ୍ୟ ଯେ କୌଣସି ଦେଶ ବା ସମାଜ ସହିତ ମିଶି ପାରନ୍ତି ନାହିଁ । ସେ ସମୟ ଆସୁଛି ଯେତେବେଳେ ସେମାନଙ୍କ ଉଗ୍ରବାଦୀ ଚିନ୍ତାଧାରା ଓ କାର୍ଯ୍ୟକଳାପ ବିରୁଦ୍ଧରେ ପ୍ରତିବାଦର ସ୍ୱର ନିଶ୍ଚିତ ରୂପେ ମୁସଲିମ ଦେଶରେ ମଧ୍ୟ ଗୁଞ୍ଜରିତ ହେବ । ତେବେ ସେ ଯାହା ହେଉନା କାହିଁକି ଦିବ୍ୟ ବାର୍ତ୍ତାବହ ମୁହମ୍ମଦ[ସଃ] ଆଣିଥିବା ଇସଲାମର ବାସ୍ତବ ପ୍ରତିଛବି ନିଶ୍ଚିତ ଭାବେ ଭଦ୍ରଶୀଳ ବ୍ୟକ୍ତିଙ୍କୁ ସର୍ବଦା ଆକର୍ଷିତ କରୁଥିବ । ଚଳିତ ଯୁଗରେ ମୁହମ୍ମଦ[ସଃ]ଙ୍କ ଦାସତ୍ୱରେ ଅଲ୍ଲାଃ ପ୍ରତିଶ୍ରୁତ ମସିହ[ଅଃ]ଙ୍କୁ ଉକ୍ତ ମୌଳିକ ଶିକ୍ଷାକୁ ପୁନଃ ପ୍ରଣୟନ କରିବା ପାଇଁ ପଠାଇଛନ୍ତି । ତାଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ଅହମଦୀୟା ସଂପ୍ରଦାୟ ଇସଲାମର ପ୍ରକୃତ ଶିକ୍ଷାରେ ଅନୁପ୍ରାଣୀତ ହେଉଛନ୍ତି ଓ ଏହାର ପ୍ରକୃତ ବାର୍ତ୍ତାକୁ ସର୍ବତ୍ର ବିତରଣ କରୁଛନ୍ତି ।

ପ୍ରଥମତଃ ଏହା ସ୍ପଷ୍ଟ କରିବା ଉଚିତ ହେବ ଯେ ଇସଲାମର ନୀତି ନିୟମ କୌଣସି ସାମାଜିକ ଚଳଣୀରେ ମିଶିପାରିବ ନାହିଁ ଅଥବା ଖାପ ଖୁଆଇ ଚଳିପାରିବ ନାହିଁ ବୋଲି ଯୁକ୍ତିଯୁକ୍ତ ଭାବରେ କୌଣସି ବ୍ୟକ୍ତି ଦାବି କରିପାରିବେ ନାହିଁ । ତାହା ହେଉଛି ପ୍ରକୃତ ଇସଲାମ ଯାହା ନୈତିକତା ଓ ସଦ୍‌ଗୁଣର ବାର୍ତ୍ତା ପ୍ରବର୍ତ୍ତନ କରେ

ଏବଂ ସମସ୍ତ ପ୍ରକାର ମନ୍ଦ ଓ ପାପ କାର୍ଯ୍ୟକୁ ପରିହାର କରେ । ଯେଉଁଠାରେ ବି କ୍ରୁରତା ଏବଂ ଅନିଷ୍ଟତାର ପ୍ରାଦୁର୍ଭାବ ରହିଛି, ସେ ସବୁକୁ ଦୂର କରିବା ପାଇଁ ମୁସଲମାନମାନଙ୍କୁ ଇସଲାମ ଶିକ୍ଷା ଦିଏ । ଏକତା ଓ ଅଖଣ୍ଡତା ପ୍ରତିଷ୍ଠା କରିବାରେ ବିଫଳ ହୋଇଥିବା ସମାଜକୁ ଇସଲାମ୍ ଚୁମ୍ବକ ପରି ନିଜ ଆଡକୁ ଟାଣି ଆଣେ । କୌଣସି ବ୍ୟକ୍ତି ନିଜ ପାଇଁ ଯେପରି ଶାନ୍ତିର କାମନା କରେ ବା ଶାନ୍ତି ପ୍ରାପ୍ତି ପାଇଁ ଉଦ୍ୟମ କରେ, ଠିକ ସେହିପରି ଅନ୍ୟ ଲୋକମାନଙ୍କ ମଧ୍ୟରେ ଶାନ୍ତି ଓ ସଂହତି ପ୍ରତିଷ୍ଠାର ଲକ୍ଷ୍ୟ ସାଧନ ପାଇଁ ସମସ୍ତ ପ୍ରକାର ପ୍ରୟାସ ଜାରି ରଖିବାକୁ ଇସଲାମ ନିର୍ଦ୍ଦେଶ ଦେଇଛି । ଏପରି ନିଃସ୍ୱାର୍ଥପର ଭାବନା ପୃଥିବୀରେ ଶାନ୍ତି ପ୍ରତିଷ୍ଠା ପାଇଁ ଉତ୍ତମ ମାର୍ଗ ପ୍ରସ୍ତୁତ କରେ । ଏପରି କୌଣସି ଜନ ସମାଜ ଅଛି ଯେ ଏହି ଶିକ୍ଷାକୁ ପ୍ରଶଂସା ନ କରି ରହିପାରିବ କିମ୍ବା ଏହି ଉପାୟକୁ ଗ୍ରହଣ କରିବାକୁ କୁଣ୍ଠାବୋଧ କରିବ ? ନିଶ୍ଚିତ ଭାବରେ ଏକ ଉତ୍ତମ ସମାଜ ଅନୈତିକତାକୁ କେବେହେଲେ ପ୍ରଶୟ ଦେବ ନାହିଁ ଅଥବା ପାପକର୍ମକୁ ପ୍ରୋତ୍ସାହିତ କରିବ ନାହିଁ । ତେଣୁ ଶାନ୍ତି ଓ ସଦ୍‌ଭାବନାର ଅଗ୍ରଗତିକୁ ସମାଜ ମଧ୍ୟରେ ପ୍ରତିରୋଧ କରାଯିବା ଆଦୌ ସ୍ପୃହଣୀୟ ନୁହେଁ ।

'ସଦ୍‌ଗୁଣ' କିମ୍ବା 'ଉତ୍କୃଷ୍ଟତା' ଏପରି ଏକ ଶବ୍ଦ ଯାହାର ସଠିକ ଅର୍ଥ ନିର୍ଣ୍ଣୟ କଲାବେଳେ ଜଣେ ଧାର୍ମିକ ବ୍ୟକ୍ତି ଓ ଜଣେ ଅଣ ଧାର୍ମିକ ବ୍ୟକ୍ତି ମଧ୍ୟରେ ତାହାର ସଂଜ୍ଞା ଭିନ୍ନ ଭିନ୍ନ ହୋଇପାରେ । ଏହି ଉତ୍କୃଷ୍ଟ ନୈତିକତାର ଯେଉଁ ଦିଗକୁ ଇସଲାମ ସୂଚିତ କରେ, ତହିଁରେ ଦୁଇଟି ପ୍ରଧାନ ସଦ୍‌ଗୁଣର ଉତ୍ସ ରହିଛି । ତନ୍ମଧ୍ୟରୁ ଅନ୍ୟ ସମସ୍ତ ଭଲ ଗୁଣ ବାହାରିଛନ୍ତି । ଗୋଟିଏ ହେଉଛି ଅଲ୍ଲାଃଙ୍କ ପ୍ରତି ମନୁଷ୍ୟର କର୍ତ୍ତବ୍ୟ ଓ ଅନ୍ୟଟି ମାନବ ସମାଜ ପ୍ରତି ମନୁଷ୍ୟର କର୍ତ୍ତବ୍ୟ । ଗୋଟିଏ ଦିଗରୁ ଦେଖିଲେ ଧାର୍ମିକ ଏବଂ ଅଣ ଧାର୍ମିକ ବ୍ୟକ୍ତି ମଧ୍ୟରେ ଏହାର ସଂଜ୍ଞାରେ ପ୍ରାର୍ଥକ୍ୟ ଦେଖାଦିଏ । ଅଥଚ ଏହାର ଅନ୍ୟ ଦିଗଟି ଯାହା ମାନବ ସମାଜ ପ୍ରତି ରହିଥିବା ନିଜର କର୍ତ୍ତବ୍ୟକୁ ସୂଚାଏ, ସେହି ସଂଜ୍ଞାରେ ଉଭୟ ପ୍ରକାର ବ୍ୟକ୍ତିଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ନ ଥାଏ । ଅଲ୍ଲାଃଙ୍କ ପ୍ରତି କର୍ତ୍ତବ୍ୟ କହିଲେ ଉପାସନାକୁ ବୁଝାଏ, ଯାହାକୁ ବିଭିନ୍ନ ଧର୍ମର ଅନୁଗାମୀମାନେ ନିଜସ୍ୱ ରୀତିରେ ପାଳନ କରନ୍ତି । କିନ୍ତୁ ମନୁଷ୍ୟର ମାନବଜାତି ପ୍ରତି ଯେଉଁ କର୍ତ୍ତବ୍ୟ ରହିଛି, ସେଥିରେ ଉଭୟ ଧର୍ମ ଏବଂ ସମାଜ ସମଭାବରେ ସଂପୃକ୍ତ । ଏହି ନୈତିକ ଶିକ୍ଷାକୁ ଇସଲାମ ଗଭୀର ଭାବରେ ଆଲୋକପାତ କରିଛି । ମାନବ ପ୍ରତି କର୍ତ୍ତବ୍ୟ ଅର୍ଥାତ୍ ମାନବ ସେବା ସଂପର୍କରେ ପୁଙ୍ଖାନୁପୁଙ୍ଖ ଭାବରେ ବ୍ୟାଖ୍ୟା କରିଛି । ଏହି ପ୍ରସଙ୍ଗରେ ସମସ୍ତ ଦିଗକୁ ସୀମିତ

ସମୟରେ ଅବତାରଣା କରିବା ସମ୍ଭବ ନୁହେଁ । ତେବେ କେତେକ ଗୁରୁତ୍ୱପୂର୍ଣ୍ଣ କର୍ତ୍ତବ୍ୟ ବିଷୟରେ ମୁଁ ଏଠାରେ ବ୍ୟକ୍ତ କରିବି, ଯାହା ଇସଲାମ ଦ୍ୱାରା ପ୍ରତିପାଦିତ ହୋଇଛି । ସୁତରାଂ ସମାଜରେ ଶାନ୍ତି ପ୍ରତିଷ୍ଠା ଦିଗରେ ଏହି ଶିକ୍ଷାଗୁଡ଼ିକ ଅବଶ୍ୟ ସହାୟକ ହେବ ।

ଇସଲାମର ଶିକ୍ଷା ହେଉଛି: ଅନ୍ୟ ଲୋକମାନଙ୍କ ଭାବନା ଓ ଆବେଗ ପ୍ରତି ଯତ୍ନବାନ ହୁଅ ଏବଂ ତାଙ୍କ ନିର୍ମଳ ଭାବମୂର୍ତ୍ତି ପ୍ରତି ସମ୍ମାନ ପ୍ରଦର୍ଶନ କର । ଧାର୍ମିକ ଭାବନା ଜଡିତ ରହିବା ସହିତ ସାମାଜିକ ଚଳଣିରେ ଅନ୍ୟମାନଙ୍କର ଯେଉଁ ଭାବ ପ୍ରବଣତା ଦେଖାଦିଏ, ସେସବୁ ଏହି ଶିକ୍ଷାର ଅନ୍ତର୍ଭୁକ୍ତ । ଏକଦା ଦିବ୍ୟ ଅବତାର ମୁହମ୍ମଦ ଜଣେ ଇହୁଦୀଙ୍କର ଧାର୍ମିକ ଭାବନାର ସୁରକ୍ଷା କରିବାକୁ ଯାଇ ମୁସଲିମ ଓ ତାଙ୍କ ମଧ୍ୟରେ ହୋଇଥିବା ବଚସାରେ ଇହୁଦୀଙ୍କର ପକ୍ଷ ନେଇଥିଲେ । ସେହି ମୁସଲିମ ବ୍ୟକ୍ତିକୁ କଠୋର ଭର୍ତ୍ସନା କରି ସେ କହିଥିଲେ ଯେ ତୁମେ ଅବତାର ମୋସେସ୍‌ଙ୍କ ଠାରୁ ମୁହମ୍ମଦ ଶ୍ରେଷ୍ଠ ବୋଲି ଦାବି କରି କହିବା ଆଦୌ ଉଚିତ ହୋଇନାହିଁ । ସେ ସ୍ୱୟଂ ଅନ୍ତିମ ବିଧାନବାହୀ ଅବତାରର ମାନ୍ୟତା ଲାଭ କରିଥିଲେ ମଧ୍ୟ ଅନ୍ୟ ଧର୍ମାବଲମ୍ବୀଙ୍କ ଭାବାବେଗ ପ୍ରତି ଅଧିକ ଧ୍ୟାନ ଦେଉଥିଲେ ଯାହା ତତ୍କାଳୀନ ମାନବ ସମାଜ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ଦିଗରେ ସହାୟକ ହୋଇଥିଲା ।

ଇସଲାମର ଅନ୍ୟ ଏକ ମହାନ ଶିକ୍ଷା ଅନୁଯାୟୀ ଗରିବ ଓ ଅବହେଳିତ ଲୋକଙ୍କର ଯେଉଁ ସବୁ ମୌଳିକ ଆବଶ୍ୟକତା ରହିଛି, ତାହା ପୂରଣ କରିବା ଏବଂ ସେମାନଙ୍କୁ ବଞ୍ଚିବାର ଅଧିକାର ପ୍ରଦାନ କରିବା ଉଚିତ । ସାମାଜିକ ସ୍ତରରେ ନିଷ୍ପେସିତ ଓ ଦଳିତ ବର୍ଗର ଲୋକଙ୍କ ଉତ୍ଥାନ ପାଇଁ ସେଠାକାର ପରିସ୍ଥିତି ମଧ୍ୟରେ ମିଳୁଥିବା ସୁଯୋଗକୁ ହାତଛଡା କରିବା ଅନୁଚିତ ଏବଂ ଏହାର ଅନୁସନ୍ଧାନରେ ଲୋକମାନେ ଆଗେଇ ଆସିବା ଉଚିତ । ସୁତରାଂ ଯେଉଁମାନେ ଜୀବନ ଧାରଣର ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ଆମେ ନିଃସ୍ୱାର୍ଥପର ଭାବରେ ସାହାଯ୍ୟ କରିବା ଉଚିତ ଓ କୌଣସି ମତେ ସେମାନଙ୍କୁ ଶୋଷଣ କରିବା ଉଚିତ ନୁହେଁ । ଦୁର୍ଭାଗ୍ୟବଶତଃ ସାମାଜିକ ସୁବିଧାରୁ ବଞ୍ଚିତ ଲୋକଙ୍କୁ ସାହାଯ୍ୟ କରିବା ନାମରେ ଆଜିକାଲି ଏପରି ଆର୍ଥିକ ଯୋଜନାମାନ ପ୍ରସ୍ତୁତ କରାଯାଉଛି, ଯଦ୍ୱାରା ଋଣ ସୂତ୍ରରେ ଜଣେ ବ୍ୟକ୍ତିଙ୍କୁ ଚଢା ଦରରେ ସୁଧ ସହ ଋଣ ରାଶି ଫେରସ୍ତ କରିବାକୁ ପଡୁଛି । ଉଦାହରଣ ସ୍ୱରୂପ ଶିକ୍ଷା ସଂପୂର୍ଣ୍ଣ କରିବା ପାଇଁ କିମ୍ବା ବ୍ୟବସାୟ କରିବା ପାଇଁ ଯେଉଁ ଋଣ ଦିଆଯାଉଛି, ତାହା ଶୁଝିବା ପାଇଁ ଋଣଗ୍ରହୀତାଙ୍କୁ ବର୍ଷ ବର୍ଷ ଲାଗିଯାଉଛି । ଏପରିକି କେବେ କେବେ ଦଶ ବର୍ଷ ଧରି ଋଣ ଶୁଝିବା ଫଳରେ ଋଣଗ୍ରସ୍ତ ଲୋକ

ଦେବାଳିଆ ହୋଇଯାଉଛି । ଫଳତଃ ସେ ପୁଣି ପୂର୍ବପରି ଆର୍ଥିକ ଅନାଟନର ମୂଳ ସ୍ଥିତିରେ ପହଞ୍ଚି ଯାଉଛି । ବିଗତ ବର୍ଷମାନଙ୍କ ମଧ୍ୟରେ ଏହାର ଅଗଣିତ ଦୃଷ୍ଟାନ୍ତ ରହିଛି ଯଦ୍ୱାରା ପୃଥିବୀର ଅନେକ ଭାଗରେ ଆଜି ଆର୍ଥିକ ସଙ୍କଟ ଦେଖାଯାଇଛି ।

ଇସଲାମ ବିରୁଦ୍ଧରେ ଆଉ ଏକ ଅଭିଯୋଗ ରହିଛି ନାରୀମାନଙ୍କ ପ୍ରସଙ୍ଗ ଉପରେ । ସେମାନଙ୍କୁ ସମାନ ଅଧିକାର ଓ ସାମାଜିକ ମାନ୍ୟତା ଦିଆଯାଉନାହିଁ ବୋଲି ହେଉଥିବା ଏହି ଆରୋପ ଅମୂଳକ ଓ ଭିତ୍ତିହୀନ । କାରଣ ଇସଲାମ ନାରୀମାନଙ୍କୁ ଉଚ୍ଚସ୍ତରୀୟ ମର୍ଯ୍ୟାଦା ଏବଂ ସମ୍ମାନ ଦେଇଥାଏ । ମୁଁ ଏହାର ଗୋଟିଏ ବା ଦୁଇଟି ଉଦାହରଣ ଦେଉଛି । ଯେତେବେଳେ ମନୁଷ୍ୟ ନାରୀମାନଙ୍କୁ ତାଙ୍କର ଏକ ଅସ୍ଥାୟୀ ସଂପତ୍ତି ବା ଉପଭୋଗ୍ୟ ବସ୍ତୁ ରୂପେ ବିବେଚନା କରୁଥିଲା, ସେହି ସମୟର ସ୍ୱାମୀର ଦୁର୍ବ୍ୟବହାର ଯୋଗୁଁ ସ୍ତ୍ରୀ ତାକୁ ଛାଡପତ୍ର ଦେବାର ଅଧିକାର ଇସଲାମ ପ୍ରଦାନ କରିଥିଲା । ଏଇମାତ୍ର ବିଗତ ଶତାବ୍ଦୀର ବିକାଶଶୀଳ ରାଷ୍ଟ୍ରଗୁଡିକ ନାରୀମାନଙ୍କୁ ମର୍ଯ୍ୟାଦାଜନକ ଭାବେ ବଞ୍ଚିବାର ଅଧିକାର ପ୍ରଦାନ କରିବା କ୍ଷେତ୍ରରେ ବିହିତ ବ୍ୟବସ୍ଥା ପ୍ରଣୟନ କରିଛି । ସେହିପରି ଯେତେବେଳେ ସମାଜରେ ନାରୀର ସ୍ଥାନ ଅତି ଗୌଣ ମନେ କରାଯାଉଥିଲା, ଇସଲାମ ସେତେବେଳେ ନାରୀମାନଙ୍କୁ ଉତ୍ତରାଧିକାର ସୂତ୍ରେ ସଂପତ୍ତି ପାଇବା ସଂବନ୍ଧୀୟ ନିୟମ ପ୍ରଣୟନ କରିଥିଲା । ବର୍ତ୍ତମାନ ୟୁରୋପରେ ମହିଳାମାନଙ୍କୁ ଏହି ଅଧିକାର ଉପଭୋଗ କରିବା ପାଇଁ ସ୍ୱୀକୃତି ମିଳିଛି । ଇସଲାମର ଆଉ ଏକ ମହତ୍ତ୍ୱପୂର୍ଣ୍ଣ ଦିଗ ପ୍ରତି ମୁଁ ଆପଣମାନଙ୍କ ଧ୍ୟାନ ଆକର୍ଷଣ କରୁଛି । ତାହା ହେଉଛି ପ୍ରତିବେଶୀମାନଙ୍କ ଅଧିକାର ।

ଏହି ପ୍ରସଙ୍ଗରେ ପବିତ୍ର କୁରଆନ ବିସ୍ତୃତ ଭାବରେ ବୁଝାଇ ଆମକୁ ସେମାନଙ୍କ ପ୍ରକୃତ ପରିଚୟ ଦେଇଛି । କିଏ ତୁମର ପ୍ରକୃତ ପଡୋଶୀ ଓ ସେମାନଙ୍କର କ'ଣ ସବୁ ଅଧିକାର ରହିଛି । ସୁତରାଂ ପଡୋଶୀ ଭାବରେ ସେହିମାନଙ୍କୁ ଅନ୍ତର୍ଭୁକ୍ତ କରାଯିବ, ଯେଉଁମାନେ ତୁମ ନିକଟରେ ବସିଛନ୍ତି ଆଉ ଯେଉଁମାନେ ତୁମ ନିକଟବର୍ତ୍ତୀ ଗୃହରେ ରହୁଛନ୍ତି । ସେମାନେ ମଧ୍ୟ ତୁମ ପ୍ରତିବେଶୀ ଯେଉଁମାନଙ୍କୁ ତୁମେ ଜାଣିଛ ଓ ଯେଉଁମାନଙ୍କୁ ତୁମେ ଆଦୌ ଜାଣି ନାହ । ତୁମ ଚତୁର୍ପାର୍ଶ୍ୱରେ ପରିବେଷ୍ଟିତ ହୋଇ ରହିଥିବା ଚାଳିଶଟି ଗୃହକୁ ମଧ୍ୟ ପଡୋଶୀର ଘର ଭାବରେ ବିବେଚନା କରାଯିବ । ସେମାନଙ୍କୁ ମଧ୍ୟ ତୁମ ପଡୋଶୀ କୁହାଯିବ, ଯେଉଁମାନେ ତୁମ ସହିତ ଯାତ୍ରା କରୁଛନ୍ତି । ସେମାନଙ୍କ ସହିତ ଯାତ୍ରାକାଳୀନ ସମୟରେ ସେମାନଙ୍କ ବିହିତ ଯତ୍ନ ନେବା ପାଇଁ ଅଲ୍ଲାଃ ଆଦେଶ ଦେଇଛନ୍ତି । ପଡୋଶୀମାନଙ୍କ ଅଧିକାରକୁ ଏପରି ଗୁରୁତ୍ୱ ସହକାରେ ଗ୍ରହଣ କରାଯାଇଛି ଯେ

ଆମମାନଙ୍କ ପାଇଁ ନିର୍ଦ୍ଧାରଣ କରାଯାଇଥିବା ଉତ୍ତରାଧିକାରୀମାନଙ୍କ ମଧ୍ୟରେ ପଡୋଶୀମାନେ ମଧ୍ୟ ଅନ୍ତର୍ଭୁକ୍ତ ବୋଲି ଦିବ୍ୟ ଅବତାର ମୁହମ୍ମଦ(ସ) ବିବେଚନା କରୁଥିଲେ । ସେ ଏହା ମଧ୍ୟ କହିବା ପର୍ଯ୍ୟନ୍ତ ଯାଇଥିଲେ ଯେ ଯେଉଁ ବ୍ୟକ୍ତିଙ୍କ ଠାରୁ ପଡୋଶୀମାନେ ସୁରକ୍ଷିତ ନୁହନ୍ତି, ସେମାନେ କେବେ ମୁସଲିମ ପଦବାଚ୍ୟ ନୁହନ୍ତି ।

ଇସଲାମର ଅନ୍ୟ ଏକ ଆଦେଶ ହେଉଛି: ସମସ୍ତଙ୍କର ମଙ୍ଗଳ କାମନା କରିବା । ସେଥିପାଇଁ ସମସ୍ତ ମାନବଗୋଷ୍ଠୀ ଜଣେ ଅନ୍ୟର ସାହାଯ୍ୟ ସହଯୋଗ କରିବା ଏକାନ୍ତ ଆବଶ୍ୟକ । ଯଦ୍ୱାରା ଦୁର୍ବଳ ଓ ଅରକ୍ଷିତ ଲୋକଙ୍କ ସାମାଜିକ ସ୍ଥିତିକୁ ସୁଧାରିବା ତଥା ସେମାନଙ୍କ ଜୀବନର ଆର୍ଥିକ ମାନଦଣ୍ଡରେ ଉନ୍ନତି ଆଣିବା ସମସ୍ତଙ୍କର କର୍ତ୍ତବ୍ୟ ହେଉ । ଏହି ଆବଶ୍ୟକତାକୁ ପୂରଣ କରିବା ପାଇଁ ଇସଲାମର ଶିକ୍ଷା କାର୍ଯ୍ୟକାରୀ କରିବା ଲକ୍ଷ୍ୟ ନେଇ ଅହମଦୀୟା ମୁସଲିମ ଜମାଅତ ପୃଥିବୀର ଅଭାବଗ୍ରସ୍ତ ଓ ଦରିଦ୍ର ଲୋକ ବାସ କରୁଥିବା ଅଂଚଳ ମାନଙ୍କରେ ପ୍ରାଥମିକ ଶିକ୍ଷା ଠାରୁ ଆରମ୍ଭ କରି ଉଚ୍ଚତର ଶିକ୍ଷାର ସକଳ ସୁବିଧା ଯୋଗାଇ ଦେଇଅଛି । ସେଥିପାଇଁ ସ୍କୁଲ ନିର୍ମାଣ କରି ସେମାନଙ୍କୁ ପାଠ ପଢାଇବାର ସମସ୍ତ ବ୍ୟବସ୍ଥା କରାଯାଇଛି । ସେମାନଙ୍କ ପାଇଁ ଶିକ୍ଷା ଭତ୍ତା ଓ ଉଚ୍ଚଶିକ୍ଷା ଲାଭ ପାଇଁ ଆର୍ଥିକ ଅନୁଦାନ ମଧ୍ୟ ଦିଆଯାଉଛି । ଯଦ୍ୱାରା ଅଭାବଗ୍ରସ୍ତ ଶିକ୍ଷାର୍ଥୀମାନେ ନିଜ ଗୋଡରେ ଛିଡା ହେବାପାଇଁ ସକ୍ଷମ ହୋଇ ପାରିବେ ଓ ସ୍ୱାବଲମ୍ବୀ ହୋଇପାରିବେ ।

ଇସଲାମର ଅନ୍ୟ ଏକ ଆଦେଶରେ କୁହାଯାଇଛି ଯେ ତୁମେ ନିଶ୍ଚିତ ଭାବରେ ନିଜର ପ୍ରତିଶ୍ରୁତି ପାଳନ କର ଓ ଅଙ୍ଗୀକାରକୁ ପୂରଣ କର । ସେ ସମସ୍ତ ପ୍ରତିଶ୍ରୁତି ଏହାର ଅନ୍ତର୍ଭୁକ୍ତ ଯାହାକୁ ତୁମେ ଜଣେ ଅନ୍ୟ ସହିତ ଅନୁବନ୍ଧିତ କରିଅଛ । ଜଣେ ମୁସଲିମ ନାଗରିକ ଭାବରେ ନିଜ ଦେଶ ସହିତ କରିଥିବା ଦେଶଭକ୍ତି ଏବଂ ବିଶ୍ୱସ୍ତତାର ସଂକଳ୍ପକୁ ମଧ୍ୟ ପୂରଣ କରିବା ଆବଶ୍ୟକ । ଏ ବିଷୟରେ ମୁଁ ପୂର୍ବରୁ କହିଆସିଛି ।

ସୁତରାଂ ମୁଁ ଅଳ୍ପ କେତୋଟି ବିଷୟରେ ଆପଣମାନଙ୍କୁ ସୂଚନା ଦେଇଛି । ତତ୍‌ସହିତ ଇସଲାମ ଏକ ସ୍ନେହପ୍ରବଣ ସର୍ବସହନଶୀଳ ଧର୍ମ ହୋଇଥିବାର ସତ୍ୟତାକୁ ପ୍ରମାଣ କରି ଦେଖାଇଛି । କିନ୍ତୁ ଅତ୍ୟନ୍ତ ପରିତାପର ସହିତ ମୋତେ କହିବାକୁ ପଡୁଛି ଯେ ଇସଲାମର ନୀତିଶିକ୍ଷା ପୃଥିବୀର ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଯେପରି ଦ୍ରୁତଗତିରେ ପ୍ରସାର ଲାଭ କରୁଛି, ପ୍ରତିପକ୍ଷ ବିରୋଧି ଗୋଷ୍ଠୀ ପ୍ରକୃତ ଇସଲାମର ଶିକ୍ଷା ସଂବନ୍ଧରେ ଅବଗତ ନ ଥାଇ ସୁଦ୍ଧା ଏହା ବିରୁଦ୍ଧରେ ବହୁ ଅବାନ୍ତର ଓ ମିଥ୍ୟା ଅଭିଯୋଗମାନ ଉଠାଇଛନ୍ତି । କିନ୍ତୁ ଯେପରି ମୁଁ କହିଛି, ଚଳିତ ଯୁଗରେ

ଅହମଦୀୟା ମୁସଲିମ ଜମାଅତ ଇସଲାମର ବାସ୍ତବ ବାର୍ତ୍ତା ପ୍ରଦର୍ଶିତ କରି ପ୍ରଚାର ଅଭିଯାନ ଚଳାଇଛି । ଏହି ଦୃଷ୍ଟିକୋଣରୁ ଇସଲାମ ବିରୁଦ୍ଧରେ ଅଯଥା ଦୋଷାରୋପ କରୁଥିବା ସେହି ମୁଷ୍ଟିମେୟ ଲୋକମାନଙ୍କୁ ମୁଁ ଅନୁରୋଧ କରୁଛି ଯେ କେତେକ ସଂଖ୍ୟାଲଘୁ ମୁସଲିମମାନଙ୍କ ଏତାଦୃଶ ଘୃଣ୍ୟ କାର୍ଯ୍ୟ କଳାପକୁ ଦେଖି ବିଭ୍ରାନ୍ତ ହୁଅନ୍ତୁ ନାହିଁ । ବରଂ ସେମାନଙ୍କୁ ଧରି ପ୍ରଶ୍ନ କରନ୍ତୁ ଯେ ସେମାନେ କାହିଁକି ଏପରି ଅନ୍ୟାୟ କରୁଛନ୍ତି । ତେଣୁ କିଛି ନ ବୁଝି ନ ଶୁଝି କେବଳ ସେମାନଙ୍କ ଦ୍ୱାହି ଦେଇ ଇସଲାମକୁ ଅଯଥାଟାରେ ବଦନାମ କରନ୍ତୁ ନାହିଁ ।

ଜର୍ମାନୀ କିମ୍ବା ଅନ୍ୟ କୌଣସି ଦେଶ ପ୍ରତି ଇସଲାମର ଶିକ୍ଷା ବିପଦପୂର୍ଣ୍ଣ ବୋଲି ଭାବିବା ଅଥବା ତାହା ଏକ ଭୟ ସୃଷ୍ଟି କରୁଥିବାର ସଙ୍କେତ ବୋଲି ବିବେଚନା କରିବା ଉଚିତ ନୁହେଁ । ମୁସଲିମମାନେ ଜର୍ମାନୀ ସଂସ୍କୃତିରେ ମିଶି ପାରିବେ କି ନାହିଁ ସେଥିପାଇଁ ଆପଣମାନେ ବିବ୍ରତ ହେବା ଉଚିତ ନୁହେଁ । ଯେପରି ମୁଁ ପୂର୍ବରୁ କହିଛି, ଇସଲାମର ବୈଶିଷ୍ଟ୍ୟ ହେଉଛି ଜଣେ ମୁସଲିମ ସମସ୍ତ ଭଲ ଗୁଣକୁ ଆଦରିବା ପାଇଁ ନୀତିଗତ ଶିକ୍ଷା ଗ୍ରହଣ କରେ । ସୁତରାଂ ନିଃସନ୍ଦେହରେ ସେ ଯେ କୌଣସି ସମାଜରେ ସାମିଲ ହୋଇ ପାରିବ ଓ ତା' ସହିତ ନିଜକୁ ଖାପ ଖୁଆଇ ଚଳିପାରିବ । ଏହାର ବିପରୀତ କାର୍ଯ୍ୟ ଯେଉଁ ବ୍ୟକ୍ତି କରେ ସେ କେବଳ ନାମକୁ ମାତ୍ର ମୁସଲିମ ବୋଲାଇଥାଏ ଏବଂ ସେ ଆଦୌ ଇସଲାମର ପ୍ରକୃତ ଶିକ୍ଷାକୁ ଅନୁସରଣ କରେ ନାହିଁ । ଏହା ନିଶ୍ଚିତ କଥା ଯେ ପବିତ୍ର କୁରଆନର ନିର୍ଦ୍ଦେଶକୁ ଅମାନ୍ୟ କରି କୌଣସି ଅସତ କାର୍ଯ୍ୟ କରିବା ପାଇଁ ମୁସଲିମ ବ୍ୟକ୍ତିକୁ ଯଦି କୁହାଯାଏ, ତା'ହେଲେ ସେମାନେ ତଦନୁରୂପ କାର୍ଯ୍ୟ କରି ପାରିବେ ନାହିଁ । କାରଣ ଯାହା ଶିଷ୍ଟାଚାର ବିରୁଦ୍ଧ କାର୍ଯ୍ୟ, ଯାହା ଧର୍ମର ଶୁଦ୍ଧତାକୁ ନଷ୍ଟ କରେ ଓ ଯାହା ଅନୈତିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରେ, ସେସବୁ କାର୍ଯ୍ୟ କରିବା ଜଣେ ସତ୍ୟନିଷ୍ଠ ମୁସଲିମ ପକ୍ଷରେ ଆଦୌ ଶୋଭନୀୟ ନୁହେଁ । ଏହି ସବୁ ପ୍ରସଙ୍ଗ ସମାଜରେ କେବଳ ଏକତା ପ୍ରତିଷ୍ଠା କରିବା ତଥା ସାମ୍ୟତା ଆଣିବାର ପ୍ରଶ୍ନ ନୁହେଁ, ବରଂ ପ୍ରକୃତ ପକ୍ଷେ ନିଜ ନିଜର ବ୍ୟକ୍ତିଗତ ଧାର୍ମିକ ସ୍ୱାଧୀନତା ସମ୍ବନ୍ଧରେ ଜଡିତ ଏକ ଦୃଢ ପ୍ରଭାବଶାଳୀ ପ୍ରଶ୍ନ ।

ତେବେ ଧର୍ମ ସଂକ୍ରାନ୍ତରେ ରହିଥିବା ସ୍ୱାଧୀନତାକୁ ଉଲଂଘନ କରିବା କେବଳ ଆଜି ମୁସଲିମମାନଙ୍କ ପାଇଁ ପ୍ରଶ୍ନ ହୋଇ ରହିନାହିଁ । ସେମାନେ ଏହା ବିରୁଦ୍ଧରେ କେବଳ ସ୍ୱର ଉତ୍ତୋଳନ କରିଦେଲେ ଚଳିବ ନାହିଁ, ବରଂ ସମସ୍ତ ନିଷ୍ଠାବାନ ବ୍ୟକ୍ତି ଏହାର ପ୍ରତିବାଦ କରିବା ଉଚିତ । କୌଣସି ସରକାର କିମ୍ବା ସମାଜ କାହାରି ବ୍ୟକ୍ତିଗତ ଧର୍ମଜନିତ ସ୍ୱାଧୀନତାରେ ହସ୍ତକ୍ଷେପ ନ କରିବା ପାଇଁ

ସେମାନେ ଖୋଲାଖୋଲି ଘୋଷଣା କରିବା ଉଚିତ । ଜର୍ମାନୀ ତଥା ପ୍ରତ୍ୟେକ ଦେଶ ଯେଉଁଠାରେ ବିଭିନ୍ନ ଜାତି, ଧର୍ମ ଓ ସଂସ୍କୃତିର ଲୋକ ବାସ କରୁଛନ୍ତି, ସେମାନଙ୍କ ନିକଟରେ ମୁଁ ନିବେଦନ କରୁଛି ଯେ ସେମାନେ ଉଚ୍ଚ ମାନର ସହିଷ୍ଣୁତା ପ୍ରଦର୍ଶନ କରନ୍ତୁ ଓ ପରସ୍ପର ମଧ୍ୟରେ ବିଶ୍ୱାସର ଭାବନା ଓ ଆବେଗକୁ ସମ୍ମାନ ଦିଅନ୍ତୁ । ଏହିପରି କଲେ ସେମାନେ ପାରସ୍ପରିକ ପ୍ରେମ, ସ୍ନେହ ଓ ଶାନ୍ତି ପ୍ରଦର୍ଶନ କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ପ୍ରାଧାନ୍ୟ ଲାଭ କରିପାରିବେ । କାରଣ ଏତାଦୃଶ ଉତ୍ତମ କାର୍ଯ୍ୟ ପୃଥିବୀର ଚୀରସ୍ଥାୟୀ ଶାନ୍ତି ଓ ନିରାପତ୍ତା ପାଇଁ ନିର୍ଭର ପ୍ରତିଶ୍ରୁତି ଦେଇଥାଏ । ଏହାଦ୍ୱାରା ପରସ୍ପର ମଧ୍ୟରେ ସହିଷ୍ଣୁତାର ଘୋର ଅଭାବ ଯୋଗୁଁ ପୃଥିବୀକୁ ଧ୍ୱଂସ ମୁଖରୁ ରକ୍ଷା କରାଯାଇ ପାରିବ ।

ଧ୍ୱଂସର କରାଳ ରାକ୍ଷସ ଆମ ସମ୍ମୁଖରେ ଭୟଙ୍କର ଭାବରେ ପ୍ରତୀୟମାନ ହେଉଛି । ଏଭଳି ଧ୍ୱଂସର ବିଭୀଷିକାରୁ ରକ୍ଷା ପାଇବା ପାଇଁ ପ୍ରତ୍ୟେକ ଦେଶ ଏବଂ ପ୍ରତ୍ୟେକ ବ୍ୟକ୍ତି ସେ ଧର୍ମପ୍ରେମୀ ହୋଇଥା'ନ୍ତୁ ବା ନ ହୋଇଥା'ନ୍ତୁ ପଛକେ ଅତି ସନ୍ତର୍ପଣରେ ଓ ସାବଧାନର ସହିତ ପାଦ ପକାଇ ଚାଲିବାକୁ ପଡିବ । ପ୍ରତ୍ୟେକ ଜଗତବାସୀ ଏହି ବାସ୍ତବିକତାକୁ ହୃଦୟଙ୍ଗମ କରନ୍ତୁ । ଏହା ହିଁ ମୋର କାମନା । ପରିଶେଷରେ ସେ ସମସ୍ତଙ୍କୁ ପୁନର୍ବାର ଧନ୍ୟବାଦ ଜଣାଉଛି । ଯେଉଁମାନେ ସମୟ ବ୍ୟୟ କରି ମୋ ବକ୍ତବ୍ୟ ଶୁଣିବା ପାଇଁ ଏଠାକୁ ଆସିଛନ୍ତି । ଈଶ୍ୱର ଆପଣମାନଙ୍କର ମଙ୍ଗଳ କରନ୍ତୁ ।

**- ଆପଣମାନଙ୍କୁ ଅଶେଷ ଧନ୍ୟବାଦ**



# ଇସଲାମ-ଶାନ୍ତି ଏବଂ ସହାନୁଭୂତିର ଧର୍ମ








The Deputy Prime Minister, Rt Hon Nick Clegg in discussion with Hadrat Khalifatul-Masih V[aba], House of Commons, London, 11th June 2013



The Home Secretary, Rt Hon Theresa May MP with Hadrat Khalifatul-Masih V[aba]



The Shadow Foreign Minister Rt Hon Douglas Alexander with Hadrat Khalifatul-Masih V[aba]



Rt. Hon Ed Davey MP with Hadrat Khalifatul-Masih V[aba]



Hadrat Khalifatul-Masih V[aba] received at the House of Commons by Rt Hon Ed Davey MP London, 11th June 2013



Rt Hon Ed Davey MP escorts Hadrat Khalifatul-Masih V[aba] through Westminster Hall, House of Commons, London, 11th June 2013



Hadrat Khalifatul-Masih V[aba] delivering his historic speech to Parliamentarians, VIPs and diplomats at the House of Commons, London, 11th June 2013

# ଭୂମିକା

ଅହମଦୀୟା ମୁସଲିମ ସଂପ୍ରଦାୟର ପଞ୍ଚମ ଖଲିଫା[ଅବ] ପୁଣ୍ୟଶ୍ଳୋକ ହଜରତ ମିର୍ଜ୍ଜା ମସରୁର ଅହମଦ୍ ସାହେବ, ବ୍ରିଟେନ ଜମାଅତ୍‌ର ଶତବାର୍ଷିକୀ ଉତ୍ସବ ପାଳନ ଅବସରରେ ୨୦୧୩ ମସିହା ଜୁନ୍ ୧୧ ତାରିଖ ଦିନ ଲଣ୍ଡନସ୍ଥିତ ସାଂସଦ ଭବନ (House of Parliament) ରେ ଆୟୋଜିତ ଏକ ଭବ୍ୟ ସମାରୋହକୁ ଉଦ୍‌ବୋଧନ ଦେଇଥିଲେ ।

ଏହି ଶତବାର୍ଷିକ ସମାରୋହରେ ୬୮ ଜଣ ସମ୍ମାନିତ ବ୍ୟକ୍ତି ଯୋଗ ଦେଇଥିଲେ । ତନ୍ମଧ୍ୟରେ ଥିଲେ ୩୦ ଜଣ ସାଂସଦ ଏବଂ ଉପର ସଦନ (House of Lords) ର ୧୨ ଜଣ ସଦସ୍ୟ । ଏଥିରେ ୬ ଜଣ କ୍ୟାବିନେଟ୍ ମନ୍ତ୍ରୀ ଏବଂ ଅନ୍ୟ ୨ ଜଣ ମନ୍ତ୍ରୀଙ୍କ ବ୍ୟତୀତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଯଥା BBC, Sky TV ଏବଂ ITV ର ସାମ୍ବାଦିକଗଣ ମଧ୍ୟ ଯୋଗ ଦେଇଥିଲେ ।

ସେଠାରେ ଉପସ୍ଥିତ ମାନ୍ୟଗଣ ଅତିଥିମାନଙ୍କ ମଧ୍ୟରେ ଥିଲେ The Rt. Hon.Ed Davey MP ତଥା Secretary of State for Energy and Climate Change, ଉପ ପ୍ରଧାନମନ୍ତ୍ରୀ The Rt,Hon. Nick Clegg MP, ଗୃହ ସଚିବ The Rt.Hon,Theresa May MP, the Shadow Foreign Secretary the Rt. Hon.Dougles Alexander MP, ଗୃହ ବ୍ୟାପାର ପାଇଁ ନିର୍ବାଚିତ କମିଟିର ଚେୟାରମ୍ୟାନ୍ Rt. Hon.Keith Vaz MP ଏବଂ Mitcham ଓ Mordenର ପାର୍ଲିଆମେଣ୍ଟ ସଦସ୍ୟ Siobhain Mc Donaugh ।

# ଇସଲାମ-ଶାନ୍ତି ଏବଂ ସହାନୁଭୂତିର ଧର୍ମ

ବିସମିଲ୍ଲାହିର୍ ରହମାନିର୍ ରହିମ୍: ଅଶେଷ ଦୟାବାନ ଓ ସଦା କରୁଣାମୟ ଅଲ୍ଲାଃଙ୍କ ନାମ ନେଇ ଆରମ୍ଭ କରୁଛି ।

ଆମର ନିମନ୍ତ୍ରିତ ବିଶିଷ୍ଟ ଅତିଥିଗଣ, ଅସ୍ ସଲାମୋ ଆଲେକୁମ୍ ରହମତୁଲ୍ଲାହେ ଓ୍ୱ ବରକାତୋହୁ : ଆପଣମାନେ ସମସ୍ତେ ଅଲ୍ଲାଃଙ୍କ ଶାନ୍ତି ଏବଂ ଆଶିଷ ପ୍ରାପ୍ତ କରନ୍ତୁ ।

ସର୍ବପ୍ରଥମେ ଅହମଦୀୟା ମୁସଲିମ ସଂପ୍ରଦାୟର ସେହି ବଂଧୁମାନଙ୍କୁ ଧନ୍ୟବାଦ ଜଣାଉଛି, ଯେଉଁମାନେ ବ୍ରିଟେନରେ ଆମ ସଂପ୍ରଦାୟର ଏକ ଶତ ବର୍ଷ ପୂର୍ତ୍ତି ଅବସରରେ ପାର୍ଲାମେଣ୍ଟ ସଦନ ଭିତରେ ସହୃଦୟତା ପୂର୍ବକ ଏହି ସମାରୋହରେ ଆୟୋଜନ କରିଛନ୍ତି, ଯଦ୍ୱାରା ଆମ ସହିତ ସେମାନଙ୍କର ବଂଧୁତାର ନିବିଡ ସଂପର୍କ ପ୍ରମାଣିତ ହୋଇପାରିବ । ଏହି ଉଦ୍ୟମର ସଫଳତାକୁ ପ୍ରମାଣିତ କରିବା ପାଇଁ ଯେଉଁମାନେ ଆଜି ସମାରୋହରେ ଯୋଗଦାନ କରିଛନ୍ତି, ସେହିସବୁ ଅତିଥିମାନଙ୍କୁ ମଧ୍ୟ ମୁଁ ଧନ୍ୟବାଦ ଅର୍ପଣ କରୁଛି । ଅନ୍ୟାନ୍ୟ ବ୍ୟସ୍ତବହୁଳ କାର୍ଯ୍ୟକୁ ଛାଡି ବହୁ ସଂଖ୍ୟକ ବ୍ୟକ୍ତି ଏହି ସମାରୋହରେ ଯୋଗ ଦେଇଥିବାରୁ ସେଥିପାଇଁ ମୁଁ ଅତ୍ୟନ୍ତ ଆନନ୍ଦିତ ।

ମୋର ପ୍ରଶଂସା ଓ ଧନ୍ୟବାଦ ଠାରୁ ଦୂରରେ ରହି କାର୍ଯ୍ୟ କରୁଥିବା ସମସ୍ତ ସରକାରୀ ବିଭାଗ ତଥା ସେଠାକାର କର୍ମଚାରୀମାନେ ଏହି ସାଂସଦ ଭବନର ସୁନ୍ଦର ଅଟ୍ଟାଳିକା ମଧ୍ୟରେ ରହି ସମ୍ମିଳନୀ ଆୟୋଜନ କରିବାରେ ସେମାନଙ୍କର ମହତ ଅବଦାନ ବାସ୍ତବିକ ଉଲ୍ଲେଖଯୋଗ୍ୟ । ବସ୍ତୁତଃ ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସେମାନେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ସେମାନଙ୍କ ପ୍ରତି ମୋର ଆନ୍ତରିକ

ଶୁଭ କାମନା ରହିଛି ଏବଂ ମୁଁ ପ୍ରାର୍ଥନା କରୁଛି ଯେ ସେମାନେ ଦେଶସେବା ଓ ଲୋକମାନଙ୍କ କଲ୍ୟାଣ ସକାଶେ କାର୍ଯ୍ୟ କରିବା ପାଇଁ ସମର୍ଥ ହୁଅନ୍ତୁ । ଅନ୍ୟଦେଶ ସହିତ ମଧ୍ୟ ସୁସଂପର୍କ ସ୍ଥାପନ କରିବାରେ ସେମାନଙ୍କ ଉତ୍ସାହ ବୃଦ୍ଧି ହେଉ ଓ ସେମାନେ ସର୍ବୋତ୍ତମ ଉପାୟରେ ଏହି କାର୍ଯ୍ୟ କରିବା ପାଇଁ ଯଥାସମ୍ଭବ ପ୍ରୟାସ କରନ୍ତୁ ଏହା ହିଁ ସେମାନଙ୍କ ପାଇଁ ମୋର ପ୍ରାର୍ଥନା । ତାଙ୍କଠାରୁ ମୁଁ ଏହା ଆଶା କରୁଛି ଯେ ସେମାନେ ନ୍ୟାୟସଂଗତ ଭାବରେ ଏପରି କାର୍ଯ୍ୟ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରନ୍ତୁ ଯାହା ବିଭିନ୍ନ ଦଳ ପାଇଁ ଲାଭପ୍ରଦ ହେବ । ଏହି ମନୋଭାବ ପୋଷଣ କରି କାର୍ଯ୍ୟ କଲେ ତାହା ଏପରି ସର୍ବୋତ୍କୃଷ୍ଟ ଫଳ ଉତ୍ପନ୍ନ କରିବ ଯାହା ପ୍ରେମ, ସ୍ନେହ,ମୈତ୍ରୀ ଓ ଭ୍ରାତୃଭାବର ଫଳ । ଏହି ଫଳ ପୃଥିବୀକୁ ଶାନ୍ତି ଓ ସମୃଦ୍ଧି ସଂକ୍ରାନ୍ତ ପ୍ରକୃତ ସ୍ୱର୍ଗରେ ପରିଣତ କରିଦେବ ।

ଆପଣମାନଙ୍କ ପ୍ରତି ଏପରି ଅଭିଳାଷ ଓ ପ୍ରାର୍ଥନା କେବଳ ମୋର ନୁହେଁ, ବରଂ ସମସ୍ତ ଅହମଦି ମୁସଲିମମାନଙ୍କର ଆପଣମାନଙ୍କ ସହିତ ରହିଛି ଓ ତତ୍‌ସହିତ ସଦିଚ୍ଛା ମଧ୍ୟ ଅଛି । ଆମେ ବିଶ୍ୱାସ କରୁ ଯେ ଯେକୌଣସି ବ୍ୟକ୍ତି ନିଜ ଦେଶକୁ ଏବଂ ବ୍ୟାପକ ଅର୍ଥରେ ମାନବିକତାକୁ ଗଭୀର ଭାବେ ପ୍ରେମ କରିବା ଆବଶ୍ୟକ । ବାସ୍ତବରେ ଅହମଦି ମୁସଲିମମାନଙ୍କ ଧାରଣା ରହିଛି ଯେ ଦେଶକୁ ଭଲ ପାଇବା ଧର୍ମ ବିଶ୍ୱାସର ଏକ ଅବିଚ୍ଛେଦ ଅଂଗ । ଏହି ନୀତିଶିକ୍ଷାକୁ ଦିବ୍ୟ ଅବତାର ମୁହମ୍ମଦ[ସଃ] ଦୃଢ ଆଦେଶ ସହିତ ଆମ ପାଇଁ ପ୍ରଣୟନ କରିଛନ୍ତି । ତେଣୁ ମୁଁ ଏଠାରେ ସ୍ପଷ୍ଟତଃ କହିବାକୁ ଚାହୁଁଛି ଯେ ପ୍ରତ୍ୟେକ ଅହମଦି ମୁସଲିମ ସେ ବ୍ରିଟେନରେ ଜନ୍ମଗ୍ରହଣ କରିଥା'ନ୍ତୁ ବା ଅନ୍ୟ ଦେଶରୁ ଏଠାକୁ ପ୍ରବାସୀ ହୋଇ ଆସିଥାନ୍ତୁ, ସେ ଜଣେ ବ୍ରିଟିଶ ନାଗରିକ ଭାବରେ ଏହି ଦେଶର ସଂପୂର୍ଣ୍ଣ ଅନୁରକ୍ତ ହୋଇ ରହିଥାଏ ଓ ନିଷ୍କାପର ଭାବରେ ଏହି ଦେଶକୁ ପ୍ରେମ କରିଥାଏ । ଏହି ମହାନ ଦେଶର ପ୍ରଗତି ଓ ସମୃଦ୍ଧି ସେମାନଙ୍କର ଏକାନ୍ତ କାମ୍ୟ ହୋଇଥାଏ ।

ବାହ୍ୟ ଦେଶମାନଙ୍କରୁ ଆସି ବ୍ରିଟେନରେ ବସବାସ କରୁଥିବା ଲୋକମାନଙ୍କ ସଂଖ୍ୟା ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ । ଏହି ଦେଶର ସମୁଦାୟ ଲୋକସଂଖ୍ୟାର ୧୩ ରୁ ୧୪ ପ୍ରତିଶତ ହେଉଛନ୍ତି ବିଭିନ୍ନ ଦେଶର ପ୍ରବାସୀ ନାଗରିକ । ସେହି ଦୃଷ୍ଟିରୁ, ସ୍ଥାନୀୟ ବ୍ରିଟିଶ ଲୋକମାନଙ୍କ ଉଦାରତା ଓ ସହିଷ୍ଣୁତାକୁ ମୁଁ ପ୍ରଶଂସା ନ କରି ରହି ପାରୁନାହିଁ । ସେମାନେ ଦେଶାନ୍ତରବାସୀଙ୍କୁ ଦେଶର ସଦସ୍ୟ ଭାବରେ ଯେପରି ଉନ୍ମୁକ୍ତ ହୃଦୟରେ ଗ୍ରହଣ କରିଛନ୍ତି ଏବଂ ଦେଶ ଗଠନରେ ସକ୍ରୀୟ ରୂପେ ଭାଗିଦାର ହେବାପାଇଁ ଅନୁମତି ପ୍ରଦାନ କରିଛନ୍ତି, ତାହା ସେମାନଙ୍କ

ଉଦାରତା ଓ ମହାନତାର ପରିଚୟ ଦିଏ ।

ଏହି ଅର୍ଥରେ ବୁଝିବାକୁ ଗଲେ, ଏଠାକୁ ସ୍ଥାୟୀ ଭାବରେ ବସବାସ କରିବାକୁ ଆସିଥିବା ଲୋକମାନଙ୍କ ନୈତିକ କର୍ତ୍ତବ୍ୟ ହେଉଛି ଯେ ସେମାନେ ଏହି ଦେଶର ବିଶ୍ୱସ୍ତ ନାଗରିକ ଭାବେ ନିଜକୁ ପ୍ରମାଣିତ କରନ୍ତୁ । ତେଣୁ ସେମାନଙ୍କ ପାଇଁ ଏହା ଅନିବାର୍ଯ୍ୟ ହୋଇ ପଡିଛି ଯେ ଦେଶରେ ଉପୁଜୁଥିବା ସମସ୍ତ ପ୍ରକାର ବିଶୃଙ୍ଖଳା ଏବଂ କଳହର ସମାଧାନ ପାଇଁ ଯଥାସାଧ୍ୟ ଉଦ୍ୟମ କରି ସରକାରଙ୍କୁ ସହଯୋଗ କରନ୍ତୁ । ଅହମଦୀୟା ମୁସଲିମ ସଂପ୍ରଦାୟର ସଦସ୍ୟ ଯେ କୌଣସି ଦେଶରେ ବାସ କରୁଥିଲେ ମଧ୍ୟ ଏହି ନିୟମକୁ ପାଳନ କରିବାକୁ ନିଜର କର୍ତ୍ତବ୍ୟ ମନେ କରନ୍ତି ।

ଆପଣମାନେ ଜାଣିଥିବେ ଯେ ଆମେ ବ୍ରିଟେନରେ ଖୁବ୍ ନିକଟରେ ଅହମଦୀୟା ମୁସଲିମ ଜମାଅତର ଶତବାର୍ଷିକ ଉତ୍ସବ ପାଳନ କରିଥିଲୁ । ବିଗତ ଏକ ଶହ ବର୍ଷ ମଧ୍ୟରେ ଅହମଦୀୟା ସଂପ୍ରଦାୟର ସଦସ୍ୟମାନେ ସଚରାଚର ସେମାନେ ରହୁଥିବା ସମ୍ପୃକ୍ତ ଦେଶ ପ୍ରତି ବିଶ୍ୱସ୍ତ ରହିବାର ଆବଶ୍ୟକତାକୁ ପୂରଣ କରି ଆସୁଛନ୍ତି । ସେମାନେ ବିଦ୍ରୋହ, ଦଙ୍ଗା ହଙ୍ଗାମା ଓ ଉଗ୍ରବାଦ ଠାରୁ ସଂପୂର୍ଣ୍ଣ ଭାବରେ ଦୂରେଇ ରହିଛନ୍ତି । ଏହି ଦେଶକୁ ଭକ୍ତି ଓ ପ୍ରେମ କରିବାର ମୂଳ କାରଣ ହେଉଛି ଅହମଦୀୟା ମୁସଲିମ ସଂପ୍ରଦାୟ ଇସଲାମର ବିଶୁଦ୍ଧ ଓ ବାସ୍ତବ ଶିକ୍ଷା ଉପରେ ପରିଚାଳିତ ଏକ ଧର୍ମୀୟ ସଂପ୍ରଦାୟ । ଏହା ପୃଥିବୀରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି, ଯେହେତୁ ଆମେ ପୃଥିବୀବାସୀଙ୍କୁ ଇସଲାମର ସତ୍ୟ ଓ ଶାନ୍ତିମୟ ବାସ୍ତବ ଶିକ୍ଷା ପ୍ରତି ନିରନ୍ତର ଭାବରେ ପରିଚିତ କରାଉଛୁ । ପୁନଶ୍ଚ ସେହି ମହାନ ଶିକ୍ଷା ହିଁ ବାସ୍ତବ ଇସଲାମର ପରିଚୟ ରୂପେ ସ୍ୱୀକୃତି ହାସଲ କରାଇବା ପାଇଁ ଆମେ ସର୍ବଦା ଉଦ୍ୟମରତ ଅଛୁ ।

ପରିଚୟ ପ୍ରଦାନ ପୂର୍ବକ ଏହି ସ୍ୱଳ୍ପ ଅଭିବ୍ୟକ୍ତି ପରେ ମୁଁ ବର୍ତ୍ତମାନ ମୋ ଉଦ୍‌ବୋଧନର ମୁଖ୍ୟ ପ୍ରସଙ୍ଗ ପ୍ରତି ଫେରୁଛି । ଆମ ସଂପ୍ରଦାୟ ଶାନ୍ତି ଓ ସହାବସ୍ଥାନ, ବଂଧୁତା ସ୍ଥାପନ ଓ ଐକ୍ୟବଦ୍ଧତାର ପ୍ରସାର କ୍ଷେତ୍ରରେ ପ୍ରାଧାନ୍ୟ ବିସ୍ତାର କରିଛି । ସେଥିପାଇଁ ଆମ ନୀତିବାକ୍ୟ ହେଉଛି; 'ପ୍ରେମ ସଭିଙ୍କ ପାଇଁ, ଘୃଣା କାହାକୁ ନାହିଁ । ଆମ ସହିତ ଯୋଗସୂତ୍ର ରଖିଥିବା କେତେକ ଅଣ ମୁସଲିମ, ଯେଉଁମାନେ ଆମକୁ ଜାଣନ୍ତି,ଏ ସଂପର୍କରେ ଆଶ୍ଚର୍ଯ୍ୟ ହୁଅନ୍ତି ଯେ ଅହମଦୀୟା ମୁସଲିମ ଜମାଅତ ନିଜର ପ୍ରଚାରମୁଖୀ ଶାନ୍ତି ଓ ଭ୍ରାତୃଭାବ ଭିତ୍ତିକ ବାର୍ତ୍ତାକୁ ପ୍ରତ୍ୟକ୍ଷ ଭାବରେ ଇସଲାମ ଅଭିମୁଖେ ଅଭିପ୍ରେତ କରୁଛନ୍ତି କିପରି । ସେମାନେ ଆଶ୍ଚର୍ଯ୍ୟ ପ୍ରକଟ କରିବାର କାରଣ ହେଉଛି ଯେ ତଥାକଥିତ ମୁସଲିମ ଶିକ୍ଷାବିତ ତଥା ଇସଲାମୀୟ ସଂଗଠନ

ଏକ ସଂପୂର୍ଣ୍ଣ ଭିନ୍ନ ଧରଣର ଧର୍ମପାଳନ କରନ୍ତି ଏବଂ ଆପଣା ବାର୍ତ୍ତାକୁ ପ୍ରସାରିତ କରନ୍ତି । ଏହି ପ୍ରଭେଦ କ'ଣ ପାଇଁ ତାହା ମୁଁ ବୁଝାଇବାକୁ ଯାଇ ଏହା ସ୍ପଷ୍ଟତଃ କହିବାକୁ ଚାହେଁ ଯେ ଚଳିତ ଯୁଗରେ ଏକ ହିଂସାତ୍ମକ 'ତରବାରୀର ଜିହାଦ' ସଂପର୍କିତ ଧାରଣା ସଂପୂର୍ଣ୍ଣ ଭ୍ରମାତ୍ମକ ଓ ଏପରି ଜିହାଦ ସର୍ବଦା ବର୍ଜିତ ବୋଲି ଆମେ ଅହମଦି ମୁସଲିମମାନେ ବିଶ୍ୱାସ କରୁ । ଅଥଚ ଅନ୍ୟ କେତେକ ମୁସଲିମ ବିଦ୍ୱାନ ଏହି ଭ୍ରାନ୍ତ ସିଦ୍ଧାନ୍ତ ଉପରେ ପରିଚାଳିତ ହେଉଛନ୍ତି । ସେମାନଙ୍କର ଏହି ବିଶ୍ୱାସ ଫଳରେ ପୃଥିବୀର ବିଭିନ୍ନ ଭାଗରେ ମୁସଲିମମାନଙ୍କ ମଧ୍ୟରେ ଅନେକ ଆତଙ୍କବାଦୀ ସଂଗଠନ ଓ ଚରମପନ୍ଥୀ କାର୍ଯ୍ୟକଳାପ ମୁଣ୍ଡ ଟେକିଛି ।'

କେବଳ କେତେକ ଉଗ୍ରବାଦ ସଂଗଠନ ଆଜି ଦେଖାଦେଇ ନାହିଁ, ବରଂ କେତେକ ବ୍ୟକ୍ତିବିଶେଷ ମଧ୍ୟ ଏହି ଭ୍ରାନ୍ତ ଧାରଣାର ବଶବର୍ତ୍ତୀ ହୋଇ ଏହାର ଅଯଥା ଫାଇଦା ଉଠାଉଛନ୍ତି । ଏହାର ସଦ୍ୟତମ ଉଦାହରଣ ହେଉଛି ଜଣେ ନିରୀହ ବ୍ରିଟିଶ ସୈନିକଙ୍କୁ ଲଣ୍ଡନର ରାଜମାର୍ଗରେ ଅତି ନୃଶଂସ ଭାବରେ ହତ୍ୟା କରାଯାଇଛି । ଇସଲାମର ପ୍ରକୃତ ଶିକ୍ଷାକୁ ଅନୁଧ୍ୟାନ କଲେ ଏହି ଆକ୍ରମଣ ସହିତ ଆମର କୌଣସି ମତେ କିଛି ହେଲେ କରିବାର ନାହିଁ । ବରଂ ପ୍ରକୃତ ପକ୍ଷେ ଇସଲାମ ଏହାର ତୀବ୍ର ନିନ୍ଦା କରୁଛି । ତଥାକଥିତ ମୁସଲିମମାନେ ସେମାନଙ୍କ ଉଦ୍ଦେଶ୍ୟ ପ୍ରଣୋଦିତ କାରଣ ଯୋଗୁଁ ଯେଉଁ ହୀନ କାର୍ଯ୍ୟ କରୁଛନ୍ତି, ସେଥିପାଇଁ ସେମାନେ ଇସଲାମ ବର୍ଣ୍ଣିତ ଶିକ୍ଷାର ଭ୍ରାନ୍ତ ବ୍ୟାଖ୍ୟାକୁ ଗ୍ରହଣ କରି ନେଇଛନ୍ତି । ଏଭଳି ବର୍ବରୋଚିତ କାଣ୍ଡ ସ୍ପଷ୍ଟ ରୂପେ ଇସଲାମର ପ୍ରକୃତ ଶିକ୍ଷା ଓ ଭ୍ରମାତ୍ମକ ଅର୍ଥ ପ୍ରକାଶ କରୁଥିବା ସେମାନଙ୍କ ଶିକ୍ଷା ମଧ୍ୟରେ ଥିବା ପାର୍ଥକ୍ୟକୁ ପ୍ରମାଣିତ କରି ଦେଖାଉଛି । ଏହି ଘଟଣା ପରେ କେତେକ ସ୍ଥାନୀୟ ଗୋଷ୍ଠୀ ଯେଉଁ ପ୍ରତିକ୍ରୀୟା ପ୍ରଦର୍ଶନ କରିଛନ୍ତି, ତାହା ମଧ୍ୟ ଉଚିତ ନୁହେଁ । ବରଂ ଏହା ସମାଜର ଶାନ୍ତିକୁ ନଷ୍ଟ କରି ଦେଇପାରେ ।

ଏହି ବିବାଦୀୟ ବିଷୟରେ ଚିନ୍ତାଶୀଳ ଶିକ୍ଷିତବର୍ଗ ଆମକୁ ସମର୍ଥନ କରିବା ପଛରେ କି କାରଣ ରହିଛି ? ଏବଂ ଆମେ ବିଶ୍ୱାସ କରୁଥିବା ଇସଲାମୀୟ ଶିକ୍ଷା କେତେଦୂର ସତ ? ଏହି ବିଚାରଧାରାକୁ ଗ୍ରହଣ କରିବାର କାରଣ ହେଉଛି ଯେ ଇସଲାମ ବିରୁଦ୍ଧରେ ଯେତେବେଳେ ଧର୍ମଭିତ୍ତିକ ଯୁଦ୍ଧ କରାଯାଉଥିଲା, ସେହି ଯୁଦ୍ଧରେ କେବଳ ତରବାରୀ ପ୍ରୟୋଗ କରିବାକୁ ଅନୁମତି ଦିଆଯାଉଥିଲା । ବର୍ତ୍ତମାନ ପୃଥିବୀରେ କୌଣସି ଦେଶ ବା ଧର୍ମ ଶାରୀରିକ ଯୁଦ୍ଧ କରୁନାହିଁ ଓ ଧର୍ମଜନିତ କାରଣରୁ ମଧ୍ୟ ଇସଲାମ ଉପରେ ଆକ୍ରମଣ ହେଉନାହିଁ । ତେଣୁ ମୁସଲିମମାନେ ଧର୍ମ ନାମରେ ଅନ୍ୟ କୌଣସି ପକ୍ଷ ଉପରେ ଆକ୍ରମଣ କରିବା

କୌଣସି ମତେ ନ୍ୟାୟସଂଗତ ନୁହେଁ, କାରଣ ଏହା କୁରଆନନର ସ୍ପଷ୍ଟ ଶିକ୍ଷାକୁ ଉଲଂଘନ କରୁଛି ।

ଯେଉଁମାନେ ଇସଲାମ ବିରୁଦ୍ଧରେ ତରବାରୀ ଉତ୍ତୋଳନ କରନ୍ତି ଏବଂ ଅନ୍ୟାୟ ଭାବରେ ଯୁଦ୍ଧ କରି ଚାଲନ୍ତି, କେବଳ ସେମାନଙ୍କ ବିରୁଦ୍ଧରେ ବଳ ପ୍ରୟୋଗ କରିବା ପାଇଁ କୁରଆନରେ ଅନୁମତି ପ୍ରଦାନ କରାଯାଇଛି । ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ ଯଦି ଜଣେ ନାଗରିକ ସେହି ଦେଶ କିମ୍ବା ଦେଶବାସୀଙ୍କ ପ୍ରତି କୌଣସି ପ୍ରକାର କ୍ଷତିଘଟାଇବାକୁ ବାଟଖୋଜୁଛି ସେ ଇସଲାମର ଶିକ୍ଷା ବିରୋଧୀ କାର୍ଯ୍ୟ କରୁଛି । ଦିବ୍ୟ ଅବତାର[ସଅ] କହିଛନ୍ତି ଯେ ଯେଉଁ ବ୍ୟକ୍ତି ଜଣେ ନିରୀହ ବ୍ୟକ୍ତିର ରକ୍ତପାତ କରିବ, ସେ ମୁସଲିମ ପଦବାଚ୍ୟ ନୁହେଁ । ହଜରତ ମୁହମ୍ମଦ[ସଅ] ସେହିମାନଙ୍କୁ ଦୁର୍ବଳ ବିଶ୍ୱାସର ପରିଚାୟକ ଏବଂ ପାପୀ ଭାବେ ଅଭିହିତ କରିଛନ୍ତି ।

ଏବେ ମୁଁ ଇସଲାମର ଅନ୍ୟ କେତୋଟି ଦିଗ ଉପରେ ଆଲୋକପାତ କରିବି ଯାହା ପ୍ରମାଣିତ କରିବ ଯେ ଏହାର ଶିକ୍ଷା ପ୍ରକୃତରେ କେତେ ବିଶୁଦ୍ଧ ଓ ଜ୍ଞାନାଲୋକରେ ପରିପୂର୍ଣ୍ଣ । କେତେକ ତଥାକଥିତ ମୁସଲିମ ଗୋଷ୍ଠୀ ଯେଉଳି ଭାବରେ ଇସଲାମକୁ ଉପସ୍ଥାପନ କରୁଛନ୍ତି, ତାହା କୌଣସି ପ୍ରକାରେ ପ୍ରକୃତ ଧର୍ମଶିକ୍ଷା ନୁହେଁ । ଏଥିରୁ ଏହା ସ୍ପଷ୍ଟ ହୋଇଯାଏ ଯେ ସେମାନଙ୍କ କାର୍ଯ୍ୟକଳାପର ଏକମାତ୍ର ଉଦ୍ଦେଶ୍ୟ ହେଉଛି ନିଜର ହୀନ ସ୍ୱାର୍ଥ ପୂରଣ କରିବା ଏବଂ ମିଥ୍ୟାରେ ଇସଲାମର ନାମ ବ୍ୟବହାର କରି ସେମାନଙ୍କ ଘୃଣ୍ୟ କାର୍ଯ୍ୟକୁ ଉଚିତ ବୋଲି ଦର୍ଶାଇବା ।

ଧାର୍ମିକ ସହିଷ୍ଣୁତାର ଗୁରୁତ୍ୱକୁ ଇସଲାମ ଏପରି ପ୍ରାଧାନ୍ୟ ଦିଏ ଯେ ଏହାର ଉଚ୍ଚ ମୂଲ୍ୟବୋଧ ଅନ୍ୟ କୌଣସିଠାରେ ପାଇବା ଅସମ୍ଭବ । ଅନ୍ୟ ଲୋକମାନଙ୍କର ବିଶ୍ୱାସ ଯେ ଯେ ପର୍ଯ୍ୟନ୍ତ ତାଙ୍କ ଧର୍ମକୁ ବାଦ୍ ଦେଇ ଅବଶିଷ୍ଟ ସମସ୍ତ ଧର୍ମ ମିଥ୍ୟା ଧର୍ମ ରୂପେ ପ୍ରମାଣିତ ହେଉଥିବ,ସେ ପର୍ଯ୍ୟନ୍ତ ସେମାନେ ନିଜ ଧର୍ମର ସତ୍ୟତାକୁ ପ୍ରମାଣ କରିବାକୁ ଅକ୍ଷମ ହେଉଥିବେ । କିନ୍ତୁ ଇସଲାମର ଧର୍ମପାଳନ ଓ ଏହାର କାର୍ଯ୍ୟ ନିର୍ବାହର ପନ୍ଥା ନିଆରା, କାରଣ ଏହାର ଶିକ୍ଷା ସାର୍ବଜନୀନ । ଏକ ସତ୍ୟଧର୍ମ ରୂପେ ଇସଲାମ ସମଗ୍ର ମାନବଜାତି ପାଇଁ ଅଭିପ୍ରେତ । ତେଣୁ ଏହା ମଧ୍ୟ ସତ୍ୟ ଯେ ଈଶ୍ୱର ଭିନ୍ନ ଭିନ୍ନ ଅବତାରଙ୍କୁ ପୃଥିବୀର ବିଭିନ୍ନ ଦେଶ ଓ ଜାତି ପାଇଁ ପଠାଇଛନ୍ତି । ଅଲ୍ଲାଃ ପବିତ୍ର କୁରଆନ୍‌ରେ ସ୍ପଷ୍ଟ ରୂପେ କହିଛନ୍ତି ଯେ ସମସ୍ତ ଅବତାର ସ୍ନେହ, ସୌହାର୍ଦ୍ଦ୍ୟ

ଓ ପ୍ରେମର ବାର୍ତ୍ତା ବହନ କରି ଅଲ୍ଲାହ୍ଙ୍କ ଦ୍ୱାରା ପ୍ରେରିତ ହୋଇ ଧରାପୃଷ୍ଠକୁ ଆସିଛନ୍ତି । ତେଣୁ ସମସ୍ତ ସତ୍ୟନିଷ୍ଠ ମୁସଲମାନ ପକ୍ଷେ ସମସ୍ତ ଅବତାରଙ୍କୁ ଗ୍ରହଣ କରିବା ଅନିବାର୍ଯ୍ୟ । କିନ୍ତୁ କୌଣସି ଧର୍ମ ଇଚ୍ଛାକୃତ ଭାବରେ ପ୍ରତ୍ୟେକ ଧର୍ମ ବିଶ୍ୱାସ ଏବଂ ପ୍ରତ୍ୟେକ ଜାତିକୁ ଇସଲାମ ସଦୃଶ ମୁକ୍ତ କଣ୍ଠରେ ପ୍ରଶଂସା କରି ନାହାନ୍ତି । କିନ୍ତୁ ମୁସଲମାନମାନେ ବିଶ୍ୱାସ କରନ୍ତି ଯେ ଅବତାରଗଣ ସମସ୍ତ ଲୋକ ଓ ଜାତି ପାଇଁ ପ୍ରେରିତ ହୋଇଥିବା ଯୋଗୁଁ ସେମାନଙ୍କୁ ମିଥ୍ୟାବାଦୀ ବୋଲି କଦାପି କୁହାଯାଇ ପାରିବ ନାହିଁ । ସୁତରାଂ କୌଣସି ଅବତାରଙ୍କୁ ଅସମ୍ମାନ କରିବା,ବ୍ୟଙ୍ଗ ବିଦ୍ରୂପ କରିବା କିମ୍ବା ଅପମାନ କରିବାକୁ ସେମାନେ ଆଦୌ ପସନ୍ଦ କରନ୍ତି ନାହିଁ ।

ତଥାପି ମୋତେ ଦୁଃଖର ସହିତ କହିବାକୁ ପଡୁଛି ଯେ କେତେକ ଅଣମୁସଲିମଙ୍କ ମନୋବୃତ୍ତି ଏହାର ଠିକ୍ ବିପରୀତ ଭାବେ ପ୍ରକାଶ କରା ଯାଉଛି । ଇସଲାମର ପ୍ରାଣ ପ୍ରତିଷ୍ଠାତା ମୁହମ୍ମଦ[ସଃ]ଙ୍କ ପ୍ରତି କୁତ୍ସିତ ବ୍ୟଙ୍ଗ ବିଦ୍ରୂପ କରିବା ଓ କୁତ୍ସାରଟନା କରିବାର ସୁଯୋଗକୁ ସେମାନେ ହାତଛଡା କରୁ ନାହାନ୍ତି । ଫଳରେ ଏହା ମୁସଲମାନଙ୍କ ମାନସିକ ଆବେଗକୁ ଶକ୍ତ ଆଘାତ ପହଞ୍ଚାଉଛି । ଆମେ ବାସ୍ତବରେ ଧାର୍ମିକ ସହନଶୀଳତା ଓ ପାରସ୍ପରିକ ବୁଝାମଣା ଚାହୁଁଛୁ । କାରଣ ଆମ ମନରେ ଏହା ନୈତିକ ବିଶ୍ୱାସର ଭାବନା ସୃଷ୍ଟି କରେ । ଦୁର୍ଭାଗ୍ୟବଶତଃ କେତେକ ଖଳ ପ୍ରକୃତିର ଲୋକ ମୁସଲିମମାନଙ୍କ ଏପରି ଭାବନା ସହିତ ଖେଳନ୍ତି, ଯଦ୍ଦ୍ୱାରା କେତେକ ତଥାକଥିତ ମୁସଲିମ କ୍ରୋଧାନ୍ୱିତ ହୋଇ ଭୁଲ ପଥର ଅନୁସରଣ କରନ୍ତି ଏବଂ ଅତ୍ୟନ୍ତ ଦାୟିତ୍ୱହୀନ ଭାବରେ କ୍ରୋଧର ବଶବର୍ତ୍ତୀ ହୋଇ ହିଂସାକାଣ୍ଡ ଘଟାଇ ଥାନ୍ତି । ସେମାନଙ୍କର ଏତାଦୃଶ ଭୂଲ ପ୍ରତିକ୍ରୀୟା ଓ ରୁକ୍ଷ ବ୍ୟବହାର ସହିତ ଇସଲାମର ବାସ୍ତବ ଶିକ୍ଷା ସହିତ କୌଣସି ସମ୍ବନ୍ଧ ନାହିଁ । କିନ୍ତୁ ଅପରପକ୍ଷେ, ଆପଣ ନିଶ୍ଚୟ ଦେଖିବେ ଯେ କୌଣସି ଅହମଦି ମୁସଲିମ ଯେତେ ଉତ୍ତେଜନା ପ୍ରବଣ ହୋଇଥିଲେ ମଧ୍ୟ କୌଣସି ଭୁଲ ପଦକ୍ଷେପ ଗ୍ରହଣ କରିବେ ନାହିଁ ।

ଇସଲାମର ପ୍ରତିଷ୍ଠାତା ଓ କୁରଆନ ପ୍ରତି ଅନ୍ୟ ଏକ ଗୁରୁତର ଅଭିଯୋଗ ହେଉଛି କଠୋରତା ମୂଳକ ଶିକ୍ଷା, ଯାହା ମୁସଲମାନଙ୍କୁ ଚରମପନ୍ଥା ଗ୍ରହଣ କରିବାକୁ ପ୍ରୋତ୍ସାହିତ କରିଥାଏ । ତେଣୁ ସେମାନେ ବଳ ପ୍ରୟୋଗ କରି ଇସଲାମର ବାର୍ତ୍ତା ପ୍ରଚାର ଓ ପ୍ରସାର କରିଥାନ୍ତି । ଏହି ଅଭିଯୋଗ ଭିତ୍ତିରେ ବାସ୍ତବିକତାକୁ ଜାଣିବା ପାଇଁ ହେଲେ ଆସନ୍ତୁ ପବିତ୍ର କୁରଆନର ଏକ ପଙ୍କ୍ତି ଉପରେ ଦୃଷ୍ଟି ପକାଇବା । ସର୍ବ ଶକ୍ତିମାନ ଅଲ୍ଲାହ୍ କହନ୍ତି:

**ଏବଂ ଯଦି ତୁମର ପାଳନକର୍ତ୍ତା ନିଜର ଇଚ୍ଛାକୁ ମାନିବା ପାଇଁ ବାଧ କରିଥାନ୍ତେ, ତେବେ ନିଶ୍ଚୟ ଯେଉଁମାନେ ପୃଥିବୀରେ ଅଛନ୍ତି ସେମାନେ ସମସ୍ତେ ଏକ ସଙ୍ଗେ ବିଶାସ କରିଥାନ୍ତେ ।ଏହା ସତ୍ତ୍ୱେ କ'ଣ ତୁମେ ଲୋକମାନଙ୍କୁ ବିଶ୍ୱାସକାରୀ ହେବା ପାଇଁ ବାଧ କରିବ ?** (ୟୁନୁସ୍ : **100**)

ଉପରୋକ୍ତ ପଙ୍‌କ୍ତି ସ୍ପଷ୍ଟ ଭାବରେ ବ୍ୟକ୍ତ କରେ ଯେ ସର୍ବଶକ୍ତିମାନ ଈଶ୍ୱର ଅତି ସହଜ ଉପାୟରେ ବଳ ପ୍ରୟୋଗ ଦ୍ୱାରା ହିଁ ସେହି ଧର୍ମକୁ ଗ୍ରହଣ କରିବା ପାଇଁ ବାଧ କରି ପାରି ଥାଆନ୍ତେ । କିନ୍ତୁ ତା' ପରିବର୍ତ୍ତେ ସେ ପୃଥିବୀର ଲୋକମାନଙ୍କୁ ବିଶ୍ୱାସ କରିବା କିମ୍ବା ନ କରିବା ପାଇଁ ସ୍ୱାଧୀନତା ଦେଇଛନ୍ତି ।

ଯଦି ମାନବଜାତିକୁ ଈଶ୍ୱର ଏହି ସ୍ୱାଧୀନ ଅଭିରୁଚି ଦେଇଛନ୍ତି, ତା'ହେଲେ ଦିବ୍ୟ ଅବତାର ମୁହମ୍ମଦ[ସ] କିମ୍ବା ତାଙ୍କର କୌଣସି ଅନୁଗାମୀ କାହାକୁ କେବେ ମୁସଲମାନ ହୋଇଯିବା ପାଇଁ ବାଧ୍ୟ କରିଛନ୍ତି କି ? ଅଥବା ସେଥିପାଇଁ ବଳ ପ୍ରୟୋଗ କରିଛନ୍ତି କି ? ପବିତ୍ର କୁରଆନରେ ସର୍ବ ଶକ୍ତିମାନ ଈଶ୍ୱର ଏହିପରି ମଧ୍ୟ କହିଛନ୍ତି :

**ଏହି ସତ୍ୟ ତୁମ ପାଳନକର୍ତ୍ତାଙ୍କ ତରଫରୁ ହିଁ ଆସିଅଛି । ସୁତରାଂ ଯାହାର ଇଚ୍ଛା ସେ ଏହାକୁ ବିଶ୍ୱାସ କରୁ ଓ ଯାହାର ଇଚ୍ଛା ସେ ଏହାକୁ ପ୍ରତ୍ୟାଖ୍ୟାନ କରିଦେଉ ।** (ଅଲ କହଫ **18**)

ଏହା ହିଁ ଇସଲାମର ବାସ୍ତବିକତା । ଏହା ହେଉଛି ବିବେକ ସ୍ୱାଧୀନତାର ବାସ୍ତବ ତତ୍ତ୍ୱଜ୍ଞାନ ଓ କୁରଆନ୍‌ର ଯଥାର୍ଥ ଶିକ୍ଷା । ଯଦି ଜଣେ ବ୍ୟକ୍ତିର ଅନ୍ତର କହୁଛି, ତା'ହେଲେ ସେ ଇସଲାମ ଗ୍ରହଣ କରିବା ପାଇଁ ତାକୁ ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଛି । ଯଦି ତାହାର ହୃଦୟ ଇଚ୍ଛା କରୁ ନାହିଁ, ତେବେ ସେ ମୁକ୍ତ ଭାବନାକୁ ନେଇ ଏହାକୁ ପ୍ରତ୍ୟାଖ୍ୟାନ କରି ଦେଇପାରେ । ସୁତରାଂ ଇସଲାମ ବାଧ୍ୟବାଧକତା ଏବଂ କଠୋରବାଦକୁ ସଂପୂର୍ଣ୍ଣ ବିରୋଧ କରେ । ବରଂ ଏହା ସମାଜର ସବୁ ସ୍ତରରେ ଶାନ୍ତି ଓ ସୌହାର୍ଦ୍ଦ୍ୟର ବାତାବରଣ ସୃଷ୍ଟି କରାଯିବାର ବାର୍ତ୍ତାକୁ ସମର୍ଥନ କରେ । ଇସଲାମ ଧର୍ମରେ ହିଂସା ଓ ବାଧବାଧକତା ଯୁକ୍ତ ଶିକ୍ଷା ପ୍ରସାର କରାଯିବା ସଂପୂର୍ଣ୍ଣ ଅସମ୍ଭବ,କାରଣ ଇସଲାମ ଶବ୍ଦର ଆକ୍ଷରିକ ମର୍ମାର୍ଥ ହେଉଛି : ଶାନ୍ତିରେ ବଞ୍ଚିବା ଓ ଅନ୍ୟ ସମସ୍ତ ମନୁଷ୍ୟଙ୍କୁ ଶାନ୍ତିରେ ବଞ୍ଚିବାକୁ ଦେବା । ଏପରି ସ୍ଥଳେ ଆମ ଧାର୍ମିକ ଭାବନା ପ୍ରତି ଆଘାତ କରି ଯେତେବେଳେ କୌଣସି କଟୁ ମନ୍ତବ୍ୟ ଦିଆଯାଉଛି, ସ୍ୱଭାବତଃ ଆମ ମନରେ ବହୁତ ଦୁଃଖ ଓ କ୍ରୋଧ ଜାତ ହୋଇଛି । ଦିବ୍ୟ ଅବତାରଙ୍କ

ପ୍ରତି କୌଣସି ଅପମାନଜନକ ଶବ୍ଦ କୁହାଗଲେ ତାହା ଶରବିଦ୍ଧ ହେଲା ପରି ଆମ ହୃଦୟକୁ ଶକ୍ତ ଆଘାତ ଦେଉଛି ।

ଇସଲାମର ପ୍ରତିଷ୍ଠାତା ହଜରତ ମୁହମ୍ମଦ[ସଃ] ହିଁ ଆମ ହୃଦୟରେ ଈଶ୍ୱର ପ୍ରେମ ଓ ମାନବ ପ୍ରେମକୁ ଜାଗ୍ରତ କରିଛନ୍ତି । ସେହି ପୁଣ୍ୟାବତାର ହିଁ ସମସ୍ତ ମାନବ ଜାତି ଓ ସମସ୍ତ ଧର୍ମ ପ୍ରତି  ଆମ ପ୍ରାଣରେ ପ୍ରେମ ଓ ସ୍ନେହର ଫଲ୍‌ଗୁ ସଂଚାରିତ କରିଛନ୍ତି । ଇସଲାମ ଶାନ୍ତିମୟ ପନ୍ଥା ଅବଲମ୍ବନ କରିବା ପାଇଁ ଦେଇଥିବା ସେହି ଶିକ୍ଷାରେ ଏହାଠାରୁ ଅଧିକ ବଡ ପ୍ରମାଣ କ'ଣ ଥାଇପାରେ, ଏହା ମୁହମ୍ମଦ[ସଃ]ଙ୍କ ପ୍ରତିପକ୍ଷ ଗୋଷ୍ଠୀଙ୍କ ଉକ୍ତିରୁ ହିଁ ମିଳିଥିଲା । ଯେତେବେଳେ ଇସଲାମର ବାର୍ତ୍ତା ସେମାନଙ୍କୁ ପହଞ୍ଚାଇ ଦିଆଗଲା, ସେମାନେ କେବେ ଏପରି କହିଲେ ନାହିଁ ଯେ ମୁହମ୍ମଦ[ସଃ] ଆମକୁ ଦୁଷ୍କର୍ମ ଓ ଅନୈତିକ କାର୍ଯ୍ୟ କରିବା ପାଇଁ ଡାକୁଛନ୍ତି, ବରଂ ସେମାନେ ଉତ୍ତର ଦେଲେ, 'ଯଦି ଆମେ ଦିବ୍ୟ ବାର୍ତ୍ତାବହଙ୍କ ଶିକ୍ଷା ଗ୍ରହଣ କରିବୁ ତା' ହେଲେ ଦୁଷ୍ଟ ଲୋକମାନେ ସେମାନଙ୍କ ମୌଳିକ ଅଧିକାରକୁ ଛଡାଇ ନେବେ, ସେମାନଙ୍କ ଧନ ସଂପତ୍ତି ବାଜ୍ୟାପ୍ତ କରିନେବେ, ଫଳରେ ସେମାନଙ୍କ ସାମାଜିକ ମର୍ଯ୍ୟାଦା କ୍ଷୁଣ୍ଣ ହୋଇଯିବ', କାରଣ ମୁହମ୍ମଦ[ସଃ] କେବଳ ଶାନ୍ତି ଓ ସୌହାର୍ଦ୍ଦ୍ୟର ଶିକ୍ଷା ପ୍ରତି ସର୍ବଦା ଗୁରୁତ୍ୱ ଦେଇ ଆସିଛନ୍ତି ।

ସେମାନେ ଏହି ଆଶଙ୍କା ବ୍ୟକ୍ତ କରିଥିଲେ ଯେ ଯଦି ସେମାନେ ଇସଲାମ ଧର୍ମ ଗ୍ରହଣ କରିବେ ଏବଂ ଶାନ୍ତିର ପଥ ଅବଲମ୍ବନ କରିବେ, ସେମାନଙ୍କ ମନରେ ଆସନ୍ନ ବିପଦର ଭୟ ଜାତ ହେବ । ଚତୁର୍ପାର୍ଶ୍ୱରେ ରହିଥିବା ଲୋକ, ସେଠାକାର ଆଦିବାସୀ ସଂପ୍ରଦାୟ, ଏପରିକି ସେହି ଦେଶ ମଧ୍ୟ ଏହି ସୁଯୋଗର ଫାଇଦା ଉଠାଇବା ଏବଂ ସେମାନଙ୍କୁ ନଷ୍ଟଭ୍ରଷ୍ଟ କରିଦେବାର ବିଧିବଦ୍ଧ ଯୋଜନା କରିଥିଲେ । ସଂକ୍ଷେପରେ କହିବାକୁ ଗଲେ ଯଦି ଇସଲାମ ହିଂସାକୁ ପ୍ରୋତ୍ସାହିତ କରିଥାନ୍ତା ଏବଂ ମୁସଲିମମାନେ ଖଡ୍‌ଗ ଉତ୍ତୋଳନ କରିଥାନ୍ତେ ତଥା ଯୁଦ୍ଧର ଡାକରା ଦେଇଥାନ୍ତେ, ତା'ହେଲେ ଅବିଶ୍ୱାସକାରୀମାନଙ୍କ ନିକଟରେ ଇସଲାମ ସତ୍ୟଧର୍ମ ହୋଇଥିବାର ଯଥାର୍ଥତା ପ୍ରତିପାଦିତ ହୋଇ ପାରି ନଥାନ୍ତା । ସେମାନେ ଏହା ସ୍ୱୀକାର କରି ନ ଥାନ୍ତେ ଯେ ଭୟର ଆଶଙ୍କା ରହିଥିବା ଯୋଗୁଁ ସେମାନେ ଇସଲାମ ଗ୍ରହଣ କରିବାରେ ବିଫଳ ହେଲେ । ଏହି ଶାନ୍ତିପୂର୍ଣ୍ଣ  ଶିକ୍ଷା ଗ୍ରହଣ କରିବା ଯୋଗୁଁ  ହିଁ ସେମାନେ ଲୋକଙ୍କ ଦ୍ୱାରା ବିନାଶର ସମ୍ମୁଖୀନ ହୋଇଥାନ୍ତେ । ପବିତ୍ର କୁରଆନ କୁହେ ଯେ ସର୍ବଶକ୍ତିମାନ ଅଲ୍ଲାଃଙ୍କ ଏକ ବିଶେଷ ଗୁଣ ହେଉଛି 'ସଲାମ' ଅର୍ଥାତ୍ ଈଶ୍ୱର ହିଁ ସକଳ ଶାନ୍ତିର ଆଧାର' । ଯଦି ଈଶ୍ୱର ପ୍ରକୃତରେ 'ଶାନ୍ତିର ଉତ୍ସ'

ହୋଇଥାନ୍ତି, ତା'ହେଲେ ତାହାଙ୍କ ଦିବ୍ୟ ଶାନ୍ତି ସମସ୍ତ ସୃଷ୍ଟିଜଗତ ଏବଂ ସକଳ ମାନବ ସମାଜକୁ ପରିବେଷ୍ଟନ କରି ରଖିବା ଉଚିତ୍ । ନିଶ୍ଚିତ ରୂପେ ଏହି ଶାନ୍ତି କୌଣସି ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଲୋକଙ୍କ ପାଇଁ ସୀମିତ ନୁହେଁ । ଯଦି ଈଶ୍ୱର ପ୍ରଦତ୍ତ ଶାନ୍ତି କେତେକ ଲୋକଙ୍କ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ଥାନ୍ତା, ତାହେଲେ ଏହା କଦାପି କୁହାଯାଇ ନ ଥାନ୍ତା ଯେ ସେହି ଈଶ୍ୱର ସମଗ୍ର ଜଗତର ଅଧୀଶ୍ୱର । ଅଲ୍ଲାଃ ପରମବ୍ରହ୍ମ ପ୍ରସଙ୍ଗକ୍ରମେ ଏହାର ଉତ୍ତର ଦେବାକୁ ଯାଇ ପବିତ୍ର କୁରଆନରେ କହିଛନ୍ତି :

**"ତାହାଙ୍କର (ଅର୍ଥାତ୍ ମୁହମ୍ମଦଙ୍କର)ବାରମ୍ବାର ଅନୁନୟ-'ହେ ମୋର ପାଳନକର୍ତ୍ତା' ଏମାନେ ଏପରି ଲୋକ ଯେଉଁମାନେ ସତ୍ୟକୁ ବିଶ୍ୱାସ କରିବେ ନାହିଁ"। --- ତେଣୁ ଆମ୍ଭେ ଅତ୍ୟନ୍ତ ବିଶ୍ୱାସର ସହିତ ଶପଥ ଗ୍ରହଣ କରାଇ ତାଙ୍କୁ ଉତ୍ତର ଦେଇଥିଲୁ ଯେ ସେମାନଙ୍କ ଠାରୁ ମୁହଁ ଫେରାଇ ନିଅ ଏବଂ ଏତିକି କୁହ-ଶାନ୍ତି' । ଏବଂ ଶୀଘ୍ର ସେମାନେ (ସତ୍ୟକୁ)ଜାଣିପାରିବେ।"**(ଅଲ୍-ଜୁଖରୁଫ୍:୫୨-୨୦)

ଏହି ପଙ୍କ୍ତି ସୂଚୀତ କରୁଛି ଯେ ଦିବ୍ୟ ଅବତାର ମୁହମ୍ମଦ[ସଃ] ଆଣିଥିବା ଶିକ୍ଷା ଥିଲା ସମସ୍ତ ଲୋକଙ୍କ ପାଇଁ କରୁଣା ଓ ସହାନୁଭୂତିର ଆଧାର । ତେଣୁ ସମଗ୍ର ମାନବଜାତି ପାଇଁ ତାହା ଶାନ୍ତିର ନିର୍ଝର ହୋଇ ପ୍ରବାହିତ ହେଉଥିଲା । କୁରଆନର ଉପରୋକ୍ତ ପଙ୍କ୍ତି ଆହୁରି ମଧ୍ୟ କୁହେ ଯେ ଦିବ୍ୟ ଅବତାର[ସଃ]ଙ୍କ ଶାନ୍ତିର ବାର୍ତ୍ତାକୁ ବିରୋଧ କରି ପ୍ରତିପକ୍ଷ ଗୋଷ୍ଠୀ ଯେ କେବଳ ତାଙ୍କୁ ପ୍ରତ୍ୟାଖ୍ୟାନ କରିଥିଲେ ତା' ନୁହେଁ, ବରଂ ତାଙ୍କୁ ନାନା ପ୍ରକାର ପରିହାସ ଓ ଅପମାନିତ କରିଥିଲେ । ବସ୍ତୁତଃ ଆଉ ପାଦେ ଆଗକୁ ଯାଇ ତାଙ୍କ ସହିତ ଚରମ ଶତ୍ରୁତାମୂଳକ ଆଚରଣ କରିଥିଲେ ଓ ତାଙ୍କ ସହିତ ଔଦ୍ଧତ୍ୟପୂର୍ଣ୍ଣ ବ୍ୟବହାର କରିଥିଲେ ତଥା ଏପରି କଳହ ସୃଷ୍ଟି କରିଥିଲେ ଯେ ସେମାନେ ରକ୍ତ ପିପାସୁ ଦାନବ ପାଲଟି ଗଲେ । ସୁତରାଂ ହଜରତ ମୁହମ୍ମଦ[ସଃ] ଅନନ୍ୟୋପାୟ ହୋଇ ଈଶ୍ୱରଙ୍କ ନିକଟରେ ସବିନୟ ପ୍ରାର୍ଥନା କରି କହିଲେ :

'ମୁଁ ସେମାନଙ୍କୁ ଶାନ୍ତିର ବାର୍ତ୍ତା ଦେବାକୁ ଇଚ୍ଛା କଲି । କିନ୍ତୁ ସେମାନେ ମୋତେ କୌଣସି ମତେ ଶାନ୍ତିରେ ବଞ୍ଚିବାକୁ ଦେଲେ ନାହିଁ । ଏହା ପରିବର୍ତ୍ତେ ମୋତେ ଅତ୍ୟଧିକ ମାନସିକ ଓ ଶାରୀରିକ ଯନ୍ତ୍ରଣା ଦେଲେ ।' ଏହା ଶୁଣି ଅଲ୍ଲାଃ ତାଙ୍କୁ ସାନ୍ତ୍ୱନା ଦେଇ କହିଲେ, 'ଯାହା ସେମାନେ କରୁଛନ୍ତି, ତାହା ତୁମେ ଅଗ୍ରାହ୍ୟ କରିଦିଅ ଓ ସେମାନଙ୍କଠାରୁ ମୁହଁ ଫେରାଇ ନିଅ । ତୁମର କାର୍ଯ୍ୟ କେବଳ ପୃଥିବୀରେ ଶାନ୍ତି ପ୍ରତିଷ୍ଠା କରିବା ଓ ଏହାର ପ୍ରସାର କରିବା । ସେମାନଙ୍କର ସମସ୍ତ ଘୃଣା ଭାବ ଓ

ବିରୁଦ୍ଧାଚରଣର ଜବାବରେ କେବଳ ଏତିକି କୁହ, "ତୁମ ପ୍ରତି ଶାନ୍ତି ବିରାଜିତ ହେଉ" ଓ ସେମାନଙ୍କୁ କୁହ, 'ମୁଁ ତୁମ ପାଇଁ ଶାନ୍ତି ନେଇ ଆସିଛି ।'

ସୁତରାଂ ଦିବ୍ୟ ଅବତାର[ସଃ] ପୃଥିବୀରେ ଶାନ୍ତିର ପ୍ରସାର କାର୍ଯ୍ୟରେ ସାରା ଜୀବନ ଅତିବାହିତ କରିଥିଲେ । ତାହା ଥିଲା ତାଙ୍କ ଜୀବନର ଏକମାତ୍ର ମହାନ ଲକ୍ଷ୍ୟ । ନିଶ୍ଚିତ ଭାବରେ ଏକ ସମୟ ଆସିବ ଯେତେବେଳେ ପୃଥିବୀବାସୀ ଏହା ଉପଲବ୍ଧି କରିବେ ଯେ ସେ କେବେହେଲେ ଚରମପନ୍ଥୀ ମୂଳକ କଠୋର ଶିକ୍ଷା ନେଇ ଆସି ନ ଥିଲେ । ସେମାନେ ଏହା ହୃଦୟଙ୍ଗମ କରିବେ ଯେ ତାଙ୍କର ବାର୍ତ୍ତା ଥିଲା ଶାନ୍ତି ଓ ସହାବସ୍ଥାନର, ପ୍ରେମ ଓ ଦୟାର । ପୁଣି ଯଦି ଏହି ମହାନୁଭବ ବାର୍ତ୍ତାବହଙ୍କ ଅନୁଗାମୀମାନେ ସେମାନଙ୍କର ନିଷ୍ଠୁରତା ଏବଂ ଅନ୍ୟାୟର ଜବାବ ସମୁଚିତ ଭାବେ ତଥା ସ୍ନେହପୂର୍ଣ୍ଣ ବ୍ୟବହାର ପୂର୍ବକ ଦେବେ, ତା'ହେଲେ ଇସଲାମର ଏହି ଚମତ୍କାର ଶିକ୍ଷା ବିରୁଦ୍ଧରେ ଯେଉଁମାନେ ଅଭିଯୋଗ କରୁଛନ୍ତି, ଦିନେ ନା ଦିନେ ସେହି ଶିକ୍ଷାର ସତ୍ୟତା ଓ କମନୀୟ ମାଧୁର୍ଯ୍ୟ ସେମାନଙ୍କୁ ବଶୀଭୂତ କରିବ ।

ଅହମଦୀୟା ମୁସଲିମ ଜମାଅତ ଏହି ଶିକ୍ଷାକୁ ଅନୁସରଣ କରେ ଓ ଏହି ଶିକ୍ଷା ଉପରେ ପାଳନ କରି ନିଜର ଜୀବନ ନିର୍ବାହ କରେ । ତାହା ହେଉଛି ପାରସ୍ପରିକ ବୁଝାମଣାର ଶିକ୍ଷା, ସହିଷ୍ଣୁତାର ଶିକ୍ଷା ଓ ଦୟା ଓ କ୍ଷମାମୂଳକ ଶିକ୍ଷା, ଯାହାକୁ ଆମେ ପୃଥିବୀର କୋଣେ କୋଣେ ପହଞ୍ଚାଉଛୁ ଏବଂ ପ୍ରସାରିତ କରିବାରେ ଲାଗିଛୁ । ଦିବ୍ୟ ଅବତାର ମୁହମ୍ମଦ[ସଃ]ଙ୍କ ଦ୍ୱାରା ପ୍ରଦର୍ଶିତ ଦୟା, କ୍ଷମା ଓ ଅନୁକମ୍ପା ମୂଳକ ସେହି ଶିକ୍ଷା ସମାଜ ଗଠନ ଦିଗରେ ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରିଥିଲା ଏବଂ ଏକ ଅତୁଳନୀୟ ଉଦାହରଣ ସୃଷ୍ଟି କରିଥିଲା, ଯାହାକୁ ଆମେ ବର୍ତ୍ତମାନ ଯୁଗରେ ଅନୁସରଣ କରୁଛୁ । ଉକ୍ତ ଆଦର୍ଶମୟ ଶିକ୍ଷାର ଏକ ବିରଳ ଦୃଷ୍ଟାନ୍ତ ଦେଖିବାକୁ ମିଳିଥିଲା ମକ୍କା ବିଜୟର ସେହି ଚିର ଅବିସ୍ମରଣୀୟ ଘଟଣା ସମୟରେ । ଯେତେବେଳେ ହଜରତ ମୁହମ୍ମଦ[ସଃ] ଓ ତାଙ୍କ ଅନୁଚରମାନଙ୍କୁ ଦୀର୍ଘ 13 ବର୍ଷ କାଳ ମକ୍କାବାସୀ ବିରୋଧି ଗୋଷ୍ଠୀ ଅତି ନିର୍ଦ୍ଦୟ ବ୍ୟବହାର ଦେଖାଇଥିଲେ, ସେତେବେଳେ ଅକଥନୀୟ ଅତ୍ୟାଚାର ଓ ଶାରୀରିକ ନିର୍ଯ୍ୟାତନା ଭୋଗ କରିବାକୁ ପଡିଥିଲା ସେହି ନିରୀହ ନିରସ୍ତ୍ର ମୁସଲମାନମାନଙ୍କୁ । ମାତ୍ର ସମୟ ଆସିଲା ଯେତେବେଳେ ହଜରତ ମୁହମ୍ମଦ[ସଃ] ନିଜର ଦଶ ହଜାର ପୁଣ୍ୟାତ୍ମା ଅନୁଚର ମାନଙ୍କ ଗହଣରେ ମଦିନାରୁ ଆସି ବିଜୟ ଦର୍ପରେ ନିଜ ଜନ୍ମଭୂମି ମକ୍କାର ଗଳିରେ ପ୍ରବେଶ କରିବାକୁ ସମର୍ଥ ହେଲେ । ଅଥଚ ଶତ୍ରୁମାନଙ୍କ ଅନ୍ୟାୟ ପୂର୍ଣ୍ଣ ନିଷ୍ଠୁର ଆଚରଣର କୌଣସି ପ୍ରତିଶୋଧ ନେଲେ ନାହିଁ । ମକ୍କାରେ ରହଣି କାଳରେ ତାଙ୍କର ପ୍ରାରମ୍ଭିକ

ଧର୍ମ ପ୍ରଚାର ସମୟରେ ଅନେକ ବର୍ଷ ଧରି ସେ ଓ ତାଙ୍କର ଅନୁଗାମୀମାନେ କୁରେଶମାନଙ୍କ ଦ୍ୱାରା ନିର୍ଯ୍ୟାଚିତ ହୋଇ ଖାଦ୍ୟ ଓ ପାନୀୟର ମୌଳିକ ଆବଶ୍ୟକତାରୁ ମଧ୍ୟ ବଞ୍ଚିତ ହୋଇ ରହିଥିଲେ । ଏବଂ ଅନାହାର ଓ ଦାରିଦ୍ର୍ୟର କଷାଘାତରେ କାଳାତିପାତ କରୁଥିଲେ । ତାଙ୍କର ବହୁ ସଂଖ୍ୟକ ଅନୁଚରଙ୍କୁ ଆକ୍ରମଣ କରି ଅତି ନିର୍ମମ ଭାବରେ ହତ୍ୟା କରାଯାଉଥିଲା । ଏପରିକି ଅଳ୍ପ ବୟସ୍କ ବ୍ୟକ୍ତି, ଅବଳା ନାରୀ ଓ ବାଲୁତ ମୁସଲିମ୍ ଏଥିରୁ ବାଦ ଯାଇ ନ ଥିଲେ । ବରଂ ସେମାନଙ୍କୁ ବର୍ବରତାର ସହିତ ଜୀବନରୁ ମାରି ଦିଆଯାଉଥିଲା । ଏହିସବୁ ଦୁର୍ବିସହ ଘଟଣା ସତ୍ତ୍ୱେ ଦିବ୍ୟ ଅବତାର ମୁହମ୍ମଦ[ସ] ମକ୍କା ପ୍ରତ୍ୟାବର୍ତ୍ତନ କରିବା ପରେ ସେମାନଙ୍କ ପ୍ରତି ତିଳେ ହେଲେ ପ୍ରତିଶୋଧ ପରାୟଣ ହୋଇ ନ ଥିଲେ ନତୁବା ସେମାନଙ୍କ ବିରୁଦ୍ଧରେ କୌଣସି କଠୋର ପଦକ୍ଷେପ ଗ୍ରହଣ କରି ନଥିଲେ । ଏହା ପରିବର୍ତ୍ତେ ସେ ଘୋଷଣା କଲେ, 'ତୁମମାନଙ୍କ ମଧ୍ୟରୁ କାହାକୁ ବି ଆଜି କୌଣସି ଶାସ୍ତି ଦିଆଯିବ ନାହିଁ । ଆଜି ତୁମ ସମସ୍ତଙ୍କୁ ମୁଁ କ୍ଷମା କରିଦେଲି । ମୁଁ ତୁମମାନଙ୍କ ପାଇଁ ପ୍ରେମ ଓ ଶାନ୍ତିର ବାର୍ତ୍ତାବହ ହୋଇ ଆସିଛି । କାରଣ ଅଲ୍ଲାହ୍ ଏକ ବିଶେଷ ଗୁଣର ଅଧିକାରୀ-'ଶାନ୍ତିର ଆଧାର'ଓ ତାହା ହେଉଛି ଏକ ଉତ୍କୃଷ୍ଟ ତତ୍ତ୍ୱଜ୍ଞାନ । ମୁଁ ଏ ବିଷୟରେ ଅବଗତ ଅଛି ଯେ ସେ ହିଁ ସକଳ ଶକ୍ତିର ଆଧାର ଓ ସେ ସ୍ୱୟଂ କେବଳ ଶାନ୍ତି ପ୍ରଦାୟକ । ସେଥିପାଇଁ ତୁମେମାନେ ପୂର୍ବକୃତ ବିରୁଦ୍ଧାଚରଣ ପାଇଁ ଅନୁଶୋଚନା କରନାହିଁ । ମୁଁ ତୁମକୁ ନିର୍ଭର ପ୍ରତିଶ୍ରୁତି ଦେଉଅଛି ଯେ ଆଜିଠାରୁ ତୁମମାନଙ୍କୁ ସମସ୍ତ ପ୍ରକାର ଶାନ୍ତି ଓ ନିରାପତ୍ତା ଯୋଗାଇ ଦିଆଯିବ । ତୁମେମାନେ ମକ୍କାରେ ମୁକ୍ତ ଓ ଅବାଧରେ ରହିପାର ଏବଂ ସ୍ୱାଧୀନ ଭାବେ ନିଜସ୍ୱ ଧର୍ମ ପାଳନ କରିପାର । ସୁତରାଂ ତୁମେ ସୁଖ ସ୍ୱାଚ୍ଛନ୍ଦ ଭରା ଜୀବନ ଯାପନ କର । ସେଥିପାଇଁ କାହା ପ୍ରତି କୌଣସି ପ୍ରକାର ବଳପ୍ରୟୋଗ କରାଯିବ ନାହିଁ ।'

ସେତେବେଳେ କଠୋର ବିଚାର ଭାବନା ରଖିଥିବା ଅବିଶ୍ୱାସକାରୀମାନଙ୍କ ମଧ୍ୟରୁ ଅନେକ ବ୍ୟକ୍ତି ଶାସ୍ତି ମିଳିବା ଭୟରେ ମକ୍କା ଛାଡି ଅନ୍ୟତ୍ର ପଳାୟନ କରିଥିଲେ । କାରଣ ସେମାନେ ଜାଣିଥିଲେ ଯେ ଅତୀତରେ ମୁସଲିମମାନଙ୍କୁ ନିର୍ଯ୍ୟାତନା ଦେବାରେ ସେମାନେ ସମସ୍ତ ସୀମା ଅତିକ୍ରମ କରି ଯାଇଥିଲେ । ଦୟା ଓ କ୍ଷମାର ଏହି ଅନୁପମ ଦୃଶ୍ୟକୁ ଯେଉଁମାନେ ସ୍ୱଚକ୍ଷୁରେ ଦେଖିଥିଲେ ଏବଂ ଶାନ୍ତି ଓ ସୌହାର୍ଦ୍ଦ୍ୟର ଏହି ଅଭୁତପୂର୍ବ ନିଦର୍ଶନ ଯେଉଁମାନଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଥିଲା, ସେହିସବୁ ଅବିଶ୍ୱାସକାରୀମାନଙ୍କ ନିକଟ ସଂପର୍କୀୟମାନେ ସେମାନଙ୍କୁ ମକ୍କା ଫେରି ଆସିବାକୁ ଖବର ପଠାଇଥିଲେ ।

ସେମାନଙ୍କୁ ଏହା ଜଣାଇ ଦିଆଗଲା ଯେ ଦିବ୍ୟ ଅବତାର ଶାନ୍ତି ଏବଂ ନିରାପତ୍ତା ପ୍ରଦାନ କରିଛନ୍ତି ଏବଂ ପ୍ରେମ ଓ ମୈତ୍ରୀର ବାର୍ତ୍ତା ବିତରଣ କରିଛନ୍ତି । ତେଣୁ ସେମାନେ ନିର୍ବିଘ୍ନରେ ମକ୍କାକୁ ପ୍ରତ୍ୟାବର୍ତ୍ତନ କରନ୍ତୁ । ପୂର୍ବରୁ ଇସଲାମର ଦୃଢ ବିରୋଧି ଥିବା ବ୍ୟକ୍ତିମାନେ ଯେତେବେଳେ ଦେଖିଲେ ଯେ ସେମାନଙ୍କ ପ୍ରତି ଦୟାଶୀଳ ମନୋଭାବ ପୋଷଣ କରାଯାଉଛି ଏବଂ କ୍ଷମା ଆଚରଣ କରାଯାଉଛି, ସେମାନେ ନିର୍ଭୟରେ ଓ ସ୍ୱଇଚ୍ଛାରେ ଇସଲାମ ଧର୍ମ ଗ୍ରହଣ କଲେ ।

ଉପରେ ଯେଉଁ ତଥ୍ୟ ଭିତ୍ତିକ ଘଟଣା ମୁଁ ଆପଣଙ୍କ ସମ୍ମୁଖରେ ବର୍ଣ୍ଣନା କଲି, ତାହା ଇସଲାମର ପ୍ରାକକାଳୀନ ଇତିହାସରେ ଲିପିବଦ୍ଧ ହୋଇଛି । ତାହା ବହୁସଂଖ୍ୟକ ଅଣମୁସଲିମ ଐତିହାସିକ ଓ ପ୍ରାଚ୍ୟ ଜଗତର ପ୍ରବୀଣ ତତ୍ତ୍ୱବିତମାନଙ୍କ ଦ୍ୱାରା କରାଯାଇଥିବା ଅନୁସନ୍ଧା ନମୂଳକ ତଥ୍ୟ ଉପରେ ଆଧାରିତ । ଏହି ଘଟଣାର ସତ୍ୟାସତ୍ୟକୁ ସେମାନେ ସ୍ୱୀକୃତି ପ୍ରଦାନ କରିଛନ୍ତି । ଇସଲାମର ଏହା ହିଁ ପ୍ରକୃତ ଶିକ୍ଷା, ଯାହା ଦିବ୍ୟ ଅବତାର ମୁହମ୍ମଦ[ସଃ] ଙ୍କ ଆଦର୍ଶମୟ ଓ ଅସାଧାରଣ କୃତୀତ୍ୱର କୀର୍ତ୍ତିମାନ ଉଦାହରଣ ସୃଷ୍ଟି କରିଥିଲା । ସୁତରାଂ ଇସଲାମ ଏବଂ ଏହାର ପ୍ରତିଷ୍ଠାତାଙ୍କୁ ହିଂସା ଓ ଉପଦ୍ରବ ସୃଷ୍ଟିକାରୀ ଭାବରେ ଅଭିହିତ କରି ସେମାନଙ୍କ ବିରୁଦ୍ଧରେ କପୋଳ କଳ୍ପିତ ଅଭିଯୋଗ ଆଣିବା ଏକ ନିଷ୍ଠୁର ଅନ୍ୟାୟ ବ୍ୟତୀତ ଆଉ କିଛି ନୁହେଁ । ତେଣୁ ଏହା ନିଃସନ୍ଦେହ ଯେ ଯେଉଁଠାରେ ଏହିପରି ମିଥ୍ୟା ଅଭିଯୋଗ କରାଯାଉଛି, ଆମ୍ଭେମାନେ ସେଥିପାଇଁ ଅତ୍ୟନ୍ତ ମର୍ମାହତ ହେଉଛୁ ।

ପୁଣିଥରେ ମୁଁ କହିବାକୁ ଚାହୁଁଛି ଯେ ଇସଲାମର ମୌଳିକ ଶିକ୍ଷା ଯାହା ଶାନ୍ତିପୂର୍ଣ୍ଣ ଥିଲା, ତାହା ଉପରେ ଅହମଦୀୟା ମୁସଲିମ ଜମାଅତ ପରିଚାଳିତ ହେଉଛି ଓ ଏହାର ପ୍ରତ୍ୟେକ ସଭ୍ୟ ଏହି ଶିକ୍ଷା ଉପରେ ପାଳନ କରନ୍ତି ।

ଏବଂ ପୁନର୍ବାର ମୁଁ କହିବି ଯେ ଉଗ୍ରବାଦୀ ସଂଗଠନ ଓ କେତେକ ନିର୍ଦ୍ଦିଷ୍ଟ ଶ୍ରେଣୀର ବ୍ୟକ୍ତିଙ୍କ ଦ୍ୱାରା ସମସ୍ତ ଘୃଣାପୂର୍ଣ୍ଣ ଆଚରଣ ଓ ଦୁଷ୍କର୍ମାଦି କରାଯାଉଛି, ଯାହାର ଇସଲାମର ପ୍ରକୃତ ଶିକ୍ଷା ସହିତ କୌଣସି ସଂପର୍କ ନାହିଁ ।

ନ୍ୟସ୍ତ ସ୍ୱାର୍ଥ ହାସଲ କରିବାକୁ ଚାହୁଁଥିବା କୌଣସି ଦଳ ବା ବ୍ୟକ୍ତିଙ୍କ କାର୍ଯ୍ୟକଳାପକୁ କୌଣସି ଧର୍ମର ନୀତିଶିକ୍ଷା ହୋଇଥିବ ବୋଲି ବିବେଚନା କରି କଦାପି ସେହି ଧର୍ମ ପ୍ରତି ଆରୋପିତ କରାଯିବା ଠିକ୍ ନୁହେଁ । ଏହି ଶୁଦ୍ଧପୂତ ଧାରଣା ପ୍ରକୃତ ନ୍ୟାୟ ପ୍ରତିଷ୍ଠା ପାଇଁ ଏକାନ୍ତ ପ୍ରୟୋଜନ । ଏହିସବୁ ଆଚରଣ କୌଣସି ଧର୍ମ କିମ୍ବା ଏହାର ସଂସ୍ଥାପକଙ୍କ ପ୍ରତି ଅଭିପ୍ରେତ କରି ଅନ୍ୟାୟ ଭାବରେ ତାହାର

ସମାଲୋଚନା କରାଯିବା ସମୀଚିନ ନୁହେଁ ଏବଂ ଏପରି ପ୍ରତିକୂଳ ପରିସ୍ଥିତିରେ କ୍ଷମାକୁ ଆଧାର କରି ଏହାକୁ ବ୍ୟବହାର କରିବା ଅର୍ଥାତ ଏହା କ୍ଷମଣୀୟ ବୋଲି ବିଚାର କରିବା ଅନୁଚିତ । ବିଶ୍ୱଶାନ୍ତି ଏବଂ ସଦ୍‌ଭାବନା ପ୍ରତିଷ୍ଠା ପାଇଁ ନିଜ ଉଦ୍ୟମକୁ ସଫଳ କରିବା ଦିଗରେ ଚଳିତ ସମୟରେ ଜଣେ ବ୍ୟକ୍ତି ଅନ୍ୟ ବ୍ୟକ୍ତିକୁ ସ୍ନେହ ଓ ସମ୍ମାନ ପ୍ରଦର୍ଶନ କରିବାର ପରମ ଆବଶ୍ୟକତା ରହିଛି, ଅନ୍ୟଥା ପରିସ୍ଥିତି ଭୟାବହ ହେବ ।

ପୃଥିବୀ ଏକ ଗୋଲାକାର ଗ୍ରାମରେ ପରିଣତ ହୋଇଛି । ଆମ ଭିତରେ ପାରସ୍ପରିକ ସମ୍ମାନର ଅଭାବ ଦେଖାଦେଲେ ଏବଂ ଶାନ୍ତିକୁ ପୃଥିବୀରେ ପ୍ରତିଷ୍ଠା କରିବା କ୍ଷେତ୍ରରେ ଆମ୍ଭମାନଙ୍କର ସମ୍ମିଳିତ ଉଦ୍ୟମ ବିଫଳ ହେଲେ ଏହା କେବଳ କୌଣସି ସ୍ଥାନ ବା ସହର କିମ୍ବା ଦେଶ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବନାହିଁ, ବରଂ ସମଗ୍ର ପୃଥିବୀକୁ ଧ୍ୱଂସ ଅଭିମୁଖେ ଠେଲି ଦେବ । ବିଗତ ଦୁଇଟି ବିଶ୍ୱଯୁଦ୍ଧର ଭୟାବହ ପରିଣାମ ସମ୍ବନ୍ଧରେ ଆମ୍ଭେମାନେ ପୂର୍ବରୁ ସଚେତନ ଅଛେ, ଅଥଚ ପରିତାପର ବିଷୟ ହେଉଛି ଯେ କେତେକ ଦେଶର ଗର୍ହିତ ଆଚରଣ ପୃଥିବୀର ଦିଗବଳୟରେ ଅନ୍ୟ ଏକ ବିଶ୍ୱଯୁଦ୍ଧର ଆଭାସ ଦେଉଛି ।

ଯଦି ଏହି ବିଶ୍ୱଯୁଦ୍ଧ ଆରମ୍ଭ ହୁଏ, ତା'ହେଲେ ଏହାର ସୁଦୂରପ୍ରସାରୀ ପରିଣତିର ଗୁରୁତର ପ୍ରଭାବ ପାଶ୍ଚାତ୍ୟ ଜଗତ ଉପରେ ମଧ୍ୟ ପଡିବ । ଆସନ୍ତୁ ଆମେମାନେ ନିଜକୁ ରକ୍ଷା କରିବା ଏହି ଧ୍ୱଂସର କରାଳରୁ । ପୁନଶ୍ଚ ଏହି ଶୋଚନୀୟ ବିପଦର ବିଭୀଷିକା ମଧ୍ୟରୁ  ରକ୍ଷା କରିବା ଆମ ଭବିଷ୍ୟତ ବଂଶଧରମାନଙ୍କର ଅମୂଲ୍ୟ ଜୀବନ । ଏହି ବିଶ୍ୱଯୁଦ୍ଧ ଏକ ଆଣବିକ ଓ ପାରମାଣବିକ ଯୁଦ୍ଧରେ ପରିଣତ ହେବାର ଆଶଙ୍କା ଦେଖାଦେଉଛି । ତେଣୁ ଏହି ଭୟଙ୍କର ବିପତ୍ତିକୁ ପ୍ରତିହତ କରିବା ପାଇଁ ଆମେ ନ୍ୟାୟ, ଏକତା ଓ ସାଧୁତାର ପଥ ଅବଲମ୍ବନ କରିବା ଉଚିତ । ଆମ୍ଭେ ସମସ୍ତେ ଏକତ୍ର ମିଳିତ ହୋଇ ହିଂସା ଓ ଘୃଣାକୁ ବିସ୍ତାର କରୁଥିବା ସେହି ଗୋଷ୍ଠୀ ବା ସଂଗଠନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ଏବଂ ଯେଉଁମାନେ ପୃଥିବୀରେ ଶାନ୍ତି ନଷ୍ଟ କରିବାକୁ ଚାହୁଁଛନ୍ତି, ସେମାନଙ୍କୁ ଦୃଢ ହସ୍ତରେ ଦମନ କରିବା ଅପରିହାର୍ଯ୍ୟ ।

ମୋର ଆଶା ଓ ବିଶ୍ୱାସ ରହିଛି ସେହି ମହାଶକ୍ତିଧାରୀ ରାଷ୍ଟ୍ରଗୁଡିକ ଉପରେ । ସେମାନଙ୍କ ପାଇଁ ମୁଁ ପ୍ରାର୍ଥନା କରୁଛି ଯେ ସର୍ବଶକ୍ତିମାନ ଈଶ୍ୱର ସ୍ୱଚ୍ଛ ଓ ନ୍ୟାୟପୂର୍ଣ୍ଣ ଭାବରେ ସେମାନଙ୍କର ଦାୟିତ୍ୱ ନିର୍ବାହ କରିବା ପାଇଁ ସେମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ନ୍ୟାୟ ପ୍ରତିଷ୍ଠା ପାଇଁ ସେମାନେ ସମୁଚିତ ପଦକ୍ଷେପ ଗ୍ରହଣ କରନ୍ତୁ,

ଯାହା ସେମାନଙ୍କର ପରମ ଧେୟ ହେଉ । ଆମିନ ।

ମୋର ବକ୍ତବ୍ୟ ଶେଷ କରିବା ପୂର୍ବରୁ ମୁଁ ପୁନର୍ବାର ଆପଣ ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି,ଯେଉଁମାନେ ସମୟ ତ୍ୟାଗ କରି ମୋର ବକ୍ତବ୍ୟ ଶୁଣିବା ପାଇଁ ଏହି ସମ୍ମିଳନୀରେ ଯୋଗ ଦେଇଛନ୍ତି । ଆପଣମାନେ ଈଶ୍ୱରଙ୍କ ଆଶୀର୍ବାଦ ଲାଭ କରନ୍ତୁ ।

**-ଆପଣଙ୍କୁ ଅଶେଷ ଧନ୍ୟବାଦ-**



# ସାଂପ୍ରତିକ ପରିସ୍ଥିତିରେ ବିଶ୍ୱଶାନ୍ତି-
# ଏକ ଜରୁରୀ ଆବଶ୍ୟକତା







Hon Kanwaljit Singh Bakshi (MP) receiving the HolyQur'an from Hadrat Khalifatul-Masih V[aba]



Iranian ambassador Seyed Majid Tafreshi Khameneh meeting Hadrat Khalifatul-Masih V[aba]



Det. Rakesh Naidoo meeting Hadrat Khalifatul-Masih V[aba] in representation of the Commissioner of Police New Zealand



Hadrat Khalifatul-Masih V[aba] leading silent prayers at the conclusion of the official function in the Grand Hall, New Zealand Parliament



Dr. Cam Calder MP meeting Hadrat Khalifatul-Masih V[aba]



Hadrat Khalifatul-Masih V[aba] delivering the keynote address at the Grand Hall, in the New Zealand Parliament. 4th Nov 2013



Hon Kanwaljit Singh Bakshi (MP) with Hadrat Khalifatul-Masih V[aba] and his entourage in front of the New Zealand Parliament

# ଭୂମିକା

ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂପ୍ରଦାୟର ପଞ୍ଚମ ଖଲିଫା-ହଜରତ ମିର୍ଜା ମସ୍‌ରୁର୍ ଅହମଦ[ଅବ] ୨୦୧୩ ମସିହା ନଭେମ୍ବର ୪ତାରିଖ ଦିନ ୱେଲିଂଟନ୍ ଠାରେ ନ୍ୟୁଜିଲ୍ୟାଣ୍ଡର ଜାତୀୟ ପାର୍ଲାମେଣ୍ଟକୁ ଏକ ଐତିହାସିକ ଉଦ୍‌ବୋଧନ ଦେଇଥିଲେ । ଦେଶର ସାଂସଦଗଣ, ରାଷ୍ଟ୍ରଦୂତ ଗଣ, ବହୁ ପ୍ରବୀଣ ଶିକ୍ଷାବିତ, ପୋଲିସ ଅଧିକାରୀ, ବ୍ରିଟିଶ କମିଶନର, ଆର୍ଜେଣ୍ଟିନା ଦୂତାବାସରେ ଉପମୁଖ୍ୟ ତଥା କାଉନ୍‌ସିଲର୍ ଏବଂ ଅନ୍ୟାନ୍ୟ ବର୍ଗର ମାନ୍ୟଗଣ୍ୟ ଅତିଥି ଏହି ସଭାରେ ଯୋଗ ଦେଇଥିଲେ । ସେମାନଙ୍କ ସମ୍ମୁଖରେ ପ୍ରତିଶ୍ରୁତ ମସିହ[ଅବ] ଙ୍କ ଖଲିଫା ଉଦ୍‌ବୋଧନ ଦେଇ ପୃଥିବୀର ବିଭିନ୍ନ ଭାଗରେ ଦେଖାଦେଇଥିବା ମାନସିକ ଉଦ୍‌ବେଗ ଓ ଜାତିଗତ ଦଳୀୟ ସଂଘର୍ଷ ପରିପ୍ରେକ୍ଷୀରେ ବିଶ୍ୱଶାନ୍ତିର ପ୍ରସାର ପାଇଁ ଅତ୍ୟନ୍ତ ଜରୁରୀ ହୋଇ ପଡିଥିବା ନ୍ୟାୟଶୀଳ ନୀତି ସପକ୍ଷରେ ନିଜର ଯୁକ୍ତି ଉପସ୍ଥାପନ କରିଥିଲେ । ମହାମାନ୍ୟ ଖଲିଫା ଏହି ମୂଳ ବିଷୟ ଉପରେ ବକ୍ତବ୍ୟ ପ୍ରଦାନ କଲାପରେ ଅନ୍ୟ ସମ୍ମାନିତ ବ୍ୟକ୍ତିଗଣ ଏହି ସଭାକୁ ସମ୍ବୋଧିତ କରିଥିଲେ । ସେଠାକାର ବିଶିଷ୍ଟ ପାର୍ଲାମେଣ୍ଟ ସଦସ୍ୟ କୱଁଲ୍‌ଜିତ ସିଂ ବଖଶୀ କହିଲେ, ‘ପୁଣ୍ୟଶ୍ଳୋକ ମିର୍ଜା ମସରୁର ଅହମଦ ସାହେବଙ୍କୁ ଆମ ଗହଣରେ ପାଇ ଆମେ ନିଜକୁ ଅତ୍ୟନ୍ତ ଗର୍ବିତ ମନେ କରୁଛୁ । ନ୍ୟୁଜିଲାଣ୍ଡ ସାଂସଦ ଭବନରେ ତାଙ୍କର ପାଣ୍ଡିତ୍ୟ ପୂର୍ଣ୍ଣ ପ୍ରବଚନ ଓ ଉତ୍କର୍ଷ ଚିନ୍ତାଧାରା ସମ୍ବଳିତ ଭାଷଣ ଶୁଣିବା ପାଇଁ ଆମକୁ ଆଜି ଅବସର ମିଳିଛି’ । ଅନ୍ୟତମ ସାଂସଦ ଡଃ ରାଜେନ୍ଦ୍ର ପ୍ରସାଦ କହିଲେ, ‘ପୁଣ୍ୟ ମହାଭାଗ ନ୍ୟୁଜିଲାଣ୍ଡ ପାର୍ଲାମେଣ୍ଟରେ ଆମର ସ୍ୱାଗତ ଅଭିବାଦନ ଗ୍ରହଣ କରିଥିବାରୁ ଆମେ ଆନନ୍ଦିତ । ଅହମଦିମାନଙ୍କ ଜୀବନ ଯାପନ ପ୍ରଣାଳୀ ଅତି ସରଳ ଓ ନିରାଡମ୍ବର । ସେମାନେ

ଦେଶର ଉତ୍ତମ ନାଗରିକ ଭାବରେ ଯେପରି ଶାନ୍ତିର ବାର୍ତ୍ତାକୁ ପ୍ରସାରିତ କରୁଛନ୍ତି, ତାହା ମୋତେ ବହୁତ ପ୍ରଭାବିତ କରିଛି' । ଏହି ସମ୍ମିଳନୀ ଉଦ୍‌ଯାପନ ହେବା ପରେ ହଜରତ ମିର୍ଜା ମସରୁର ଅହମଦ[ଅବ]ଙ୍କ ସହିତ ଇରାନ ଓ ଇସ୍ରାଇଲ ରାଷ୍ଟ୍ରଦୂତଙ୍କ ସମେତ ବିଭିନ୍ନ ସମ୍ମାନିତ ବ୍ୟକ୍ତି ସାକ୍ଷାତ ଆଲୋଚନା କରିଥିଲେ । ତତ୍‌ପରେ ପୁଣ୍ୟ ମହାଭାଗ ସାଂସଦ କୱଁଲ୍‌ଜିତ ସିଂଙ୍କ ଦ୍ୱାରା ପାର୍ଲାମେଣ୍ଟ ଭବନ ପରିଦର୍ଶନ କରିଥିଲେ ।

# ସାଂପ୍ରତିକ ପରିସ୍ଥିତିରେ ବିଶ୍ୱଶାନ୍ତି- ଏକ ଜରୁରୀ ଆବଶ୍ୟକତା

ବିସମିଲ୍ଲାହିର-ରହମାନିର୍-ରହିମ୍: ଅଲ୍ଲାଃଙ୍କ ନାମ ନେଇ ଆରମ୍ଭ କରୁଛି ଯେ ଅଶେଷ ଦୟାବାନ ଏବଂ ସଦା କରୁଣାମୟ ।

ମୋର ପ୍ରିୟ ସମସ୍ତ ସମ୍ମାନିତ ଅତିଥି, ଅସ୍‌ସଲାମୋ ଆଲେକୁମ୍ ରହମାତୁଲ୍ଲାହେଓ୍ୱ ବରକାତୋହୁ : ଆପଣମାନଙ୍କୁ ଅଲ୍ଲାଃଙ୍କ ଶାନ୍ତି ଏବଂ ଅଶୀଷ ପ୍ରାପ୍ତ ହେଉ ।

ସର୍ବପ୍ରଥମେ ମୁଁ ସେ ସମସ୍ତଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରୁଛି, ଯେଉଁମାନେ ଏହି ସମାରୋହର ଆୟୋଜନ କରିଛନ୍ତି ଏବଂ ଆପଣମାନଙ୍କୁ ସମ୍ବୋଧନ କରିବା ପାଇଁ ମୋତେ ସୁଯୋଗ ଦେଇଛନ୍ତି । ଦ୍ୱିତୀୟତଃ ମୁଁ ଆପଣମାନଙ୍କୁ ଧନ୍ୟବାଦ ଜଣାଉଛି, ଯେଉଁମାନେ ମୋ ବକ୍ତବ୍ୟ ଶୁଣିବାପାଇଁ ଏଠାକୁ ଆସିଛନ୍ତି ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ ସରକାରଙ୍କ ନୀତି ଓ ଯୋଜନା ପ୍ରସ୍ତୁତ କରିବା ଏବଂ ଆଇନ କାନୁନକୁ କାର୍ଯ୍ୟକାରୀ କରିବା ପାଇଁ ଏହି ପାର୍ଲାମେଣ୍ଟ ସଦନରେ ବିଭିନ୍ନ ରାଜନୀତିଜ୍ଞ ତଥା ସାଂସଦଗଣ ନିୟମିତ ରୂପେ ଏକତ୍ରୀତ ହୋଇଥାନ୍ତି । ସେମାନଙ୍କ ଉଦ୍ଦେଶ୍ୟ ନିଜ ଦେଶର ପ୍ରଗତିର ଧାରାକୁ ଆଗକୁ ବଢ଼ାଇବା । ଏତଦ୍ ବ୍ୟତୀତ ମୁଁ ଭାବୁଛି ଯେ ଏଠାକୁ ନିଶ୍ଚିତ ଭାବରେ ବହୁ ଅଣ-ଧର୍ମୀୟ ବିଶ୍ୱନେତା ତଥା ନିରପେକ୍ଷ ବିଚାରଧାରା ରଖିଥିବା ବୁଦ୍ଧିଜୀବିମାନେ ଆସିଥିବେ ଓ ସେମାନଙ୍କ ଚତୁର ଜ୍ଞାନ କୌଶଳ, କାର୍ଯ୍ୟ ଦକ୍ଷତା ଓ ଅତୀତର ଅଭିଜ୍ଞତା ଭିତ୍ତିରେ ସେମାନେ ଆପଣମାନଙ୍କୁ ସମ୍ବୋଧନ କରିଥିବେ । ତେବେ କ୍ୱଚିତ୍ କୌଣସି ଧାର୍ମିକନେତା ଓ ସଂପ୍ରଦାୟର ମୁଖ୍ୟ ବିଶେଷତଃ କୌଣସି ମୁସଲିମ

ଧର୍ମଗୁରୁ ଆପଣମାନଙ୍କୁ ଉଦବୋଧନ ଦେଇଥିବେ । ସୁତରାଂ ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂପ୍ରଦାୟ ଯାହା ସଂପୂର୍ଣ୍ଣ ରୂପେ ଏକ ଇସଲାମୀୟ ଧର୍ମ ସଂଗଠନ ଓ ଯାହାର ଏକମାତ୍ର ଉଦ୍ଦେଶ୍ୟ ଏହାର ବିଶୁଦ୍ଧ ଶିକ୍ଷାକୁ ପ୍ରସାରିତ କରିବା । ତେବେ ଏହି ସଂପ୍ରଦାୟର ଧାର୍ମିକ ମୁଖ୍ୟଙ୍କୁ ଆପଣମାନଙ୍କ ସମ୍ମୁଖରେ ବକ୍ତବ୍ୟ ଉପସ୍ଥାପନ କରିବାର ସୁଯୋଗ ପ୍ରଦାନ କରିଛନ୍ତି । ଏହା ଆପଣମାନଙ୍କ ମହାନୁଭବତା ଓ ଉଚ୍ଚମାନର ସହିଷ୍ଣୁତାର ପରିଚୟ ଦିଏ । ଏତାଦୃଶ ଦୟାଶୀଳ ମନୋଭାବ ପାଇଁ ମୁଁ ଆପଣମାନଙ୍କୁ କୃତଜ୍ଞତା ପୂର୍ବକ ସାଧୁବାଦ ଜଣାଉଛି ।

ଧନ୍ୟବାଦ ଅର୍ପଣର ସ୍ୱଳ୍ପ ଅଭିବ୍ୟକ୍ତି ପରେ ମୁଁ ମୁଖ୍ୟ ବିଷୟବସ୍ତୁ ପ୍ରତି ଆପଣମାନଙ୍କ ଧ୍ୟାନ ଆକର୍ଷଣ କରୁଛି । ଏହି ଅବସରରେ ଇସଲାମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ମୁଁ କିଛି କହିବାକୁ ଚାହୁଁଛି । ମୁଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଯାହା କହିବି, ବର୍ତ୍ତମାନ ସମୟରେ ତାହାର ଆବଶ୍ୟକତା ବହୁତ ଅଧିକ । ତାହା ହେଉଛି 'ବିଶ୍ୱଶାନ୍ତି' । ସାଂସାରିକ ଦୃଷ୍ଟିରୁ ଦେଖିଲେ ଆପଣମାନଙ୍କ ମଧ୍ୟରୁ ଅନେକ ରାଜନୀତିଜ୍ଞ ବ୍ୟକ୍ତଗତ ଭାବରେ ଓ ଦେଶର ସରକାର ସାମୂହିକ ଭାବରେ ଶାନ୍ତି ପ୍ରତିଷ୍ଠା ପାଇଁ ପ୍ରୟାସ କରୁଛନ୍ତି । ଏହା ପଛରେ ଆପଣମାନଙ୍କ ସ୍ୱଚ୍ଛ ମନୋଭାବ ରହିଛି ଓ ଏହି ଉଦ୍ୟମରେ ଆପଣମାନଙ୍କୁ କେତେକାଂଶରେ ସଫଳତା ଅବଶ୍ୟ ମିଳିଥିବ, ଯାହା ପାଇଁ ଆପଣମାନେ ଖୁସି ଅନୁଭବ କରୁଥିବେ । ବିଗତ ବର୍ଷମାନଙ୍କରେ ଆପଣଙ୍କ ସରକାର ଅନ୍ୟ ବୃହତ ଶକ୍ତିଗୁଡିକୁ ଶାନ୍ତି ଓ ସୌହାର୍ଦ୍ଧ୍ୟମୂଳକ ପୃଥିବୀ ଗଠନ କରିବା ପାଇଁ ଆବଶ୍ୟକୀୟ ଉପାୟ ସଂବନ୍ଧରେ ମଧ୍ୟ ପରାମର୍ଶ ଦେଇଥିବେ ।

ଏହା ନିଃସନ୍ଦେହ ଯେ ଆଜି ପୃଥିବୀର ଅବସ୍ଥା ଅତ୍ୟନ୍ତ ସଂକଟାପନ୍ନ ଓ ଏକ ବିପଦସଂକୁଳ ପରିସ୍ଥିତି ଉପୁଜିଥିବା କାରଣରୁ ସମଗ୍ର ପୃଥିବୀ ପାଇଁ ଅତି ଚିନ୍ତାଜନକ ବିଷୟ ହୋଇ ପଡିଛି । ଦୁନିଆର ବଡ ବଡ ବିବାଦ ଆଜିକାଲି ଯେପରି ଆରବ ଜଗତରେ ମୁଣ୍ଡ ଟେକିଛି, ଚିନ୍ତାଶୀଳ ବୁଦ୍ଧିଜୀବିମାନେ ଏହା ଜାଣନ୍ତି ଯେ ଏହି ଧରଣର ବିବାଦ ସେହି ଅଞ୍ଚଳରେ ସୀମିତ ହୋଇ ରହିବ ନାହିଁ । ଏଥିରେ କୌଣସି ସନ୍ଦେହ ନାହିଁ ଯେ କୌଣସି ସରକାର ଏବଂ ସଂପୃକ୍ତ ଦେଶବାସୀଙ୍କ ମଧ୍ୟରେ ଉପୁଜୁଥିବା ବିବାଦ ବୃଦ୍ଧି ପାଇ ଶେଷରେ ଆନ୍ତର୍ଜାତିକ ବିବାଦରେ ପରିଣତ ହୋଇପାରେ ଏବଂ ଫଳତଃ ଏକ ବଡ ସଂଘର୍ଷର ସୂତ୍ରପାତ ହୋଇପାରେ । ତେବେ ଆମେ ଜାଣିଛେ ଯେ ବିଶ୍ୱର ବୃହତ ମହାଶକ୍ତି ଆଜି ଦୁଇ ଗୋଷ୍ଠୀରେ ବିଭକ୍ତ । ଗୋଟିଏ ଗୋଷ୍ଠି ସିରିୟା ସରକାରଙ୍କୁ ସମର୍ଥନ କରୁଛି ତ ଅନ୍ୟଟି ଏହାର ବିଦ୍ରୋହୀ

ଶକ୍ତିଙ୍କ ସପକ୍ଷରେ ଛିଡା ହୋଇଛି । ସୁତରାଂ ଏଥିରୁ ସ୍ପଷ୍ଟ ଯେ ଏହି ପରିସ୍ଥିତି କେବଳ ମୁସଲିମ ରାଷ୍ଟ୍ର ପାଇଁ ଗମ୍ଭୀର ସମସ୍ୟା ହୋଇ ରହିନାହିଁ, ବରଂ ସମଗ୍ର ବିଶ୍ୱପାଇଁ ଚରମ ବିପଦ ସୃଷ୍ଟି କରିଛି ।

ବିଗତ ଶତାବ୍ଦୀରେ ସଂଘଟିତ ହୋଇଥିବା ଦୁଇଟି ବିଶ୍ୱଯୁଦ୍ଧର ଦାରୁଣ ଅନୁଭୂତିକୁ ଆମେ କଦାପି ଭୁଲିଯିବା ଉଚିତ ନୁହେଁ । ବିଶେଷତଃ ଦ୍ୱିତୀୟ ବିଶ୍ୱଯୁଦ୍ଧ ଅଭୁତପୂର୍ବ ଧ୍ୱଂସଲୀଳା ରଚନା କରିଥିଲା । କେବଳ ଅଣ-ଆଣବିକ ଅସ୍ତ୍ରର ପ୍ରୟୋଗ ଦ୍ୱାରା ହିଁ ବହୁ ଜନବହୁଳ ସହର ତଥା ନୂତନ ଭାବେ ଗଢି ଉଠୁଥିବା ଜନବସତି ପୂର୍ଣ୍ଣ ଉପାନ୍ତ ସ୍ଥାନ ସଂପୂର୍ଣ୍ଣ ନିଶ୍ଚିହ୍ନ ହୋଇ ଯାଇଥିଲା ଏବଂ ଏଥିରେ ଲକ୍ଷ ଲକ୍ଷ ଲୋକ ପ୍ରାଣ ହରାଇଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ଯୋଗୁଁ ହୋଇଥିବା ବିଧ୍ୱଂସର କରାଳ ଦୃଶ୍ୟ ପୃଥିବୀ ଦେଖିଲା, ଯେତେବେଳେ ଜାପାନ ଉପରେ ପରମାଣୁ ବୋମା ନିକ୍ଷେପ କରାଗଲା । ଏହାର ପରିଣତି ଥିଲା ଅତ୍ୟନ୍ତ ହୃଦୟ ବିଦାରକ, ଯାହା ବିଷୟରେ ଚିନ୍ତା କରି ମଧ୍ୟ ମନୁଷ୍ୟ ଭୟରେ ଥରହର କମ୍ପମାନ ହୋଇ ଉଠେ । ହିରୋସୀମା ଓ ନାଗାସାକିରେ ରହିଥିବା ସଂଗ୍ରହାଳୟରେ ପ୍ରଦର୍ଶନ ପାଇଁ ରଖାଯାଇଥିବା ଧ୍ୱଂସାବଶେଷର ବିଭତ୍ସ କଳେବର ଏହି ଧ୍ୱଂସର ବିଭୀଷିକାକୁ ମନେ ପକାଇ ଦେବା ପାଇଁ ଯଥେଷ୍ଟ ।

ଦ୍ୱିତୀୟ ବିଶ୍ୱଯୁଦ୍ଧରେ ୭କୋଟି ଲୋକ ମୃତ୍ୟୁ ମୁଖରେ ପଡିଲେ, ଯେଉଁମାନଙ୍କ ମଧ୍ୟରେ ୪କୋଟି ସାଧାରଣ ଜନତା ଥିଲେ । ଅର୍ଥାତ୍ ସୈନିକଙ୍କ ଠାରୁ ଅଧିକ ସାଧାରଣ ଲୋକ ଯୁଦ୍ଧରେ ପ୍ରାଣତ୍ୟାଗ କଲେ । ଯୁଦ୍ଧର ପରବର୍ତ୍ତୀ ଅବସ୍ଥା ମଧ୍ୟ ଥିଲା ଅତ୍ୟନ୍ତ ଭୟାନକ,ଯାହା ଏହି ମୃତ୍ୟୁସଂଖ୍ୟାକୁ ଲକ୍ଷାଧିକ ଅଙ୍କରେ ପହଞ୍ଚାଇ ଦେଇଥିଲା । ପରମାଣୁ ବୋମାର ବହୁ ବର୍ଷ ପରେ ମଧ୍ୟ ବିକିରଣର କୁପ୍ରଭାବ ଯୋଗୁଁ ନବଜାତ ଶିଶୁଙ୍କର ଗଠନ ସ୍ୱାଭାବିକ ହେଲା ନାହିଁ । ଫଳତଃ ଅନେକ ଶାରୀରିକ ବିକଳାଙ୍ଗ ହୋଇ ଶିଶୁ ଜନ୍ମ ଗ୍ରହଣ କଲେ । ସଂପ୍ରତି ଦେଖିବାକୁ ଗଲେ ପୃଥିବୀର କ୍ଷୁଦ୍ର ଦେଶ ଗୁଡିକ ପାଖରେ ମଧ୍ୟ ପରମାଣୁ ଅସ୍ତ୍ର ଧାରଣର ବିପୁଳ କ୍ଷମତା ରହିଛି । ଏବଂ ସେଗୁଡିକୁ ବ୍ୟବହାର କରିବା ପାଇଁ ସଂପୃକ୍ତ ଦେଶର ଜନସାଧାରଣ କୌଣସି ଦ୍ୱିଧା ପ୍ରକାଶ କରୁନାହାନ୍ତି କି ଏହାର କୁପରିଣାମ ପ୍ରତି ମଧ୍ୟ କେହି ଭ୍ରୂକ୍ଷେପ ମଧ୍ୟ କରୁନାହାନ୍ତି ।

ସୁତରାଂ ଆଜି ଯଦି ଆମେ ଅନ୍ୟ ଏକ ପରମାଣୁ ଯୁଦ୍ଧର ପରିକଳ୍ପନା କରିବା, ତା'ହେଲେ ଏହାର ଯେଉଁ ଭୟାନକ ଚିତ୍ର ଆମ ସମ୍ମୁଖକୁ ଆସିବ, ତାହା ମନୁଷ୍ୟ ହୃଦୟକୁ ଥରାଇ ଦେବ । ଏକ ଆକଳନରୁ ଜଣାପଡିଛି ଯେ କ୍ଷୁଦ୍ର ଦେଶଗୁଡିକ

ପାଖରେ ଯେଉଁ ପରମାଣୁ ବୋମା ଗଚ୍ଛିତ ଅଛି, ତାହା ଦ୍ୱିତୀୟ ବିଶ୍ୱଯୁଦ୍ଧରେ ବ୍ୟବହୃତ ବୋମାଠାରୁ ମଧ୍ୟ ଅଧିକ ଶକ୍ତିଶାଳୀ । ଏଥିସକାଶେ ଯେଉଁ ଅସ୍ଥିରତାର ବାତାବରଣ ସୃଷ୍ଟି ହୋଇଛି, ତାହା ପୃଥିବୀରେ ଶାନ୍ତି ପ୍ରତିଷ୍ଠା କରିବା ଦିଗରେ ଯେଉଁମାନେ କାର୍ଯ୍ୟ କରୁଛନ୍ତି ସେଇମାନଙ୍କୁ ହିଁ କେବଳ ଚିନ୍ତାରେ ପକାଇଛି ।

ସଂପ୍ରତି ପୃଥିବୀର ଏକ ଦୁଃଖଦାୟକ ପରିସ୍ଥିତି ହେଉଛି, ଏକ ପ୍ରହେଳିକା ସଦୃଶ । ଏକପକ୍ଷେ ଲୋକମାନେ ଶାନ୍ତି ସ୍ଥାପନ କରିବାରେ ବ୍ୟସ୍ତ ଓ ବିବ୍ରତ ବୋଲି ଲୋକ ଦେଖାଣିଆ ଭାବ ପ୍ରକାଶ କରୁଛନ୍ତି ଏବଂ ସେଥିପାଇଁ ବାହାସ୍ଫୋଟ ମାରୁଛନ୍ତି । ଅଥଚ ଅପରପକ୍ଷେ ନିଜର ଅହଂକାର ଓ ଆତ୍ମବଡିମାର ଡିଣ୍ଡିମ ପିଟୁଛନ୍ତି । ପୁନଶ୍ଚ ଶକ୍ତିଶାଳୀ ରାଷ୍ଟ୍ରଗୁଡିକ ନିଜର ଶ୍ରେଷ୍ଠତା ଓ କ୍ଷମତାର ପ୍ରଭାବକୁ ଅନ୍ୟମାନଙ୍କ ନିକଟରେ ପ୍ରତିପାଦିତ କରିବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଥିବାର ଦୃଷ୍ଟିଗୋଚର ହେଉଛି । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପୃଥିବୀରେ ଏକ ଦୀର୍ଘସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବା ଓ ଭବିଷ୍ୟତରେ ଯୁଦ୍ଧକୁ ପ୍ରତିରୋଧ କରିବା ଲକ୍ଷ୍ୟ ନେଇ ରାଷ୍ଟ୍ରଗୁଡିକ ଏକତ୍ରିତ ହୋଇ 'ମିଳିତ ଜାତିସଂଘ' ଗଠନ କରିଥିଲେ । କିନ୍ତୁ ଦେଖାଗଲା ଯେପରି ଅତୀତରେ League of Nation ନିଜ ଲକ୍ଷ୍ୟରେ ବିଫଳ ହୋଇଥିଲା, ସେହିପରି United Nations ପ୍ରତିଷ୍ଠିତ ଲକ୍ଷ୍ୟର ମହତ୍ତ୍ୱ ଓ ପଦ ମର୍ଯ୍ୟାଦା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି । କିନ୍ତୁ ଯଦି ନ୍ୟାୟର ଆବଶ୍ୟକତା ପୂରଣ ହୋଇପାରୁ ନାହିଁ, ତା'ହେଲେ ଯେତେ ପ୍ରକାର ବଡ ବଡ ସଂଘ ଗଠନ କରାଗଲେ ମଧ୍ୟ ଶାନ୍ତିର ସୁରକ୍ଷା ଦିଗରେ ସେମାନଙ୍କୁ ଆଶାନୁରୂପ ଫଳ ମିଳିବ ନାହିଁ ।

ମୁଁ କେବଳ ଜାତିସଂଘର ବିଫଳତା ବିଷୟରେ କହିଲି । ଏହି ସଂଗଠନ ପ୍ରଥମ ବିଶ୍ୱଯୁଦ୍ଧ ପରେ ସୃଷ୍ଟି ହେଲା, ଯାହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା କେବଳ ଶାନ୍ତିର ସୁରକ୍ଷା ଦିଗରେ ଏହା ପୃଥିବୀବ୍ୟାପୀ କାର୍ଯ୍ୟ କରିବ । କିନ୍ତୁ ଦୁଃଖର କଥା ଯେ ଏହା ଦ୍ୱିତୀୟ ବିଶ୍ୱଯୁଦ୍ଧକୁ ବନ୍ଦ କରିବାରେ ସମର୍ଥ ହୋଇ ପାରିଲା ନାହିଁ । ଅଥଚ ସେହି ଯୁଦ୍ଧ ହେବା ଯୋଗୁଁ ପ୍ରଭୁତ ଧନ ଜୀବନ କ୍ଷୟକ୍ଷତି ହେଲା । ଏହି ଯୁଦ୍ଧର କୁପରିଣାମ ନ୍ୟୁଜିଲାଣ୍ଡକୁ ମଧ୍ୟ ଭୋଗ କରିବାକୁ ପଡିଥିଲା । ଏହି ଦେଶର ପ୍ରାୟ ୧୧ ହଜାର ସୈନିକ ଏଥିରେ ମୃତ୍ୟୁ ବରଣ କରିଥିଲେ । ଯେହେତୁ ନ୍ୟୁଜିଲାଣ୍ଡ ପୃଥିବୀର କେନ୍ଦ୍ରସ୍ଥଳୀ ଠାରୁ ବହୁ ଦୂରରେ ଅବସ୍ଥିତ, ତେଣୁ ସାଧାରଣ ଜୀବନ ହାନୀ ହେଲା ନାହିଁ । କିନ୍ତୁ ଯେପରି ମୁଁ ପୂର୍ବରୁ କହିଛି, ସାମୁହିକ ଭାବରେ ସେହି ଯୁଦ୍ଧରେ ସୈନିକମାନଙ୍କ ଅପେକ୍ଷା ସାଧାରଣ ନିରୀହ ଲୋକଙ୍କର ଅଧିକ ମୃତ୍ୟୁ ହୋଇଥିଲା ।

କଳ୍ପନା କରନ୍ତୁ ତ, କିପରି ଅଗଣିତ ବାଳୁତ, ନରନାରୀ କୌଣସି ଅପରାଧ ନ କରି ଅକାରଣରେ ଅତି ଦୟନୀୟ ଅବସ୍ଥାରେ ମରିଗଲେ ।

ଏହି କାରଣରୁ ହିଁ ପ୍ରତ୍ୟକ୍ଷ ଭାବରେ ଯୁଦ୍ଧ ସହିତ ଜଡିତ ଥିବା ସେହିସବୁ ଦେଶର ଲୋକମାନଙ୍କ ହୃଦୟରେ ଯୁଦ୍ଧ ବିରୁଦ୍ଧରେ ଅତିଶୟ ଘୃଣା ଓ ବିତୃଷ୍ଣାର ବହ୍ନି ଜଳୁଛି । ଦେଶପ୍ରେମର ଆବଶ୍ୟକତା ସେତେବେଳେ ଯାଇ ପୂରଣ ହେବ ଯେବେ ଜଣେ ଦେଶଭକ୍ତ ନାଗରିକର ଏହା କର୍ତ୍ତବ୍ୟ ହେବ ଯେ ସେ ନିଜ ଦେଶର ସୁରକ୍ଷା ଓ ମୁକ୍ତି ପାଇଁ ସବୁ ପ୍ରକାର ତ୍ୟାଗ ଓ ବଳିଦାନ ସ୍ୱୀକାର କରିବାକୁ ସର୍ବଦା ପ୍ରସ୍ତୁତ ରହିବ । କିନ୍ତୁ ଯଦି ଏହି ବିବାଦ ଜନିତ ସଂଘର୍ଷ ଏକ ସୌହାର୍ଦ୍ଦ୍ୟ ମୂଳକ ବାତାବରଣ ମଧ୍ୟରେ ଶାନ୍ତିପୂର୍ଣ୍ଣ ଉପାୟରେ ତଥା ମିଳାମିଶା ମାଧ୍ୟମରେ ସମାଧାନ ହୋଇଯିବ, ତା'ହେଲେ ଅଯଥା ରକ୍ତପାତ ଓ ହିଂସାକାଣ୍ଡକୁ ଆମନ୍ତ୍ରଣ କରି ଡାକିବା ବିବେକାନୁମୋଦିତ ନୁହେଁ । ପୁରାତନ ଯୁଗରେ ହେଉଥିବା ଯୁଦ୍ଧମାନଙ୍କରେ ମୁଖ୍ୟତଃ କେତେକ ସୈନିକ ହିଁ ପ୍ରାଣତ୍ୟାଗ କରୁଥିଲେ ଓ ଖୁବ କାମ ସାଧାରଣ ଲୋକ ମୃତ୍ୟୁ ମୁଖରେ ପଡୁଥିଲେ । କିନ୍ତୁ ଆଜିକାଲିର ଯୁଦ୍ଧରେ ଆକାଶରୁ ବୋମା ନିକ୍ଷେପଣ, ବିଷାକ୍ତ ଗ୍ୟାସ ନିଷ୍କାସନ ଓ ରାସାୟନିକ ଅସ୍ତ୍ରର ବହୁଳ ବ୍ୟବହାର କରାଯାଉଛି । ଯେପରି ମୁଁ କହିଲି, ନ୍ୟୁକ୍ଲିୟର ବୋମାର ପ୍ରୟୋଗ ମଧ୍ୟ ସମ୍ଭବ ହୋଇଛି, ଯାହାର ଆଣବିକ ବିସ୍ଫୋରଣ କ୍ଷମତା ସର୍ବାଧିକ ।

ଏଥିରୁ ଜଣାପଡେ ଯେ ଏବେକାର ଯୁଦ୍ଧ ପଦ୍ଧତି ଅତୀତରେ ହେଉଥିବା ଯୁଦ୍ଧଠାରୁ ସଂପୂର୍ଣ୍ଣ ଭିନ୍ନ ଧରଣର । କାରଣ ଆଜିର ଯୁଦ୍ଧ ଆହ୍ୱାନ କରିବାର ଅଭିପ୍ରାୟ ମାନବ ସମାଜକୁ ପୃଥିବୀ ପୃଷ୍ଠରୁ ସଂପୂର୍ଣ୍ଣ ଭାବରେ ନିଶ୍ଚିହ୍ନ କରିବା ପାଇଁ ଶକ୍ତି ପ୍ରଦର୍ଶନକୁ ଦର୍ଶାଉଛି । ଏହି ପରିପ୍ରେକ୍ଷୀରେ ଶାନ୍ତିର ପ୍ରତିଷ୍ଠା ପାଇଁ ପବିତ୍ର କୁରଆନରେ ଯେଉଁ ସୁନ୍ଦର ଶିକ୍ଷା ରହିଛି, ତାହା ମୁଁ ଏଠାରେ ଉପସ୍ଥାପନ କରୁଛି ।

**ଏବଂ ପୁଣ୍ୟ ଓ ପାପ ସମାନ ହୋଇ ନ ପାରେ, ତୁମ୍ଭେ ମନ କାର୍ଯ୍ୟରେ ଉତ୍ତର ଅତି ଉତ୍ତମ ବ୍ୟବହାର ଦ୍ୱାରା ଦିଅ । ଯାହା ଫଳରେ ଯେଉଁ ବ୍ୟକ୍ତିର ତୁମ ସହିତ ଶତ୍ରୁତା ଥିଲା, ସେ ତୁମର ଉତ୍ତମ ବ୍ୟବହାର ଦେଖି ତୁମର ଅନ୍ତରଙ୍ଗ ବଂଧୁ ହୋଇଯିବ । (ହା-ମୀମ୍ ସଜଦା 35)**

ସୁତରାଂ କୁରଆନର ଶିକ୍ଷା ଅନୁଯାୟୀ କୌଣସି ଶତ୍ରୁତା କିମ୍ବା ଆକ୍ରୋଶମୂଳକ ମନୋଭାବ ଦୂର କରିବା ପାଇଁ ଯେତେଦୂର ସମ୍ଭବ କଥାବାର୍ତ୍ତା ଓ ଭାବର ଆଦାନ ପ୍ରଦାନ ମାଧ୍ୟମରେ ସମାଧାନର ଉପାୟ ବାହାର କରିବା ଉଚିତ ।

ଲୋକମାନଙ୍କ ସହିତ କୋମଳ ବଚନ କରି ବିବେକପୂର୍ଣ୍ଣ ଆଚରଣ ପ୍ରଦର୍ଶନ କଲେ ତାହା ସେମାନଙ୍କ ଉପରେ ଗଭୀର ପ୍ରଭାବ ପକାଇବ ଏବଂ ନିଶ୍ଚିତ ରୂପେ ତାହା ଲୋକଙ୍କ ହୃଦୟରୁ ଘୃଣା ଭାବ ଓ ଆବିଳତା ଦୂର କରିବାର କାରଣ ହେବ ।

ଏହା ନିଃସନ୍ଦେହ ଯେ ଏ ଯୁଗରେ ଆମେ ନିଜକୁ ଅତ୍ୟନ୍ତ ଉନ୍ନତ ଓ ସୁସଭ୍ୟ ମନେ କରୁଛୁ । ନିଜ ପିଲାମାନଙ୍କର ସ୍ୱାସ୍ଥ୍ୟ ଓ ଶିକ୍ଷାର ସକଳ ସୁବିଧା ଯୋଗାଇଦେବା ତଥା ଜନନୀ ସୁରକ୍ଷା ଓ ସ୍ୱାସ୍ଥ୍ୟର ଯତ୍ନ ପାଇଁ ଆନ୍ତର୍ଜାତିକ ସ୍ତରରେ ବିଭିନ୍ନ ଦାତବ୍ୟ ଅନୁଷ୍ଠାନ ଖୋଲିଦେଇଛୁ । ସେହିପରି ମାନବ ପ୍ରତି ସହାନୁଭୂତି ଓ ଅନୁକମ୍ପାକୁ ଆୟୁଧ କରି ଆମର ଅଗଣିତ ସ୍ୱେଚ୍ଛାସେବୀ ପ୍ରତିଷ୍ଠାନ କାର୍ଯ୍ୟ କରୁଛନ୍ତି । ଆମ୍ଭେମାନେ ଏହିସବୁ କାର୍ଯ୍ୟ କରୁଛୁ ସତ, ମାତ୍ର ଆଜିର ସମୟର ଆବଶ୍ୟକତା କ'ଣ ସେଥିପ୍ରତି ଆମର ଧ୍ୟାନ ନାହିଁ । ଏହି ଚରମ ଦୁର୍ଦ୍ଦଶାରୁ ଆମକୁ କିପରି ମୁକ୍ତି ମିଳିବ ଏବଂ ଦୈବି ବିପତ୍ତିରୁ ନିଜକୁ ତଥା ଅନ୍ୟମାନଙ୍କୁ କିପରି ଆମେ ରକ୍ଷା କରି ପାରିବା, ସେ ବିଷୟରେ ଗୁରୁତର ସହିତ ଚିନ୍ତା କରିବାର ବେଳ ଆସିଛି । ତେବେ ପୃଥିବୀର ଭୌଗୋଳିକ ରୂପରେଖ ଛଅ ବା ସାତ ଦଶକ ପୂର୍ବେ ଯାହାଥିଲା, ଆଜି ତାହା ଅପେକ୍ଷାକୃତ ଅଧିକ ନିକଟତର ହୋଇଛି । ଆଜିଠାରୁ ଷାଠିଏ ସତୁରି ବର୍ଷ ପୂର୍ବେ ନ୍ୟୁଜିଲାଣ୍ଡକୁ ଏକ ଦୂରବର୍ତ୍ତୀ ଦେଶ ବୋଲି କୁହାଯାଉଥିଲା । କାରଣ ଏହା ଏସିଆ ଓ ୟୁରୋପ ଠାରୁ ବହୁ ଦୂରରେ ଅବସ୍ଥିତ । କିନ୍ତୁ ଆଜି ଏହି ଦେଶ ବିଶ୍ୱ ସମୁଦାୟ ମଧ୍ୟରେ ଏକ ଅବିଚ୍ଛିନ୍ନ ଅଂଶ ହୋଇ ରହିଛି । ସୁତରାଂ ଆଜି କେଉଁଠାରେ କେବେ ବି ଯୁଦ୍ଧର ପରିସ୍ଥିତି ସୃଷ୍ଟି ହେଲେ କୌଣସି ଦେଶ ବା ଅଂଚଳ ଏହାର ପ୍ରକୋପରୁ ନିସ୍ତାର ପାଇବ ନାହିଁ, ତେଣୁ ସୁରକ୍ଷିତ ରହିବାର କୌଣସି ଗ୍ୟାରେଣ୍ଟି ନାହିଁ ।

ଆପଣଙ୍କ ଦେଶର ଶାସନକର୍ତ୍ତା ଓ ରାଜନେତାମାନେ ହେଉଛନ୍ତି ଦେଶ ସୁରକ୍ଷାର ତତ୍ତ୍ୱାବଧାରକ । ଦେଶର ନିରାପତ୍ତା, କଲ୍ୟାଣ ଓ ପ୍ରଗତିକୁ ଆଗେଇ ନେବା ହେଉଛି ସେମାନଙ୍କର ଦାୟୀତ୍ୱ । ସୁତରାଂ ସେମାନେ ମନେ ରଖିବା ଜରୁରି ଯେ ଗୋଷ୍ଠିଗତ ବିବାଦ ଓ ତତ୍‌ଜନିତ ଜାତିଆଣ ସଂଘର୍ଷ ଯୋଗୁଁ ହେଉଥିବା କ୍ଷୟ କ୍ଷତିଜନିତ ଧ୍ୱଂସର ପ୍ରଭାବ ସୁଦୂର ପ୍ରସାରୀ ହୋଇପାରେ । ଆମେ ଈଶ୍ୱରଙ୍କ ଠାରେ କୃତଜ୍ଞ ଯେ ଏବେ କେତେକ କ୍ଷମତାଶାଳୀ ରାଷ୍ଟ୍ରର ଚେତନା ଉଦୟ ହୋଇଛି ଓ ସେମାନେ ଏହା ଉପଲବ୍ଧି କଲେଣି ଯେ ଯୁଦ୍ଧର ପରିସ୍ଥିତିକୁ କୌଣସି ଉପାୟରେ ପ୍ରତିରୋଧ କରିବାକୁ ହେବ । ଯୁଦ୍ଧର ଘନଘଟା ବାଦଲ ଅପସାରିତ ହେଲେ ହିଁ ଆସନ୍ନ ଧ୍ୱଂସରୁ ଆମେ ବର୍ତ୍ତି ପାରିବା । ସୁତରାଂ ଅତି ନିକଟରେ ଋଷିଆର ରାଷ୍ଟ୍ରପତି

ସିରିୟା ଉପରେ ଶକ୍ତିଶାଳୀ ରାଷ୍ଟ୍ରର ଆକ୍ରମଣକୁ ରୋକିବାର ପ୍ରୟାସ କରିଛନ୍ତି । ସେ ଅତି ସ୍ପଷ୍ଟ ଭାବରେ କହିଛନ୍ତି ଯେ ଛୋଟ ହେଉ କି ବଡ ହେଉ ସବୁ ଦେଶ ସହିତ ସମାନ ବ୍ୟବହାର ପ୍ରଦର୍ଶନ କରାଯିବା ଏବଂ ତତ୍‌ସହିତ ସମଭାବାପନ୍ନ ସଂପର୍କ ସ୍ଥାପନ କରାଯିବା ଉଚିତ । ସେ ଏହା ମଧ୍ୟ କହିଛନ୍ତି, ଯଦି ନ୍ୟାୟର ଆବଶ୍ୟକତା ପୂରଣ କରା ନ ଯିବ ଏବଂ ପ୍ରାକାରାନ୍ତରେ ନ୍ୟାୟ ପାଇବାରୁ ବଞ୍ଚିତ ହୋଇ ରହିଥିବା ଦେଶଗୁଡିକ ନିଜ ଇଚ୍ଛାନୁଯାୟୀ ସ୍ୱାଧୀନ ଭାବରେ ଯୁଦ୍ଧ କରିବାକୁ ବାହାରି ପଡନ୍ତି, ସେ କ୍ଷେତ୍ରରେ ମିଳିତ ଜାତି ସଂଘ ଏହା ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରନ୍ତି, ତା'ହେଲେ ସେହିପରି ଦୁର୍ଭାଗ୍ୟପୂର୍ଣ୍ଣ ଅବସ୍ଥା ଭୋଗ କରିବାକୁ ପଡିବ ଯେପରି ଅତୀତରେ ରାଷ୍ଟ୍ର ସଂଘ ଭୋଗ କରିଥିଲା । ମୋର ବିଶ୍ୱାସ ଯେ ଋଷିୟାର ରାଷ୍ଟ୍ରପତିଙ୍କର ଏହି ବିଶ୍ଳେଷଣାତ୍ମକ ବିଚାର ସଂପୂର୍ଣ୍ଣ ଠିକ ଓ ଯଥାର୍ଥ । ଯଦିଓ ମୁଁ ତାଙ୍କର ସମସ୍ତ ନୀତିକୁ ସମର୍ଥନ କରୁନାହିଁ, ତଥାପି ତାଙ୍କର ତୀକ୍ଷ୍ଣ ଦୂରଦର୍ଶୀତା ଓ ବିଜ୍ଞତାର କାର୍ଯ୍ୟ ସ୍ୱୀକୃତି ଯୋଗ୍ୟ । ଅବଶ୍ୟ ମୋର ଇଚ୍ଛା ଥିଲା ଯେ ସେ ନିଜ ବିବୃତିରେ ଏହା ଠାରୁ ଆଉ ପାଦେ ଅଗ୍ରସର ହୋଇ କହିଥାନ୍ତେ ଯେ ମିଳିତ ଜାତି ସଂଘର ପାଞ୍ଚ ଜଣ ସଦସ୍ୟ ରାଷ୍ଟ୍ରଙ୍କୁ ଅର୍ପଣ କରାଯାଇଥିବା Veto କ୍ଷମତା ସବୁଦିନ ପାଇଁ ସେମାନଙ୍କ ନିକଟରୁ କାଢି ନିଆଯାଉ, ଯଦ୍ୱାରା ଦେଶମାନଙ୍କ ମଧ୍ୟରେ ସମୁଚିତ ନ୍ୟାୟ ଏବଂ ସାମ୍ୟତାର ଜୟଧ୍ୱନୀ ସର୍ବତ୍ର ଗୁଞ୍ଜରିତ ହୁଅନ୍ତା ।

ଗତ ବର୍ଷ (2012) ୱାଶିଂଟନ୍ D.Cର Capitol Hillଠାରେ ଉଦ୍‌ବୋଧନ ଦେବାର ସୌଭାଗ୍ୟ ମୋତେ ମିଳିଥିଲା । ସୁଧି ଦର୍ଶକମାନଙ୍କ ମଧ୍ୟରେ ବହୁ ସଂଖ୍ୟକ Senetors, Congressmen, ଜାତୀୟ ସମସ୍ୟା ପାଇଁ ଗଠିତ ବିଶେଷଜ୍ଞ ମଣ୍ଡଳୀଙ୍କ ପ୍ରତିନିଧି ଓ ବିଭିନ୍ନ ବର୍ଗର ଆହୁରି ଅନେକ ଶିକ୍ଷାବିତ୍ ଉପସ୍ଥିତ ଥିଲେ । ମୁଁ ସେମାନଙ୍କୁ ସ୍ପଷ୍ଟ ଭାବରେ କହିଥିଲି ଯେ ନ୍ୟାୟର ଆବଶ୍ୟକତା କେବଳ ସେହି ପରିସ୍ଥିତିରେ ପୂରଣ ହେବ, ଯେତେବେଳେ ସମସ୍ତ ରାଜନୈତିକ ଦଳ ଏବଂ ସବୁ ଲୋକଙ୍କ ପ୍ରତି ସମାନ ଦୃଷ୍ଟିରେ ଦେଖାଯିବ ଓ ସେମାନଙ୍କ ପ୍ରତି ସମାନ ବ୍ୟବହାର ପ୍ରଦର୍ଶନ କରାଯିବ । ମୁଁ ସେମାନଙ୍କୁ ଏହା ମଧ୍ୟ କହିଲି ଯେ ଯଦି ଆପଣ ଧନୀ ଓ ଗରିବ ଦେଶ ମଧ୍ୟରେ, ଛୋଟ ଓ ବଡ ରାଷ୍ଟ୍ର ମଧ୍ୟରେ ପ୍ରଭେଦ ଦର୍ଶାଇବାର ମନୋବୃତ୍ତି ରଖୁଥାନ୍ତି ଏବଂ Veto କ୍ଷମତାକୁ ବଳବତ୍ତର ରଖିବାକୁ ଚାହୁଁଥାନ୍ତି, ତା'ହେଲେ ଅସ୍ଥିରତା ଏବଂ ଉଦ୍‌ବେଗ ପ୍ରକାଶ ପାଇବା ସ୍ୱାଭାବିକ । ଏହି କାରଣରୁ ପ୍ରଥମରୁ ତ ଅଶାନ୍ତି ପୃଥିବୀରେ ଦୃଷ୍ଟିଗୋଚର ହେଉଛି ।

ସୁତରାଂ ବିଶ୍ୱବ୍ୟାପୀ ମୁସଲିମ ସଂପ୍ରଦାୟର ମୁଖ୍ୟ ହେବା ଦୃଷ୍ଟିରୁ ମୋର ଏହା କର୍ତ୍ତବ୍ୟ ଯେ ଶାନ୍ତି ପ୍ରତିଷ୍ଠା ପ୍ରତି ପୃଥିବୀବାସୀଙ୍କର ଧ୍ୟାନ ଆକର୍ଷଣ କରିବି ।

ନୀତିଗତ ଭାବରେ ମୁଁ ଏହା କରିବାକୁ ବାଧ୍ୟ ହେଉଛି, କାରଣ ଇସଲାମର ଅବିକଳ ଅର୍ଥ ଶାନ୍ତି ଏବଂ ନିରାପତ୍ତା । ଯଦି କେତେକ ମୁସଲିମ ରାଷ୍ଟ୍ର ଘୃଣା,ଦ୍ୱେଷ ପ୍ରବଣତା ବଶତଃ ଚରମ ପନ୍ଥୀ କାର୍ଯ୍ୟ କରୁଛନ୍ତି କିମ୍ବା ସେହି କାର୍ଯ୍ୟକୁ ସମର୍ଥନ କରୁଛନ୍ତି, ତହିଁରୁ ଏହା ନିଷ୍କର୍ଷ ବାହାର କରିବା ଆଦୌ ଉଚିତ ହେବ ନାହିଁ ଯେ ଇସଲାମର ଶିକ୍ଷା ବିଶୃଙ୍ଖଳା ବା ହିଂସାକାଣ୍ଡ ଜନିତ ସଂଘର୍ଷ କରିବାକୁ ପ୍ରୋତ୍ସାହିତ କରୁଛି । ମୁଁ ଏବେ ପବିତ୍ର କୁରଆନର ଗୋଟିଏ ପଙ୍କ୍ତିରୁ ଉଦ୍ଧାର କରି କହିଥିଲି ଯେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଇସଲାମ କିପରି ଉପାୟ ଅବଲମ୍ବନ କରିବାକୁ ଚାହୁଛି ।

ଅଧିକନ୍ତୁ ଇସଲାମର ପ୍ରତିଷ୍ଠାତା ହଜରତ ମୁହମ୍ମଦ[ସଅ] ନିଜ ଅନୁଗାମୀମାନଙ୍କୁ ବରାବର 'ସଲାମ' କହିବାର ଶିକ୍ଷା କହିଛନ୍ତି । ଯାହାର ମାର୍ମିକ ଅର୍ଥ ହେଉଛି: 'ସର୍ବଦା ଶାନ୍ତିର ବାର୍ତ୍ତା ପ୍ରସାର କର ।' ତାଙ୍କର ପବିତ୍ର ଜୀବନ ଚରିତକୁ ଅଧ୍ୟୟନ କଲେ ଏହି ଦୃଷ୍ଟାନ୍ତ ଦେଖିବାକୁ ମିଳେ ଯେ ସମସ୍ତ ଅଣମୁସଲିମ ସମାଜ ସେମାନେ ଇହୁଦୀ, ଖ୍ରୀଷ୍ଟିୟାନ କିମ୍ବା ଅନ୍ୟ ଯେକୌଣସି ଧର୍ମରେ ବିଶ୍ୱାସ ସ୍ଥାପନ କରିଥାନ୍ତୁ ନା କାହିଁକି ଦିବ୍ୟ ଅବତାର ମୁହମ୍ମଦ[ସଅ] ସମସ୍ତଙ୍କ ଠାରୁ ଶାନ୍ତି ଭିକ୍ଷା କରୁଥିଲେ । ସେ ବୁଝିଥିଲେ ଯେ ସକଳ ମନୁଷ୍ୟ ପ୍ରଭୁଙ୍କର ଅନବଦ୍ୟ ସୃଷ୍ଟିର ଏକ ଅଂଶବିଶେଷ । ତେଣୁ ଅଲ୍ଲାଃଙ୍କର ଗୋଟିଏ ନାମ 'ଶାନ୍ତିର ଆଧାର' ହୋଇଥିବା ଯୋଗୁଁ ସେ ସମଗ୍ର ମାନବ ଜାତିର ଶାନ୍ତି ଓ ନିରାପତ୍ତା ଚାହାନ୍ତି ।

ଶାନ୍ତିର ପ୍ରସଙ୍ଗ ଉପରେ ମୁଁ ଏଥି ପୂର୍ବରୁ କେତେକ ନୀତିଶିକ୍ଷାର ଉଲ୍ଲେଖ କରି ସମୟ ଅଭାବରୁ ଅଳ୍ପ କେତେକ ଦିଗ ପ୍ରତି ସୂଚାଇ ଦେଇଥିଲି । ବସ୍ତୁତଃ, ଇସଲାମ ଧର୍ମରେ ଏଭଳି ନୀତିଗତ ଆଦେଶ ଏବଂ ଆଦର୍ଶମୟ ଶିକ୍ଷା ଭରି ରହିଛି ଯାହା ସମସ୍ତଙ୍କ ପାଇଁ ଶାନ୍ତି ଏବଂ ନିରାପତ୍ତାର ଉପଦେଶ ଦିଏ । ସୁତରାଂ ନ୍ୟାୟର ପ୍ରତିଷ୍ଠା ଉପରେ ଗୁରୁତ୍ୱାରୋପ କରି ପବିତ୍ର କୁରଆନର ଅଧ୍ୟାୟ-5 ଏବଂ ପଙ୍କ୍ତି-୨ ରେ ଅଲ୍ଲାଃ କହିଛନ୍ତି:

> **ହେ ବିଶ୍ୱାସକାରୀମାନେ, ତୁମେମାନେ ଅଲ୍ଲାଃଙ୍କ ପଥରେ ଦୃଢ଼ ରୁହ, ନ୍ୟାୟ ସଂଗତ ଭାବରେ ସାକ୍ଷ୍ୟ ପ୍ରଦାନ କର । ଏବଂ କୌଣସି ସଂପ୍ରଦାୟର ଶତ୍ରୁତା ତୁମମାନଙ୍କୁ ନ୍ୟାୟକୁ ଛାଡି ଅନ୍ୟଥା କରିବାକୁ କଦାପି ନ ପ୍ରବର୍ତ୍ତାଉ । ତୁମେମାନେ ସର୍ବଦା ନ୍ୟାୟ କର; ତାହା ତୁମକୁ ନୈତିକତାର ଅଧିକ ନିକଟବର୍ତ୍ତୀ କରାଇବ । ଏବଂ ଅଲ୍ଲାଃଙ୍କୁ ଭୟ କର; ତୁମେମାନେ ଯାହା କରୁଛ, ବାସ୍ତବରେ ଅଲ୍ଲାଃ ସେ ବିଷୟରେ ଅବଗତ ଅଛନ୍ତି । (ଅଲ୍ -ମାଏଦା:୨)**

ଉପରୋକ୍ତ ପଙ୍‌କ୍ତି ପବିତ୍ର କୁରଆନ ସର୍ବୋଚ୍ଚ ମାନର ଯଥାସମ୍ଭବ ନ୍ୟାୟକୁ ପ୍ରାଧାନ୍ୟ ଦେଇଛି । ନିଜକୁ ମୁସଲିମ ବୋଲାଉଥିବା କୌଣସି ବ୍ୟକ୍ତି ଏହି ଆଦେଶରୁ ବହିର୍ଭୁତ ନୁହନ୍ତି । ସେମାନଙ୍କୁ ମଧ୍ୟ ଏହି ଆଦେଶରୁ ବାଦ ଦିଆଯାଇ ନାହିଁ, ଯେଉଁମାନେ ଅତି ନୃଶଂସ ଓ ପାଶବିକ ଆଚରଣ କରୁଛନ୍ତି । ଏହି ମହତ ଶିକ୍ଷା କାହାକୁ ସମାଲୋଚନା କରିବାକୁ ମଧ୍ୟ ପ୍ରଶୟ ଦିଏ ନାହିଁ । ଯେଉଁମାନେ ଇସଲାମକୁ ଏକ ହିଂସାତ୍ମକ ଓ ଉଗ୍ରବାଦୀ ଧର୍ମ ରୂପେ ଚିତ୍ରଣ କରିବା ପାଇଁ ସୁଯୋଗ ଖୋଜୁଛନ୍ତି, ସେମାନଙ୍କୁ ଉତ୍ତର ଦେଇ ପବିତ୍ର କୁରଆନ ଅନ୍ୟ ଏକ ପଙ୍‌କ୍ତିରେ ଏହି ଶିକ୍ଷାକୁ ଅଧିକ ବିକଶିତ କରି ଉତ୍କୃଷ୍ଟ ମାନର ନ୍ୟାୟ ଓ ସ୍ୱଚ୍ଛତାକୁ ପ୍ରତିପାଦନ କରିଛି । କେବଳ ନ୍ୟାୟ କରିବାକୁ ଏହା କହୁନାହିଁ, ବରଂ ସାମ୍ୟତାର ଉଚ୍ଚ ମୂଲ୍ୟବୋଧକୁ ଏହିପରି ମୂଲ୍ୟାୟନ କରିଛି ।'

> **ହେ ବିଶ୍ୱାସକାରୀମାନେ, ତୁମେମାନେ ନ୍ୟାୟ ବିଚାର ସଂପୂର୍ଣ୍ଣ ଭାବେ ସୁଦୃଢ ରହି ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ସାକ୍ଷ୍ୟ ପ୍ରଦାନକାରୀ ହୋଇଯାଅ, ଯଦିଚ ଏହା ତୁମମାନଙ୍କ ନିଜ ବିରୁଦ୍ଧରେ ବା ତୁମମାନଙ୍କ ପିତାମାତା ଓ ନିକଟ ସଂପର୍କୀୟଙ୍କ ବିରୁଦ୍ଧରେ ହେଉଥାଏ; ଯାହା ବିରୁଦ୍ଧରେ ସାକ୍ଷ୍ୟ ପ୍ରଦାନ କରାଯାଇଛି, ଯଦି ସେ ଧନବାନ ବା ଦରିଦ୍ର ହୋଇଥାଏ, ସେ ପରିସ୍ଥିତିରେ ଅଲ୍ଲାଃ ଉଭୟଙ୍କ ପାଇଁ ତୁମମାନଙ୍କ ଠାରୁ ଅଧିକ ଶୁଭାକାଙ୍‌କ୍ଷୀ ଅଟନ୍ତି; ସୁତରାଂ ନ୍ୟାୟ ପ୍ରଦାନ କରିବାର ସାମର୍ଥ୍ୟ ଥିଲେ ତୁମେ ନୀଚମନା ହୁଅ ନାହିଁ । ଯଦି ତୁମେ ସତ୍ୟକୁ ଗୋପନ ରଖିବ ବା ଏଡାଇ ଦେବ, ତା'ହେଲେ ମନେରଖ ତୁମେମାନେ ଯାହା କିଛି କରୁଅଛ, ଅଲ୍ଲାଃ ସେ ବିଷୟରେ ନିଶ୍ଚୟ ଅବଗତ ଅଛନ୍ତି ।** (ଅଲ୍‌-ନିସା:136)

ସୁତରାଂ ଏହା ଏପରି ଏକ ଶୃଙ୍ଖଳିତ ଓ ଆଦର୍ଶଗତ ନ୍ୟାୟ, ଯାହା ସମାଜର ତୃଣମୂଳ ସ୍ତରରୁ ଆରମ୍ଭ କରି ଆନ୍ତର୍ଜାତିକ କ୍ଷେତ୍ରରେ ମଧ୍ୟ ପ୍ରୟୋଗ କରାଯାଇ ପାରିବ । ଫଳତଃ ପରିବେଶରେ ତତ୍‌ଜନିତ ଶାନ୍ତି ପ୍ରତିଷ୍ଠା କରାଯାଇପାରେ । ଇତିହାସ ଏହାର ସାକ୍ଷୀ ଯେ ପବିତ୍ର ବାର୍ତ୍ତାବହ ମୁହମ୍ମଦ[ସଅ] ସ୍ୱୟଂ ଏହି ଶିକ୍ଷା ଉପରେ ପାଳନ କରି ଚତୁର୍ପାଶ୍ୱରେ ଏହାର ପ୍ରସାର ପାଇଁ ପ୍ରଯତ୍ନ କରିଥିଲେ । ଚଳିତ ଯୁଗରେ ତାହାଙ୍କର ଜଣେ ବିଶିଷ୍ଟ ଅନୁରକ୍ତ ତଥା ବିଶ୍ୱସ୍ତ ଭକ୍ତ ଅହମଦୀୟା ସଂପ୍ରଦାୟର ସଂସ୍ଥାପକ ହଜରତ ମିର୍ଜା ଗୁଲାମ ଅହମଦ[ଅସ] ଏହି ଶିକ୍ଷାକୁ ସର୍ବୋତ୍କୃଷ୍ଟ ବିବେଚନା କରି ନିଜେ ଏହାର ପ୍ରସାର କରିବା ସଙ୍ଗେ ସଙ୍ଗେ ନିଜର ଅନୁଗାମୀମାନଙ୍କୁ ମଧ୍ୟ ଏହି

ବାର୍ତ୍ତାର ପ୍ରସାରଣ ପାଇଁ ଉପଦେଶ ଦେଇଥିଲେ । ନିଜର ଦୀକ୍ଷାନ୍ତ ଅନୁଗାମୀମାନଙ୍କୁ ସେ ଆହୁରି ମଧ୍ୟ ନିର୍ଦ୍ଦେଶ ଦେଇଥିଲେ ଯେ ସେମାନେ ମନୁଷ୍ୟର ଅଲ୍ଲାଃଙ୍କ ପ୍ରତି କର୍ତ୍ତବ୍ୟ ଏବଂ ସକଳ ପ୍ରାଣୀଙ୍କ ପ୍ରତି କର୍ତ୍ତବ୍ୟ ପାଳନ କରିବା ପାଇଁ ମାନବ ସମାଜର ଧ୍ୟାନ ଆକର୍ଷଣ କରନ୍ତୁ । ଅଲ୍ଲାଃ ଓ ତାଙ୍କ ସୃଷ୍ଟିର ସକଳ ଜୀବଜଗତ ପ୍ରତି କର୍ତ୍ତବ୍ୟ ପାଳନ କରିବା କ୍ଷେତ୍ରରେ ଯେଉଁ ଚରମ ଅଭାବ ଦେଖାଦେଇଛି, ତାହା ପୂରଣ କରିବା ଦିଗରେ ଗୁରୁତ୍ୱ ଦେବା ପାଇଁ ଜନସମାଜକୁ ବୁଝାଇବା ଆଜି ଅହମଦୀୟା ସଂପ୍ରଦାୟର ମୂଳ ଲକ୍ଷ୍ୟ ହୋଇଛି । ତତ୍‌ସହିତ ଉତ୍କୃଷ୍ଟ ଧରଣର ନ୍ୟାୟ ପ୍ରତିଷ୍ଠା ପାଇଁ ମଧ୍ୟ ଏହି ସଂପ୍ରଦାୟ ନିରନ୍ତର କାର୍ଯ୍ୟ କରୁଛି । ଅଲ୍ଲାଃଙ୍କ ନିକଟରେ ମୋର ଏତିକି ପ୍ରାର୍ଥନା ଯେ ଧର୍ମ ସଂକୀର୍ଣ୍ଣତାରୁ ଊର୍ଦ୍ଧ୍ୱରେ ରହି ଧର୍ମ, ମତ ନିର୍ବିଶେଷରେ ଅନ୍ୟମାନଙ୍କ ଅଧିକାର ପୂରଣ କରିବା ଦିଗରେ ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ଦୃଢ ପ୍ରତିଜ୍ଞ ହୋଇ ନିଜର କର୍ତ୍ତବ୍ୟ ପାଳନ କରନ୍ତୁ । ଏଥିରେ ଆମେ ସଫଳ ହେଲେ ପୃଥିବୀ ଶାନ୍ତି, ଏକତା ଓ ମୈତ୍ରୀର ଭୂସ୍ୱର୍ଗରେ ପରିଣତ ହେବ ।

ଏତିକି କହି ମୋର ବକ୍ତବ୍ୟ ଶେଷ କରୁଛି । ମୁଁ ପୁନର୍ବାର ସେମାନଙ୍କ ଧନ୍ୟବାଦ ଜଣାଉଛି, ଯେଉଁମାନେ ମୋତେ ଏଠାକୁ ନିମନ୍ତ୍ରଣ କରିଛନ୍ତି ଏବଂ ମୋର ବକ୍ତୃତା ଶୁଣିବା ପାଇଁ ଏଠାକୁ ଆସିଛନ୍ତି ।

-ଧନ୍ୟବାଦ-



# ବିଶ୍ୱ ଶାନ୍ତି ଓ ନିରାପତ୍ତା
# ବର୍ତ୍ତମାନ ସମୟର ଗୁରୁତର ପ୍ରସଙ୍ଗ

ଡଚ ପାର୍ଲାମେଣ୍ଟ ବେନିନ୍ ହୋଫ, ହେଗ, ନେଦରଲାଣ୍ଡ, ୨୦୧୫





Hadrat Khalifatul-Masih V[aba] at a special session of the Standing Committee for Foreign Affairs at the Netherlands National Parliament.



Members of the Standing Committee for Foreign Affairs at the Netherlands National Parliament with Hadrat Khalifatul-Masih V[aba]




Hadrat Khalifatul-Masih V[aba] delivering his historic address at a special session of the Standing Committee for Foreign Affairs at the Netherlands National Parliament.



Hadrat Khalifatul-Masih V[aba] answering a question about a range of political and religious issues

# ଭୂମିକା

୬ ଅକ୍ଟୋବର ୨୦୧୫ରେ ବିଶ୍ୱବ୍ୟାପ୍ତ ଅହମଦିୟା ମୁସଲିମ୍ ସଂପ୍ରଦାୟର ମୁଖ୍ୟ ପୁଣ୍ୟଶ୍ଲୋକ ହଜରତ ମିର୍ଜା ମସରୁର ଅହମଦ ସାହେବ ହଲାଣ୍ଡର ଜାତୀୟ ପାର୍ଲାମେଣ୍ଟରେ ଦେଶର ରାଜଧାନୀ ଦି ହେଗ୍ ଠାରେ ବୈଦେଶିକ ମନ୍ତ୍ରାଳୟର ଏକ ସ୍ୱତନ୍ତ୍ର ଅଧିବେଶନରେ ଐତିହାସିକ ଉଦ୍‌ବୋଧନ ଦେଇଥିଲେ । ସେଥିରେ ଏକ ଶହରୁ ଅଧିକ ଉଚ୍ଚ ପଦସ୍ଥ ଅଧିକାରୀ ତଥା ସମ୍ମାନୀତ ଅତିଥିମାନଙ୍କୁ ସମ୍ବୋଧିତ କରାଯାଇଥିଲା । ଅଧିବେଶନ ଆରମ୍ଭରେ ମାନ୍ୟବର Van Bommel ପୁଣ୍ୟଶ୍ଲୋକଙ୍କୁ ସ୍ୱାଗତ କରି ସମ୍ମିଳନୀ କକ୍ଷକୁ ପାଛୋଟି ନେଇଥିଲେ ଏବଂ ସଂସଦୀୟ କମିଟିର ସଭ୍ୟମାନଙ୍କ ସହିତ ପରିଚୟ କରାଇଥିଲେ । ଆଲବାନିଆ, କ୍ରୋଏସିଆ, ଆୟରଲ୍ୟାଣ୍ଡ, ମଣ୍ଟିନିଗ୍ରୋ, ସ୍ପେନ୍ ଓ ସ୍ୱିଡେନ୍ ଇତ୍ୟାଦି ବିଭିନ୍ନ ଦେଶରୁ ଆସିଥିବା ପାର୍ଲାମେଣ୍ଟରିଆନ, ରାଷ୍ଟ୍ରଦୂତ ତଥା ଅନ୍ୟାନ୍ୟ ସମ୍ମାନୀୟ ପ୍ରତିନିଧିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।

# ବିଶ୍ୱ ଶାନ୍ତି ଓ ନିରାପତ୍ତା
# ବର୍ତ୍ତମାନ ସମୟର ଗୁରୁତର ପ୍ରସଙ୍ଗ

ମହାମାନ୍ୟ ପଞ୍ଚମ ଖଲିଫା ହଜରତ ମିର୍ଜା ମସରୁର ଅହମଦ କହିଲେ : ବିସ୍‌ମିଲ୍ଲାହିର୍ ରହମା ନିର୍‌ରହିମ୍ 'ଅଶେଷ ଦୟାମୟ ଓ ସଦା କରୁଣାମୟ ଅଲ୍ଲାଃଙ୍କ ନାମ ସହିତ ଆରମ୍ଭ କରୁଛି ।' ସମସ୍ତ ସମ୍ମାନିତ ଅତିଥିମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ । ଆପଣମାନଙ୍କ ଉପରେ ଅଲ୍ଲାଃଙ୍କର ଶାନ୍ତି ଓ କୃପାଶୀଷ ହେଉ ।

ସର୍ବପ୍ରଥମେ ଏଠାରେ ଉପସ୍ଥିତ ସମସ୍ତ ଅତିଥି ଓ ଆୟୋଜକ ବନ୍ଧୁମାନଙ୍କୁ ମୁଁ ଗଭୀର କୃତଜ୍ଞତା ଓ ଧନ୍ୟବାଦ ଜଣାଉଛି, ଯେଉଁମାନେ ମୋତେ ଏଠାରେ ଅନୁଷ୍ଠିତ ସମ୍ମିଳନୀକୁ ଉଦ୍‌ବୋଧନ ଦେବାପାଇଁ ନିମନ୍ତ୍ରଣ କରିଛନ୍ତି ।

ଆଜି ଆମେ ଦେଖୁଛୁ ଯେ କେତେକ ପ୍ରସଙ୍ଗକୁ ଆମ ସମୟର ସବୁଠାରୁ ଗୁରୁତର ପ୍ରସଙ୍ଗ ରୂପେ ଉଜାଗର କରାଯାଉଛି । ଯେପରିକି କେତେକ ଗ୍ଲୋବଲ୍ ୱାର୍ମିଂ ଓ ଜଳବାୟୁ ପରିବର୍ତ୍ତନର ସମସ୍ୟା ଉପରେ ଜୋର୍ ଦେଉଛନ୍ତି । ଅନେକ ଏପରି ଅଛନ୍ତି, ଯେଉଁମାନେ ଦେଶ ଦେଶ ମଧ୍ୟରେ ବଢୁଥିବା ଗୋଷ୍ଠୀ କନ୍ଦଳ ତଥା ଦୁନିଆର ରାଜନୈତିକ ଅସ୍ଥିରତା ଉପରେ ଗଭୀର ଉଦ୍‌ବେଗ ପ୍ରକାଶ କରୁଛନ୍ତି । ଅନୁଧ୍ୟାନ କଲେ ଜଣାଯାଏ ଯେ ବିଶ୍ୱ ଶାନ୍ତି ଓ ନିରାପତ୍ତା ବର୍ତ୍ତମାନ ବେଳର ସବୁଠାରୁ ଗୁରୁତର ବିଷୟ ହୋଇ ପଡ଼ିଛି । ନିଃସନ୍ଦେହରେ ବିତୁଥିବା ପ୍ରତ୍ୟେକ ଦିନ ସହିତ ପୃଥିବୀରେ ଅସ୍ଥିରତା ଓ ଅଜଣା ଆଶଙ୍କା ବୃଦ୍ଧି ପାଇବାରେ ଲାଗିଛି । ଏହାର ମଧ୍ୟ ଅନେକ ପ୍ରଚ୍ଛନ୍ନ କାରଣ ରହିଛି । ଉଦାହରଣ ସ୍ୱରୂପ, ଆର୍ଥିକ ସଂକଟ ତଥା ଅର୍ଥନୈତିକ ଅସ୍ଥିରତା ଆଜିର ବିଶ୍ୱର ଅନେକ ଭାଗ ଉପରେ ଗଭୀର ପ୍ରଭାବ ଏକ ମୁଖ୍ୟ ସମସ୍ୟା ହୋଇପାରେ ।

ଅନ୍ୟ ଏକ ସମ୍ଭାବ୍ୟ ମୂଳ କାରଣ ସ୍ୱରୂପ ନ୍ୟାୟର ଅଭାବ ରହିଥିବା ଯୋଗୁଁ କେତେକ ବିଶ୍ୱ ନେତାଙ୍କର ନିଜ ଦେଶର ଲୋକ ତଥା ଅନ୍ୟମାନଙ୍କ ପ୍ରତି ମନମୁଖୀ କାର୍ଯ୍ୟକଳାପ ବୃଦ୍ଧି ପାଇଛି । ଏହାର ଅନ୍ୟ କାରଣ ଏହା ମଧ୍ୟ ହୋଇପାରେ ଯେ କେତେକ ଧର୍ମଗୁରୁ ନିଜ ଦାୟୀତ୍ୱକୁ ସଠିକ ରୂପେ ତୁଲାଉ ନାହାନ୍ତି ଏବଂ ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ଜାତିର ଲୋକମାନଙ୍କ ବୃହତ୍ତର ସାମୁହିକ ସ୍ୱାର୍ଥ ଉପରେ ପ୍ରାଧାନ୍ୟ ଦେଉଛନ୍ତି । ଯେତେଦୂର ଆନ୍ତର୍ଜାତିକ ସ୍ତରର ସଂପର୍କ କଥା ଉଠୁଛି, ପୃଥିବୀର ଗରୀବ ଓ ଧନୀ ରାଷ୍ଟ୍ର ମଧ୍ୟରେ ବିଶେଷ ତାରତମ୍ୟ ଦେଖାଯିବା ଏକ ବଡ଼ ବିବାଦ ଛିଡ଼ା କରାଇଛି ।

ଏହା ଦେଖାଯାଉଛି ଯେ ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକ ଏକ ପକ୍ଷେ ଗରୀବ ଦେଶର ପ୍ରାକୃତିକ ସଂପଦରୁ ଲାଭ ଉଠାଉଛନ୍ତି । କିନ୍ତୁ ଅନ୍ୟ ପକ୍ଷେ ଯେ ସେମାନଙ୍କ ପ୍ରାପ୍ୟ ପୁଞ୍ଜିର ଉପଯୁକ୍ତ ଭାଗ ଦେବାରୁ ସେମାନଙ୍କୁ ବଞ୍ଚିତ କରୁଛନ୍ତି । ଏଥିଯୋଗୁଁ ଏଥିରୁ ବିଶ୍ୱର ଶାନ୍ତି ବ୍ୟାହତ ହେଉଥିବାର କାରଣଗୁଡ଼ିକର ଏକ ଲମ୍ବା ତାଲିକା ବାହାରିବ, ସେଥି ମଧ୍ୟରୁ ମାତ୍ର କେତୋଟି କାରଣ ବିଷୟରେ ମୁଁ ଏଠାରେ କହିବି । ଯାହା ବି କାରଣ ଥାଉ ନା କାହିଁକି, ମୁଁ ଏହା ନିଶ୍ଚିତ ଭାବେ ବିଶ୍ୱାସ କରେ ଯେ ପୃଥିବୀରେ ଶାନ୍ତିର ଘୋର ଅଭାବ ହିଁ ବର୍ତ୍ତମାନ ପିଢ଼ିର ସବୁଠାରୁ ବଡ଼ ଗୁରୁତର ସମସ୍ୟା ହୋଇ ଉଭା ହୋଇଛି ।

ଏହା ଶୁଣି ଆପଣମାନଙ୍କ ମଧ୍ୟରୁ ଅନେକ ଏହି ପ୍ରତିକ୍ରୀୟା ପ୍ରକାଶ କରିପାରନ୍ତି ଯେ ମୁସଲିମ ଦେଶମାନଙ୍କରେ ହିଁ ଏପରି ଅସ୍ଥିରତା ଅଧିକ ମାତ୍ରାରେ ଦେଖାଯାଉଛି ଏବଂ ବିଶ୍ୱରେ ଶାନ୍ତିର ଅଭାବ ଦେଖାଯିବାର ମୂଳ କାରଣ ରୂପେ ମୁସଲିମ ଜଗତକୁ ଧରାଯିବ, ଯେଉଁମାନଙ୍କ ବିଶୃଙ୍ଖଳିତ ଆଚରଣ ଏଥିପାଇଁ ମୁଖ୍ୟତଃ ଦାୟୀ ।

ଏହା ପ୍ରକୃତରେ ସତ୍ୟ । କାରଣ ବିଶ୍ୱର ମୁସଲିମ ସଂପ୍ରଦାୟଗୁଡ଼ିକ ମଧ୍ୟରୁ ମୁଁ ମଧ୍ୟ ଗୋଟିଏ ବିଶ୍ୱବ୍ୟାପ୍ତ ସଂପ୍ରଦାୟର ମୁଖ୍ୟ ରୂପେ ରହିଛି । ତାହା ହେଉଛି ଅହମଦିୟା ମୁସଲିମ ସଂପ୍ରଦାୟ । ବୋଧହୁଏ ଆପଣମାନଙ୍କ ବିଚାରରେ ମୁଁ ମଧ୍ୟ ଏଥିପାଇଁ କେତେକାଂଶରେ ଦାୟୀ । ଆପଣ ଏହା ମଧ୍ୟ ବିଶ୍ୱାସ କରିପାରନ୍ତି ଯେ ଉଗ୍ରବାଦୀ ସଂଗଠନ ଗୁଡ଼ିକର ଉତ୍ପତ୍ତି ତଥା ସନ୍ତ୍ରାସବାଦ ପ୍ରକୃତରେ ଇସଲାମର ଶିକ୍ଷା ଦ୍ୱାରା ଅନୁପ୍ରଣୀତ । ତେବେ ସେ ଯାହା ହେଉ, ଏହି ଘୃଣିତ କାର୍ଯ୍ୟ ଓ ଉପଦ୍ରବ କାଣ୍ଡକୁ ଯଦି ଇସଲାମ ସହିତ ଯୋଡ଼ି ଦିଆଯିବ, ତା' ହେଲେ ଏହା ସଂପୂର୍ଣ୍ଣ ଅନ୍ୟାୟ ହେବ ।

ଏହି ପରିପ୍ରେକ୍ଷୀରେ ଧର୍ମର ଇତିହାସ ସଂବନ୍ଧରେ ବିସ୍ତୃତ ଭାବରେ ବଖାଣିବାର କୌଣସି ଆବଶ୍ୟକତା ନାହିଁ । କିନ୍ତୁ ଏତିକି ମୁଁ ନିଶ୍ଚୟ କହିବି ଯେ ଯଦି ସମସ୍ତ ଧର୍ମ ଉପରେ ମୋଟାମୋଟି ଭାବରେ ଦୃଷ୍ଟି ପକାଯାଏ, ସମୟାନୁକ୍ରମେ ପ୍ରତ୍ୟେକ ଧର୍ମର ଅନୁଗାମୀମାନେ ନିଜର ଅସଲ ଶିକ୍ଷାଠାରୁ ଦୂରେଇ ଗଲେ । ଯାହା ଫଳରେ ସେମାନଙ୍କ ମଧ୍ୟରେ ଅର୍ନ୍ତଦ୍ୱନ୍ଦ୍ୱ ଲାଗିରହିଲା ଏବଂ ନାନା ପ୍ରକାର ମତଭେଦ ଓ ଗୋଷ୍ଠୀ ବିଭାଜନ ସୃଷ୍ଟି ହେଲା । ଅନେକ ଲୋକଙ୍କୁ ହତ୍ୟା କରାଗଲା ଓ ବହୁତ ଅତ୍ୟାଚାରର ଦମନଲୀଳା ଆରମ୍ଭ ହେଲା ।

ଏହାକୁ ଦୃଷ୍ଟିରେ ରଖି ମୁଁ ଆନ୍ତରିକତାର ସହିତ ଏହା ସ୍ୱୀକାର କରୁଛି ଯେ ସମୟର ପ୍ରବାହ ସହିତ ମୁସଲମାନମାନେ ମଧ୍ୟ ଇସଲାମର ଅସଲ ଶିକ୍ଷାରୁ ଦୂରେଇ ଗଲେ । ଏହା ଫଳରେ ବିତୃଷ୍ଣାର ଭାବ ଜନ୍ମ ନେଲା ଓ ସେମାନଙ୍କ ମଧ୍ୟରେ ଜଣେ ଅନ୍ୟର ସମକକ୍ଷ ବୋଲି ପ୍ରତିଦ୍ୱନ୍ଦ୍ୱୀତାର ଦୌଡ଼ ଆରମ୍ଭ ହୋଇଗଲା । ଯାହା ଆଗକୁ ବଢ଼ି ଭିନ୍ନ ଭିନ୍ନ ଗୋଷ୍ଠୀବାଦ, ହିଂସା ଓ ଅନ୍ୟାୟର ରୂପ ନେଲା । ଜଣେ ପ୍ରକୃତ ମୁସଲିମ ହୋଇଥିବା ଦୃଷ୍ଟିରୁ ଇସଲାମର ଏତାଦୃଶ ନୈରାଶ୍ୟ ଜନକ ସ୍ଥିତିକୁ ଦେଖି ମଧ୍ୟ ମୋର ଧର୍ମ ବିଶ୍ୱାସରେ କିଛି ହେଲେ ଊଣା ହୋଇନାହିଁ ।

ଏହା ଏଥିଯୋଗୁଁ ଯେ ୧୪୦୦ ବର୍ଷରୁ ଅଧିକ ସମୟ ପୂର୍ବରୁ ଇସଲାମର ପ୍ରତିଷ୍ଠାତା ହଜରତ ମୁହମ୍ମଦ[ସଃ] ଭବିଷ୍ୟବାଣୀ କରିଥିଲେ ଯେ ଇସଲାମର ଶିକ୍ଷା ଧୀରେ ଧୀରେ ବିଗିଡ଼ିଯିବ ଏବଂ ମୁସଲମାନମାନେ ନୈତିକ ଅଧଃପତନର ଯୁଗରେ ପ୍ରବେଶ କରିବେ । ତେବେ ସେ ଏହା ମଧ୍ୟ କହିଥିଲେ ଯେ ଏପରି ଏକ ଆଧ୍ୟାତ୍ମିକ ଅନ୍ଧକାର ମଧ୍ୟରେ ଈଶ୍ୱରଙ୍କ ଦ୍ୱାରା ଜଣେ ସଂସ୍କାରକଙ୍କୁ ପଠାଯିବ । ସେ ପ୍ରତିଶ୍ରୁତ ଅବତାର (ମସିହ ମଉଦ) ତଥା ଯୁଗ ପ୍ରବର୍ତ୍ତକ (ଇମାମ ମେହଦି) ରୂପେ ନାମିତ ହେବେ । ସେ ଆବିର୍ଭୂତ ହୋଇ ମାନବଜାତିର ପଥ ପ୍ରଦର୍ଶନ କରି ଇସଲାମର ବାସ୍ତବ ଓ ଶାନ୍ତିପ୍ରଦ ଶିକ୍ଷା ଆଡ଼କୁ ପରିଚାଳିତ କରିବେ । ଦିବ୍ୟ ଅବତାର[ସଃ]ଙ୍କ ଏହି ଭବିଷ୍ୟତବାଣୀ ଅନୁଯାୟୀ ପ୍ରତିଶ୍ରୁତ ମସିହ ଓ ମେହେଦି[ଅଃ] ଇସଲାମର ବାସ୍ତବ ଓ ସଂପୂର୍ଣ୍ଣ ଶାନ୍ତିମୟ ଶିକ୍ଷା ଦ୍ୱାରା ଆମ ହୃଦୟକୁ ଆଲୋକିତ କଲେ । ସୁତରାଂ ଆମେ ହେଉଛୁ ସେହି ଅହମଦି ମୁସଲମାନ ଯେଉଁମାନେ ବିଶୃଙ୍ଖଳା ଓ ଅସ୍ଥିରତା ସୃଷ୍ଟିକାରୀ ଦଳଗୁଡ଼ିକ ମଧ୍ୟରେ ଅର୍ନ୍ତଭୁକ୍ତ ନୁହନ୍ତି । ବରଂ ଆମେ ସେହି ଲୋକ, ଯେଉଁମାନେ ପୃଥିବୀରେ ଶାନ୍ତି ଓ ସଦ୍‌ଭାବନା ଚାହାନ୍ତି ।

ଆମେ ତ ସେହି ଲୋକ ଯେଉଁମାନେ ଦୁନିଆର ଦୁର୍ଦ୍ଦଶାର ନିରାକରଣ ପାଇଁ ସବୁବେଳେ ପ୍ରୟାସରତ । ଆମେ ତ ସେହି ଲୋକ ଯେଉଁମାନେ

ମାନବିକତାକୁ ଏକତାର ମଧୁ ମନ୍ତ୍ରରେ ଆବଦ୍ଧ କରିବାକୁ ଚାହୁଁଛୁ । ଆମେ ତ ସେହି ଲୋକ ଯେଉଁମାନେ ପ୍ରତ୍ୟେକ ପ୍ରକାର ଘୃଣା ଓ ଶତ୍ରୁତାକୁ ସ୍ନେହ ଓ ପ୍ରେମରେ ପରିବର୍ତ୍ତନ କରିବାକୁ ଚାହୁଁଛୁ । ଏବଂ ନିଶ୍ଚିତ ଭାବରେ ଆମେମାନେ ସେହି ଲୋକ, ଯେଉଁମାନେ ବିଶ୍ୱ ଶାନ୍ତି ପ୍ରତିଷ୍ଠା ପାଇଁ ଯଥା ସମ୍ଭବ ଉଦ୍ୟମ ଜାରି ରଖିଛୁ । ଜଣେ ଧାର୍ମିକ ନେତା ରୂପେ ମୁଁ ଏହା କହିବାକୁ ଚାହେ ଯେ ଜଣେ ଅନ୍ୟର ନିନ୍ଦା କରିବା ଓ ମିଥ୍ୟାରୋପ ଦ୍ୱାରା ଉସୁକାଇବା ପରିବର୍ତ୍ତେ ବିଶ୍ୱରେ ସତ୍ୟ ଓ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ଦିଗରେ ଆଗ୍ରହ ଦେଖାଇବା ଉଚିତ ।

ଏହି ପରିପ୍ରେକ୍ଷୀରେ ଅହମଦିୟା ମୁସଲିମ ସଂପ୍ରଦାୟର ସଂସ୍ଥାପକ ଏକ ଅତ୍ୟାବଶ୍ୟକ ନିୟମ ବିଷୟରେ ଆମକୁ ବତାଇଛନ୍ତି । ସେ କହିଛନ୍ତି ଯେ ଶାନ୍ତି ପ୍ରତିଷ୍ଠା କରିବାକୁ ହେଲେ ମାନବଜାତି ସକାଶେ ଏହା ଜରୁରୀ ଯେ ସର୍ବଶକ୍ତିମାନ ଈଶ୍ୱରଙ୍କ ଗୁଣ ଗାରିମାକୁ ନିଜ ଅନ୍ତରରେ ଜାଗ୍ରତ କରନ୍ତୁ ଏବଂ ସେହି ଐଶି ମହିମାଗୁଡ଼ିକୁ ନିଜ ସାଧ ମତେ ଅନୁସରଣ କରନ୍ତୁ । ସେ କହିଛନ୍ତି ଯେ ମାନବ କଲ୍ୟାଣକୁ କ୍ରମାଗତ ଚାଲୁ ରଖିବା କାର୍ଯ୍ୟକୁ ସୁନିଶ୍ଚିତ କରିବାର ଏହା ହିଁ ଏକମାତ୍ର ପନ୍ଥା । ବାସ୍ତବରେ ମାନବିକତାର ପାର୍ଥିବ ଓ ଆଧ୍ୟାତ୍ମିକ ଉନ୍ନତି ଓ କଲ୍ୟାଣ ହେବା ଈଶ୍ୱରଙ୍କ ଗୁଣାବଳୀ ପ୍ରତି ଧ୍ୟାନମଗ୍ନ ରହିବା ତଥା ଏ ବିଷୟରେ ଗଭୀର ଚିନ୍ତା କରିବା ଉପରେ ହିଁ ନିର୍ଭର କରେ । କାରଣ ସମସ୍ତ ପ୍ରକାର ଶାନ୍ତି ତାହାଙ୍କ ମହିମାରୁ ଉଦ୍‌ଭାସିତ ହୁଏ ।

ଏହା ପବିତ୍ର କୁରଆନର ସର୍ବ ପ୍ରଥମ ପଙକ୍ତିରେ ପ୍ରତିଫଳିତ ହୋଇଛି । ଏହା କୁହାଯାଇଛି ଯେ ସେ ହିଁ ଅଲ୍ଲାହ ପରମ ବ୍ରହ୍ମ, ଯେ କି ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ପାଳନକର୍ତ୍ତା । ଅର୍ଥାତ ସେ ହିଁ ସମସ୍ତ ସୃଷ୍ଟିର ପାଳନହାର, ସ୍ୱୟଂ ପ୍ରତିଷ୍ଠିତ ଓ ପ୍ରତିପାଳକ ଈଶ୍ୱର । ସେ ହିଁ ପ୍ରତ୍ୟେକ ପ୍ରାଣୀଙ୍କ ପ୍ରଭୁ ଓ ସମସ୍ତ ସୃଷ୍ଟି ଜଗତର ବିଧାତା । ସେ କେବଳ ମୁସଲମାନଙ୍କ ପାଳନକର୍ତ୍ତା ନୁହନ୍ତି, ବରଂ ଖ୍ରୀଷ୍ଟିୟାନ, ଇହୁଦୀ ଓ ହିନ୍ଦୁମାନଙ୍କର ଏପରିକି ସମସ୍ତ ଜାତି, ବର୍ଣ୍ଣ, ବର୍ଗର ମନୁଷ୍ୟମାନଙ୍କ ପ୍ରତିପାଳକ; ସେ ଯେଉଁ ଧର୍ମମତ ବା ସଂପ୍ରଦାୟ ସହିତ ସମ୍ବନ୍ଧିତ ହୋଇ ଥାଆନ୍ତୁ ନା କାହିଁକି – ସକଳ ମାନବଙ୍କ ଈଶ୍ୱର ।

ଈଶ୍ୱରଙ୍କ ପ୍ରେମ ଓ ବଦାନ୍ୟତା ନିଜ ସୃଷ୍ଟଜ ପ୍ରାଣୀଙ୍କ ପ୍ରତି ଦୟାଶୀଳତା ଅତୁଳନୀୟ । ପରମ ସହାୟକ ବନ୍ଧୁ ରୂପେ ତାଙ୍କର ମହିମା ଅପାର । ସେ ଅନନ୍ତ ଦୟା ସାଗର ଓ ସଦା କରୁଣାମୟ । ସେ ଶାନ୍ତିର ନିର୍ଝର । ତେଣୁ ଯଦି ଇସଲାମ ଧର୍ମ ମୁସଲମାନମାନଙ୍କ ଠାରୁ ଏହା ଆଶା କରୁଥାଏ ଯେ ସେ ସ୍ୱୟଂ ପ୍ରଭୁଙ୍କ ଗୁଣଗ୍ରହୀତାକୁ

ନିଜ ଅନ୍ତରରେ ଜଗାଇବ, ତେବେ ଜଣେ ନିଷ୍ଠାପର ମୁସଲମାନ ପକ୍ଷେ ଏହା ଅସମ୍ଭବ ହୋଇଯାଏ ଯେ କାହାର କ୍ଷତି କରିବ । ବରଂ ପ୍ରକୃତ ମୁସଲମାନର ବିଶ୍ୱାସ ତାକୁ ବାଧ୍ୟ କରାଏ ଯେ ସେ ସମସ୍ତ ମାନବଜାତିକୁ ପ୍ରେମ କରିବ ଏବଂ ପ୍ରତ୍ୟେକ ବ୍ୟକ୍ତି ପ୍ରତି ସମ୍ମାନ, ଅନୁକମ୍ପା ଓ ସହାନୁଭୂତି ପ୍ରଦର୍ଶନ କରିବ ।

ଅନେକ ସମୟରେ ଏହି ପ୍ରଶ୍ନ କରାଯାଏ ଯେ ଯଦି ଇସଲାମ ଶାନ୍ତିମୟ ଧର୍ମ, ତେବେ କୁରଆନ୍‌ରେ ଯୁଦ୍ଧ କରିବା ପାଇଁ ଅନୁମତି କାହିଁକି ଦିଆଯାଇଛି । ତେବେ ସେହି ଅନୁମତି କାହିଁକି ଓ କିପରି ସ୍ଥିତିରେ ଦିଆଯାଇଥିଲା ତାକୁ ଯଥୋଚିତ ଉପାୟରେ ବୁଝିବା ଆବଶ୍ୟକ ଏବଂ ଯାହା କିଛି ମୁଁ ବର୍ଣ୍ଣନା କଲି, ସେହି ଆଧାରରେ ଏହାକୁ ମଧ୍ୟ ଜାଣିବାକୁ ହେବ । ଏକ ଦୀର୍ଘସ୍ଥାୟୀ ଶାନ୍ତି ବଜାୟ ରଖିବାର ଗୁରୁତ୍ୱକୁ ସର୍ବୋଚ୍ଚ ସ୍ଥାନରେ ରଖିବାକୁ ହେବ ଏବଂ ଏହାର ମୂଲ୍ୟ ବୁଝିବାକୁ ହେବ । ଶାନ୍ତିର ପ୍ରତିଷ୍ଠା ପାଇଁ କେତେକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଶାସ୍ତି ଦେବା କିମ୍ବା ସାବଧାନ କରାଇଦେବାର ଆବଶ୍ୟକତା ପଡ଼ିଥାଏ ।

ତଦନୁଯାୟୀ ଯେତେବେଳେ ଅଲ୍ଲାଃ ସର୍ବଶକ୍ତିମାନ ଯୁଦ୍ଧ ପାଇଁ ଅନୁମତି ଦେଇଥିଲେ । ଏହା କେବଳ ଶାନ୍ତି ଫେରାଇ ଆଣିବା ଉଦ୍ଦେଶ୍ୟରେ ଥିଲା ଓ ତାହା ପୁଣି ପ୍ରତିରକ୍ଷା ମୂଳକ ଉପାୟରେ । ତେଣୁ ଏହା ଅତ୍ୟନ୍ତ ଅନ୍ୟାୟପୂର୍ଣ୍ଣ କଥା ହେବ, ଯଦି କେତେକ ଧାର୍ମିକ ସଂଗଠନ କିମ୍ବା ବ୍ୟକ୍ତିବିଶେଷ ହିଂସା ଓ ନିଷ୍ଠୁରତାମୂଳକ ଆଚରଣକୁ ପବିତ୍ର କୁରଆନ କିମ୍ବା ଦିବ୍ୟ ଅବତାର ମୁହମ୍ମଦଙ୍କ ସହିତ ସଂଶ୍ଳିଷ୍ଟ କରିବେ । ଯଦି ଆମେ ନିରପେକ୍ଷ ଭାବରେ ପବିତ୍ର କୁରଆନ ଓ ଦିବ୍ୟ ଅବତାରଙ୍କ ଜୀବନ ଚରିତକୁ ଅଧ୍ୟୟନ କରିବା, ତା'ହେଲେ ଆମେ ଦେଖିବା ଯେ ଇସଲାମ ସଂପୂର୍ଣ୍ଣ ରୂପେ ଆତଙ୍କବାଦ ଓ ରକ୍ତପାତକୁ ଏକାନ୍ତ ଭାବେ ବିରୋଧ କରେ ।

ସୀମିତ ସମୟ ଦୃଷ୍ଟିରୁ ମୁଁ ବିସ୍ତାର ପୂର୍ବକ ଏ ପ୍ରସଙ୍ଗରେ କହିପାରିବି ନାହିଁ, ମାତ୍ର ଏଠାରେ ଇସଲାମର କେତେକ ଶିକ୍ଷା ସଂବନ୍ଧରେ ଅବଶ୍ୟ କହୁଛି । ଏହା ନିଃସନ୍ଦେହରେ ପ୍ରମାଣିତ କରିବ ଯେ ଇସଲାମ ଏକ ଶାନ୍ତିପ୍ରିୟ ଧର୍ମ । ଯେପରିକି ଏବେ ମୁଁ କହିଲି, ଏକ ଅଭିଯୋଗ କରାଯାଉଛି ଯେ ଇସଲାମ ଚରମପନ୍ଥୀ ଓ ରକ୍ତାକ୍ତ ଯୁଦ୍ଧକାଣ୍ଡ ଭିଆଉଛି । କିନ୍ତୁ ଏହି ଅଭିଯୋଗ ଘଟଣାର ସତ୍ୟାସତ୍ୟ ଠାରୁ ବହୁ ଦୂରରେ ।

ସୁତରାଂ ପବିତ୍ର କୁରଆନର ସୁରଃ ଅଲ ବକରା, ପଙ୍‌କ୍ତି ୧୯୧ ରେ ଅଲ୍ଲାଃ ଆଦେଶ ଦେଇଛନ୍ତି: 'କୌଣସି ଯୁଦ୍ଧ କେବଳ ସେହି କ୍ଷେତ୍ରରେ ପ୍ରଯୁଜ୍ୟ ହୋଇପାରେ, ଯଦି ତାହା ପ୍ରତିରକ୍ଷା ସ୍ୱରୂପ କରାଯାଉଥିବ ।' ଏହି କଥାର

ପୁନରାବୃତ୍ତି କରି ସୁରଃ ଅଲ ହଜ୍: ପଙ୍କ୍ତି ୪୦ରେ ସ୍ପଷ୍ଟ ରୂପେ କୁହାଯାଇଛି ଯେ ଯୁଦ୍ଧର ଅନୁମତି କେବଳ ସେହିମାନଙ୍କୁ ଦିଆଯାଇଛି, ଯେଉଁମାନଙ୍କ ଉପରେ ଆକ୍ରମଣ କରାଗଲା ଓ ଯାହାଙ୍କୁ ଲଢ଼େଇର ସାମନା କରିବାକୁ ବାଧ୍ୟ କରାଗଲା । ପୁନଶ୍ଚ ଅଲ୍ଲାଃତାଲା ଯେଉଁଠାରେ ଇସଲାମ ଶାସିତ ସରକାରକୁ ଯୁଦ୍ଧ କରିବା ପାଇଁ ଅନୁମତି ଦେଇଛନ୍ତି, ତାହା କେବଳ ଏହି ପରିସ୍ଥିତିରେ ଯେ ତାହା ଦ୍ୱାରା ଧର୍ମଗତ ସୁରକ୍ଷା ଓ ବିଶ୍ୱାସ ମତର ସ୍ୱାଧୀନତା ବଜାୟ ରହିବ । ତେଣୁ ସୁରଃ ଅଲ ବକରା, ପଙ୍କ୍ତି ୧୯୪ ଅଲ୍ଲାଃ ମୁସଲିମ ସଂପ୍ରଦାୟକୁ ଆଦେଶ ଦେଇଛନ୍ତି ଯେ ଯେଉଁଠାରେ ଧର୍ମଗତ ସ୍ୱାଧୀନତା ଆଗରୁ ରହିଥିବ, ସେଠାରେ ସେମାନେ ସଂଘର୍ଷରେ ମାତିବା ବା ଯୁଦ୍ଧ କରିବା ପାଇଁ ଆଦୌ ଅନୁମତି ଦିଆଯିବ ନାହିଁ ।

ସୁତରାଂ କୌଣସି ମୁସଲିମ ଦେଶ, ଗୋଷ୍ଠୀ, ସଂଗଠନ କିମ୍ବା ବ୍ୟକ୍ତିଗତ ରୂପେ ଏହି ଅଧିକାର ପାଇ ନାହାନ୍ତି ଯେ ସେମାନେ କୌଣସି ଅନ୍ୟ ଦେଶ ବା ଦେଶବାସୀଙ୍କ ଉପରେ କୌଣସି ପ୍ରକାର ହିଂସା, ଯୁଦ୍ଧ ବା ବେନିୟମ କାର୍ଯ୍ୟ କରିପାରିବେ । ଏହା ବୁଝିବା ଅତ୍ୟନ୍ତ ସହଜ ଯେ ୟୁରୋପ ଓ ପାଶ୍ଚାତ୍ୟ ଦେଶଗୁଡ଼ିକରେ ଗଣତନ୍ତ୍ର ସରକାର ଚାଲୁଥିବାରୁ ସେଠାରେ କୌଣସି ମୁସଲିମ ବାସିନ୍ଦାର ଏପରି କୌଣସି ଅଧିକାର ନାହିଁ ଯେ ସେହି ଦେଶରେ ପ୍ରଚଳିତ ଆଇନକୁ ଉଲଂଘନ କରି ହିଂସା ଉପୁଜାଇବ କିମ୍ବା ସେହି ସରକାରର ବିରୁଦ୍ଧାଚରଣ କରିବ ଅଥବା ଦେଶଦ୍ରୋହୀ କାର୍ଯ୍ୟରେ ଲିପ୍ତ ରହିବ ।

ପ୍ରକୃତରେ କହିବାକୁ ଗଲେ ଇସଲାମର ବାସ୍ତବ ଶିକ୍ଷା ଅନୁଯାୟୀ ଯଦି କୌଣସି ଲୋକ ଏକ ଅଣ-ମୁସଲିମ ରାଷ୍ଟ୍ରରେ ବାସ କରୁଥିବାବେଳେ ଯଥାର୍ଥ ଭାବରେ ତା'ର କୌଣସି ଧାର୍ମିକ ସ୍ୱାଧୀନତା ନାହିଁ ବୋଲି ଅନୁଭବ କରେ, ସେ କଦାପି କୌଣସି ଅଶୋଭନୀୟ ବା ଦେଶ ବିରୋଧି ବେନିୟମ କାର୍ଯ୍ୟରେ ଲିପ୍ତ ହେବା ଉଚିତ୍ ନୁହେଁ । ବରଂ ସେମାନେ ସେହି ଦେଶ ଛାଡ଼ି ଅନ୍ୟତ୍ର ଚାଲିଯିବା ଉଚିତ, ଯେଉଁଠାରେ ସେମାନଙ୍କୁ ସୁହାଇଲା ଭଳି ଅନୁକୂଳ ପରିବେଶ ରହିଥିବ ।

ପବିତ୍ର କୁରଆନର ଅଧ୍ୟାୟ ୧୬, ପଙ୍କ୍ତି ୧୨୭ରେ ମୁସଲିମ ସରକାରକୁ ଆଦେଶ ଦିଆଯାଇଛି ଯେ ଯଦି ସେମାନେ କେବେ ଆକ୍ରମଣର ସମ୍ମୁଖୀନ ହୁଅନ୍ତି, ସେମାନେ ସମାନୁପାତ ଭିତ୍ତିରେ ଏହାର ବିରୋଧ ନିଶ୍ଚୟ କରିବେ ଏବଂ ଏହି ମୁକାବିଲା କେବଳ ପ୍ରତିରକ୍ଷା ମୂଳକ ହେବ । ସୁତରାଂ ପବିତ୍ର କୁରଆନର ଶିକ୍ଷା ଅତ୍ୟନ୍ତ ସ୍ପଷ୍ଟ ଯେ ଶତ୍ରୁ କରିଥିବା ଅସଲ ଅପରାଧ ଅନୁଯାୟୀ ଦଣ୍ଡ ବିଧାନ ହେବା ଆବଶ୍ୟକ, ତା'ଠାରୁ ଅଧିକ ନୁହେଁ । ଅଧ୍ୟାୟ ୮ ପଙ୍କ୍ତି ୬୨ରେ

ଅଲ୍ଲା କହିଛନ୍ତି ଯଦି ତୁମ ପ୍ରତିପକ୍ଷର ଉଦ୍ଦେଶ୍ୟ ମନ୍ଦ ଓ ସେ ତୁମର କ୍ଷତି ଘଟାଇବାକୁ ଚାହୁଁଛି, କିନ୍ତୁ ପର ମୁହୂର୍ତ୍ତରେ ଏଥିରୁ ଓହରି ଯିବାକୁ ସ୍ଥିର କରି ମୈତ୍ରୀ ପାଇଁ ହାତ ବଢ଼ାଉଛି, ତୁମେ ମଧ୍ୟ ତୁରନ୍ତ ତାଙ୍କର ବୁଝାମଣା ପ୍ରସ୍ତାବକୁ ସ୍ୱୀକାର କରିନିଅ ଏବଂ ଶାନ୍ତି ପୂର୍ଣ୍ଣ ସମାଧାନ ଦିଗରେ ତତ୍ପର ହୋଇଯାଅ । ସେମାନଙ୍କର ମନୋବୃତ୍ତି ଯାହା ବି ଥାଉ ନା କାହିଁକି ସେଥିରେ କିଛି ଯାଏ ଆସେ ନାହିଁ ।

ଏହି କୁରଆନ ଶିକ୍ଷା ଆନ୍ତର୍ଜାତୀୟ ଶାନ୍ତି ଓ ନିରାପତ୍ତା ବଜାୟ ରଖିବା କ୍ଷେତ୍ରରେ ଏକ ପ୍ରଧାନ ନିୟମ ରୂପେ ଗୁରୁତ୍ୱ ବହନ କରେ । ଆଜିକାଲିର ଦୁନିଆରେ ଏପରି ଅନେକ ଉଦାହରଣ ରହିଛି ଯେ କେତେକ ଦେଶ ଅନ୍ୟ ଦେଶର ଶତ୍ରୁତାର ଆଶଙ୍କା କରି ଅତି ଆକ୍ରମଣାତ୍ମକ ମନୋଭାବକୁ ଆପଣାଇ ନେଇଛନ୍ତି । ମନେ ହୁଏ ସତେ ଯେପରି ଏହି ନିୟମକୁ ଧରି ନେଇଛନ୍ତି ଯେ 'ଏହା ପୂର୍ବରୁ ଯେ ଶତ୍ରୁ ଆମକୁ ଧ୍ୱଂସ କରିବେ, ଆମେ ପ୍ରଥମେ ସେମାନଙ୍କୁ ଧ୍ୱଂସ କରିଦେଲେ ଯିବ ।'

ତେବେ ଇସଲାମ ଶିକ୍ଷା ଦିଏ ଯେ ଶାନ୍ତି ରକ୍ଷା ପାଇଁ କୌଣସି ସୁଯୋଗକୁ ହାତଛଡ଼ା କରିବା ଉଚିତ ନୁହେଁ । ଆଶା ଯେତେ କ୍ଷୀଣ ଜଣା ପଡୁଥିଲେ ବି ପ୍ରୟାସ ଜାରି ରହିଥିବ । ଅଧ୍ୟାୟ ୫, ପଙ୍କ୍ତି ୯ରେ ଅଲ୍ଲାଃ କହିଛନ୍ତି: 'କୌଣସି ଜାତିର ଶତ୍ରୁତା ତୁମମାନଙ୍କୁ ଏଥିପାଇଁ କଦାପି ନ ପ୍ରବର୍ତ୍ତାଉ ଯେ ତୁମେ ସେମାନଙ୍କ ସହିତ ନ୍ୟାୟ କରନାହିଁ । କିନ୍ତୁ ଇସଲାମ ଶିଖାଉଛି ଯେ ପରିସ୍ଥିତି ଯେତେ ସାଂଘାତିକ ହେଲେ ମଧ୍ୟ ନ୍ୟାୟ ଓ ନିରପେକ୍ଷତା ଅବଲମ୍ବନ କରୁଥିବା ହାତ ଛାଡ଼ ନାହିଁ । ତେଣୁ ଯୁଦ୍ଧକାଳୀନ ପରିସ୍ଥିତିରେ ମଧ୍ୟ ନ୍ୟାୟ ଓ ସ୍ୱଚ୍ଛତା ବଜାୟ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଯୁଦ୍ଧ ପରାନ୍ତରେ ବିଜୟ ମୁହୂର୍ତ୍ତରେ ମଧ୍ୟ ଏହା ଜରୁରୀ ଯେ ନ୍ୟାୟ ଦ୍ୱାରା କାମ ନିଅ ଓ କେବେ ବି ଅଯଥା ନିଷ୍ଠୁରତାର ପାତ୍ର ହୁଅ ନାହିଁ ।

କିନ୍ତୁ ଆଜିକାଲି ଆମକୁ ଦୁନିଆରେ ସେପରି ସ୍ତରର ସାଧୁତା ଓ ଉଚ୍ଚ ନୈତିକତା ଦେଖିବାକୁ ମିଳେ ନାହିଁ । ବରଂ ଯୁଦ୍ଧ ଶେଷ ହୋଇଯିବା ପରେ ବିଜୟୀ ଦେଶମାନେ ଏପରି କଟକଣା ଓ ଅର୍ଥନୈତିକ ବାଛନ୍ଦ ଲାଗୁ କରିଦିଅନ୍ତି ଯେ ପରାଜିତ ଦେଶମାନଙ୍କର ପ୍ରଗତି ସୀମିତ ହୋଇ ସେମାନଙ୍କ ଜାତିର ମୁକ୍ତି ଓ ସ୍ୱାଭିମାନ କ୍ଷୁର୍ଣ୍ଣ ହୋଇ ରହିଯାଏ । ଏପରି ନୀତି ଆନ୍ତର୍ଜାତିକ ସଂପର୍କରେ ପ୍ରତିବନ୍ଧକ ସୃଷ୍ଟି କରିଥାଏ, ଯାହା କେବଳ ନୈରାଶ୍ୟ ଭାବ ଓ ପ୍ରତିକୂଳ ପ୍ରଭାବ ପକାଇବା ବ୍ୟତୀତ ଅନ୍ୟ କିଛି ହୁଏ ନାହିଁ ।

ପ୍ରକୃତ କଥା ହେଉଛି ଦୀର୍ଘସ୍ଥାୟୀ ଶାନ୍ତି ସେ ପର୍ଯ୍ୟନ୍ତ ପ୍ରତିଷ୍ଠା ହୋଇ ପାରିବ ନାହିଁ, ଯେ ପର୍ଯ୍ୟନ୍ତ ସମାଜର ପ୍ରତ୍ୟେକ ସ୍ତରରେ ନ୍ୟାୟ କରା ନ ଯାଇଛି ।

ଇସଲାମର ଅନ୍ୟ ଏକ ମହତ୍ତ୍ୱପୂର୍ଣ୍ଣ ଶିକ୍ଷା ଯାହା ଆମକୁ ପବିତ୍ର କୁରଆନର ଅଧ୍ୟାୟ ୮, ପଙ୍କ୍ତି ୬୮ରେ ମିଳିଥାଏ, ତାହା ହେଉଛି ମୁସଲିମମାନଙ୍କୁ ଏହାର ଅନୁମତି ଦିଆଯାଇ ନାହିଁ ଯେପରି କି ସେମାନେ ଯଦି ଯୁଦ୍ଧବନ୍ଦୀମାନଙ୍କୁ ନେଇ ହଇରାଣ ହରକତ କରନ୍ତି ଓ ସେମାନଙ୍କ ସହିତ ନିର୍ମମ ଅତ୍ୟାଚାର କରନ୍ତି, ସେମାନେ ସଂପୂର୍ଣ୍ଣ ରୂପେ ଇସଲାମ ଶିକ୍ଷାର ବିରୁଦ୍ଧାଚରଣ କରୁଛନ୍ତି । କିନ୍ତୁ ରିପୋର୍ଟ ଅନୁସାରେ ସେମାନେ ବନ୍ଦୀ କରି ସେମାନଙ୍କୁ ଏପରି ବର୍ବରତାପୂର୍ଣ୍ଣ ଭାବେ ପ୍ରାଣର ବଳି ଚଢ଼ାଇ ଦିଅନ୍ତି, ଯାହା ଶୁଣିଲେ ଦେହ ଶିହିରୀ ଉଠେ ।

ଯେପରି ଭାବରେ ସେହି ଉଗ୍ରବାଦୀ ଗୋଷ୍ଠୀ ଉନ୍ମତ୍ତ କାଣ୍ଡ ଭିଆଉଛନ୍ତି, ତାହାର ଯଥା ସମ୍ଭବ ଦୃଢ଼ ନିନ୍ଦା କରାଯିବା ଆବଶ୍ୟକ । ଅପର ପକ୍ଷେ ପବିତ୍ର କୁରଆନ ଏହି ଶିକ୍ଷା ଦିଏ ଯେ ଯଦି ବା ଯୁକ୍ତିଯୁକ୍ତ ଭାବରେ ସେମାନଙ୍କୁ ଯୁଦ୍ଧବନ୍ଦୀ କରି ନେଇଯାଅ, ସେମାନଙ୍କ ପ୍ରତି ନରମ ବ୍ୟବହାର କରିବା ଶ୍ରେୟସ୍କର ଓ ଯେଉଁଠାରେ ସମ୍ଭବ ହେଉଛି ସେମାନଙ୍କୁ ମୁକ୍ତ କରିଦିଅ । ଶାନ୍ତିର ପ୍ରତିଷ୍ଠା ସମ୍ବନ୍ଧରେ ଏକ ସ୍ୱର୍ଣ୍ଣିମ ନୀତି ପବିତ୍ର କୁରଆନ ଘୋଷଣା କରୁଛି । ଅଧ୍ୟାୟ ୪୯, ପଙ୍କ୍ତି ୧୦ରେ କୁହାଯାଇଛି ଯେ ଯଦି ଦେଶ ବା ଦଳ ମଧ୍ୟରେ ବିବାଦ ସୃଷ୍ଟି ହୁଏ, ତେବେ ତୃତୀୟ ପକ୍ଷ ମଧ୍ୟସ୍ଥତା କରି ଶାନ୍ତିପୂର୍ଣ୍ଣ ଉପାୟରେ ସେହି ବିବାଦର ସମାଧାନ କରିବାକୁ ଚେଷ୍ଟା କରିବ ।

ଚୁକ୍ତି ପତ୍ର ସ୍ୱାକ୍ଷରିତ ହେବା ସମୟରେ ଯେବେ କୌଣସି ଏକ ପକ୍ଷ ଅନ୍ୟାୟ ମୂଳକ ଭାବରେ ଅନ୍ୟକୁ ନିଜର ଅଧୀନ କରିବାକୁ ଚାହୁଁଥାଏ ଓ ସନ୍ଧି ଚୁକ୍ତିର ନିୟମକୁ ଉଲଂଘନ କରେ ସେତେବେଳେ ଅନ୍ୟ ଦେଶଗୁଡ଼ିକ ମିଳିତ ହୋଇ ସେହି ଅମାନ୍ୟକାରୀ ପକ୍ଷକୁ ବାଧା ଦେବେ ଓ ସେହି କାର୍ଯ୍ୟରୁ ନିବୃତ୍ତ ରହିବା ପାଇଁ ବଳ ପ୍ରୟୋଗ କରିବେ । ତେବେ ଯଦି ସେହି ଉଗ୍ର ପକ୍ଷ ନିଜ ଜିଦ୍‌ରୁ ଓହରିଗଲା, ତାକୁ କୌଣସି ପ୍ରକାର ହଇରାଣ ହରକତ ତଥା ଅଯଥା କଟକଣା ନ କରି ଅବାଧ ଭାବରେ ଅପରାଧ ମୁକ୍ତ ଜାତି ବା ସମାଜରେ ରହିବା ପାଇଁ ଛାଡ଼ି ଦେବା ଉଚିତ । ଏହି ନିୟମ ଆଜିର ଦୁନିଆରେ ଅତି ମହତ୍ତ୍ୱ ରଖିଥାଏ ଏବଂ ନିର୍ଦ୍ଦିଷ୍ଟ ଭାବେ ମହାଶକ୍ତିଗୁଡ଼ିକ ତଥା ଜାତିସଂଘ ପରି ବିଶ୍ୱ ସଂଗଠନ ଏହି ନିୟମକୁ କାର୍ଯ୍ୟକାରୀ କରିବା ଉଚିତ ।

ବିଶ୍ୱ ଶାନ୍ତିର ପ୍ରତିଷ୍ଠା କ୍ଷେତ୍ରରେ ଏକ ଅତ୍ୟନ୍ତ ଉତ୍କୃଷ୍ଟ ନୀତି ଯାହା ବିଶ୍ୱ ଧର୍ମରେ ସ୍ୱାଧୀନତା ଆଣିବାକୁ ନିଶ୍ଚିତ କରିଥାଏ, ତାହା ପବିତ୍ର କୁରଆନ୍‌ର ଅଧ୍ୟାୟ

୨୨, ପଙ୍କ୍ତି ୪୧ରେ ଆଲୋକପାତ କରାଯାଇଛି । କୁରଆନ କୁହେ ଯଦି ଯୁଦ୍ଧର ଅନୁମତି ଦିଆ ଯାଇ ନ ଥାନ୍ତା, ତା' ହେଲେ କେବଳ ମସଜିଦ ନୁହେଁ, ଗୀର୍ଜା, ସିନାଗଗ୍, ମନ୍ଦିର, ଆଶ୍ରମ ତଥା ଧାର୍ମିକ ଉପାସନା ପୀଠଗୁଡ଼ିକ ଉପରେ ଭୟଙ୍କର ବିପଦ ଦେଖା ଦେଇଥାନ୍ତା । ତେଣୁ ଅଲ୍ଲାଃ ସର୍ବଶକ୍ତିମାନ ଯେତେବେଳେ ଶକ୍ତିର ପ୍ରୟୋଗ ପାଇଁ ଅନୁମତି ଦେଲେ, ତାହା କେବଳ ଇସଲାମକୁ ରକ୍ଷା କରିବା ପାଇଁ ନ ଥିଲା, ବରଂ ସବୁ ଧର୍ମର ସୁରକ୍ଷାର ପ୍ରତିଶ୍ରୁତି ବଦ୍ଧତା ପାଇଁ ଉଦ୍ଦିଷ୍ଟ ଥିଲା ।

ଏହା ସତ୍ୟ ଯେ ଇସଲାମ ମୁକ୍ତ ବିଚାର ଭାବନା, ଧାର୍ମିକ ସ୍ୱାଧୀନତା ଓ ସମସ୍ତ ଧର୍ମର ଲୋକମାନଙ୍କ ସୁରକ୍ଷାର ନିର୍ଭର ପ୍ରତିଶ୍ରୁତି ଦେଇଥାଏ । ପ୍ରତ୍ୟେକ ବ୍ୟକ୍ତି ବାଛିଥିବା ବିଶ୍ୱାସ ମାର୍ଗକୁ ଅନୁସରଣ କରିବାର ଅଧିକାର ଓ ସମ୍ମାନର ସୁରକ୍ଷା କେବଳ ଇସଲାମ ହିଁ ଦେଇଥାଏ । ମୁଁ ଏଠାରେ ପବିତ୍ର କୁରଆନରୁ କେବଳ ଅଳ୍ପ କେତୋଟି ବିଷୟ ଉପରେ ସମ୍ୟକ ସୂଚନା ଦେଲି । ଯାହା ସମାଜର ପ୍ରତ୍ୟେକ ସ୍ତରରେ ଓ ପ୍ରତ୍ୟେକ ବର୍ଗରେ ଏକତା ଆଣିବା ଏବଂ ପୃଥିବୀର ସବୁ ଭାଗରେ ଐକ୍ୟବଦ୍ଧତାର ଆହ୍ୱାନ ଦେଇଥାଏ । ଏଗୁଡ଼ିକ ଶାନ୍ତି ଓ ସହାବସ୍ଥାନର ମୂଳ ମନ୍ତ୍ର ଓ ପବିତ୍ର କୁରଆନ ଏହି ସଫଳତାର ଚାବିକାଠି ବିଶ୍ୱବାସୀଙ୍କୁ ପ୍ରଦାନ କରିଛି ।

ଏହି ଶିକ୍ଷାଗୁଡ଼ିକ ଇସଲାମର ଦିବ୍ୟ ବାର୍ତ୍ତାବହ ଓ ତାଙ୍କ ଅନୁଚରମାନଙ୍କ ଦ୍ୱାରା କାୟ ମନ ବାକ୍ୟରେ ଅନୁସରଣ କରାଯାଇଥିଲା । ତେଣୁ ଶେଷରେ ମୁଁ ଏହି କଥାକୁ ପୁଣି ଥରେ ଦୋହରାଇବାକୁ ଚାହୁଁଛି ଯେ ପୃଥିବୀକୁ ଶାନ୍ତି ଓ ନିରାପତ୍ତାର ପରମ ଆବଶ୍ୟକତା ରହିଛି । ଏହା ଆମ ସମୟର ଏକ ଜରୁରୀ ପ୍ରସଙ୍ଗ ହୋଇ ଛିଡ଼ା ହୋଇଛି ।

ସମସ୍ତ ଦେଶ, ଜାତି ଓ ସମଗ୍ର ବିଶ୍ୱବାସୀ ଧର୍ମ ବା ଅନ୍ୟ କୌଣସି ନାମରେ ହେଉଥିବା ଅନ୍ୟାୟ, ଅତ୍ୟାଚାର ଓ କଠୋରପନ୍ଥୀ କାର୍ଯ୍ୟକଳାପକୁ ରୋକିବା ସକାଶେ ଏକଜୁଟ ହେବା ଜରୁରୀ ହୋଇ ପଡ଼ିଛି । କୌଣସି ଧର୍ମକୁ ପରିହାସ ଓ ବ୍ୟଙ୍ଗ ବିଦ୍ରୂପ କରିବା ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ, ଯାହା ନୈରାଶ୍ୟ ଭାବ ଓ ଅସ୍ଥିରତା ଉତ୍ପନ୍ନ କରିପାରେ । ଅବଶ୍ୟ ଏଥିରେ ଚରମପନ୍ଥୀ ଗୋଷ୍ଠୀଗୁଡ଼ିକର ଅମାନବୀୟ କାର୍ଯ୍ୟ ମଧ୍ୟ ସାମିଲ ଅଛି, ଯେଉଁମାନେ ଧର୍ମ ନାମରେ ନିଜର ଘୃଣିତ କର୍ମକୁ ଅବାନ୍ତର ଯୁକ୍ତି ଦର୍ଶାଇ କରିବାରେ ଲାଗିଛନ୍ତି ।

ଅଧିକନ୍ତୁ, ଆମେମାନେ ସମସ୍ତ ଜାତି ସହିତ ନ୍ୟାୟପୂର୍ଣ୍ଣ ବ୍ୟବହାର କରିବା ଉଚିତ । ଏବଂ ସେମାନଙ୍କୁ ସାହାଯ୍ୟ କରିବା ଉଚିତ ଯଦ୍ୱାରା ପ୍ରତ୍ୟେକ ଦେଶ ନିଜର ସ୍ୱାବଲମ୍ବନକୁ ଚିହ୍ନି ପାରିବ ଓ ସମୃଦ୍ଧିଶାଳୀ ହୋଇ ପାରିବ । ଆମେ ଦେଖୁଥିବା ହିଂସା, ବିଦ୍ୱେଷ ଓ ଶତ୍ରୁତା କେବଳ ଧନର କ୍ଷୁଧାରେ ପାଗଳ ହେବା ବ୍ୟତୀତ ଅନ୍ୟ କିଛି

ନୁହେଁ । ଏଥି ସମ୍ପର୍କରେ ପବିତ୍ର କୁରଆନ ଏକ ଉତ୍କୃଷ୍ଟ ନିୟମ ପ୍ରଣୟନ କରି କହିଛି ଯେ ଅନ୍ୟର ଧନ ପ୍ରତି ଲାଳସା ରଖି ତାକୁ ଆତ୍ମସାତ କର ନାହିଁ । ଏହି ଶିକ୍ଷାକୁ ଅନୁସରଣ କଲେ ଆମେ ପୃଥିବୀରେ ଶାନ୍ତି ସ୍ଥାପନରେ ଅଗ୍ରଗତି କରିପାରିବା ।

ସମାଜର ପ୍ରତ୍ୟେକ ସ୍ତରରେ ନ୍ୟାୟର ଆବଶ୍ୟକତାକୁ ନିଶ୍ଚିତ ରୂପେ ପୂରଣ କରିବାକୁ ପଡ଼ିବ । ତଦ୍ୱାରା ପ୍ରତ୍ୟେକ ବ୍ୟକ୍ତି ଜାତି,ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସ୍ୱାଭିମାନ ଓ ଆତ୍ମ ସମ୍ମାନର ସହିତ ବଞ୍ଚିବା ପାଇଁ ନିଜର ଦୁଇ ଗୋଡ଼ରେ ଛିଡ଼ା ହୋଇ ପାରିବ । ଆଜି ଆମେ ଦେଖୁଛୁ ଯେ ଅନେକ ବିକାଶଶୀଳ ରାଷ୍ଟ୍ର ଗରୀବ ଓ ଅନଗ୍ରସର ଦେଶଗୁଡ଼ିକରେ ନିଜର ପୁଞ୍ଜି ଲଗାଣକୁ ବଢ଼ାଇ ଚାଲିଛନ୍ତି ।

ସେମାନଙ୍କ ପକ୍ଷେ ଏହା ଜରୁରୀ ଯେ ସେମାନେ ନ୍ୟାୟ ପ୍ରଦର୍ଶନ କରନ୍ତୁ ଓ ସାହାଯ୍ୟ କରିବା ପାଇଁ ଆଗେଇ ଆସନ୍ତୁ । କେବଳ ପ୍ରାକୃତିକ ସମ୍ପଦକୁ ବିନିଯୋଗ କରିଦେଲେ ଚଳିବ ନାହିଁ , ଶସ୍ତା ଶ୍ରମିକ ବଳକୁ ସେମାନଙ୍କ ନିଜ ଦେଶର ଫାଇଦା ପାଇଁ ବ୍ୟବହାର କରନ୍ତୁ ନାହିଁ । ସେହି ଦେଶମାନଙ୍କରେ ସେମାନଙ୍କ ଉପାର୍ଜିତ ଧନରାଶିକୁ ପୁନର୍ବିନିଯୋଗ କରିବା ଉଚିତ । ସେହି ଧନକୁ ସ୍ଥାନୀୟ ଲୋକଙ୍କ କଲ୍ୟାଣ ପାଇଁ ବ୍ୟବହାର କରି ସେମାନଙ୍କୁ ଲାଭବାନ କରାଇ ପାରିବେ ।

ଯଦି ଉନ୍ନତ ରାଷ୍ଟ୍ର ସେହି ଗରୀବ ଦେଶକୁ ସହାୟତା କରିବା ଉଦ୍ଦେଶ୍ୟରେ ଏପରି କରନ୍ତି, ତା' ଫଳରେ ନା କେବଳ ସେହି ଗରୀବ ଦେଶକୁ ଫାଇଦା ପହଞ୍ଚିବ, ବରଂ ଉଭୟ ପକ୍ଷ ଲାଭାନ୍ୱିତ ହେବେ । ଏହା ମାଧ୍ୟମରେ ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇବ ଓ ନୈରାଶ୍ୟ ଭାବନାକୁ ଦୂରେଇ ଦେବ । ଏହା ଫଳରେ ଧନଶାଳୀ ରାଷ୍ଟ୍ରଗୁଡ଼ିକ ଯେ ସ୍ୱାର୍ଥପର ଭାବେ ଗରୀବ ଓ ଦୁର୍ବଳ ଦେଶର ସମ୍ବଳରୁ ଅଯାଚିତ ଫାଇଦା ହାସଲ କରୁଛନ୍ତି ବୋଲି ସେମାନଙ୍କ ଧାରଣା ମଧ୍ୟ ଦୂର ହୋଇଯିବ । ପୁଣି ସ୍ଥାନୀୟ ଲୋକଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆସିବ, ଯାହା ବିଶ୍ୱ ସ୍ତରରେ ମଧ୍ୟ ଆନ୍ତର୍ଜାତିକ ବଜାରରେ ଅର୍ଥନୈତିକ ଅବସ୍ଥାକୁ ଅଧିକ ସୁଦୃଢ଼ କରିବ ।

ଏହା ଦ୍ୱାରା ନିଶ୍ଚିତ ରୂପେ ବିଶ୍ୱ ସ୍ତରରେ ପ୍ରେମ, ଭାଇଚାରା ଓ ମାନବୀୟ ଏକତାର ନୂତନ ବାତାବରଣ ସୃଷ୍ଟି ହେବ । ସର୍ବୋପରି ଏହା ହିଁ ବିଶ୍ୱରେ ପ୍ରକୃତ ଶାନ୍ତିର ମୂଳଦୁଆ ପକାଇ ଦେବ । ଯଦି ଏବେ ସେଥିପ୍ରତି ଧ୍ୟାନ ଦିଆ ନ ଯାଏ, ଆଜିର ଅଶାନ୍ତ ପରିସ୍ଥିତି ଏକ ବିନାଶକାରୀ ବିଶ୍ୱଯୁଦ୍ଧ ଆଡ଼କୁ ମୁହାଁଇବ । ଯାହାର ଭୟାବହ ପରିଣତି ଆଗାମୀ ବଂଶଧର ଅନୁଭବ କରିବେ ଓ ଏହାର ପ୍ରତି ବଦଳରେ

ଆମ ଭବିଷ୍ୟତ ବଂଶଧର ଆମକୁ ଏଥିପାଇଁ କଦାପି କ୍ଷମା କରିବେ ନାହିଁ ।

ଏତିକି କହି ମୋର ବକ୍ତବ୍ୟ ଶେଷ କରୁଛି ଓ ଆପଣମାନଙ୍କ ଠାରୁ ବିଦାୟ ନେବାକୁ ଚାହୁଁଛି । ଅଲ୍ଲାଃ ପରମ ବ୍ରହ୍ମ ପୃଥିବୀରେ ପ୍ରକୃତ ଶାନ୍ତି ବିରାଜିତ କରନ୍ତୁ ।

**ଅଶେଷ ଧନ୍ୟବାଦ ।**



# ପୃଥିବୀ ବ୍ୟାପୀ ବିଶୃଙ୍ଖଳା ସମୟରେ ଶାନ୍ତିର ଋବିକାଠି

ଟୋକିଓ , ଜାପାନ ୨୦୧୫





Hadrat Khalifatul-Masih V[aba] leading silent prayer at a special reception in Tokyo, Japan.





Hadrat Khalifatul-Masih V[aba] watering a plant at a special reception in Tokyo, Japan.



Hadrat Khalifatul-Masih V[aba] delivering keynote address at a special reception in Tokyo, Japan.

# ଭୂମିକା

୨୩ ନଭେମ୍ବର ୨୦୧୫ରେ ବିଶ୍ୱବ୍ୟାପ୍ତ ଅହମଦିୟା ମୁସଲିମ ସଂପ୍ରଦାୟର ପଞ୍ଚମ ଖଲିଫା ହଜରତ ମିର୍ଜା ମସରୁର ଅହମଦ[ଅବ]ଙ୍କ ସମ୍ମାନାର୍ଥେ ହିଲଟନ୍ ହୋଟେଲ ଓ ଦାଇବା (ଟୋକିଏ) ଠାରେ ଏକ ବିଶେଷ ଅଭ୍ୟର୍ଥନା ସଭା ଅନୁଷ୍ଠିତ ହୋଇଥିଲା, ଯହିଁରେ ପୁଣ୍ୟଶ୍ଲୋକ ମୂଳ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ସମ୍ମିଳନୀରେ ୬୦ରୁ ଅଧିକ ଅତିଥି ଯୋଗ ଦେଇଥିଲେ । ଉଦ୍‌ବୋଧନ ସମୟରେ ପୁଣ୍ୟଶ୍ଲୋକ ୭୦ ବର୍ଷ ପୂର୍ବେ ହିରୋସୀମା ଓ ନାଗାସାକିରେ ହୋଇଥିବା ପରମାଣୁ ବୋମାର ଆକ୍ରମଣ ଉପରେ ଆଲୋକପାତ କରିଥିଲେ । ଏଥି ପୂର୍ବରୁ ସନ୍ଧ୍ୟା ସମୟରେ ଦୁଇଜଣ ସମ୍ମାନିତ ବକ୍ତା ମଧ୍ୟ ଶ୍ରୋତାମାନଙ୍କୁ ସମ୍ବୋଧନ କରିଥିଲେ । ସେମାନେ ହେଲେ Dr. Mike Sata Yasuhiko,Phd, Chairs Tokibo group of industries ଏବଂ Mr. Endo Shinichi, ସେ 'ତୋହୋକୁ' ଅଂଚଳରୁ ଆସିଥିଲେ, ଯାହା ୨୦୧୧ ମସିହାର ଭୂମିକମ୍ପ ଓ ସୁନାମି ଦ୍ୱାରା ଗୁରୁତର ଭାବେ ପ୍ରଭାବିତ ହୋଇଥିଲା ।

# ପୃଥିବୀ ବ୍ୟାପୀ ବିଶୃଙ୍ଖଳା ସମୟରେ ଶାନ୍ତିର ଚାବିକାଠି

### ଟୋକିଓ , ଜାପାନ ୨୦୧୫

ତଶହୁଦ୍ ଓ ତଉଜ୍ ଆବୃତ୍ତି ପରେ ମହାମାନ୍ୟ ପଞ୍ଚମ ଖଲିଫା ଅତିଥିମାନଙ୍କୁ ସମ୍ବୋଧନ କରି କହିଲେ, 'ଅସସଲାମୁ ଆଲୈକୁମ ରହମତୁଲ୍ଲାହି ଓ୍ୱ ବରକାତୋହୁ ।' ଆପଣମାନଙ୍କ ଉପରେ ଅଲ୍ଲାଃଙ୍କ ଶାନ୍ତି ଓ କୃପା ହେଉ ।

ସର୍ବପ୍ରଥମେ ମୁଁ ଏହି ଅବସରରେ ଆମର ସମସ୍ତ ନିମନ୍ତ୍ରିତ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିବାକୁ ଚାହୁଁଛି, ଯେଉଁମାନେ ଆମର ଏହି ଉତ୍ସବକୁ ଆସିବା ପାଇଁ ଆମ ନିମନ୍ତ୍ରଣ ଗ୍ରହଣ କଲେ । ଆମେମାନେ ଏକ ମହା ଶଙ୍କାଶୁଳ ଓ ଅତ୍ୟନ୍ତ ବିପଦ ଜନକ ପରିସ୍ଥିତି ମଧ୍ୟରେ ଗତି କରୁଅଛେ । ଯେଉଁଥି ପାଇଁ ଆଜି ପୃଥିବୀର ଅବସ୍ଥା ଗଭୀର ଉଦ୍‌ବିଗ୍ନର କାରଣ ହୋଇଛି । ବିରାଟ ମତଭେଦ ଓ ଅସ୍ଥିରତା ସମଗ୍ର ଦୁନିଆକୁ କବଳିତ କରି ରଖିଛି ଓ ଆନ୍ତର୍ଜାତିକ ଶାନ୍ତି ଓ ନିରାପତ୍ତା ପ୍ରତି ବିପଦ ସୃଷ୍ଟି କରିଛି ।

ଯଦି ଆମେ ମୁସଲିମ ଜଗତ ପ୍ରତି ନଜର ପକାଇବା, ତା' ହେଲେ ଦେଖିବା ଯେ ବହୁ ସଂଖ୍ୟକ ଦେଶରେ ସରକାର ନାରକୀୟ ହିଂସାକାଣ୍ଡ ଓ ରକ୍ତାକ୍ତ ସଂଘର୍ଷରେ ମାତିଛନ୍ତି । ସେମାନଙ୍କ ଦେଶର ଲୋକ ମଧ୍ୟ ସେଥିରେ ଜଡ଼ିତ ଅଛନ୍ତି । ରକ୍ତପାତ ଓ ଆଖିବୁଜା ଗୁଳି ବର୍ଷଣ ସମ୍ପୂର୍ଣ୍ଣ ରୂପେ ସେହି ଦେଶର ମୂଳ ଗଠନକୁ ଧ୍ୱଂସ କରୁଛନ୍ତି । ଆତଙ୍କବାଦୀ ସଂଗଠନଗୁଡ଼ିକ କୌଣସି ଦେଶର କର୍ତ୍ତୃପକ୍ଷଙ୍କ କ୍ଷମତା ଶୂନ୍ୟ ସ୍ଥାନରେ ଅନେକ ଅଂଚଳକୁ ବେଆଇନ ଭାବେ ମାଡ଼ି ବସିଛନ୍ତି । କ୍ଷମତାର ଦୁରୁପଯୋଗ କରି ଏହାର ଅଯଥା ଫାଇଦା ଉଠାଇବାରେ ଲାଗିଛନ୍ତି । ଅନେକ ସ୍ଥାନରେ ନିଜର ତଥାକଥିତ ସରକାର ଗଠନ କରି ସେଠାରେ ଶାସନ କରି

ଚାଲିଛନ୍ତି । ସେମାନେ ନିଜର ଜଘନ୍ୟ କାର୍ଯ୍ୟକଳାପ ଦ୍ୱାରା କେବଳ ନିଜ ଦେଶ ମାନଙ୍କରେ ନୁହେଁ, ବରଂ ୟୁରୋପୀୟ ଦେଶଗୁଡ଼ିକରେ ମଧ୍ୟ ଅମାନବୀୟ ଅତ୍ୟାଚାରର ନିନ୍ଦନୀୟ ଘଟଣା ଦେଖିବାକୁ ମିଳୁଛି । ନିକଟରେ ହୋଇଥିବା ପ୍ୟାରିସ ଆକ୍ରମଣ ଏହି ବର୍ବରତାର ଏକ ଜ୍ୱଳନ୍ତ ଉଦାହରଣ ।

ପୂର୍ବ ୟୁରୋପକୁ ଦେଖନ୍ତୁ । ଋଷିଆ ଓ ୟୁକ୍ରେନ ତଥା ଅନ୍ୟାନ୍ୟ ୟୁରୋପୀୟ ଦେଶମାନଙ୍କରେ ପାରସ୍ପରିକ ଶତ୍ରୁତା ବଢ଼ିବାରେ ଲାଗିଛି । ପୁଣି ଏବେ ଦକ୍ଷିଣ ଚୀନ ସାଗରରେ ଏକ ଆମେରିକୀୟ ଯୁଦ୍ଧ ଜାହାଜ ପଶି ଆସିବାରୁ ଯୁକ୍ତରାଷ୍ଟ୍ର ଆମେରିକା ଓ ଚାଇନା ମଧ୍ୟରେ ତିକ୍ତତା ଅଧିକ ପ୍ରବଳ ହୋଇଛି । ଯେପରି ଆପଣମାନେ ଭଲ ଭାବରେ ଜାଣିଛନ୍ତି ଚୀନ ଓ ଜାପାନ ମଧ୍ୟରେ ଏକ ବିବାଦୀୟ ଦ୍ୱୀପକୁ ନେଇ ସୀମା ବିବାଦ ବହୁ ଦିନରୁ ଚାଲି ଆସିଛି ।

ଭାରତ ଓ ପାକିସ୍ତାନ ମଧ୍ୟରେ କାଶ୍ମୀର ପ୍ରସଙ୍ଗକୁ ନେଇ କ୍ରମାଗତ ଭାବେ ଝଗଡ଼ା ଲାଗି ରହିଛି, ଯାହା ଥମିବାର ନାମ ନେଉନାହିଁ । ସେହିପରି ଇସ୍ରାଇଲ ଓ ପାଲେଷ୍ଟାଇନ ମଧ୍ୟରେ ଲାଗି ରହିଥିବା ଉତ୍ତେଜନା ସେ ଅଞ୍ଚଳର ଶାନ୍ତି ବ୍ୟାହତ କରୁଛି ।

ଆଫ୍ରିକାରେ କେତେକ ଉଗ୍ରବାଦୀ ସଂଗଠନ କେତେକ କ୍ଷେତ୍ର ଉପରେ ଦଖଲ କରି ବ୍ୟାପକ ଭାବେ ଦଙ୍ଗା ଉପଦ୍ରବ ସୃଷ୍ଟି କରିଛନ୍ତି । ତେବେ ବହୁସଂଖ୍ୟକ ଏପରି ଘଟଣା ମଧ୍ୟରୁ ଅଳ୍ପ କେତୋଟି ବିଷୟରେ ମୁଁ ଏଠାରେ ବର୍ଣ୍ଣନା କଲି ଏବଂ ପ୍ରକୃତରେ ଏପରି ଆହୁରି ଅନେକ ଉଦାହରଣ ଦେଖିବାକୁ ମିଳିବ, ଯାହା ପୃଥିବୀରେ ବିବାଦ ଓ ଉତ୍ତେଜନାର କାରଣ ହୋଇଛି ।

ସୁତରାଂ ଏହାର ଏକମାତ୍ର ନିଷ୍କର୍ଷ ହେଉଛି, ଯେ ବର୍ତ୍ତମାନ ପୃଥିବୀକୁ ଚାରିଆଡୁ ହିଂସା ଓ ବିବାଦ ଘେରି ରଖିଛି । ଆଧୁନିକ ଯୁଗରେ ଯୁଦ୍ଧ ଓ ସଂଘର୍ଷର ଘନଘଟା ଅତୀତ ଯୁଗରେ ଲାଗୁଥିବା ଯୁଦ୍ଧଠାରୁ କାହିଁ କେତେ ଅଧିକ । ପୃଥିବୀର ଗୋଟିଏ ଭାଗରେ ଦେଖାଯାଉଥିବା ବିବାଦ କେବଳ ସେହି ଅଞ୍ଚଳରେ ସୀମିତ ହୋଇ ରହୁନାହିଁ, ବରଂ ଏହାର ପରିଣତି ଅନ୍ୟ କ୍ଷେତ୍ରକୁ ମଧ୍ୟ ବ୍ୟାପିବାରେ ଲାଗିଛି ।

ଗଣ ମାଧ୍ୟମ ତଥା ଅନ୍ୟ ତ୍ୱରିତ ସଂଚାର ମାଧ୍ୟମରେ ପ୍ରସାରିତ ଖବର ଯୋଗୁଁ ଏହା ପୃଥିବୀକୁ ଏକ ଗୋଲାକାର ଗ୍ରାମରେ ପରିଣତ କରିଦେଇଛି । ପୁରୁଣା ଯୁଗରେ ହେଉଥିବା ଯୁଦ୍ଧରେ ଯେଉଁମାନେ ସିଧାସଳଖ ସଂପୃକ୍ତ ହେଉଥିଲେ, ସେମାନଙ୍କ ମଧ୍ୟରେ ହିଁ ଯୁଦ୍ଧ ସୀମାବଦ୍ଧ ହୋଇ ରହିବା ସମ୍ଭବ ହେଉଥିଲା । କିନ୍ତୁ

ବର୍ତ୍ତମାନ ପ୍ରତ୍ୟେକ ବିବାଦ ଓ ପ୍ରତି ଯୁଦ୍ଧର ପରିଣତି ବିଶ୍ୱବ୍ୟାପୀ ହେବା ହିଁ ଅସଲ କଥା । ପ୍ରକୃତରେ ମୁଁ ତ ଅନେକ ବର୍ଷ ହେବ ଦୁନିଆକୁ ସତର୍କ କରି ଆସୁଛି ଯେ ଏହି ସତ୍ୟକୁ ବୁଝିନିଅନ୍ତୁ ଯେ ଏବେ କୌଣସି ଭାଗରେ ହେଉଥିବା ଯୁଦ୍ଧ ଦୁନିଆର ଅନ୍ୟ ଭାଗରେ ଶାନ୍ତି ଓ ସ୍ଥିରତାକୁ ପ୍ରଭାବିତ କରୁଛି ।

ବିଂଶ ଶତାବ୍ଦୀରେ ଘଟିଥିବା ଦୁଇଟିଯାକ ବିଶ୍ୱଯୁଦ୍ଧ ଉପରେ ଦୃଷ୍ଟି ପକାଇଲେ ଜଣାପଡେ ଯେ ସେ ସମୟରେ ଉପଲବ୍ଧ ହେଉଥିବା ଯୁଦ୍ଧ ହତିଆର ଏବେକାର ହତିଆର ଓ ଯୁଦ୍ଧାସ୍ତ୍ରର ମୁକାବିଲାରେ ଅତ୍ୟାଧୁନିକ ନ ଥିଲା । ଏହା ସତ୍ତ୍ୱେ କୁହାଯାଇଛି ଯେ କେବଳ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ହିଁ ସାତ କୋଟି ଲୋକଙ୍କର ପ୍ରାଣହାନୀ ଘଟିଥିଲା, ସେମାନଙ୍କ ମଧ୍ୟରେ ଅଧିକାଂଶ ନିରୀହ ନାଗରିକ ଥିଲେ । ତେଣୁ ବର୍ତ୍ତମାନ ଯୁଗରେ ଧ୍ୱଂସ ଜନିତ କ୍ଷୟକ୍ଷତିକୁ କଳ୍ପନା କରିବା କଷ୍ଟକର । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଆମେରିକାର ପରମାଣୁ ଅସ୍ତ୍ରର କ୍ଷମତା ଚଳିତ ସମୟର ନ୍ୟୁକ୍ଲିୟର ହତିଆର ତୁଳନାରେ କିଛି ନୁହେଁ । ପୁଣି ଏବେ ପାରମାଣବିକ ଅସ୍ତ୍ରଶସ୍ତ୍ର କେବଳ ଶକ୍ତିଶାଳୀ କୁହାଯାଉଥିବା ଦେଶଗୁଡିକ ପାଖରେ ନାହିଁ, ବରଂ ଛୋଟ ଦେଶମାନଙ୍କ ପାଖରେ ମଧ୍ୟ ମହଜୁଦ ରହିଛି । ଯେବେ ଦୁନିଆର ମହାଶକ୍ତିଗୁଡ଼ିକ ସେହି ସବୁ ହତିଆରକୁ କେବଳ ପ୍ରତିରୋଧକ ଭାବରେ ନିଜ ପାଖରେ ରଖିଛନ୍ତି ବୋଲି କହିବା, ସେତେବେଳେ ଏହାର କିଛି ନିଶ୍ଚିତତା ନାହିଁ ଯେ ଛୋଟ ଦେଶମାନେ ବି ସେୟା କରିବେ । ଆମେ ଏଥିରେ ନିଶ୍ଚିନ୍ତ ହୋଇ ପାରିବା ନାହିଁ ଯେ ସେମାନେ ଏହାକୁ ବ୍ୟବହାର କରିବେ ନାହିଁ । ତେଣୁ ଏଥିରେ କୌଣସି ସନ୍ଦେହ ନାହିଁ ଯେ ପୃଥିବୀ ମହାବିନାଶର ତଟ ଦେଶରେ ଛିଡ଼ା ହୋଇଛି ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହେବା ପରେ ଆପଣଙ୍କ ଜାତିକୁ ମଧ୍ୟ ଏକ ଭୟାନକ ବିଧ୍ୱଂସ ଓ କଳ୍ପନାତୀତ ଦୁଃଖର ସମ୍ମୁଖୀନ ହେବାକୁ ପଡ଼ିଲା । ଯେଉଁଥିରେ ଲକ୍ଷ ଲକ୍ଷ ଜାପାନୀ ନାଗରିକଙ୍କୁ ଅତ୍ୟନ୍ତ ନିର୍ଦ୍ଦୟ ଭାବରେ ହତ୍ୟା କରାଗଲା ଏବଂ ଆପଣଙ୍କ ଦୁଇଟି ସହର ପରମାଣୁ ବୋମାର ଆକ୍ରମଣ ଦ୍ୱାରା ଏପରି ଛାରଖାର ହୋଇଗଲା, ଯେଉଁ ଘଟଣା ପାଇଁ ମାନବିକତାକୁ ଗଭୀର ଲଜ୍ଜିତ ହେବାକୁ ପଡ଼ିଛି ।

ଏପରି ସଂପୂର୍ଣ୍ଣ ହୃଦୟ ବିଦାରକ ଘଟଣାର ସାକ୍ଷ୍ୟ ବହନ କରିଥିବା ଓ ଦୁଃଖଦ ଅନୁଭୂତି ମଧ୍ୟ ଦେଇ ଗତି କରିଥିବା ଜାପାନୀ ଜାତି ଏହା କଦାପି ଚାହିବ ନାହିଁ ଯେ ଏପରି ଘଟଣାର ପୁନରାବୃତ୍ତି ହେଉ । କେବଳ ଜାପାନରେ ନୁହେଁ, ବରଂ ପୃଥିବୀର କୌଣସି ଭାଗରେ ମଧ୍ୟ ଏହି ଶୋଚନୀୟ ଆକ୍ରମଣର ସ୍ଥିତି ଉତ୍ପନ୍ନ ହେଉ । ଆପଣମାନେ ସେହି ଲୋକ, ଯେଉଁମାନେ ପାରମାଣବିକ ଯୁଦ୍ଧର ବିନାଶକାରୀ

ପ୍ରଭାବ ବିଷୟରେ ଭଲ ଭାବରେ ଅବଗତ ଅଛନ୍ତି । ଆପଣମାନେ ଏହା ମଧ୍ୟ ଜାଣିଛନ୍ତି ଯେ ଏପରି ମାରାତ୍ମକ ଅସ୍ତ୍ରଶସ୍ତ୍ରର ପରୋକ୍ଷ ପ୍ରଭାବ ତଥା ଏହାର ପରବର୍ତ୍ତୀ ପରିଣାମ କେବଳ ଗୋଟିଏ ପିଢ଼ି ମଧ୍ୟରେ ସୀମିତ ହୋଇ ରହିବ ନାହିଁ, ବରଂ ଏହା ତା' ପର ବଂଶଧରମାନଙ୍କୁ କ୍ରମାଗତ ଭାବେ ଭୋଗିବାକୁ ପଡ଼ିବ । ଆପଣମାନେ ହିଁ ସେହି ଜାତି ଯେଉଁମାନେ ପରମାଣୁ ଅସ୍ତ୍ରର ଅଭୁତପୂର୍ବ ଭାବେ ଅନିଷ୍ଟକର ପରିସ୍ଥିତିକୁ ଅଙ୍ଗେ ନିଭାଇଛନ୍ତି । ସୁତରାଂ ବୋଧହୁଏ ଶାନ୍ତି ଓ ନିରାପତ୍ତାର ମାନବୀୟ ମୂଲ୍ୟବୋଧ ଅନ୍ୟ କୌଣସି ଦେଶ ଜାପାନୀ ଲୋକଙ୍କଠାରୁ ଅଧିକ ଜାଣି ନଥିବେ ।

ଅତ୍ୟନ୍ତ ସୌଭାଗ୍ୟର କଥା ଯେ ଜାପାନ ଦୁରାବସ୍ଥା ମଧ୍ୟରୁ ଉଦ୍ଧାର ପାଇଁ ବର୍ତ୍ତମାନ ଏକ ଅତ୍ୟନ୍ତ ବିକାଶଶୀଳ ରାଷ୍ଟ୍ର ହୋଇପାରିଛି । ଏପରି ନିଜ ଅତୀତକୁ ସାମନାରେ ରଖି ଜାପାନ ବିଶ୍ୱଶାନ୍ତି ପ୍ରତିଷ୍ଠା ଦିଗରେ ନିଜର କର୍ତ୍ତବ୍ୟ ପାଳନ କରିବା ଜରୁରୀ ହୋଇ ପଡ଼ିଛି । ଅବଶ୍ୟ ଏହା ପରିତାପର ବିଷୟ ଯେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହେବା ପରେ ଜାପାନ ଉପରେ ଏପରି କେତେକ କଟକଣା ଓ ଆର୍ଥିକ ପ୍ରତିରୋଧ ଲାଗୁ କରାଯାଇଛି, ଯାହାର ଫଳ ସ୍ୱରୂପ ଆପଣଙ୍କ ଜାତି ଜାତିସଂଘରେ କୌଣସି ବଡ଼ ପଦକ୍ଷେପ ନେଇ ପାରିବ ନାହିଁ, ଯଦ୍ୱାରା ପୃଥିବୀକୁ ନୂତନ ଦିଗ୍‌ଦର୍ଶନ ଦେବାରେ ସହାୟକ ହେବ ।

ତଥାପି ଆପଣଙ୍କ ଦେଶ ବିଶ୍ୱ ସମସ୍ୟା ତଥା ରାଜନୈତିକ ବ୍ୟାପାରକୁ ନେଇ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ତେଣୁ ଆପଣମାନେ ଶ୍ରେଷ୍ଠ ସମ୍ଭାବିତ ଉପାୟରେ ନିଜର ଯଥେଷ୍ଟ ପ୍ରଭାବ ପକାଇବା ଉଚିତ ଓ ଦେଶ ତଥା ଲୋକମାନଙ୍କ ମଧ୍ୟରେ ଶାନ୍ତି ରକ୍ଷା କରିବା କ୍ଷେତ୍ରରେ ଆନ୍ତରିକ ଭାବରେ ଉଦ୍ୟମ ଅବ୍ୟାହତ ରଖିବା ଉଚିତ ।

ଏହି ବର୍ଷ ଇତିହାସର ସେହି କଳଙ୍କିତ ଦିବସକୁ ୭୦ ବର୍ଷ ହେବାକୁ ଯାଉଛି, ଯେଉଁ ଦିନ ହିରୋସୀମା ଓ ନାଗାସାକି ଉପରେ ପରମାଣୁ ବୋମା ମାଡ଼ କରି ଆପଣଙ୍କ ଜାତିକୁ ସମୂଳେ ଧ୍ୱଂସ ବିଧ୍ୱଂସ କରିବା, ଅତ୍ୟଧିକ ମାନସିକ ପୀଡ଼ା ଦେବା ତଥା ଅମାନୁଷିକ ଅତ୍ୟାଚରର ଶରବ୍ୟ ହେବାକୁ ପଡ଼ିଥିଲା ।

ଯେହେତୁ ଆପଣ ବିନାଶକାରୀ ଲୀଳାର ପ୍ରକୃତ ଛବି ଦର୍ଶାଇବା ପାଇଁ ମ୍ୟୁଜିଅମ୍ (ସଂଗ୍ରହାଳୟ) କରିଛନ୍ତି ଓ ଆଜି ମଧ୍ୟ ତାହାର କୁପ୍ରଭାବ ଅନୁଭୂତି ହେଉଛି, ତେଣୁ ଜାପାନ ଜାତି ଯୁଦ୍ଧରେ ପ୍ରତିଫଳିତ ବିପଦକୁ ବୁଝିପାରୁଥିବ ।

ଯେପରି ମୁଁ ଏ ବିଷୟ ପ୍ରତି ସଙ୍କେତ ଦେଇଥିଲି ଯେ ଆପଣମାନଙ୍କ ଉପରେ ବିତି ଯାଇଥିବା ଦୁଃଖର ଝଡ଼ ମଧ୍ୟରେ ଏହା ମଧ୍ୟ ସବୁଠାରୁ ବଳି ଦୁଃଖ ଥିଲା

ଯେ ଯୁଦ୍ଧ ପରେ ଜାପାନ ଉପରେ ଅନାବଶ୍ୟକ ଓ ଅତ୍ୟାଚାର ମୂଳକ କଟକଣା ମଧ୍ୟ ଜାରି କରାଯାଇଥିଲା । ଅନେକ ଦଶନ୍ଧି ବିତିଗଲା ପରେ ମଧ୍ୟ ଯୁଦ୍ଧର ଭୟାବହ ପରିଣତିକୁ ମନେ ପକାଇ ଦେଉଛି ।

ଯେତେବେଳେ ଜାପାନ ବିରୁଦ୍ଧରେ ପରମାଣୁ ଅସ୍ତ୍ର ପ୍ରୟୋଗ କରାଗଲା, ତତ୍‌କାଳୀନ ଅହମଦିୟା ମୁଖ୍ୟ ତଥା ସଂପ୍ରଦାୟର ଦ୍ୱିତୀୟ ଖଲିଫା  ଏହି ବର୍ବରତା ପୂର୍ଣ୍ଣ ଆକ୍ରମଣର ଦୃଢ଼ ଶବ୍ଦରେ ନିନ୍ଦା କରିଥିଲେ ।

"ଆମମାନଙ୍କ ଧାର୍ମିକ ଓ ନୈତିକ ଶିକ୍ଷା ଆମଠାରୁ ଏହା ଚାହୁଁଛି, ଆମେ ଦୁନିଆ ସମ୍ମୁଖରେ ଏହା ଘୋଷଣା କରୁ ଯେ ଆମେ ଏହି ମର୍ମନ୍ତୁଦ ଘଟଣା ଜନିତ ନିନ୍ଦନୀୟ ଆଚରଣ ଓ ଅଯଥା ରକ୍ତପାତକୁ କୌଣସି ମତେ ଯଥାର୍ଥ ବୋଲି ମନେ କରିବୁ ନାହିଁ । ମୋର ଏଥିରେ କିଛି ଯାଏ ଆସେ ନାହିଁ, ଯଦି କେତେକ ସରକାର ମୋର ଏହି ବକ୍ତବ୍ୟକୁ ନାପସନ୍ଦ କରନ୍ତି ।"

ମହାମାନ୍ୟ ଦ୍ୱିତୀୟ ଖଲିଫା ଆହୁରି କହିଥିଲେ ଯେ ତାଙ୍କୁ ଭବିଷ୍ୟତରେ ଯୁଦ୍ଧ ଓ ରକ୍ତପାତ ପ୍ରଶମିତ ହେବାର ଦେଖାଯାଉନାହିଁ । ବରଂ ଆହୁରି ଅଧିକ ତୀବ୍ର ରୂପେ ଏହା ବୃଦ୍ଧି ହେବାର ଜଣାପଡୁଛି । ତାଙ୍କର ଏହି ସତର୍କବାଣୀ ସତ୍ୟ ପ୍ରମାଣିତ ହୋଇଛି । ଯଦିବା ଏକ ତୃତୀୟ ବିଶ୍ୱଯୁଦ୍ଧ ବିଧିବଦ୍ଧ ଭାବରେ ଘୋଷଣା କରାଯାଇ ନାହିଁ, ତଥାପି ଏକ ବିଶ୍ୱବ୍ୟାପୀ ଯୁଦ୍ଧର ଛାୟା ବାସ୍ତବ କ୍ଷେତ୍ରରେ ପରିଲକ୍ଷିତ ହେଉଛି । ପୃଥିବୀ ସାରା ପୁରୁଷ,ସ୍ତ୍ରୀ ଓ ଶିଶୁମାନଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଉଛି ଓ ନିଷ୍ଠୁରତା ପୂର୍ଣ୍ଣ ଆଚରଣ ଚରମ ସୀମାରେ ପହଞ୍ଚି ଗଲାଣି ।

ଯେତେ ଦୂର ଆମେ ଏଥିରେ ସଂପୃକ୍ତ, ଅହମଦିୟା ମୁସଲିମ ସଂପ୍ରଦାୟ ସର୍ବଦା ଏପରି ନିଷ୍ଠୁର ଓ ଅମାନବୀୟ ଘଟଣା ତଥା ସବୁ ପ୍ରକାର ଅତ୍ୟାଚାରକୁ ମୁକ୍ତ କଣ୍ଠରେ ପ୍ରତିବାଦ କରେ । ପୃଥିବୀର ଯେ କୌଣସି ସ୍ଥାନରେ ଏହା ଘଟୁଥାଉ ନା କାହିଁକି ବିନା ଦ୍ୱିଧାରେ ଆମେ ଏହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥାଉ । କାରଣ ଇସଲାମର ଶିକ୍ଷା ଏହା ଦାବି କରେ ଯେ ଆମେ ଅନ୍ୟାୟ ବିରୁଦ୍ଧରେ ଅବଶ୍ୟ କହିବୁ ଓ ଅସୁବିଧାରେ ପଡ଼ିଥିବା ଲୋକଙ୍କୁ ସାହାଯ୍ୟ କରିବୁ । ଦୁଃଖ ପ୍ରପୀଡ଼ିତ ଅସହାୟ ବ୍ୟକ୍ତିଙ୍କର ସେବା କରିବୁ ଯେପରି ମୁଁ ଆଗରୁ କହିଛି, ଆମର ଦ୍ୱିତୀୟ ଖଲିଫା ଦ୍ୱିତୀୟ ବିଶ୍ୱଯୁଦ୍ଧ ବିରୁଦ୍ଧରେ ଦୃଢ଼ ନିନ୍ଦା କରି ଜାପାନ ପ୍ରତି ପରମାଣୁ ବୋମା ପ୍ରୟୋଗ କରାଯାଇ ଥିବାର ଜଘନ୍ୟ କାଣ୍ଡକୁ ପ୍ରତିବାଦ ଜଣାଇଥିଲେ ।

ଅଧିକନ୍ତୁ, ଜଣେ ଅତି ସୁପରିଚିତ ଅହମଦି ମୁସଲିମ, ଯାହାଙ୍କର ବିଶ୍ୱ ସ୍ତରରେ ଅତି ପ୍ରଭାବଶାଳୀ ବ୍ୟକ୍ତିତ୍ୱ ରହିଥିଲା । ସେ ଜାପାନ ଓ ଏହାର

ଜନସାଧାରଣଙ୍କ ସୁରକ୍ଷାର ଦାୟୀତ୍ୱ ବହନ କଲେ । ସେ ହେଉଛନ୍ତି ଚୌଧୁରୀ ମୁହମ୍ମଦ ଜଫରୁଲ୍ଲା ଖାନ୍ ସାହେବ । ସେ ଅନେକ ଉଲ୍ଲେଖନୀୟ ପଦବୀମାନଙ୍କରେ ରହି ଆନ୍ତର୍ଜାତିକ ସ୍ତରରେ ବହୁତ ଖ୍ୟାତି ଅର୍ଜନ କରିଛନ୍ତି । ସେ ପାକିସ୍ତାନର ପ୍ରଥମ ବୈଦେଶିକ ମନ୍ତ୍ରୀ ଥିଲେ ଓ ତା' ପରେ ଜାତିସଂଘ ସାଧାରଣ ଆସେମ୍ବ୍ଲିର ସଭାପତି ହୋଇଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧର ଅବସାନ ପରେ କେତେକ ମହାଶକ୍ତିଙ୍କ ତରଫରୁ ଜାପାନ ଦେଶ ଉପରେ ଲଗାଯାଇଥିବା ଅନ୍ୟାୟ ମୂଳକ କଟକଣାର ତୀବ୍ର ନିନ୍ଦା କରିଥିଲେ । ୧୯୫୧ରେ ସାନ୍ ଫ୍ରାନ୍ସିସକୋ ଠାରେ ଅନୁଷ୍ଠିତ Peace Summitରେ ପାକିସ୍ତାନ ପ୍ରତିନିଧି ମଣ୍ଡଳୀର ମୁଖ୍ୟ ଭାବରେ ଚୌଧୁରୀ ଜଫରୁଲ୍ଲା ଖାନ୍ କହିଥିଲେ :

"ଜାପାନ ସହିତ ଶାନ୍ତି ପ୍ରତିଷ୍ଠା କରିବା ନ୍ୟାୟ ଓ ମୈତ୍ରୀ ଉପରେ ଆଧାରିତ ହେବା ଉଚିତ । ଏହା ପ୍ରତିହିଂସା ପରାୟଣ ଓ ଅତ୍ୟାଚାର ଦ୍ୱାରା ଆଦୌ ନୁହେଁ । ଭବିଷ୍ୟତରେ ଜାପାନ ଏକ ଉନ୍ନତ ଚିନ୍ତାଧାରା ସଂପନ୍ନ ବିକାଶଶୀଳ ରାଷ୍ଟ୍ର ରୂପେ ଉଭା ହେବ । ଫଳ ସ୍ୱରୂପ ଜାପାନର ସାମାଜିକ ଓ ରାଜନୈତିକ ପୁନର୍ଗଠନର ଅଭୁତପୂର୍ବ ଅଗ୍ରଗତି ଘଟିବ । ତାହା ହିଁ ରାଷ୍ଟ୍ରୀୟ ବିକାଶ ଦିଗରେ ଉଜ୍ୱଳ ଆଲୋକ ଦେଖାଇବ । ଏହା ମଧ୍ୟ ଜାପାନକୁ ଶାନ୍ତିପ୍ରିୟ ଜାତିର ଆଗ ଧାଡ଼ିରେ ଛିଡ଼ା କରାଇ ଅନ୍ୟ ଦେଶମାନଙ୍କ ସହିତ ସମକକ୍ଷ କରାଇବ ଓ ସମାନ ମର୍ଯ୍ୟାଦା ପ୍ରଦାନ କରିପାରିବ ।"

ତେବେ ଚୌଧୁରୀ ସାହେବଙ୍କର ବକ୍ତବ୍ୟ ପବିତ୍ର କୁରଆନର ଶିକ୍ଷା ତଥା ଇସଲାମର ଅବତାର ମୁହମ୍ମଦ[ସ]ଙ୍କ ଅନୁମୋଦନୀୟ ପନ୍ଥା (ସୁନ୍ନତ) ଆଧାରରେ ଥିଲା । ଇସଲାମର ବାସ୍ତବ ଶିକ୍ଷାକୁ ମୂଳାଧାର କରି ସେ କହିଥିଲେ ଯେ କୌଣସି ଯୁଦ୍ଧ ବିଜୟୀ ଦେଶକୁ ପରାଜୟ ବରଣ କରିଥିବା ଦେଶ ଉପରେ ଏପରି ଅଯଥା କଟକଣା ଜାରି କରିବା ଉଚିତ ନୁହେଁ, ଯାହା ଭବିଷ୍ୟତ ଅଗ୍ରଗତି ଓ ସ୍ୱଚ୍ଛଳତାକୁ ସୀମିତ କରିଦେବ ।

ଚୌଧୁରୀ ଜଫରୁଲ୍ଲା ଖାନ୍ ଏହି ଐତିହାସିକ ଉଦବୋଧନ ଜାପାନର ସମର୍ଥନରେ ଦେଇଥିଲେ । କାରଣ ଏପରି ପ୍ରତିବାଦ ମୂଳକ ଜବାବ ଜଣେ ଅହମଦି ମୁସଲମାନ ଭାବରେ ସେ ଦେଇଥିଲେ । ସେ କେବଳ ପାକିସ୍ତାନ ରାଷ୍ଟ୍ରମୁଖ୍ୟଙ୍କ ପ୍ରତିନିଧି ନ ଥିଲେ, ବରଂ ଏହାଠାରୁ ଅଧିକ ସେ ଇସଲାମ ଧର୍ମର ଉଚ୍ଚ ନୈତିକ ବୋଧ ଆଦର୍ଶମୟ ଶିକ୍ଷାର ମଧ୍ୟ ପ୍ରତିନିଧିତ୍ୱ କରୁଥିଲେ ।

ଯେପରି ମୁଁ ପ୍ରଥମରୁ କହି ଆସିଛି ଯେ ଆପଣମାନେ ସେହି ଜାତିର ଲୋକ, ଯେଉଁମାନେ ଯୁଦ୍ଧ ରକ୍ତପାତର କୁପରିଣାମକୁ କୌଣସି ଅନ୍ୟ ଜାତିଠାରୁ ମଧ୍ୟ ଅଧିକ ଭଲରେ ହୃଦୟଙ୍ଗମ କରିପାରି ଥିବେ । ତେଣୁ ଜାପାନ ଦେଶର ସରକାରକୁ ଯଥା ସମ୍ଭବ ଉପାୟରେ ଓ ପ୍ରତ୍ୟେକ ସ୍ତରରେ ହେଉଥିବା ଅମାନୁଷିକ ବ୍ୟବହାର, ଅତ୍ୟାଚାର ଓ ଅନ୍ୟାୟର ମୁକାବିଲା କରି ଏହାକୁ ଦୃଢ଼ ହସ୍ତରେ ଦମନ କରିବା ଉଚିତ । ସେମାନେ ଏହା ମଧ୍ୟ ନିଶ୍ଚିତ କରିବା ଉଚିତ ଯେ ସେମାନେ ଯେପରି ଏତାଦୃଶ ଜଘନ୍ୟ ଆକ୍ରମଣର ଶିକାର ହେଲେ, ସେପରି ଅନ୍ୟ କେଉଁଠାରେ ଏହାର ପୁନରାବୃତ୍ତି ନ ହେଉ । ଯେଉଁଠାରେ ମଧ୍ୟ ଯୁଦ୍ଧର ବାଦଲ ଘୋଟି ଆସିବ, ଜାପାନର ନେତୃବୃନ୍ଦ ଓ ଜନସାଧାରଣ ସେଠାରେ ଉପୁଜିଥିବା ଉତ୍ତେଜନାକୁ ହ୍ରାସ କରିବା ପାଇଁ ନିଜର ଭୂମିକା ନିର୍ବାହ କରନ୍ତୁ ଓ ସେଠାରେ ଶାନ୍ତି ଫେରାଇ ଆଣିବା ପାଇଁ ପ୍ରୟାସ ଜାରି ରଖନ୍ତୁ । ଇସଲାମର ଯେତେଦୂର ପ୍ରଶ୍ନ ଉଠୁଛି, କେତେକ ଲୋକଙ୍କ ଦୃଷ୍ଟିରେ ଏହା ଏକ ଆତଙ୍କବାଦୀର ଧର୍ମ ।  ବର୍ତ୍ତମାନ ଯେପରି ଯୁଦ୍ଧ ରକ୍ତପାତ, ହିଂସା ଓ ଉଗ୍ରବାଦୀ କାର୍ଯ୍ୟକଳାପ ଇସଲାମ ଜଗତରେ ଦେଖାଯାଇଛି, ସେମାନଙ୍କର  ଏପରି ଧାରଣା ଏହି କଥା ଉପରେ ହିଁ ପର୍ଯ୍ୟବେସିତ ।

ଏପରି ଧାରଣା ରଖିଥିବା ସେମାନଙ୍କର ଏହି ଦୃଷ୍ଟିଭଙ୍ଗୀ ସତ୍ୟାସତ୍ୟର ସଂପୂର୍ଣ୍ଣ ବିପରୀତ । ଅସଲରେ ଇସଲାମର ଶାନ୍ତିମୟ ଶିକ୍ଷାର ଦୁନିଆର ଇତିହାସରେ କୌଣସି ମୁକାବିଲା ନାହିଁ । ସେଇଥିପାଇଁ ମହାମାନ୍ୟ ଦ୍ୱିତୀୟ ଖଲିଫା ଓ ଚୌଧୁରୀ ଜଫରୁଲ୍ଲା ଖାନ ଆପଣଙ୍କ ଜାତି ପ୍ରତି ହୋଇଥିବା ଅତ୍ୟାଚାର ବିରୁଦ୍ଧରେ ଦୃଢ଼ ପ୍ରତିବାଦର ସ୍ୱର ଉଠାଇଥିଲେ ।

ଏବେ ମୁଁ ଇସଲାମର ପ୍ରକୃତ ଶିକ୍ଷାକୁ ଅତି ସଂକ୍ଷେପରେ ବର୍ଣ୍ଣନା କରିବାକୁ ଚାହିଁବି । ଇସଲାମର ଏକ ମୂଳନୀତି ହେଉଛି ଯେ କୌଣସି ଯୁଦ୍ଧର ଆଭିମୁଖ୍ୟ ଭୌଗଳିକ ବା ରାଜନୈତିକ ଉଦ୍ଦେଶ୍ୟ ରଖି କରାଯିବ ନାହିଁ । ସେହିପରି ଏହା ମଧ୍ୟ ନୁହେଁ ଯେ କୌଣସି ଅର୍ଥନୈତିକ ସ୍ୱାର୍ଥ ଲାଭ ଆଶାରେ କରାଯିବ । ଅଥବା କାହାର ପ୍ରାକୃତିକ ସଂପଦ ଉପରେ ଲୋଲୁପ ଦୃଷ୍ଟି ପକାଇବାକୁ ନିଜ ଅକ୍ତିଆରକୁ ଆଣିବା ଉଦ୍ଦେଶ୍ୟରେ ଯୁଦ୍ଧ ଦ୍ୱାରା ଆକ୍ରମଣ କରାଯିବ । ପୁନଶ୍ଚ ପବିତ୍ର କୁରଆନର ଅଧ୍ୟାୟ ୧୬, ପଙ୍କ୍ତି ୧୨୭ ରେ ସର୍ବ ଶକ୍ତିମାନ ଅଲ୍ଲାହ କହିଛନ୍ତି ଯେ ଯୁଦ୍ଧ ହେଉଥିବା ସମୟରେ ଅପରାଧିକୁ ସମାନୁପାତିକ ଭିତ୍ତିରେ ଶାସ୍ତି ଦେବା ଉଚିତ । ଅର୍ଥାତ ସେ ଯେତିକି ଦୋଷ କରିଥିବ ସେହି ସୀମା ପର୍ଯ୍ୟନ୍ତ ତାକୁ ଦଣ୍ଡ ଭୋଗ କରିବାକୁ ହେବ । ଅଧିକନ୍ତୁ ପବିତ୍ର କୁରଆନ କୁହେ, ଯୁଦ୍ଧ ଶେଷ ହେବା ପରେ ଯୁଦ୍ଧବନ୍ଦୀଙ୍କୁ କ୍ଷମା କରିଦେବା ଶ୍ରେୟସ୍କର, ସେଥିପାଇଁ ଧୈର୍ଯ୍ୟ ରକ୍ଷା କରିବାକୁ ହେବ ।

ସେହିପରି ଅଧ୍ୟାୟ ୮, ପଙ୍କ୍ତି ୬୨ରେ କୁହାଯାଇଛି ଯେ ଯେତେବେଳେ ଦୁଇ ପକ୍ଷର ସଂପର୍କ ମଧ୍ୟରେ ଫାଟ ସୃଷ୍ଟି ହୁଏ ଓ ଯୁଦ୍ଧ ପାଇଁ ପ୍ରସ୍ତୁତି ଚାଲିଥିବ, ସେପରି ସ୍ଥଳେ ପ୍ରତିପକ୍ଷ ବିରୋଧି ଯଦି ସନ୍ଧି ବା ବୁଝାମଣା କରିବାକୁ ଚାହୁଁଥାଏ, ତେବେ ଦ୍ୱିତୀୟ ପକ୍ଷ ପାଇଁ ଏହା ଅନିବାର୍ଯ୍ୟ ଯେ ତା'ର ମନୋଭାବ ପ୍ରତି ସମ୍ମାନ ଜଣାଇ ଏହି ପ୍ରସ୍ତାବକୁ ଗ୍ରହଣ କରିନେବା ଉଚିତ ତଥା ଅଲ୍ଲାଃଙ୍କ ପ୍ରତି ଆସ୍ଥା ରଖିବ । ପବିତ୍ର କୁରଆନ କହିଛି ଯେ କୌଣସି ଏକ ପକ୍ଷକୁ ଅନ୍ୟ ପକ୍ଷର ମନୋବୃତ୍ତି ଉପରେ ଖରାପ ଆଶଙ୍କା ପ୍ରକାଶ କରିବା ଉଚିତ ନୁହେଁ । ବରଂ ସବୁବେଳେ ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ କାର୍ଯ୍ୟ କରିବା ଆବଶ୍ୟକ । ଏହି କୁରଆନ ଶିକ୍ଷା ଆନ୍ତର୍ଜାତକ ଶାନ୍ତି ଓ ନିରାପତ୍ତାକୁ ବଜାୟ ରଖିବା ପାଇଁ ମୌଳିକ ନିୟମର ଚାବିକାଠି ।

ଅଧ୍ୟାୟ ୫, ପଙ୍କ୍ତି ୯ ରେ ଅଲ୍ଲାଃ ଘୋଷଣା କରିଛନ୍ତି ଯେ କୌଣସି ଦେଶ ବା ଜାତିର ଶତ୍ରୁତା ତୁମକୁ ନ୍ୟାୟ ଓ ସ୍ୱଚ୍ଛତାର ନିୟମକୁ ଜଳାଞ୍ଜଳୀ ଦେବାକୁ କଦାପି ନ ପ୍ରବର୍ତ୍ତାଉ ।

ବରଂ ଇସଲାମ କୁହେ ଯେ ପ୍ରତ୍ୟେକ ପରିସ୍ଥିତିରେ ଯେତେ ବଡ଼ ଆହ୍ୱାନର ସାମନା କରିବାକୁ ପଡ଼ିଲେ ମଧ୍ୟ ତୁମେ ନିଶ୍ଚିତ ଭାବରେ ନ୍ୟାୟ ଓ ସାଧୁତା ଅବଲମ୍ବନ କରିବାକୁ ପଛାଅ ନାହିଁ ଓ ଏହି ନୀତି ଉପରେ ଅଟଳ ରୁହ । ପ୍ରକୃତରେ ନ୍ୟାୟ ପରାୟଣତା ହିଁ ସମ୍ପର୍କରେ ଉନ୍ନତି ଆଣିବ ।

ନୈରାଶ୍ୟ ଭାବକୁ ଦୂର କରିବା ତଥା ଯୁଦ୍ଧଖୋର ମନୋବୃତ୍ତି କୁ ପରିହାର କରିବାର କାରଣ ହୋଇପାରେ । ଅଧ୍ୟାୟ ୨୪, ପଙ୍କ୍ତି ୩୪ ରେ ପବିତ୍ର କୁରଆନ କୁହେ ଯଦି ଯୁଦ୍ଧରେ ସଫଳତା ଲାଭ କରିବା ପରେ ଯୁଦ୍ଧ ବନ୍ଦୀ ମାନଙ୍କୁ ମୁକ୍ତ କରିବା ପାଇଁ ସେମାନଙ୍କ ଉପରେ କୌଣସି ଆର୍ଥିକ ଜୋରିମନା ଲାଗୁ କରିବ, ତା' ହେଲେ ସର୍ତ୍ତଗୁଡ଼ିକ ଯଥାର୍ଥ ଓ ନ୍ୟାୟ ସଂଗତ ହେବା ଉଚିତ । ଯଦ୍ୱାରା ସେମାନେ ଠିକ୍ ରୂପେ ଜୋରିମାନା ଦେଇ ପାରିବେ । ଯଦି କିସ୍ତି ଆକାରରେ ପୈଠ କରିବେ ତ ଆହୁରି ଭଲ । ସେଥିପାଇଁ ତୁମେ ଅନୁମତି ଦେବାକୁ ପଡ଼ିବ, ଯାହା ଫଳରେ ସେମାନେ ସହଜରେ ଚୁକ୍ତି ଅନୁସାରେ ତାହା ଦେବା ପାଇଁ ଅବସର ପାଇବେ ।

ଶାନ୍ତି ପ୍ରତିଷ୍ଠା ସକାଶେ ଏକ ଉଦାରପୂର୍ଣ୍ଣ ନୀତି ଯାହା ପବିତ୍ର କୁରଆନର ଅଧ୍ୟାୟ ୪୯, ପଙ୍କ୍ତି ୧୦ରେ ଉଲ୍ଲେଖ କରାଯାଇଛି, ସେଥିରେ କୁହାଯାଇଛି ଯେ ଯଦି କୌଣସି ଦେଶ ବା ଗୋଷ୍ଠୀ ମଧ୍ୟରେ ବିବାଦ ଦେଖାଦିଏ, ତୃତୀୟ ପକ୍ଷ ସେଥିରେ ମଧ୍ୟସ୍ଥତା କରିବା ଉଚିତ ଓ ଏକ ଶାନ୍ତିପୂର୍ଣ୍ଣ ସମାଧାନର ସୂତ୍ର ବାହାର କରିବା ଉଚିତ ।

ସନ୍ଧି ଚୁକ୍ତି ହେଉଥିବା ସମୟରେ ଯଦି କୌଣସି ଏକ ପକ୍ଷ ସେହି ବୁଝାମଣା ପତ୍ରକୁ ଅନ୍ୟାୟ ଭାବେ ଉଲଂଘନ କରେ, ତା'ହେଲେ ତୃତୀୟ ମଧ୍ୟସ୍ଥି ଦେଶ ଉଭୟ ପକ୍ଷକୁ ଏକଜୁଟ କରିବା ପାଇଁ ଉଦ୍ୟମ କରିବେ । ଯଦି ଦରକାର ପଡ଼େ ଅତ୍ୟାଚାରୀ ପକ୍ଷକୁ ପ୍ରତିରୋଧ କରିବା ପାଇଁ ବଳ ପ୍ରୟୋଗ କରିବାକୁ ହେବ । ତେବେ ଅତ୍ୟାଚାରୀ ପକ୍ଷ ଯଦି ତା'ର ଜିଦ୍ ଓ ଉଗ୍ର ଆଚରଣକୁ ପ୍ରତ୍ୟାହାର କରିନେବେ, ତା' ହେଲେ ତା' ଉପରେ ଅଯଥା କଟକଣା ଲାଗୁ କରିବା ପରିବର୍ତ୍ତେ ଯେପରି ସେହି ଦେଶ ସ୍ୱାଧୀନ ହୋଇ ଅବାଧରେ ଉନ୍ନତି ପଥରେ ଅଗ୍ରସର ହେବ ସେଥି ପାଇଁ ତାକୁ ତା' ବାଟରେ ଛାଡ଼ି ଦେବା ଉଚିତ ।

ଏହି ନୀତି ବର୍ତ୍ତମାନ ଦୁନିଆ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହା ନିର୍ଦ୍ଦିଷ୍ଟ ଭାବରେ ମହାଶକ୍ତିଗୁଡ଼ିକ ପାଇଁ ତଥା ଜାତିସଂଘ ପରି ଆନ୍ତର୍ଜାତିକ ସଂଗଠନ ପାଇଁ ବିଶେଷ ମହତ୍ତ୍ୱ ରଖିଥାଏ । ଯଦି ସେମାନେ ଏହି ନୀତିକୁ ଆପଣାଇ ତଦନୁସାରେ କାର୍ଯ୍ୟ କରିବେ, ତା' ହେଲେ ପ୍ରକୃତ ଶାନ୍ତି ଓ ନ୍ୟାୟ ପ୍ରତିଷ୍ଠା ଦିଗରେ ଦୁନିଆ ଆଗେଇ ପାରିବ ଏବଂ ଅଯଥା ଅସନ୍ତୋଷ ଓ ନୈରାଶ୍ୟର ଛାୟା ଆପେ ଆପେ ଲୋପ ପାଇବ ।

ସେହିପରି ଆହୁରି ଅନେକ କୁରଆନର ଆଦେଶ ଭିତ୍ତିକ ବାଣୀ ରହିଛି, ଯାହା ଆମମାନଙ୍କୁ ଏହି ଦିଗଦର୍ଶନ ଦେଉଛି ଯେ ପୃଥିବୀରେ କିପରି ଶାନ୍ତିର ବାତାବରଣ ସୃଷ୍ଟି ହୋଇ ପାରିବ ଏବଂ କିପରି ସମସ୍ତ ପ୍ରକାର ଯୁଦ୍ଧର ପରିସମାପ୍ତି ଘଟିବ । ଆମମାନଙ୍କ ଅଶେଷ ଦୟାବାନ ଓ ସଦା କରୁଣାମୟ ପ୍ରଭୁ ଆମ ହାତରେ ଶାନ୍ତିର ଚାବିକାଠି ଦେଇଛନ୍ତି । କାରଣ ସେ ଚାହୁଁଛନ୍ତି ଯେ ତାଙ୍କ ସୃଷ୍ଟିର ଜୀବ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶରେ ଏକାଠି ମିଳିମିଶି ସୁଖ ସ୍ୱାଚ୍ଛନ୍ଦ୍ୟରେ ରହିବେ । ସେମାନେ ସବୁ ପ୍ରକାର ଘୃଣା, କଳହ ଓ ମତାନ୍ତର ଠାରୁ ମୁକ୍ତି ଲାଭ କରିବେ ।

ସୁତରାଂ ଏତିକି କହି ମୁଁ ଆପଣମାନଙ୍କୁ ଅନୁରୋଧ କରୁଛି ଯେ ନିଜ ନୈତିକ ପ୍ରଭାବ ପକାଇ ପୃଥିବୀରେ ଶାନ୍ତି ଓ ଏକତାର ସୁସଂଗତ ମଧୁର ମୂର୍ଚ୍ଛନାର ପ୍ରସାରଣ ପାଇଁ ପ୍ରୟାସ କରନ୍ତୁ । ପୃଥିବୀରେ ଯେଉଁ ସ୍ଥାନରେ ଯେତେବେଳେ ବିଶୃଙ୍ଖଳା କିମ୍ବା ସଂଘର୍ଷର ସୂତ୍ରପାତ ହେଉଛି, ଏହା ଆମର ସାମୁହିକ କର୍ତ୍ତବ୍ୟ ଯେ ଆମେ ନ୍ୟାୟ ପାଇଁ ସ୍ୱର ଉତ୍ତୋଳନ କରିବା ଓ ଶାନ୍ତି ପାଇଁ ଦୃଢ଼ ଭାବରେ ପ୍ରୟାସ କରିବା । ଏହା ଦ୍ୱାରା ସେହି ୭୦ ବର୍ଷ ପୂର୍ବେ ସଂଘଟିତ ହୋଇଥିବା ଲୋମହର୍ଷଣକାରୀ ଯୁଦ୍ଧର ପୁଣି ଥରେ ସମ୍ମୁଖୀନ ହେବାରୁ ଆମେମାନେ ନିଜକୁ

ସୁରକ୍ଷିତ ରଖିପାରିବା । ଯେଉଁ ଯୁଦ୍ଧର ଭୟାବହ ପରିଣତି ଅନେକ ଦଶନ୍ଧି ଧରି ଚାଲିଆସିଛି, ତାହା ବୋଧହୁଏ ଆଜି ମଧ୍ୟ ଅନୁଭୂତ ହେଉଛି ।

ଯଦିବା ସୀମିତ କ୍ଷେତ୍ରରେ ଏକ ମହାଯୁଦ୍ଧ ଆରମ୍ଭ ହୋଇ ସାରିଛି, ମାତ୍ର ଆମେ ନିଜର କର୍ତ୍ତବ୍ୟ ବୋଧ ପ୍ରତି ସଚେତନ ହୋଇ ସମୟୋପଯୋଗୀ ପଦକ୍ଷେପ ନେବା ଓ ଶାନ୍ତି ପ୍ରତିଷ୍ଠା ପାଇଁ ଦୃଢ଼ ପ୍ରୟାସ ଜାରି ରଖିବା ଉଚିତ । ପରିସ୍ଥିତି ଖରାପ ଆଡ଼କୁ ଦ୍ରୁତ ବେଗରେ ଗତି କରିବା ପୂର୍ବରୁ , ଅତି ଘୃଣ୍ୟ ଓ ମାରଣାତ୍ମକ ଅସ୍ତ୍ର ଆମମାନଙ୍କ ଭବିଷ୍ୟତ ବଂଶଧରକୁ ଧ୍ୱଂସ କରିବା ପୂର୍ବରୁ ଯାହାର କରାଳ ପୃଥିବୀକୁ ଗ୍ରାସ କରି ଚାଲିଛି, ଆସନ୍ତୁ ଆମେ ଏକଜୁଟ ହୋଇ ଏହି ମୁକ୍ତି ସଂଗ୍ରାମରେ ସାମିଲ ହେବା ।

ସୁତରାଂ ଆସନ୍ତୁ ଆମେମାନେ ସମସ୍ତେ ମିଳିତ ହୋଇ ନିଜର କର୍ତ୍ତବ୍ୟ ସଂପାଦନ କରିବା । ପରସ୍ପର ବିରୁଦ୍ଧରେ ବିଭାଜିତ ଗୋଷ୍ଠୀ ତିଆରି କରିବା ପରିବର୍ତ୍ତେ ଆମ ସମସ୍ତଙ୍କୁ ଐକ୍ୟବଦ୍ଧ ହୋଇ ଜଣେ ଅନ୍ୟକୁ ସହଯୋଗ କରିବା ଉଚିତ । ଆମ ନିକଟରେ ଅନ୍ୟ କୌଣସି ଉପାୟ ନାହିଁ । କାରଣ ସମ୍ପୂର୍ଣ୍ଣ ଯୋଜନାବଦ୍ଧ ଭାବରେ ଯଦି ତୃତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯାଏ, ଏହି ଧ୍ୱଂସଲୀଳାର ପରିଣାମ ସ୍ୱରୂପ ଦୁନିଆ ଯେପରି ଛାରଖାର ହୋଇଯିବ ତାହା କଳ୍ପନାତୀତ ।

ସେତେବେଳେ ଏହା ନିଃସନ୍ଦେହରେ ବିଚାର କରାଯାଇ ପାରିବ ଯେ ଅତୀତରେ ହେଉଥିବା ଯୁଦ୍ଧ ଏହା ତୁଳନାରେ କେତେ ନଗଣ୍ୟ ବୋଧ ହେବ ।

ମୁଁ ପ୍ରାର୍ଥନା କରୁଛି ଯେ ପୃଥିବୀ ପରିସ୍ଥିତିର ଗମ୍ଭୀରତାକୁ ଉପଲବ୍ଧି କରୁ, ତାହା ପୂର୍ବରୁ ଯେତେବେଳେ କି ସବୁକିଛି ବହୁତ ବିଳମ୍ବ ହୋଇ ଯାଇଥିବ । ମାନବଜାତି ସର୍ବଶକ୍ତିମାନ ଈଶ୍ୱରଙ୍କ ଆଗରେ ମୁଣ୍ଡ ନୁଆଁଇବାକୁ ପଡ଼ିବ ଓ ତାହାଙ୍କ ପ୍ରତି ରହିଥିବା କର୍ତ୍ତବ୍ୟ ପାଳନ କରିବାରେ କୌଣସି କୁଣ୍ଠାବୋଧ କରିବ ନାହିଁ । ତତ୍‌ସହିତ ଜଣେ ଅନ୍ୟର ଅଧିକାର ପୂରଣ କରିବ ଓ କର୍ତ୍ତବ୍ୟରେ କୌଣସି ଅବହେଳା ପ୍ରଦର୍ଶନ କରିବ ନାହିଁ ।

ଅଲ୍ଲାଃ ପରମବ୍ରହ୍ମ ସେମାନଙ୍କୁ ବୁଦ୍ଧି ଓ ବିଚାର ଶକ୍ତି ଦିଅନ୍ତୁ, ଯେଉଁମାନେ ଧର୍ମ ନାମରେ ପରିବେଶରେ ଅଶାନ୍ତି ସୃଷ୍ଟି କରୁଛନ୍ତି । ଭୌଗଳିକ ସୀମାରେଖା ବିବାଦ ଦୃଷ୍ଟିରୁ ହେଉ କିମ୍ବା ଆର୍ଥିକ ଲାଭ ଉଠାଇବା ପାଇଁ ହେଉ, ନିଜର ସ୍ୱାର୍ଥ ସାଧନ ପାଇଁ ଯେଉଁମାନେ ଯୁଦ୍ଧ କରୁଛନ୍ତି, କାଳେ ସେମାନେ ଜାଣି ପାରନ୍ତେ ଯେ ଧ୍ୱଂସାଭିମୁଖୀ ହୋଇ କିପରି ଅଜ୍ଞାନତାର ପରିଚୟ ଦେଉଛନ୍ତି । ସେଥିପାଇଁ ଈଶ୍ୱର ସେମାନଙ୍କୁ ସଦବୁଦ୍ଧି ଦିଅନ୍ତୁ ।

ଈଶ୍ୱର କରନ୍ତୁ, ପୃଥିବୀର ପ୍ରତ୍ୟେକ ଭାଗରେ ପ୍ରକୃତ ଅର୍ଥରେ ଦୀର୍ଘସ୍ଥାୟୀ ଶାନ୍ତି ପ୍ରତିଷ୍ଠା ହେଉ । ......ଆମିନ

ଏତିକି କହି ମୋର ବକ୍ତବ୍ୟ ଶେଷ କରୁଛି । ଆପଣମାନଙ୍କୁ ପୁଣିଥରେ ଅଶେଷ ଧନ୍ୟବାଦ ଜଣାଉଛି, ଯେଉଁମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଏଠାକୁ ଛୁଟି ଆସିଛନ୍ତି ।

**- ଆପଣମାନଙ୍କୁ ଅଶେଷ ଧନ୍ୟବାଦ**

# ବିଶ୍ୱର ପ୍ରମୁଖ ନେତାମାନଙ୍କ ନିକଟକୁ ପତ୍ର

# ମହାମାନ୍ୟ ପୋପ ବେନିଡିକ୍ଟ-ଷୋଡଶଙ୍କ ନିକଟକୁ ପତ୍ର

MIRZA MASROOR AHMAD
HEAD OF THE AHMADIYYA COMMUNITY
IN ISLAM

بسم الله الرحمن الرحيم
نحمده و نصلی علی رسوله الكريم
وعلى عبده المسيح الموعود
خدا کے فضل اور رحم کے ساتھ
هو الناصر

16 Gressenhall Road
Southfields, London
SW18 5QL, UK

ପ୍ରାପ୍ତେଷୁ, **31 ଅକ୍ଟୋବର 2011**

ମାନ୍ୟବର ପୋପ ବେନିଡିକ୍ଟ-ଷୋଡଶ ମହୋଦୟ

ମୁଁ ଅଲ୍ଲାଃ ପରମବ୍ରହ୍ମଙ୍କ ନିକଟରେ ପ୍ରାର୍ଥନା କରୁଛି ଯେ ଆପଣଙ୍କ ପ୍ରତି ସେହି ସର୍ବମୟ କର୍ତ୍ତାଙ୍କ ଦୟା ଏବଂ କରୁଣା ଅବତରିତ ହେଉ ।

ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ଜମାଅତର ମୁଖ୍ୟ ଭାବରେ ମୁଁ ପୁଣ୍ୟଶ୍ଳୋକ ପୋପଙ୍କୁ ପବିତ୍ର କୋରାନର ସନ୍ଦେଶ ପହଞ୍ଚାଉଛି । ଅଲ୍ଲାଃତାଲା କହୁଛନ୍ତି:

'ତୁମ୍ଭେ କୁହ, ହେ ଗ୍ରନ୍ଥାଧାରୀମାନେ ! ସେହି ଦିବ୍ୟବାଣୀ ଯାହା ତୁମ ଓ ଆମ ଭିତରେ ସମାନ ତାହା ଗ୍ରହଣ କରିବା ପାଇଁ ଅଗ୍ରସର ହୁଅ । ତାହା ହେଉଛି ଆମ୍ଭେମାନେ ଅଲ୍ଲାଃଙ୍କ ବ୍ୟତିରେକେ ଅନ୍ୟ କାହାକୁ ଉପାସନା କରିବା ନାହିଁ ଏବଂ ଅଲ୍ଲାଃଙ୍କ ସହିତ କାହାରିକୁ ସମକକ୍ଷ କରିବା ନାହିଁ । ତତ୍‌ସହିତ ଆମ୍ଭମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କାହାକୁ ପାଳନକର୍ତ୍ତା ରୂପେ ବିବେଚନା କରିବା ନାହିଁ ।'

ଆଜିକାଲି ଇସଲାମ ଧର୍ମ ଉପରେ ପୃଥିବୀବାସୀଙ୍କର ତୀକ୍ଷ୍ଣ ନଜର ରହିଛି ଏବଂ ଏହାକୁ ନାନା ପ୍ରକାର କୁତ୍ସିତ ଆରୋପର ଶରବ୍ୟ କରାଯାଉଛି । ଅଭିଯୋଗକାରୀମାନେ ଇସଲାମର ବାସ୍ତବ ଶିକ୍ଷାକୁ ଅଧ୍ୟୟନ ନ କରି ଏଭଳି କୁତ୍ସାରଟନା କରୁଛନ୍ତି । ଦୁର୍ଭାଗ୍ୟବଶତଃ କେତେକ ନିର୍ଦ୍ଦିଷ୍ଟ ମୁସଲିମ ସଂଗଠନ ନିଜର ସ୍ୱାର୍ଥ ହାସଲ କରିବା ପାଇଁ ଇସଲାମ ସଂବନ୍ଧରେ ସଂପୂର୍ଣ୍ଣ ଭୁଲ ଛବି ପ୍ରଦର୍ଶନ କରୁଛନ୍ତି । ଫଳରେ ମୁସଲମାନମାନଙ୍କ ପ୍ରତି ପାଶ୍ଚାତ୍ୟ ଦେଶ ଏବଂ ଅଣ ମୁସଲିମମାନଙ୍କ ହୃଦୟରେ ଏପରି ଅବିଶ୍ୱାସ ଏବଂ ସନ୍ଦେହର ଭାବନା ପ୍ରକାଶ ପାଉଛି ଯେ ଅତି ଉଚ୍ଚ ଶିକ୍ଷିତ ଲୋକମାନେ ମଧ୍ୟ ଇସଲାମର ପ୍ରତିଷ୍ଠାତା ଦିବ୍ୟ ଅବତାର ମୁହମ୍ମଦ(ତାହାଙ୍କ ପ୍ରତି ଶାନ୍ତି ବିରାଜିତ ହେଉ)ଙ୍କ ବିରୁଦ୍ଧରେ ଭିତ୍ତିହୀନ ଅଭିଯୋଗ ଆଣିବା ପାଇଁ ପଶ୍ଚାତ୍‌ପଦ ହେଉନାହାନ୍ତି ।

ମନୁଷ୍ୟକୁ ପ୍ରଭୁଙ୍କ ନିକଟବର୍ତ୍ତୀ କରାଇବା ଏବଂ ମାନବିକ ମୂଲ୍ୟବୋଧ ପ୍ରତିଷ୍ଠା କରିବା ପ୍ରତ୍ୟେକ ଧର୍ମର ମୁଖ୍ୟ ଉଦ୍ଦେଶ୍ୟ । କାହା ପ୍ରତି ନିଷ୍ଠୁର ଆଚରଣ କରିବା କିମ୍ବା ଅନ୍ୟମାନଙ୍କ ଅଧିକାରକୁ ବଳପୂର୍ବକ ଛଡାଇ ନେବା ପାଇଁ କୌଣସି ଧର୍ମ ସଂସ୍ଥାପକ ଶିକ୍ଷା ଦେଇ ନାହାନ୍ତି । ତେଣୁ କେତେକ ଅଳ୍ପସଂଖ୍ୟକ ପଥଭ୍ରଷ୍ଟ ମୁସଲିମଙ୍କ ଏତାଦୃଶ ଆଚରଣକୁ ଆଳ

କରି ଇସଲାମ ଏବଂ ଏହାର ପ୍ରାଣ ପ୍ରତିଷ୍ଠାତାଙ୍କ ପ୍ରତି ଆକ୍ରମଣ କରିବା ଶୋଭନୀୟ ନୁହେଁ । ସମସ୍ତ ଧର୍ମର ଅବତାରଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ପାଇଁ ଇସଲାମ ଆମକୁ ଶିକ୍ଷା ଦିଏ । ଏହି କାରଣରୁ ପବିତ୍ର ଗ୍ରନ୍ଥ ବାଇବେଲ ଓ କୋରାନରେ ଉଲ୍ଲିଖିତ ସମସ୍ତ ଅବତାରଙ୍କ ପ୍ରତି ଏପରିକି ଯୀଶୁଙ୍କ ସମେତ ଅନ୍ୟ ସମସ୍ତ ଅବତାରଙ୍କ ଉପରେ ବିଶ୍ୱାସ ସ୍ଥାପନ କରିବା ଜଣେ ମୁସଲିମ ପକ୍ଷରେ ଅନିବାର୍ଯ୍ୟ । ଆମ୍ଭେମାନେ ଦିବ୍ୟ ଅବତାର ମୁହମ୍ମଦ (ତାହାଙ୍କ ପ୍ରତି ଶାନ୍ତି ବିରାଜିତ ହେଉ)ଙ୍କର ଅକିଞ୍ଚନ ଭୃତ୍ୟ ହୋଇଥିବା ତାହାଙ୍କ ପ୍ରତି ହେଉଥିବା କୁତ୍ସାଭିତ୍ତିକ ଆକ୍ରମଣରେ ଅତ୍ୟନ୍ତ ମର୍ମାହତ ହେଉଛୁ । ପକ୍ଷାନ୍ତରେ ତାହାଙ୍କ ସର୍ବୋତ୍ତମ ଚରିତ ଏବଂ ଗୁଣାବଳୀକୁ ବିଶ୍ୱରେ ପ୍ରଦର୍ଶିତ କରିବାରେ ଲାଗିଛୁ ଏବଂ ପବିତ୍ର କୋରାନରେ ବର୍ଣ୍ଣିତ ଅନୁକରଣୀୟ ଶିକ୍ଷାକୁ ଅଧିକରୁ ଅଧିକ ସ୍ପଷ୍ଟ ଭାବରେ ପ୍ରକାଶିତ କରୁଛୁ ।

ଯଦି କୌଣସି ବ୍ୟକ୍ତି କୌଣସି ବିଶେଷ ନୀତି ଉପରେ ଆଧାରିତ ଶିକ୍ଷାକୁ ଯଥାର୍ଥ ଭାବରେ ପାଳନ କରୁନାହିଁ, ଅଥଚ ନିଜକୁ ସେହି ଧର୍ମର ଆଜ୍ଞାବହ ହେବାର ଦାବି କରୁଛି, ତେବେ ଏହା ତା'ର ନିଜ କୃତ ଦୋଷ, ଶିକ୍ଷାଗତ ତ୍ରୁଟି ନୁହେଁ । ଇସଲାମ ଶବ୍ଦର ଆକ୍ଷରିକ ଅର୍ଥ ହେଉଛି ଶାନ୍ତି, ପ୍ରେମ ଏବଂ ନିରାପତ୍ତା । ବସ୍ତୁତଃ ଧର୍ମ ସଂକ୍ରାନ୍ତରେ କୌଣସି ବାଧ ବାଧକତା ନାହିଁ-ଏହି ତତ୍ତ୍ୱ ସମ୍ବନ୍ଧରେ ସ୍ପଷ୍ଟ ଭାବରେ କୋରାନରେ ଉଲ୍ଲେଖ ରହିଛି । ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପବିତ୍ର କୋରାନ ପ୍ରେମ, ଶ୍ରଦ୍ଧା, ଶାନ୍ତି, ବନ୍ଧୁତ୍ୱ ଏବଂ ତ୍ୟାଗଭିତ୍ତିକ ଭାବନାର ଶିକ୍ଷା ଦିଏ । ପବିତ୍ର କୋରାନର ବିଭିନ୍ନ ସ୍ଥାନରେ ଉଲ୍ଲେଖିତ ଅଛି ଯେ ଯେଉଁ ବ୍ୟକ୍ତି ନୈତିକତା ଏବଂ ଈଶ୍ୱରଭୟକୁ ଅବଲମ୍ବନ କରେ ନାହିଁ ସେ ଈଶ୍ୱରଙ୍କ ସାନିଧ୍ୟ ଲାଭ କରିପାରେ ନାହିଁ । ସେପରି ବ୍ୟକ୍ତି ଇସଲାମୀୟ ଶିକ୍ଷାଠାରୁ ବହୁ ଦୂରରେ । ସୁତରାଂ ଯଦି କୌଣସି ବ୍ୟକ୍ତି ରକ୍ତପାତ ମୂଳକ ଶିକ୍ଷାରେ ପରିପୂର୍ଣ୍ଣ ଥିବା କଠୋର ଓ ହିଂସାତ୍ମକ ଧର୍ମ ରୂପେ ଇସଲାମକୁ ପ୍ରଦର୍ଶିତ କରୁଥାଏ, ତା'ହେଲେ ସେଭଳି ପ୍ରଦର୍ଶନ ସହିତ ପ୍ରକୃତ ଇସଲାମର କୌଣସି ସଂପର୍କ ନାହିଁ ।

ଅହମଦୀୟା ମୁସଲିମ ସଂପ୍ରଦାୟ ପ୍ରକୃତ ଇସଲାମର ଦୀକ୍ଷାନ୍ତର ଅନୁବର୍ତ୍ତୀ ଏବଂ କେବଳ ପ୍ରଭୁଙ୍କ ସନ୍ତୁଷ୍ଟି ପାଇଁ କାର୍ଯ୍ୟ କରେ । ଯଦି କୌଣସି ଗୀର୍ଜା ବା ଅନ୍ୟାନ୍ୟ ଉପାସନା ପୀଠକୁ ସୁରକ୍ଷା ଯୋଗାଇଦେବା ଆବଶ୍ୟକ, ତା'ହେଲେ ଆମେ ସେମାନଙ୍କ ସହିତ କାନ୍ଧକୁ କାନ୍ଧ ମିଳାଇ ଛିଡା ହୋଇଥିବାର ସେମାନେ ଅବଶ୍ୟ ଦେଖପାରିବେ । ଆମ ମସଜିଦମାନଙ୍କରୁ ଯଦି କୌଣସି ମଧୁର ଧ୍ୱନୀ ଗୁଞ୍ଜରିତ ହେଉଥିବ, ତେବେ ତାହା କେବଳ-ଅଲ୍ଲାଃ ହିଁ ସର୍ବଶ୍ରେଷ୍ଠ, ଆମ୍ଭେମାନେ ସାକ୍ଷ୍ୟ ପ୍ରଦାନ କରୁଅଛୁ ଯେ ତାହାଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନୁହେଁ ଏବଂ ମୁହମ୍ମଦଙ୍କ ଅଲ୍ଲାଃଙ୍କ ବାର୍ତ୍ତାବହ ।

କେତେକ ବ୍ୟକ୍ତି ନିଜକୁ ଅତି ବୁଦ୍ଧିମାନ, ଉଚ୍ଚଶିକ୍ଷିତ ଏବଂ ମୁକ୍ତ ବିଚରବାଦୀ ବୋଲି ଭାବନ୍ତି । ସେଥିପାଇଁ ସେମାନେ ବିନା ଦ୍ୱିଧାରେ ଧର୍ମ ସଂସ୍ଥାପକମାନଙ୍କ ପ୍ରତି ବ୍ୟଙ୍ଗ-

ବିଦ୍ରୁପ କରିପାରିବେ ବୋଲି ଯେଉଁ ଧାରଣା ଅଛି, ତାହା ବିଶ୍ୱଶାନ୍ତି ନଷ୍ଟ କରିବା କ୍ଷେତ୍ରରେ ମୁଖ୍ୟତଃ ଦାୟୀ । ପରିବେଶରେ ଶାନ୍ତି ପ୍ରତିଷ୍ଠା ପାଇଁ ପ୍ରତ୍ୟେକ ବ୍ୟକ୍ତି ନିଜ ହୃଦୟରୁ ସମସ୍ତ ପ୍ରକାର ଶତ୍ରୁତାମୂଳକ ଭାବନାକୁ ପରିହାର କରିବା ଅତ୍ୟନ୍ତ ଜରୁରୀ । ତତ୍‌ସହିତ ନିଜର ଧୈର୍ଯ୍ୟ ଓ ସହନଶୀଳତାର ଶକ୍ତିକୁ ବୃଦ୍ଧି କରିବା ଆବଶ୍ୟକ । ପ୍ରତ୍ୟେକେ ଅନ୍ୟର ଅବତାରଙ୍କ ପଦମର୍ଯ୍ୟାଦା ଏବଂ ସମ୍ମାନର ସୁରକ୍ଷା ପାଇଁ ଛିଡା ହେବା ଆବଶ୍ୟକ । ପୃଥିବୀ ବର୍ତ୍ତମାନ ଅଶାନ୍ତି ଏବଂ ଅସ୍ଥିରତା ମଧ୍ୟ ଦେଇ ଗତିକରୁଛି । ତେଣୁ ସମାଜରେ ପ୍ରେମ ଓ ସଦ୍‌ଭାବନାର ବାତାବରଣ ସୃଷ୍ଟି କରିବା ଆବଶ୍ୟକ ହେଲାଣି । ଏତଦ୍ ଦ୍ୱାରା ଉଦ୍‌ବେଗ ଏବଂ ଭୟ ଦୂର ହୋଇପାରିବ । ଆମେ ପ୍ରେମ ଓ ଶାନ୍ତିର ବାର୍ତ୍ତାକୁ ଭଲ ଭାବରେ ବିକଶିତ କରିପାରିବା ତଥା ଆରମ୍ଭରୁ ଅଧିକ ସୁସଂଗତ ଏବଂ ଐକ୍ୟବଦ୍ଧ ହୋଇ ଜୀବନ ଧାରଣ କରିପାରିବା । ତତ୍‌ସହିତ ଆମେ ମାନବୀୟ ମୂଲ୍ୟବୋଧକୁ ଉପଲବ୍ଧି କରିପାରିବା ।

ଆଜିକାଲି ପୃଥିବୀରେ କେତେକ ସ୍ଥାନରେ ଛୋଟଛୋଟ ଯୁଦ୍ଧ ଲାଗି ରହିଛି । ପୁଣି ଅନ୍ୟ କେତେକ ସ୍ଥାନରେ ମହାଶକ୍ତିଗୁଡିକ ଶାନ୍ତି ସ୍ଥାପନ କରିବାରେ ଉଦ୍ୟମ କରୁଥିବାର ବାହାସ୍ଫୋଟ ମାରୁଛନ୍ତି । ଏହା କାହାକୁ ଅଛପା ନୁହେଁ ଯେ ଆମକୁ ପ୍ରକାଶ୍ୟରେ ଗୋଟିଏ କଥା କୁହାଯାଉଛି ଅଥଚ ପ୍ରକୃତ ପକ୍ଷେ ଗୋପନରେ ସେମାନଙ୍କ ସରକାରୀ ନୀତି ଓ ଯୋଜନା କାର୍ଯ୍ୟକାରୀ ହେବାରେ ଲାଗିଛି । କ'ଣ ଏଭଳି ପରିସ୍ଥିତିରେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ? ଏହା ହିଁ ମୁଖ୍ୟ ପ୍ରଶ୍ନ । ଯଦି ଆମେ ପୃଥିବୀର ସାଂପ୍ରତିକ ଅବସ୍ଥାକୁ ଅନୁଧ୍ୟାନ କରିବା ତା'ହେଲେ ପରିତାପର ସହିତ ଏହା କହିବାକୁ ପଡୁଛି ଯେ ବିଶ୍ୱରେ ଅନ୍ୟ ଏକ ବିଶ୍ୱଯୁଦ୍ଧର ଭିତ୍ତି ପଡିସାରିଛି । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ନ୍ୟାୟ ପ୍ରତିଷ୍ଠା ପାଇଁ ଯଦି ସାମ୍ୟ ନୀତି ଅବଲମ୍ବନ କରାଯାଇଥାଆନ୍ତା, ତା'ହେଲେ ଆଜି ଏହି ଦୁଃଖଦ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡି ନ ଥାନ୍ତା, ଯାହା ଆମକୁ ପୁଣି ଏକ ଯୁଦ୍ଧଆଡକୁ ଟାଣି ନେଉଛି । ପରିଣାମ ସ୍ୱରୂପ ଅନେକ ରାଷ୍ଟ୍ର ନିକଟରେ ବିପୁଳ ପରିମାଣରେ ପରମାଣୁ ଅସ୍ତ୍ର ଗଚ୍ଛିତ ରହିଛି । ଏଥିଯୋଗୁଁ ସେମାନଙ୍କ ମଧ୍ୟରେ ଆକ୍ରୋଶ ଏବଂ ଶତ୍ରୁତା ବୃଦ୍ଧି ପାଇବାରେ ଲାଗିଛି । ଫଳତଃ ପୃଥିବୀ ଧ୍ୱଂସର ତଟ ଦେଶରେ ଛିଡା ହୋଇଛି । ଯଦି ସେହି ଅସ୍ତ୍ର ଗୁଡିକ ଦ୍ୱାରା ବିସ୍ଫୋରଣ ଘଟାଇ ପ୍ରଭୂତ ବିନାଶ ରଚନା କରାଯିବ, ତା'ହେଲେ ଆମର ଭବିଷ୍ୟତ ବଂଶଧର ଶାରୀରିକ ବିକଳାଙ୍ଗ ହୋଇ ଜନ୍ମ ହେବେ । ପରିଣାମରେ ଏଥିପାଇଁ ସେମାନେ ଆମକୁ କଦାପି କ୍ଷମା ଦେବେ ନାହିଁ । ତଥାପି ବର୍ତ୍ତମାନ ସମୟ ଅଛି ଯେ ପୃଥିବୀ ତାହାର ସ୍ରଷ୍ଟା ଓ ସୃଷ୍ଟ ପ୍ରାଣୀମାନଙ୍କ ପ୍ରତି ନିଜ କର୍ତ୍ତବ୍ୟ ସଂପାଦନ କରିବାରେ ଅବହେଳା ନ କରୁ ।

ମୁଁ ଏହା ବିଶ୍ୱାସର ସହିତ କହୁଛି ଯେ ଆମେ ସାଂପ୍ରତିକ ସ୍ଥିତିରେ ବିଶ୍ୱର ପ୍ରଗତି ପ୍ରତି ବିଶେଷ ଗୁରୁତ୍ୱ ନ ଦେଇ ପୃଥିବୀକୁ କିପରି ଧ୍ୱଂସର କରାଳରୁ ରକ୍ଷା କରାଯାଇ ପାରିବ, ସେଥିପାଇଁ ଯଥାଶୀଘ୍ର ଉଦ୍ୟମ କରିବା ଉଚିତ । ଏହି କାର୍ଯ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ, ପ୍ରକୃତରେ

ଅତି ପ୍ରୟୋଜନ ମଧ୍ୟ । ମାନବଜାତି ନିଜର ପରମ ସ୍ରଷ୍ଟାଙ୍କୁ ଚିହ୍ନିବା ଅତି ଜରୁରି, କାରଣ ସେ ହିଁ ମାନବଜାତିକୁ ବଞ୍ଚାଇ ରଖିବାର ଏକ ମାତ୍ର ତ୍ରାଣକର୍ତ୍ତା । ଅନ୍ୟଥା ଏହି ବିଶ୍ୱ ସ୍ୱୟଂ ନିଜର ବିନାଶ ସାଧନ କରିବା ଅଭିମୁଖେ ଦ୍ରୁତଗତିରେ ଧାବମାନ ହେଉଥିବ । ଆଜି ଯଦି ମନୁଷ୍ୟ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ସଫଳତା ଲାଭ କରିବା ପାଇଁ ଆଶାୟୀ, ତା'ହେଲେ ଅନ୍ୟର ଦୋଷ ଦୁର୍ବଳତା ଖୋଜିବା ପରିବର୍ତ୍ତେ ଆତ୍ମ ସଂଯମ ଦ୍ୱାରା ଅନ୍ତରର ଶୈତାନକୁ ନିୟନ୍ତ୍ରଣ କରୁ । ନିଜେ ଦୁଷ୍କର୍ମକୁ ଅନ୍ତ କରିପାରିଲେ ମନୁଷ୍ୟ ନ୍ୟାୟର ଉତ୍କୃଷ୍ଟ ଉଦାହରଣ ସୃଷ୍ଟି କରିପାରିବ । ମୁଁ ପୃଥିବୀକୁ ବାରମ୍ବାର ଏହା ସ୍ମରଣ କରାଇ ଦେଉଛି ଯେ ଜଣେ ବ୍ୟକ୍ତିର ଅନ୍ୟ ପ୍ରତି ଥିବା ଶତ୍ରୁତା ସମସ୍ତ ସୀମା ଅତିକ୍ରମ କରିଥିବା ଯୋଗୁଁ ମାନବୀୟ ମୂଲ୍ୟବୋଧ ଆଜି କ୍ଷୁଣ୍ଣ ହୋଇଛି । ଫଳ ସ୍ୱରୂପ ତାହା ପୃଥିବୀକୁ ଧ୍ୱଂସ ଅଭିମୁଖେ ଟାଣି ନେଉଛି ।

ଆପଣ ଯେହେତୁ ପୃଥିବୀରେ ଜଣେ ପ୍ରଭାବଶାଳୀ ବ୍ୟକ୍ତିତ୍ୱର ଅଧିକାରୀ ତେଣୁ ମୁଁ ଆପଣଙ୍କୁ ନିବେଦନ କରୁଛି ଯେ ଆପଣ ପୃଥିବୀବାସୀଙ୍କୁ ପ୍ରାଞ୍ଜଳ ଭାବରେ ଅବଗତ କରାନ୍ତୁ ଯେ ଇଶ୍ୱରଙ୍କ ଦ୍ୱାରା ପ୍ରତିଷ୍ଠିତ ନ୍ୟାୟର ସନ୍ତୁଳିତ ପଥରେ ପ୍ରତିବନ୍ଧକ ସାଜିଥିବା ମନୁଷ୍ୟମାନଙ୍କ ଯୋଗୁଁ ପୃଥିବୀ ଆଜି ମହାବିନାଶର ବିଭୀଷିକା ଆଡକୁ କ୍ଷୀପ୍ର ଗତିରେ ମୁହାଁଇଛି । ତେଣୁ ବାର୍ତ୍ତାକୁ ଏପରି ବ୍ୟାପକ ଭାବରେ ପ୍ରସାରିତ କରିବାର ଆବଶ୍ୟକତା ରହିଛି ଯାହା ପୂର୍ବରୁ କେବେ ପ୍ରସାରିତ ହୋଇନଥିଲା ।

ଧର୍ମ ଧର୍ମ ମଧ୍ୟରେ ମୈତ୍ରୀ ଏବଂ ବନ୍ଧୁତ୍ୱର ସଂପର୍କ ପ୍ରତିଷ୍ଠା ହେବା ଆବଶ୍ୟକ । ସମସ୍ତ ବିଶ୍ୱବାସୀ ନିଜ ହୃଦୟରେ ପ୍ରେମ, ସୌହାର୍ଦ୍ଦ୍ୟ ଏବଂ ଭ୍ରାତୃତ୍ୱର ଭାବନା ଜାଗ୍ରତ କରିବା ଆବଶ୍ୟକ । ଆମେ ନିଜର ପରମ ସ୍ରଷ୍ଟାଙ୍କୁ ଚିହ୍ନିବାରେ ସମର୍ଥ ହେବା, ଶାନ୍ତି ଓ ପ୍ରେମର ପ୍ରତିଷ୍ଠା ପାଇଁ ଆମର ଦାୟିତ୍ୱବୋଧ ଏବଂ ସେଥିପ୍ରତି ଆମର କର୍ତ୍ତବ୍ୟ ପାଳନ କରିବା ପାଇଁ ଇଶ୍ୱରଙ୍କ ନିକଟରେ ମୁଁ ପ୍ରାର୍ଥନା କରୁଛି । ଆମ ନିକଟରେ କେବଳ ପ୍ରାର୍ଥନାର ଶକ୍ତି ରହିଛି । ମୁଁ ଅନବରତ ଅଲ୍ଲାହ୍‌ଙ୍କ ଠାରେ ଅନୁନୟ କରୁଛି ଯେ ଆମ ପୃଥିବୀ ଧ୍ୱଂସ ମୁଖରୁ ରକ୍ଷା ପାଉ ଏବଂ ଆମ୍ଭମାନଙ୍କୁ ଏପରି ମହା ବିପତ୍ତିରୁ ନିସ୍ତାର ମିଳୁ ।

ଆପଣଙ୍କ ଶୁଭାକାଙ୍କ୍ଷୀ



ମିର୍ଜା ମସ୍‌ରୁର୍ ଅହମଦ୍
ଖଲିଫତୁଲ୍ ମସିହ-ପଞ୍ଚମ
ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂପ୍ରଦାୟର ମୁଖ୍ୟ

# ଇସ୍ରାଇଲର ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପତ୍ର

MIRZA MASROOR AHMAD
HEAD OF THE AHMADIYYA COMMUNITY
IN ISLAM

بسم الله الرحمن الرحيم
نحمده و نصلي على رسوله الكريم
وعلى عبده المسيح الموعود
خدا کے فضل اور رحم کے ساتھ
هو الناصر

16 Gressenhall Road
Southfields, London
SW18 5QL, UK

ପ୍ରାପ୍ତେଷୁ

ସମ୍ମାନାସ୍ପଦ ଶ୍ରୀଯୁକ୍ତ ବେଞ୍ଜାମିନ୍ ନେତନ୍ୟାହୁ **26 ଫେବୃଆରୀ 2012**

ମାନ୍ୟବର ପ୍ରଧାନମନ୍ତ୍ରୀ, ଇସ୍ରାଇଲ

ଜେରୁଜେଲମ୍

ଶ୍ରଦ୍ଧେୟ ପ୍ରଧାନମନ୍ତ୍ରୀ,

ମୁଁ ଅଳ୍ପଦିନ ପୂର୍ବେ ଇସ୍ରାଇଲର ରାଷ୍ଟ୍ରପତି ମାନ୍ୟବର ସାଇମନ ପେରେସ୍‌ଙ୍କ ନିକଟକୁ ପତ୍ର ଲେଖି ପୃଥିବୀର ଭୟାବହ ପରିସ୍ଥିତି ସଂପର୍କରେ ଅବଗତ କରାଇଥିଲି । ପରିବେଶରେ ଦ୍ରୁତ ପରିବର୍ତ୍ତନ ଘଟୁଥିବା ପରିପ୍ରେକ୍ଷୀରେ ମୋର ବାର୍ତ୍ତା ଆପଣଙ୍କ ନିକଟରେ ପହଞ୍ଚାଇବା ଜରୁରୀ ମନେ କଲି, କାରଣ ଆପଣ ଦେଶର ପ୍ରାଶାସନିକ ମୁଖ୍ୟ ଭାବରେ ଦେଶକୁ ପରିଚାଳନା କରୁଛନ୍ତି ।

ଆପଣଙ୍କ ଦେଶର ଇତିହାସରେ ଅବତାରଙ୍କ ଆବିର୍ଭାବ ଏବଂ ଐଶ୍ୱରିକ ପ୍ରବର୍ତ୍ତନର ମହିମାରେ ପରିପୂର୍ଣ୍ଣ ହୋଇ ରହିଥିବାର ଦେଖିବାକୁ ମିଳେ । ଇସ୍ରାଇଲୀୟ ସନ୍ତାନଙ୍କ ଅବତାରଗଣ ଆପଣଙ୍କ ଜାତିର ଭବିଷ୍ୟତ ସଂବନ୍ଧରେ ଅତି ସୁସ୍ପଷ୍ଟ ଭାଷାରେ ଭବିଷ୍ୟତବାଣୀ ପ୍ରଦାନ କରିଛନ୍ତି । ସେହି ଅବତାରମାନଙ୍କ ଶିକ୍ଷାକୁ ଅବମାନନା କରିବା ଏବଂ ସେମାନଙ୍କ ଭବିଷ୍ୟତବାଣୀ ପ୍ରତି ଅବହେଳା ପ୍ରଦର୍ଶନ କରିବା ଫଳରେ ସେମାନଙ୍କୁ ଅନେକ ଦୁଃଖ ଦୁର୍ଦ୍ଦଶା ଭୋଗ କରିବାକୁ ପଡିଥିଲା । ଯଦି ଆପଣଙ୍କ ଜାତିର ଲୋକ ପ୍ରତିନିଧି ଏବଂ ନେତୃଗଣ ସେହି ଅବତାରଙ୍କ ପ୍ରତି ଦୃଢତା ସହକାରେ ଆଜ୍ଞାନୁବର୍ତ୍ତୀ ହୋଇ ରହିଥାନ୍ତେ, ତା'ହେଲେ ଯାବତୀୟ କ୍ଳେଶ ଓ ଯାତନାରୁ ରକ୍ଷାପାଇ ପାରିଥାନ୍ତେ । ଏହି ଦୃଷ୍ଟିରୁ ଅନ୍ୟମାନଙ୍କ ଅପେକ୍ଷା ଆପଣ ଅଧିକ ଯତ୍ନଶୀଳ ହୋଇ ସେହିସବୁ ଭବିଷ୍ୟତବାଣୀ ଏବଂ ନିର୍ଦ୍ଦେଶ ପାଳନ କରିବା ଆପଣଙ୍କ ପରମ କର୍ତ୍ତବ୍ୟ ହେବା ଉଚିତ ।

ପ୍ରତିଶ୍ରୁତ ମସିହ ଏବଂ ଇମାମ ମହଦୀ(ତାଙ୍କ ପ୍ରତି ଶାନ୍ତି ବିରାଜିତ ହେଉ)ଙ୍କର ଖଲିଫା ଭାବରେ ମୁଁ ଆପଣଙ୍କୁ ସମ୍ବୋଧନ କରୁଛି ଯେ ଦିବ୍ୟ ଅବତାର ମୁହମ୍ମଦ(ତାଙ୍କ ପ୍ରତି ଶାନ୍ତି ବିରାଜିତ ହେଉ)ଙ୍କ ଜଣେ ଅନୁରକ୍ତ ଦାସ ରୂପେ ବର୍ତ୍ତମାନ ଯୁଗରେ ସେ ପ୍ରେରିତ

ହୋଇଛନ୍ତି । ପୁଣ୍ୟାବତାର ମୁହମ୍ମଦ ଇସ୍ରାଇଲୀୟ ସନ୍ତାନଙ୍କ ଗହଣରେ ଅବତାର ମୋସେସ୍(ତାଙ୍କ ପ୍ରତି ଶାନ୍ତି ବିରାଜିତ ହେଉ)ଙ୍କ ସାଦୃଶ୍ୟ ରକ୍ଷା କରି ସମଗ୍ର ମାନବଜାତି ପାଇଁ କରୁଣାର ଆଧାର ହୋଇ ଆବିର୍ଭୂତ ହୋଇଥିଲେ(ଡିଉଟ୍:୧୮:୧୮) । ସୁତରାଂ ପ୍ରଭୁଙ୍କ ବାର୍ତ୍ତା ଆପଣଙ୍କ ନିକଟରେ ପହଞ୍ଚାଇଦେବା ମୋର କର୍ତ୍ତବ୍ୟ । ଯେଉଁମାନେ ପ୍ରଭୁଙ୍କ ବାଣୀକୁ କର୍ଣ୍ଣପାତ କରନ୍ତି, ଆପଣ ସେମାନଙ୍କ ମଧ୍ୟରେ ପରିଗଣିତ ହେବେ ବୋଲି ମୋର ଆଶା । ସେହି ପଥରେ ଯେଉଁମାନେ ପରିଚାଳିତ ହେବାରେ ସଫଳତା ହାସଲ କରନ୍ତି ଆପଣ ସେହି ପଥ ଅନୁସରଣ କରନ୍ତୁ, କାରଣ ସେହି ପଥ ଆକାଶ ଓ ପୃଥିବୀର ଅଧିଶ୍ୱରଙ୍କ ନିର୍ଦ୍ଦେଶିତ ପଥ ।

ସଂପ୍ରତି ବିଭିନ୍ନ ସମ୍ବାଦପତ୍ରରେ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡେ ଯେ ଆପଣ ଇରାକ ଉପରେ ଆକ୍ରମଣ କରିବାକୁ ପ୍ରସ୍ତୁତ ହେଉଛନ୍ତି ଅର୍ଥାତ ଆଉ ଏକ ବିଶ୍ୱଯୁଦ୍ଧର ଘନଛାୟା ଆପଣଙ୍କ ଉପରେ ଘେରି ରହିଛି । ପୂର୍ବବର୍ତ୍ତୀ ବିଶ୍ୱଯୁଦ୍ଧରେ ମୃତ୍ୟୁବରଣ କରିଥିବା କୋଟି କୋଟି ଲୋକଙ୍କ ମଧ୍ୟରେ ଶତ ସହସ୍ର ଇହୁଦୀମାନଙ୍କ ଅମୂଲ୍ୟ ଜୀବନ ମଧ୍ୟ ନଷ୍ଟ ହୋଇଥିଲା । ପ୍ରଧାନମନ୍ତ୍ରୀ ଭାବରେ ଇସ୍ରାଇଲବାସୀଙ୍କ ଜୀବନ ରକ୍ଷା କରିବା ଆପଣଙ୍କର ଦାୟିତ୍ୱ । ପୃଥିବୀରେ ଉପୁଜୁଥିବା ସାଂପ୍ରତିକ ପରିସ୍ଥିତି ଆମକୁ ସୂଚାଉଛି ଯେ ବିଶ୍ୱଯୁଦ୍ଧ କେବଳ ଦୁଇଟି ଦେଶ ମଧ୍ୟରେ ସୀମିତ ହେବ ନାହିଁ । ଏହି ଆସନ୍ନ ସାଂଘାତିକ ବିପଦରୁ ମୁସଲିମ, ଖ୍ରୀଷ୍ଟାୟାନ ଏବଂ ଇହୁଦୀ କେହି ବର୍ତ୍ତିପାରବେ ନାହିଁ । ଯଦି ଯୁଦ୍ଧ ଆରମ୍ଭ ହେଇଯାଏ, ତା'ହେଲେ ଏହାର କୁପରିଣାମ ସ୍ୱରୂପ ବାରମ୍ବାର ଜୀବନ ଧ୍ୱଂସର ତାଣ୍ଡବ ଲୀଳା ଲାଗିରହିବ । ଏହାର ଭୟଙ୍କର ପ୍ରଭାବ ଭବିଷ୍ୟତ ବଂଶଧରଙ୍କ ଉପରେ ମଧ୍ୟ ପଡିବ, ସେମାନେ ବିକଳାଙ୍ଗ ଏବଂ ଭିନ୍ନକ୍ଷମ ହୋଇ ଜନ୍ମ ହେବେ, କାରଣ ଆଗାମୀ ଯୁଦ୍ଧରେ ପରମାଣୁ ଅସ୍ତ୍ରର ପ୍ରୟୋଗ କରାଯିବ ।

ସୁତରାଂ ମୋର ଆପଣଙ୍କୁ ଅନୁରୋଧ ଯେ ପୃଥିବୀ ଏକ ବିଶ୍ୱଯୁଦ୍ଧ ଆଡକୁ ଅଗ୍ରସର ହେବା ପୂର୍ବରୁ ଏହାକୁ ବିଶ୍ୱବ୍ୟାପି ବିନାଶଲୀଳାର କବଳରୁ ରକ୍ଷା କରିବା ପାଇଁ ଆପଣ ଯଥାସାଧ୍ୟ ଉଦ୍ୟମ କରନ୍ତୁ । ବଳପ୍ରୟୋଗ ଦ୍ୱାରା ବିବାଦର ସମାଧାନ ନ କରି ଆପଣ ଆପୋଷ ବାର୍ତ୍ତାଳାପ ମାଧ୍ୟମରେ ଏହାର ମୀମାଂସା କରିବା ଉଚିତ, ଯଦ୍ୱାରା ଆମେ ଆମର ଆଗାମୀ ବଂଶଧରମାନଙ୍କୁ ଏକ ଉଜ୍ଜ୍ୱଳ ଭବିଷ୍ୟତର ଉପହାର ଦେଇପାରିବା । ଅନ୍ୟଥା ଏହି'ଉପହାର'ସେମାନଙ୍କୁ ପଙ୍ଗୁ, ଅଥର୍ବ ଏବଂ ଅଙ୍ଗହୀନ ଆକାରରେ ମିଳିବ ।

ପୁନଶ୍ଚ ଆପଣଙ୍କ ଧର୍ମର ଶିକ୍ଷାକୁ ଉଦ୍ଧାର କରି ମୁଁ ଏଠାରେ ନିଜର ମତାମତ ଉଲ୍ଲେଖ କରିବି ।

ପ୍ରଥମେ 'ଜବୁର୍' ଧର୍ମଗ୍ରନ୍ଥରୁ କିଛି ଉଲ୍ଲେଖ କରୁଛି:

'ଭ୍ରଷ୍ଟାଚାରୀଙ୍କ ଯୋଗୁଁ ତୁମେ ଉଦ୍‌ବିଗ୍ନ ହୁଅ ନାହିଁ । ଭୁଲ କରୁଥିବା ବ୍ୟକ୍ତିଙ୍କ ପ୍ରତି ଇର୍ଷା

କରନାହିଁ । କାରଣ ସେମାନେ ଘାସ ପରି ଶୀଘ୍ର ମଉଳିଯିବେ ଓ ସବୁଜ ଗଛ ପରି ଶୀଘ୍ର ମୃତବତ୍ ହୋଇଯିବେ । ପ୍ରଭୁଙ୍କ ଉପରେ ଭରସା ରଖ ଓ ପୁଣ୍ୟ କର । ଦେଶରେ ସ୍ୱାଧୀନ ଭାବେ ବାସ କର ଓ ନିରାପଦ ତୃଣଭୂମିକୁ ଉପଭୋଗ କର । ପ୍ରଭୁଙ୍କ ଠାରେ ମଧ୍ୟ ଆପଣାକୁ ପ୍ରସନ୍ନଚିତ୍ତ କରି ରଖ ଓ ସେ ତୁମର ମନସ୍କାମନା ପୂରଣ କରିବେ । ଆପଣାପଥ ପ୍ରଭୁଙ୍କ ପାଇଁ ଉତ୍ସର୍ଗ କର । ତାହାଙ୍କ ଠାରେ ଆସ୍ଥା ରଖ, ସେ ସବୁକିଛି କରିବେ । ସେ ତୁମର ସଦାଚରଣକୁ ଉଷାର କିରଣ ସଦୃଶ ଓ ନ୍ୟାୟଶୀଳ ଆଚରଣକୁ ମଧ୍ୟାହ୍ନର ଖରା ପରି ଆଲୋକିତ କରିବେ । ଆପଣା ପ୍ରଭୁଙ୍କ ସମ୍ମୁଖରେ ଚୁପଚାପ ଦଣ୍ଡାୟମାନ ହୋଇ ରୁହ ଏବଂ ଧୈର୍ଯ୍ୟର ସହିତ ତାଙ୍କ ପ୍ରତୀକ୍ଷାରେ ରୁହ । ଯଦି କେହି ଆପଣା ମାର୍ଗରେ ସଫଳତା ଲାଭ କରେ ଏବଂ ଆପଣାର ହୀନ ଯୋଜନାକୁ ପୂର୍ଣ୍ଣ ମାତ୍ରାରେ କାର୍ଯ୍ୟକାରୀ କରେ, ତା'ହେଲେ ତୁମେ ସେପରି ହୁଅ ନାହିଁ । କ୍ରୋଧରୁ ବଞ୍ଚିତ ହୁଅ ଏବଂ ଅତିଶୟ କୋପ ପରିତ୍ୟାଗ କର । ବିରକ୍ତି ଏବଂ ତିକ୍ତତା ପ୍ରକାଶ କଲେ ତାହା ତୁମକୁ ମନ୍ଦକାର୍ଯ୍ୟ କରାଇବ। ଦୁଷ୍କର୍ମ କରୁଥିବା ବ୍ୟକ୍ତିଙ୍କୁ କାଟି ଦିଆଯିବ, କିନ୍ତୁ ଯେଉଁ ବ୍ୟକ୍ତି ପ୍ରଭୁଭକ୍ତ ଏବଂ ଈଶ୍ୱରବିଶ୍ୱାସୀ ସେ ଭୂପୃଷ୍ଠର ଅଧିବାସୀ ହେବେ । କିଛି ସମୟ ବାକି ଅଛି ପୁଣି ଦୁଷ୍ଟମାନେ ରହିବେ ନାହିଁ । ତୁମେ ସେମାନଙ୍କୁ ଖୋଜିଲେ ବି ପାଇବ ନାହିଁ । କିନ୍ତୁ ବିନୟୀମାନେ ଭୂପୃଷ୍ଠରେ ବାସ କରିବେ ଏବଂ ଅତି ନିଶ୍ଚିନ୍ତ ଭାବରେ ଜୀବନ ଯାପନ କରିବେ ।

(ଜବୁର୍,Ch-37, Vs 1-II)

ସେହିପରି 'ତୋରାହ୍' ଧର୍ମଗ୍ରନ୍ଥରେ ଲେଖାଅଛି:

"ତୁମେ ଆପଣାର ଥଳି ମଧ୍ୟରେ ଏମିତି ବସ୍ତୁ ରଖ ନାହିଁ, ଯହିଁରେ ଗୋଟିଏ ଓଜନିଆ ଓ ଅନ୍ୟଟି ହାଲୁକା ହୋଇଥିବ । ତୁମେ ନିଜ ଗୃହରେ ଗୋଟିଏ ପ୍ରକାରର ଦୁଇଟି ବସ୍ତୁ ରଖ ନାହିଁ, ଯାହାର ମାପରେ ତାରତମ୍ୟ ରହିଥିବ । ମାତ୍ର ସଠିକ ଓ ନ୍ୟାୟୋଚିତ ଓଜନ ଏବଂ ସଠିକ ଓ ନ୍ୟାୟୋଚିତ ମାପ କରିବା ଦ୍ୱାରା ଏହି ଦେଶରେ ଯାହା ପ୍ରଭୁ ତୁମକୁ ଦେଇଛନ୍ତି, ତାହା ଦୀର୍ଘସ୍ଥାୟୀ ହୋଇ ରହିବ, କାରଣ ଯେଉଁମାନେ ପ୍ରତାରଣା କରି କାର୍ଯ୍ୟ ହାସଲ କରନ୍ତି, ତୁମ୍ଭ ପ୍ରଭୁଙ୍କ ଦୃଷ୍ଟିରେ ସେମାନେ ଘୃଣ୍ୟ ବ୍ୟକ୍ତି ଅଟନ୍ତି ।"

(ତୋରାହ, ଡିଉଟ୍ Ch-25, Vs 13-16)

ସୁତରାଂ ବିଶ୍ୱର ପ୍ରମୁଖ ନେତା ଓ ବିଶେଷଜ୍ଞମାନଙ୍କୁ କହୁଛି ଯେ ଆପଣ ବଳପୂର୍ବକ ଅନ୍ୟ ଉପରେ ଶାସନ କରିବା ଏବଂ ଦୁର୍ବଳମାନଙ୍କୁ ଦମନ କରିବା ନୀତିକୁ ପରିହାର କରିବା ଉଚିତ । ତାହା ପରିବର୍ତ୍ତେ ନ୍ୟାୟ ଏବଂ ଶାନ୍ତିର ପ୍ରସାର ଏବଂ ଏହାର ଅଗ୍ରଗତିକୁ ପ୍ରୋତ୍ସାହିତ କରିବାରେ ନିମନ୍ତିତ ହେବା ଉଚିତ । ଏପରି କରିବା ଫଳରେ ଆପଣ ନିଜେ ପୃଥିବୀରେ ଶାନ୍ତି ପ୍ରତିଷ୍ଠା କରିପାରିବ ।

ମୁଁ ଇଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛି ଯେ ଆପଣଙ୍କ ସମେତ ସବୁ ବିଶ୍ୱନେତାଙ୍କୁ ମୋର ସନ୍ଦେଶ ବୁଝିବା ପାଇଁ ଅଲ୍ଲାଃ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆପଣ ନିଜ ସ୍ଥାନ ଓ ପଦ ମର୍ଯ୍ୟାଦାକୁ ବୁଝନ୍ତୁ ଏବଂ ନିଜ ଦାୟିତ୍ୱ ପୂରଣ କରନ୍ତୁ ।

ଆପଣଙ୍କ ଶୁଭାକାଙ୍କ୍ଷୀ

ମିର୍ଜା ମସରୁର୍ ଅହମଦ୍
ଖଲିଫତୁଲ୍ ମସିହ-ପଞ୍ଚମ
ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂପ୍ରଦାୟର ମୁଖ୍ୟ

# ଇସଲାମୀୟ ଗଣତନ୍ତ୍ର ରାଷ୍ଟ୍ର-ଇରାନର
# ରାଷ୍ଟ୍ରପତିଙ୍କ ନିକଟକୁ ପତ୍ର

MIRZA MASROOR AHMAD
HEAD OF THE AHMADIYYA COMMUNITY
IN ISLAM

بسم الله الرحمن الرحيم
نحمده و نصلي على رسوله الكريم
وعلى عبده المسيح الموعود
خدا کے فضل اور رحم کے ساتھ
هو الناصر

16 Gressenhall Road
Southfields, London
SW18 5QL, UK

ପ୍ରାପ୍ତେଷୁ

His Excellency
President of the Islamic Republic of Iran
ମାହମୁଦ ଅହମଦିନେଜାଦ୍
ତେହେରାନ୍

ଶ୍ରଦ୍ଧେୟ ରାଷ୍ଟ୍ରପତି ମହୋଦୟ, **7 ମାର୍ଚ୍ଚ 2012**

ଅସ୍‌ସଲାମୋ ଆଲେକୁମ୍ ଓ୍ୱ ରହମତୁଲ୍ଲାହେ ଓ୍ୱ ବରକାତୋହୁ

ପୃଥିବୀରେ ଅନୁଭୂତ ହେଉଥିବା ସାଂଘାତିକ ବିପଦସଂକୁଳ ଅବସ୍ଥା ମୋତେ ବାଧ୍ୟ କରିଛି ଆପଣଙ୍କ ଉଦ୍ଦେଶ୍ୟରେ ଏହି ପତ୍ର ଲେଖିବା ପାଇଁ । ଆପଣ ଇରାନର ରାଷ୍ଟ୍ରପତି ପଦଭାର ସମ୍ଭାଳିଥିବା ଦୃଷ୍ଟିରୁ କେବଳ ନିଜ ଦେଶର ଭବିଷ୍ୟତ ପାଇଁ ନୁହେଁ, ବରଂ ସମଗ୍ର ପୃଥିବୀର ହିତ ସକାଶେ ଯେକୌଣସି ନିଷ୍ପତ୍ତି ଗ୍ରହଣ କରିବାର ସଂପୂର୍ଣ୍ଣ କର୍ତ୍ତୃତ୍ୱ ଆପଣଙ୍କର ରହିଛି । ବର୍ତ୍ତମାନ ସମଗ୍ର ପୃଥିବୀରେ ପ୍ରବଳ ଉତ୍ତେଜନା ଏବଂ ଅଶାନ୍ତି ଦେଖାଦେଇଛି । କେତେକ ଅଂଚଳରେ ଛୋଟ ଧରଣର ଯୁଦ୍ଧ ଚାଲିଛି ତ ଆଉ କେତେକ ଅଂଚଳରେ ବୃହଦାକାରେ । ଶକ୍ତିଶାଳୀ ରାଷ୍ଟ୍ରଗୁଡିକ ଶାନ୍ତି ରକ୍ଷାର୍ଥେ ଚଳାଇଥିବା ବାହାନା କରି ନିଜ ଶକ୍ତି ପ୍ରୟୋଗ କରିବାରେ ବ୍ୟସ୍ତ ଅଛନ୍ତି । ପୁଣି ଗୋଟିଏ ଦେଶ ଅନ୍ୟ ଦେଶକୁ ସାହାଯ୍ୟ ସମର୍ଥନ କରିବାରେ ଜଡିତ ଥିବାବେଳେ ଅନ୍ୟତ୍ର ବିରୋଧ କରିବାରେ ଲାଗିଛି । ଫଳରେ ନ୍ୟାୟ ପ୍ରଦାନ ପଥଚ୍ୟୁତ ହେଉଛି ଏବଂ ଏହାର ମୌଳିକ ଆବଶ୍ୟକତା କେଉଁଠି ହେଲେ ପୂରଣ ହୋଇପାରୁ ନାହିଁ । ଅତି ଦୁଃଖର ସହ ମୋତେ କହିବାକୁ ପଡୁଛି ଯେ ଯଦି ଆମେ ପୃଥିବୀର ସାଂପ୍ରତିକ ପରିସ୍ଥିତିକୁ ଅନୁଧ୍ୟାନ କରିବା ତା'ହେଲେ ଜାଣିପାରିବା ଯେ ଆଉ ଏକ ବିଶ୍ୱଯୁଦ୍ଧର ମୂଳଦୂଆ କେବେ ଠାରୁ ପଡିସାରିଛି । ପୃଥିବୀର ଅନେକ ଛୋଟ ବଡ ଦେଶ ନିକଟରେ ପରମାଣୁ ଅସ୍ତ୍ର ଗଚ୍ଛିତ ଅଛି । ସେମାନଙ୍କ ମଧ୍ୟରେ ଆକ୍ରୋଶ, ଶତ୍ରୁତା ଦିନକୁ ଦିନ ବୃଦ୍ଧି ପାଉଛି । ଏଭଳି ଶଙ୍କାକୁଳ ଅବସ୍ଥାରେ ଆମକୁ 'ତୃତୀୟ ବିଶ୍ୱଯୁଦ୍ଧ'ର ଘନଘଟା ବାଦଲ ଚତୁର୍ଦ୍ଦିଗରେ ଘେରି ହୋଇ ରହିଥିବା ପରିଷ୍କାର ଦେଖାଯାଉଛି । ଆମେ ଜାଣିଛେ ଯେ ତୃତୀୟ ବିଶ୍ୱଯୁଦ୍ଧ ଏକ ପରମାଣୁ ଯୁଦ୍ଧର ରୂପ ଧାରଣ କରିବ । ଚରମ ପରିଣତି

ସ୍ୱରୁପ ଏହା ଏକ ଭୟଙ୍କର ବିନାଶଲୀଳା ରଚନା କରିବ, ଯାହା ଦୀର୍ଘ ସମୟ ପର୍ଯ୍ୟନ୍ତ କୁପ୍ରଭାବ ପକାଇବ । ଫଳତଃ ଆମର ଭବିଷ୍ୟତ ବଂଶଧର ଶାରୀରିକ ବିକଳାଙ୍ଗ ଏବଂ ଅକର୍ମଣ୍ୟ ହୋଇ ଜନ୍ମ ହେବ ।

ମୋର ବିଶ୍ୱାସ ଯେ ଆମେ ଯେଉଁ ପବିତ୍ରତମ ଅବତାର ମୁହମ୍ମଦଂ ଙ୍କ ଅନୁଗାମୀ ହେବାର ଦାବି କରୁଛେ ସେ ପୃଥିବୀରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ପ୍ରେରିତ ହୋଇଥିଲେ ଏବଂ 'ରହମତୁଲ୍ ଲିଲ୍ ଆଲମୀନ' ଅର୍ଥାତ୍ ସମଗ୍ର ମାନବ ଜାତି ପାଇଁ କରୁଣାର ଉତ୍ସ ହୋଇ ଆବିର୍ଭୁତ ହୋଇଥିଲେ । ତାଙ୍କର ଦାୟାଦ ହୋଇ ଆମେ କଦାପି ଇଚ୍ଛା କରି ପାରିବା ନାହିଁ ଯେ ପୃଥିବୀର ଲୋକେ ଏପରି ଦୁର୍ଦ୍ଦଶା ଓ ଦୟନୀୟ ସ୍ଥିତି ଭୋଗ କରନ୍ତୁ । ଏହି ଦୁର୍ଭାଗ୍ୟପୂର୍ଣ୍ଣ କଷାଘାତକୁ ଦେଖି ଆମେ କେବେବି ବରଦାସ୍ତ କରିପାରିବା ନାହିଁ । ସେଥିପାଇଁ ଆପଣଙ୍କୁ ମୋର ଅନୁରୋଧ ଯେ ଇରାନ ବିଶ୍ୱର ଏକ ପ୍ରମୁଖ କ୍ଷମତାଶାଳୀ ରାଷ୍ଟ୍ର ହୋଇଥିବା ଦୃଷ୍ଟିରୁ ତୃତୀୟ ବିଶ୍ୱଯୁଦ୍ଧକୁ ପ୍ରତିରୋଧ କରିବା ପାଇଁ ଉଲ୍ଲେଖଯୋଗ୍ୟ ଭୂମିକା ଗ୍ରହଣ କରୁ । ଏହି ସତ୍ୟକୁ ତିଳେ ହେଲେ ଅସ୍ୱୀକାର କରାଯାଇ ପାରିବ ନାହିଁ ଯେ ମହାଶକ୍ତିଶାଳୀ ଦେଶଗୁଡିକ ଦୋମୁହାଁ ନୀତି ଅବଲମ୍ବନ କରୁଛନ୍ତି । ସେମାନଙ୍କର ଅନ୍ୟାୟ ମୂଳକ ପଦକ୍ଷେପ ଯୋଗୁଁ ପୃଥିବୀସାରା ଅସ୍ଥିରତା ଏବଂ ବିଶୃଙ୍ଖଳା ବ୍ୟାପି ଯାଇଛି । ତେବେ ଏହା ମଧ୍ୟ ସତ୍ୟ ଯେ କେତେକ ମୁସଲିମ ଗୋଷ୍ଠୀ ଇସଲାମର ଶିକ୍ଷାକୁ ଅମାନ୍ୟ କରି ଅନୁଚିତ କାର୍ଯ୍ୟ କରୁଛନ୍ତି । ସେମାନଙ୍କର ଏହି କାର୍ଯ୍ୟକୁ ଆଳ କରି ବିଶ୍ୱର ବୃହତ ଶକ୍ତିଗୁଡିକ ନିଜର ହୀନ ସ୍ୱାର୍ଥକୁ ଚରିତାର୍ଥ କରିବା ପଇଁ ଗରିବ ମୁସଲିମ ରାଷ୍ଟ୍ର ଗୁଡିକ ଠାରୁ ଫାଇଦା ଉଠାଉଛନ୍ତି । ସୁତରାଂ ମୁଁ ପୁନର୍ବାର ଆପଣଙ୍କୁ ଅନୁରୋଧ କରୁଛି ଯେ ତୃତୀୟ ବିଶ୍ୱଯୁଦ୍ଧରୁ ପୃଥିବୀକୁ ରକ୍ଷା କରିବା ଦିଗରେ ଆପଣ ନିଜର ସମସ୍ତ ଉଦ୍ୟମ ଏବଂ ସାମର୍ଥ୍ୟକୁ କେନ୍ଦ୍ରିତ କରନ୍ତୁ । ମୁସଲିମମାନଙ୍କୁ ପବିତ୍ର କୋରାନ ଏହି ଶିକ୍ଷା ପ୍ରଦାନ କରେ ଯେ କୌଣସି ଦେଶ ବିରୁଦ୍ଧରେ ଶତ୍ରୁତା ଆଚରଣ କରିବା ସେମାନଙ୍କୁ ନ୍ୟାୟ ପଥରୁ ବିଚ୍ୟୁତ ନ କରୁ । ସୁତରାଂ 'ସୁରା ଅଲ୍ ମାଏଦା' ରେ ଅଲ୍ଲାଃ ଆମକୁ ଏହିପରି ନିର୍ଦ୍ଦେଶ ଦେଇଛନ୍ତି ।

> **ଏବଂ କୌଣସି ସଂପ୍ରଦାୟ ପ୍ରତି ତୁମର ଶତ୍ରୁତା ଏଥିଯୋଗୁଁ ନ ହେଉ ଯେ ସେମାନେ ତୁମକୁ ପବିତ୍ର ମସଜିଦରେ ପ୍ରବେଶ କରିବାକୁ ପ୍ରତିରୋଧ କରିଥିଲେ, ତେଣୁ ଉତ୍ତେଜିତ ହୋଇ ସୀମାଲଂଘନ କାର୍ଯ୍ୟ କରନାହିଁ । ଏବଂ ତୁମେମାନେ ନୈତିକ ଓ ଧର୍ମପର କାର୍ଯ୍ୟରେ ପରସ୍ପରକୁ ସାହାଯ୍ୟ କର । ଏବଂ କୌଣସି ପାପ କାର୍ଯ୍ୟ ଏବଂ ଧର୍ମ ଉଲଂଘନ ବିଷୟରେ ପରସ୍ପରକୁ ସାହାଯ୍ୟ କର ନାହିଁ । ଏବଂ ଅଲ୍ଲାଃ ଶାସ୍ତି ପ୍ରଦାନ କରିବାରେ କଠୋର । (ଅଲ୍-ମାଏଦା:3)**

ସେହିପରି ଏହି ଅଧ୍ୟାୟରେ ଅନ୍ୟତ୍ର ମୁସଲିମମାନଙ୍କ ପ୍ରତି ଅଲ୍ଲାଙ୍କର ଅନୁରୂପ ଆଦେଶ ଅଛି:

**ହେ ବିଶ୍ୱାସକାରୀମାନେ ! ତୁମେମାନେ ନ୍ୟାୟସଂଗତ ଭାବରେ ଏବଂ ନିରପେକ୍ଷ ହୋଇ ସାକ୍ଷ୍ୟ ପ୍ରଦାନ କର ଏବଂ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ଦୃଢ ରୁହ ଏବଂ କୌଣସି ଧର୍ମର ଶତ୍ରୁତା ଏବଂ ସାଂପ୍ରଦାୟିକ ତିକ୍ତତା ତୁମମାନଙ୍କୁ ପ୍ରକୃତ ନ୍ୟାୟ ପଥରୁ ବଚ୍ୟୁତ ନ କରୁ ଏବଂ ନ୍ୟାୟକୁ ତ୍ୟାଗ କରି ଅନ୍ୟଥା କରିବାକୁ କଦାପି ନ ପ୍ରବର୍ତ୍ତାଉ । ପରନ୍ତୁ ତୁମେମାନେ ସକଳ ପ୍ରାଣୀ ସହିତ ନ୍ୟାୟ କର, ଏହା ହିଁ ତୁମକୁ ଧର୍ମଭୀରୁତାର ଅଧିକ ନିକଟବର୍ତ୍ତୀ କରାଇବ । ଏବଂ ଅଲ୍ଲାଃଙ୍କୁ ଭୟ କର । ତୁମେମାନେ ଯାହା କରୁଅଛ, ବାସ୍ତବରେ ଅଲ୍ଲାଃ ସେ ବିଷୟରେ ଜାଣନ୍ତି । (ଅଲ୍-ମାଏଦା ୨)**

ସୁତରାଂ କେବଳ ଶତ୍ରୁତା ଓ ଘୃଣା ଯୋଗୁଁ ଆପଣ ଅନ୍ୟ ଦେଶକୁ ବିରୋଧ କରନ୍ତୁ ନାହିଁ । ମୁଁ ମାନୁଛି ଯେ ଇସ୍ରାଇଲ ନିଜ ସୀମା ଲଂଘନ କରିଛି ଏବଂ ଇରାନ ଉପରେ ନିଜର କୁଦୃଷ୍ଟି ନିବଦ୍ଧ କରିଛି । ବାସ୍ତବରେ ଯଦି କୌଣସି ଦେଶ ତୁମ ଦେଶ ଉପରେ ଉଲଂଘନୀୟ କାର୍ଯ୍ୟ କରୁଛି, ତା' ବିରୁଦ୍ଧରେ ସ୍ୱର ଉତ୍ତୋଳନ କର ନିଜ ପାଇଁ ପ୍ରତିରକ୍ଷାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ତୁମର ଅଧିକାର ଅଛି । ତେବେ ଯେତେଦୂର ସମ୍ଭବ ବିବାଦମୂଳକ ବିଷୟକୁ ପାରସ୍ପରିକ ବୁଝାମଣା ଏବଂ କଥାବାର୍ତ୍ତା ମାଧ୍ୟମରେ ସମାଧାନ କରାଯାଇପାରିବ । ମୋର ବିନୀତ ଅନୁରୋଧ ବଳପ୍ରୟୋଗ ନ କରି ପାରସ୍ପରିକ ଦ୍ୱନ୍ଦ୍ୱକୁ ଦୂର କରିବାକୁ ଚେଷ୍ଟା କରନ୍ତୁ । ମୁଁ ଅନୁରୋଧ ଜଣାଇବାର କାରଣ ହେଉଛି, ଏହି ଯୁଗରେ ଦିବ୍ୟ ବାର୍ତ୍ତାବହ ମୁହମ୍ମଦଙ୍କର ସତ୍ୟାନୁରକ୍ତ ଦାସ ହୋଇ ଆସିଥିବା ପ୍ରତିଶ୍ରୁତ ମସିହ ଏବଂ ଇମାମ ମହଦୀଙ୍କର ମୁଁ ଜଣେ ଅନୁଗାମୀ । ମାନବଜାତିକୁ ବିଶ୍ୱ ନିୟନ୍ତା ଅଲ୍ଲାଃଙ୍କ ନିକଟବର୍ତ୍ତୀ କରାଇବା ଏବଂ ମାନବାଧିକାରକୁ ଠିକ ସେହି ଉପାୟରେ ସ୍ଥାପନ କରିବା ଯେଉଁ ମାର୍ଗ ଆମ୍ଭମାନଙ୍କ ପଥପ୍ରଦର୍ଶକ ଏବଂ ରହମତୁଲ୍ ଲିଲ୍ ଆଲମୀନ୍ (ମାନବ ସମାଜ ପାଇଁ କରୁଣାର ଉତ୍ସ) ଦିବ୍ୟ ଅବତାର ମୁହମ୍ମଦଂ ଆମକୁ ଦେଖାଇ ଯାଇଛନ୍ତି । ମୁସଲିମ୍ ଉମ୍ମତ୍(ସଂପ୍ରଦାୟ)କୁ ଏହି ଅନୁପମ ଶିକ୍ଷା ବୁଝିବା ପାଇଁ ଅଲ୍ଲାଃ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ଓସ୍ସଲାମ୍

ଆପଣଙ୍କ ଶୁଭକାଙ୍କ୍ଷୀ



ମିର୍ଜା ମସରୁର୍ ଅହମଦ୍

ଖଲିଫତୁଲ୍ ମସିହ-ପଞ୍ଚମ

ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂପ୍ରଦାୟର ମୁଖ୍ୟ

# ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତିଙ୍କ ନିକଟକୁ ପତ୍ର

بسم الله الرحمن الرحيم
نحمده و نصلي على رسوله الكريم
وعلى عبده المسيح الموعود
خدا کے فضل اور رحم کے ساتھ
هو الناصر

MIRZA MASROOR AHMAD
HEAD OF THE AHMADIYYA COMMUNITY
IN ISLAM

16 Gressenhall Road
Southfields, London
SW18 5QL, UK

ପ୍ରାପ୍ତେଷୁ

ପ୍ରେସିଡେଣ୍ଟ ବାରାକ୍ ଓବାମା **8 ମାର୍ଚ୍ଚ 2012**
ମାନ୍ୟବର ରାଷ୍ଟ୍ରପତି, ଯୁକ୍ତରାଷ୍ଟ୍ର ଆମେରିକା
ହ୍ୱାଇଟ୍ ହାଉସ୍
1600 ପେନସିଲ୍‌ଭାନୀୟା ଏଭିନ୍ୟୁ NW
ୱାସିଂଟନ୍ ଡି.ସି.

ରାଷ୍ଟ୍ରପତି ମହୋଦୟ,

ପୃଥିବୀରେ ଉପୁଜିଥିବା ବିଶୃଙ୍ଖଳିତ ଅବସ୍ଥା ଜନମାନସରେ ଏକ ଆଲୋଡନ ସୃଷ୍ଟି କରିଛି । ଏହି ପ୍ରସଂଗରେ ଆପଣଙ୍କ ଉଦ୍ଦେଶ୍ୟରେ ପତ୍ର ଲେଖିବାର ଇଚ୍ଛା ସେଥିଯୋଗୁଁ ଜାଗ୍ରତ ହେଲା ଯେ ଆପଣ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ରୂପେ ଅଧିଷ୍ଠିତ ହୋଇଛନ୍ତି । ବିଶ୍ୱର ସର୍ବବୃହତ ଶକ୍ତିଶାଳୀ ଦେଶର ସର୍ବୋଚ୍ଚ ଶାସନମୁଖ୍ୟ ଭାବରେ କୌଣସି ନିଷ୍ପତ୍ତି ଗ୍ରହଣ କରିବାକୁ ଅଖଣ୍ଡ କ୍ଷମତା ଧାରଣ କରିଛନ୍ତି । ଏହି କ୍ଷମତା କେବଳ ଆପଣଙ୍କ ଦେଶର ଭବିଷ୍ୟତ ରୂପରେଖ ନିର୍ଦ୍ଧାରଣ କରେ ନାହିଁ, ବରଂ ସମଗ୍ର ପୃଥିବୀରେ ସୁଦୂରପ୍ରସାରୀ ପ୍ରଭାବ ପକାଇଥାଏ ।

ଅଧୁନା ପୃଥିବୀରେ ତୀବ୍ର ଉତ୍ତେଜନା ଏବଂ ଅସ୍ଥିରତା ପ୍ରକାଶ ପାଇଛି । କେତେକ ନିର୍ଦ୍ଦିଷ୍ଟ ଅଂଚଳରେ ଛୋଟ ଛୋଟ ଯୁଦ୍ଧ ଆରମ୍ଭ ହେଲାଣି । ଦୁର୍ଭାଗ୍ୟବଶତଃ ଏପରି କଳହ ଓ ଦ୍ୱନ୍ଦ୍ୱ ପ୍ରବଣ ଅଂଚଳରେ ଶାନ୍ତି ରକ୍ଷା କରିବା ପାଇଁ ମହାଶକ୍ତି ଗୁଡିକ ଯେପରି ବଳିଷ୍ଠ ପଦକ୍ଷେପ ଗ୍ରହଣ କରିବାର ଆଶା କରାଯାଉଥିଲା, ସେମାନଙ୍କର ସେହି ଉଦ୍ୟମ ସଫଳ ହୋଇ ପାରିନାହିଁ । ବିଶ୍ୱସ୍ତରରେ ଆମେ ଏହା ଦେଖିବାକୁ ପାଉଛୁ ଯେ ପ୍ରତ୍ୟେକ ଦେଶ ଅନ୍ୟ ଦେଶକୁ ପୂର୍ଣ୍ଣତଃ ସାହାଯ୍ୟ ସମର୍ଥନ କରିବାରେ କେଉଁଠି ଲିପ୍ତ ଅଛି ତ ଅନ୍ୟତ୍ର କାହାକୁ ବିରୋଧ କରୁଛି । ମାତ୍ର ନ୍ୟାୟର ଅଭାବ ପୂରଣ ହୋଇ ପାରୁ ନାହିଁ । ପରିତାପର ବିଷୟ ଯେ ଆମେ ବିଶ୍ୱର ସାଂପ୍ରତିକ ପରିସ୍ଥିତିକୁ ଅନୁଧ୍ୟାନ କଲେ ଏହା ଜାଣିପାରିବା ଯେ ଅନ୍ୟ ଏକ ବିଶ୍ୱଯୁଦ୍ଧର ମୂଳଭିତ୍ତି କେବେଠାରୁ ପଡି ସାରିଛି । ବିଶ୍ୱର ଅନେକ ସାନ ବଡ ଦେଶ ନିକଟରେ ପରମାଣୁ ଅସ୍ତ୍ର ଗଚ୍ଛିତ ଅଛି । ସେମାନଙ୍କ ମଧ୍ୟରେ ଆକ୍ରୋଶ ଓ ଶତ୍ରୁତା ଦିନକୁ

ଦିନ ବୃଦ୍ଧି ପାଇବାରେ ଲାଗିଛି । ଏଭଳି ଶଙ୍କାକୁଳ ଅବସ୍ଥାରେ ତୃତୀୟ ବିଶ୍ୱଯୁଦ୍ଧ ଆମ ସମ୍ମୁଖରେ ଅତି ଭୟଙ୍କର ଭାବରେ ପ୍ରତୀୟମାନ ହେଉଛି । ଏହି ଯୁଦ୍ଧରେ ନିଶ୍ଚିତ ଭାବରେ ପରମାଣୁ ଯୁଦ୍ଧାସ୍ତ୍ରର ପ୍ରୟୋଗ କରାଯିବ । ସୁତରାଂ ପୃଥିବୀ ଏକ ଭୟାବହ ଧ୍ୱଂସଲୀଳା ଅଭିମୁଖେ ଗତି କରୁଥିବାର ଆମେ ସ୍ୱଚକ୍ଷୁରେ ଦେଖିବାକୁ ପାଉଛୁ । ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହେବା ପରେ ଯଦି ନ୍ୟାୟ ଏବଂ ସାମ୍ୟତାର ପଥ ଅନୁସରଣ କରାଯାଇଥାନ୍ତା, ତା'ହେଲେ ଆଜି ଆମେ ପୃଥିବୀର ଏପରି ପରିସ୍ଥିତିକୁ ଅବଲୋକନ କରି ନ ଥାନ୍ତେ ଏବଂ ଯୁଦ୍ଧର ଲେଲିହାନ ଶିଖା ଆଜି ପୁଣି ଥରେ ପୃଥିବୀକୁ କବଳିତ କରି ନ ଥା'ନ୍ତା ।

ଏହା ସମସ୍ତଙ୍କୁ ଜଣାଅଛି ଯେ ରାଷ୍ଟ୍ରସଂଘ ଗଠନର ବିଫଳତା ଏବଂ 1932 ମସିହାରେ ଆରମ୍ଭ ହୋଇଥିବା ଉତ୍କଟ ଆର୍ଥିକସଂକଟ ଯୋଗୁଁ ହିଁ ମୁଖ୍ୟତଃ ଦ୍ୱିତୀୟ ବିଶ୍ୱଯୁଦ୍ଧର ସୂତ୍ରପାତ ହୋଇଥିଲା । ବର୍ତ୍ତମାନ ସମୟର ପ୍ରବୀଣ ଅର୍ଥନୀତିଜ୍ଞମାନେ କୁହନ୍ତି ଯେ ସାଂପ୍ରତିକ କାଳରେ ଉପୁଜିଥିବା ଆର୍ଥିକ ସଂକଟ ଏବଂ 1932 ମସିହାରେ ଉପୁଜିଥିବା ଆର୍ଥିକ ସଂକଟ ମଧ୍ୟରେ ଅନେକ ସାମଞ୍ଜସ୍ୟ ରହିଛି । ଏବେ ଆମେ ଦେଖୁଛୁ ଯେ ରାଜନୈତିକ ସମସ୍ୟା ଏବଂ ଅର୍ଥନୈତିକ ବିଶୃଙ୍ଖଳା ଇତ୍ୟାଦି ଛୋଟ ଛୋଟ ଦେଶ ମଧ୍ୟରେ ପୁନର୍ବାର ଯୁଦ୍ଧର କାରଣ ହୋଇଛି । ପୁଣି ଏସବୁ ଦେଶମାନଙ୍କରେ ଆଭ୍ୟନ୍ତରୀଣ ଗୋଷ୍ଠୀକନ୍ଦଳ ଏବଂ ଜନଅସନ୍ତୋଷ ମଧ୍ୟ ବୃଦ୍ଧି ପାଉଛି । ଏହାର ଫଳସ୍ୱରୂପ ଶେଷରେ କେତେକ ନିର୍ଦ୍ଦିଷ୍ଟ ଶକ୍ତି ନୂଆ ନୂଆ ସତ୍ତା ରୂପେ ଉଭା ହେବେ । ଫଳରେ ସେମାନଙ୍କ ହାତରେ ସବୁ କ୍ଷମତା ରହିବ ଏବଂ ସେମାନେ ସରକାରଙ୍କ ମଙ୍ଗ ଧରି ଦେଶ ଚଳାଇବେ । ପୁଣି ସେଇମାନେ ହିଁ ଆମ୍ଭମାନଙ୍କୁ ଏକ ବିଶ୍ୱଯୁଦ୍ଧ ଆଡକୁ ବାଟ ଦେଖାଇବେ । ଯଦି ଛୋଟ ଛୋଟ ଦେଶ ମଧ୍ୟରେ ରହିଥିବା ବାଦବିବାଦ ଓ ସଂଘର୍ଷକୁ ରାଜନୀତି ବା କୂଟନୀତି ପ୍ରୟୋଗ କରି ଉପଯୁକ୍ତ ସମାଧାନ କରା ନ ଯାଏ, ତା'ହେଲେ ଏମାନେ ବିଭାଜିତ ହୋଇ ପୃଥିବୀରେ କେତେକ ନୂଆ ନୂଆ ଗୋଷ୍ଠୀ ବା ଦଳ ଗଠନ କରିବେ । ଏହା ହିଁ ହେବ ତୃତୀୟ ବିଶ୍ୱଯୁଦ୍ଧ ସଂଘଟିତ ହେବାର ପୂର୍ବ ସୂଚନା । ମୁଁ ଏହା ସଂପୂର୍ଣ୍ଣ ବିଶ୍ୱାସର ସହିତ କହୁଛି ଯେ ଆମେ ସାଂପ୍ରତିକ ପରିପ୍ରେକ୍ଷୀରେ ବିଶ୍ୱର ପ୍ରଗତି ଦିଗରେ ବିଶେଷ ଧ୍ୟାନ ନ ଦେଇ ପୃଥିବୀକୁ କିପରି ଧ୍ୱଂସର କରାଳ କବଳରୁ ରକ୍ଷା କରାଯାଇ ପାରିବ, ସେଥିପାଇଁ ଯଥାଶୀଘ୍ର ଉଦ୍ୟମ ଚଳାଇବା ଉଚିତ । ଏହି କାର୍ଯ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରକୃତରେ ଅତ୍ୟନ୍ତ ପ୍ରୟୋଜନ । ମାନବ ଜାତି ନିଜର ସ୍ରଷ୍ଟା-ଏକ ପରମବ୍ରହ୍ମଙ୍କୁ ଚିହ୍ନିବା ଅତି ଜରୁରି ହୋଇପଡିଛି, କାରଣ ସେହି ସର୍ବଶକ୍ତିମାନ ହିଁ ମାନବିକତାକୁ ବଞ୍ଚାଇବାର ଏକମାତ୍ର ଅବଲମ୍ବନ ବା ତ୍ରାଣକର୍ତ୍ତା । ପ୍ରକୃତ ପକ୍ଷେ ସେ ହିଁ ମାନବ ସମାଜକୁ ଜୀବିତ ରଖିବା ପାଇଁ ପ୍ରତିଶ୍ରୁତିବଦ୍ଧ । ଯଦି ଏହା ନ ହୁଏ, ତା'ହେଲେ ଏହି ବିଶ୍ୱ ନିଜେ ହିଁ ନିଜର ବିନାଶ ସାଧନ କରିବା ଅଭିମୁଖେ ଦ୍ରୁତଗତିରେ ଧାବିତ ହେବ ।

ଆପଣଙ୍କୁ ମୋର ଅନୁରୋଧ, ଏପରିକି ସମସ୍ତ ବିଶ୍ୱ ନେତାଙ୍କୁ ମଧ୍ୟ ଅନୁରୋଧ ଯେ ଅନ୍ୟ ଦେଶକୁ ଦମନ କରିବା ପାଇଁ ବଳ ପ୍ରୟୋଗ କରିବା ପରିବର୍ତ୍ତେ ଆପୋଷରେ କଥାବାର୍ତ୍ତା ଏବଂ କୂଟନୀତିକ ସଂପର୍କ ମାଧ୍ୟମରେ ଏହାର ସମାଧାନ କରନ୍ତୁ । ଯୁକ୍ତରାଷ୍ଟ୍ର ଆମେରିକା ସମେତ ବିଶ୍ୱର ଅନ୍ୟାନ୍ୟ ଶକ୍ତିଶାଳୀ ରାଷ୍ଟ୍ର ଶାନ୍ତି ପ୍ରତିଷ୍ଠା ଦିଗରେ ସେମାନଙ୍କର ଭୂମିକା ଗ୍ରହଣ କରନ୍ତୁ । ସେମାନେ କ୍ଷୁଦ୍ର ଦେଶଗୁଡ଼ିକର ଦୋଷକୁ ଭୁଲ ଦର୍ଶାଇବା ବାହାନାରେ ବିଶ୍ୱର ସଂହତିରେ ବ୍ୟାଘାତ ସୃଷ୍ଟି କରିବା ଉଚିତ ନୁହେଁ । ଆଜି ଆମେରିକା ଆଦି ବଡ ବଡ ଶକ୍ତି ନିକଟରେ କେବଳ ପରମାଣବିକ ଅସ୍ତ୍ର ନାହିଁ, ଅପେକ୍ଷାକୃତ ଛୋଟ ଦେଶମାନେ ମଧ୍ୟ ପରମାଣୁ ସଂପନ୍ନ ମାରଣାସ୍ତ୍ରରେ ସୁସଜ୍ଜିତ ହୋଇ ରହିଛନ୍ତି, ଯାହାକି ପ୍ରଭୂତ ଧ୍ୱଂସଲୀଳା ଘଟାଇବାର କ୍ଷମତା ପ୍ରାପ୍ତ । ସେହି ଦେଶମାନଙ୍କରେ ବିଚାର-ବୁଦ୍ଧି-ଶୂନ୍ୟ ଏପରି ନେତା ଅଛନ୍ତି ଯେଉଁମାନେ କଥା କଥାକେ ଉତ୍ତେଜିତ ହୋଇ ବଡ ବଡ ନିଷ୍ପତ୍ତି ଗ୍ରହଣ କରିପାରନ୍ତି । ସୁତରାଂ ଆପଣଙ୍କୁ ମୋର ବିନୀତ ଅନୁରୋଧ ଯେ ତୃତୀୟ ବିଶ୍ୱଯୁଦ୍ଧର ପ୍ରଚଣ୍ଡ ଆଗ୍ନେୟଗିରି ମଧ୍ୟରେ ଉଭୟ କ୍ଷୁଦ୍ର ଏବଂ ବୃହତ ଶକ୍ତିସଂପନ୍ନ ଦେଶଗୁଡିକ ନିପତିତ ହେବାରୁ ସେମାନଙ୍କୁ ଉଦ୍ଧାର କରିବା ପଇଁ ନିଜର ସମସ୍ତ ଶକ୍ତି ଓ ସାମର୍ଥ୍ୟ ବିନିଯୋଗ କରିବାରେ ତତ୍ପରତା ପ୍ରକାଶ କରନ୍ତୁ । ପରିଣାମରେ ଆମ ମସ୍ତିଷ୍କରେ କୌଣସି ସନ୍ଦେହାତ୍ମକ ଭାବନା ରହିବା ଆଦୌ ଉଚିତ ହେବ ନାହିଁ, ଯଦି ଆମେ କର୍ତ୍ତବ୍ୟରେ ବିଫଳତା ଅର୍ଜନ କରିବୁ ତେବେ ଏସିଆ, ୟୁରୋପ ଏବଂ ଆମେରିକାର ଗରିବ ଦେଶଗୁଡ଼ିକ ମଧ୍ୟରେ ଏପରି ଯୁଦ୍ଧର ପ୍ରଭାବ ସୀମିତ ହୋଇ ରହିବ ନାହିଁ ବରଂ ଆମ କାର୍ଯ୍ୟର ଚରମ ପରିଣତି ଆମ ଭବିଷ୍ୟତ ବଂଶଧର ଭୋଗ କରିବେ । ଏପରିକି ପୃଥିବୀ ପୃଷ୍ଠରେ ସର୍ବତ୍ର କେବଳ ବିକଳାଙ୍ଗ ଏବଂ ଅକର୍ମଣ୍ୟ ଶିଶୁ ଜନ୍ମ ହେବେ । ଏହି ଭୟାନକ ବିପତ୍ତି ସୃଷ୍ଟି କରିଥିବା ସେମାନଙ୍କର ପୂର୍ବଜମାନଙ୍କୁ ସେମାନେ କଦାପି କ୍ଷମା ଦେବେ ନାହିଁ । ଆମେ କେବଳ ନିଜର ସ୍ୱାର୍ଥ ହାସଲ କରିବାରେ ଚିନ୍ତା ନ କରି ବରଂ ଆଗାମୀ ବଂଶଧରମାନଙ୍କ ସ୍ଥିତି ବିଚାର କରିବା ଏବଂ ସେମାନଙ୍କ ପାଇଁ ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ କରିବା ପ୍ରୟାସ କରିବା ଉଚିତ । ପ୍ରଭୁ ଆପଣଙ୍କ ସମେତ ସମସ୍ତ ବିଶ୍ୱ ନେତାଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ସନ୍ଦେଶ ଉପଲବ୍ଧ କରିବା ପାଇଁ ସଦ୍‌ବୁଦ୍ଧି ଦିଅନ୍ତୁ ।

ଆପଣଙ୍କ ସ୍ନେହାଭିଳାଷୀ



ମିର୍ଜା ମସରୁର ଅହମଦ୍

ଖଲିଫତୁଲ୍ ମସିହ-ପଞ୍ଚମ

ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂପ୍ରଦାୟର ମୁଖ୍ୟ

# କାନାଡା ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପତ୍ର

MIRZA MASROOR AHMAD
HEAD OF THE AHMADIYYA COMMUNITY
IN ISLAM

بسم الله الرحمن الرحيم
نحمده و نصلی علی رسوله الکریم
وعلی عبده المسیح الموعود
خدا کے فضل اور رحم کے ساتھ
هو الناصر

16 Gressenhall Road
Southfields, London
SW18 5QL, UK

ପ୍ରାପ୍ତେଷୁ
Mr. Stephen Harper
ପ୍ରଧାନମନ୍ତ୍ରୀ, କାନାଡା
ଓଟାୱା ଅଣ୍ଟାରିଓ

**8 ମାର୍ଚ୍ଚ 2012**

ଶ୍ରଦ୍ଧେୟ ପ୍ରଧାନମନ୍ତ୍ରୀ,

ପୃଥିବୀରେ ଭୟାବହ ପରିସ୍ଥିତି ଦେଖା ଦେଇଥିବା ପରିପ୍ରେକ୍ଷୀରେ ମୁଁ ଆପଣଙ୍କ ଉଦ୍ଦେଶ୍ୟରେ ଏହି ପତ୍ର ଲେଖିବା ଆବଶ୍ୟକ ମନେ କରୁଛି ଏବଂ ଯେହେତୁ ଆପଣ କାନାଡାର ପ୍ରଧାନମନ୍ତ୍ରୀ ଅଛନ୍ତି, ଆପଣଙ୍କ ଦେଶର ଭବିଷ୍ୟତ ପାଇଁ ହେଉ ଅବା ପୃଥିବୀର ହିତ ଦୃଷ୍ଟିରୁ ହେଉ ଆପଣଙ୍କର ଯେ କୌଣସି ନିଷ୍ପତ୍ତି ଗ୍ରହଣ କରିବାର ଅଖଣ୍ଡ କ୍ଷମତା ରହିଛି । ଏହା କେବଳ ଦେଶର ଭବିଷ୍ୟତ ରୂପରେଖ ନିର୍ଦ୍ଧାରଣ କରେ ନାହିଁ, ବରଂ ସମଗ୍ର ପୃଥିବୀରେ ସୁଦୂରପ୍ରସାରୀ ପ୍ରଭାବ ପକାଇଥାଏ ।

ଅଧୁନା ପୃଥିବୀରେ ତୀବ୍ର ଉତ୍ତେଜନା ଏବଂ ଅସ୍ଥିରତା ପ୍ରକାଶ ପାଉଛି । କେତେକ ନିର୍ଦ୍ଦିଷ୍ଟ ଅଂଚଳରେ ଛୋଟ ଛୋଟ ଯୁଦ୍ଧ ଆରମ୍ଭ ହେଲାଣି । ଦୁର୍ଭାଗ୍ୟବଶତଃ ଏହିସବୁ କଳହ ଓ ଦ୍ୱନ୍ଦ୍ୱପ୍ରବଣ ଅଂଚଳରେ ଶାନ୍ତି ରକ୍ଷା କରିବା ପାଇଁ ମହାଶକ୍ତିଗୁଡିକ ଯେପରି ବଳିଷ୍ଠ ପଦକ୍ଷେପ ଗ୍ରହଣ କରିବାର ଆଶା କରାଯାଉଥିଲା, ସେମାନଙ୍କର ସେହି ଉଦ୍ୟମ ସଂପୂର୍ଣ୍ଣ ସଫଳ ହୋଇନାହିଁ । ଆମେ ବିଶ୍ୱ ସ୍ତରରେ ଏହା ଦେଖିବାକୁ ପାଉଛୁ ଯେ ପୂର୍ଣ୍ଣତଃ ପ୍ରତ୍ୟେକ ଦେଶ ଅନ୍ୟ ଦେଶକୁ ସାହାଯ୍ୟ ସମର୍ଥନ କରିବାରେ କେଉଁଠି ଲିପ୍ତ ଅଛନ୍ତି ତ ଅନ୍ୟତ୍ର କାହାକୁ ବିରୋଧ କରୁଛନ୍ତି । ମାତ୍ର ନ୍ୟାୟର ଅଭାବ ପୂରଣ ହୋଇପାରୁ ନାହିଁ । ପରିତାପର ବିଷୟ ଯେ ଆମେ ବିଶ୍ୱର ସାଂପ୍ରତିକ ପରିସ୍ଥିତିକୁ ଅନୁଧ୍ୟାନ କଲେ ଏହା ଜାଣିପାରିବା ଯେ ଅନ୍ୟାୟ ଏକ ବିଶ୍ୱଯୁଦ୍ଧର ମୂଳଦୂଆ କେବେଠାରୁ ପଡି ସାରିଛି । ବିଶ୍ୱର ଅନେକ ସାନ ବଡ ଦେଶ ନିକଟରେ ପରମାଣୁ ଅସ୍ତ୍ର ଗଚ୍ଛିତ ଅଛି । ସେମାନଙ୍କ ମଧ୍ୟରେ ଆକ୍ରୋଶ ଓ ଶତ୍ରୁତା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଏଭଳି ଶଙ୍କାକୂଳ ଅବସ୍ଥାରେ ତୃତୀୟ ବିଶ୍ୱଯୁଦ୍ଧ ଆମ ସମ୍ମୁଖରେ ଅତି ଭୟଙ୍କର ଭାବରେ ପ୍ରତୀୟମାନ ହେଉଛି । ଏହି ଯୁଦ୍ଧରେ ନିଶ୍ଚିତ ଭାବରେ ପରମାଣୁ ଯୁଦ୍ଧାସ୍ତ୍ରର ପ୍ରୟୋଗ କରାଯିବ । ସୁତରାଂ ପୃଥିବୀ ଏକ ଭୟାବହ ଧ୍ୱଂସଲୀଳା ଅଭିମୁଖେ ଗତି କରୁଥିବାର ଆମେ ସ୍ୱଚକ୍ଷୁରେ ଦେଖିବାକୁ ପାଉଛୁ । ଦ୍ୱିତୀୟ

ବିଶ୍ୱଯୁଦ୍ଧ ଶେଷ ହେବା ପରେ ଯଦି ନ୍ୟାୟ ଏବଂ ସମତାଭିତ୍ତିକ ପଥ ଅନୁସରଣ କରାଯାଇଥାନ୍ତା, ତା'ହେଲେ ଆଜି ଆମେ ପୃଥିବୀର ଏହି ପରିସ୍ଥିତିକୁ ଅବଲୋକନ କରି ନ ଥାନ୍ତେ ଏବଂ ଯୁଦ୍ଧର ଲେଲୀହାନ ଶିଖା ଆଜି ପୁଣି ଥରେ ପୃଥିବୀକୁ କବଳିତ କରି ନ ଥା'ନ୍ତା ।

ଏହା ସମସ୍ତଙ୍କୁ ଜଣାଅଛି ଯେ ରାଷ୍ଟ୍ରସଂଘ ଗଠନର ଏବଂ 1932 ମସିହାରେ ଆରମ୍ଭ ହୋଇଥିବା ଉତ୍କଟ ଆର୍ଥିକ ସଂକଟ ଯୋଗୁଁ ହିଁ ମୁଖ୍ୟତଃ ଦ୍ୱିତୀୟ ବିଶ୍ୱଯୁଦ୍ଧର ସୂତ୍ରପାତ ହୋଇଥିଲା । ବର୍ତ୍ତମାନ ସମୟର ପ୍ରବୀଣ ଅର୍ଥନୀତିଜ୍ଞମାନେ କୁହନ୍ତି ଯେ ସାଂପ୍ରତିକ କାଳରେ ଉପୁଜିଥିବା ଆର୍ଥିକ ସଂକଟ ଏବଂ 1932 ମସିହାରେ ଉପୁଜିଥିବା ଆର୍ଥିକ ସଂକଟ ମଧ୍ୟରେ ଅନେକ ସାମଞ୍ଜସ୍ୟ ରହିଛି । ଏବେ ଆମେ ଦେଖୁଛୁ ଯେ ରାଜନୈତିକ ସମସ୍ୟା ଏବଂ ଅର୍ଥନୈତିକ ବିଶୃଙ୍ଖଳା ଇତ୍ୟାଦି ଛୋଟ ଛୋଟ ଦେଶ ମଧ୍ୟରେ ପୁନର୍ବାର ଯୁଦ୍ଧର କାରଣ ସାଜିଛି । ପୁଣି ଏସବୁ ଦେଶମାନଙ୍କରେ ଆଭ୍ୟନ୍ତରୀଣ ଗୋଷ୍ଠୀକନ୍ଦଳ ଏବଂ ଜନଅସନ୍ତୋଷ ମଧ୍ୟ ବୃଦ୍ଧି ପାଉଛି । ଏହାର ଫଳସ୍ୱରୁପ ଶେଷରେ କେତେକ ନିର୍ଦ୍ଦିଷ୍ଟ ଶକ୍ତି ନୂଆ ନୂଆ ସତ୍ତା ରୂପେ ନୂଆ ଭଭା ହେବେ । ଫଳରେ ସେମାନଙ୍କ ହାତରେ ସବୁ କ୍ଷମତା ରହିବ ଏବଂ ସେମାନେ ସରକାରଙ୍କର ମଙ୍ଗ ଧରି ଦେଶ ଚଳାଇବେ । ପୁଣି ସେଇମାନେ ହିଁ ଆମ୍ଭମାନଙ୍କୁ ଏକ ବିଶ୍ୱଯୁଦ୍ଧ ଆଡକୁ ବାଟ ଦେଖାଇବେ । ଯଦି ଛୋଟ ଛୋଟ ଦେଶ ମଧ୍ୟରେ ରହିଥିବା ବାଦବିବାଦ ଓ ସଂଘର୍ଷକୁ ରାଜନୀତି ବା କୂଟନୀତି ପ୍ରୟୋଗ କରି ତା'ର ଉପଯୁକ୍ତ ସମାଧାନ କରା ନ ଯାଏ, ତା'ହେଲେ ଏମାନେ ବିଭାଜିତ ହୋଇ ପୃଥିବୀରେ କେତେକ ନୂଆ ନୂଆ ଗୋଷ୍ଠୀ ବା ଦଳ ଗଠନ କରିବେ । ଏହା ହିଁ ହେବ ତୃତୀୟ ବିଶ୍ୱଯୁଦ୍ଧ ସଂଘଟିତ ହେବାର ପୂର୍ବ ସୂଚନା । ମୁଁ ଏହା ସଂପୂର୍ଣ୍ଣ ବିଶ୍ୱାସର ସହିତ କହୁଛି ଯେ ଆମେ ସାଂପ୍ରତିକ ପରିପ୍ରେକ୍ଷୀରେ ବିଶ୍ୱାସର ପ୍ରଗତି ଦିଗରେ ବିଶେଷ ଧ୍ୟାନ ନ ଦେଇ ପୃଥିବୀକୁ କିପରି ଧ୍ୱଂସର କରାଳ କବଳରୁ ରକ୍ଷା କରାଯାଇ ପାରିବ, ସେଥିପାଇଁ ଯଥାଶୀଘ୍ର ଉଦ୍ୟମ ହେବା ଉଚିତ । ଏହି କାର୍ଯ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରକୃତରେ ଅତ୍ୟନ୍ତ ପ୍ରୟୋଜନ । ମାନବଜାତି ନିଜର ସ୍ରଷ୍ଟା-ଏକ ପରମବ୍ରହ୍ମଙ୍କୁ ଚିହ୍ନିବା ଅତି ଜରୁରୀ ହୋଇପଡିଛି । କାରଣ ସେହି ସର୍ବଶକ୍ତିମାନ ହିଁ ମାନବିକତାକୁ ଏକ ମାତ୍ର ଅବଲମ୍ବନ ବା ତ୍ରାଣକର୍ତ୍ତା । ପ୍ରକୃତ ପକ୍ଷେ ସେ ହିଁ ମାନବସମାଜକୁ ଜୀବିତ ରଖିବା ପାଇଁ ପ୍ରତିଶ୍ରୁତିବଦ୍ଧ । ଯଦି ଏହା ନ ହୁଏ, ତା'ହେଲେ ଏହି ବିଶ୍ୱ ନିଜେ ହିଁ ନିଜର ବିନାଶ ସାଧନ କରିବା ଅଭିମୁଖେ ଦ୍ରୁତଗତିରେ ଧାବମାନ ହେବ ।

ପୃଥିବୀରେ ନ୍ୟାୟଶୀଳ ରାଷ୍ଟ୍ରମାନଙ୍କ ମଧ୍ୟରେ କାନାଡା ସର୍ବାଗ୍ରେ ରହିଥିବାର ବିବେଚନା କରାଯାଏ । ଅନ୍ୟ ଦେଶର ଆଭ୍ୟନ୍ତରୀଣ ସମସ୍ୟା ସମ୍ବନ୍ଧରେ ଆପଣଙ୍କ ଦେଶ ସାଧାରଣତଃ ହସ୍ତକ୍ଷେପ କରେ ନାହିଁ । ପୁନଶ୍ଚ ଆମ୍ଭେ ଅହମଦୀୟା ମୁସଲିମ ଜମାଅତର ଅନୁଗାମୀମାନେ କାନାଡାର ଲୋକମାନଙ୍କ ସହିତ ବିଶେଷବନ୍ଧୁତାର ସୂତ୍ରରେ ଆବଦ୍ଧ

ହୋଇ ରହିଛୁ । ସୁତରାଂ ମୁଁ ଆପଣଙ୍କୁ ଅନୁରୋଧ କରୁଛି ଯେ ତୃତୀୟ ବିଶ୍ୱଯୁଦ୍ଧର ଚରମ ପରିଣତି ଆଡକୁ ଆମକୁ ଟାଣି ନେଉଥିବା ସବୁ କ୍ଷୁଦ୍ର ଓ ବୃହତ ଶକ୍ତି ସଂପନ୍ନ ରାଷ୍ଟ୍ରକୁ ବଞ୍ଚାଇବା ପାଇଁ ଯତ୍‌ପରୋନାସ୍ତି ପ୍ରୟାସ କରନ୍ତୁ ।

ଆପଣଙ୍କୁ ତଥା ସମସ୍ତ ବିଶ୍ୱନେତାଙ୍କୁ ମୋର ଅନୁରୋଧ ଯେ ଅନ୍ୟଦେଶକୁ ଦମନ କରିବା ପାଇଁ ବଳ ପ୍ରୟୋଗ କରିବା ପରିବର୍ତ୍ତେ ଆପୋଷ କଥାବାର୍ତ୍ତା କରି ଏବଂ କୂଟନୀତିକ ସଂପର୍କ ମାଧ୍ୟମରେ ଏହାର ସମାଧାନ କରନ୍ତୁ । ଯୁକ୍ତରାଷ୍ଟ୍ର ଆମେରିକା ସମେତ ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର ଶାନ୍ତି ପ୍ରତିଷ୍ଠା ଦିଗରେ ସେମାନଙ୍କର ଭୂମିକା ଗ୍ରହଣ କରନ୍ତୁ । କ୍ଷୁଦ୍ର ଦେଶଗୁଡିକର କାର୍ଯ୍ୟକୁ ଦୋଷାବହ ଦର୍ଶାଇବା ବାହାନାରେ ସେମାନେ ବିଶ୍ୱ ସଂହତିରେ ବ୍ୟାଘାତ ସୃଷ୍ଟି କରିବା ଉଚିତ ନୁହେଁ । ଆଜି କେବଳ ଆମେରିକା ଆଦି ବଡ ଶକ୍ତି ନିକଟରେ ପରମାଣବିକ ଅସ୍ତ୍ର ନାହିଁ, ଅପେକ୍ଷାକୃତ ଛୋଟ ଦେଶମାନେ ମଧ୍ୟ ଏହି ମାରଣାସ୍ତ୍ରରେ ସୁସଜ୍ଜିତ ହୋଇ ରହିଛନ୍ତି, ଯାହା ପ୍ରଭୂତ ଧ୍ୱଂସଲୀଳା ଘଟାଇବାର କ୍ଷମତାପ୍ରାପ୍ତ । ସେହି ଦେଶମାନଙ୍କରେ ବିଚାର-ବୁଦ୍ଧି-ଶୂନ୍ୟ ଏପରି ନେତା ଅଛନ୍ତି ଯେଉଁମାନେ କଥା କଥାକେ ଉତ୍ତେଜିତ ହୋଇ ବଡ ବଡ ନିଷ୍ପତ୍ତି ଗ୍ରହଣ କରିପାରନ୍ତି । ସୁତରାଂ ଆପଣଙ୍କୁ ମୋର ବିନୀତ ଅନୁରୋଧ ଯେ ଏକ ତୃତୀୟ ବିଶ୍ୱଯୁଦ୍ଧର ପ୍ରଚଣ୍ଡ ଆଗ୍ନେୟଗିରି ମଧ୍ୟରେ ଉଭୟ କ୍ଷୁଦ୍ର ଏବଂ ବୃହତ୍ ଶକ୍ତି ସଂପନ୍ନ ଦେଶଗୁଡିକ ନିପତିତ ହେବାରୁ ସେମାନଙ୍କୁ ଉଦ୍ଧାର କରିବା ପାଇଁ ନିଜର ସମସ୍ତ ଶକ୍ତି ଓ ସାମର୍ଥ୍ୟ ବିନିଯୋଗ କରିବାରେ ତତ୍ପରତା ପ୍ରକାଶ କରନ୍ତୁ । ପରିଣାମରେ ଆମ ମସ୍ତିଷ୍କରେ କୌଣସି ସନ୍ଦେହାତ୍ମକ ଭାବନା ରହିବା ଆଦୌ ଉଚିତ ହେବ ନାହିଁ । ଯଦି ଆମେ କର୍ତ୍ତବ୍ୟରେ ବିଫଳତା ଅର୍ଜନ କରିବୁ, ତେବେ ଏସିଆ, ୟୁରୋପ ଏବଂ ଆମେରିକାର ଗରିବ ଦେଶଗୁଡିକ ମଧ୍ୟରେ ଏହି ଯୁଦ୍ଧର ପ୍ରଭାବ ସୀମିତ ହୋଇ ରହିବ ନାହିଁ, ବରଂ ଆମ କାର୍ଯ୍ୟର ଚରମ ପରିଣତି ଆମ ଭବିଷ୍ୟତ ବଂଶଧର ଭୋଗ କରିବେ । ଏପରିକି ପୃଥିବୀ ପୃଷ୍ଠରେ ସର୍ବତ୍ର କେବଳ ବିକଳାଙ୍ଗ ଏବଂ ଅକର୍ମଣ୍ୟ ଶିଶୁ ଜନ୍ମ ହେବେ । ଏହି ଭୟାନକ ବିପତ୍ତି ସୃଷ୍ଟି କରିଥିବା ସେମାନଙ୍କର ପୂର୍ବଜ ମାନଙ୍କୁ ସେମାନେ କଦାପି କ୍ଷମା ଦେବେ ନାହିଁ । ଆମେ କେବଳ ନିଜର ସ୍ୱାର୍ଥ ହାସଲ କରିବାରେ ଚିନ୍ତା ନ କରି ବରଂ ଆମର ଆଗାମୀ ବଂଶଧରମାନଙ୍କ ସ୍ଥିତି ବିଚାର କରିବା ଏବଂ ସେମାନଙ୍କ ପାଇଁ ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ କରିବା ପ୍ରୟାସ କରିବା ଉଚିତ । ପ୍ରଭୁ ଆପଣଙ୍କ ସମେତ ସମସ୍ତ ବିଶ୍ୱନେତାଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ସନ୍ଦେଶ ଉପଲବ୍ଧି କରିବା ପାଇଁ ସଦ୍‌ବୁଦ୍ଧି ଦିଅନ୍ତୁ ।

ଆପଣଙ୍କର ସ୍ନେହାଭିଳାଷୀ



ମିର୍ଜା ମସରୁର ଅହମଦ୍

# ଦୁଇ ପୁଣ୍ୟ ପୀଠର ତତ୍ତ୍ୱାବଧାରକ ତଥା ସାଉଦି ଆରବର ରାଜାଙ୍କ ନିକଟକୁ ପତ୍ର

MIRZA MASROOR AHMAD
HEAD OF THE AHMADIYYA COMMUNITY
IN ISLAM

بسم الله الرحمن الرحيم
نحمده و نصلي على رسوله الكريم
وعلى عبده المسيح الموعود
خدا کے فضل اور رحم کے ساتھ
هو الناصر

16 Gressenhall Road
Southfields, London
SW18 5QL, UK

ପ୍ରାପ୍ତେଷୁ

Custodian of the two Holy Places — 28 ମାର୍ଚ୍ଚ 2012

King of The Kingdom of Soudi Arabia

**ଅବଦୁଲ୍ଲାଃ ବିନ ଅବଦୁଲ୍ ଅଜିଜ୍ ଅଲ୍ ସାଉଦ**

**ରିୟାଦ୍, ସାଉଦି ଆରବ**

ସମ୍ମାନାସ୍ପଦ ରାଜା ଅବଦୁଲ୍ଲାଃ

ଅସ୍‌ସଲାମୋ ଆଲୈକୁମ୍ ରହମତୁଲ୍ଲାହେ ଓ୍ୱ ବରକାତୋହୁ:

ମୁଁ ଆପଣଙ୍କ ସମ୍ମୁଖରେ ଏକ ସମ୍ବେଦନଶୀଳ ପ୍ରସଙ୍ଗ ଉତ୍‌ଥାପନ କରି ଏହି ପତ୍ର ଆପଣଙ୍କ ଉଦ୍ଦେଶ୍ୟରେ ଲେଖୁଛି । ଆପଣ ଦୁଇଟି ପୂଣ୍ୟପୀଠର ତତ୍ତ୍ୱାବଧାରକ ତଥା ସାଉଦି ଆରବର ରାଜା ରୂପେ ଦାୟିତ୍ୱ ସଂପାଦନ କରୁଥିବା କାରଣରୁ ମୁସଲିମ ସଂପ୍ରଦାୟରେ ଆପଣ ଏକ ଉଚ୍ଚ ସମ୍ମାନାସ୍ପଦ ଆସନର ଅଧିକାରୀ । ଏହି ଦୁଇଟି ସ୍ଥାନ **ମକ୍କା ଅଲ୍-ମୁକର୍‌ରମା ଏବଂ ମଦିନା ଅଲ୍-ମୁନଓ୍ୱରା** ଆପଣଙ୍କ ଦେଶ ମଧ୍ୟରେ ଅବସ୍ଥିତ, ଯାହା ମୁସଲିମ୍‌ମାନଙ୍କ ବିଶ୍ୱାସର ପ୍ରତୀକ ସାଜିଛି ତଥା ଆପଣଙ୍କ ପ୍ରତି ପ୍ରେମର ନିଦର୍ଶନ ସ୍ଥାପନ କରିଛି । ଏହି ପୀଠଦ୍ୱୟ ସମଗ୍ର ମୁସଲିମ ଜଗତର ଆଧାତ୍ମିକ ଉନ୍ନତିର ପ୍ରାଣକେନ୍ଦ୍ର ହୋଇଥିବାରୁ ଉଭୟ ଗଭୀର ସମ୍ମାନର ପାତ୍ର । ସେଥିଯୋଗୁଁ ସମସ୍ତ ମୁସଲିମ ତଥା ମୁସଲିମ ରାଷ୍ଟ୍ରର ସରକାର ଗୁଡିକର ଆପଣଙ୍କ ପ୍ରତି ସ୍ୱତନ୍ତ୍ର ମର୍ଯ୍ୟାଦା ରହିଛି । ଏହି ସମ୍ମାନର ପ୍ରତି ବଦଳରେ ଏକ ପକ୍ଷେ ମୁସଲିମ ଉମ୍ମତ୍ ଆପଣଙ୍କ ନିକଟରୁ ଉଚିତ ମାର୍ଗଦର୍ଶନ ଆଶା କରେ ଏବଂ ଅପରପକ୍ଷେ ମୁସଲିମ ଦେଶମାନଙ୍କରେ ଶାନ୍ତି ଏବଂ ମୈତ୍ରୀର ବାତାବରଣ ସୃଷ୍ଟି କରିବା ପାଇଁ ଆପଣ ଯଥୋଚିତ ଉଦ୍ୟମ ଜାରି ରଖିବା ଉଚିତ । ସେହିପରି ମୁସଲିମମାନଙ୍କ ମଧ୍ୟରେ ପାରସ୍ପରିକ ସ୍ନେହ ଏବଂ ସହାନୁଭୂତି ବିକଶିତ କରିବା ଦିଗରେ ଆପଣଙ୍କ ଆନ୍ତରିକ ଚେଷ୍ଟା ଅପରିହାର୍ଯ୍ୟ । ସେମାନଙ୍କ ମଧ୍ୟରେ ଏହି ଅନ୍ତର୍ନିହିତ ବୈଶିଷ୍ଟ୍ୟ ରହିବା ମଧ୍ୟ ଉଚିତ୍ । رُحَمَآءُ بَيْنَهُمْ

ଫଳତଃ ସମଗ୍ର ମାନବଜାତିର କଲ୍ୟାଣ ସାଧନ ପାଇଁ ଚରମ ପଦକ୍ଷେପ ସ୍ୱରୁପ ଆପଣ ସାରା ବିଶ୍ୱରେ ଶାନ୍ତିକୁ ଉଜ୍ଜୀବିତ କରିବା ଦିଗରେ ଦୃଢ ପ୍ରୟାସ କରିବା ସମୀଚିନ ।

ଅହମଦୀୟା ମୁସଲିମ ଜମାଅତର ମୁଖ୍ୟ ତଥା ପ୍ରତିଶ୍ରୁତ ମସିହ ଓ ଇମାମ ମଉଦୀ (ତାହାଙ୍କ ପ୍ରତି ଶାନ୍ତି ବିରାଜିତ ହେଉ)ଙ୍କ ଖଲିଫା ଭାବରେ ମୋର ଆପଣଙ୍କୁ ଏତିକି ଅନୁରୋଧ ଯେ ଅହମଦୀୟା ମୁସଲିମ୍ ଜମାଅତ ଏବଂ ଅନ୍ୟାନ୍ୟ ମୁସଲିମ ଗୋଷ୍ଠୀ ମଧ୍ୟରେ ସିଦ୍ଧାନ୍ତଭିତ୍ତିକ ମତଭେଦ ରହିବା ସତ୍ତ୍ୱେ ତଥାପି ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଆମେ ସମସ୍ତେ ଐକ୍ୟବଦ୍ଧ ହୋଇପାରିବା । ଶାନ୍ତି ଓ ପ୍ରେମ ଉପରେ ଆଧାରିତ ଇସଲାମର ଶିକ୍ଷାକୁ ପୃଥିବୀରେ ବିତରଣ କରିବା ପାଇଁ ଯଥାସାଧ୍ୟ ଉଦ୍ୟମ କରିବା ଉଚିତ । ଏହା ଦ୍ୱାରା ପୃଥିବୀରେ ବିଶେଷତଃ ପାଶ୍ଚାତ୍ୟ ଦେଶର ଲୋକମାନଙ୍କ ମଧ୍ୟରେ ବସା ବାନ୍ଧି ଥିବା ଇସଲାମ ସମ୍ବନ୍ଧୀୟ ଭ୍ରାନ୍ତ ଧାରଣା ଦୂର ହୋଇପାରିବ । ନ୍ୟାୟପୂର୍ଣ୍ଣ ଆଚରଣ କରିବା ଦିଗରେ ଅନ୍ୟ ଦେଶ ବା ଗୋଷ୍ଠୀ ପ୍ରତି ରହିଥିବା ଶତ୍ରୁତା ଆମର ବାଧକ ସାଜିବ ନାହିଁ । ସୁତରାଂ ପବିତ୍ର କୁରଆନ ଅନ୍ତର୍ଗତ ସୁରା ଅଲ ମାଏଦା, ପଙ୍କ୍ତି ୩ରେ ସର୍ବଶକ୍ତିମାନ ଅଲ୍ଲାଃ କହୁଛନ୍ତି :

وَلَا يَجْرِمَنَّكُمْ شَنَآنُ قَوْمٍ أَنْ صَدُّوكُمْ عَنِ الْمَسْجِدِ الْحَرَامِ أَنْ
تَعْتَدُوا ۘ وَتَعَاوَنُوا عَلَى الْبِرِّ وَالتَّقْوَىٰ ۖ وَلَا تَعَاوَنُوا عَلَى الْإِثْمِ وَالْعُدْوَانِ ۚ
وَاتَّقُوا اللَّهَ ۖ إِنَّ اللَّهَ شَدِيدُ الْعِقَابِ ۝

> **"ଏବଂ କୌଣସି ସଂପ୍ରଦାୟ ପ୍ରତି ତୁମର ଶତ୍ରୁତା ଏଥିଯୋଗୁଁ ନହେଉ ଯେ ସେମାନେ ତୁମକୁ ପବିତ୍ର ମସଜିଦରେ ପ୍ରବେଶ କରିବାକୁ ପ୍ରତିରୋଧ କରିଥିଲେ, ତେଣୁ ଉତ୍ତେଜିତ ହୋଇ ସୀମାଲଂଘନ କାର୍ଯ୍ୟ କର ନାହିଁ ଏବଂ ତୁମେମାନେ ନୈତିକତା ଓ ଧର୍ମପରାୟଣ କାର୍ଯ୍ୟରେ ପରସ୍ପରକୁ ସାହାଯ୍ୟ କର ଏବଂ କୌଣସି ପାପ କାର୍ଯ୍ୟ ଏବଂ ଧର୍ମ ଉଲଂଘନ ବିଷୟରେ ପରସ୍ପରକୁ ସାହାଯ୍ୟ କର ନାହିଁ ଏବଂ ଅଲ୍ଲାଃ ଶାସ୍ତି ପ୍ରଦାନ କରିବାରେ କଠୋର ।" (ଅଲ୍-ମାଏଦା:3)**

ଉପରୋକ୍ତ ମାର୍ଗଦର୍ଶନକାରୀ ନିୟମକୁ ଆପଣେଇ ପାରିଲେ ପୃଥିବୀ ସମ୍ମୁଖରେ ଇସଲାମର ସୁଶୋଭନୀୟ ପ୍ରତିଶ୍ରୁତି ଉପସ୍ଥାପନ କରିବା ଦିଗରେ ଆମେ କର୍ତ୍ତବ୍ୟ ପାଳନ କରିପାରିବା । ସମଗ୍ର ପୃଥିବୀର ମୁସଲମାନମାନଙ୍କ ପ୍ରତି ମୋର ଆନ୍ତରିକ ସ୍ନେହ ଏବଂ ସହାନୁଭୂତିର ଗଭୀର ଭାବନା ରହିଥିବା ଯୋଗୁଁ ମୁଁ ଆପଣଙ୍କୁ ଅନୁରୋଧ କରୁଛି ଯେ ଆପଣ ଏ ଦିଗରେ ନିଜର ଯଥୋଚିତ ଭୂମିକା ଗ୍ରହଣ କରନ୍ତୁ ।

ଆଜି ପୃଥିବୀରେ ଆମେ ଦେଖିବାକୁ ପାଉଛୁ ଯେ କେତେକ ରାଜନୈତିକ ବ୍ୟକ୍ତି ଏବଂ ତଥାକଥିତ ଧାର୍ମିକ ବିଦ୍ୱାନ ଆମର ପବିତ୍ର ନବି ହଜରତ ମୁହମ୍ମଦ(ତାହାଙ୍କ ପ୍ରତି ଅଲ୍ଲାଙ୍କର ଶାନ୍ତି ଓ ଆଶିଷ ରହିଥାଉ)ଙ୍କୁ ବଦନାମ କରିବା ପାଇଁ ଇସଲାମ ବିରୁଦ୍ଧରେ ଘୃଣାର ବୀଜ ବପନ କରୁଛନ୍ତି । ସେମାନେ ନିଜର ଏହି ହୀନ ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ପାଇଁ ପବିତ୍ର କୋରାନର ଶିକ୍ଷାକୁ ସଂପୂର୍ଣ୍ଣ ରୂପେ କଦର୍ଥ କରିବା ପାଇଁ ଚେଷ୍ଟା କରୁଛନ୍ତି । ଅଧିକନ୍ତୁ ପାଲେଷ୍ଟାଇନ ଏବଂ ଇସ୍ରାଇଲ ମଧ୍ୟରେ ବିବାଦ ଦିନକୁ ଦିନ ଅଧିକ

ଘନିଭୂତ ହେବାରେ ଲାଗିଛି । ଏହି ଶତ୍ରୁତା ଏପରି ହେଲାଣି ଯେ ସେମାନଙ୍କ ମଧ୍ୟରେ ସଂପର୍କ ଗୁରୁତର ଭାବେ ବ୍ୟାହତ ହୋଇଛି । ମୁସଲିମ ସଂପ୍ରଦାୟର ଜଣେ ସର୍ବୋଚ୍ଚ ନେତା ଭାବରେ ଆପଣଙ୍କର ଏହି ଗୁରୁ ଦାୟିତ୍ୱ ବହନ କରିବାର ସମୟ ଉପନୀତ ହୋଇଛି । ନ୍ୟାୟ ଓ ସାମ୍ୟତା ରକ୍ଷା କରି ସେମାନଙ୍କ ମଧ୍ୟରେ ଉପୁଜିଥିବା ଦ୍ୱନ୍ଦ୍ୱ ଏବଂ ବୈଷମ୍ୟ ଭାବ ଦୂର କରିବା ପାଇଁ ଯତ୍ପରୋନାସ୍ତି ପ୍ରୟାସ କରିବା ଉଚିତ । ଯେଉଁଠାରେ ଓ ଯେତେବେଳେ ବି ଏପରି ବିଭ୍ରାଟ ଦେଖାଦେଇଛି, ଅହମଦୀୟା ମୁସଲିମ୍ ଜମାଅତ୍ ତାହାର ସମାଧାନ ଦିଗରେ ଯଥାସମ୍ଭବ ଉଦ୍ୟମ କରିଆସୁଛି । ତେଣୁ ଯେ ପର୍ଯ୍ୟନ୍ତ ସମଗ୍ର ମୁସଲିମ ଜଗତ ଏକଜୁଟ ହୋଇ ଇସଲାମ ବିରୁଦ୍ଧରେ ବ୍ୟାପୁଥିବା ଘୃଣା ଓ ହିଂସାତ୍ମକ କାର୍ଯ୍ୟକୁ ପ୍ରତିହତ କରିବା ପାଇଁ ଚେଷ୍ଟା କରିବ ନାହିଁ, ସେ ପର୍ଯ୍ୟନ୍ତ ଶାନ୍ତି ପ୍ରତିଷ୍ଠା ହୋଇ ପାରିବ ନାହିଁ ।

ତେଣୁ ମୋର ଆପଣଙ୍କ ଅନୁରୋଧ ଯେ ଏହାର ପ୍ରତିକାର ପାଇଁ ଉଚିତ ପଦକ୍ଷେପ ଗ୍ରହଣ କରନ୍ତୁ । ଅନ୍ତତଃ ପକ୍ଷେ, ତୃତୀୟ ବିଶ୍ୱଯୁଦ୍ଧ ଯେପରି କୌଣସି ମୁସଲିମ ରାଷ୍ଟ୍ର ପକ୍ଷରୁ ସୂତ୍ରପାତ ନ ହୁଏ ସେଥିପ୍ରତି ଦୃଢ ନିଶ୍ଚିତ ହେବାକୁ ଚେଷ୍ଟା କରନ୍ତୁ । ପୃଥିବୀର କୌଣସି ସ୍ଥାନରେ କୌଣସି ମୁସଲିମ ରାଷ୍ଟ୍ର ବା ଏହାର ନେତା ଏପରି ଭୟଙ୍କର ଅବସ୍ଥା ସୃଷ୍ଟି କରିଥିବାର ନିନ୍ଦା ନିଜ କାନ୍ଧରେ ବହନ କରିବାକୁ ଦିଅନ୍ତୁ ନାହିଁ । ଯାହାର ପରିଣତି ସ୍ୱରୂପ ଯୁଦ୍ଧର ଦୀର୍ଘକାଳୀନ ପ୍ରଭାବ ଭବିଷ୍ୟତ ବଂଶଧରମାନଙ୍କ ଉପରେ ପଡିବ ଏବଂ ପରିଣାମରେ ସେମାନେ ପଙ୍ଗୁ ହୋଇ ଜନ୍ମ ହେବେ । କାରଣ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜାପାନର ଦୁଇ ସହର ଉପରେ ନିକ୍ଷେପ କରାଯାଇଥିବା ଦୁଇଟି ନ୍ୟୁକ୍ଲିୟର ବୋମା ଯେପରି ଅପୂରଣୀୟ ଧ୍ୱଂସର ତାଣ୍ଡବ ରଚନା କରିଥିଲା, ତାହାର ଏକ କିଞ୍ଚିତ୍ ଝଲକ ଆମେ ଦେଖି ସାରିଛେ ।

ସୁତରାଂ ହେ ସାଉଦି ଆରବର ରାଜା ! ପୃଥିବୀକୁ ସଂପୂର୍ଣ୍ଣ ଭାବରେ ନିଶ୍ଚିହ୍ନ କରିବାରେ ଯୋଜନାବଦ୍ଧ ଭାବେ ପ୍ରସ୍ତୁତ ଆସନ୍ନ ଧ୍ୱଂସଲୀଳାରୁ ରକ୍ଷା କରିବା ପାଇଁ ଆପଣ ନିଜର ସମସ୍ତ ଶକ୍ତି ଓ ପରାକ୍ରମକୁ ବିନିଯୋଗ କରନ୍ତୁ । ଅଲ୍ଲାଃ ସର୍ବଶକ୍ତିମାନ ଆପଣଙ୍କର ପରମ ସହାୟ ହୁଅନ୍ତୁ । ମୁଁ ଆପଣଙ୍କ ପାଇଁ ଏବଂ ସମଗ୍ର ମୁସଲିମ ଜଗତ ପାଇଁ ଅଲ୍ଲାଃଙ୍କ ନିକଟରେ ଏହି ପ୍ରାର୍ଥନା କରୁଅଛି ଯେ

اِهْدِنَا الصِّرَاطَ الْمُسْتَقِيْمَ ۝ 'ଆମ୍ଭଙ୍କୁ ସତପଥରେ ପରିଚାଳିତ କରାଅ'

ଓ୍ୱସ୍ ସଲାମ୍

ଆପଣଙ୍କ ଅନ୍ତରଙ୍ଗ



**ମିର୍ଜା ମସରୁର୍ ଅହମଦ୍**

# ଚୀନ ଗଣରାଜ୍ୟର ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପତ୍ର

MIRZA MASROOR AHMAD
HEAD OF THE AHMADIYYA COMMUNITY
IN ISLAM

بسم الله الرحمن الرحيم
نحمده و نصلی علی رسوله الکریم
وعلی عبده المسیح الموعود
خدا کے فضل اور رحم کے ساتھ
هو الناصر

16 Gressenhall Road
Southfields, London
SW18 5QL, UK

ପ୍ରାପ୍ତେଷୁ
His Excellency
Premier of the state Council
of the people's Republic of China
ଶ୍ରୀଯୁକ୍ତ ୱେନ୍ ଜିଆବାଓ
ସାଂଘାୟୀ, ଚୀନ

**9 ଅପ୍ରେଲ 2012**

ଶ୍ରଦ୍ଧେୟ ପ୍ରଧାନମନ୍ତ୍ରୀ,

ମୁଁ ଆପଣଙ୍କ ଉଦ୍ଦେଶ୍ୟରେ ଏହି ପତ୍ରକୁ ଅହମଦୀୟା ମୁସଲିମ ସଂପ୍ରଦାୟର ଜଣେ ପ୍ରତିନିଧିଙ୍କ ମାଧ୍ୟମରେ ପ୍ରେରଣ କରୁଛି । ସେ ଆମ ସଂପ୍ରଦାୟର ସ୍ଥାନୀୟ ସଭାପତି ରୂପେ ଇସ୍ରାଇଲସ୍ଥିତ କବାବୀର୍ ନାମକ ସ୍ଥାନରେ ଅବସ୍ଥାପିତ ହୋଇଛନ୍ତି । ଆପଣଙ୍କ ଦେଶର ସଂଖ୍ୟାଲଘୁ ବିଭାଗୀୟ ମନ୍ତ୍ରୀଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ସେ ଚୀନ ଯାଇଛନ୍ତି । ଆମ କବାବୀର୍ ମିଶନ ଭବନରେ ତାଙ୍କର ପରିଚୟ ହୋଇଥିଲା ।

ଅହମଦୀୟା ମୁସଲିମ୍ ସଂପ୍ରଦାୟ ଇସଲାମ ଅନ୍ତର୍ଗତ ଏକ ଧର୍ମୀୟ ଗୋଷ୍ଠୀ । ଏହା ସେହି ସୁଧାରକଙ୍କ ପ୍ରତି ଦୃଢ ବିଶ୍ୱାସ ସ୍ଥାପନ କରିଛି, ଯିଏ ଚଳିତ ଯୁଗର ମୁସଲମାନମାନଙ୍କ ମାର୍ଗଦର୍ଶନ ନିମନ୍ତେ ମହ୍ଦୀ ଭାବରେ, ଖ୍ରୀଷ୍ଟିୟାନଙ୍କ ପାଇଁ ମସିହ ଭାବରେ ଏବଂ ସମଗ୍ର ମାନବ ଜାତିର ସୁଧାର ପାଇଁ ପଥପ୍ରଦର୍ଶକ ରୂପେ ତାଙ୍କର ଆବିର୍ଭାବ ବିଧିନିର୍ଦ୍ଦିଷ୍ଟ ଥିଲା । ଦିବ୍ୟ ଅବତାର ମୁହମ୍ମଦ(ତାହାଙ୍କ ପ୍ରତି ଶାନ୍ତି ବିରାଜିତ ହେଉ)ଙ୍କ ଭବିଷ୍ୟତବାଣୀ ଅନୁଯାୟୀ ତାଙ୍କର ଯଥା ସମୟରେ ଆବିର୍ଭାବ ହୋଇଥିବାରୁ ଆମ୍ଭେମାନେ ସାଦରେ ଗ୍ରହଣ କରିଛୁ । ତାହାଙ୍କ ନାମ ହଜରତ ମିର୍ଜା ଗୁଲାମ ଅହମଦ୍ (ଅଲ୍ଲାହଙ୍କଠାରୁ ତାଙ୍କ ପ୍ରତି ଶାନ୍ତି ପ୍ରାପ୍ତ ହେଉ)ଏବଂ ସେ ଭାରତ ବର୍ଷର କାଦିୟାନ୍ ନାମକ ସ୍ଥାନରେ ଜନ୍ମଗ୍ରହଣ କରିଥିଲେ । ସେ ସର୍ବମୟ ଈଶ୍ୱରଙ୍କ ଠାରୁ ଆଜ୍ଞା ପାଇ ୧୮୮୯ ମସିହାରେ ଅହମଦୀୟା ମୁସଲିମ୍ ସଂପ୍ରଦାୟର ଭିତ୍ତି ସ୍ଥାପନ କଲେ । ୧୯୦୮ ମସିହାରେ ତାଙ୍କର ତିରୋଧନ ଘଟିଲା ଏବଂ ସେତେବେଳକୁ ଶତ ସହସ୍ର ସଂଖ୍ୟାରେ ଲୋକମାନେ ସଂପ୍ରଦାୟରେ ଯୋଗ ଦେଇଥିଲେ । ତାଙ୍କ ଦେହାନ୍ତ ପରେ 'ଖିଲାଫତ୍'ର ବ୍ୟବସ୍ଥା କାର୍ଯ୍ୟକାରୀ ହେଲା । ସେହି ପ୍ରତିଶ୍ରୁତ ମସିହଙ୍କର ପଞ୍ଚମ ଖଲିଫା ରୂପେ ବର୍ତ୍ତମାନ ମୁଁ ସେହି ପଦରେ ଅଧିଷ୍ଠିତ

ହୋଇଛି ।

ଏକ ମୌଳିକ ସିଦ୍ଧାନ୍ତ ରୂପେ ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ହେଉଛି, 'ଚଳିତ ଯୁଗରେ ଧର୍ମଭିତ୍ତିକ ଯୁଦ୍ଧର ଅବସାନ ଘଟାଇବା ।' ପୁନଶ୍ଚ ଆମର ବିଶ୍ୱାସ ଯେ କେବଳ ପ୍ରେମ ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମାଧ୍ୟମରେ କୌଣସି ବ୍ୟକ୍ତି ଯେ କୌଣସି ଶିକ୍ଷାକୁ ପ୍ରସାରଣ କରିପାରିବ । ତଦ୍ୱାରା ସେ ଶାନ୍ତି, ଭ୍ରାତୃଭାବ ଏବଂ ଏକତା ପ୍ରତିଷ୍ଠା କରିବା ପାଇଁ ସକ୍ଷମ ହୋଇପାରିବ । ଇସଲାମର ବାସ୍ତବ ଶିକ୍ଷା ଉପରେ ଆଧାରିତ ଏହି ମହତ୍ୱପୂର୍ଣ୍ଣ ତତ୍ତ୍ୱକୁ ଅହମଦୀୟା ମୁସଲିମ ସଂପ୍ରଦାୟ ଦ୍ୱାରା ପୃଥିବୀବ୍ୟାପି ପ୍ରଚାର ଓ ପ୍ରସାର କରାଯାଉଛି । ଏହି ସଂପ୍ରଦାୟ ବର୍ତ୍ତମାନ 200ରୁ ଅଧିକ ଦେଶରେ ପରିବ୍ୟାପ୍ତ ଏବଂ ଏହାର ଅନୁଗାମୀ କୋଟି କୋଟି ସଂଖ୍ୟାରେ ପୃଥିବୀରେ ରହିଛନ୍ତି ।

ମୁଁ ଆପଣଙ୍କ ନିକଟରେ ନିମ୍ନୋକ୍ତ କେତୋଟି ବାର୍ତ୍ତା ପହଞ୍ଚାଇବା ପାଇଁ ଚାହୁଁଛି । ପୃଥିବୀ ବର୍ତ୍ତମାନ ଅତ୍ୟନ୍ତ ଦୁଃଖଦ ଓ ସଂକଟାପନ୍ନ ସମୟ ମଧ୍ୟରେ ଗତି କରୁଛି । ବସ୍ତୁତଃ, ଆମେ ଏକ ବିଶ୍ୱଯୁଦ୍ଧ ଅଭିମୁଖେ ଅତି ଦ୍ରୁତ ଗତିରେ ଅଗ୍ରସର ହେଉଥିବାର ପ୍ରତୀୟମାନ ହେଉଛି । ଅଧିକନ୍ତୁ ବିଶ୍ୱ ଜନସଂଖ୍ୟାର ଏକ ବୃହତ୍ ଭାଗ ଆପଣଙ୍କ ଶାସନାଧୀନରେ ବାସ କରୁଛନ୍ତି । ମିଳିତ ଜାତିସଂଘରେ Veto ପ୍ରୟୋଗ କରିବାର କ୍ଷମତା ମଧ୍ୟ ଆପଣଙ୍କର ରହିଛି । ସୁତରାଂ ଏହି ପରିପ୍ରେକ୍ଷୀରେ ମୋର ଆପଣଙ୍କୁ ଅନୁରୋଧ, ଆମ ସମ୍ମୁଖରେ ଭୟଙ୍କର ରୂପେ ପ୍ରତୀୟମାନ ହେଉଥିବା ଧ୍ୱଂସମୁଖରୁ ମାନବ ସମାଜକୁ ରକ୍ଷା କରିବା ପାଇଁ ଆପଣ ବିହିତ ପଦକ୍ଷେପ ଗ୍ରହଣ କରନ୍ତୁ । ଆମେ ଜାତି, ଧର୍ମ, ଦେଶ ନିର୍ବିଶେଷରେ ମାନବିକତାକୁ ବଞ୍ଚାଇବା ରଖିବା ପାଇଁ ଆପ୍ରାଣ ଉଦ୍ୟମ କରିବା ଉଚିତ ।

ଚୀନ ବିପ୍ଳବ ପରେ ସେଠାରେ ଅନେକ ପରିବର୍ତ୍ତନ ଘଟିଛି ଏବଂ ଦେଶର ବହୁତ ଅଗ୍ରଗତି ହୋଇଛି । ଆପଣଙ୍କ ଦେଶର ଜଣେ ବିଶିଷ୍ଟ ନେତା ମାନ୍ୟବର ମାଓ ଜିଦଙ୍ଗ୍ ସେଠାରେ ଉଚ୍ଚ ନୈତିକ ଆଦର୍ଶର ମୂଳଭିତ୍ତି ସ୍ଥାପନ କରିଥିଲେ । ଅନ୍ୟ ଅର୍ଥରେ କହିଲେ, ତାଙ୍କର ଏହି କାର୍ଯ୍ୟକୁ ଏକ ଉତ୍କୃଷ୍ଟ ମାନର ମାନବୀୟ ମୂଲ୍ୟବୋଧ ରୂପେ ବର୍ଣ୍ଣନା କରାଯାଇପାରେ । ଆପଣ ଈଶ୍ୱରଙ୍କ ସତ୍ତାକୁ ସ୍ୱୀକାର କରନ୍ତି ନାହିଁ ଅଥଚ ନୈତିକତାଭିତ୍ତିକ ନିୟମକୁ ଆପଣ ଅନୁସରଣ କରନ୍ତି । ମୁଁ ସ୍ପଷ୍ଟ କରି ଦେବାକୁ ଚାହେ ଯେ ଇସଲାମ ଦ୍ୱାରା ପ୍ରଦର୍ଶିତ ଈଶ୍ୱର ସମଗ୍ର ମାନବଜାତିର ମାର୍ଗଦର୍ଶନ ସକାଶେ ପବିତ୍ର କୋରାନ ବାଣୀ ପ୍ରକଟନ କରିଛନ୍ତି । ଏ ସମସ୍ତ ନୈତିକ ବିଧାନ ଉପରେ କାର୍ଯ୍ୟ କରିବା ପାଇଁ ପବିତ୍ର କୋରାନ ଆମ ମନରେ ଦୃଢ଼ ଭାବେ ଅଙ୍କିତ କରିଛି । ଏପରିକି ଏହାଠାରୁ ଅଧିକ ନୈତିକତାରେ ପରିପୂର୍ଣ୍ଣ ଆଦର୍ଶମୟ ଶିକ୍ଷା ଏଥିରେ ଭରି ରହିଛି । ମାନବିକ ମୂଲ୍ୟର ପ୍ରତିଷ୍ଠା ଓ ମନୁଷ୍ୟର ଜୀବନ ଧାରଣର ଅର୍ଥକୁ ବୁଝିବା ପାଇଁ ସବିଶେଷ ତଥ୍ୟ ସମ୍ବଳିତ ଅନେକ ଶୋଭନୀୟ ଶିକ୍ଷାରେ ଏହା ପରିପୂର୍ଣ୍ଣ । ଯଦି ସମଗ୍ର ବିଶ୍ୱ ବିଶେଷତଃ ମୁସଲିମଜଗତ ନିର୍ଦ୍ଦିଷ୍ଟ ଭାବରେ କୋରାନ ଶିକ୍ଷାରେ ଅନୁପ୍ରାଣୀତ ହେବ, ସେମାନଙ୍କର ସମସ୍ତ ପ୍ରକାର ସମସ୍ୟା ତଥା ବିବାଦାତ୍ମକ ସଂଘର୍ଷ ଦୂର ହୋଇଯିବ ଏବଂ ଶାନ୍ତି ଓ ଏକତାର ଏକ ସୁସ୍ଥ ବାତାବରଣ ସୃଷ୍ଟି ହେବ ।

ସଂପ୍ରତି ପୃଥିବୀର ପ୍ରତ୍ୟେକ ଭାଗରେ ଏପରି ବିଶେଷ ଅଭିପ୍ରାୟ ଓ ଲକ୍ଷ୍ୟକୁ ପହଞ୍ଚାଇବାରେ ଅହମଦୀୟା ମୁସଲିମ ସଂପ୍ରଦାୟ ଅବିରତ ସାଧନା ଓ ଉଦ୍ୟମ ଜାରି ରଖିଛି । ଆମେ ଶାନ୍ତି ଆଲୋଚନା ଚକ୍ର ଏବଂ ବହୁଳ ଭାବେ ସମ୍ମିଳନୀର ଆୟୋଜନ କରି ସମାଜର ବିଭିନ୍ନ ବର୍ଗର ଲୋକଙ୍କ ନିକଟରେ ପହଞ୍ଚାଇଥାଉ ଏବଂ ସେମାନଙ୍କ ମଧ୍ୟରେ ଭାବ ବିନିମୟ କରିଥାଉ । ସେହିସବୁ ଅବସରରେ ମୁଁ ବିଶ୍ୱବାସୀଙ୍କୁ ସେମାନଙ୍କ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାର ଆବଶ୍ୟକତା ପ୍ରତି ସ୍ମରଣ କରାଇଦିଏ । ସୁତରାଂ ମୁଁ ସବିନୟ ଅନୁରୋଧ କରୁଛି ଯେ ପୃଥିବୀର ରାଷ୍ଟ୍ରମୁଖ୍ୟ ତଥା ନେତୃବର୍ଗ ବୁଦ୍ଧିମତାର ସହ କାର୍ଯ୍ୟ କରନ୍ତୁ । ଦେଶ ଦେଶ ମଧ୍ୟରେ ଏବଂ ଜାତି ଜାତି ମଧ୍ୟରେ ଆଭ୍ୟନ୍ତରୀଣ ଶତ୍ରୁତାକୁ ପ୍ରଶୟ ଦିଅନ୍ତୁ ନାହିଁ । କାରଣ କ୍ଷୁଦ୍ର ଆକାରର ଏହି ବିଦ୍ୱେଷ କୁହୁଳି କୁହୁଳି ଶେଷରେ ସାରା ପୃଥିବୀରେ ପ୍ରଚଣ୍ଡ ସଂଘର୍ଷର ରୂପ ଧାରଣ କରିପାରେ । ମୁଁ ଆପଣଙ୍କୁ ପୁଣି ଅନୁରୋଧ କରୁଅଛି ଯେ ବିଶ୍ୱର ମହାଶକ୍ତି ହୋଇଥିବା ଦୃଷ୍ଟିରୁ ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଆପଣ ନ୍ୟାୟୋଚିତ ଭୂମିକା ଗ୍ରହଣ କରନ୍ତୁ । ବିଶ୍ୱଯୁଦ୍ଧର ଭୟାବହ ପରିଣତିରୁ ପୃଥିବୀକୁ ରକ୍ଷା କରନ୍ତୁ । କାରଣ ଏହି ଯୁଦ୍ଧ ଥରେ ଆରମ୍ଭ ହୋଇଗଲେ ଆଣବିକ ଅସ୍ତ୍ର ବ୍ୟବହୃତ ନ ହେବା ପର୍ଯ୍ୟନ୍ତ ଏହା ଶେଷ ହେବ ନାହିଁ । ଏହା ମଧ୍ୟ ନିଶ୍ଚିତ ଭାବେ ସମ୍ଭବ ଯେ ଏହି ଯୁଦ୍ଧର ପରିଣାମ ସ୍ୱରୂପ ପୃଥିବୀର କେତେକ ନିର୍ଦ୍ଦିଷ୍ଟ ଦେଶ ଓ ଅଂଚଳ ଭୂପୃଷ୍ଠରୁ ନିଶ୍ଚିହ୍ନ ହୋଇଯିବ । ପରମାଣୁ ଯୁଦ୍ଧ ଶେଷ ହେବା ପରବର୍ତ୍ତୀ ଅବସ୍ଥା କେବଳ ତୁରନ୍ତ କ୍ଷୟକ୍ଷତି ମଧ୍ୟରେ ସୀମିତ ହୋଇ ରହିବ ନାହିଁ, ବରଂ ଏହାର ଦୀର୍ଘକାଳୀନ ପ୍ରଭାବ ଆମର ଭବିଷ୍ୟତ ବଂଶଧରଙ୍କ ଉପରେ ପଡିବ । ସେମାନେ ଶାରୀରିକ ବିକଳାଙ୍ଗ ଶିଶୁ ହୋଇ ଜନ୍ମ ହେବେ । ସୁତରାଂ ଆପଣ ନିଜର ସମସ୍ତ ବଳ ପରାକ୍ରମ ଏବଂ ସାମର୍ଥ୍ୟକୁ ମାନବିକତାର ରକ୍ଷା ଦିଗରେ ବିନିଯୋଗ କରନ୍ତୁ । ଏହା କରିବା ଦ୍ୱାରା ନିଶ୍ଚିତ ଭାବରେ ଆପଣଙ୍କ ଦେଶ ଓ ଜାତିର ଅଶେଷ କଲ୍ୟାଣ ସାଧିତ ହେବ । ମୋର ଭଗବାନଙ୍କ ନିକଟରେ ଏତିକି ପ୍ରାର୍ଥନା ଯେ ପୃଥିବୀର ଛୋଟ ବଡ ସମସ୍ତ ଦେଶ ମୋର ଏହି ବାର୍ତ୍ତାକୁ ହୃଦୟଙ୍ଗମ କରିବା ପଇଁ ଭଗବାନ ସେମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ହାର୍ଦ୍ଦିକ ଶୁଭେଚ୍ଛା ସହିତ

ଆପଣଙ୍କ ମହତ୍ତ୍ୱାକାଙ୍କ୍ଷୀ



**ମିର୍ଜା ମସରୁର୍ ଅହମଦ**

ଖଲିଫତୁଲ୍ ମସିହ-ପଞ୍ଚମ
ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂପ୍ରଦାୟର ମୁଖ୍ୟ

ବ୍ରିଟେନ୍ ଯୁକ୍ତରାଜ୍ୟର ପ୍ରଧାନମନ୍ତ୍ରୀଙ୍କ ନିକଟକୁ

MIRZA MASROOR AHMAD
HEAD OF THE AHMADIYYA COMMUNITY
IN ISLAM

بسم الله الرحمن الرحيم
نحمده و نصلي على رسوله الكريم
وعلى عبده المسيح الموعود
خدا کے فضل اور رحم کے ساتھ
هو الناصر

16 Gressenhall Road
Southfields, London
SW18 5QL, UK

ପ୍ରାପ୍ତେଷୁ
Prime Ministers of the United Kingdom of
Great Britain and Northern Island **15 ଅପ୍ରେଲ 2012**
Rt. Hon.ଡେଭିଡ୍ କ୍ୟାମେରନ୍
୧ ୦ ଡାଓନିଙ୍ଗ୍ ଷ୍ଟ୍ରିଟ୍, ଲଣ୍ଡନ
SW1A2AA
United Kingdom

ଶ୍ରଦ୍ଧେୟ ପ୍ରଧାନମନ୍ତ୍ରୀ,

ଆଜିର ବିଶ୍ୱ ଅତି ଭୟାବହ ପରିସ୍ଥିତି ମଧ୍ୟ ଦେଇ ଗତି କରୁଛି ଏବଂ ଏପରି ଏକ ସାଂଘାତିକ ବିପଦ ସୃଷ୍ଟି କରିଥିବା ଅବସ୍ଥାରେ ମୁଁ ଆପଣଙ୍କ ଉଦ୍ଦେଶ୍ୟରେ ଏହି ପତ୍ର ଲେଖିବାର ଆବଶ୍ୟକତା ଅନୁଭବ କଲି । ଆପଣ ଯୁକ୍ତରାଜ୍ୟ ବ୍ରିଟେନର ପ୍ରଧାନମନ୍ତ୍ରୀ ପଦରେ ଅଭିଷିକ୍ତ ହୋଇଥିବା କାରଣରୁ କେବଳ ନିଜ ଦେଶର ଭବିଷ୍ୟତ ହିତ ପାଇଁ ନୁହେଁ, ବରଂ ସମଗ୍ର ପୃଥିବୀ ପାଇଁ ଆବଶ୍ୟକ ନିଷ୍ପତ୍ତି ଗ୍ରହଣ କରିବାରେ ଆପଣଙ୍କର ସଂପୂର୍ଣ୍ଣ କ୍ଷମତା ରହିଛି । ପୃଥିବୀ ବର୍ତ୍ତମାନ ଶାନ୍ତିର ସଙ୍କଟରେ ଜର୍ଜରିତ । କାରଣ ଯୁଆଡେ ଦେଖନ୍ତୁ ଯୁଦ୍ଧର ଅଗ୍ନିକଣା ଚତୁର୍ଦ୍ଦିଗରେ ବିଚ୍ଛୁରିତ ହେଉଛି । ଦେଶ ଦେଶ ମଧ୍ୟରେ ସୃଷ୍ଟି ହେଉଥିବା ଛୋଟ ଧରଣର କଳହ ବୃଦ୍ଧି ପାଇ ଏକ ବିଶ୍ୱବ୍ୟାପୀ ବିବାଦର ରୂପଧାରଣ କରିଛି ଉଭୟ ରାଜନୈତିକ ଓ ଅର୍ଥନୈତିକ କ୍ଷେତ୍ରରେ ଚଳିତ ସମୟରେ ଉପୁଜିଥିବା ବିଶୃଙ୍ଖଳାଜନକ ପରସ୍ଥିତି 1932 ମସିହାର ପରିସ୍ଥିତି ସହିତ ସମାନ । ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ଯେଉଁ ସବୁ ସଙ୍କଟ ଦେଖାଦେଇଥିଲା, ତାହା ଏକତ୍ର ମିଳାଇ ଦେଖିଲେ ଠିକ୍ ତଦନୁରୂପ ସଂକଟ ସମାନ୍ତରାଳ ଭାବରେ ଏବେ ସର୍ବତ୍ର ପରିଲକ୍ଷିତ ହେଉଛି । ପ୍ରକୃତରେ ଯଦି କେବେ ସେହିସବୁ ଅଶାନ୍ତ ଉପଦ୍ରବର ସ୍ଫୁଲିଙ୍ଗରେ ଅଗ୍ନି ସଂଯୋଗ କରାଯାଏ, ତାହା ତୃତୀୟ ବିଶ୍ୱଯୁଦ୍ଧର ପ୍ରଚଣ୍ଡ ଅଗ୍ନିବଳୟ ସୃଷ୍ଟି କରିବ । ଅବଶ୍ୟ ଏପରି ଭୟଙ୍କର ଦୃଶ୍ୟକୁ ଆମେ ସ୍ୱଚକ୍ଷୁରେ ଦେଖିବା । ବହୁ ସଂଖ୍ୟକ ଛୋଟ ବଡ ରାଷ୍ଟ୍ର ନିକଟରେ ଏପରି ଆଣବିକ ତଥା ପାରମାଣବିକ ଅସ୍ତ୍ର ଗଚ୍ଛିତ ରହିଛି, ଯଦ୍ୱାରା ନିଃସନ୍ଦେହରେ ଏହା ପରମାଣୁ ଯୁଦ୍ଧର ରୂପ ଧାରଣ କରିବ । ଏଭଳି ବିଧ୍ୱଂସୀ ଅସ୍ତ୍ର ବାହାରିଲାଣି ଯେ ତାହାର ପ୍ରୟୋଗ ଦ୍ୱାରା ବଂଶାନୁକ୍ରମିକ ଭାବେ ଶାରୀରିକ ବିକଳାଙ୍ଗ

ଏବଂ କୌଳିକ ଗୁଣ ସଂଚାରିତ ଶିଶୁ ବିକୃତ ହୋଇ ଜନ୍ମ ଲାଭ କରିବେ । ଜାପାନ ଏପରି ଏକ ଦେଶ, ଯାହାକୁ ଏକଦା ପରମାଣୁ ଯୁଦ୍ଧର କୁତ୍ସିତ ପରିଣାମ ଭୋଗ କରିବାକୁ ପଡିଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏହାର ଦୁଇଟି ସହର ଉପରେ ଯେତେବେଳେ ପରମାଣୁ ବୋମା ଦ୍ୱାରା ଆକ୍ରମଣ କରାଗଲା, ସେହି ସହର ଦ୍ୱୟ ସଂପୂର୍ଣ୍ଣ ରୂପେ ଧ୍ୱଂସ ହୋଇଗଲା । ଧ୍ୱଂସର ବିଭୀଷିକା ସୃଷ୍ଟି କରିଥିବା ସେତେବେଳେ ବ୍ୟବହୃତ ପରମାଣୁ ବୋମା ଅପେକ୍ଷା ସଂପ୍ରତି ଏକ କ୍ଷୁଦ୍ର ଦେଶ ନିକଟରେ ରହିଥିବା ବୋମା ମଧ୍ୟ ବହୁ ଅଧିକ ଶକ୍ତିଶାଳୀ । ସୁତରାଂ ଆସନ୍ନ ବିପଦରୁ ମାନବିକତାକୁ ରକ୍ଷା କରିବା ପାଇଁ ମହାଶକ୍ତିଗୁଡିକ ମିଳିତ ହୋଇ ବିଚାର ବିମର୍ଶ କରି ଏହାର ସମାଧାନର ପନ୍ଥା ସ୍ଥିର କରନ୍ତୁ ।

ଏହାଠାରୁ ଅଧିକ ଭୟ ସୃଷ୍ଟି ହେବାର କାରଣ କ'ଣ ହୋଇପାରେ, ଯେତେବେଳେ କି ଏ ବିଷୟରେ ସମସ୍ତେ ଅବଗତ ହେବେ ଯେ ପରମାଣୁ ଅସ୍ତ୍ରରେ ସୁସଜ୍ଜିତ ଛୋଟ ଦେଶମାନଙ୍କ ମଧ୍ୟରେ କୌଣସି ବିଚାରଶୂନ୍ୟ ବ୍ୟକ୍ତି ହାତରେ ଯଦି ଏହି ଅସ୍ତ୍ର ପ୍ରୟୋଗ କରିବାର ଅବସର ମିଳେ, ଯାହାର ଅସ୍ତ୍ରଧାରଣ କ୍ଷମତା ନାହିଁ ଅଥବା ଏହାର ଫଳାଫଳ ସଂବନ୍ଧରେ ଯାହାକୁ କିଛି ଜଣାନାହିଁ, ତେବେ ଯଦି ଆବେଗର ବଶୀଭୂତ ହୋଇ ସେ ଅସ୍ତ୍ର ଚାଳନା କରେ ତା'ହେଲେ ଯେଉଁ ତୁମୁଳ କାଣ୍ଡ ଘଟିବ ତାହାକୁ କଳ୍ପନା କରିବା ମଧ୍ୟ ମନୁଷ୍ୟ ପକ୍ଷେ ଅସମ୍ଭବ ହେବ । ବୃହତ ଶକ୍ତିଶାଳୀ ରାଷ୍ଟ୍ରଗୁଡିକ କ୍ଷୁଦ୍ର ଦେଶଗୁଡିକର ଅସନ୍ତୋଷକୁ ଦୂର କରି ନ ପାରିଲେ ଏବଂ ନ୍ୟାୟପୂର୍ଣ୍ଣ ଆଚରଣ ପୂର୍ବକ ସେମାନଙ୍କ ବିକାଶଧାରାକୁ ତ୍ୱରାନ୍ୱିତ କରିବା ପାଇଁ ସମୁଚିତ ଓ ବିବେକାତ୍ମକ ଉଦାର ନୀତି ଗ୍ରହଣ ନ କରିବା ପର୍ଯ୍ୟନ୍ତ ପରିସ୍ଥିତି ଅସମ୍ଭାଳ ହେବ । ଏହା ଆଗକୁ କଳ୍ପନାତୀତ ଭାବେ ବିନାଶ ରଚନା କରିବ । ଏପରିକି ଶାନ୍ତି ଚାହୁଁଥିବା ପୃଥିବୀର ବୃହତ ଜନସାଧାରଣ ଏହି ଧ୍ୱଂସର କବଳିତ ହେବେ ।

ତେଣୁ ମୋର ଆକୁଳ ନିବେଦନ ଯେ ସେମାନଙ୍କ ଦେଶ ତଥା ସମସ୍ତ କ୍ଷମତାଶାଳୀ ରାଷ୍ଟ୍ର ଏହି ଭୟାନକ ସତ୍ୟକୁ ହୃଦୟଙ୍ଗମ କରନ୍ତୁ । ଏକ ଶତ୍ରୁଭାବାପନ୍ନ ନୀତି ଗ୍ରହଣ କରିବା ପରିବର୍ତ୍ତେ ନ୍ୟାୟଶୀଳ ନୀତି ଅବଲମ୍ବନ କରନ୍ତୁ । ନିଜର ଉଦ୍ଦେଶ୍ୟ ପୂରଣ କରିବା ପାଇଁ ବଳ ପ୍ରୟୋଗ ନ କରି ନ୍ୟାୟ ପ୍ରଦାନ କରିବାକୁ ପ୍ରୋତ୍ସାହନ ଦିଅନ୍ତୁ ।

ଅତୀତରେ ବ୍ରିଟେନ ଯେଉଁସବୁ ଦେଶକୁ ଶାସନ କରୁଥିଲା, ସେଠାରେ ଉତ୍ତମ ନ୍ୟାୟ ଏବଂ ଧର୍ମୀୟ ସ୍ୱାଧୀନତା ଦେବା ପ୍ରତି ଉପଯୁକ୍ତ ଧ୍ୟାନ ଦେଉଥିଲା । ବ୍ରିଟେନ୍‌ର ରାଜତ୍ୱ କାଳରେ ଭାରତର ଉପମହାଦେଶ ଏବଂ ପାକିସ୍ତାନରେ ଏହିପରି ନିରପେକ୍ଷ ନିୟମ ପ୍ରଚଳିତ କରାଯାଇଥିଲା । ବସ୍ତୁତଃ ଅବାଧରେ ଧର୍ମପାଳନ କରିବା ପାଇଁ ସୁବିଧା ଯୋଗାଇବା ତଥା ଲୋକଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବାରେ ବ୍ରିଟିଶ ସରକାରଙ୍କ ଏହି ନୀତିକୁ ଅହମଦୀୟା ସଂପ୍ରଦାୟର ପ୍ରତିଷ୍ଠାତା ଭୂୟସୀ ପ୍ରଶଂସା କରିଥିଲେ । ମହାରାଣୀ ଭିକ୍ଟୋରିଆଙ୍କ ଶାସନ କାଳରେ ହୀରକ ଜୟନ୍ତୀ ଅବସରରେ ତାଙ୍କୁ ଅଭିନନ୍ଦନ ଜଣାଇ ସେ ଇସଲାମର ଶାନ୍ତିମୟ ବାର୍ତ୍ତା ପ୍ରେରଣ କରିଥିଲେ ଏବଂ ଏହି ମହତ୍ କାର୍ଯ୍ୟ ପାଇଁ ସେମାନଙ୍କ ବଦାନ୍ୟତାର ପୁରସ୍କାର ସ୍ୱରୂପ ସେ ଅଲ୍ଲାହ୍‌ଙ୍କଠାରେ ପ୍ରାର୍ଥନା ମଧ୍ୟ କରିଥିଲେ ।


ବ୍ରିଟିଶ ସରକାର ଏହି ବୈଶିଷ୍ଟ୍ୟକୁ ଭବିଷ୍ୟତରେ ମଧ୍ୟ ବଜାୟ ରଖିବେ ବୋଲି ଆମେ ଆଶା କରୁଛୁ । ତେଣୁ ଅତୀତର ଭଲ ଗୁଣକୁ ଆପଣମାନେ କଦାପି ପାଶୋରି ଦିଅନ୍ତୁ ନାହିଁ ।

ବ୍ରିଟିଶ ଇତିହାସର ଅତୀତ ପୃଷ୍ଠାକୁ ଲେଉଟାଇଲେ ସେମାନେ ନ୍ୟାୟୋଚିତ ବିଷୟକୁ ସମର୍ଥନ କରୁଥିବାର ପ୍ରମାଣ ଆମ ପାଖରେ ରହିଛି । ମୋତେ ଏହା ଉତ୍ସାହିତ କରିଥିବାରୁ ମୁଁ ଏହି ପ୍ରସଙ୍ଗରେ ବକ୍ତବ୍ୟ ରଖିଛି ଏବଂ ଏଥିପ୍ରତି ଆପଣମାନଙ୍କ ଧ୍ୟାନ ଆକର୍ଷଣ କରୁଛି ।

ମୋର ଅନୁରୋଧ ଯେ ପ୍ରତ୍ୟେକ ସ୍ତରରେ ଏବଂ ପ୍ରତ୍ୟେକ ଦିଗରେ ଅଗ୍ନିଶିଖା ରୂପକ ଘୃଣା ଓ ହିଂସାକୁ ନିର୍ବାପିତ କରିବା ପାଇଁ ଆସନ୍ତୁ ଆମେ ଯଥାସାଧ୍ୟ ପ୍ରୟାସ କରିବା । ଯଦି ଆମେ ଏହି ପ୍ରୟାସରେ ସଫଳ ହେବା, ତା'ହେଲେ ଆମର ଆଗାମୀ ପିଢ଼ିର ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି ଦୃଢ଼ ନିଶ୍ଚିତ ହୋଇପାରିବା । ଯଦି ଆମେ ଏହି କାର୍ଯ୍ୟରେ ବିଫଳ ହେଉଛେ, ତା'ହେଲେ ଏ ବିଷୟରେ ଆମ ମନରେ କୌଣସି ସନ୍ଦେହ ରହିବା ଉଚିତ ହେବ ନାହିଁ ଯେ ଏକ ପରମାଣୁ ବୋମାର କୁପରିଣାମ ସ୍ୱରୂପ ଆମେ କରିଥିବା ଜଘନ୍ୟ କାର୍ଯ୍ୟର ପରିଣାମ ସର୍ବତ୍ର ଆମ ଭବିଷ୍ୟତ ବଂଶଧର ଭୋଗ କରିବେ । ପୁଣି ସେମାନଙ୍କ ଏହି ପୂର୍ବଜମାନେ ଦୁନିଆକୁ ମହାବିପତ୍ତି ମଧ୍ୟକୁ ଠେଲି ଦେଇଥିବା କାରଣରୁ ସେମାନଙ୍କୁ କଦାପି କ୍ଷମା ଦେବେ ନାହିଁ । ମୁଁ ଆପଣଙ୍କୁ ପୁନର୍ବାର ମନେ ପକାଇ ଦେଉଛି ଯେ ବ୍ରିଟେନ୍ ମଧ୍ୟ ସେହି ରାଷ୍ଟ୍ରମାନଙ୍କ ମଧ୍ୟରୁ ଗୋଟିଏ । ଏହା ହେଉଛି ଏପରି ଦେଶ, ଯାହା ଏହାର ବିହିତ ପ୍ରତିକାର ପାଇଁ ସକାରାତ୍ମକ ମନୋବୃତ୍ତି ନେଇ ପୃଥିବୀର ବିକାଶୋନ୍ମୁଖୀ ଦେଶଗୁଡ଼ିକ ଉପରେ ନିଜ ଶକ୍ତିର ପ୍ରଭାବ ପକାଇପାରିବ । ଯଦି ଆପଣ ଚାହିଁବେ, ତେବେ ନ୍ୟାୟିକ ପ୍ରଶାସନ, ନିରପେକ୍ଷତା ଏବଂ ସମତା ରକ୍ଷା କରିବାର ଆବଶ୍ୟକତାକୁ ପୂରଣ କରିପାରିବେ । ଏପରିକି ସାରା ବିଶ୍ୱକୁ ନୂତନ ଦିଗ୍‌ଦର୍ଶନ ଦେଇପାରିବେ । ସୁତରାଂ ବ୍ରିଟେନ୍ ଓ ତା'ପରି ଯେତେ ବଡ ବଡ ଶକ୍ତିଶାଳୀ ରାଷ୍ଟ୍ର ଅଛନ୍ତି, ସେମାନେ ଏହିପରି ଭାବରେ ବିଶ୍ୱରେ ଶାନ୍ତି ଓ ସଂହତି ପ୍ରତିଷ୍ଠା କରିବା ଦିଗରେ ନିଜ ନିଜର ଭୂମିକା ଗ୍ରହଣ କରିବା ଉଚିତ । ଅଲ୍ଲାଃ ଆପଣଙ୍କୁ ଏବଂ ବିଶ୍ୱର ଅନ୍ୟ ପ୍ରମୁଖ ନେତାମାନଙ୍କୁ ମୋର ଏହି ବାର୍ତ୍ତାକୁ ବୁଝିବା ପାଇଁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ଆନ୍ତରିକ ଶୁଭେଚ୍ଛା ସହିତ

ଆପଣଙ୍କ ଶୁଭାକାଂକ୍ଷୀ



**ମିର୍ଜା ମସରୁର୍ ଅହମଦ୍**

ଖଲିଫତୁଲ୍ ମସିହ-ପଞ୍ଚମ

ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂପ୍ରଦାୟର ମୁଖ୍ୟ

# ଜର୍ମାନୀର ରାଷ୍ଟ୍ରାଧ୍ୟକ୍ଷାଙ୍କ ନିକଟକୁ ପତ୍ର

MIRZA MASROOR AHMAD
HEAD OF THE AHMADIYYA COMMUNITY
IN ISLAM

بسم الله الرحمن الرحيم
نحمده و نصلي على رسوله الكريم
وعلى عبده المسيح الموعود
خدا کے فضل اور رحم کے ساتھ
هو الناصر

16 Gressenhall Road
Southfields, London
SW18 5QL, UK

ପ୍ରାପ୍ତେଷୁ
ଜର୍ମାନୀ ରାଷ୍ଟ୍ରାଧକ୍ଷା ମହୋଦୟା
ଆଞ୍ଜେଲା ମରକେଲା

**15 ଅପ୍ରେଲ 2012**

Bundes Kanzleramt
Willy- Brandt-Str.1
10557 ବର୍ଲିନ

ଶ୍ରଦ୍ଧେୟା ଚାନସେଲର୍ ମହୋଦୟା,

ମୋର ଆପଣଙ୍କ ନିକଟକୁ ପତ୍ର ଲେଖିବାର ଅଭିପ୍ରାୟ ଏହିକି ଯେ ବିଶ୍ୱର ସାଂପ୍ରତିକ ଅବସ୍ଥା ଅତ୍ୟନ୍ତ ଭୟଙ୍କର ଓ ଉଦ୍‌ବେଗଜନକ । ଜର୍ମାନୀ ଦେଶର ମୁଖ୍ୟ ପ୍ରଶାସିକ ଭାବରେ ଆପଣ ଯେଉଁ ଗୁରୁଦାୟିତ୍ୱ ବହନ କରିଛନ୍ତି, ତାହା ଉଲ୍ଲେଖନୀୟ ଏବଂ ଆପଣଙ୍କ କ୍ଷମତାକୁ ଜାହିର କରୁଛି । କୌଣସି ନିଷ୍ପତ୍ତି ଗ୍ରହଣ କରିବାରେ ଆପଣଙ୍କ କର୍ତ୍ତୃତ୍ୱ ଏପରି ପ୍ରଭାବଶାଳୀ ଯାହା କେବଳ ନିଜ ଦେଶ ନୁହେଁ,ସମଗ୍ର ପୃଥିବୀ ପାଇଁ ଗୁରୁତ୍ୱପୂର୍ଣ୍ଣ । ଏବେ ପୃଥିବୀ ଅନେକ ବୃହତ ଖଣ୍ଡରେ ବିଭାଜିତ ହୋଇଛି, ଚରମପନ୍ଥୀ କାର୍ଯ୍ୟକଳାପ ଅତି ଦ୍ରୁତ ଗତିରେ ବୃଦ୍ଧି ପାଉଛି ଏବଂ ରାଜନୈତିକ ଓ ଅର୍ଥନୈତିକ ବ୍ୟବସ୍ଥା ଅତି ସଂକଟଜନକ ସ୍ଥିତିରେ ପହଞ୍ଚିଛି । ଏହିସବୁ ସମସ୍ୟାକୁ ଲକ୍ଷ୍ୟ କଲେ ପୃଥିବୀରେ ସମସ୍ତ ପ୍ରକାର ଘୃଣାତ୍ମକ କାର୍ଯ୍ୟକଳାପକୁ ସମୂଳେ ଲୋପ କରିବା ଆବଶ୍ୟକ ମନେ ହେଉଛି, ଯଦ୍ୱାରା ବିଶ୍ୱରେ ଶାନ୍ତିର ମୂଳଭିତ୍ତି ସ୍ଥାପିତ ହୋଇପାରିବ । ଏହି ଲକ୍ଷ୍ୟ ହାସଲ କରିବାକୁ ହେଲେ ଆମକୁ ପ୍ରତ୍ୟେକ ବ୍ୟକ୍ତିର ଭାବନା ଓ ହୃଦୟର ଆବେଗ ପ୍ରତି ସମ୍ମାନ ପ୍ରଦାନ କରିବାକୁ ହେବ । ସ୍ୱଚ୍ଛତା ଓ ସାଧୁତା ଅବଲମ୍ବନ କରି ଏହି ନୀତିକୁ ସୁଚାରୁ ରୂପେ କାର୍ଯ୍ୟକାରୀ କରାଯିବା ଉଚିତ, ନଚେତ୍ ଏହା ଯୋଗୁଁ ବିଶ୍ୱର ପରିସ୍ଥିତି ଲଗାତାର ଦ୍ରୁତ ଗତିରେ ନିୟନ୍ତ୍ରଣ ବାହାରକୁ ଚାଲିଯାଉଥିବ । ଆମେ ଆଜି ଦେଖିବାକୁ ପାଉଛୁ ଯେ ଅଧିକାଂଶ ଦେଶ ନ୍ୟାୟର ଆବଶ୍ୟକତାକୁ ପୂରଣ କରିପାରୁ ନାହାନ୍ତି । ଏହାର ପରିଣାମ ସ୍ୱରୂପ ଅନ୍ୟ ଏକ ବିଶ୍ୱ ଯୁଦ୍ଧର ମୂଳଭିତ୍ତି କେବେଠାରୁ ପଡିସାରିଛି । ବହୁ ସଂଖ୍ୟକ ଛୋଟ ବଡ ଦେଶ ପାରମାଣବିକ ଅସ୍ତ୍ରରେ ସଜ୍ଜିତ ହୋଇ ରହିଛନ୍ତି । ଯଦି ବିଶ୍ୱଯୁଦ୍ଧ ଆରମ୍ଭ ହୁଏ, ତା ହେଲେ ଅଣ-ଆଣବିକ ଅସ୍ତ୍ରର ବ୍ୟବହୃତ ହେବା ପରିବର୍ତ୍ତେ ସେହି ଯୁଦ୍ଧରେ ସେମାନଙ୍କ ନିକଟରେ ଗଚ୍ଛିତ ଥିବା ପରମାଣୁ ଅସ୍ତ୍ର ବହୁଳ ଭାବେ ପ୍ରୟୋଗ କରାଯିବ ।

ଏକ ପରମାଣୁଭିତ୍ତିକ ସଂଘର୍ଷର ସୂତ୍ରପାତ ହେଲେ, ତାହା ମହାବିନାଶର ଭୀଷଣ ତାଣ୍ଡବ ସୃଷ୍ଟି କରିବ । ଏହି ଯନ୍ତ୍ରଣାଦାୟକ ସ୍ଥିତିର ପ୍ରଭାବ କେବଳ ସେହି ସମୟ ପାଇଁ ସୀମିତ ହୋଇ ରହିବ ନାହିଁ, ବରଂ ଏହାର ଏକ ଦୀର୍ଘକାଳୀନ ପ୍ରଭାବ ମନୁଷ୍ୟର ଭବିଷ୍ୟତ ବଂଶଧର ଉପରେ ମଧ୍ୟ ଅନୁଭୂତ ହେବ । ଯଦ୍ୱାରା ନବଜାତ ଶିଶୁମାନଙ୍କ ଶରୀରରେ ଜୀନଭିତ୍ତିକ ଗୁରୁତର ତ୍ରୁଟି ପରିଲକ୍ଷିତ ହେବ ।

ସୁତରାଂ ମୋର ବିଶ୍ୱାସ ଯେ ବିଶ୍ୱଶାନ୍ତି ପ୍ରତିଷ୍ଠା କରିବାକୁ ହେଲେ ଯଥାର୍ଥ ନ୍ୟାୟର ଆବଶ୍ୟକତା ରହିଛି । ସେଥିପାଇଁ ସକଳ ମନୁଷ୍ୟର ଧାର୍ମିକ ଭାବନା ଓ ଧର୍ମପାଳନ ପ୍ରତି ସମ୍ମାନ ପ୍ରଦର୍ଶନ କରିବାକୁ ପଡିବ । ତେବେ ଅନେକ ପାଶ୍ଚାତ୍ୟ ଦେଶ ଗରିବ ତଥା ଅନୁନ୍ନତ ଦେଶର ଲୋକମାନଙ୍କୁ ସଂପୃକ୍ତ ଦେଶରେ ଅବସ୍ଥାପିତ କରିବା ପାଇଁ ଉଦାର ଅନୁମତି ପ୍ରଦାନ କରିଛନ୍ତି । ବାସ୍ତବିକ ଏହା ଏକ ପ୍ରଶଂସନୀୟ କାର୍ଯ୍ୟ । ସେମାନଙ୍କ ମଧ୍ୟରେ ଅନେକ ମୁସଲିମ ମଧ୍ୟ ଅଛନ୍ତି, ଯେଉଁମାନେ ଅନ୍ୟ ଦେଶରେ ବସବାସ କରିବାର ସୁଯୋଗ ଲାଭ କରିଛନ୍ତି । ନିଃସନ୍ଦେହରେ କେତେକ ସଂଖ୍ୟାଲଘୁ ତଥାକଥିତ ମୁସଲିମ ମଧ୍ୟ ରହିଛନ୍ତି, ଯେଉଁମାନେ ନିଜର ହୀନ ସ୍ୱାର୍ଥ ହାସଲ କରିବା ପାଇଁ ଏପରି ବେନିୟମ ଭାବେ ଅନୁଚିତ କାର୍ଯ୍ୟ କରୁଛନ୍ତି । ଫଳତଃ ଏହା ପାଶ୍ଚାତ୍ୟ ଦେଶବାସୀଙ୍କ ମନରେ ସନ୍ଦେହ ସୃଷ୍ଟି କରୁଛି । କିନ୍ତୁ ସେମାନେ ଯାହା କରୁଛନ୍ତି, ସ୍ପଷ୍ଟତଃ ଇସଲାମ ସହିତ ତାହାର କୌଣସି ସଂପର୍କ ନାହିଁ । ପ୍ରକୃତ ପକ୍ଷେ ସେହି ଚରମ ପନ୍ଥୀ ମୁସଲିମ ଗୋଷ୍ଠୀ ଶାନ୍ତି, ପ୍ରେମ ଏବଂ ବଂଧୁତ୍ୱର ବାର୍ତ୍ତା ବହନ କରି ଆସିଥିବା ଦିବ୍ୟ ଅବତାର ମୁହମ୍ମଦଙ୍କୁ କଦାପି ଭଲ ପାଆନ୍ତି ନାହିଁ । ବସ୍ତୁତଃ ସେହି କେତେକ ମୁଷ୍ଟିମେୟ ଉଦ୍‌ଭ୍ରାନ୍ତ ଲୋକଙ୍କ ଆଚରଣକୁ ଆଧାର କରି ଇସଲାମ ଧର୍ମ ବିରୁଦ୍ଧରେ ଅଭିଯୋଗ କରିବା ଏବଂ ସଂଖ୍ୟାଗରିଷ୍ଠ ନିରୀହ ଓ ଧର୍ମନିଷ୍ଠ ମୁସଲିମମାନଙ୍କୁ ମାନସିକ ଆଘାତ ଦେବା ସମୀଚିନ ନୁହେଁ । ସୁତରାଂ ସାମାଜିକ ଶାନ୍ତି ପାଇଁ ଉଭୟ ପକ୍ଷରୁ ଉଦ୍ୟମ ହେବା ଆବଶ୍ୟକ । ଯଦି ସବୁ ପକ୍ଷ ପାରସ୍ପରିକ ବଂଧୁତ୍ୱ ସ୍ଥାପନ ଦିଗରେ ମିଳିମିଶି କାର୍ଯ୍ୟ କରନ୍ତି, ତା'ହେଲେ ଏହା ସମ୍ଭବ ହେବ । ପାଶ୍ଚାତ୍ୟବାସୀଙ୍କ ହୃଦୟରେ ଅବିଶ୍ୱାସର ଭାବନା ଜାଗ୍ରତ ହେଉଥିବା ଯୋଗୁଁ ଦେଶ ଦେଶ ମଧ୍ୟରେ ଓ ଜାତି ଜାତି ମଧ୍ୟରେ ସୁସଂପର୍କ ବୃଦ୍ଧି ହେବା ପରିବର୍ତ୍ତେ ଅଣ- ମୁସଲିମମାନଙ୍କ ପ୍ରତିକ୍ରୀୟା ଦିନକୁ ଦିନ ଅତ୍ୟଧିକ ଖରାପ ହେବାରେ ଲାଗିଛି । ଫଳତଃ ମୁସଲିମ ଓ ଅଣ ମୁସଲିମ ଜଗତ ମଧ୍ୟରେ ମତଭେଦ ଜନିତ ଗୁରୁତର ଫାଟ ସୃଷ୍ଟି ହୋଇଛି ।

କେତେକ ନିର୍ଦ୍ଦିଷ୍ଟ ମୁସଲିମ ଗୋଷ୍ଠି ତଥା ଦେଶର ଏତାଦୃଶ ପଥଭ୍ରଷ୍ଟ ଆଚରଣକୁ ଆଧାର କରି କେତେକ ଶକ୍ତିଶାଳୀ ରାଷ୍ଟ୍ରର ନ୍ୟସ୍ତ ସ୍ୱାର୍ଥ ରକ୍ଷା କରିବା ପାଇଁ ସାଧୁତା ଓ ନ୍ୟାୟକୁ ଅଗ୍ରାଧିକାର ଦିଆଯାଉଛି । ପୃଥିବୀର କେତେକ ଉଚ୍ଚ କ୍ଷମତାଶୀଳ ରାଷ୍ଟ୍ର ସହଜସାଧ ଉପାୟରେ ନିର୍ଦ୍ଦିଷ୍ଟ ଦେଶର ଧନ ଓ ପ୍ରାକୃତିକ ସଂପଦକୁ ହାସଲ କରିବାକୁ ଚାହୁଛନ୍ତି । କେବଳ ସେତିକି ନୁହେଁ ସେମାନେ ଉକ୍ତ ସମ୍ବଳ ସାଧନ ପାଇଁ ନିଜ ସାମର୍ଥ୍ୟ ଅନୁଯାୟୀ

ଅନ୍ୟଦେଶ ସହିତ ପ୍ରତିଦ୍ୱନ୍ଦିତା କରିବାର ସୁଯୋଗ ଦେବାରୁ ସେମାନଙ୍କୁ ବଞ୍ଚିତ କରୁଛନ୍ତି । କେବଳ ସେହି କାରଣରୁ ଲୋକମାନଙ୍କୁ ସାହାଯ୍ୟ କରିବା କିମ୍ବା ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବାକୁ ଆଧାର କରି ବହୁ ସମୟରେ ନିଷ୍ପତ୍ତିମାନ ଗ୍ରହଣ କରାଯାଉଛି । ଅଧିକନ୍ତୁ ଅର୍ଥନୈତିକ ମାନ୍ଦା ଅବସ୍ଥା ହିଁ ବିଶ୍ୱର ରାଜନୈତିକ ଦୃଶ୍ୟପଟ୍ଟକୁ ନିମ୍ନଗାମୀ କରାଇବାର ମୂଳ କାରଣ ହୋଇଛି । ଯଦ୍ଦ୍ୱାରା ଅନ୍ୟ ଏକ ବିଶ୍ୱଯୁଦ୍ଧ ଅଭିମୁଖେ ଅଗ୍ରସର ହେବା ପାଇଁ ଆମେ ଆଜି ବାଧ୍ୟ ହେଉଛୁ । ଯଦି ଏହି ସତ୍ୟକୁ ପୂର୍ବରୁ ପ୍ରଦର୍ଶିତ କରାଯାଇଥାନ୍ତା ତା'ହେଲେ ଏହି ଦେଶଗୁଡିକ ନ୍ୟାୟପୂର୍ଣ୍ଣ ଉପାୟରେ ଲେଣଦେଣ କାରବାରରେ ସ୍ୱଚ୍ଛତା ଅବଲମ୍ବନ କରି ଦେଶ ଦେଶ ମଧ୍ୟରେ ଶିଳ୍ପାୟନ ଓ ଅର୍ଥ ବ୍ୟବସ୍ଥାକୁ ସଠିକ୍ ରୂପେ ସହଯୋଗ ପ୍ରତିଷ୍ଠା ଦ୍ୱାରା ଘନିଷ୍ଠ ସୂତ୍ରରେ ଆବଦ୍ଧ କରାଯାଇ ପାରନ୍ତା । ଗୋଟିଏ ଦେଶ ଅନ୍ୟ ଦେଶର ପ୍ରାକୃତିକ ସମ୍ପଦର ଉପରୁ ଅବୈଧ ଭାବରେ ଫାଇଦା ହାସଲ କରିବାକୁ ଉଦ୍ୟମ ନ କରି ପାରସ୍ପରିକ ସାହାଯ୍ୟ ସହଯୋଗର ମନୋବୃତ୍ତି ରଖି କାର୍ଯ୍ୟ କରିବା ସର୍ବାଦୌ ବାଞ୍ଛନୀୟ । ସଂକ୍ଷେପରେ କରିବାକୁ ଗଲେ ପ୍ରତ୍ୟେକ ଦେଶ ନିଜର ପ୍ରାଧାନ୍ୟକୁ ବଜାୟ ରଖିବା ଉଦ୍ଦେଶ୍ୟରେ ଅନ୍ୟର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିବା ଦ୍ୱାରା ହିଁ ଆଜି ପୃଥିବୀରେ ବିଶୃଙ୍ଖଳା ସୃଷ୍ଟି ହେଉଛି । ସଂପୂର୍ଣ୍ଣ ନ୍ୟାୟର ଅଭାବ ଯୋଗୁଁ ହିଁ ସମଗ୍ର ପୃଥିବୀରେ ଅସ୍ଥିରତା ଓ ଉଦବେଗ ବ୍ୟାପିବାର କାରଣ ହୋଇଛି ।

ଏଣୁ ଆପଣଙ୍କ ମୋର ଅନୁରୋଧ ଯେ ଏକ ବିଶ୍ୱଯୁଦ୍ଧକୁ ପ୍ରତିରୋଧ କରିବା ପାଇଁ ଆପଣ ଯତ୍ପରୋନାସ୍ତି ଉଦ୍ୟମ କରନ୍ତୁ । ଆମ ସମ୍ମୁଖରେ ପ୍ରତୀୟମାନ ହେଉଥିବା ଭୟଙ୍କର ଧ୍ୱଂସରୁ ପୃଥିବୀକୁ ରକ୍ଷା କରିବା ପାଇଁ ନିଜର ସମସ୍ତ ଶକ୍ତି, ସମ୍ବଳ ଏବଂ ପରାକ୍ରମ ବିନିଯୋଗ କରନ୍ତୁ । ଏକ ସୂଚନାରୁ ଜଣାପଡେ ଯେ ଜର୍ମାନୀ ବହୁ ପରମାଣବିକ ମାରଣାସ୍ତ୍ରରେ ସୁସଜ୍ଜିତ ହୋଇଥିବା ତିନୋଟି ବୁଡାଜାହାଜ ଇସ୍ରାଇଲକୁ ଯୋଗାଇବ । ଜଣେ ଜର୍ମାନ ଅଧ୍ୟାପକ କହିଛନ୍ତି ଯେ ଜର୍ମାନୀର ଏଭଳି ନିଷ୍ପତ୍ତି ଇସ୍ରାଇଲ ଓ ଇରାନ ମଧ୍ୟରେ ପୂର୍ବରୁ ରହିଥିବା ଶତ୍ରୁତାର ବହ୍ନି ଆହୁରି ତୀବ୍ର ରୂପ ଧାରଣ କରିବ । ଆମକୁ ଏହା ମନେ ରଖିବାକୁ ହେବ ଯେ କେବଳ ବୃହତ ଶକ୍ତିଶାଳୀ ଦେଶ ନୁହଁନ୍ତି, ଅପେକ୍ଷାକୃତ ସ୍ୱଳ୍ପ କ୍ଷମତା ସଂପନ୍ନ ଛୋଟ ଛୋଟ ଦେଶ ମଧ୍ୟ ପାରମାଣବିକ ଅସ୍ତ୍ର ଧାରଣ କରିବାର କ୍ଷମତା ଅର୍ଜନ କରିଛନ୍ତି । ଏହି ସବୁ ମରଣାସ୍ତ୍ର ବହନକାରୀ ବୋମା ବ୍ୟବହାର କରିବାର ପରିଣାମ କେତେ ଯେ ଭୟଙ୍କର ହେବ, ତାହା ସେମାନଙ୍କର ଜ୍ଞାତସାରରେ ନାହିଁ । କେବଳ ଟ୍ରିଗର ଦବାଇବାରେ ସେମାନେ ଆନନ୍ଦ ଅନୁଭବ କରନ୍ତି । ଏହା ହିଁ ବର୍ତ୍ତମାନ ଚିନ୍ତାର ମୁଖ୍ୟ କାରଣ । ସୁତରାଂ ପୁନର୍ବାର ଆପଣଙ୍କୁ ସବିନିମୟ ଅନୁରୋଧ ଯେ ବିଶ୍ୱ ଶାନ୍ତି ସ୍ଥାପନ ଦିଗରେ ଆପ୍ରାଣ ଉଦ୍ୟମ କରନ୍ତୁ । ଆମେ ଯଦି ଏହି ଚେଷ୍ଟାରେ ବିଫଳ ହେବା ତା'ହେଲେ ଧ୍ୱଂସ ଜନିତ ଭୟାବହ ପରିଣତିର ସମ୍ମୁଖୀନ ହେବା ସୁନିଶ୍ଚିତ । ଏହି ପରମାଣୁ ଭିତ୍ତିକ ମହା ସଂଘର୍ଷ ଯୋଗୁଁ ବଂଶାନୁକ୍ରମେ ମନୁଷ୍ୟ ବିକଳାଙ୍ଗ ହୋଇ ଜନ୍ମ ହେବ । ଏପରି ଦୁର୍ଦ୍ଦଶା

ଭୋଗ କରିବା କାରଣରୁ ସେମାନେ କଦାପି ସେମାନଙ୍କ ପୂର୍ବଜମାନଙ୍କୁ କ୍ଷମା ଦେବେ ନାହିଁ । ସର୍ବଶକ୍ତିମାନ ଈଶ୍ୱର ଆପଣଙ୍କ ସମେତ ବିଶ୍ୱ ନେତୃବର୍ଗଙ୍କୁ ମୋର ଏହି ବାର୍ତ୍ତାକୁ ହୃଦୟଙ୍ଗମ କରିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ହାର୍ଦ୍ଦିକ ଶୁଭେଚ୍ଛା ସହିତ

ଆପଣଙ୍କ ଶୁଭାକାଙ୍କ୍ଷୀ

**ମିର୍ଜା ମସରୁର ଅହମଦ୍**

ଖଲିଫତୁଲ୍ ମସିହ-ପଞ୍ଚମ

ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂପ୍ରଦାୟର ମୁଖ୍ୟ

# ଫ୍ରାନସର ରାଷ୍ଟ୍ରପତିଙ୍କ ନିକଟକୁ ପତ୍ର

MIRZA MASROOR AHMAD
HEAD OF THE AHMADIYYA COMMUNITY
IN ISLAM

بسم الله الرحمن الرحيم
نحمده و نصلي على رسوله الكريم
وعلى عبده المسيح الموعود
خدا کے فضل اور رحم کے ساتھ
هو الناصر

16 Gressenhall Road
Southfields, London
SW18 5QL, UK

ପ୍ରାପ୍ତେଷୁ
President of the French Republic
His Excellency Francois Hollande — 16 ମଇ 2012
ପାଲାଇସ୍ ଦେ ଏଲାଇସୀ
55 Rue du Faubourg Saint Honore
750008 ପ୍ୟାରିସ, ଫ୍ରାନ୍ସ

ଶ୍ରଦ୍ଧେୟ ରାଷ୍ଟ୍ରପତି ମହୋଦୟ

ଫ୍ରାନସ୍‌ର ନବ ନିର୍ବାଚିତ ରାଷ୍ଟ୍ରପତି ରୂପେ ସର୍ବପ୍ରଥମେ ମୁଁ ଆପଣଙ୍କୁ ଅଭିନନ୍ଦନ ଜ୍ଞାପନ କରିବା ମୋ ପାଇଁ ସୌଭାଗ୍ୟ ମନେ କରୁଛି । ନିଶ୍ଚିତ ରୂପେ ଦେଶର ସର୍ବୋଚ୍ଚ ଗୁରୁଦାୟିତ୍ୱ ଆପଣଙ୍କ ଉପରେ ନ୍ୟସ୍ତ କରାଯାଇଛି । ସେଥିପାଇଁ ମୁଁ ଆପଣଙ୍କର ସକଳ ଶୁଭ କାମନା କରୁଛି ଏବଂ ପ୍ରାର୍ଥନା କରୁଛି ଯେ ଫ୍ରାନସର ଜନସାଧାରଣ ତଥା ସମଗ୍ର ବିଶ୍ୱବାସୀ ଆପଣଙ୍କ ନେତୃତ୍ୱରୁ ଲାଭବାନ ହୁଅନ୍ତୁ । ପୃଥିବୀର ସାଂପ୍ରତିକ ପରିସ୍ଥିତିର ଦ୍ରୁତ ଅବକ୍ଷୟ ହେବା ପରିପ୍ରେକ୍ଷୀରେ ମୁଁ ପୂର୍ବତନ ରାଷ୍ଟ୍ରପତି ନିକୋଲାସ ସାର୍କୋଜୀଙ୍କ ନିକଟକୁ ଏବେ ଏକ ପତ୍ର ଲେଖିଛି । ବିଶ୍ୱର ଜଣେ ପ୍ରମୁଖ ନେତା ଭାବରେ ନ୍ୟାୟର ପ୍ରତିଷ୍ଠା ଦିଗରେ ରାଷ୍ଟ୍ରପତି ସାର୍କୋଜୀଙ୍କ ଦାୟିତ୍ୱବୋଧ ପ୍ରତି ତାଙ୍କୁ ସ୍ମରଣ କରାଇବା ସହିତ ଉକ୍ତ ପତ୍ରରେ ମୁଁ ତାଙ୍କୁ ଅନୁରୋଧ କରିଥିଲି ଯେ ଏକ ଆସନ୍ନ ବିଶ୍ୱଯୁଦ୍ଧକୁ ପ୍ରତିରୋଧ କରିବା ପାଇଁ ସେ ତାଙ୍କର ସମସ୍ତ ଶକ୍ତି ଓ କ୍ଷମତାର ପ୍ରଭାବକୁ ଉପଯୋଗ କରନ୍ତୁ । ବର୍ତ୍ତମାନ ନୂତନ ଭାବେ ନିର୍ବାଚିତ ଫ୍ରାନ୍ସର ରାଷ୍ଟ୍ରପତି ରୂପେ ଆପଣଙ୍କୁ ଅନୁରୂପ ବାର୍ତ୍ତା ପ୍ରେରଣ କରିବା ପାଇଁ ଉଚିତ ମନେ କରି ମୁଁ ଏହି ପତ୍ର ଲେଖୁଛି । କାରଣ କୌଣସି ନିଷ୍ପତ୍ତି ଗ୍ରହଣ କରିବାରେ ଆପଣଙ୍କର ଏପରି କ୍ଷମତା ରହିଛି, ଯାହା କେବଳ ଆପଣଙ୍କ ଦେଶର ହିତ ସାଧନ ପାଇଁ ନୁହେଁ, ସମଗ୍ର ପୃଥିବୀକୁ ମଧ୍ୟ ନୂତନ ଦିଗଦର୍ଶନ ଦେଉଛି । ପୃଥିବୀର ସାଂପ୍ରତିକ ପରିସ୍ଥିତିକୁ ସମ୍ଭାଳିବା ପାଇଁ ବିଶ୍ୱର ରାଷ୍ଟ୍ରୀୟ ସରକାର ଗୁଡିକ ଅଧିକ ସଚେତନ ହେବା ଏକାନ୍ତ ଅପରିହାର୍ଯ୍ୟ । କାରଣ ଦେଶ ଦେଶ ମଧ୍ୟରେ ଲାଗିରହିଥିବା ଅନ୍ୟାୟ ଓ ଶତ୍ରୁତାଜନିତ ବିବାଦ ପୃଥିବୀବ୍ୟାପି ସଂଘର୍ଷକୁ ଆହ୍ୱାନ କରୁଛି । ବିଗତ ଶତାବ୍ଦୀରେ ଦୁଇଟି ବିଶ୍ୱଯୁଦ୍ଧ ସଂଘଟିତ ହେଲା । ପ୍ରଥମ ବିଶ୍ୱଯୁଦ୍ଧ ପରେ 'ରାଷ୍ଟ୍ରସଂଘ' ସ୍ଥାପିତ ହେଲା, ମାତ୍ର

ନ୍ୟାୟର ପ୍ରତିଷ୍ଠା କ୍ଷେତ୍ରରେ ଏହାର ସମସ୍ତ ଚେଷ୍ଟା ବ୍ୟର୍ଥ ହେଲା । ପରିଣାମରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ସୂତ୍ରପାତ ହେଲା, ଯହିଁରେ ପରମାଣୁ ବୋମା ବ୍ୟବହୃତ ହୋଇଥିଲା । ମାନବିକ ଅଧିକାରର ସୁରକ୍ଷା ଏବଂ ବିଶ୍ୱଶାନ୍ତିକୁ ଅକ୍ଷୁର୍ଣ୍ଣ ରଖିବା ଅଭିପ୍ରାୟ ନେଇ ପରବର୍ତ୍ତୀ କାଳରେ 'ମିଳିତ ଜାତିସଂଘ' ଗଠନ କରାଗଲା । କିନ୍ତୁ ଦୁର୍ଭାଗ୍ୟ ବଶତଃ ଯୁଦ୍ଧକୁ ପ୍ରତିହତ କରିବା ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରାଯାଉଥିଲେ ସୁଦ୍ଧା ଏକ ତୃତୀୟ ବିଶ୍ୱଯୁଦ୍ଧର ମୂଳଭିତ୍ତି କେବେଠାରୁ ପଡିଥିବାର ଆମେ ଦେଖିବାକୁ ପାଉଛୁ । ବହୁ ସଂଖ୍ୟକ ଛୋଟ ବଡ ଦେଶ ନିଜ ଦେଶର ପ୍ରତିରକ୍ଷା ନାମରେ ପରମାଣୁ ବୋମା ଓ କ୍ଷେପଣାସ୍ତ୍ର ଗଚ୍ଛିତ କରି ରଖିଛନ୍ତି । ବିଡମ୍ବନା ଏହି କି ଯେ ନିଉକ୍ଲିୟର୍ ଓ ପରମାଣୁ ଅସ୍ତ୍ରର କ୍ଷମତା ବହନ କରିଥିବା କ୍ଷୁଦ୍ର ରାଷ୍ଟ୍ରଗୁଡିକ ଏହାକୁ ପ୍ରୟୋଗ କରିବା ଦ୍ୱାରା ଯେଉଁ ଭୟାବହ ପରିସ୍ଥିତି ସୃଷ୍ଟି କରିବେ, ସେ ସମ୍ବନ୍ଧରେ ସେମାନଙ୍କର ଧାରଣା ନାହିଁ । ଏହା କଦାପି ସ୍ୱୀକାର୍ଯ୍ୟ ନୁହେଁ ଯେ ପରମାଣୁ ଅସ୍ତ୍ର ବ୍ୟବହୃତ ହେଲେ ଏହାର ଭୟଙ୍କର ପରିଣାମ ଅନ୍ତିମ ଦିବସର ପ୍ରଳୟ ପରି ସଂହାରଲୀଳା ସୃଷ୍ଟି କରିବ ଏବଂ ଅକସ୍ମାତ ସବୁକିଛି ନିଶ୍ଚିହ୍ନ କରିଦେବ । ଅଧିକନ୍ତୁ ଏପରି ସାଂଘାତିକ ମାରଣାସ୍ତ୍ର ତିଆରି ହେଲାଣି ଯେ ଆମର ଭବିଷ୍ୟତ ବଂଶଧର କ୍ରମାଗତ ଭାବରେ ପଙ୍ଗୁ ଓ ବିକଳାଙ୍ଗ ହୋଇ ଜନ୍ମ ହେଉଥିବେ । କୁହାଯାଏ ଯେ ଜାପାନ ପରି ଗୋଟିଏ ଦେଶରେ ଅନୁଭୂତ ପରମାଣୁ ଯୁଦ୍ଧର ବିଭୀଷିକାକୁ ସାତ ଦଶନ୍ଧି ବିତିଯାଇଥିଲେ ମଧ୍ୟ ସେଠାକାର ନବଜାତ ଶିଶୁଙ୍କ ଉପରେ ଅଦ୍ୟାବଧି ଉକ୍ତ ବୋମାର ଗୁରୁତର ପ୍ରଭାବ ପଡିଆସୁଛି ।

ସୁତରାଂ ମୋର ଆପଣଙ୍କୁ ବିନୀତ ଅନୁରୋଧ ଯେ ମୁସଲିମ ଏବଂ ଅଣ-ମୁସଲିମ ଦେଶମାନଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଶତ୍ରୁତା ଓ ଅବିଶ୍ୱାସର କାଳିମାକୁ ପୋଛି ଦେବା ପାଇଁ ଯତ୍ପରୋନାସ୍ତି ଚେଷ୍ଟା କରନ୍ତୁ । ତେବେ ଏଠାରେ ଉଲ୍ଲେଖଯୋଗ୍ୟ ଯେ ଇସଲାମର ନୀତିଶିକ୍ଷା ଓ ପାଳନୀୟ ବିଧି ବିଧାନ ଉପରେ କେତେକ ୟୁରୋପୀୟ ଦେଶ କଟକଣା ଜାରି କରିଛନ୍ତି । ଅନ୍ୟ କେତେକ ଏହାକୁ ଭିନ୍ନ ଦୃଷ୍ଟିରେ ବିବେଚନା କରୁଛନ୍ତି । କିନ୍ତୁ ବିପରୀତ ପକ୍ଷେ ପାଶ୍ଚାତ୍ୟ ଦେଶ ପ୍ରତି କେତେକ ତଥାକଥିତ ମୁସଲିମ ଚରମପନ୍ଥୀଙ୍କ ଶତ୍ରୁତା ଏପରି ଉଗ୍ର ରୂପ ଧାରଣ କଲାଣି ଯେ ସେମାନଙ୍କ ଅସ୍ୱାଭାବିକ ପ୍ରତିକ୍ରିୟା ଧାର୍ମିକ ଅସହିଷ୍ଣୁତା ତଥା ସଂଘର୍ଷର ସୂତ୍ରପାତ କରାଇଛି । ତେବେ ଇସଲାମ ଏକ ଶାନ୍ତିପ୍ରିୟ ଧର୍ମ, ଯାହାର ଶିକ୍ଷା କାହାର ଅସାମ୍ବିଧାନିକ କାର୍ଯ୍ୟକୁ ବନ୍ଦ କରିବା ପାଇଁ କୌଣସି ପ୍ରକାର ଭୁଲ ପଦକ୍ଷେପ ଗ୍ରହଣ କରିବାକୁ ପ୍ରବର୍ତ୍ତାଏ ନାହିଁ । ସମସ୍ୟାଗୁଡିକର ଶାନ୍ତିପୂର୍ଣ୍ଣ ଉପାୟରେ ସମାଧାନ କରିବା ପାଇଁ ଅହମଦୀୟା ମୁସଲିମ ସଂପ୍ରଦାୟର ଅନୁଗାମୀମାନେ ଇସଲାମର ନିରପେକ୍ଷ ନୀତିକୁ ଅନୁସରଣ କରିଥାନ୍ତି ।

ଦୁର୍ଭାଗ୍ୟବଶତଃ, କେତେକ ସଂଖ୍ୟାଲଘୁ ମୁସଲିମ ଇସଲାମର ଛବିକୁ ସଂପୂର୍ଣ୍ଣ ବିକୃତ କରି ପ୍ରଦର୍ଶନ କରୁଛନ୍ତି । ତଦନୁଯାୟୀ ସେମାନେ ବିଭ୍ରାନ୍ତିକର ସିଦ୍ଧାନ୍ତ ଉପରେ କାର୍ଯ୍ୟ କରୁଛନ୍ତି ।

ଦିବ୍ୟ ଅବତାର ମୁହମ୍ମଦ(ସ)ଙ୍କୁ ମୁଁ ନିବିଡ ପ୍ରେମ କରେ, ଯିଏ କି ମାନବଜାତି ପାଇଁ କରୁଣାର ବାର୍ତ୍ତାବହ ହୋଇ ଆସିଥିଲେ । ସେଥିପାଇଁ ସେମାନଙ୍କ ପ୍ରଦର୍ଶିତ ଧର୍ମପାଳନକୁ ବାସ୍ତବ ଇସଲାମର ଶିକ୍ଷା ବୋଲି ଗ୍ରହଣ କରିବା ଉଚିତ ନୁହେଁ । ସେମାନଙ୍କ ବିଭ୍ରାନ୍ତ ମୂଳକ ଆଚରଣକୁ ବ୍ୟବହାର କରି ଶାନ୍ତିକାମୀ ସଂଖ୍ୟାଗରିଷ୍ଠ ମୁସଲିମଙ୍କ ଧର୍ମ ଭାବନାକୁ ଆଘାତ ଦେବା ଯୁକ୍ତିଯୁକ୍ତ ନୁହେଁ । ଆପଣ ଏ ବିଷୟରେ ଅବଗତ ଥିବେ ଯେ ଏବେ ଫ୍ରାନ୍ସର ଦକ୍ଷିଣ ଭାଗରେ ଜଣେ ନିର୍ଦ୍ଦୟ ବ୍ୟକ୍ତି କେତେକ ଫରାସୀ ସୈନିକଙ୍କୁ ଅମାନୁଷିକ ଭାବେ ବିନା କାରଣରେ ହତ୍ୟା କରିଥିଲା । ପୁଣି କିଛିଦିନ ପରେ ଏକ ସ୍କୁଲରେ ପ୍ରବେଶ କରି ତିନିଜଣ ନିରୀହ ଇହୁଦୀ ଛାତ୍ର ଓ ସେମାନଙ୍କର ଜଣେ ଶିକ୍ଷକଙ୍କୁ ମଧ୍ୟ ଗୁଳିକରି ମାରିଦେଲା । କେବଳ ଏହି ଦେଶରେ ନୁହେଁ, ଅନେକ ମୁସଲିମ ରାଷ୍ଟ୍ରରେ ମଧ୍ୟ ଏପରି ଜଘନ୍ୟ କାଣ୍ଡ ନିୟମିତ ଘଟୁଛି । ସେମାନଙ୍କର ଏତାଦୃଶ ଆଚରଣ ଇସଲାମ ବିରୋଧି ଗୋଷ୍ଠୀଙ୍କ ମନରେ ଘୃଣାଭାବ ସୃଷ୍ଟି କରିବା ପାଇଁ ଇନ୍ଧନ ଯୋଗାଉଛି । ଫଳତଃ ସେମାନେ ବଡ ବଡ ହିଂସାକାଣ୍ଡ ଘଟାଇବା ସକାଶେ ପ୍ରରୋଚିତ ହେଉଛନ୍ତି । ମୁଁ ଅତି ସ୍ପଷ୍ଟ ରୂପେ କହିବାକୁ ଚାହୁଛି ଯେ ଇସଲାମ କୌଣସି ପ୍ରକାର ନିଷ୍ଠୁର ଓ ଦମନ ମୂଳକ ଆଚରଣର କଦାପି ଅନୁମତି ଦେଇନାହିଁ । ଏପରିକି ପବିତ୍ର କୁରଆନ ଜଣେ ନିରୀହ ବ୍ୟକ୍ତିକୁ ବିନା କାରଣରେ ହତ୍ୟା କରିବା ଅର୍ଥ ସେ ସମଗ୍ର ମାନବଜାତିକୁ ହତ୍ୟା କରିଥାଏ ବୋଲି ବିବେଚନା କରେ । ଏହା ଏକ ଚରମ ଆଦେଶ, ଯାହା ସ୍ୱୟଂ ସଂପୂର୍ଣ୍ଣ ଓ ଚୁଡାନ୍ତ । ପବିତ୍ର କୋରାନ ପୁନର୍ବାର ନିର୍ଦ୍ଦେଶ ଦେଉଛି ଯେ ତୁମ ସହିତ କୌଣସି ବ୍ୟକ୍ତି ବା ଦେଶ ଶତ୍ରୁତା କିମ୍ବା ଘୃଣାଭାବ ପୋଷଣ କରିଥିଲେ ସୁଦ୍ଧା ତୁମେ ସେମାନଙ୍କ ସହିତ ବ୍ୟବହାର କଲାବେଳେ ନ୍ୟାୟ ଓ ଉଦ୍ରୋଚିତ ଆଚରଣ ପ୍ରଦର୍ଶନ କରିବାରେ ଏହା ତୁମ ପାଇଁ କଦାପି ବାଧକ ନ ହେଉ । ବରଂ ତୁମେ ସେମାନଙ୍କ ସହିତ ଏପରି ସମଭାବାପନ୍ନ ଆଚରଣ କର, ଯାହା କି ତୁମର ଶତ୍ରୁତା ବା ଆକ୍ରୋଶ ମନୋଭାବ ସେମାନଙ୍କ ବିରୁଦ୍ଧରେ ପ୍ରତିଶୋଧ ନେବା ପାଇଁ ତୁମକୁ ପ୍ରବର୍ତ୍ତାଇବ ନାହିଁ । ଯଦି ଏହି ବିବାଦର ନ୍ୟାୟପୂର୍ଣ୍ଣ ମିମାଂସା କରିବାକୁ ଚାହୁଥାନ୍ତି, ତା'ହେଲେ ଏକ ସୌହାର୍ଦ୍ଦ୍ୟ ପୂର୍ଣ୍ଣ ଉପାୟ ଅବଲମ୍ବନ କରନ୍ତୁ । ବସ୍ତୁତଃ, ଏହା ଅତୀବ ପ୍ରଶଂସନୀୟ କାର୍ଯ୍ୟ ଯେ ବହୁ ପାଶ୍ଚାତ୍ୟ ଦେଶ ଗରିବ ତଥା ଅନୁନ୍ନତ ଦେଶର ଲୋକମାନଙ୍କୁ ସଂପୃକ୍ତ ଦେଶରେ ଥଇଥାନ କରିବା ପାଇଁ ସଦୟ ଅନୁମତି ପ୍ରଦାନ କରିଛନ୍ତି, ଯେଉଁମାନଙ୍କ ମଧ୍ୟରେ ମୁସଲିମ ମଧ୍ୟ ଅଛନ୍ତି । ପ୍ରକୃତପକ୍ଷେ, ଆପଣଙ୍କ ଦେଶରେ ଅନେକ ମୁସଲିମ ବ୍ୟକ୍ତି ବସବାସ କରୁଛନ୍ତି ଏବଂ ସେମାନେ ଆପଣଙ୍କ ଦେଶର ନାଗରିକତ୍ୱ ମଧ୍ୟ ଗ୍ରହଣ କରିଛନ୍ତି । ସେମାନେ ବହଳ ଭାବରେ ଦେଶର ଅନୁଶାସନକୁ ମାନି ଚଳନ୍ତି ଏବଂ ପୂର୍ଣ୍ଣମାତ୍ରାରେ ନିଷ୍ଠାବାଦୀ ମଧ୍ୟ । ଅଧିକନ୍ତୁ ଇସଲାମ ସ୍ପଷ୍ଟ ରୂପେ କହିଛି ଯେ ଦେଶକୁ ଭଲ ପାଇବା ତାହାର ଧର୍ମ ବିଶ୍ୱାସର ଏକ ଅବିଚ୍ଛେଦ ଅଂଗ । ଅହମଦୀୟା ମୁସଲିମ ସଂପ୍ରଦାୟ ଏହି ବାର୍ତ୍ତାକୁ ସାରା ବିଶ୍ୱରେ ପ୍ରସାରିତ କରୁଛି ଏବଂ ଏହି

ଶିକ୍ଷା ଉପରେ ପାଳନ କରୁଛି ମଧ୍ୟ । ଆପଣଙ୍କ ପ୍ରତି ମୋର ଅନୁରୂପ ବାର୍ତ୍ତା ହେଉଛି ଯେ ଯଦି ଇସଲାମର ଏହି ଯଥାର୍ଥ ଶିକ୍ଷାକୁ ସର୍ବତ୍ର ପରିବ୍ୟାପ୍ତ କରି ଦିଆଯାଆନ୍ତା, ତା'ହେଲେ ଦେଶପ୍ରେମ ଏବଂ ସାମାଜିକ ଶାନ୍ତି ପ୍ରତ୍ୟେକ ଦେଶ ଏପରିକି ସମଗ୍ର ପୃଥିବୀରେ ମଧ୍ୟ ପ୍ରତିଷ୍ଠିତ ହୋଇପାରନ୍ତା ।

ମୋର ଆପଣଙ୍କ ସମେତ ସମସ୍ତ ବିଶ୍ୱ ନେତୃଗଣଙ୍କୁ ବିନୀତ ଅନୁରୋଧ ଯେ ବଳ ପ୍ରୟୋଗ କରି ଅନ୍ୟ ଦେଶକୁ ଦମନ କରିବା ପରିବର୍ତ୍ତେ ବିବେକାନୁମୋଦିତ ବାର୍ତ୍ତାଳାପ ଓ କୂଟନୀତି ଦ୍ୱାରା ବିବାଦର ସମାଧାନ କରନ୍ତୁ । ଫ୍ରାନ୍ସ ସଦୃଶ ବିଶ୍ୱର ବୃହତ ଶକ୍ତିଗୁଡିକ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ନିଜର କର୍ତ୍ତବ୍ୟ ସଂପାଦନ କରନ୍ତୁ । ବିଶ୍ୱଶାନ୍ତି ଓ ସଂହତି ରକ୍ଷା କରିବାରେ ପ୍ରତିବନ୍ଧକ ସାଜି କ୍ଷୁଦ୍ର ଦେଶଗୁଡିକ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି ବୋଲି ସେମାନଙ୍କ ଉପରେ ଅଯଥାରେ ପ୍ରତି ଦୋଷାରୋପ କରନ୍ତୁ ନାହିଁ । ସେଥିପାଇଁ ବୃହତ ଶକ୍ତିଶାଳୀ ଦେଶଗୁଡିକ ଆତ୍ମବଡିମା ପ୍ରଦର୍ଶନ ନ କରି ନ୍ୟାୟଶୀଳ ମନୋଭାବ ପୋଷଣ କରିବା ପୂର୍ବକ ନିଜ କ୍ଷମତାର ସଦୁପଯୋଗ କରନ୍ତୁ । ସୁତରାଂ ପୁନର୍ବାର ଆପଣଙ୍କୁ ସଚେତନ କରାଇ ଦେଉଛି ଯେ ବୃହତ ଓ କ୍ଷୁଦ୍ର କ୍ଷମତାସୀନ ରାଷ୍ଟ୍ରଗୁଡିକ ତୃତୀୟ ବିଶ୍ୱଯୁଦ୍ଧର ପ୍ରଚଣ୍ଡ ଅଗ୍ନି ଉଦ୍‌ଗୀରଣରେ ପତିତ ହେବା ପୂର୍ବରୁ ସେମାନଙ୍କୁ ରକ୍ଷା କରିବା ପାଇଁ ଯଥାସାଧ୍ୟ ଉଦ୍ୟମ ଅବ୍ୟାହତ ରଖନ୍ତୁ । ଏ ବିଷୟରେ ଆମ ମନରେ କୌଣସି ସନ୍ଦେହ ରହିବା ଆଦୌ ଉଚିତ ହେବ ନାହିଁ ଯେ ଯଦି ଆମେ ଏହି ଗୁରୁତର ପ୍ରୟାସରେ ବିଫଳ ହେଉଅଛେ, ତା'ହେଲେ ଏପରି ଯୁଦ୍ଧର ଭୟାନକ ପ୍ରଭାବ କେବଳ ଏସିଆ, ୟୁରୋପ ଓ ଆମେରିକାର ଗରିବ ଦେଶଗୁଡିକ ଉପରେ ପଡିବ ନାହିଁ,ବରଂ ଏହାର ସୁଦୂରପ୍ରସାରୀ ପରିଣାମ ଆମର ଭବିଷ୍ୟତ ବଂଶଧରମାନଙ୍କୁ ମଧ୍ୟ ଭୋଗ କରିବାକୁ ପଡିବ । ଆମର ଏପରି ଜଘନ୍ୟ କାର୍ଯ୍ୟର ଫଳ ସ୍ୱରୂପ ପ୍ରତ୍ୟେକ ସ୍ଥାନରେ ମାନବ ଶିଶୁ ଶାରୀରିକ ଅକର୍ମଣ୍ୟ ହୋଇ ଜନ୍ମ ହେବେ । ସୁତରାଂ ମୋର ନିବେଦନ ଯେ ବିଶ୍ୱନେତା ଗଣ ବୁଦ୍ଧିମତ୍ତାର ସହ କାର୍ଯ୍ୟ କରନ୍ତୁ । ପାରସ୍ପରିକ ଗୋଷ୍ଠି କନ୍ଦଳ ଓ ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ କଳହ ସୃଷ୍ଟି କରୁଥିବା ଶତ୍ରୁତା ପାଇଁ ସେମାନଙ୍କୁ ଆଦୌ ଅନୁମତି ଦିଅନ୍ତୁ ନାହିଁ, ଯାହା ପକ୍ଷାନ୍ତରେ ବିଶ୍ୱ ସ୍ତରୀୟ ସଂଘର୍ଷର ସୂତ୍ରପାତ କରାଇବ । ଈଶ୍ୱର ଏଥିପାଇଁ ସମସ୍ତଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ ଏବଂ ବିଶ୍ୱର ସକଳ ନେତା ମୋର ଏହି ବାର୍ତ୍ତାକୁ ଗଭୀର ଭାବରେ ଅନୁଶୀଳନ କରିବା ପାଇଁ ସେମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ହାର୍ଦ୍ଦିକ ଶୁଭେଚ୍ଛା ସହିତ



ମିର୍ଜା ମସରୁର ଅହମଦ୍

ଖଲିଫତୁଲ୍ ମସିହ-ପଞ୍ଚମ

# ଗ୍ରେଟ ବ୍ରିଟେନର ମହାରାଣୀଙ୍କ ନିକଟକୁ ପତ୍ର

MIRZA MASROOR AHMAD
HEAD OF THE AHMADIYYA COMMUNITY
IN ISLAM

بسم الله الرحمن الرحيم
نحمده و نصلي على رسوله الكريم
وعلى عبده المسيح الموعود
خدا کے فضل اور رحم کے ساتھ
هو الناصر

16 Gressenhall Road
Southfields, London
SW18 5QL, UK

ପ୍ରାପ୍ତେଷୁ
Her Majestry ରାଣୀ ଏଲିଜାବେଥ୍-ଦ୍ୱିତୀୟ
Queen of the United Kingdom & Common wealth Realms
ବକିଙ୍ଗ୍‌ହାମ୍ ପାଲେସ୍ **19 ଅପ୍ରେଲ 2012**
ଲଣ୍ଡନ SWIA1AA
ବ୍ରିଟେନ ଯୁକ୍ତରାଜ୍ୟ

ମହିୟସୀ ରାଣୀ ମହୋଦୟ

ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂପ୍ରଦାୟର ମୁଖ୍ୟ ଭାବରେ ଏହାର କୋଟି କୋଟି ସଂଖ୍ୟକ ଅନୁଗାମୀଙ୍କ ତରଫରୁ ମହାନୁଭବା ରାଣୀଙ୍କୁ ହୀରକ ଜୁବଲିର ପ୍ରିତିମୟ ଶୁଭ ଅବସରରେ ମୁଁ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରୁଛି । ଏହି ମହୋତ୍ସବରେ ଅଂଶ ଗ୍ରହଣ କରିବାର ସୌଭାଗ୍ୟ ଅର୍ଜନ କରିଥିବା ଯୋଗୁଁ ଆମ୍ଭେମାନେ ସର୍ବ ଶକ୍ତିମାନ ଈଶ୍ୱରଙ୍କ ଠାରେ ଅଶେଷ କୃତଜ୍ଞତା ଭରା ଭକ୍ତିପୂତ ନୈବେଦ୍ୟ ଅର୍ପଣ କରିଅଛୁ । ବିଶେଷତଃ ବ୍ରିଟେନର ନାଗରିକ ଭାବରେ ଏଠାକାର ସମସ୍ତ ଅହମଦି ମୁସଲିମ ହୀରକ ଜୟନ୍ତୀ ପାଳନ କରିବାର ଅପୂର୍ବ ସୁଯୋଗ ଲାଭ କରି ନିଜକୁ ଗୌରବାନ୍ୱିତ ମନେ କରୁଛନ୍ତି । ନିଶ୍ଚିତ ରୂପେ ଏହା ସେମାନଙ୍କ ପାଇଁ ଅତ୍ୟନ୍ତ ଗର୍ବର ବିଷୟ । ସୁତରାଂ ମୁଁ ସେମାନଙ୍କ ତରଫରୁ ରାଣୀ ମହୋଦୟାଙ୍କ କର କମଳରେ ଆନ୍ତରିକ ଶୁଭେଚ୍ଛା ଜଣାଉଛି । ଈଶ୍ୱର ପରମାନନ୍ଦ ଆମ ଉଦାରମୟୀ ରାଣୀଙ୍କୁ ଚିରନ୍ତନ ସୁଖ ସମୃଦ୍ଧିପୂର୍ଣ୍ଣ ପ୍ରଶାନ୍ତ ଆନନ୍ଦର ଶୀତଳ ଛାୟା ପ୍ରଦାନ କରନ୍ତୁ ।

ଆକାଶ ଓ ପୃଥିବୀର ସର୍ବମୟ ସୃଷ୍ଟିକର୍ତ୍ତା ଏବଂ ତହିଁରେ ଆମ ଜୀବନ ଧାରଣର ସକଳ ଉପାଦାନରେ ପରିପୂର୍ଣ୍ଣ କରିଥିବା ହେ ଆଶିଷଦାୟକ ପ୍ରଭୁ! ସକଳ ଜୀବଜଗତ ପାଇଁ ଆଶୀର୍ବାଦର ସମ୍ଭାର ବହନକାରୀ ହେ ସର୍ବୋତ୍ତମ ଈଶ୍ୱର ! ଆମ୍ଭ ରାଣୀଙ୍କ ପ୍ରତି ସଦୟ ହୁଅ । ସେ ହେଉଛନ୍ତି ଦିଗ୍‌ବିଜୟୀ ସାମ୍ରାଜ୍ଞୀ ଅନେକ ସାର୍ବଭୌମ ରାଜ୍ୟର, ଯାହାଙ୍କ ଗଣତାନ୍ତ୍ରିକ ରାଷ୍ଟ୍ର ସମୂହରେ ଶାନ୍ତି, ସ୍ଥିରତା ଏବଂ ନିରାପତ୍ତା ବିରାଜମାନ ହେଉଅଛି । ଅଲ୍ଲାହଙ୍କଠାରେ ଆମର ସାନୁନୟ ପ୍ରାର୍ଥନା ଯେପରି ରାଣୀଙ୍କ ଶାସନାଧୀନ ସମସ୍ତ ନୂତନ ଓ ପୁରାତନ ପ୍ରଜାମାନଙ୍କ ପ୍ରେମ ଓ ସମ୍ମାନର ସେ ଅଧିକାରିଣୀ ହୋଇଛନ୍ତି, ସେହିପରି ଭାବେ ଐଶ୍ୱରିକ

ଦେବଦୂତଗଣଙ୍କର ମଧ୍ୟ ସେ ଶ୍ରଦ୍ଧା ଭାଜନ ହୁଅନ୍ତୁ । 'ହେ ସର୍ବକର୍ତ୍ତୃକ, ସର୍ବ କ୍ଷମତାଶୀଳ ଈଶ୍ୱର ! ଯେପରି ତୁମ୍ଭେ ମହାରାଣୀଙ୍କୁ ସାଂସରିକ କ୍ଷେତ୍ରରେ ପ୍ରଜାବତ୍ସଳା ହେବାପାଇଁ ବଦାନ୍ୟତାର ପ୍ରାଚୁର୍ଯ୍ୟ ପ୍ରଦାନ କରିଥିଲ, ସେହିପରି ତାଙ୍କର ଆଧ୍ୟାତ୍ମିକ ଜୀବନରେ ଅନୁକମ୍ପା ଓ ଦିବ୍ୟ କରୁଣାର କୋଟି କୋଟି ଆଶିଷ ଭରିଦିଅ ।' ପ୍ରଭୁଙ୍କ ଆଶୀର୍ବାଦ ମାଧ୍ୟମରେ ଏହି ମହାନ ଦେଶର ସମସ୍ତ ନାଗରିକ ନିଜ ସର୍ବୋଚ୍ଚ ପାଳନକର୍ତ୍ତାଙ୍କୁ ଚିହ୍ନିବା ପାଇଁ ସାମର୍ଥ୍ୟ ଲାଭ କରନ୍ତୁ ଏବଂ ପ୍ରେମ ଓ ମୈତ୍ରୀମୟ ସତସଙ୍ଗ ଜୀବନ ଯାପନ କରନ୍ତୁ । ବ୍ରିଟେନର ସର୍ବ ସାଧାରଣ ଜାତି, ବର୍ଣ୍ଣ, ଧର୍ମ ଓ ବିଶ୍ୱାସମତ ନିର୍ବିଶେଷରେ ପରସ୍ପରକୁ ଏପରି ମାତ୍ରାରେ ସମ୍ମାନ ପ୍ରଦର୍ଶନ କରନ୍ତୁ ଏବଂ ଏପରି ମହତ୍ତ୍ୱାକାଙ୍କ୍ଷୀ ହୁଅନ୍ତୁ, ଯାହାର ଅନୁକୂଳ ପ୍ରଭାବ ବାହ୍ୟଦେଶ ଉପରେ ମଧ୍ୟ ପଡିବ । ଏପରିକି ସମଗ୍ର ପୃଥିବୀର ଲୋକଙ୍କ ନିକଟରେ ତାହା ପହଞ୍ଚି ଯିବ । ସଂପ୍ରତି ଯୁଦ୍ଧ, ବିଶୃଙ୍ଖଳା ଓ ଶତ୍ରୁତାରେ ଲିପ୍ତ ପୃଥିବୀବାସୀ ଏହାକୁ ପରିହାର କରି ଶାନ୍ତି, ପ୍ରେମ, ଭ୍ରାତୃଭାବ ତଥା ବଂଧୁତ୍ୱର ସ୍ୱର୍ଗୀୟ ଅନୁଭବ ଲାଭ କରନ୍ତୁ । ମୋର ଦୃଢ ବିଶ୍ୱାସ ଯେ ମହାରାଣୀଙ୍କ ଦୂରଦୃଷ୍ଟି ଓ ପ୍ରଭାବଶାଳୀ ପଦକ୍ଷେପ ଏହି ଆଭିମୁଖ୍ୟକୁ ହାସଲ କରିବା ଦିଗରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

ବିଗତ ଶତାବ୍ଦୀରେ ଦୁଇଟି ବିଶ୍ୱଯୁଦ୍ଧ ସଂଘଟିତ ହୋଇ କୋଟି କୋଟି ଲୋକଙ୍କ ପ୍ରାଣହାନୀ ଘଟିଲା । ବର୍ତ୍ତମାନ ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ଉପୁଜିଥିବା କଳହ ଭିତ୍ତିକ ଅଭିଯୋଗ ଯଦି ବୃଦ୍ଧି ପାଇବ, ତା'ହେଲେ ଏହାର ଚରମ ପରିଣତି ସ୍ୱରୂପ ଅନ୍ୟ ଏକ ବିଶ୍ୱଯୁଦ୍ଧ ଅବଶ୍ୟମ୍ଭାବୀ । ଏକ ବିଶ୍ୱଯୁଦ୍ଧରେ ବ୍ୟବହାର କରାଯାଉଥିବା ପରମାଣୁ ଅସ୍ତ୍ର ଜନିତ ମହା ବିଧ୍ୱଂସର କରାଳ ଦୃଶ୍ୟ ପୃଥିବୀ ଦେଖିବ । ଏପରି ଭୟଙ୍କର ବିଭୀଷିକାରୁ ଈଶ୍ୱର ପୃଥିବୀକୁ ରକ୍ଷା କରନ୍ତୁ ଏବଂ ପୃଥିବୀବାସୀଙ୍କୁ ସଦ୍‌ବୁଦ୍ଧି ଓ ଚେତନା ପ୍ରଦାନ କରନ୍ତୁ । ମହାରାଣୀଙ୍କୁ ମୋର ବିନୀତ ଅନୁରୋଧ ଯେ ହୀରକ ଜୁବିଲିର ମହା ସମାରୋହ, ମାନବଜାତି ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ଭାବନା ନେଇ ପାଳନ କରାଯାଉ, ଯଦ୍ୱାରା ଛୋଟ ବଡ ସମସ୍ତ ଦେଶର ଲୋକମାନଙ୍କୁ ଏହା ପାରସ୍ପରିକ ସ୍ନେହ, ଶାନ୍ତି ଓ ମୈତ୍ରୀପୂର୍ଣ୍ଣ ବାତାବରଣରେ ବାସ କରିବା ପାଇଁ ପ୍ରେରଣା ଯୋଗାଉଥିବ ।

ଏହି ପରିପ୍ରେକ୍ଷୀରେ ହୀରକ ଜୁବିଲିର ଶୁଭ ଅବସରେ ପୃଥିବୀର ଯେ କୌଣସି ଧର୍ମରେ ବିଶ୍ୱାସ ସ୍ଥାପନ କରିଥିବା ଆସ୍ତିକବାଦୀ ହୁଅନ୍ତୁ ଅବା ଈଶ୍ୱରଙ୍କ ଅସ୍ତିତ୍ୱ ପ୍ରତି ବିଶ୍ୱାସ କରୁ ନ ଥିବା ନାସ୍ତିକବାଦୀ, ସମସ୍ତଙ୍କ ପାଇଁ ରାଣୀ ମହୋଦୟା ଏହି ବାର୍ତ୍ତା ପ୍ରେରଣ କରନ୍ତୁ ଯେ ସେମାନେ ଉଭୟେ ଅନ୍ୟ ମତବାଦୀ ବ୍ୟକ୍ତିଙ୍କ ଭାବନା ପ୍ରତି ସମ୍ମାନ ପ୍ରଦର୍ଶନ କରିବେ । କାରଣ ପୃଥିବୀରେ ଏବେ ଇସଲାମ ସମ୍ବନ୍ଧରେ ଅନେକ ଭ୍ରାନ୍ତ ଧାରଣା ପ୍ରକାଶ ପାଉଛି । ଏହି ଧାରଣା ଯୋଗୁଁ ଏକ ପକ୍ଷେ ଶାନ୍ତିପ୍ରିୟ ମୁସଲିମଙ୍କ ଧର୍ମୀୟ ଭାବନାରେ ଆଘାତ ପହଞ୍ଚୁଛି ତ ଅନ୍ୟ ପକ୍ଷେ ଅଣମୁସଲିମଙ୍କ ହୃଦୟରେ ଇସଲାମ ବିରୁଦ୍ଧରେ ଅବିଶ୍ୱାସ ଓ ସନ୍ଦେହର ଘୃଣିତ ମନୋଭାବ ସୃଷ୍ଟି ହେଉଛି । ସୁତରାଂ ଏହା ମହାରାଣୀଙ୍କର ମହାନୁଭବତା

ଓ ଅସୀମ ଦୟାର ପରିଚୟ ଦେବ, ଯଦି ସେ ପୃଥିବୀର ସକଳ ଧର୍ମାବଲମ୍ବୀଙ୍କୁ ଜଣେ ଅନ୍ୟର ଧର୍ମ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ପାଇଁ ପରାମର୍ଶ ଦେବେ । ମହାରାଣୀଙ୍କ ଏହି ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ପାଇଁ ପରମପୂଜ୍ୟ ପାଳନକର୍ତ୍ତା ତାଙ୍କୁ ବିଶେଷ ସହାୟତା ପ୍ରଦାନ କରନ୍ତୁ ।

ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂପ୍ରଦାୟର ମୁଖ୍ୟ ଭାବରେ ମୁଁ ଏହି ପତ୍ର ଆରମ୍ଭରେ ମୋର ପରିଚୟ ପ୍ରଦାନ କରିଥିଲି । ତେଣୁ ସଂକ୍ଷେପରେ ଏହି ସଂପ୍ରଦାୟର ଏକ ସାଧାରଣ ସମୀକ୍ଷା ପ୍ରଦାନ କରିବାକୁ ଇଚ୍ଛା କରୁଛି । ଅହମଦୀୟା ମୁସଲିମ ସଂପ୍ରଦାୟର ଦୃଢ ବିଶ୍ୱାସ ଯେ ହଜରତ ମୁହମ୍ମଦ[ସ]ଙ୍କ ଭବିଷ୍ୟ କଥନ ତଥା ଅନ୍ୟ ସମସ୍ତ ଧର୍ମଶାସ୍ତ୍ରରେ ଉଲ୍ଲେଖ ଥିବା ଭବିଷ୍ୟତ ବାଣୀ ଅନୁଯାୟୀ ଅନ୍ତିମ ଯୁଗରେ ଆବିର୍ଭୁତ ପ୍ରତିଶ୍ରୁତ ଅବତାର-ମସିହ ଓ ମହଦୀ(ପଥ ପ୍ରଦର୍ଶକ ତଥା ଯୁଗ ସଂସ୍କାରକ) ଆଉ କେହି ନୁହନ୍ତି, ବରଂ ସେ ହେଉଛନ୍ତି କାଦିୟାନ(ପଞ୍ଜାବ)ମହିମାପୀଠରେ ଜନ୍ମ ଗ୍ରହଣ କରିଥିବା 'ହଜରତ ମିର୍ଜା ଗୁଲାମ ଅହମଦ' ନାମକ ଜଣେ ନିଷ୍ପାପର ମୁସଲିମ ସନ୍ଥ (ତାହାଙ୍କ ପ୍ରତି ଶାନ୍ତି ବିରାଜିତ ହେଉ) । ଏହା ଏକ ବିଶୁଦ୍ଧ ଓ ଆଦର୍ଶ ଭିତ୍ତିକ ନୈଷ୍ଠିକ ମୁସଲିମ ସଂପ୍ରଦାୟ, ଯାହାର ପ୍ରତିଷ୍ଠା ୧୮୮୯ ମସିହାରେ ହୋଇଥିଲା । ଏହି ସଂପ୍ରଦାୟକୁ ସ୍ଥାପନ କରିବାରେ ତାଙ୍କର ପ୍ରଧାନ ଆଭିମୁଖ୍ୟ ଥିଲା ଈଶ୍ୱର ଏବଂ ମନୁଷ୍ୟ ମଧ୍ୟରେ ସଂପର୍କ ସ୍ଥାପନ କରିବା ଏବଂ ମାନବାଧିକାର ପ୍ରଦାନ କରିବା ଯଦ୍ୱାରା ସେମାନେ ପରସ୍ପର ମଧ୍ୟରେ ସଦ୍‌ଭାବ ଓ ସମ୍ମାନ ପ୍ରତିଷ୍ଠା କରିବେ ତଥା ଶାନ୍ତି ଓ ସହାବସ୍ଥାନର ଏକ ଉତ୍ତମ ବାତାବରଣ ସୃଷ୍ଟି କରିବେ । ହଜରତ ମିର୍ଜା ଗୁଲାମ ଅହମଦଙ୍କର ୧୯୦୮ ମସିହାରେ ଦେହାବସାନ ହେବା ବେଳକୁ ପ୍ରାୟ 4,00,000 ଦୀକ୍ଷାନ୍ତ ଅନୁଗାମୀ ଏହି ସଂପ୍ରଦାୟରେ ସାମିଲ ହୋଇଥିଲେ । ତାଙ୍କର ଦେହାନ୍ତ ପରେ ଐଶ୍ୱରିକ ଇଚ୍ଛା କାର୍ଯ୍ୟକାରୀ ହେଲା ଏବଂ ତଦନୁଯାୟୀ ଖିଲାଫତର ଆଧ୍ୟାତ୍ମିକ ବ୍ୟବସ୍ଥା ପୃଥିବୀରେ ପ୍ରଚଳିତ ହୋଇଆସୁଛି । ଅଧୁନା ଈଶ୍ୱରଙ୍କ ଏହି ବିନୀତ ସେବକ ପ୍ରତିଶ୍ରୁତ ମସିହଙ୍କ ପଞ୍ଚମ ଖଲିଫା ରୂପେ ଅଧିଷ୍ଠିତ ହୋଇଛି । ସଂପ୍ରଦାୟର ପ୍ରତିଷ୍ଠାତାଙ୍କ ସେହି ମିଶନକୁ ସାରା ପୃଥିବୀରେ ଅଧିକ ଅଗ୍ରସର କରାଇବା ପାଇଁ ପ୍ରଚାର ଅଭିଯାନ କରାଯାଉଛି । ଆମର ବାର୍ତ୍ତା ହେଉଛି ବିଶ୍ୱପ୍ରେମ, ଭ୍ରାତୃତ୍ୱ ଏବଂ ସୌହାର୍ଦ୍ଦ୍ୟର । ଆମ ନୀତି ବାକ୍ୟ ହେଉଛି : Love for All Harted for None.ଅର୍ଥାତ 'ପ୍ରେମ ସଭିଙ୍କ ପାଇଁ ଘୃଣା କାହାକୁ ନାହିଁ' ଏହା ହିଁ ପ୍ରକୃତରେ ଇସଲାମୀୟ ଶିକ୍ଷାର ମହାନ ସାରତତ୍ତ୍ୱ ।

ଏହି ପ୍ରସଙ୍ଗକୁ ଏଠାରେ ବ୍ୟକ୍ତ କରିବା ଯଥାର୍ଥ ହେବ ଯେ ଅହମଦୀୟା ମୁସଲିମ ସଂପ୍ରଦାୟର ପ୍ରତିଷ୍ଠାତାଙ୍କ ସମୟରେ ତତ୍‌କାଳୀନ ବ୍ରିଟେନ ମହାରାଣୀ ଭିକ୍ଟୋରିଆଙ୍କ ଶାସନର 'ହୀରକ ଜୁବିଲି' ଉତ୍ସବ ପାଳିତ ହୋଇଥିଲା । ସେହି ଶୁଭ ଅବସରରେ ହଜରତ ଅହମଦ ଏକ ପୁସ୍ତକ ରଚନା କରିଥିଲେ- 'ତୋହଫାଏ କୈସରିଆ' (A Gift for the Queen) ଏବଂ ସେ ମହାରାଣୀ ଭିକ୍ଟୋରିଆଙ୍କ ଉଦ୍ଦେଶ୍ୟରେ ଉପହାର ସ୍ୱରୂପ

ସେହି ପୁସ୍ତକ ସହିତ ହୀରକ ଜୁବିଲିର ଅଭିନନ୍ଦନ ବାର୍ତ୍ତା ପ୍ରେରଣ କରିଥିଲେ । ସେହି ପୁସ୍ତକରେ ମହାରାଣୀଙ୍କ ଶାସନାଧୀନ ସମସ୍ତ ବିଷୟ ଉଲ୍ଲେଖ କରିଥିଲେ । ରାଣୀଙ୍କ ରାଜତ୍ୱ କାଳରେ ଭାରତ ଉପ-ମହାଦେଶ ସମେତ ଅନ୍ୟ ଦେଶର ସମସ୍ତ ଲୋକଙ୍କୁ ନ୍ୟାୟ, ଧର୍ମଗତ ସ୍ୱାଧୀନତା ଏବଂ ଶାନ୍ତି ସହାବସ୍ଥାନର ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯାଇଥିଲା । ସେହି ବାର୍ତ୍ତାରେ ସେ ମହାରାଣୀଙ୍କ ଦୀର୍ଘାୟୁ କାମନା କରିବା ସହିତ ଇସଲାମର ପ୍ରକୃତ ଶିକ୍ଷା ଉପସ୍ଥାପନ କରିଥିଲେ । ତାଙ୍କ ଆଗମନର ଉଦ୍ଦେଶ୍ୟକୁ ମଧ୍ୟ ସେ ପ୍ରତିପାଦିତ କରିଥିଲେ । ବର୍ତ୍ତମାନ ଉପମହାଦେଶର ଲୋକେ ବ୍ରିଟିଶ ସରକାରଙ୍କ ପରାଧୀନ କବଳରୁ ମୁକ୍ତ ହୋଇ ସଂପୂର୍ଣ୍ଣ ସ୍ୱାଧୀନତା ହାସଲ କରିଛନ୍ତି । ମାତ୍ର ଦେଖାଯାଉଛି ଯେ ବ୍ରିଟେନ୍‌ରେ ଅବସ୍ଥାପିତ ବ୍ରିଟିଶ ସରକାର ଅଦ୍ୟାବଧି ସମସ୍ତ ଭିନ୍ନ ମତାବଲମ୍ବୀଙ୍କ ଧର୍ମଗତ ସୁରକ୍ଷା ଓ ସ୍ୱାଧୀନତାର ଆଇନଗତ ବ୍ୟବସ୍ଥା ଯୋଗାଇଛନ୍ତି । ସେମାନଙ୍କୁ ସମାନ ଅଧିକାର ପ୍ରଦାନ କରିବା ଏବଂ ଅବାଧରେ ଧର୍ମ ପ୍ରଚାର କରିବାର ସମସ୍ତ ସୁଯୋଗ ଉପଲବ୍ଧ କରାଯାଇଛି । ଏପରି ଉଚ୍ଚସ୍ତରୀୟ ଧାର୍ମିକ ସହିଷ୍ଣୁତାର ପ୍ରମାଣ ପ୍ରଦାନ କରି ବ୍ରିଟେନ ପୃଥିବୀରେ ଏକ ଜ୍ୱଳନ୍ତ ଉଦାହରଣ ସୃଷ୍ଟି କରିଛି ।

ସମ୍ପ୍ରତି ହଜାର ହଜାର ଅହମଦି ମୁସଲିମ ବ୍ରିଟେନରେ ବସବାସ କରୁଛନ୍ତି । ଏମାନଙ୍କ ମଧ୍ୟରୁ ଅନେକ ଅହମଦି ନିଜ ଦେଶରେ ନିର୍ଯ୍ୟାତନାର ସମ୍ମୁଖୀନ ହୋଇ ଏଠାରେ ଆସି ଶରଣ ଭିକ୍ଷା କରିଛନ୍ତି । ବ୍ରିଟେନ ମହାରାଣୀଙ୍କ ଉଦାରମୂଳକ ଶାସନ ଅଧୀନରେ ସେମାନେ ଶାନ୍ତିମୟ ଜୀବନଯାପନ କରୁଛନ୍ତି । ସେମାନଙ୍କୁ ନ୍ୟାୟଗତ ସୁବିଧା ଓ ଧର୍ମ ପାଳନରେ ସମସ୍ତ ପ୍ରକାର ସ୍ୱାଧୀନତା ପ୍ରଦାନ କରାଯାଉଛି । ଦେଶର ପ୍ରଜାମାନଙ୍କ ପ୍ରତି ରାଣୀଙ୍କ ବାତ୍ସଲ୍ୟ ମମତା ଓ ଉଦାରତାର ଅପୂର୍ବ ନିଦର୍ଶନ ମୋତେ ଅଭିଭୂତ କରିଛି । ସେଥିପାଇଁ ମୋ ହୃଦୟର ଗଭୀରତମ ପ୍ରଦେଶରୁ ମହାମହିମ ରାଣୀଙ୍କ ପ୍ରତି ପୁନର୍ବାର କୃତଜ୍ଞତା ବ୍ୟକ୍ତ କରୁଛି ।

ପ୍ରତିଶ୍ରୁତ ମସିହ ମହାରାଣୀ ଭିକ୍ଟୋରିଆଙ୍କ ପାଇଁ ଈଶ୍ୱରଙ୍କ ଠାରେ ଯେପରି ଭାବରେ ପ୍ରାର୍ଥନାର ଅର୍ଘ୍ୟ ଢାଳି ତାଙ୍କ ଜୀବନର ସୁଖ ସମୃଦ୍ଧି କାମନା କରିଥିଲେ, ଆଜି ପୁନର୍ବାର ମୁଁ ତଦନୁରୂପ ରାଣୀ ମହାମୟୀଙ୍କ ନିମନ୍ତେ ପ୍ରାର୍ଥନା କରୁଛି:

'ହେ ମହାଶକ୍ତିଶାଳୀ ସର୍ବୋତ୍ତମ ପ୍ରଭୁ ! ତୁମ୍ଭେ ନିଜର ଅପାର କରୁଣା ଏବଂ ଆଶୀର୍ବାଦ ପୂର୍ବକ ପରମ ଆଦରଣୀୟା ରାଣୀଙ୍କ ପ୍ରତି ସେମିତି ଦୟା କର ଏବଂ ତାଙ୍କୁ ସେହିପରି ଭଲ ପାଅ, ଯେପରି ତାଙ୍କର ଉଦାରଶୀଳ ଓ ନିରପେକ୍ଷ ନୀତିନିଷ୍ଠ ଶାସନ କାଳରେ ଆମେ ଶାନ୍ତି ଓ ସୁଖ ସମୃଦ୍ଧି ଲାଭ କରୁଅଛୁ ।'

ଅଧିକନ୍ତୁ, ଈଶ୍ୱରଙ୍କ ନିକଟରେ ମୁଁ ପ୍ରାର୍ଥନା କରୁଛି ଯେ ମହାପ୍ରଭୁ ଆପଣା ସନ୍ତୁଷ୍ଟି ପାଇଁ ରାଣୀ ମହୋଦୟାଙ୍କୁ ମାର୍ଗ ଦର୍ଶନ କରନ୍ତୁ । ସର୍ବଶକ୍ତିମାନ ପ୍ରଭୁ ତାଙ୍କୁ ସତ୍ୟ ଉପରେ

ପ୍ରତିଷ୍ଠିତ ହେବା ତଥା ଅନ୍ୟମାନଙ୍କୁ ସତ୍‌ପଥରେ ପରିଚାଳିତ କରାଇବା କ୍ଷେତ୍ରରେ ସୁଫଳ ପ୍ରଦାନ କରନ୍ତୁ । ନ୍ୟାୟର ସୁରକ୍ଷା ଓ ବ୍ୟକ୍ତିଗତ ସ୍ୱାଧୀନତା ବ୍ରିଟିଶ ରାଜତନ୍ତ୍ରରେ ବଜାୟ ରହୁ । ମୁଁ ପୁନର୍ବାର ଚିର ବନ୍ଦନୀୟା ମହାରାଣୀଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜଣାଉଛି । ତତ୍‌ସହିତ ହୀରକ ଜୁବିଲି ଅବସରରେ ହର୍ଷୋଲ୍ଲାସ ପର୍ବର ସଫଳତା କାମନା କରି ମହାରାଣୀଙ୍କୁ ଆନ୍ତରିକ ଅଭିନନ୍ଦନ ଜଣାଉଛି ।

-ହାର୍ଦ୍ଦିକ ଶୁଭକାମନା ସହିତ-

ଆପଣଙ୍କ ମହତ୍ତ୍ୱାକାଂକ୍ଷୀ

**ମିର୍ଜା ମସରୁର୍ ଅହମଦ**

ଖଲିଫତୁଲ୍ ମସିହ-ପଞ୍ଚମ
ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂପ୍ରଦାୟର ମୁଖ୍ୟ

# ଇସଲାମିକ ଗଣରାଜ୍ୟ-ଇରାନର ସର୍ବୋଚ୍ଚ ରାଷ୍ଟ୍ରମୁଖ୍ୟଙ୍କ ନିକଟକୁ ପତ୍ର

MIRZA MASROOR AHMAD
HEAD OF THE AHMADIYYA COMMUNITY
IN ISLAM

نحمده و نصلي على رسوله الكريم
وعلى عبده المسيح الموعود
خدا کے فضل اور رحم کے ساتھ
هو الناصر

16 Gressenhall Road
Southfields, London
SW18 5QL, UK

ପ୍ରାପ୍ତେଷୁ
ଇସଲାମିକ ଗଣତନ୍ତ୍ର-ଇରାନର ସର୍ବୋଚ୍ଚ ରାଷ୍ଟ୍ରନେତା
ଆୟତୋଲ୍ଲାହ ସୟଦ୍ ଅଲି ହୋସେନି ଖମେନି **14 ମଇ 2012**
ତେହେରାନ୍, ଇରାନ

ସମ୍ମାନାସ୍ପଦ ଆୟତୋଲ୍ଲାହ୍

ଅସ୍‌ସଲାମୋ ଆଲୈକୁମ୍ ରହମତୁଲ୍ଲାହେ ଓ୍ୱ ବରକାତୋହୁ

ସର୍ବଶକ୍ତିମାନ ଅଲ୍ଲାଃ ଆପଣଙ୍କୁ ଇରାନରେ ଇସଲାମର ସେବା କରିବା ପାଇଁ ସାମର୍ଥ୍ୟ ପ୍ରଦାନ କରିଛନ୍ତି । ସଂପ୍ରତି ଇରାନ ସରକାର ଆପଣଙ୍କ ପୃଷ୍ଠପୋଷକତାରେ ପରିଚାଳିତ ହେଉଅଛି । ଏହି ଦୃଷ୍ଟିକୋଣରୁ ଦେଖିଲେ ଆମେ ପୃଥିବୀରେ ଇସଲାମର ପ୍ରକୃତ ଶିକ୍ଷାକୁ ପହଞ୍ଚାଇବା ପାଇଁ ଯଥାସାଧ୍ୟ ଉଦ୍ୟମ କରିବା ଆବଶ୍ୟକ । ମନୁଷ୍ୟ କିପରି ଶାନ୍ତିରେ ବଞ୍ଚିବ, ପ୍ରେମ ଓ ମୈତ୍ରୀର ପରିବେଶ କିପରି ସୃଷ୍ଟି କରିବାକୁ ହେବ, ତତ୍ ସଂକ୍ରାନ୍ତୀୟ ଶିକ୍ଷା ସହିତ ବିଶ୍ୱବାସୀଙ୍କୁ ପରିଚିତ କରାଇବା ପାଇଁ ଆମମାନଙ୍କୁ ପ୍ରୟାସ କରିବାକୁ ପଡିବ । ଏ ଦିଗରେ ମୁସଲିମ ନେତୃବର୍ଗ ମନଯୋଗ ସହକାରେ କାର୍ଯ୍ୟ କରିବା ଏକାନ୍ତ ପ୍ରୟୋଜନ । ଏହି କାରଣରୁ ମୁଁ ଆପଣଙ୍କୁ ଅନୁରୋଧ କରୁଛି ଯେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ଧ୍ୟାନ ଦେଇ ଉପଯୁକ୍ତ କର୍ତ୍ତବ୍ୟ ସଂପାଦନ କରିବା ପାଇଁ ଆପଣ ସରକାରଙ୍କ ଦୃଷ୍ଟି ଆକର୍ଷଣ କରନ୍ତୁ । ଯଦି ଇରାନ ଉପରେ ଆକ୍ରମଣ କରାଯାଏ, ତେବେ ପ୍ରତିରକ୍ଷାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ତାହାର ଅଧିକାର ଅଛି । ତେଣୁ ସେଥିରେ ଉତ୍ତେଜିତ ହୋଇ କୌଣସି ଆକ୍ରମଣାତ୍ମକ ପଦକ୍ଷେପ ଗ୍ରହଣ କରିବା ଆଦୌ ସମୀଚିନ ନୁହେଁ । ଆପଣଙ୍କ ପକ୍ଷରୁ ପ୍ରଥମେ କୌଣସି ପଦକ୍ଷେପ ନେବା ଦ୍ୱାରା ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ । ଏହା ପରିବର୍ତ୍ତେ ଧର୍ମଗତ ପାର୍ଥକ୍ୟକୁ ଦୂରେଇ ଦେଇ ମୌଳିକ ପ୍ରସଙ୍ଗ ଉପରେ ସମସ୍ତେ ଏକମତ ହେବା ଓ ଗୋଟିଏ ସିଦ୍ଧାନ୍ତରେ ଉପନୀତ ହେବା ପାଇଁ ଉଦ୍ୟମ ଜାରି ରଖିବା ଉଚିତ । ଇସଲାମୀୟ ଇତିହାସରେ ସର୍ବଦା ଏହି ନୀତି ଅବଲମ୍ବନ କରାଯାଇଥିଲା ।

ଆପଣଙ୍କ ନିକଟକୁ ଏହି ପତ୍ର ଲେଖିବାର ଅଭିପ୍ରାୟ ହେଉଛି ଯେ ମୁଁ ପ୍ରତିଶ୍ରୁତ ମସିହ ତଥା ଇମାମ ମେହଦୀଙ୍କ ଉତ୍ତରାଧିକାରୀ ତଥା ଖଲିଫା ରୂପେ ଅବସ୍ଥାପିତ, ଯେଉଁ ମସିହ ଓ ମାହଦୀଙ୍କ ଆଗମନ ସଂବନ୍ଧରେ ଦିବ୍ୟ ଅବତାର ମୁହମ୍ମଦ( ତାହାଙ୍କ ପ୍ରତି ଶାନ୍ତି ବିରାଜିତ

ହେଉ) ଭବିଷ୍ୟତବାଣୀ କରିଥିଲେ । ତାଙ୍କ ଦ୍ୱାରା ସ୍ଥାପିତ ଏହି ସଂପ୍ରଦାୟ 'ଅହମଦୀୟା ମୁସଲିମ ସଂପ୍ରଦାୟ' ରୂପେ ପରିଚିତ । ଅଲ୍ଲାଃଙ୍କ କୃପାରୁ ବର୍ତ୍ତମାନ ପୃଥିବୀର ୨୦୦ରୁ ଅଧିକ ଦେଶରେ ଏହି ସଂପ୍ରଦାୟ ବିସ୍ତାର ଲାଭ କରିଛି ଏବଂ ସମଗ୍ର ପୃଥିବୀରେ କୋଟି କୋଟି ସଂଖ୍ୟାକ ଏହାର ଅନୁଗାମୀ ଅଛନ୍ତି । ପରସ୍ପର ମଧ୍ୟରେ ପ୍ରେମ, ଭ୍ରାତୃତ୍ୱର ସଂପର୍କ ସ୍ଥାପନ କରିବା ଏବଂ ଶାନ୍ତିମୟ ଜୀବନଯାପନ କରିବା ଦିଗରେ ବିଶ୍ୱକୁ ମାର୍ଗ ଦର୍ଶନ କରିବା ହେଉଛି ଆମର ଏକାନ୍ତ ଅଭିଳାଷ । ଏଥିପ୍ରତି ସବୁ ସ୍ତର ଓ ବର୍ଗର ଲୋକମାନଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ ମୁଁ ନିରନ୍ତର ପ୍ରୟାସ କରି ଆସୁଅଛି । ଏହି ପ୍ରସଙ୍ଗ ପ୍ରତି ଗୁରୁତ୍ୱାରୋପ କରି ମୁଁ ଏବେ ଇସ୍ରାଇଲର ପ୍ରଧାନମନ୍ତ୍ରୀ, ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ତଥା ବିଶ୍ୱର ଅନ୍ୟ ପ୍ରମୁଖ ନେତାଗଣଙ୍କ ନିକଟକୁ ପତ୍ର ଲେଖିଛି । ଏ ସଂକ୍ରାନ୍ତରେ ପୋପ୍ ବେନିଡିକ୍ଟ-ଷୋଡଶଙ୍କ ନିକଟକୁ ଲେଖିଥିବା ପତ୍ର ଉଲ୍ଲେଖଯୋଗ୍ୟ ।

ଏକ ବୃହତ ଇସଲାମୀୟ ରାଷ୍ଟ୍ରର ଆଧ୍ୟାତ୍ମିକ ନେତା ରୂପେ ଆପଣ ମୋ ସହିତ ଏ ବିଷୟରେ ଏକମତ ହେବେ ଯେ ସମଗ୍ର ମୁସଲିମ ଉମ୍ମତ ଏକ ସୂତ୍ରରେ ମିଳିତ ହୋଇ କାର୍ଯ୍ୟ କରନ୍ତି, ତା'ହେଲେ ବିଶ୍ୱଶାନ୍ତି ପ୍ରତିଷ୍ଠା ହୋଇପାରିବ । ଆମେ ବିନା କାରଣରେ କାହା ପ୍ରତି ଶତ୍ରୁତା ବା ଆକ୍ରୋଶମୂଳକ ମନୋଭାବ ପୋଷଣ କରି ସେହି ଦାବାନଳରେ ଇନ୍ଧନ ଯୋଗାଇବା ଉଚିତ ନୁହେଁ । ବରଂ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ପାଇଁ ସୁଯୋଗର ଅନ୍ୱେଷଣ କରିବା ଉଚିତ । ଅଧିକନ୍ତୁ ଅନ୍ୟମାନଙ୍କ ପ୍ରତି ବିରୁଦ୍ଧାଚରଣ ବା ଶତ୍ରୁତା ଆମକୁ କଦାପି ନ୍ୟାୟ ପଥରୁ ବିଚ୍ୟୁତ ନ କରୁ । ସୁତରାଂ ପବିତ୍ର କୋରାନରେ ଏହି ଶିକ୍ଷାର ଉଲ୍ଲେଖ ରହିଛି:

> **ହେ ବିଶ୍ୱାସକାରୀମାନେ ! ତୁମେମାନେ ନ୍ୟାୟସଂଗତ ଭାବରେ ଏବଂ ନିରପେକ୍ଷ ହୋଇ ସାକ୍ଷ୍ୟ ପ୍ରଦାନ କର । ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ଦୃଢ ରୁହ ଏବଂ କୌଣସି ଧର୍ମର ଶତ୍ରୁତା ଓ ସାଂପ୍ରଦାୟିକ ତିକ୍ତତା ତୁମମାନଙ୍କୁ ପ୍ରକୃତ ନ୍ୟାୟ ପଥରୁ ବିଚ୍ୟୁତ ନ କରୁ ଏବଂ ନ୍ୟାୟକୁ ତ୍ୟାଗକରି ଅନ୍ୟଥା କରବାକୁ କଦାପି ନ ପ୍ରବର୍ତ୍ତାଉ । ପରନ୍ତୁ ତୁମେମାନେ ସକଳ ପ୍ରାଣୀ ସହିତ ନ୍ୟାୟ କର, ଏହା ହିଁ ତୁମକୁ ଧର୍ମଭୀରୁତାର ଅଧିକ ନିକଟବର୍ତ୍ତୀ କରାଇବ । ଏବଂ ଅଲ୍ଲାଃଙ୍କୁ ଭୟ କର । ତୁମେମାନେ ଯାହା କରୁଅଛ, ବାସ୍ତବରେ ଅଲ୍ଲାଃ ସେ ବିଷୟରେ ଜାଣନ୍ତି । (ଅଲ-ମାଏଦା:୨)**

ମୋର ଏହି ଶାନ୍ତି ବାର୍ତ୍ତାକୁ ସମଗ୍ର ମୁସଲିମ୍ ଉମ୍ମତ୍ ହୃଦୟଙ୍ଗମ କରିବା ପାଇଁ ଅଲ୍ଲାଃ ସେମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଯଦ୍ୱାରା ପୃଥିବୀରେ ଶାନ୍ତି ପ୍ରତିଷ୍ଠାର ପ୍ରଚେଷ୍ଟାରେ ନିଜ ନିଜର କର୍ତ୍ତବ୍ୟ ସଂପାଦନ କରିବା ପାଇଁ ସେମାନେ ଆପଣାକୁ ପ୍ରସ୍ତୁତ କରିପାରିବେ ।

ସମଗ୍ର ମୁସଲିମ ସଂପ୍ରଦାୟ ପ୍ରତି ରହିଥିବା ମୋର ଅଗାଧ ପ୍ରେମର ପ୍ରତିଦାନରେ ମୁଁ ମାନବଜାତିକୁ ପ୍ରେମ କରେ । ମାନବଜାତି ପାଇଁ କରୁଣା ହୋଇ ଆସିଥିବା ମୁହମ୍ମଦ୍‌ଙ୍କ

ଉମ୍ମତରେ ଅନ୍ତର୍ଭୁକ୍ତ ହେବା କାରଣରୁ ଏହି ପତ୍ର ଲେଖିବା ପାଇଁ ମୁଁ ଅନୁପ୍ରାଣିତ ହୋଇଛି । ସୁତରାଂ ବିଶ୍ୱନେତାମାନେ ମୋର ଏହି ବାର୍ତ୍ତାକୁ ବୁଝି ବିଶ୍ୱଶାନ୍ତି ପ୍ରତିଷ୍ଠା ଦିଗରେ ସକ୍ରିୟ ଭୂମିକା ଗ୍ରହଣ କରନ୍ତୁ । ଅନ୍ୟଥା କୌଣସି ଦେଶର ଏଥିପ୍ରତି ଅସାବଧାନତା ସେମାନଙ୍କର ଅପୂରଣୀୟ କ୍ଷତି ସାଧନ କରିବ ଏବଂ ଆସନ୍ନ ବିପଦକୁ ବେଖାତିର କରି କୌଣସି ତରବରିଆ ପଦକ୍ଷେପ ଗ୍ରହଣ କରିବା ଦ୍ୱାରା ତାହା ପ୍ରତିପକ୍ଷ ଦେଶ ସହିତ ଯୁଦ୍ଧଜନିତ ଅଗ୍ନିକୁ ପ୍ରଜ୍ୱଳିତ କରିବ । ପୁନଶ୍ଚ ଏହି ସଂଘର୍ଷର କୁହେଳିକା କେବଳ ସେହି ଦେଶଗୁଡିକ ମଧ୍ୟରେ ସୀମିତ ହୋଇ ରହିବ ନାହିଁ, ବରଂ ଯୁଦ୍ଧର ଲେଲୀହାନ ଅଗ୍ନିଶିଖା ସମଗ୍ର ପୃଥିବୀକୁ କବଳିତ କରିଦେବ । ପୁନଶ୍ଚ ଏହା ମଧ୍ୟ ଆପାତତଃ ସମ୍ଭବପର ଯେ ଏକ ବିଶ୍ୱଯୁଦ୍ଧ ଲାଗି ଯାଇପାରେ, ଯହିଁରେ ଅଣ ଆଣବିକ ଅସ୍ତ୍ର ବ୍ୟବହାର କରା ନ ଯାଇ ପାରମାଣବିକ ଅସ୍ତ୍ରର ବହୁଳ ବ୍ୟବହାର କରାଯିବ । ପରିଣାମରେ ଏକ ପରମାଣୁ ଯୁଦ୍ଧର ଦୀର୍ଘକାଳୀନ ପ୍ରଭାବ ମନୁଷ୍ୟର ଭବିଷ୍ୟତ ବଂଶଧରଙ୍କୁ ଏକ ଭୟାନକ 'ଉପହାର' ଯୋଗାଇବ । ତାହା ହେଉଛି, ନବଜାତ ମାନବ ଶିଶୁଙ୍କ ଶାରୀରିକ ଓ ମାନସିକ ବିକୃତିର ସ୍ୱରୂପ, ପଙ୍ଗୁ ଓ ଅଥର୍ବ ହୋଇ ଜନ୍ମ ହୋଇଥିବା ପ୍ରାଣୀଙ୍କ ପ୍ରତି ପ୍ରକୃତିର କ୍ରୁରତାର ଅଟ୍ଟହାସ୍ୟ । ତେବେ ଏହି ଧ୍ୱଂସର କରାଳରୁ କୌଣସି ଦେଶ ନିଜକୁ ନିରାପଦ ମଣିବା ଉଚିତ ନୁହେଁ ।

ଅତଏବ, ଅଲ୍ଲାଃ ଏବଂ ତାହାଙ୍କ ପ୍ରେରିତ ବାର୍ତ୍ତାବହଙ୍କ ନାମ ସ୍ମରଣ କରି ମାନବିକତା ପ୍ରତି ପ୍ରେମ ଏବଂ କରୁଣାର ଦ୍ୱାହି ଦେଇ ପୁନର୍ବାର ମୁଁ ଆପଣଙ୍କୁ ଅନୁରୋଧ କରୁଛି ଯେ ପୃଥିବୀରେ ଶାନ୍ତି ପ୍ରତିଷ୍ଠା ପାଇଁ ଆପଣ ନିଜର ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତୁ ।

ହାର୍ଦ୍ଦିକ ଶୁଭକାମନା ସହିତ

ୱସ୍‌ସଲାମ୍ (ଶାନ୍ତି ଅଭିଳାଷୀ)

ଆପଣଙ୍କ ଅନ୍ତରଙ୍ଗ



ମିର୍ଜା ମସରୁର ଅହମଦ୍

ଖଲିଫତୁଲ୍ ମସିହ-ପଞ୍ଚମ

ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂପ୍ରଦାୟର ମୁଖ୍ୟ

# ରୁଷୀୟ ରାଷ୍ଟ୍ରସଂଘର ରାଷ୍ଟ୍ରପତିଙ୍କ ନିକଟକୁ ପତ୍ର

MIRZA MASROOR AHMAD
HEAD OF THE AHMADIYYA COMMUNITY
IN ISLAM

بسم الله الرحمن الرحيم
نحمده و نصلي على رسوله الكريم
وعلى عبده المسيح الموعود
خدا کے فضل اور رحم کے ساتھ
هو الناصر

16 Gressenhall Road
Southfields, London
SW18 5QL, UK

ପ୍ରାପ୍ତେଷୁ,
His Excellency
ମାନ୍ୟବର ଭ୍ଲାଦିମିର୍ ପୁଟିନ୍
ଋଷୀୟ ରାଷ୍ଟ୍ରସଂଘର ରାଷ୍ଟ୍ରପତି

**18 ସେପ୍ଟେମ୍ବର 2013**

The Kremlin
23 Ilinka Street
ମସ୍କୋ, 103132 ଋଷିଆ

ଶ୍ରଦ୍ଧେୟ ରାଷ୍ଟ୍ରପତି ମହୋଦୟ,

ମୁଁ ଆପଣଙ୍କ ସହିତ ପତ୍ରାଳାପ କରୁଛି ଏକ ଧାର୍ମିକ ସଂପ୍ରଦାୟର ମୁଖ୍ୟ ଭାବରେ । ଏକ ସଂପୂର୍ଣ୍ଣ ଶାନ୍ତିପ୍ରିୟ ସଂପ୍ରଦାୟ ଯାହା ଶାନ୍ତି ବିତରଣ କରିବାରେ ବିଶ୍ୱର ୨୦୪ଟି ଦେଶରେ ସୁଖ୍ୟାତି ଅର୍ଜନ କରିଛି । ତାହା ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂପ୍ରଦାୟ ।

ପୃଥିବୀରେ ବ୍ୟାପକ ଭାବେ ଅନୁଭୂତ ହେଉଥିବା ଘଟଣାବହୁଳ ପରିସ୍ଥିତିକୁ ଦୃଷ୍ଟିରେ ରଖି ବିଭିନ୍ନ ଉଦ୍‌ବୋଧନ ଏବଂ ପତ୍ରାଳାପ ମାଧ୍ୟମରେ ମୁଁ ପୃଥିବୀବାସୀଙ୍କୁ ସେମାନଙ୍କ ସ୍ରଷ୍ଟା ଏବଂ ସୃଷ୍ଟ ପ୍ରାଣୀଜଗତ ପ୍ରତି ରହିଥିବା ଦାୟିତ୍ୱ ଓ କର୍ତ୍ତବ୍ୟ ପାଳନ ଦିଗରେ ବାରମ୍ବାର ଧ୍ୟାନ ଆକର୍ଷଣ କରିଆସୁଛି । କିନ୍ତୁ ଅବାଞ୍ଛିତ ଭାବରେ ଆପଣଙ୍କ ସହିତ ପ୍ରତ୍ୟକ୍ଷ ବାର୍ତ୍ତାଳାପ କରିବାର ସୁଯୋଗ ପାଇ ନ ଥିଲି । ମାତ୍ର ସିରିଆରେ ଉପୁଜିଥିବା ପରିସ୍ଥିତି ଅବିଳମ୍ବେ ଏହି ପତ୍ର ଆପଣଙ୍କ ନିକଟକୁ ଲେଖିବା ପାଇଁ ମୋତେ ବାଧ୍ୟ କରିଛି । ଏ ଦିଗରେ ଆପଣଙ୍କ ଉଦ୍ୟମ ବାସ୍ତବିକ ପ୍ରଶଂସନୀୟ । ପୃଥିବୀକୁ ଏକତ୍ରିତ କରିବା ପାଇଁ ଯୁଦ୍ଧକ୍ଷେତ୍ର ନୁହେଁ, ଗୋଟିଏ ଟେବୁଲରେ ମିଳିତ ହୋଇ ଭାବ ବିନିମୟ କରିବା ହିଁ ଅଧିକ ଶ୍ରେୟସ୍କର । ସମସ୍ୟାର ସମାଧାନ ପାଇଁ ଏହା ହିଁ ପ୍ରକୃତ ପନ୍ଥା, ଯାହା ଆପଣଙ୍କ ଚିନ୍ତାଧାରାରୁ ସ୍ପଷ୍ଟ ରୂପେ ବାରି ହୋଇପଡୁଛି । ଆକ୍ରମଣ କରିବା ଦ୍ୱାରା ଏକ ଯୁଦ୍ଧର ଆଶଙ୍କା ଦେଖାଦିଏ ସିନା ମାତ୍ର କୌଣସି ସମାଧାନ ହୁଏନାହିଁ । ପୁନଶ୍ଚ ଏହି ଯୁଦ୍ଧ କେବଳ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଆତଙ୍କ ଖେଳାଏ ନାହିଁ, ବରଂ ଏକ ବିଶ୍ୱଯୁଦ୍ଧ ଅଭିମୁଖେ ଗତି କରେ । ଏଥି ସଂବନ୍ଧରେ ଆପଣଙ୍କର ଏକ ଲେଖା ବହୁଳ ଭାବେ ପ୍ରକାଶିତ ଗୋଟିଏ ପାଶ୍ଚାତ୍ୟ ସମ୍ବାଦପତ୍ରରୁ ପାଠ କରି ମୁଁ ଅତ୍ୟନ୍ତ ଖୁସି ହେଲି । ସେଥିରେ ସିରିଆ ପ୍ରତି ଆକ୍ରମଣାତ୍ମକ ପଦକ୍ଷେପକୁ ଆପଣ

ନିନ୍ଦା କରିଛନ୍ତି ଏବଂ ଲେଖିଛନ୍ତି ଯେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ତାହା ଅତ୍ୟନ୍ତ ଭୟଙ୍କର ବିପଦ ସୃଷ୍ଟି କରିବ ଯାହା ଏକ ଯୁଦ୍ଧର ରୂପ ଧାରଣ କରିପାରେ । ଆପଣ ଏହି ପ୍ରସଙ୍ଗରେ ଦୃଢତା ପ୍ରକାଶ କରିଥିବା ଯୋଗୁଁ ବୃହତ ଶକ୍ତିଗୁଡିକ ଯୁଦ୍ଧ ବିରତି ଘୋଷଣା କରିଛନ୍ତି ଏବଂ ଏ ଦିଗରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ମନୋଭାବ ପୋଷଣ କରିଛନ୍ତି । ତତ୍‌ସହିତ କୂଟନୈତିକ ଉପାୟରେ ଏହାର ସମାଧାନ କରିବା ପାଇଁ ରାଜି ହୋଇଛନ୍ତି । ମୁଁ ବିଶ୍ୱାସ କରୁଛି ଯେ ନିଶ୍ଚିତ ଭାବରେ ଆପଣଙ୍କ ବଳିଷ୍ଠ ପଦକ୍ଷେପ ଯୋଗୁଁ ପୃଥିବୀ ଏକ ପ୍ରଚଣ୍ଡ ଧ୍ୱଂସମୁଖରୁ ରକ୍ଷା ପାଇଛି । ଯଦି ରାଷ୍ଟ୍ରଗୁଡିକ ଏକତରଫା ଭାବେ ନିଷ୍ପତ୍ତି ଗ୍ରହଣ କରି ସ୍ୱାଧୀନମନା କାର୍ଯ୍ୟ କରୁଛନ୍ତି, ତା'ହେଲେ ମିଳିତ ଜାତିସଂଘ କର୍ତ୍ତବ୍ୟ ବିମୁଖ ହୋଇ ଅତୀତର ରାଷ୍ଟ୍ରସଂଘ ପରି ଦୁର୍ଦ୍ଦଶା ଭୋଗ କରିବେ ଯାହା ଶେଷରେ ସେମାନଙ୍କ ପାଇଁ ବିଫଳତାର କାରଣ ହେବ । ତେବେ ନିଶ୍ଚିତ ଭାବେ ଏକ ଯୁଦ୍ଧ ଲାଗିବା ପାଇଁ କେତେକ ସ୍ୱାର୍ଥାନ୍ୱେଷୀ ଦେଶ ପକ୍ଷରୁ ଅଗ୍ନି ସଂଯୋଗ କରାଯାଉଥିଲା, ଯାହା ସୌଭାଗ୍ୟ କ୍ରମେ କେତେକାଂଶରେ ପ୍ରଶମିତ ହେଲା ପରି ମନେ ହେଉଛି । ମୁଁ ଆଶା କରୁଛି ଯେ ଆପଣଙ୍କ ଦ୍ୱାରା ଏକ ସକାରାତ୍ମକ ପଦକ୍ଷେପ ଗ୍ରହଣ କରାଯାଇଥିବା ଫଳରେ ସମ୍ଭବତଃ ଏହି ଯୁଦ୍ଧର ଆଶଙ୍କା ଦୂର ହୋଇଯିବ ଏବଂ ସେଥିପାଇଁ ସର୍ବଶକ୍ତିମାନ ଈଶ୍ୱର ଯୁଦ୍ଧଭୟକୁ ଆମମାନଙ୍କ ମନରୁ ସଂପୂର୍ଣ୍ଣ ରୂପେ ଅପସାରଣ କରି ଦିଅନ୍ତୁ । ବୃହତ ଶକ୍ତିଗୁଡିକ କ୍ଷୁଦ୍ର ଦେଶ ପ୍ରତି ନିଜର ଦାୟିତ୍ୱ ନିର୍ବାହ କରିବା ଦିଗରେ ବିଶେଷ ଯତ୍ନବାନ ହୁଅନ୍ତୁ ଏବଂ ସେମାନଙ୍କ ପ୍ରତି ଯଥୋଚିତ ସମ୍ମାନ ପ୍ରଦର୍ଶନ କରନ୍ତୁ । ନିଜର Veto କ୍ଷମତା ପ୍ରୟୋଗ ପାଇଁ ଚିନ୍ତା ନ କରି ଛୋଟ ତଥା ଦୁର୍ବଳ ଦେଶମାନଙ୍କୁ ସେମାନଙ୍କ ନ୍ୟାଯ୍ୟ ଅଧିକାର ପ୍ରଦାନ କରନ୍ତୁ ।

ସୁତରାଂ ଶାନ୍ତି ପ୍ରତିଷ୍ଠା ଦିଗରେ ଆପଣଙ୍କ ସମୟୋପଯୋଗୀ ତଥା ବଳିଷ୍ଠ ପଦକ୍ଷେପ ମୋତେ ବିମୋହିତ କରିଛି, ଆପଣଙ୍କ ପ୍ରତି କୃତଜ୍ଞତା ବ୍ୟକ୍ତ କରିବା ପାଇଁ । ଏହି ପତ୍ର ଲେଖିବା ପାଇଁ ମୋତେ ଆଜି ବାଧ୍ୟ କରିଛି, ଆପଣଙ୍କୁ ଧନ୍ୟବାଦ ଜଣାଇବା ପାଇଁ । ବିଶ୍ୱଶାନ୍ତିର ଆବଶ୍ୟକତାକୁ ଉପଲବ୍ଧି କରି ଯେଉଁଠାରେ ମୋତେ ସୁଯୋଗ ମିଳୁଛି ମୁଁ ନ୍ୟାୟଭିତ୍ତିକ ଶାନ୍ତିର ପ୍ରତିଷ୍ଠା ପାଇଁ ଲୋକମାନଙ୍କ ଧ୍ୟାନ ଆକର୍ଷଣ କରୁଛି । ମୋର କେତେକ ଉଦ୍‌ବୋଧନ ଓ ଅଭିଭାଷଣ World Crisis and the Pathway to Peace ଶୀର୍ଷକ ପୁସ୍ତକରେ ପ୍ରକାଶିତ ହୋଇଛି । ଉକ୍ତ ପୁସ୍ତକକୁ ଉପହାର ସ୍ୱରୂପ ମୁଁ ଆପଣଙ୍କୁ ଏହି ପତ୍ର ସହିତ ସଂଲଗ୍ନ କରି ପ୍ରେରଣ କଲି ।

ହାର୍ଦ୍ଦିକ ଶୁଭକାମନା ସହିତ



ମିର୍ଜା ମସରୁର ଅହମଦ
ଖଲିଫତୁଲ୍ ମସିହ-ପଞ୍ଚମ
ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂପ୍ରଦାୟର ମୁଖ୍ୟ

## ମର୍ଯ୍ୟାଦାସୂଚକ ଉକ୍ତି

ସଅ - (ସ୍ୱଲ୍ଲଲ୍ଲାଃ ଅଲୈହେ ଓ୍ୱସଲ୍ଲମ୍) ଅର୍ଥାତ୍ 'ତାହାଙ୍କ ଉପରେ ଅଲ୍ଲାଃଙ୍କ ଶାନ୍ତି ଓ ଆଶିଷ ବୃଷ୍ଟି ହେଉ' । ଏହା ସର୍ବଦା 'ହଜରତ ମହମ୍ମଦ', (ଅର୍ଥାତ୍ 'ଦିବ୍ୟ ଅବତାର', 'ନବୀଶ୍ରେଷ୍ଠ' ବା 'ରସୁଲୁଲ୍ଲାଃ')ଙ୍କ ନାମ ସହ ସଂଲଗ୍ନ ହୋଇଥାଏ ।

ଅସ - (ଆଲୈଃ ସଲାତୁ ଓ୍ୱସ୍‌ସଲାମ୍) ଅର୍ଥାତ୍ 'ତାହାଙ୍କ ପ୍ରତି ଶାନ୍ତି ବିରାଜିତ ହେଉ' । ଏହା ସମସ୍ତ ଅବତାର, ନବୀ, ବାର୍ତ୍ତାବହ ବା ପୟଗମ୍ବରଙ୍କ ନାମ ସହ ସଂଲଗ୍ନ ହୋଇଥାଏ ।

ରଅ - (ରଜିଅଲ୍ଲାଃ ତା' ଲା ଅନ୍‌ହୁ / ଅନ୍‌ହା) ଅର୍ଥାତ୍ 'ଅଲ୍ଲାଃ ତାଙ୍କ ଉପରେ ପ୍ରସନ୍ନ ହୁଅନ୍ତୁ' । ନବୀମାନଙ୍କ ଉତ୍ତରାଧିକାରୀ (ଖଲିଫା), ଧର୍ମପତ୍ନୀ ସମୂହ, ସହଚର, ପ୍ରଭୁପ୍ରିୟ ବ୍ୟକ୍ତିତ୍ୱ କ୍ଷେତ୍ରରେ ପ୍ରୟୋଗ କରାଯାଏ । ଅବଶ୍ୟ ପୁରୁଷଙ୍କ କ୍ଷେତ୍ରରେ 'ଅନ୍‌ହୁ' ଓ ମହିଳାଙ୍କ କ୍ଷେତ୍ରରେ 'ଅନ୍‌ହା' ବ୍ୟବହୃତ ହୁଏ ।

ରଉ - (ରହମହୁଲ୍ଲାହୁତା'ଲା) ଅର୍ଥାତ୍ 'ଈଶ୍ୱରଙ୍କ କରୁଣା ତାଙ୍କ ପ୍ରତି ସଦୈବ ଉନ୍ନୀତ ହେଉ ।' ଏହା ମଧ୍ୟ ମୁସଲିମ ଆଧ୍ୟାତ୍ମିକବାଦୀ ସନ୍ଥ ତଥା ଖଲିଫାଙ୍କ ନାମ ସହିତ ଉଚ୍ଚାରଣ କରିବାକୁ ହୁଏ ।

ଅବ - (ଅୟଦହୁଲ୍ଲାହୁ ତା' ଲା ବେ ନସରିହିଲ୍ ଅଜୀଜ୍) ଅର୍ଥାତ ଈଶ୍ୱର ତାଙ୍କର ସାହାଯ୍ୟକାରୀ ହୁଅନ୍ତୁ । ଏହା ଏକ ଆଶୀର୍ବାଦ ସୂଚକ ଉକ୍ତି, ଯାହା କେବଳ ବର୍ତ୍ତମାନ ଜୀବିତ ଥିବା ଖଲିଫା ଓ ସର୍ବୋଚ୍ଚ ଧର୍ମଗୁରୁ ବା ଧର୍ମାତ୍ମାଙ୍କ ନାମ ସହିତ ବ୍ୟବହୃତ ହୁଏ ।

ଉପରୋକ୍ତ ସମସ୍ତ ମର୍ଯ୍ୟାଦା ସୂଚକ ସଂକେତ ସଂପୃକ୍ତ ମହାପୁରୁଷମାନଙ୍କ ନାମ ଉଚ୍ଚାରଣ କଲାବେଳେ ତାଙ୍କ ସମ୍ମାନାର୍ଥେ ସେହି ନାମ ସହିତ ଏହାକୁ ଉଚ୍ଚାରଣ କରିବାକୁ ହୁଏ ।

# ପୁସ୍ତକ ମିଳିବାର ଠିକଣା

(1) ନଜାରତ୍ ନଶ୍ରୋ ଇଶାଅତ୍, କାଦିୟାନ୍ (କେନ୍ଦ୍ରୀୟ ପ୍ରକାଶନ ବିଭାଗ)
ଅହମଦୀୟା ମୁସଲିମ ଜମାଅତ୍ – ଭାରତ
ଜିଲ୍ଲା: ଗୁରୁଦାସପୁର ପଞ୍ଜାବ – 143516
National Toll Free Number: 1800 1802131 (8 A.M to 10 P.M)

(2) ଅହମଦୀୟା ମସଜିଦ୍ (Ahmadiyya Book Depo)
ମଦୀନା ମଇଦାନ୍ ରୋଡ, ଭଦ୍ରକ
Contact No: 09437113564

(3) ଜାମେ ମସଜିଦ୍
ଅହମଦୀୟା ମୁସଲିମ ଜମାଅତ
ଗ୍ରାମ/ପୋ. – କେରଙ୍ଗ, ଜିଲ୍ଲା: ଖୋର୍ଦ୍ଧା
PIN: 752055

(4) ଅହମଦୀୟା ମୁସଲିମ୍ ମିଶନ୍
ମଙ୍ଗଳାବାଗ, କଟକ – 753001

(5) ମସଜିଦ୍ ହମ୍ଦ,
ଅହମଦୀୟା ମୁସଲିମ୍ ମିଶନ୍
ଭୌମନଗର, ୟୁନିଟ୍ – 4,
ଭୁବନେଶ୍ୱର – 751001

(6) ଅହମଦୀୟା ମୁସଲିମ୍ ଜମାଅତ୍
B/26, Sector - 7
ରାଉରକେଲା – 769002
Contact No. 09556818809

(7) ଇଂ.ରୌଶନ୍ ଖାନ୍ A.E.E (Civil)
ଅଧ୍ୟକ୍ଷ, Review Committee – Odisha
Contact No: 09437684859
email: roushankhan59@gmail.com

# ବିଶ୍ୱ ସଂକଟ

ଏବଂ

# ଶାନ୍ତିର ପଥ

ଆଜିର ବିଶ୍ୱ ଅତି ଭୟାବହ ପରିସ୍ଥିତି ମଧ୍ୟ ଦେଇ ଗତି କରୁଛି । ପ୍ରାୟତଃ ପ୍ରତି ସପ୍ତାହରେ ବିଶ୍ୱର ଆର୍ଥିକ ସଙ୍କଟ ନୂଆ ନୂଆ ରୂପରେ ଅଧିକରୁ ଅଧିକ ବିପଦ ସୃଷ୍ଟି କରି ଚାଲିଛି । ଦ୍ୱିତୀୟ ବିଶ୍ୱଯୁଦ୍ଧର ଠିକ ପୂର୍ବାବସ୍ଥା ଭଳି ସମୟ ଦେଖାଦେଇଛି । ଏପରି ଘଟଣା ସବୁ ଅକସ୍ମାତ ଘଟୁଛି, ଯାହା ପୃଥିବୀକୁ ତ୍ୱରିତ ବେଗରେ ଏକ ଭୟଙ୍କର ତୃତୀୟ ବିଶ୍ୱଯୁଦ୍ଧ ଅଭିମୁଖେ ନେଇ ଯାଉଥିବା ସ୍ପଷ୍ଟ ପ୍ରତୀୟମାନ ହେଉଛି ।

ଏହି ପୁସ୍ତକରେ ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂପ୍ରଦାୟର ମୁଖ୍ୟ ପୁଣ୍ୟଶ୍ଳୋକ ମିର୍ଜା ମସରୁର ଅହମଦ୍ ସାହେବ ଦ୍ରୁତ ଗତିରେ ଧାବମାନ ହେଉଥିବା ଆସନ୍ନ ବିପଦ ପ୍ରତି ପୃଥିବୀକୁ ସତର୍କ କରାଇ ଦେଇଛନ୍ତି । କିପରି ଏହି ଘୋର ବିପତ୍ତିକୁ ନିବାରଣ କରାଯାଇ ପାରିବ ଏବଂ ପୃଥିବୀରେ ଶାନ୍ତି ପ୍ରତିଷ୍ଠା କରାହେବ, ତାହାର ସୁଚିନ୍ତିତ କାର୍ଯ୍ୟ ପନ୍ଥା ନିର୍ଦ୍ଧାରଣ କରିଛନ୍ତି ।

ISBN 817912280-8